ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ମକର ସଂକ୍ରାନ୍ତି ଏବଂ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | ୧୬ |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ | ଅଶୋକ ବିଶ୍ୱାଳ | ୧୭ |
| ସେଇ ଅନ୍ଧାର ରାତିରେ | ବିଜୟ କୁମାର ପଣ୍ଡା | ୨୭ |
| ମୁଇଁ ତ ଗରିବ ଛାତ୍ର | ମହେଶ୍ୱର ସାହୁ | ୩୦ |
| ଦେବୀ | ସୁବଳ ମହାପାତ୍ର | ୩୪ |
| ସ୍ମୃତି | ସତ୍ୟ ରଞ୍ଜନ ମିଶ୍ର | ୪୦ |
| ସାବିତ୍ରୀ କରୁନି ସାବିତ୍ରୀ ଓଷା | ଗଦାଧର ବଳ | ୫୦ |
| ସର୍ତ୍ତ | ପୁଷ୍ପଲତା ସାହୁ | ୫୭ |
| ଦୁଃଖ | ରାଜେନ୍ଦ୍ର ବୋଡ଼କିଆ | ୬୦ |
| ବ୍ୟସ୍ତ ସହର | ଦୁଷ୍ମନ୍ତ ବେହେରା | ୬୨ |
| ପଦ୍ମଆଁଷ୍ଟମୀ | ବାସନ୍ତୀ ଲତା ଜେନା | ୬୭ |
| ଅପ୍ରତ୍ୟାଶିତ ଅନୁଭୂତି | ସୁନିତା ପରିଡ଼ା | ୭୦ |
| ପ୍ରତୀକ୍ଷାର ଅନ୍ତ | ଲକ୍ଷ୍ମଣ ମହାନ୍ତି | ୭୪ |
| ତିନି ତୁଣ୍ଡରେ ଛେଳି କୁକୁର | ଇଂ ବିଦ୍ୟାଧର ପଣ୍ଡା | ୮୫ |
| ଫାଶୀ | ସରୋଜ କୁମାର ଜେନା | ୯୨ |
| ଶେଷ ଶ୍ରାବଣର ଶେଷ ଚିଠି | ବିଶ୍ୱଜିତ ନାଥ | ୧୦୧ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପଇସା ସବୁକିଛି କରିପାରେ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୦୯ |
| **କବିତା ବିଭାଗ** | | **୧୧୩** |
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୧୪ |
| ଅସମ୍ଭବ | ଅମରନାଥ ବାରିକ | ୧୧୬ |
| ନିଜ ଲୋକ ଦିଅନ୍ତି ଦୁଃଖ | ଦୁଷ୍ମନ୍ତ ବେହେରା | ୧୧୭ |
| ଟିକିଏ ହସ | ଲକ୍ଷ୍ମୀକାନ୍ତ ପୃଷ୍ଟି | ୧୧୯ |
| ତୁମ ଦହନରେ | ସରୋଜ କୁମାର ସାହୁ | ୧୨୦ |
| ଏନ୍‌ଏର୍‌୧୮ : ସମ୍ପର୍କର ନବକଳେବର | ସୌମ୍ୟରଞ୍ଜନ ପାଲ | ୧୨୧ |
| ଲେଖୁ ଲେଖୁ ଲେଖିଦେଲି | କମଳ ଲୋଚନ ମଲ୍ଲିକ | ୧୨୨ |
| ଧୂସର କେଦାର | ବିନୟ ମିଶ୍ର | ୧୨୩ |
| ତୁମରି ଖେଳ ମୋରି କାଳ | ଇଂ ସୌମ୍ୟରଞ୍ଜନ ଲେଙ୍କା | ୧୨୪ |
| ପ୍ରେମ ପାଠ | ସିଦ୍ଧେଶ୍ୱର ତ୍ରିପାଠୀ | ୧୨୫ |
| ଅଭିଶପ୍ତ ଜୀବନୀ | ଶାନ୍ତନୁ କୁମାର ରାଉତ | ୧୨୬ |
| ହେ ପ୍ରଭୁ ଭାବଗ୍ରାହୀ | ସମ୍ୟଜିତ ପାତ୍ର | ୧୨୭ |
| ପଥରର ଆତ୍ମକଥା | ଝରଣା ବାରିକ | ୧୨୮ |
| ଗୀତା | ହାସ୍ୟମୟୀ ରାଜ | ୧୨୯ |
| ପ୍ରେମ ଆବେଦନ ପତ୍ର | ନାରାୟଣ ରାଉତ | ୧୩୦ |
| ଅନ୍ତିମ ଆହ୍ୱାନ | ପଙ୍କଜ କୁମାର ମଙ୍ଗଳ | ୧୩୧ |
| ବନିଯିବି ସମ୍ରାଜ୍ୟରେ ସମ୍ରାଟ | ପ୍ରଦୀପ କୁମାର ଜିଳିକୋରା | ୧୩୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଘଟଗାଁ ତାରିଣୀ | ରାମଚନ୍ଦ୍ର ପ୍ରଧାନ | ୧୩୪ |
| ସତୁରୀ | ଲଳିତ କୁମାର ସ୍ୱାଇଁ | ୧୩୫ |
| ଶୀତ ମୋହିନୀ | ଆୟୁଷ୍ମାନ ତ୍ରିପାଠୀ | ୧୩୮ |
| ପ୍ରାରବ୍ଧର ଫଳ | ଅଲେଖ ମେହେର | ୧୪୦ |
| କାହିଁକି ଆସିଥିଲ ପ୍ରିୟା ତୁମେ | ହେମନ୍ତ ନାଏକ | ୧୪୧ |
| ସ୍ୱପ୍ନ ଆଉ ବାସ୍ତବତା | ରଶ୍ମୀରେଖା ମଲ୍ଲିକ | ୧୪୩ |
| ପଳାଶ କୁସୁମ | ବାସନ୍ତୀଲତା ଜେନା | ୧୪୪ |
| ତୁମେ ଅଛ ବୋଲି | ତପନ କୁମାର ସାହୁ | ୧୪୬ |
| ପ୍ରିୟା | ଜଗନ୍ନାଥ ରଥ | ୧୪୭ |
| ନିଆରା ଅପରୂପ ଧାରା | ଆଶୁତୋଷ ମେହେର | ୧୪୮ |
| ମନ ମୁର୍ଗୁଣୀ | ମନୋରଞ୍ଜନ ସୁରୁଜାଳ | ୧୪୯ |
| ମଧୁଛନ୍ଦା | ରିପୁନ୍ ଜୟ ମହାପାତ୍ର | ୧୫୦ |
| ଶ୍ରେଷ୍ଠ ଗହଣା | ଗୁପ୍ତେଶ୍ୱର ଚାନ୍ଦ | ୧୫୧ |
| ପୁସ୍ତକ | ସନାତନ ମହାକୁଡ଼ | ୧୫୩ |
| କାହିଁକି ପ୍ରଭୁ | ସୌଭାଗ୍ୟବତୀ ଗିରି | ୧୫୪ |
| ରାତି | ବେଦପ୍ରକାଶ ରାଉତ | ୧୫୫ |
| ଭାଷା | ଅଜୟ କୁମାର ପଧାନ | ୧୫୭ |
| ତୁମରି ଅକୁହା କଥା | ସାଗରିକା ସାହୁ | ୧୫୮ |
| ଭିନ୍ନ ଏକ ଦୁନିଆ | ପୂର୍ଣ୍ଣିମା ଲେଙ୍କା | ୧୫୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଲିଭି ଯାଇଥିବା ପାଦଚିହ୍ନ | ସୁବ୍ରତ କୁମାର ଜେନା | ୧୬୧ |
| ଆସ ତୁମେ ନୂଆ ବରଷ | ପ୍ରିୟଦର୍ଶିନୀ ମହାପାତ୍ର | ୧୬୩ |
| ଧନ୍ୟବାଦ କରୋନା | ଲକ୍ଷ୍ମୀପ୍ରିୟା ଓଝା | ୧୬୫ |
| ଆମ ଭାଷା ଆମ ପରିଚୟ | ଭାଗିରଥୀ ଯାନୀ | ୧୬୭ |
| ବିଦାୟ ଦୁଇହଜାର କୋଡ଼ିଏ | ନିତ୍ୟରଞ୍ଜନ ନନ୍ଦ | ୧୬୮ |
| ସମ୍ପର୍କର ପ୍ରିୟତମ | ବାଲାଜୀ ସେଠୀ | ୧୭୦ |
| ବିଦାୟ ପୁରୁଣାବର୍ଷ | କ୍ଷିରସିନ୍ଧୁ ନାଏକ | ୧୭୧ |
| ବିଦାୟ ଚଳିତ ବର୍ଷ | ଯଚିନ୍ଦ୍ର ସ୍ୱାଇଁ | ୧୭୨ |
| ବିଜୟ ପଥର ଯାତ୍ରୀ | ନୂତନ କୁମାର ବେହେରା | ୧୭୩ |
| ଏକା ହିଁ ଚଲାପଥ | ଚନ୍ଦନ କୁମାର ନାଥ | ୧୭୪ |
| ଆସ ହେ ନବବର୍ଷ | ମହେଶ୍ୱର ସାହୁ | ୧୭୫ |
| ଭାରି ଦୁଷ୍ଟ ମୋ ଶାଳୀଟା | ଶିଶିର କୁମାର ପଣ୍ଡା | ୧୭୭ |
| ବନ୍ଧୁତ୍ୱଠୁ ଅଧିକ, ହେଲେ ପ୍ରେମ ନୁହେଁ | ପ୍ରବୀର କୁମାର ସାହୁ | ୧୭୮ |
| ଯେତେବେଳେ ଛୋଟ ହୋଇଥିଲି | ଭାରତୀ ସାହୁ | ୧୭୯ |
| ସାଜିଲ ମନ ମୟୁରୀ | ପ୍ରଶାନ୍ତ କୁମାର ପଧାନ | ୧୮୦ |
| ସ୍ମୃତି ତୁମେ | ହରେରାମ ପଣ୍ଡା | ୧୮୧ |
| ଡାକ | ସତ୍ୟବ୍ରତ ସାହୁ | ୧୮୩ |
| ବର୍ଷାଭିଜା ରାତିରେ | ସୁନିଲ କୁମାର ଭୋଇ | ୧୮୪ |
| ମା ଆଦିଶକ୍ତିଙ୍କ ଷୋଡ଼ଶ ଜଣାଣ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୧୮୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଭଙ୍ଗା ନୀଡ଼ | ଅଲିଭା ସାହୁ | ୧୮୬ |
| ମୋ ଭାଷା | ଯଶୋବନ୍ତ ପଟ୍ଟନାୟକ | ୧୮୭ |
| ସେ ଏମିତି ବାଟରେ ଚାଲେ | ବିକାଶ ଚନ୍ଦ୍ର ବେହେରା | ୧୮୯ |
| ହଜିଲା ଶୈଶବ | ସୁଶ୍ରୀ ଆରତୀ ପଟ୍ଟନାୟକ | ୧୯୨ |
| ରାତି | ଶ୍ରୀକ୍ଷେତ୍ର ସୁନ୍ଦର | ୧୯୩ |
| ନିଅାଁରୁ ବି ପାଣି ଝରେ | କୃଷ୍ଣଚନ୍ଦ୍ର ବାରିକ | ୧୯୪ |
| ପ୍ରେମ ବର୍ତ୍ତମାନ | ରାଜେନ୍ଦ୍ର କୁମାର ମହାନ୍ତି | ୧୯୫ |
| ବର୍ଷା ଗଲାପରେ | ସୀତାକାନ୍ତ ମହାପାତ୍ର | ୧୯୬ |
| ଟଗର ଫୁଲ | ଦୁର୍ଯ୍ୟୋଧନ ଚଣ୍ଡୀ | ୧୯୭ |
| ନାଉରୀ | ଆକାଂକ୍ଷା ଅରୁଣିମା ସାହୁ | ୧୯୮ |
| ଏ ମନ ମାନେନା | ନିରଞ୍ଜନ ସାହୁ | ୧୯୯ |
| ପ୍ରତୀକ୍ଷା | ଦମୟନ୍ତୀ ଜେନା | ୨୦୦ |
| ପରିବର୍ତ୍ତନ | ମାନସ ରଞ୍ଜନ ନାୟକ | ୨୦୧ |
| ନବବର୍ଷର ଜୀବନ | ଦଣ୍ଡାସି ପ୍ରଧାନ | ୨୦୩ |
| ମୋ ମାମୁଁବାପା | ସାଗର ନାୟକ | ୨୦୪ |
| ପ୍ରକୃତିର ଶୋଭା | ଲିଟୁ ନାୟକ | ୨୦୬ |
| ହେ ସୁଭାଷ | ଜୟନ୍ତ କୁମାର ସାହୁ | ୨୦୭ |
| ମୁଁ ନାହିଁ କି ତମେ ନାହଁ | ପ୍ରିୟଦର୍ଶୀ | ୨୦୯ |
| ତମ ମନ ଭିତରର ଦୃଶ୍ୟ | ଡା ନୀଳମାଧବ କର | ୨୧୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପ୍ରେମ କଲ ମାନେ ମଲ | ଇଂ ବିଦ୍ୟାଧର ପଣ୍ଡା | ୨୧୧ |
| ନବବର୍ଷକୁ ପଦେ | ଅଭିମନ୍ୟୁ ବେହେରା | ୨୧୩ |
| ଏଇ ତ ଜୀବନ | ଜ୍ୟୋତ୍ସ୍ନାମୟୀ ପୋଲାଇ | ୨୧୫ |
| ଅକୁହା କଥା | ରାଧାମୋହନ ପୂଜାହାରୀ | ୨୧୬ |
| ଜୀବନ | ଡମ୍ବରୁଧର ଦାଶ | ୨୧୭ |
| ନିୟତି ନିୟମ | ଡଃ ଆଭାଞ୍ଜଳି ଶତପଥୀ | ୨୧୯ |
| ନୂତନ ବର୍ଷ ୨୦୨୧ | କୈଳାଶ ଚନ୍ଦ୍ର ସାହୁ | ୨୨୦ |
| ଶୀତର ଶାୟରୀ | ମଞ୍ଜୁରାଣୀ ମିଶ୍ର | ୨୨୨ |
| ତିନୋଟି ଏକପଦୀ | ରୋହିତ ସେଠୀ | ୨୨୩ |
| ଛଳନା | ସେବକ ବସନ୍ତ କୁମାର ମହାପାତ୍ର | ୨୨୪ |
| **ସମ୍ବଲପୁରୀ ବିଭାଗ** | | **୨୨୮** |
| ପୁଷ୍ପୁନି | ସହଦେବ ଧରୁଆ | ୨୨୯ |
| ଏକଲା | ଆକାଶ ସାହୁ | ୨୩୧ |
| ବାସି | ସୁନିଲ କୁମାର ଅଗସ୍ତି | ୨୩୨ |
| ରେଁହେଁଟି ଚକା | ମନୋରଞ୍ଜନ ସୁରୁଜାଳ | ୨୩୪ |
| ଶୀତର୍ ସକାଲ୍ | ବିଶ୍ୱନାଥ ଭୁଏ | ୨୩୫ |
| ଶୀକାରୀ | ଦେବଦତ୍ତ ସନ୍ସ | ୨୩୬ |
| **ପ୍ରବନ୍ଧ ବିଭାଗ** | | **୨୩୮** |
| ତେଲୁଗୁ ସଂପ୍ରଦାୟରେ ମକର | ଲିଙ୍ଗରାଜପ୍ରସାଦ ଅମୂଲ୍ୟ ପଟ୍ଟନାୟକ | ୨୩୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ନୂତନ ବର୍ଷ | ଡଃ ଆଭାଞ୍ଜଳି ଶତପଥୀ | ୨୪୫ |
| ନାଗାର୍ଜୁନ ବେଶ | ପ୍ରମୋଦ କୁମାର ପଣ୍ଡା | ୨୪୯ |
| ଭଗବତ ଜ୍ଞାନ | ସହଦେବ ପ୍ରଧାନ | ୨୬୯ |
| ଯୁଦ୍ଧିଷ୍ଠିର | ପଙ୍କଜ କୁମାର ପାଣିଗ୍ରାହୀ | ୨୭୪ |
| ହିନ୍ଦୁତ୍ୱ ବନାମ କରୋନା | ପ୍ରହ୍ଲାଦ ସାହୁ | ୨୭୯ |
| ଭାରତ ମାତା କି ଜୟ | ଇଂ ବିଦ୍ୟାଧର ପଣ୍ଡା | ୨୮୬ |
| ବାପା : ସଂକ୍ଷିପ୍ତରେ | ଶାନ୍ତନୁ କୁମାର ରାଉତ | ୨୯୧ |
| **ବିଶେଷ ସୂଚନା** | | **୨୯୩** |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ନୂଆ ଇଂରାଜୀ ନବବର୍ଷର ଆରମ୍ଭ ସହିତ ଆହ୍ୱାନ ଇ-ପତ୍ରିକା ଏହାର ପ୍ରକାଶନର ଷଡ଼ଦଶ ବର୍ଷରେ ପଦାର୍ପଣ କରିଲା । ବର୍ଷ ୨୦୦୬ରୁ ଆରମ୍ଭ ହୋଇଥିବା ଆହ୍ୱାନ ଅନେକ ବର୍ଷରେ ଏହାର କଳେବର ବୃଦ୍ଧି କରିବା ସହିତ ଓଡ଼ିଆ ସାହିତ୍ୟକୁ ଏକ ସମୃଦ୍ଧ ପୀଢ଼ିର ସାହିତ୍ୟିକ ଏବଂ ସ୍ରଷ୍ଟାଙ୍କୁ ଉପହାର ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ପତ୍ରିକାରେ ଲେଖାଲେଖି ଆରମ୍ଭ କରିଥିବା ଅନେକ ସ୍ରଷ୍ଟା ଅନେକ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଛନ୍ତି ଏବଂ ନିଜକୁ ପ୍ରତିଷ୍ଠିତ ତଥା ସମ୍ମାନିତ ସାହିତ୍ୟିକ ଭାବରେ ପ୍ରତିପାଦିତ କରି ପାରିଛନ୍ତି ।

ପ୍ରତ୍ୟେକ ସଂସ୍କରଣ ସହିତ ନୂତନ ଭାବେ ଅନେକ ଲେଖକ ଲେଖିକାଙ୍କୁ ପ୍ରୋତ୍ସାହନ ଦେଇ ଆସୁଥିବା ଏହି ପତ୍ରିକା ଆଗାମୀ ଅନେକ ବର୍ଷଧରି ଏହି ସାରସ୍ୱତ କୃତ୍ୟକୁ ସୁଚାରୁ ରୂପେ ତୁଲେଇ ପାରିବ ବୋଲି ଆମେ ଆଶାବାଦୀ । ଆଜି ମଧ୍ୟ ଯେତେବେଳେ ଜଣେ ନୂତନ ଲେଖକ ଲେଖିକା ଆମ ନିକଟକୁ ଲେଖାଟିଏ ଲେଖି ପଠାଉଛନ୍ତି ଏବଂ ଆଶା କରୁଛନ୍ତି ଯେ ତାଙ୍କ ଲେଖାଟି ପ୍ରକାଶିତ ହେବ, ଆମେ କଦାପି ତାଙ୍କୁ ନିରାଶ କରୁନାହୁଁ । ପ୍ରତ୍ୟେକ ଲେଖକ ଲେଖିକା ମଧ୍ୟରେ ଲୁଚି ରହିଛନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ ପ୍ରତିଭାବାନ ସାହିତ୍ୟିକ ଏବଂ ଆମେ ସେମାନଙ୍କୁ ସ୍ୱାଗତ ଜଣାଉଛୁ । ଆହ୍ୱାନ ଓଡ଼ିଆ ପରିବାର ସର୍ବଦା ଓଡ଼ିଆ ସାହିତ୍ୟର ଉନ୍ନତି ହେତୁ "ଆସ ଓଡ଼ିଆରେ ଲେଖିବା, ପଢ଼ିବା ଏବଂ ପଢ଼ାଇବା"ର ମହାମନ୍ତ୍ର ନେଇ ଆଗେଇ ଚାଲିଛି । ଏହା ସବୁକିଛି ସମ୍ଭବ ହେଉଛି ଆପଣଙ୍କ ଭଳି ଲେଖକ ଲେଖିକା ଏବଂ ସାହିତ୍ୟିକ ତଥା ପାଠକ ପାଠିକାଙ୍କ ସହାୟତାରେ । ଏଥିପାଇଁ ଆପଣ ସମସ୍ତଙ୍କୁ ଆମେ ଧନ୍ୟବାଦ ଦେଉଛୁ ।

ଯୁଗ ସହ ତାଳଦେଇ ଆମେ ଅନେକ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ଆହ୍ୱାନ ଇ-ପତ୍ରିକାକୁ ସର୍ବଜନବିଦିତ କରାଇ ସମସ୍ତଙ୍କ ନିକଟରେ ସହଜରେ ପହଞ୍ଚାଇବାର ପ୍ରଚେଷ୍ଟା କରୁଛୁ । ଇ-ପତ୍ରିକା ସମେତ ପୋଡ଼କାଷ୍ଟ, ୟୁଟ୍ୟୁବ୍ ଭିଡ଼ିଓ, ଅନଲାଇନ୍ ରେଡ଼ିଓ ଆଦି ଦ୍ୱାରା ମଧ୍ୟ ଆମେ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ବ୍ରତୀ ହୋଇଛୁ । ବିଗତ ବର୍ଷରେ ଆମେ ପୋଡ଼କାଷ୍ଟ ଦ୍ୱାରା କଥା କବିତାର ସଂସାରକୁ ଏକ ପାଦ ଆଗକୁ ନେଇଛୁ । ବର୍ତ୍ତମାନ ପୋଡ଼କାଷ୍ଟ ଏବଂ ୟୁଟ୍ୟୁବ୍ ମାଧ୍ୟମରେ ଆମେ ଭାଗବତ ଗୀତାର ଓଡ଼ିଆରେ ବ୍ୟାଖ୍ୟା ପ୍ରସାରଣ ଆରମ୍ଭ କରିଛୁ । ଓଡ଼ିଆ ଏବଂ ଓଡ଼ିଶା ବିଷୟରେ ଇଂରାଜୀ ଭାଷାରେ ପ୍ରସାରଣ କରିବାର ଶ୍ରେୟ ମଧ୍ୟ ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପୋଡ଼କାଷ୍ଟ ଦ୍ୱାରା ଆମେ କରୁଛୁ ।

ବର୍ଷ ୨୦୨୦ ଆମ ସମସ୍ତଙ୍କ ଜୀବନକୁ ବ୍ୟତିବ୍ୟସ୍ତ କରି ଚାଲିଗଲା । କରୋନା ଭଳି ଦୁରାରୋଗ୍ୟ ବ୍ୟାଧିରେ ସମଗ୍ର ବିଶ୍ୱ ପ୍ରଭାବିତ ହୋଇ ଅଗଣିତ ନିରୀହ ଜୀବନ ଅକାଳରେ ଝଡ଼ିଗଲା । ବର୍ଷ ୨୦୨୧ ଆସୁ ଆସୁ ଏହି ରୋଗକୁ ପ୍ରତିରୋଧ କରିବା ଭଳି କ୍ଷମତା ସମ୍ପର୍ନ୍ନ ଟୀକା ଆଦିର ଉଦ୍ଭାବନ ଆମ ମନରେ ନୂତନ ଆଶା ସଂଚାର କରୁଛି । ମନୁଷ୍ୟ କେବେ ହାରି ଯାଇନାହିଁ, କି ହାରିଯିବ ନାହିଁ । ଆମ ଦେଶର ବୈଜ୍ଞାନିକ ମାନେ ତ୍ୱରାନ୍ୱିତ ଗବେଷଣା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ଏହି ସବୁ ଟୀକାର ଉଦ୍ଭାବନ କରି ମାନବ ସମାଜ ପାଇଁ ନୂତନ ଆଶାର ଉପହାର ଆଣିଦେଇଛନ୍ତି । ଆଗାମୀ ଦିନମାନଙ୍କରେ ଏହି ଟୀକା ଭାରତର ଅନେକ ରାଜ୍ୟରେ ପ୍ରଦାନ କରାଯିବ ବୋଲି ଯୋଜନା ହୋଇ ସାରିଛି । ଟିକା ନେଇ ଆସୁଥିବା ବକ୍ସ ଉପରେ ସଂସ୍କୃତରେ ଲେଖାଯାଇଛି, "ସର୍ବେ ସନ୍ତୁ ନିରାମୟାଃ" । ବାସ୍ତବିକ ସନାତନ ହିନ୍ଦୁ ଧର୍ମରେ ହିଁ ଏହିଭଳି ମହାନ ବାର୍ତ୍ତା ଦେଇ ପାରିବେ । ସମସ୍ତ ଜୀବନ ମୂଲ୍ୟବାନ ଏବଂ ସମସ୍ତଙ୍କ ସୁସ୍ଥତା ହେଉଛି ଆମ ଦେଶର ଆମ ସଂସ୍କୃତିର ମହାନ ବାର୍ତ୍ତା ।

ବିଗତ ଦିନରେ ବିଶ୍ୱ ରାଜନୈତିକ ଦୃଶ୍ୟପଟରେ ଅନେକ ଅସମ୍ଭବ ଦୃଶ୍ୟ ଦେଖିବାକୁ ମିଳିଥିଲା । ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପଙ୍କ ସମର୍ଥକ ମାନେ ଦେଶର ସର୍ବୋଚ୍ଚ ସଂସଦ କାପିଟୋଲ୍ ହିଲ ଉପରେ ସଂଘବଦ୍ଧ ଭାବରେ ଆକ୍ରମଣ କରିବା ଘଟଣା ଯେତିକି ନିନ୍ଦନୀୟ ସେତିକି କୌତୁହଳପ୍ରଦ । ସମଗ୍ର ବିଶ୍ୱକୁ ଗଣତନ୍ତ୍ରର ଶିକ୍ଷା ଦେଉଥିବା ଆମେରିକାରେ ଗଣତନ୍ତ୍ରର ଏହିଭଳି ଉପହାସଜନକ ଦୃଶ୍ୟ ଦେଖିବାକୁ ମିଳିବ ବୋଲି ଆମେ କେବେ ବି ଆଶା କରିନଥିଲୁ । ଭାରତରେ ଘଟୁଥିବା ସାମାନ୍ୟରୁ ଅତି ସାମାନ୍ୟ ଘଟଣାକୁ ଆମେରିକୀୟ ଗଣମାଧ୍ୟମ ଅତିରଞ୍ଜିତ କରି ପ୍ରଦର୍ଶନ କରିବା ସହ ଭାରତକୁ ଉପଦେଶ ଦେଇ ଆସୁଥିବା ବେଳେ ଆମେରିକାରେ ସଂଘଟିତ ଏହି ଘଟଣା ପରେ ଏବେ ଭାରତୀୟ ସାଧାରଣ ଆମେରିକୀୟ ଗଣମାଧ୍ୟମକୁ ଟ୍ରୋଲ୍ କରିବା ଆରମ୍ଭ କରିଛନ୍ତି ।

ସେହିଭଳି ଭାରତରେ କୃଷକ ମାନଙ୍କ ନାମରେ ହେଉଥିବା ଧାରଣା ପ୍ରଦର୍ଶନରେ ଦୈନିକ ନୂତନତ୍ୱ ଦେଖିବାକୁ ମିଳୁଛି । ସରକାରଙ୍କ ସହ ନଅଥର ବୈଠକରେ ଏକତ୍ରିତ ହୋଇଥିବା ସତ୍ତ୍ୱେ କୃଷକ ବୋଲାଉଥିବା ରାଜନେତା ମାନେ କୌଣସି ନିଷ୍ପତ୍ତି ନେଇ ପାରୁନାହାନ୍ତି । ପ୍ରକାରାନ୍ତରେ ଏହି ଆନ୍ଦୋଳନରେ କେବଳ ପଞ୍ଜାବ ଏବଂ ହରିଆଣାର କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୃଷକ ଗୋଷ୍ଠୀ ସମ୍ପୃକ୍ତ ଥିବା ବେଳେ ଦେଶବ୍ୟାପୀ କୃଷକମାନେ ଏହି ନୂତନ କୃଷି ନିୟମ ଅନ୍ତର୍ଗତ ଅନେକ ଲାଭାନ୍ୱିତ ହୋଇଥିବାର ଉଦାହରଣମାନ ଦେଖିବାକୁ ମିଳୁଛି । କୃଷି ନିୟମକୁ ଫେରାଇ ନେବାକୁ ଦାବୀ ହେଉଥିବା ବେଳେ କିନ୍ତୁ ଜଣାପଡ଼ିଛି ଯେ ଦେଶବ୍ୟାପୀ ଅନ୍ୟ ସମସ୍ତ ରାଜ୍ୟର କୃଷକମାନେ କିନ୍ତୁ ଏହି ନୂଆ ନୀତିକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସରକାରଙ୍କ ପ୍ରରୋଚନାରେ କୃଷକ ଆନ୍ଦୋଳନ ବନ୍ଦ କରିବାକୁ ଅରାଜି ହେଉଥିବା ହେତୁ ସରକାର ଘଟଣାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଯିବାକୁ କହିବା ପରେ ଏହି ମାମଲାରେ ସ୍ୱୟଂକ୍ରିୟ ଭାବେ ସୁପ୍ରିମ କୋର୍ଟରେ ଶୁଣାଣି ହୋଇଥିଲା କିନ୍ତୁ ଆଶ୍ଚର୍ଯ୍ୟର ବିଷୟ କୃଷକ ମାନଙ୍କ ତରଫରୁ ଲଢୁଥିବା ଓକିଲ ଏଠାରେ ଯୋଗ ଦେଇନଥିଲେ ଏବଂ କୋର୍ଟ୍ ଦ୍ୱାରା ସଂଗଠିତ କମିଟିକୁ ମଧ୍ୟ ସେମାନେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଲାଗୁଛି ଏହା କୌଣସି କୃଷି ଆନ୍ଦୋଳନ ହେଉନାହିଁ, ବରଂ କିଛି ମୁଷ୍ଟିମେୟ ରାଜନୀତିଜ୍ଞ ନିଜ ଜିଦ୍ ପାଇଁ ସରକାରଙ୍କୁ ଆଣ୍ଠେଇବାକୁ ଲାଗି ପଡିଛନ୍ତି । ଦେଖାଯାଉ ଆଗକୁ କଣ ହେଉଛି ।

ଆଜି ବର୍ଷର ପ୍ରଥମ ଉତ୍ସବ ମକର ସଂକ୍ରାନ୍ତି । ଆମେ ସମସ୍ତେ ଏହି ଦିନକୁ ଅତି ଆନନ୍ଦ ଉଲ୍ଲାସର ସହ ପାଳନ କରୁ । ଆଶା କରୁଛି ଆପଣ ସମସ୍ତେ ଏହି ଦିନକୁ ନୂତନ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବେ ।

ଭଗବାନ ସମସ୍ତଙ୍କୁ ସୁସ୍ଥ ରଖନ୍ତୁ । ଆହ୍ୱାନ ଇ-ପତ୍ରିକା ଆପଣଙ୍କୁ ପୂର୍ବଭଳି ଆମୋଦିତ କରୁ । ଜୟ ଓଡ଼ିଆ, ଜୟ ଓଡ଼ିଶା, ଜୟ ଜଗନ୍ନାଥ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୫

ଆଗର ନିର୍ଜ୍ଜନ ପାଟରେ ପାଓଲିଙ୍କର ରହିବାପାଇଁ ଆଉ ସାହାସ ନଥିଲା । ଆରେ ବାପରେ କେହି କେଉଁଠି ନାହାନ୍ତି । ସେ ଭିତରେ ଏମିତିଆ ଅଲକ୍ଷଣା ଟୋକାଟା ଖାଲି ଭୂ ଉ ଉ ତ ଭୂ ଉ ଉ ଉ ତ କରି ଚିଲ୍ଲଉଛି । କୁଆଡେ କାଉ କୋଇଲିର ରାବ ନାହିଁ । କିଛି ଗୋଟେ ଆଶଙ୍କା ଯେମିତି କଳା ଆକାଶରୁ ତଳକୁ ଓହ୍ଲାଇ ଆସୁଛି । କିଛି କଥାନାହିଁ ଟୋକାଟା ଏମିତି କାହିଁକି ହେବ ? ଭୂତ କାହାଣୀ ସବୁ ତ ଡରରେ ଭରା । ଭୂତ ନିଜ ଅଞ୍ଚଳକୁ କାହାରିକୁ ଆସିବାକୁ ଦିଏନା । ବିନା କାରଣରେ ନିରୀହ ଲୋକକୁ ଭେଟଣା କରାଏ । ଏମିତିଆ ଯାଗାକୁ ଯିବାକୁ ହେଲେ ଆହୁରି ଅଧିକ ସାଧନ ଦରକାର । ଏସବୁ ନିର୍ଜ୍ଜନ ପାଟଗୁଡାକୁ ପରେ ବୁଲାଯିବ । ଉପଯୁକ୍ତ ସାଥି ନିଆଯିବ । ଏକଦମ ଅଜଣାହୋଇ ଯିବା ଠିକ ନୁହେଁ ।



ଅଶୋକ ବିଶ୍ୱାଳ

ଏଣୁ ଆପାତତଃ ଆଲେୟା କଥାଟା ପରେ ଦେଖାଯିବ ଆଉ ତଉଲାଯିବ । ପ୍ରଥମେ ସୁନ୍ଦରବନ ଜଙ୍ଗଲ ପାଖ ଗାଁ ଅଞ୍ଚଳ ବୁଲି ଆଲେୟା ଉପରେ କିଛି ତଥ୍ୟ ନିଆଯାଉ । ଲୋକବିଶ୍ୱାସକୁ ପରଖିବା ଆବଶ୍ୟକ । ତାପରେ କେଉଁ ଏକ ଉପଯୁକ୍ତ ଲୋକ ଦେଖି ତା ସାଙ୍ଗରେ ଆଲେୟା ଦେଖିବାକୁ ଗଲେ ହେବ । ପାଓଲି ଆପତତଃ ନିର୍ଜ୍ଜନ ପାଟ ବୁଲିବାର

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଇଚ୍ଛାକୁ ସମ୍ଭାଳି ରଖିଲେ । ହାତରେ କିଛି ଖାଲି ଦିନ ଥିଲା । ବିଶ୍ୱବିଦ୍ୟାଳୟ ଖୋଲିବାକୁ ବେଳ ଲାଗିବ । ସେତେବେଳେ କିଛି କାମ । ଏବେ ଗୋଟିଏ ଦୁଇଟା ଗାଁ ବୁଲିନେଲେ କ୍ଷତି ନାହିଁ ।

ଏଠାରେ ସବୁଆଡେ ମାଟି କାଦୁଅ, ଚାଳଛପର ଘର । ଅତି ସାଧାରଣ ଗାଁ । ତାପରେ ଗାଁର ରାସ୍ତା ନଦୀକୁ ଓହ୍ଲେଇ ଯାଇଛି । ସେମାନେ ନଦୀ ଭିତରକୁ ଚାଲିଗଲେ । ମଣ୍ଡଳଙ୍କର ଦେଶୀ ଡଙ୍ଗା । ଆଉ ସେ ଡଙ୍ଗାରେ ବସି ପାଓଲି ଅନ୍ୟ ଏକ ଦୁନିଆରେ ପହଞ୍ଚିଗଲେ ।

"ଆଲେୟା ହେଉଛି ମରିଥିବା କେଉଟମାନଙ୍କର ଆତ୍ମା ।"- ମଣ୍ଡଳ ଏତିକି କହି ଆଖି ବନ୍ଦ କରିଦେଲେ ।

"ସବୁ ଅତୃପ୍ତ ଆତ୍ମା । ଅକାଳରେ ଯାଇଛନ୍ତି । ଶାନ୍ତି, ମୁକ୍ତି ମିଳିନି ।"– ସେ ଏକ ଲମ୍ବା ନିଃଶାସ ନେଲେ । ତାଙ୍କ ଦୃଷ୍ଟି କାଚପରି ସ୍ଥିର ହୋଇଗଲା । ପାଖରେ ସବୁଜ ଗଛ । ପାଣିକୁ ନଇଁ ଆସିଛି । କାଦୁଆ ଚଡା । ସେ ଏମିତି ଅନେଇ ରହିଲେ ।

"ସମସ୍ତେ ବାଘ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଅକାଳରେ ଯାଇଛନ୍ତି ।"– କିଛି ସମୟ ପରେ ତାଙ୍କ ମୁହଁରୁ ଆସୁଥିବା କଥାସବୁ ଭଙ୍ଗା ଭଙ୍ଗା ଥିଲା । ମଣ୍ଡଳଙ୍କ ମୁହଁଟା ଏକଦମ୍ ଖାଲି ହୋଇଗଲା । ରକ୍ତ ଟିକିଏ ନାହିଁ ! ଏମିତି ତ ବୟସ୍କ ଲୋକ । ତାଙ୍କ ମନରେ କିଛି ଭାବନା ଥିଲା ଭଳିଆ ଲାଗୁ ନଥିଲା । ସେ ଶୂନ୍ୟ ଆଖିରେ ଅନେଇ ରହିଲେ ।

"କଥାଟା ଟିକିଏ ଅଲଗା ଲାଗୁଛି । ବାଘଗୁଡା କଣ ମଣିଷକୁ ଏତେଆକ୍ରମଣ କରନ୍ତି ? ଲୋକ ଦେଖିଲେ ବାଘର ତ ଲୁଚିବା କଥା ।"- ପାଓଲି ସେମିତି ଖଣ୍ଡିଆ ଖଣ୍ଡିଆ ଶବ୍ଦରେ କହୁଥିଲେ । ମଣ୍ଡଳଙ୍କ ଶୂନ୍ୟ ଆଖି ତାଙ୍କ ଭିତରେ କେମିତି ମରୁଭୂମି ତିଆରି କରିଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଶବ୍ଦର ପ୍ରବାହ କେମିତି ବନ୍ଦ ହୋଇଯାଉଥିଲା ।

"ଏଠି ବାଘ ଜଙ୍ଗଲରେ ଲୁଚି ରହେ । ମଣିଷ ଦେଖିଲେ ଡର ଭୟ ଛାଡି ଆକ୍ରମଣ କରେ । ଆକ୍ରମଣ ପୂର୍ବରୁ ଜମା ଦେଖାଦିଏନି ।"– ମଣ୍ଡଳ ଥରଥର ଶବ୍ଦରେ କହୁଥିଲେ ।

ପାଓଲିଙ୍କ ଆଖି ଏକ ବଡ଼ ଶାମୁକାର ମୁହଁଭଳି ଖୋଲିଗଲା । ଶାମୁକା ଭିତରର ମୋତି ଦେଖାଗଲାଭଳି ତାଙ୍କ ଭିତରର ଡରୁଆ ଭାବନା ସବୁ ଖୋଲିଯାଇଥିଲା । କିଛିଟା ତାଙ୍କ ଭିତରର ଅବିଶ୍ୱାସ ଟଗର ଫୁଲଭଳି ଫୁଟିଥିଲା । ମଣ୍ଡଳ ସେଇଟା ଦେଖିନେଲେ ।

"ବାଘ ଆକ୍ରମଣ ଆଉ ସୁନ୍ଦରବନ ଭିତରେ, ଏଥିରେ ଅସ୍ୱାଭାବିକ କଥାଟା ଅଛି କୋଉଠି ? ବାଘ ସୁନ୍ଦରବନ ଭିତରେ ଆକ୍ରମଣ କରିବ ହିଁ କରିବ । କିଛି କେଉଟ ବା ଜାଲୁଆ ମରିବେ । ମହୁ ସଂଗ୍ରହକାରୀ ବା ମୌଲେମାନେ ମରିବେ । ଏଇଟା ତ ଅତି ସ୍ୱାଭାବିକ କଥା ।"- ସେ କହିଲେ । ତାଙ୍କର ମୁହଁଟା କାଦୁଆ ଚଡାର ମୋଟା ଢେଉ ଢେଉକା କାଦୁଅ ଭଳି ଲାଗୁଥିଲା । ବୟସର ଛାପ ମୁହଁରେ ସ୍ୱଷ୍ଟ ।

ସେ ଧିରେ କାତ ମାରୁଥିଲେ । ମୁହଁରେ ଧଳା ଦାଢ଼ି ଭରି ଯାଇଛି । କଳା ମୁହଁରେ ଧଳା ଦାଢ଼ି ଗୁଡ଼ିକ ଚକ୍ ଚକ୍ କରୁଥିଲା, ଲାଗୁଥିଲା ଯେମିତି କାଦୁଆ ଚଡାରୁ ଲୁଣା ବନର ପେନସିଲ ମୁନ ସବୁ ବାହାରି ଆସିଛି । ପାଣି ଏକଦମ୍ ଶାନ୍ତ ଥିଲା । ନଦୀରେ ଏବେ ଭଟ୍ଟା ପଡ଼ିଛି । ଭଟ୍ଟାରେ ଅଶାନ୍ତ ପାଣି, ମାଛଙ୍କର ଫଳି ମାରିବା ସବୁ କେମିତି ଶାନ୍ତ ହୋଇଯାଏ । ପୋଖରୀ ଭଳିଆ ସ୍ଥିର ପାଣି ଏ ବଡ଼ ନଈଟାରେ ଥିଲା । ସେ ଭଟ୍ଟାପାଣିରେ ମଣ୍ଡଳ କାତ ମାରି ଧୀରେଧୀରେ ନିଜ ଡଙ୍ଗାକୁ ଗାଁର ଡଙ୍ଗା ଲାଗିବା ଯାଗାକୁ ନେଇଆସୁଥିଲେ ।

"ଏତେ ଲୋକ ସୁନ୍ଦରବନ ଭିତରକୁ ଚାଲି ଯାଆନ୍ତି ?"- ପାଓଲି ଯେମିତି ହାଉଳି ଖାଇଲାଭଳି କହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

"ସୁନ୍ଦରବନ ଭିତରେ ନିଶ୍ଚିତ ଭାବରେ କେଉଟମାନେ ମାଛ ଧରିବାକୁ ଯିବେ । ନହେଲେ ବଞ୍ଚିବେ କେମିତି ? ଆମେମାନେ ଜଙ୍ଗଲକୁ ମାଛ, କଙ୍କଡ଼ା ଆଉ ମହୁ ସଂଗ୍ରହ କରିବା ପାଇଁ ଯାଉ ।"- ସେ ଟିକିଏ ଅଟକିଗଲେ ଆଉ ସ୍ଥିର ପାଣିକୁ ଅନାଇରହିଲେ । ଗୋଳିଆ ପାଣି, ସେଥିରେ ହାଲ୍କା ଛାଇ ସବୁ ପଡୁଥିଲା । କିଛି ସ୍ୱଷ୍ଟ ଦେଖାଯାଉନଥିଲା । ଜୀବନଟା ତ ଏମିତି ସୁନ୍ଦରବନ ଭିତରେ । କିଛି ସ୍ୱଷ୍ଟ ଦେଖାଯାଏ ନାହିଁ । ହଠାତ୍ ବାଆ ବତାସ ଭଳି ଜୀବନଟା ସମୁଦ୍ରକୁ ବୋହିଯାଏ । ସେ ଆଗକୁ ଅନାଇଲେ ।

"ବାଘ ଆକ୍ରମଣଟା ?"- ପାଓଲି ଛେପ ଢୋକୁଥିଲେ ।

"ବାଘ ଆକ୍ରମଣଟା ଆକସ୍ମିକ ହୋଇଯାଏ ।"-

"ଅନେକ ସମୟରେ ବାଘମାନଙ୍କ ଇଲାକା ମଧ୍ୟରେ ଭୁଲ୍ରେ ପ୍ରବେଶ କରିଯାଉ । ସହଜେ ତ ସୁନ୍ଦରବନର ବାଘ ନରରକ୍ତ ପିପାସୁ । ପାଖରେ ଲୋକ ଦେଖି ସମ୍ଭାଳି ହୋଇପାରେନି । ହଠାତ୍ ଆକ୍ରମଣ ଆରମ୍ଭ ହୋଇଯାଏ । ଅନେକ ଲୋକଙ୍କର ହାତଗୋଡ଼ ଗୋଟିଏ କାମୁଡ଼ାରେ ବାଘ ଛିଣ୍ଡାଇ ନେଇଯାଏ । ସମସ୍ତେ ପାଟିକରି ବାଘକୁ ଘଉଡ଼ାଇବାକୁ ଚେଷ୍ଟା କରନ୍ତି । କିନ୍ତୁ ବାଘ ସହଜେ ଛାଡ଼େ ନାହିଁ । ଯଦି କିଏ ବାଘ ମୁହଁରୁ ବଞ୍ଚ୍ ଚବ ତଥାପି ମଧ୍ୟ ତା'ର ଜୀବନ ରହିବା କାଠିକର ପାଠ । ଗାଁ ଗୁଡ଼ିକ ଦୂରରେ । ଏତେବାଟ ପର୍ଯ୍ୟନ୍ତ ଏମିତି ଆହତ ହୋଇଥିବା ବ୍ୟକ୍ତିକୁ ଆଣିବା ଭିତରେ ଲୋକଟି ପ୍ରାୟ ମରିଯାଏ ।"- ମଣ୍ଡଳ ଏକ କେଉଟର ଦୈନନ୍ଦିନ ଜୀବନରେ ଘଟୁଥିବା ଦୁର୍ଘଟଣାର କାହାଣୀ କହୁଥିଲେ ।

କଥାଟା ଅତି ସହଜ ଭାବରେ ମଣ୍ଡଳ କହିଲେ । ତାଙ୍କ ସ୍ୱରରେ କିଛି ତରଙ୍ଗ ନଥିଲା । ସୁନ୍ଦରବନର ଗତାନୁଗତିକ କଥା । ସେଠି ଜୀବନରେ ଭଟ୍ଟା ପଡିଲା ଭଳି କିଛି ଫଳି ମାରୁନି, କିଛି ଫୁଟୁନି । ପାଣି ଭଳି ଜୀବନ ଶାନ୍ତ ହୋଇଯାଇଛି । ପାଣି ଭିତରେ ବିପଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଷୟରେ କିଛି ଜଣାଇ ଦେଉନି ।

"ତଥାପି ମଧ୍ୟ ଆମେମାନେ ଜଙ୍ଗଲକୁ ଯାଉ । ଏହି ଜଙ୍ଗଲ ଆଉ ପାଣି ନାଳରେ ଶିଶୁମାର, ମାଛ ଆଉ କଙ୍କଡ଼ାମାନେ ଭରି ରହିଛନ୍ତି । ଏହି ମାଛ, କଙ୍କଡା ତ ଆମର ଜୀବନ ।"- ସେ କହି ଏକ ଲମ୍ବା ଶ୍ୱାସ ନେଉଥିଲେ । ତାଙ୍କର ଛାତି ଫୁଲି ଉଠିଲା । ଜୀବନଟା ସଂଘର୍ଷରେ ଭରା । ସୁନ୍ଦରବନରେ ସବୁଠି ବିପଦ ଅଛି ।

ମଣ୍ଡଲଙ୍କ ଏକ ଲମ୍ବା ଦେଶୀ ଡଙ୍ଗା । ତଳ ଅଂଶ ପ୍ରାୟ ସମତଳ । ଏ ସବୁ ଡଙ୍ଗା ବହୁତ କମ୍ ପାଣିରେ ଚାଲିଯାଇପାରେ । ତାଙ୍କ ଡଙ୍ଗା ଜଙ୍ଗଲର ଏକଦମ୍ କୂଳରେ ଥିଲା । ପାଖରେ ଗୋଟେ କାଦୁଆ ଚଡ଼ା । ସେ କାଦୁଆଚଡ଼ା ପାଖରେ ଆଉ ଜଣେ ଡଙ୍ଗାବାଲା ଥିଲା । ଏମିତି ମଣ୍ଡଲଙ୍କ ଡଙ୍ଗା ଭଳି ତାଙ୍କର ଡଙ୍ଗା । ସେ ଧୀରେ ଧୀରେ ତଳକୁ ଜାଲ ଓହ୍ଲାଉଥିଲା । ନଈର ମଝିରେ ଆଉ ଗୋଟିଏ ଡଙ୍ଗା ମଧ୍ୟ ଧୀରେ ଯାଉଥିଲା । ସେ ଡଙ୍ଗାରେ ଜଣେ କେଉଟ ତା'ର ଜାଲକୁ ବି ତଳକୁ ଓହ୍ଲାଉଥିଲା । ପାଖରେ ତା'ର ପୁଅ ବାପକୁ ସାହାଯ୍ୟ କରୁଥିଲା । କେଉଟର ସ୍ତ୍ରୀ ଡଙ୍ଗାର ମଙ୍ଗ ସମ୍ଭାଳୁଥିଲା ଆଉ ଡଙ୍ଗାକୁ ଆହୁଲା ମାରି ଆଗକୁ ନେଉଥିଲା । ସ୍ତ୍ରୀଲୋକଟିର କଳା ରଙ୍ଗ, ଦେହରେ କମଳା ରଙ୍ଗର ଶାଢ଼ୀ ଗୁଡ଼େଇ ହୋଇଛି । ଗୋଟିଏ ନୀଳ ବ୍ଲାଉଜ୍ ଦେହର ଉପର ଅଂଶରେ । ମହିଳାଟି ନିଜର ଯେତେ ଶକ୍ତି ଥାଏ ସେତେ ଶକ୍ତିରେ ଆହୁଲା ମାରୁଥିଲା । ପତଳା ଦେହ ବଙ୍କେଇଯାଉଥିଲା । ତା' ପାଖରେ ଗୋଟିଏ ଛୋଟ ଝିଅ ଫ୍ରକ୍ ପିନ୍ଧି ବସିଥିଲା । ଏକଦମ ସାନ ଝିଅ । ସେ ମା'କୁ ଆହୁଲା ମାରିବା ଦେଖି କାବା ହୋଇ ଅନାଇଥିଲା । ଝିଅଟି ଦୁନିଆ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅଜ୍ଞ । ଜାଣିନି ଆଗରେ କ'ଣ ଅଛି । ତା'ର ମୁହଁ ସୂର୍ଯ୍ୟ କିରଣରେ ଉଜ୍ଜ୍ୱଳ ଦେଖାଯାଉଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣ୍ଡଳ ଅନେକ ସମୟ ଧରି ଆଗର ଡଙ୍ଗାକୁ ଅନେଇ ରହିଲେ । ଏକ କେଉଟ ପରିବାର ଡଙ୍ଗା ଭିତରେ ବସିଛି ଆଉ ନିଜର ସଂସାରକୁ ଗଢୁଛି । ତାଙ୍କର ଦିନେ ଏମିତି ସଂସାର ଥିଲା । କିନ୍ତୁ କେତେ କଥା ହଠାତ୍ ଘଟିଗଲା । ତାଙ୍କ ଆଖି ପୁଣି ସ୍ଥିର ହୋଇ ଆସିଲା । କିଛି ସମୟପରେ ସେ ଜଙ୍ଗଲକୁ ଅନେଇଲେ ।

"କ'ଣ ହୋଇଗଲା ?"- ପାଓଲି ପଚାରିଲେ । ସେ ଆଲେୟା ବିଷୟରେ ଅନୁସନ୍ଧାନ କରୁକରୁ କିଛି ଲୋକଙ୍କର ଠିକଣା ସେ ଲେଖିନେଇଥିଲେ । ସେମାନଙ୍କର ସହ ଅଘଟଣମାନ ଘଟିଯାଇଛି । ଅନେକ ଲୋକଙ୍କର ଅକାଳ ମୃତ୍ୟୁ ହୋଇଛି । ତାହାହିଁ ତ ଆଲେୟା କାହାଣୀର ଉତ୍ସ ହୋଇପାରେ । ମଣ୍ଡଳଙ୍କ ବିଷୟରେ ସେ ସେମିତି ଜାଣିଥିଲେ ।

ମଣ୍ଡଳ ତାଙ୍କର କାହାଣୀ କହିଲେ । ତାଙ୍କ ସ୍ୱରରେ ଦୁଃଖ ଭରିଥିଲା । ଜୀବନର ଭଟ୍ଟାର ସମୟରେ ସବୁକିଛି ଦୁଃଖଭରା ହୋଇଯାଇଥିଲା ।

ଏମିତି କିଛି ବର୍ଷ ତଳେ ସେ ଜଙ୍ଗଲକୁ ଆସିଥିଲେ ଆଉ ଏକ କାଦୁଆ ଚଢ଼ା ପାଖରେ ଡଙ୍ଗାକୁ ରଖିଦେଇଥିଲେ । ତାଙ୍କର ବଡ଼ ଡଙ୍ଗା । ସେଥିରେ ସାତଜଣ ଲୋକ ଥିଲେ । ମଙ୍ଗୁଆ ଡଙ୍ଗାରେ ବସିଲା । ସେ ଡଙ୍ଗାରେ ବସି ଜଗିବ । ଡଙ୍ଗା ପାଣିରେ ଭାସିଯାଇପାରେ । ଆଗୁଆଚଢ଼ାକୁ ଅନ୍ୟ ଛଅଜଣ ଧୀରେ ଧୀରେ ଅତିକ୍ରମ କରୁଥିଲେ । ତା'ପରେ ସେମାନେ ଜଙ୍ଗଲରୁ ମହୁ ସଂଗ୍ରହ କରିଥାନ୍ତେ । ବାଘ ଆକ୍ରମଣ କିଛି ଜାଣିବା ଆଗରୁ ଆରମ୍ଭ ହୋଇଗଲା । ପ୍ରଥମ ଲୋକଟି କାଦୁଆଚଢ଼ାକୁ ଅତିକ୍ରମ କରି ଟିକିଏ ଭିତରେ ଥାଏ ଆଉ ତାଙ୍କର ଦୁଇଖୋଜ ପରେ ଆଉଜଣେ । ଏମିତି ଖୋଜେ ଦି' ଖୋଜେ ପଛରେ ରହି ସମସ୍ତେ ଗୋଟିଏ ଧାଡ଼ିରେ ଚାଲୁଥିଲେ । ହଠାତ୍ ବାଘ ଜଙ୍ଗଲ ଭିତରୁ ଝାମ୍ପମାରି ପ୍ରଥମ ଲୋକର ଗଳାକୁ ଧରିନେଲା । ସେ ଚିତ୍କାର କରୁ କରୁ ତା' ପଛରେ ଥିବା ଲୋକଟି ବାଘ ଆଡ଼କୁ ବଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଟିକରି ଏକ ବାଡିଧରି ମାଡିଗଲା । ବାଘ ଗୋଟିଏ ଜୋର୍ ଥାବା ମାଡ଼ରେ ସେ ଲୋକକୁ ସଙ୍ଗେ ସଙ୍ଗେ ମାରିଦେଲା । ତା'ର ଏ ଦଶା ଦେଖି ତୃତୀୟ ଲୋକ ମଧ୍ୟ ବାଘ ଆଡ଼କୁ ବଡ଼ ପାଟିକରି ମାଡ଼ିଗଲା । ବାଘ ସେତବେଳକୁ ରକ୍ତମୁଖା । ସଙ୍ଗେ ସଙ୍ଗେ ତୃତୀୟ ଲୋକକୁ ଝୁଣି ମାରିଦେଲା । ଏମିତି ତିନିଜଣ ଲୋକ ମରିଯିବା ଦେଖି ଅନ୍ୟ ତିନିଜଣ ଚିତ୍କାର କରି ଗଛ ଉପରେ ଚଢ଼ିଗଲେ । ବାଘ ଆଉ କାହାକୁ ମାରିନି, ଅନ୍ୟମାନେ ମଧ୍ୟ ବାଘକୁ ଅନୁସରଣ କରିନାହାନ୍ତି । ବାଘ ଶେଷ ଲୋକର ଶବ ଧରି ଦୁଇ ଖେପାରେ ଜଙ୍ଗଲ ଭିତରକୁ ଚାଲିଗଲା । ଅନ୍ୟ ତିନିଜଣ ସେମିତି ଗଛ ଉପରେ ଚଢ଼ି ହତାଶ ହୋଇ ଅନାଇଥାନ୍ତି । ଆଉ ବାଘ ଜଙ୍ଗଲ ଭିତରେ ଲୁଚିଯାଇଥାଏ । ଅନେକ ସମୟ ବିତିିଗଲା । ସେମାନେ ତଳକୁ ଓହ୍ଲାଇଲେ । ମରିପଡ଼ିଥିବା ଦୁଇ ସାଥୀଙ୍କୁ ଧରି ଡଙ୍ଗାକୁ ଫେରିଆସିଲେ । ତୃତୀୟ ସାଥୀଙ୍କୁ ଖୋଜିକି ଲାଭ ମଧ୍ୟ ନାହିଁ । ବାଘ ଏ ମଧ୍ୟରେ ତା'ର ଶବର ଅଧା ଖାଇସାରିବଣି ।

ସୂର୍ଯ୍ୟ ଉପରୁ ତଳକୁ ଓହ୍ଲାଇ ଆସିଲାଣି । କମଳା ରଙ୍ଗର ସୂର୍ଯ୍ୟ । ପାଣି ଆଉ କାଦୁଅଏମିତିଆ ରଙ୍ଗର ସୂର୍ଯ୍ୟ ଆଲୋକରେ ଯେମିତି ତରଳ ସୁନାରେ ବଦଳିଯାଇଥିଲା । ସେ ଭିତରେ ଡଙ୍ଗାମାନ ଭାସୁଥିଲା । ସେଗୁଡ଼ା ଯେମିତି ଲାଗୁଥିଲା ତରଳ ସୁନାରେ ପହଁରୁଛନ୍ତି । ଜୀବନ ଏକ ସୁନା ନଦୀରେ ବୋହି ଯାଉଛି । ମଣ୍ଡଳ ଆଖି ବନ୍ଦ କରିଦେଲେ । ତାଙ୍କର ଛାତି ଭିତରୁ ଏକ ଦୀର୍ଘଶ୍ୱାସ ବାହାରି ଆସିଲା । ସେହି ତିନି ସାଥୀ ତାଙ୍କ ଆଗରେ ମରିଯାଇଥିଲେ । ବାଘ କେଇ ମିନିଟ୍ ମଧ୍ୟରେ ସମସ୍ତଙ୍କୁ ମାରିଦେଇଥିଲା । ଆଜି ବି ସେମାନଙ୍କର ଆର୍ତ୍ତ ଚିତ୍କାର ତାଙ୍କର କାନ ପାଖରେ ଗୁଞ୍ଜରି ଉଠୁଛି । ସେ ଆଖି ବନ୍ଦ କରି ଲମ୍ବା ଶ୍ୱାସ ନେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ସେମାନଙ୍କର ଆତ୍ମା ମୁକ୍ତି ପାଇନି । ସେମାନେ ଏମିତି ଅତୃପ୍ତ । ସେ ଆତ୍ମା ସଂସାର ଭିତରକୁ ଆସିବାକୁ ଚେଷ୍ଟା କରୁଛନ୍ତି । ନିଜର ଉପସ୍ଥିତି ଜାହିର କରୁଛନ୍ତି । ତେବେତ ଆଲେୟା ଆମେ ଦେଖୁଛୁ ।" – ମଣ୍ଡଳ କହୁଥିଲେ ।

ପାଓଲି କିଛି କହିପାରିଲେନି । ଆଗକୁ କହିବାପାଇଁ କିଛି ନଥିଲା ।

ସେ ଫେରିଆସି ଆଉ ଅନ୍ୟଲୋକମାନଙ୍କୁ ଖୋଜିଲେ । ବାଘ ଆକ୍ରମଣର କାହାଣୀମାନ ତାଙ୍କ ମନକୁ ଆଚ୍ଛନ୍ନ କରି ରଖିଥିଲା । ସେ ଆଲେୟା ସହ ଏମିତି କାହାଣୀର କିଛି ସମ୍ପର୍କ ରହିପାରେ ତାହା ଖୋଜିବାକୁ ଚେଷ୍ଟା କରୁଥିଲେ । ଏକ ରିସର୍ଚ୍ଚର ଗୋଟିଏ ଉଦାହରଣରେ ନିଜର ସିଦ୍ଧାନ୍ତରେ ଉପନୀତ ହୋଇନପାରେ । ଅନେକ ଉଦାହାରଣ ଦରକାର । ଦେବଶ୍ରୀଙ୍କୁ କିଛି କହିବାକୁ ହେଲେ ଅନେକ ଉଦାହରଣ, ଅନେକ ତଥ୍ୟ ଦେବାକୁ ହେବ । ନହେଲେ ସେମିତି ଦେବଶ୍ରୀ କଥାଟା ବାଏଁ ବାଏଁକରି ଉଡାଇଦେବେ । ସେଇଟା ତାଙ୍କୁ ମୋଟେ ଭଲ ଲାଗିବ ନାହିଁ ।

"ଅଲେୟା ହେଉଛି ଅତୃପ୍ତ ଆତ୍ମାର ପ୍ରକାଶ । ନିଶ୍ଚିତ ଭାବରେ କେଉଁଠି କିଛି ସମ୍ପର୍କ ଅଛି ।"- ପାଓଲି ମନକୁ ମନ କହିଲେ ।

"ସମସ୍ତେ ଅଘଟଣରେ ମରିଛନ୍ତି । ଏଣୁ ଏମିତିଆ ଅଘଟଣରେ ମରିଥିବା ଲୋକମାନଙ୍କ ବିଷୟରେ ଜାଣିବା ଦରକାର । ସେମାନଙ୍କର ମରିବା ଆଉ ସ୍ଥାନ ବିଷୟରେ ଜାଣିବା ଆବଶ୍ୟକ ।"- ପାଓଲି ସପନବାବୁଙ୍କୁ ବୁଝାଉଥିଲେ । ସପନବାବୁ ଅନେକ ଲୋକଙ୍କ କଥା ମନେ ପକାଉଥିଲେ ।

"ସେ କିନ୍ତୁ ବଞ୍ଚିଗଲେ ।"– ସପନବାବୁ କହୁଥିଲେ । ସପନବାବୁ ଗୌରହରିଙ୍କ କଥା ଆଗରୁ ଶୁଣିଥିଲେ । ବାଘ ଆକ୍ରମଣରୁ ବଞ୍ଚିଯିବା ଲୋକଙ୍କ ସଂଖ୍ୟା ହାତଗଣତି । ସେଥିରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏକ ଉଦାହରଣ ହେଉଛନ୍ତି ଗୌରହରି । ସେ ବୁଢାଙ୍କୁ ଦେଖାକରି ନଥିଲେ । ଆଜି ପାଓଲିଙ୍କ ତାଙ୍କୁ ଦେଖାକରିବାକୁ ଚାହିଁଲେ । ପାଓଲିଙ୍କ ଇଚ୍ଛାଶକ୍ତି ବହୁତ । ଯାହାକୁ ଧରିଥିବେ ତା'କୁ ଶେଷ ନ କଲାପର୍ଯ୍ୟନ୍ତ ଚୁପଚାପ ବସିପାରିବେ ନାହିଁ ।

"ବଞ୍ଚିବାଟା କେମିତି ଅସମ୍ଭବ ଲାଗୁଛି ?"- ପାଓଲି କହିଲେ ।

ସପନବାବୁ କିଛି କହିଲେନି । ଆଉ କେଇଜଣଙ୍କୁ ଦେଖା କରିବାର ଥିଲା । ଅନେକ ଠିକଣା ପାଓଲି ସଂଗ୍ରହ କରି ନେଇଥିଲେ ।

ସେମାନେ ଗୌରହରିଙ୍କୁ ତାଙ୍କ ଘରେ ଦେଖାକଲେ । ସେ ବୁଢ଼ା ଲୋକଟି ଏକ ପ୍ଲାଷ୍ଟିକ୍ ଚେୟାର୍‌ରେ ବସିଥିଲେ । ଅତି ସାଧାରଣ ଚାଳ ଛପର ଘର । ଅନ୍ୟମାନଙ୍କ ଘର ଭଳି ତାଙ୍କ ଘର ମଧ୍ୟ ବାଉଁଶ କାଠର ଛାଞ୍ଚରେ ତିଆରି ହୋଇଛି । ତା' ଉପରେ ମାଟିକୁ ମୋଟାକରି ଲିପିଦିଆଯାଇଛି । ଏମିତି ଘରଗୁଡ଼ା ସୁନ୍ଦରବନ ଅଞ୍ଚଳରେ ସବୁଆଡେ ମିଳେ । ଘର ଉପରେ ପ୍ରାୟ ଚାଳଛପର ହୋଇଛି । ତାଙ୍କ ଘରର ଠିକ୍ ପଛପଟେ କିଛି ଚାଷ ଜମି ଥିଲା । ସେ ଜମିଗୁଡ଼ିକ ପାଣିରେ ବୁଡ଼ିଯାଇଥିଲା । ଘର ପାଖଦେଇ ଏକ ପତଳା ରାସ୍ତା ନଈ କୂଳରୁ ଗାଁ ଆଡ଼କୁ ଆସିଛି । ସେ ରାସ୍ତାରେ ଇଟା ସବୁ ପାରିଦିଆଯାଇଛି । ବର୍ଷା ଦିନେ ସହଜରେ ସେମିତି ରାସ୍ତରେ ଯାଇହେବ । ଅନ୍ୟଥା ଏ ରାସ୍ତା ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ କାଦୁଆ ହୋଇଯାଏ । ଚାଲିବା କଷ୍ଟ ।

"ମନେ ପଡିଲେ ବଡ଼ କଷ୍ଟଲାଗେ ମା' ।" – ବୁଢା କହୁଥିଲେ ।

"ସବୁଗୁଡାକ ଅଘଟଣ । ହଠାତ୍ ଘଟିଯାଏ । କେହି ସେମିତି ହେବବୋଲି ଭାବିବି ନଥାନ୍ତି ।"– ସେ ଉରା ଆକାଶକୁ ଅନାଇଲେ । ଆକାଶଟା କାଳିଚିଆ, ମନକୁ ଭାରି କରିଦେଇଛି । ଏଇ ଯେମିତି ବର୍ଷା ହୋଇଯିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଆମେ ଜଙ୍ଗଲକୁ ବହୁତ କିଛି ସଂଗ୍ରହ କରିବାକୁ ଯାଉ । ଯିବାକୁ ତ ପଡ଼େ । ବାଘ ଆକ୍ରମଣ ସବୁ ଦିନ ଲାଗିରହିଛି । ପେଟର ଭୋକ, ନିଅଣ୍ଟିଆ ସଂସାର ।

ବାଘକୁ ଡରି ଘରେ ଛପି ରହି ହେବନି । ଏକ ଦିନ ଆମେ ଜଙ୍ଗଲକୁ କିଛି କାଠ ଆଣିବାକୁ ଯାଇଥିଲୁ । ମୁଁ ଆଗରେ ଥିଲି । ସେହି ସମୟରେ ବାଘ ମୋ ଉପରେ କୁଦିପଡ଼ିଲା । କିଛି ଜାଣିବା ଆଗରୁ ଏକ ମୋଟା ମୁହଁ ମୋର କାନ୍ଧ ଉପରକୁ ଜୋର୍ରେ କାମୁଡ଼ି ଧରିଥାଏ । ମୋର ଏ ଅବସ୍ଥା ଦେଖି ମୋର ସାଥିମାନେ ଜୋର୍ରେ ପାଟିକରି ବାଘ ଆଡ଼କୁ ମାଡ଼ିଆସିଲେ ।

କ୍ରମଶଃ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇ ଅନ୍ଧାର ରାତିରେ

ଭାଗ -୩

ଏହା ଏକ ଧାରାବାହିକ କାହାଣୀ, କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ପୂର୍ବଭାଗ ପଢ଼ିବାକୁ ଅନୁରୋଧ..

ଟର୍କିଶରେ ମୁହଁ ପୋଛିଲା ପରେ ମୋର ମୁଣ୍ଡଟା ବୁଲେଇଲା ପରି ଲାଗୁଥିଲା । ସେଇ ମଧ୍ୟ ବୟସ୍କ ମହିଳା ଜଣଙ୍କ ମୁଣ୍ଡ ଉପରେ ମୁହଁ ରଖି ମୁଁ ଆଉଜି ପଡ଼ିଥିଲି । ଆଉ ତାପରେ ମୋତେ କିଛି ଜଣା ନାହିଁ । ହୋସ ଆସିଲା ପରେ ଦେଖିଲି କେଉଁ ଗୋଟେ ଅଜଣା ଘରେ ମୁଁ ଏକ ବିଛଣାରେ ଶୋଇଛି ।

ମୋ ପିନ୍ଧା ଲୁଗା ସବୁ ଅସଜ୍ଜିତ ଅବସ୍ଥାରେ, ଅନ୍ତବସ୍ତ୍ର ସବୁ ଖୋଲା ପଡ଼ିଥାଏ । ଓଠରୁ ବକ୍ଷ ଏବଂ ଆଂଠୁ ଯାଏଁ କ୍ଷତ ଆଉ ଯନ୍ତ୍ରଣା । କୁଆଁରୀ ଜୀବନରେ ଏମିତି ଏକ ଯନ୍ତ୍ରଣା ଦାୟକ ଅନୁଭବ ସ୍ୱପ୍ନରେ ବି କେବେ କଳ୍ପନା କରିନଥିଲି । ଅସହାୟ ଭାବେ ନାରୀ ଜୀବନର ଅସମର୍ପିତ କୁଆଁରୀତ୍ୱ କୁ ଆକଳନ କରିବାକୁ ଚେଷ୍ଟା କରୁଥିଲି ।



ବିଜୟ କୁମାର ପଣ୍ଡା

ବୋଧେ ରାତି ଅନେକ ହେଇଯାଇଥିଲା । ଝରକାଆଡୁ ବାହାରକୁ ଦେଖି ନିଜ ଅସ୍ତିତ୍ୱର ଅନୁମାନ କରିବାକୁ ଚେଷ୍ଟା କରୁଥିଲି । ସହରରୁ କୋଳାହଳର ବହୁଦୂରରେ ଥିଲା ପରି ଅନୁମାନ ହେଉଥିଲା । ନିଘୋଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ଧକାର ନିଶା ଗର୍ଜନ , ପବନର ସଇଁ ସଇଁ ଶବ୍ଦ, ଚିଙ୍ଗାରି ର ଚିଂ ଚିଂ ଶବ୍ଦ ମୋ ଚେତନାକୁ ଦୋହଲାଇଦେଉଥିଲା । ଦେହରେ ଶିହରଣ ଖେଳିଯାଉଥିଲା ।

ମୁଁ ବାହାର ଆଡୁ ମୁହଁ ଫେରାଇ ମୁଁ ଏବେ ଘର ଭିତରଟାକୁ ନିରେଖି ଅନୁଧ୍ୟାନ କରିବାକୁ ଚେଷ୍ଟିତ । ଘର ଭିତରେ ଆଲୁଅର କୌଣସି ସମ୍ଭାବନା ନଥିଲା । ମୋ ବ୍ୟତୀତ ଅନ୍ୟକୌଣସି ଲୋକର ଉପସ୍ଥିତି ଜାଣିବାକୁ ମୁଁ ପ୍ରୟାସ କରି ବିଫଳ ହେଉଥିଲି । ଦେହର ଯନ୍ତ୍ରଣା ସାଙ୍ଗକୁ ପେଟର ଭୋକ.. ନିଦ ହେବାକୁ ଦେଉନଥାଏ । ଶୋଷ ମେଣ୍ଟାଇବାକୁ ପାଣିଟୋପେ ର ଆଶାବି ମରିଯାଉଥିଲା ।

କିଛି ଘଣ୍ଟା ପରେ ହଠାତ କାହାର ପାଦଶବ୍ଦ ଶୁଣି ମୋ ମନରେ ଆହୁରି ଭୟ ସଂଚରିତ ହେଲା । ସେ ପାଦ ସବୁ ମୋ ଆଡ଼କୁ ଅଗ୍ରସର ହେଲା ଭଳି ଲାଗୁଥିଲା ।

ଧିରେ ଧିରେ କବାଟଟା କେଂ କରି ଖୋଲିଲା ବେଳକୁ ମୋ ହୃତସ୍ପନ୍ଦନ ଅତିତୀବ୍ର ଗତିରେ ବଢିଚାଲିଥାଏ । ମନରେ ଟିକେ ଦମ୍ଭ ଛଡ଼ା ମୋ ପାଖେ ଆଉ କିଛି ନଥିଲା ଆତ୍ମରକ୍ଷା କରିବାକୁ । ଫୁସ ଫାସ ଶବ୍ଦରୁ ଜଣାପଡୁଥିଲା ସେମାନେ ଦୁଇଜଣ ଥିଲେ ।

ଜଣେ ଆଉଜଣକୁ କହିଲା "ମୋ ମୁହଁଟା କଣ ଦେଖୁଛୁ !! ବୋତଲଟା ଧରିଛୁ ତ ! ଲାଇଟ ଟା ପକା ଆଉ ଶୀଘ୍ର ଠିପି ଖୋଲେ । ଜଲ୍ଦି ଜଲ୍ଦି କାମ ସାରିକି ୟାର ସାଙ୍ଗ ଲିପୁନକୁ ଜଣେଇବାକୁ ପଡ଼ିବ ।"

ତାପରେ ସେମାନେ ମୋ ଦେହ ସହ ଖେଳିଥିଲେ । ମୋତେ ଏତେ ଯନ୍ତ୍ରଣା ଦେଇଥିଲେ ଯେ ମୁଁ ବଂଚିବା ମରିବା ସମାନ ଥିଲା । କିଛି ସମୟ ମଧ୍ୟରେ ସାଥିରେ ଆଣିଥିବା ପେଟ୍ରୋଲ ମୋ ଉପରେ ଢ଼ାଳିଦେଇ ମୋ ଦେହରେ ନିଆଁ ଲଗେଇ ଦେଇଥିଲେ ।

ଆଖିରୁ ଧାର ଧାର ଲୁହ ଦୁଇ ଜଣଙ୍କର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ଛଡ଼େଇ ନେଇ ବୁବୁ ପଚାରିଲା..

"ଲିପୁନ .. ! ! ତମେ କେଉଁ ଲିପୁନ କୁ ଜାଣିଛ କି ?"

:" ଆମ କ୍ଲାସର ଲିପୁନ,ସେ ଯେଉଁ ନେତାଙ୍କର ପୁଅ ।"

ତମେ ଗାଁ କୁ ଯାଇଥିବା ବେଳେ କଣ ଗୋଟେ ବାହାନା କରି ମୋ ପଛେ ପଛେ ସବୁବେଳେ ଘୁରି ବୁଲୁଥିଲା । ଖରାପ ଇଙ୍ଗିତ କରି ତା ସାଙ୍ଗ ମାନଙ୍କ ସହ ମୋ ମଜାକ ଉଡାଉଥିଲା ।

ଲଗାତାର ଏମିତି ତାର ଉପଦ୍ରବ ବଢିଚାଲିଲା । ସେଦିନ ସକାଳେ ହିଁ ମୁଁ ଡିନ କୁ ଯାଇ ତା ନାଁ ରେ କମ୍ପ୍ଲେନ ଦେଇଦେଲି । ଡିନ ତାକୁ ଡାକି ମୋତେ ଭୁଲ ମାଗିବାକୁ କହିଲେ । ମୁଁ କ୍ଲାସକୁ ପଳେଇଥିଲି । ଆଉ ସେ କଲେଜରୁ କୁଆଡ଼େ ବାହାରକୁ ଚାଲିଗଲା ତା ସାଙ୍ଗ ମାନଙ୍କ ସହ ।

(କ୍ରମଶଃ... ଚତୁର୍ଥ ଭାଗରେ)

ସମ୍ପାଦକ, କନକପ୍ରଭା

ସବଙ୍ଗ୍, ସିମୁଳିଆ, ବାଲେଶ୍ୱର

ଭ୍ରାମ୍ୟଭାଷ : ୯୭୩୯୫୯୮୯୧୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଇଁ ତ ଗରିବ ଛାତ୍ର

ଭାଗ-୨

ସମ୍ପୂର୍ଣ୍ଣ ରାତି ଉଜାଗର ରହିଲା ଭଳି ତପନ ନିଜର କପଡା ଦେଖୁଥାଏ । ଜାମା ଖଣ୍ଡକୁ ଟାଣି ସରେଇ ଦେଉଥାଏ ହେଲେ ତାହା ପୁଣି ମୋଡି ଯାଉଥାଏ । ଶେଷରେ ଘରେ ଥିବା ଏକ କଂସା ଥାଳି ନେଇ ନିଜର ହାଣ୍ଡିଶାଳ ରୋଷେଇ ଚୁଲି ପାଖକୁ ଗଲା । ସେଇଠାରେ ଚୁଲିରେ ଥିବା ଜଳନ୍ତା ନିଆଁରେ ଥାଳିଟିକୁ ଗରମ କରି ଇସ୍ତ୍ରୀ କଲା ଭଳି ଜାମା ଉପରେ ରଖି ଘଷିଦେଲା । ଏବେ ତ ଟିକେ ଜମାଟିର ମୋଡ଼ ସିଧା ହେଉଛି । ହଁ ଏମିତି ଥରେ ଦୁଇଥର ଘରର ବାସନ ଥାଳିରେ ଜାମାକୁ ଇସ୍ତ୍ରୀ ଦେଉ ଦେଉ ଜାମାଟିର ଗୋଟେ ପାଖରୁ ଟିକେ ତରଳିଗଲା । ଭାରିବିରକ୍ତ ଲାଗିଲାଣି ତାକୁ । ଯାହା ହେଉ ଟିକେ ତରଳିଗଲା ! କିନ୍ତୁ ଚଳିବ, ହେଲେ ମୋଡି ଯାଇ ଅସୁନ୍ଦର ଦେଖା ଯାଉଥିଲା । ଏମିତି ନିଜକୁ ସଜେଇବାର ଚେଷ୍ଟା କରି ଶେଷରେ ଭୀଷଣ ନିଦ୍ରା ଆସିବାରୁ ଯାଇ ଶୋଇପଡ଼ିଲା ।



ମହେଶ୍ୱର ସାହୁ

ରାତି ପାହି ସକାଳ ହେଲା । ତପନ ଯିବ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବାକୁ । ତା ସାଙ୍ଗ ମହେଶ ଓ ରାଜେଶ ବହୁତ ବଡ଼ ବଡ଼ିଆ ପିଲା । କେତେ ନୂଆ ନୂଆ କପଡା ପିନ୍ଧିଥିବେ । ତପନ ରାସ୍ତାରେ ଦୌଡ଼ ମାରୁଥାଏ ଓ କେତେ କଥା ଭାବୁଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି ଯୋଗକୁ ତପନ ଘରକୁ ଫେରି ଦେଖେତ ବଡ଼ି ଭୋଅରୁ ଠିକାଦାର ଆସି ତାଙ୍କ ଘରେ ହାଜର । ତପନ ଠିକାଦାର ଜଣକ ତାଙ୍କ ଘରକୁ ଆସିଛନ୍ତି ଦେଖି ଗୋଟଏ ଲମ୍ବ ମୁଣ୍ଡିଆ ମାରିଲା । ଠିକାଦାର ହାତରେ ଧରିଥିବା ଗୋଟେ ପଛ ଓଳା ବ୍ୟାଗ ତପନ ହାତକୁ ବଢ଼େଇ ଦେଲେ । କହିଲେ ମାଆ ପୁଅଙ୍କର ଦୁଇଦିନର ମଜୁରୀ ମଧ୍ୟ ସେଇ ବ୍ୟାଗ ଭିତରେ ଅଛି । "ହଉ ମୋର ବହୁତ କାମ ଅଛି ମାଉସୀ ! ପୁଅ କଥା କାଲି ମନେ ପଡ଼ିଗଲା । ମୋ ମନ ବୁଝିଲା ନାହିଁ କାରଣ ତାର ଆଜି ପରୀକ୍ଷା ଅଛି । ତେଣୁ ସେଦିନ କେଇଟା ପଇସା ପାଇଁ ସେ ମୋ ଗୋଡ଼ ଧରିବାକୁ ବି ପଛାଇ ନଥିଲା । ମୁଁ ରାତି ସାରା ଶୋଇପାରିନି କେମିତି ତପନକୁ ତା ମଜୁରୀ ଧରେଇବି । ଆଜିକାଲି ଯଦି ଅଧିକ ରୋଜଗାରିଆ ଲୋକମାନେ ନିଃସହାୟ ଲୋକମାନଙ୍କୁ ସମୁଦ୍ରରୁ ଶଙ୍ଖେ ଦାନ କରନ୍ତେ ନା ତେବେ ଏହି ଦୁନିଆର ଗରିବ ରୁହନ୍ତେ ନାହିଁ ! ମୋର ବିଳମ୍ବ ପାଇଁ ମୁଁ ହାତଯୋଡି କ୍ଷମା ମାଗୁଛି ମାଉସୀ ।" ଏତକ କହି ଠିକାଦାର ସେଠାରୁ ବିଦାୟ ନେଲେ ।

ଠିକାଦାର ଗଲା ପରେ ତପନ ଅତ୍ୟନ୍ତ ଖୁସି ହୋଇଯାଇଥିଲା । କେତେ ସୁନ୍ଦର ବ୍ୟାଗ ହୋଇଛି ଯେ ! ଏଥିରେ ମଜୁରୀ ବି ରହିଛି ଓ ଆଉ କଣ ରହିଛି ଦେଖିବି । ପୁଣି ଭାବିଲା ସକାଳ ନିତ୍ୟକର୍ମ ସାରି ମାଆପୁଅ ଖୋଲିକରି ଦେଖିବୁ କଣ ଅଛି ଏତେ ସୁନ୍ଦର ବ୍ୟାଗ ଭିତରେ । ସମସ୍ତ କାମ ଗୁଡାକୁ ଯେମିତି ଉଡେଇଲା ଭଳି କରି ପକାଉଥାଏ । ଦାନ୍ତ ଘସା ସରିଲା ପରେ ମାଆଙ୍କୁ ଡାକି କହିଲା ଜଲ୍‌ଦି ଆ, ବ୍ୟାଗଟା ଖୋଲିବ ପରା । ମାଆ ପୁଅ ବ୍ୟାଗ ଖୋଲିବାକୁ ବସିଗଲେ । ୟେ କଣ ପ୍ରଥମେ ବ୍ୟାଗରୁ ପାଉରୋଟି ସହିତ କଦଳୀ ବାହାରିଲା । "ମୁଁ ଖାଇବି, ମୁଁ ଖାଇବି", କହି ପାଉଁରୁଟିକୁ ଧରି ଟିକେ ନାଚି ଆସିଲା ତପନ । ପୁଣି ଦେଖିଲା ସାବୁନ, ସାମ୍ପୁ, ତେଲ ଓ କୋଲଗେଟ ସହିତ ଦାନ୍ତ ଘସା ବ୍ରସ୍ । ଏବେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତପନର ଖୁସି କହିଲେ ନ ସରେ । ଦୁଇ ତିନି ଥର ସୁଗନ୍ଧ ଭରା ସାବୁନ ଦୁଇଟିକୁ ଶୁଙ୍ଘିବାରେ ଲାଗିଲା ଓ ବାଃ ବାଃ କହି ଦେଉଥାଏ । ପୁଣି କହୁଥାଏ କି ବାସ୍ନା । ବ୍ରସଟିକୁ କାଢି ଟିକେ କୋଲଗେଟ ଲଗେଇ ଦେଲା, କେମିତି ଦାନ୍ତ ବ୍ରସରେ ଘଷା ଯାଏ ଜାଣିବାକୁ । ହେଲେ ସେ ତ ଆଜି ଦାନ୍ତ ଘଷି ସାରିଛି, ଖାଲିଟାରେ ନଷ୍ଟ ହେବ । ତେଣୁ ନଷ୍ଟ ନକରି ପୁଣିଥରେ ଦାନ୍ତ ଘଷିଦେବ ଭାବିଲା । କହୁଥାଏ ମୁଁ ବି ବଡ଼ଲୋକିଆଙ୍କ ଭଳି ଦାନ୍ତ ଘଷିବି । କାରଣ ମାଆ ତା ପାଇଁ କରଞ୍ଜ ଦାନ୍ତ କାଠି ସହିତ ଗୋବର ଘସିର ପାଉଁଶ ରଖିଥାନ୍ତି । ସେଇଥିରେ ସେ ଦାନ୍ତ ଘଷେ । ହେଲେ ଆଜି ଠାରୁ ତାକୁ ଦାମୀକିଆ ଓ ବଡ ଲୋକିଆଙ୍କ ଜିନିଷ ମିଳିଛି । ହଉ ଦେଖେ ଆଉ କଣ ଅଛି ବ୍ୟାଗରେ, ଏଁ ଭଗବାନ ! ନୂଆ କପଡା ! ବିଦ୍ୟାଳୟର ଦୈନିକ ପିନ୍ଧିବା ପାଇଁ ଜାମା ସହିତ ପ୍ୟାଣ୍ଟ ପୁଣି ତା ସହିତ ସ୍ପୋର୍ଟସ ଲେଖା ଯାଇଥିବା ପୁରା ପ୍ୟାଣ୍ଟ ସହିତ ଗଞ୍ଜି । ବାପ୍ ରେ କଣ ଦୁଇ ଦିନ କାମରେ ଏତିକି ମଜୁରୀ । ପରିଶ୍ରମର ମୁଲ୍ୟ କଣ ଏତେ ଅଧିକା । ରାଜେଶ ଓ ମହେଶର ବାପା ବହୁତ ପରିଶ୍ରମ କରନ୍ତି । ସେଇଥିପାଇଁ ସେମାନେ ବଡ଼ଲୋକିଆ ହେଇଛନ୍ତି । ଏବେ ଜାଣିଲି ଦୁନିଆର ଯେତେଜଣ ବଡ଼ଲୋକିଆ ଅଛନ୍ତି, ସମସ୍ତେ ଜଣେ ଜଣେ ପରିଶ୍ରମୀ । ଏବେ ଜାମା ପ୍ୟାଣ୍ଟ କାଢି ସାରିବା ପରେ ଟଙ୍କା ବିଡା ଗୋଟେ କାଗଜରେ ଗୋଡା ଯାଇଥିବାର ଦେଖିଲା । ତପନ କାଗଜ ଖୋଲିଲା ଓ ଦେଖିଲା କାଗଜରେ ଲେଖା ହୋଇଛି “ପରିଶ୍ରମ ଓ ସାଧନା ସବୁକିଛି ଦେଇଥାଏ । ତୁ ମୋ ହୃଦୟ ଜିତିନେଲୁ କାରଣ ମୁଁ ଗୁରୁତ୍ୱ ନ ଦେଇ ବାହାରକୁ ଚାଲି ଯାଇଥିଲି । ଯାହାକି ଆଜି ନ ପହଞ୍ଚିଥିଲେ ତପନର ଅବସ୍ଥା କଣ ହେଇଥାନ୍ତା କହିଲୁ । ତେଣୁ ମୋତେ ନିଜ ଭାଇ ଭଳି ଭାବି ଆଗକୁ ବଢିବୁ ବୋଲି ମୋର ଆଶା ।”

ଲେଖା ପଢି ସାରି ଟଙ୍କା ଗଣି ଦେଖିଲା ରହିଛି ଏକ ହଜାର ଟଙ୍କା । ଯାହାକି ତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନରେ କେବେ ଦେଖି ନ ଥିଲା । ତାକୁ ଭାରି ଭୟ ଲାଗିଲା । ଭୟରେ ଥରି ଥରି ହାତରୁ ପଇସା ଖସେଇ ପକେଇଲା । ଆଉ କହିଲା ମାଆ ସେ କାହିଁକି ଏତେ ଟଙ୍କା ଦେଇଛନ୍ତି । ମାଆ କହିଲେ ସେ ପରା ମୋତେ କହିଗଲେ ମୁଁ ଯାହା ଦେଲି ସବୁ ତପନର ଭବିଷ୍ୟତ ପାଇଁ ଦେଇଛି । ତୋର ତ ଦଶମ ଶ୍ରେଣୀ ହେଲାଣି ତୁ ଏଇ ପଇସାରେ ଗୋଟେ ଦୋକାନ କରିଦେଲେ କଣ ସମ୍ଭାଳି ପାରିବୁ ନାହିଁ । ଦୋକାନରେ ବସିବୁ ତା ସହିତ ପାଠ ପଢ଼ିବୁ । ହଉ ଛାଡେ ସେ କଥା ତୁ ଏବେ ଯିବା ପାଇଁ ପ୍ରସ୍ତୁତ ହଅ ।

ତପନ ଠାକୁରଙ୍କୁ ବହୁତ ଡାକିଲା ହେ ପ୍ରଭୁ ତମେ ଦୁନିଆରେ କାହିଁକି ଠିକାଦାର ଭଳି ବଡ଼ଲୋକିଆ ବନେଇଲ ନାହିଁ । ଯିଏ ଅନ୍ୟର ଦୁଃଖ ବୁଝିପାରେ । ଯିଏ ଅନ୍ୟକୁ ଜୀବିକା ଦେବା ସହ ଜୀବନ ଦେଉଛନ୍ତି । ତାଙ୍କ ପରି ମଣିଷ କଣ ଯେ ଦୁନିଆରେ କେହି ଅଛନ୍ତି । ଏମିତି ବହୁତ ପ୍ରାଥନା କଲା ଠିକାଦାରଙ୍କ ମଙ୍ଗଳ କାମନା କରି ।

ଭଲ ଭାବେ ସାବୁନ ତେଲ ଲଗେଇ ଗାଧୋଇଲା ତପନ । ତା ଦେହରେ ଶତଶହସ୍ର ସିଂହର ବଳ ଜାତ ହେଲା ଭଳି ଲାଗିଲା । ଯେମିତି ଆଜିର ପ୍ରତିଯୋଗିତାରେ ସମସ୍ତ ଖେଳରେ ଉତ୍ତୀର୍ଣ୍ଣ ହେଇ ବିଜୟର ଟୀକା ପିନ୍ଧିକରି ଆସିବ । ସମସ୍ତ ନିତ୍ୟକର୍ମ ସରିବା ପରେ ମାଆଙ୍କୁ ସାଷ୍ଟାଙ୍ଗ ପ୍ରଣାମ ଜଣେଇ, କହିଲା "ମାଆ ଆଶୀର୍ବାଦ କର ! ଯେମିତି ମୁଁ ସକ୍ଷମ ହୁଏ" କହି ବିଦ୍ୟାଳୟକୁ ବାହାରିଲା । ହେଲେ ଯେ କଣ ? ଡାକ ଛାଡିଲା "ମାଆ... ମାଆ... ଦେଖିଲୁ" ।

(ଭାଗ : ୩ ରେ ଆଗାମୀ ଅଧ୍ୟାୟ ନିଶ୍ଚୟ ପଢ଼ିବେ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେବୀ

ରାତି ପାହିଲେ ସାବିତ୍ରୀ ବ୍ରତ । ଘରଣୀ ତା'ର ପ୍ରଥମ ସାବିତ୍ରୀ କରିବ ଏ ବର୍ଷ । ନିଦ ହେଉ ନଥିଲା ତାକୁ । ବାହାଘରର ପ୍ରଥମ ବର୍ଷ ଆଉ ପ୍ରଥମ ସାବିତ୍ରୀ । ହେଲେ ସ୍ତ୍ରୀଠୁ ଦୂରରେ ସେ । କରୋନା ପାଇଁ ସବୁ ଆଡେ ଲକଡାଉନ । ବାହାରକୁ ବାହାରିବା ରାସ୍ତା ବି ବନ୍ଦ । କଣ କରିହେବ ? ଚିନ୍ତାରେ ନିଦ ହେଉନଥିଲା ତାକୁ ।

ବାହାଘରର ତିନିମାସ ପରେ ଯାଇଥିଲା ଘରକୁ, ସେଠୁ ଆସିବା ବେଳେ କଥାଦେଇ ଆସିଥିଲା ସେ ସାବିତ୍ରୀକୁ ଆସିବ । କମ୍ପାନୀ ଚାକିରୀ । ଛୁଟି ବଞ୍ଚେଇ ବଞ୍ଚେଇ ରଖିଥିଲା ଘରକୁ ଯିବ ବୋଲି । ହେଲେ ଲକଡାଉନ ବେଳେ ଆସିପାରିଲାନି ଘରକୁ । ତେଇଶ ତାରିଖର ଶେଷ ଫ୍ଲାଇଟରେ ଟିକେଟ ବି କରିଥିଲା ହେଲେ ଫ୍ଲାଇଟ କ୍ୟାନସେଲ ହୋଇଗଲା । ତା ପରଠୁ ଆଉ ଘରୁ ବାହାରିବାର ସବୁରାସ୍ତା ବନ୍ଦ ହୋଇଗଲା । ଏଣେ ନା ଟ୍ରେନ ଚାଲୁଛି ନା ଫ୍ଲାଇଟ । ତେଣୁ ଯିବାର ସବୁ ରାସ୍ତା ବନ୍ଦ । ଭାବି ଭାବି ଆଖି ବନ୍ଦ ହୋଇ ଯାଇଥିଲା ପ୍ରକାଶର । ହେଲେ କିଛି ସମୟ ପରେ ପୁଣି ନିଦ ଭାଙ୍ଗିଗଲା ।



ସୁବଳ ମହାପାତ୍ର

ମୁମ୍ବାଇର ଏକ ବହୁ ରାଷ୍ଟ୍ରୀୟ କମ୍ପାନୀରେ ସିଷ୍ଟମ ଇଂଜିନିଅର ସେ । ପାଞ୍ଚ ଅଙ୍କର ଦରମା । ବୟସ ହେବାରୁ ଘରଲୋକ ଖୋଜି ଖୋଜି ବାହାଦେଲେ ଏକ ସୁନ୍ଦରୀ ଝିଅ ସହ । ଦେଖିବାକୁ ଯେମିତି ସୁନ୍ଦରୀ, ଗୁଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବି ସେମିତି । ପ୍ରଥମ ଦେଖାରେ ହିଁ ପାଗଳ ହୋଇ ଯାଇଥିଲା ସେ । ଏତେ ସୁନ୍ଦର ଝିଅଟିଏ ଭଗବାନ ତା ପାଇଁ ଖଞ୍ଜିଛନ୍ତି ବୋଲି ବିଶ୍ୱାସ ହେଉନଥିଲା ତାକୁ । ଫୋଟୋ ଦେଖି ଏକା ଥରେ ହଁ କରିଥିଲା । ପରେ ଝିଅ ଦେଖା ଓ ଫୋନରେ କଥାବାର୍ତ୍ତା । ଆସ୍ତେ ଆସ୍ତେ ପ୍ରେମ ହୋଇଯାଇଥିଲା ଭାବି ସ୍ତ୍ରୀ ସହ । ଗିଫ୍ଟ ଦିଆନିଆରୁ ଭିଡିଓ କଲ ଯାଏଁ ସବୁ ଚାଲିଥିଲା ସମସ୍ତଙ୍କ ଅଜ୍ଞାତ ରେ ।

ବାହାଘର ଦିନ ଆଖି ଉଠେଇ ଚାହିଁଲା ସେ । କନ୍ୟା ବେଶରେ ଦେବୀ ପରି ଲାଗୁଥିଲା ସସ୍ମିତା । ନାଲି ଶାଢ଼ୀ ସହ ବେଶଭୂଷା ତାକୁ ଅନନ୍ୟ କରି ଗଢି ତୋଳିଥିଲା । ଆଉ ଥରେ ପ୍ରେମରେ ପଡିଗଲା ସେ । ଆଉ ବାହାଘରର କୋଡ଼ିଏ ଦିନ କେମିତି କଟିଗଲା ଜଣା ପଡି ନଥିଲା ତାକୁ । ପରେ ପରେ ଫେରି ଆସିବାକୁ ହୋଇଥିଲା କର୍ମକ୍ଷେତ୍ରକୁ । ବହୁତ କଷ୍ଟରେ ତିନିମାସ ବିତେଇଥିଲା ଏକା ଏକା ।

ତିନିମାସ ପରେ କୌଣସି ଏକ ତିନିଦିନିଆ ଛୁଟି ସହ ଶନିବାର, ରବିବାରକୁ ମିଶେଇ ପାଞ୍ଚଦିନ ଛୁଟି ଥିଲା । ଆଉ ଦି ଦିନ ନେଇଗଲେ ଏକାବେଳେ ନଅ ଦିନ ଛୁଟି ମିଳିବ ବୋଲି, ଛୁଟି ନେଇ ପଳେଇ ଆସିଥିଲା ସେ ଘରକୁ । ସାଙ୍ଗସାଥି ମାନଙ୍କ ଟାହିଟାପରା, "ହଁ, ନୂଆ ବାହାଘର ଆଉ ମନ ରହୁଛି"କୁ ହସି ହସି ଲାଜେଇ ଯାଇ ଆଡେଇ ଦେଇଥିଲା । ଛୁଟି ସରିଲା ପରେ ପୁଣି ଫେରିଲା । ହେଲେ ମନ ନଥିଲା ଏକା ଫେରିବାକୁ । ସେଦିନୁ ଆସିଛି ଯେ ଆସିଛି । ସାବିତ୍ରୀକୁ ଘରକୁ ଗଲେ ଏଥର ସ୍ତ୍ରୀକୁ ମୁମ୍ବାଇ ଆଣି ଆସିବ ବୋଲି କଥା ଦେଇଥିଲା । ହେଲେ ମାର୍ଚ୍ଚ ପରଠୁ ଆରମ୍ଭ ହୋଇଗଲା କରୋନାର ତାଣ୍ଡବ । ମାର୍ଚ୍ଚ ତେଇଶ ତାରିଖରେ ଘୋଷଣା ହୋଇଗଲା ଚବିଶ ତାରିଖରୁ ଲକଡାଉନ । ତେଇଶ ତାରିଖ ସନ୍ଧ୍ୟାରେ ହିଁ ଶେଷ ଫ୍ଲାଇଟରେ ଟିକେଟ କରିଥିଲା ସେ ରେଗୁଲାରଠୁ ବହୁତ ଅଧିକ ଟଙ୍କା ଦେଇ । ହେଲେ ଫ୍ଲାଇଟ କ୍ୟାନସେଲ ହେଲା ପରେ ଆଉ ଚାରା ନଥିଲା କିଛି । ଆଜି, କାଲି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ପରଦିନ ହୋଇ ଦିନ ବିତି ଚାଲିଥିଲା ଆଉ ସେ ପଡି ରହିଥିଲା ସେଇ ଗୋଟିଏ ଘରେ ।

ୱାର୍କ ଫ୍ରମ ହୋମ, କମ୍ପାନୀର କାମ କରିବ କିନ୍ତୁ ଘରୁ । ଅଫିସ ବନ୍ଦ, ଦୋକାନ ବଜାର ବନ୍ଦ, ଶପିଙ୍ଗ ମଲ ବନ୍ଦ ସହ ସହରର ସବୁକିଛି ଅଟକି ଯାଇଥିଲା ସେଇଠି । ଘର ଭିତରୁ ବାଲକୋନି ଆଉ ବାଲକୋନିରୁ ଘର ଭିତର, ଏଇତ ଜୀବନ ଚାଲିଛି ଆଜି ଯାଏଁ । ବେଳେ ବେଳେ ସ୍ୱପ୍ନ ଦେଖେ ସେ । କାଶ, ଏ ସମୟ ରେ ସସ୍ମିତା ଥାଆନ୍ତା ପାଖରେ । କେତେ ରୋମାଣ୍ଟିକ କଥା ହୁଅନ୍ତେ ସେମାନେ । ପାଖରେ ପାଇ ନିଜ ପ୍ରେମିକ ପଣ କୁ ଆଉ ଟିକେ ଯତେଇ ଥାନ୍ତା ସେ । ହେଲେ, କାହିଁ ? ସ୍ୱପ୍ନ ମାନେ ଯଦି ସତ ହୋଇଯାଆନ୍ତେ ତେବେ ତା ନାଁ ଆଉ ସ୍ୱପ୍ନ ବୋଲି ରୁହନ୍ତା ?

ବାହା ହୋଇ ସାରିଲା ପରେ ବି ବ୍ୟାଚେଲର ଭଳି ରହିବା କି କଷ୍ଟ, ଏହା ଅଙ୍ଗେ ନିଭାଉଥିଲା ସେ । ସେଥିରେ ପୁଣି ନୂଆ ନୂଆ ବାହାଘର । ନୂଆ ବାହାଘର ର ଚାର୍ମ ଅଲଗା, ପୁରୁଣା ହେଲେ ସ୍ତ୍ରୀ ବି ଦେହସୁହା ହୋଇଯାଏ । ନୂଆ ନୂଆ କେତେ ଯେ ପ୍ରେମିକ ପଣ ବାହାରେ, ସେସବୁ ଭାଷା ରେ ବର୍ଣ୍ଣନା କରିବା ଅସମ୍ଭବ । ତେବେ ବାହାହୋଇ, ଅଲଗା ରହିବାର କଷ୍ଟ ବି ତତୋଧିକ ।

ଫୋନ ଆଉ ଭିଡିଓ କଲ କଣ ବିକଳ୍ପ ହୋଇପାରେ ଅତି ପାଖରେ ଥିବା ସ୍ତ୍ରୀ ସହ । ମୋଟେ ନୁହେଁ । ଏହା ତ ମନକୁ ବୁଝେଇବା ପାଇଁ ଏକ ବାହାନା ମାତ୍ର । ଦିନରେ ଥରେ, ଦୁଇଥର, ସକାଳେ ଅବା ସନ୍ଧ୍ୟା ରେ କଥା ହୋଇ ମନକୁ ବୁଝେଇ ଦିଏ ସେ । ରାତିରେ ବେଳେ ବେଳେ ଭିଡିଓ କଲ ବି କରେ । ହେଲେ ନୂଆ ବୋହୁ, ଘର ର କାମ ସାରି ଆସିଲା ପରେ ଥକି ଯାଇଥାଏ ସସ୍ମିତା, ତେଣୁ ମନ ଥିଲେ ବି ଅଧିକ ସମୟ କଥା ହୁଏନି ସେ । ବାପା ମା ଙ୍କୁ ଛାଡି ଆସିବାର ଦୁଃଖ, ଶାଶୁ ଘରେ ସମସ୍ତଙ୍କୁ ନିଜର କରିବାର ପ୍ରଚେଷ୍ଟା, ଛୋଟ ବଡ ସଭିଙ୍କ ମନ ଜିଣିବାର ଆକାଂକ୍ଷା ସହ ସ୍ୱାମୀଠୁ ଦୂରରେ ଥିବା ବିରହ ର ଦୁଃଖ ବଳି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପଡେ ।

ଝିଅଟିଏ ସ୍ତ୍ରୀ ହେଲା ପରେ ବଦଳି ଯାଏ ତା ଦୁନିଆଁ । କାଲି ସକାଳୁ ଅବୁଝା ହୋଇ ସବୁ କଥାରେ ଜିଦ୍ଦି କରୁଥିବା ଝିଅଟି ହଠାତ କେମିତି ବୁଝିଯାଏ ସବୁ । ଟିକେ କେଉଁଠି କଣ କମିଲେ ପାଟିକରି ଚିଲ୍ଲେଇ ଘର କମ୍ପାଉଥିବା ଝିଅଟି ହଠାତ କେମିତି ଅଳ୍ପ ରେ ସନ୍ତୁଷ୍ଟ ହେବା ଶିଖିଯାଏ । ସକାଳ ନଅଟା ରେ ଅଳସ ଭାଙ୍ଗି ଆହୁରି ଅଧଘଣ୍ଟା ଶୋଇ ପଡୁଥିବା ଝିଅ, ହଠାତ କେମିତି ରାତି ନ ପାହୁଣୁ ବଡି ଭୋର ରୁ ଉଠିବା ଶିଖିଯାଏ । ନିଜେ ପାଣି ଆଣି ପିଉ ନଥିବା ଓ ସବୁ କଥାରେ ମା, ମା ବୋଲି ଡାକୁଥିବା ଝିଅଟି କେଜାଣି କେମିତି ଛୋଟ, ବଡ, ସମସ୍ତଙ୍କର ବୋଲକରା ପାଲଟି ଯାଏ ।

ଶାଶୁ ଘରକୁ ଆସୁ ଆସୁ, ଏତେ ବଡ ଘରେ ସମସ୍ତଙ୍କର ମନ ନେଇ ଚାଲୁ ଚାଲୁ ସେ ଭୁଲି ଯାଇଥାଏ ତା ଇଛା, ଅନିଛା । ଏସବୁ କରୁ କରୁ ଆସ୍ତେ ଆସ୍ତେ ସେ ସ୍ତ୍ରୀ ରୁ ମା, ମା ରୁ ଶାଶୁ ପାଲଟି ଯାଏ । ହେଲେ କେହି କ'ଣ କେବେ ଭୁଲିପାରେ ତା ପ୍ରଥମ ସାବିତ୍ରୀ ରେ ସ୍ୱାମୀକୁ ମୁଣ୍ଡିଆ ମାରି ସ୍ୱାମୀ ହାତରୁ ପ୍ରସାଦ ଖାଇ ସ୍ୱାମୀ ସହ ବିତେଇଥିବା ଦିନ କୁ ?

ଘରକୁ ଯାଇ ପାରୁନଥିବା ଦୁଃଖ ରେ, କରୋନା ଉପରେ ରାଗି, ରାଗରେ ଖୁବ ଜୋର ରେ ହାତ ବାଡେଇଲା ପ୍ରକାଶ, ଶୋଇଥିବା ଖଟ ଉପରେ । ତା ବିନା କେମିତି କାଟିବ ପ୍ରଥମ ସାବିତ୍ରୀ ର ଦିନଟି ସସ୍ମିତା ? ସସ୍ମିତା କଥା ଭାବି ଦୁଃଖରେ ଜଡ ସଡ଼ ହୋଇଗଲା ସେ । ଆହୁରି ବି ନିଜର ପ୍ରଥମ ସତ୍ୟବାନ ହୋଇ ମୁଣ୍ଡିଆ ଖାଇବା ଅନୁଭବ କୁ ହରେଇ ଥିବାରୁ ଅତିଶୟ ଦୁଃଖ ମାଡି ପଡୁଥିଲା ତା ମନ ଭିତରେ । କେମିତି କାଟିଥାନ୍ତା ଆଜି ଦିନଟି ? ଆଖି ବନ୍ଦ କରି ଭାବିବାକୁ ଲାଗିଲା ସେ । ଦେହରେ ଶିହରଣ ଖେଳି ଯାଉଥିଲା ତା'ର । ଏ ସ୍ତ୍ରୀ ଲୋକ ଗୁଡ଼ା ବି ଭାରି ଅଜବ ! ! ପ୍ରତୀକ୍ଷା, ବିରହ ଯନ୍ତ୍ରଣା, ପ୍ରତାରଣା ସବୁ ସହିଯିବେ, ନିଜର ସବୁ କଷ୍ଟ, ସବୁ ଭାବନା କୁ ଜଳାଞ୍ଜଳି ଦେବେ କିନ୍ତୁ ସ୍ୱାମୀ ର ଦେହ ପା ପ୍ରତି ଭାରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସଚେତନ ସେମାନେ ।

ହାତ ଉପରେ ହାତ ଦେଇ ବସିଛି ସେ, ଏକଥା ବି ନୁହେଁ । ଗାଡି କରି ମୁମ୍ବେଇ ରୁ ଘରକୁ ଯିବାକୁ ବାହାରିଥିଲା ସେ । ହେଲେ ଘର ଲୋକଙ୍କ ତାଗିଦ, "ନା, ଏବେ ନୁହେଁ । କରୋନା ର ପ୍ରାଦୁର୍ଭାବ କମୁ, ତା'ପରେ ଆସିବୁ" । ଏଇ ଟିକକ କଥା ଅଟକେଇ ଦେଇଥିଲା ତାକୁ । ସସ୍ମିତା ବି ରାଣ ପକେଇ କହିଥିଲା,"ନା, ଥାଉ । ଆସନି ଏବେ । ଏତେ ବାଟ ଆସିଲା ପରେ ତ କ୍ୱାରେଣ୍ଟାଇନ ରେ ରହିବ ଚଉଦ ଦିନ । ତା ଅପେକ୍ଷା ଯେଉଁଠି ଅଛ, ଭଲରେ ଥାଅ । ମୁଁ ପାଳିଦେବି ପ୍ରଥମ ସାବିତ୍ରୀ ତୁମ ବିନା । ବ୍ୟସ୍ତ ହୁଅନି...ଆରବର୍ଷ ଠୁ ଆମେ ଏକାଠି ଥିବା । ଏ ବିପଦ ସମୟରେ ଆସି ଅଯଥା ନିଜକୁ ଓ ଅନ୍ୟ ମାନଙ୍କୁ ବିପଦରେ ପକାଅନି" ।

ପଦେ କଥା, ଟିକିଏ ବିଶ୍ୱାସ ରେ ଠିଆ ହୋଇଯାଏ ଜୀବନ ର ବାଲିଘର ।

କେମିତି ସହି ଯାଆନ୍ତି ସେମାନେ ? ବୋହୁ ହେଲାପରେ କଣ ତାଙ୍କୁ କୌଣସି ଐଶ୍ୱରିକ ଶକ୍ତି ମିଳିଯାଏ ? କେମିତି ମଣିଷ ରୁ ଦେବୀ ପାଲଟି ଯାଆନ୍ତି ସେମାନେ । କେମିତି କୌଣସି ବି ଦୁଃଖ, କଷ୍ଟ କୁ ଚାପିରଖି ଉପରେ ମନଖୋଲା ହସ ହସି ପାରନ୍ତି ସେମାନେ ? ଆଗରୁ ମା କୁ ସବୁ ସମୟରେ ଦେଖି ଆସିଥିଲେ ବି ବୋଧହୁଏ ସ୍ତ୍ରୀ ଆସିଲା ପରେ ଏସବୁ ଭାବନା ବୁଝାପଡ଼େ, ଏତେ ଗଭୀର ଚିନ୍ତା କରି ହୁଏ ? ଉତ୍ତର ନ ମିଳିଲେ ବି ମନେ ମନେ ପ୍ରଣାମ କଲା ସେ ଏ ନାରୀ ଜାତିକୁ । ଯିଏ ସମୟ ଅସମୟରେ ପାଲଟି ପାରେ ଜାୟା, ଜନନୀ ଓ ଭଗିନୀ ।

ନିଦରେ ଅଳ୍ପ ବନ୍ଦ ହେଇ ଆସୁଥିବା ଆଖି ଖୋଲିଗଲା ତା'ର ମୋବାଇଲ ରେ ଦେଇଥିବା ଆଲାର୍ମ ଶବ୍ଦରେ । ଭୋର ଚାରିଟା । ଉଠେଇ ଦେବାପାଇଁ କହିଥିଲା ସସ୍ମିତା । ଆଜି କେତେ କାମ ତା'ର । ମା କହିଥିଲା ତାକୁ ଟିକେ ସଅଳ ଉଠିବାକୁ । ସକାଳୁ ବାସି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପାଇଟି ସାରି, ଗାଧୋଇ, ସାବିତ୍ରୀ ପାଇଁ ସବୁ ସଜ କରିବାକୁ ପଡିବ । ପରେ ପରେ ଘରର ସମସ୍ତଙ୍କୁ ଚା, ଜଳଖିଆ ଦେଇ, ପୂଜା ପାଇଁ ବ୍ୟବସ୍ଥା କରି ପୂଜା ସାରି ସ୍ୱାମୀଙ୍କୁ ମୁଣ୍ଡିଆ ମାରି, ପୂଜା ଭୋଗ ଖାଇ, ଦିନ ସାରା କେବଳ ଫଳ ମୂଳ ରେ କାଟିବାକୁ ପଡିବ । ଆଜି ଓପାସ ତାଙ୍କର ।

ଏ ଓପାସ ରେ ବି କେମିତି ସେମାନେ ଏତେ ସବୁ କାମ କରି ଯାଆନ୍ତି କେଜାଣି ? ?

ଫୋନ ଧରି କଲ କରିବାକୁ ଉଦ୍ୟତ ହେଉଥିବା ବେଳେ ସେପଟୁ କଲ ଆସିଲା ସସ୍ମିତା ର...

-- ଭଲ ଲୋକ ତମେ । ଚାରିଟା ରେ ଉଠେଇ ଦେବାକୁ କହିଥିଲି, ଆସି ଆଠଟା ହେଲାଣି, ଏବେ ଯାଏଁ ଫୋନ କରିନ ? ହଉ, ଦେଖିଲ  ! ! ଆମେ କେମିତି ଦେଖା ଯାଉଛୁ...

-- ସକାଳ ଆଠଟା ? ? ତେବେ ଆଲାର୍ମ ବାଜିବା ପରେ ମୁଁ କଣ ଆଲାର୍ମ ବନ୍ଦ କରି ପୁଣି ଶୋଇ ପଡ଼ିଲି ? ? ହେଉ....

ସେପଟୁ ହ୍ୱାଟ୍‌ସଆପ ଭିଡିଓରେ ଭାସି ଆସୁଥିଲା ଦୁଇଜଣ ନାରୀଙ୍କ ଚିତ୍ର...

କହିବା ବାହୁଲ୍ୟ.... ଶାଶୁ ବୋହୁ, ନୂଆଶାଢ଼ୀ ପିନ୍ଧି ମୁରୁକି ମୁରୁକି ହସୁଥିଲେ....

ପ୍ରକାଶକୁ ସେମାନେ ଦୁଇଜଣ ଆଜି ଦେବୀ ଭଳି ଦିଶୁଥିଲେ....

ଖଲାରୀ, ଅନୁଗୁଳ, ଓଡ଼ିଶା
ଦୁରଭାଷ : ୯୩୭୬୦୦୭୫୦୦
subal.mohapatra@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍କୁଟି

(କାହାଣୀଟି ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରର । ଏଥିରେ ଥିବା ଚରିତ୍ର ମାନେ ହେଲେ - ଗୃହକର୍ତ୍ତା ଚୈତନ୍ୟ ମିଶ୍ର, ଧର୍ମପତ୍ନୀ ନିରୁପମା ଏବଂ ଏକମାତ୍ର ପୁତ୍ର ବାବୁନା । ପୂଜାପାଠ, କର୍ମ-କର୍ମାଣି ହୋମଯଜ୍ଞରେ ଆଖପାଖ ୫ଖଣ୍ଡ ଗାଁରେ ଚୈତନ୍ୟ ମିଶ୍ରେଙ୍କର ନାଁ ଡାକ । ତାକୁ ଛାଡି ପୈତୃକ ଜମିଖଣ୍ଡକରୁ ଭାଗଚାଷ ବାବଦ ଯାହା ଯେତିକି ମିଳେ, ମିଶ୍ରେ ଆପଣେ ବର୍ଷ ସାରା ସୁଖେ ଦୁଃଖେ ତାଙ୍କ ଛୋଟ ପରିବାରକୁ ଚଳେଇ ନିଅନ୍ତି । ପତ୍ନୀ ନିରୁପମା ହେଲେ ସୁଗୃହିଣୀ ଏବଂ ପୁତ୍ର ବାବୁନା ବି. ଟେକ ଶେଷ ବର୍ଷର ଛାତ୍ର ।

ରବିବାର, ସମୟ ଦିନ ଦଶଟା । ବାବୁନା ତା ପଢାଘରେ ବସି ମୋବାଇଲ ଫୋନ ଚାଳନାରେ ବ୍ୟସ୍ତ । ନିରୁପମା, ଓଦା ଜାଳ ଯୋଗୁଁ ନିଆଁ ଧରୁନଥିବା ଧୂମପୂର୍ଣ୍ଣ ଚୁଲିକୁ ଫୁଙ୍କନଳିଟା ଧରି ଫୁଙ୍କିବାରେ ଲାଗିଛନ୍ତି । ଏତିକି ବେଳେ ବାହାରୁ ମିଶ୍ରେଙ୍କ ସାଇକେଲ ଷ୍ଟାଣ୍ଡ ମାରିବାର ଶବ୍ଦ ଆଉ ଘର ଭିତରକୁ ପ୍ରବେଶ)



ସତ୍ୟରଞ୍ଜନ ମିଶ୍ର

ଚୈତନ୍ୟବାବୁ (ବାହାରୁ ପାଟିକରି) : ଆରେ ବାବୁନା ଶୁଣୁଛୁ.. ବାବୁନାରେ କୁଆଡେ ଗଲୁ କିରେ ?.. ଶୁଣୁଛୁ ଟି ?

ନିରୁପମା (ଗୁଣୁ ଗୁଣୁ ହେଇ) : ହେଇଲୋ ଇଏ ଆସିଗଲେ ଲୋ ମା । ଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଆଁ ଲଗା ଚୁଲି କୁ ଏତିକିବେଳେ ଲିଭିବାର ଥିଲା । ଏଇଲେ ଏ ଲୋକ ମୋ ଜୀବନ ଖାଇବେ । କଣ କରିବି ଲୋ, ମା ଜାଗୁଳାଇ ମୋତେ ବଞ୍ଚା ।

ଚୈତନ୍ୟବାବୁ (ଘର ଭିତରକୁ ପ୍ରବେଶ କରୁ କରୁ ଚିଡ଼ି ଉଠିଲେ) : ଓହୋଃ.. କି ବିକଟାଳ ଧୂଆଁ... ଏ ଘରେ ମଣିଷ ରହିବେଟି ?.. ସତରେ.. ପ୍ରକୃତି ନୈବ ମୁଚ୍ୟତେ... ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ । ଯେତେ ବୁଝେଇଲେ କି କହିଲେ କିଛି ବି ଲାଭ ହବନି... ଚୁଲିରେ ଧୂଆଁ ଟିକେ ନକଲେ ଜମାରୁ ତ ଭଲ ଲାଗିବନି ଆଉ...ଯେତେ ହେଲେ ବାପ ଘର ଅଭ୍ୟାସ ନା...ଏତେ ସହଜରେ କେମିତି ଛାଡ଼ିବ ? ମଶାଣୀ ଯାଏ ସାଙ୍ଗରେ ଯିବ ପରା ।

ନିରୁପମା (ଚିହିଁକି ଉଠି) : ହେଇଟି.... ଏମିତି କଥା କଥାକେ ବାପଘର ନାଁ ଧରିବନି କହୁଛି.. ନହେଲେ ଏଇଲେ ମୋ ଅସଲ ରୂପ ଦେଖିବ ।

ଚୈତନ୍ୟବାବୁ : ହଁ ହଁ ଦେଖିଚି.. ବାହାଘରକୁ ଆସି ଚବିଶ ବର୍ଷ ହେଲା ଦେଖିଆସୁଛି... ଆଉ କୋଉ ରୂପ ବାକି ଅଛି କି ଆଜି ଦେଖିବି ?

(ଘର ଭିତରୁ ବାବୁନା ବାହାରି ଆସି )

ବାବୁନା : ଓହୋଃ..ସକାଳୁ ସକାଳୁ ତୁମ ଦିଜଣଙ୍କର ପୁଣି ମହାଭାରତ ଆରମ୍ଭ ହେଇଗଲା ? ଯେତେବେଳେ ଏକାଠି ହେଲ, ସେତେବେଳେ କଳି ଆରମ୍ଭ ?...ଛୋଟଛୁଆଙ୍କ ଠାରୁ ବି ବଳି ଗଲଣି । ସ୍କୁଲ ଛୁଆ ବି ଆଜି ମିଟି କଲେ ତିନି ଦିନ ଯାଏ ଆଉ କଳି କରୁନାହାନ୍ତି ? ଦିଜଣ ଯାକ ଟିକେ ହେଲେ ଲାଜ ସରମ ତ ରଖ...

ଚୈତନ୍ୟବାବୁ (ବାବୁନା କୁ ଚାହିଁ ): ଲାଜ ସରମ ! ହେଁ.. ସେଇଟା କେମିତିଆ କଣ, ତୋ ବୋଉ ଜାଣିଚି କେବେ ? କଣ ଟିକେ କହିଲେ ସ୍ୱାମୀ ଉପରକୁ ଚିହିଁକି ଆସିବ ଯେ.. ମାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନ ମାରେ... ଛାଡ଼...କାହାକୁ ଆଉ କହିବି...ସବୁ ପୂର୍ବ ଜନ୍ମର ପାପ, ଏ ଜନ୍ମରେ ଭୋଗିବାକୁ ତ ହେବ । ଲୋକଟାଏ ତ ପାଇଲି । ମୋ କପାଳକୁ ଆସି ଜୁଟିଛି ଖାଲି କଳି କରିବାକୁ । ଦିନୁଟାଏ କଳି ନ କଲେ ପୁଣି ବେଦ ଅଶୁଦ୍ଧ ହେଇଯିବ ଯେ ।

ନିରୁପମା : ନିଜେ ତ ଗୋଟାପଣେ ଭାରି ଭଲ ଆଉ...ମୋର ଭେକ ଯାଉଥିଲା ମୁଁ ତୁମ ସହ କଳି କରୁଥିଲି... କଳିଆ ଲୋକ ଯିଏ ଖାଲି କଳି କଥା ଖୋଜୁଥିବ...କେମିତି ଆରମ୍ଭ କରିବ ବୋଲି..ନ ହେଲେ ଖାଇବା ତକ ଜୀର୍ଣ୍ଣ ହବନି ପରା ।

ବାବୁନା : ହଉ ଥାଉ । ଯେଝା ଯେଝା କାମ କର । ଆଉ ମୁହଁକୁ ମୁହଁ ଯୋଡ଼ି କଳି ବଢ଼ାଅନି... (ଚୈତନ୍ୟବାବୁ ଙ୍କୁ ଚାହିଁ )ନନା, ତମେ ଆଇଲ.. ମୁଁ ପଖାଳ ବାଢୁଛି... ଦିହେଁ ଖାଇବା.. ( ତାପରେ ନିରୁପମାଙ୍କୁ ଚାହିଁ )... ବୋଉଲୋ .. ତୁ ଆଉ ସେ ଚୁଲି ନ ଫୁଙ୍କି ଆଉ ଟିକେ କିରୋସିନ ପକେଇ ନିଆଁ ଧରେଇଲୁ... ଧୂଆଁ ରେ ଘର ଦ୍ୱାର କଳା ହେଇଗଲାଣି, ଆଉ ଟିକେ ଧୁଆଁ ହେଲେ ଦମକଳ ୱାଲା ଧାଇଁଆସିବେ ।

(ତରକାରୀ କିରାସିନି ଗନ୍ଧ ହେଲେ ମତେ ପରେ ଦୋଷ ଦବନି କହିଦଉଛି - ଏତିକି ଶୁନ୍ୟବାଣୀ କରି ନିରୁପମା ଡିବିରୁ କିରୋସିନ ନିଗାଡ଼ି ଚୁଲି ଲଗେଇଲେ ଆଉ ଧୁଆଁ କମିଲା ପରେ ଯାଇ ଚୈତନ୍ୟବାବୁ ଚୁପଚାପ ଆସି ଖାଇବା ଜାଗାରେ ତାଙ୍କ ଆସନ ପକେଇ ବସିଲେ । ବାବୁନା ଭାତ ହାଣ୍ଡିରୁ ପଖାଳ ଦୁଇ କଂସା ବାଢିଦେଇ, ଲୁଣ, ଲଙ୍କା, କାଗେଜି ଫାଳେ, ରସୁଣ ଦି ପାଖୁଡ଼ା, ପୋଡ଼ା ବାଇଗଣଟେ ଆଉ କଲରା ଆଳୁ ଭଜା ଆଣି ନନାଙ୍କ ସାମ୍ନାରେ ରଖିଲା । ନିଜେ ପିଢା ପକେଇ ବସିଲା ଆଉ ଭାତ ଗୋଳେଇ ଖାଇଲା । ଦି ଗୁଣ୍ଡା ଖାଇଛି କି ନାହିଁ , ବାବୁନା ଚୈତନ୍ୟବାବୁଙ୍କୁ ପଚାରିଲା )

ବାବୁନା : ଆଚ୍ଛା ନନା.. ତମେ ଯୋଉ ମିଳୁ ଭାଇନା ଘରକୁ ଯାଇଥିଲ.. ସ୍କୁଟି କଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଝିବାକୁ..କଣ ହେଲା ସେଠି ?

ଚୈତନ୍ୟବାବୁ (ଚିହିଁକି ଉଠି ) : ସେ ସ୍କୁଟି ଫୁଟି ଆମର କିଛି ଆସିବନି..

ବାବୁନା : ଓହୋଃ. ଟିକେ ଶାନ୍ତ ହୁଅ, ରାଗୁଚ କାହିଁ ?.. ତମେ ଆଗ ଢ଼ୋକେ ତୋରାଣି ପିଅ । ମୁଣ୍ଡ ଥଣ୍ଡା କର, ତାପରେ କୁହ..

ଚୈତନ୍ୟବାବୁ : ମୁଣ୍ଡ କଣ ଥଣ୍ଡା କରିବି... ଏଠି ଯୋଉ ଲୋକଟା ଘରେ ଅଛି.. ସେ କଣ କାହା ମୁଣ୍ଡକୁ ଥଣ୍ଡା ରଖେଇ ଦେବ ?

ବାବୁନା : ହଉ ହଉ ହେଲା, ତମେ ତ ଜାଣିଛ ସେ କେମତିଆ ଲୋକ । ହେଲେ, ତମେ ବୁଝିବା ଶୁଝିବା ଲୋକ ହେଇ ଯଦି ଏମିତି କହିବ, ସେ ଅବୁଝା ଲୋକକୁ କଣ ବୁଝେଇବ ।ହଉ, ତମେ ଆଗ କହିଲ, ମିଲୁ ଭାଇନା କଣ କହିଲେ ସ୍କୁଟି କଥା ?

(ପଖାଳ ଗୁଣ୍ଡାଏ ପାଟିରେ ଭର୍ତ୍ତି କରି, ଅଧକଂସା ସରିକି ତୋରାଣି ପିଇଦେଇ ଗୋଟେ ହାକୁଡ଼ି ମାରି, ଟିକେ ନରମ ସ୍ୱରରେ ଚୈତନ୍ୟବାବୁ ଉତ୍ତର ଦେଲେ)

ଚୈତନ୍ୟବାବୁ : ଆରେ, ସେଇ କଥା କହିବାକୁ ଆସୁଥିଲି । ଏ ଲୋକଟା ପରା ମୁଣ୍ଡ ଖରାପ କରିଦେଲା ।

ବାବୁନା : ଓହୋ..ରେ.. ତମେ ତ ତା'ରି ପଛରେ ପଡ଼ିଛ, ତା କଥା ଛାଡ଼, ସ୍କୁଟି କଥା କଣ ହେଲା ଏଥର କୁହ ।

ଚୈତନ୍ୟବାବୁ (ନରମ ସ୍ୱରରେ ) : ଯାଇଥିଲି ମିଲୁ ଘରକୁ । ଗାଡ଼ିଟା ଦେଖିଲି । ଦେଖିବାକୁ ସବୁ ଠିକ ଠାକ ଲାଗୁଚି ସିନା ହେଲେ ସେଇଟା ତିନି ବର୍ଷ ପୁରୁଣା ଗାଡି । ଅବଶ୍ୟ ରଙ୍ଗ ଦେଇ ଚିକଚିକ କରିଦେଇଛି ତାକୁ । ମିଲୁ କହୁଛି ଯେ କାଗଜପତ୍ର ବାବଦକୁ ମିଶେଇ ତିରିଶ ହଜାରେ ଟଙ୍କା ନେବ । ଆଉ ପୁଣି ଟଙ୍କା ଦେଲେ ସେ କହୁଛି, ଆଜି ଗାଡ଼ି ନେଇଯାଅ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବାବୁନା (ଖୁସିରେ ): ଆରେ ବାଃ.. ଏତେ ଶସ୍ତାରେ ଏତେ ସୁନ୍ଦର ଗାଡି !!!..ବଢିଆ ହେଲା.. ଚାଲ, ଆଜି ଯାଇ ଗାଡି ନେଇ ଆସିବା ।

ଚୈତନ୍ୟବାବୁ (ମୁଖକୁ ବିମୁଖ କରି ) : ହୁଁ.. କଣ ନେଇ ଆସିବା ମ଼ଁ.. ମୁ ଏମିତି ବୁଝିବାକୁ ଖାଲି ବୁଝିବାକୁ ଯାଇଥିଲି ନା ଆଉ...ଏବେ ଆମର କିଏ ଗାଡି ଆଣିବ ମ଼ଁ ?.. ସେଇଟା ଆମର କୋଉ କାମରେ ଲାଗିବ ?

ବାବୁନା (ଅଳ୍ପ ବିରକ୍ତି ଭାବ ସହ ) : ଆରେ ମୁଁ ତମକୁ ଶହେ ଥର ସେକଥା କହିସାରିଲିଣି ପରା । ମିଲୁ ଭାଇନା ଘରକୁ ପଠେଇବା ଆଗରୁ ଏତେ ବୁଝେଇକି ପଠେଇଲି ତଥାପି ଭୁଲିଗଲ । ହାଏରେ ବିଧାତା । ଆରେ କେତେବେଳେ କଣ ଏମରଜେନ୍ସି ପଡିଲେ ପାଖରେ ଗାଡ଼ିଟିଏ ଥିଲେ, କେତେ ସୁବିଧା । କୁଣିଆ ଘରକୁ ଗଲେ ଫଟକିନା ଧରିକି ଚାଲିଯିବ । କାହାକୁ ଆଉ ଖୋସାମତ କରିବାକୁ ପଡ଼ିବନି । ତାଛଡା ଆଉ ବର୍ଷେ ପରେ ମୁ ଯେତେବେଳେ ଚାକିରୀ କରିବି ସେତେବେଳେ ତ ମୋର ଗାଡ଼ିଟିଏ ନିହାତି ଦରକାର । ମୁଁ ପୁଣି ଏବେଠୁ ଶିଖିଲେ ସିନା ଯାଇ ସେତେବେଳେ କାମରେ ଲାଗିବ ।

ଚୈତନ୍ୟବାବୁ :ହେଁ..ଖାଲି ନେଇ ଆଇଲେ ହେଇଯିବ.. ?.. ତାକୁ ପୁଣି ମେଣ୍ଟେନ କରିବାକୁ ହଜାର ହଜାର ଖର୍ଚ୍ଚ । ପୁଣି ତେଲ ପକେଇବାକୁ ଖର୍ଚ୍ଚ ।ନା..ହେଇପାରିବନି ସେକଥା... ଆମର ସାଇକେଲ ସବୁଠୁ ଭଲ ।

ବାବୁନା (ଅଳ୍ପ ଟିକେ ଚିଡିଯାଇ) : ତୁମ ସାଇକେଲ ଭଲ ହେଇଥାଉ । ଯୁଗ ବଦଳିଲାଣି । ଏବେକା ଯୁଗ ଅନୁସାରେ ଚଳିବାକୁ ହବ ନା । ଲୋକ ତୁମକୁ କଣ କହୁଛନ୍ତି ତୁମେ ଜାଣିପାରୁନ ?

ଚୈତନ୍ୟବାବୁ : ସେ ଲୋକଙ୍କ କଥାରୁ କଣ ମିଳିବ ? ବାର ଲୋକ ବାର କଥା କହିବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକ ଯିଏ ଯାହା କହୁଛନ୍ତି, କୁହନ୍ତୁ, ସେ କଣ ଆମକୁ ପୋଷୁଛନ୍ତି ? ଆଗ ସେ ଝାଟମେଲା ଭାଙ୍ଗି ଘର ତିଆରି କରିବା । ପାହାଚରେ ସୁଲୁପ ତିଆରି କରିବା । ତାପରେ ଯାଇ ଗାଡି ଆସିବ ।ବୁଝିଲୁ ?

ବାବୁନା : ସେତେବେଳକୁ ମୁଁ ବୁଢା ହେଇଯାଇଥିବି ।

ଚୈତନ୍ୟବାବୁ : ହଉ ବୁଢା ହେଲେ ହଅ । ତୁ ଆଗ ଚାକିରୀ କର, ତୋ ପଇସାରେ ତୁ ତୋର ଗାଡି କରିବୁ, ତୁ ଚଢ଼ିବୁ ।

ବାବୁନା (ଚିଡିଯାଇ ) : ମୁଁ ତ ସବୁ କରିବି, ତାହେଲେ ମୋତେ ଜନ୍ମ କାଇଁ କରୁଥିଲ ?

ଚୈତନ୍ୟବାବୁ (ଚିହିଁକି ଉଠି ) : ତୋତେ ଜନମ କରିଥିଲି ବା ଏଇଆ ଶୁଣିବା ପାଇଁ ? ବୋପା ମୁହଁ ରେ ଜବାବ ଦେବୁ । ଶଳା ମା ଜେମନ କୁ ଛୁଆ ତେମନ । ସମସ୍ତଙ୍କ ମୁହଁ ବଢ଼ିଗଲାଣି । କେହି ଆଉ ଛୋଟିଆ ଉପରେ ନାହାନ୍ତି ।

(ବାବୁନା  କିଛି କହିବାକୁ ଯାଉଥିଲା ହେଲେ ଏତିକିବେଳେ ନିରୁପମା  ଘର ଭିତରକୁ ପଶି ଆସି ବାବୁନାକୁ ରୋକିଦେଇ କହିଲେ)

ନିରୁପମା  : ତୁ ତାଙ୍କୁ କିଛି କହନାରେ ବାବୁନା । ସେ ଲୋକ ଯାହା ବୁଝିଥିବେ ସେଇଆ । ସ୍ୱର୍ଗରୁ ହରବ୍ରହ୍ମା ଆଇଲେ ବି ତାଙ୍କୁ ବଦଳେଇପାରିବେନି । ତୁ ଛାଡ ତାଙ୍କ କଥା । ତୁ ଆମର ମୋ ପାଇଁ ଟିକେ ଚା ବସେଇଲୁ ।

ବାବୁନା ( ଗୁଣୁଗୁଣୁ ହେଇ ) : ମୁଁ ଜାଣିଥିଲି , ଏ ଲୋକଙ୍କ ଦ୍ୱାରା କିଛି କାମ ହବନି । କଂଜୁସ କୋଉଠିକାର ।

(ଏତକ କହି ମୁହଁ ଟାକୁ ବିକୃତ କରି ଖାଇବା କଂସା ରୁ ଉଠିଗଲା ବାବୁନା । ତାପରେ ହାତ ଧୋଇ ଚା ବସେଇବାକୁ ଗଲା । ତା ପଛେ ପଛେ ଚୈତନ୍ୟବାବୁ ବି ଖାଇସାରି ଉଠି ହାତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧୋଇବାକୁ ଗଲେ । ହାତ ଧୋଇ ସାରି କହିଲେ )

ଚୈତନ୍ୟବାବୁ :ଓହୋ.. ଏଠି ଆଉ ଏ ମା ପୁଅ ଙ୍କ ଦାଉରେ ଚଳି ହବନି । କୋଉ ଜନ୍ମରେ କୋଉ ପାପ କରିଥିଲି କେଜାଣି, ଠାକୁରେ ମୋତେ ଆଣି ଏମିତିଆ ସଂସାରରେ ଘାଣ୍ଟୁଛନ୍ତି ।

(ଏତିକି କହି ଗାମୁଛାରେ ହାତ ପୋଛିଲେ ଆଉ ଚପଲ ମାଡି ବାହାରକୁ ଚାଲିଗଲେ )

ବାବୁନା: ଆରେ ଆରେ କୁଆଡେ ଗଲେ ସେ ? ଚା ପିଇ ନଥାନ୍ତେ ? କିଛି କଥା ବୁଝିବେନି, ଖାଲି ସବୁବେଳେ ୟାଙ୍କର ନାକ ଅଗରେ ରଗ ।

ନିରୁପମା : ହଉ, ତୁ ଛାଡେ ସେକଥା । ସେ ଯାଆନ୍ତୁ ଯୁଆଡେ ଯାଉଛନ୍ତି । ତୁ ଆମର ଚା କରିଦେ । ଆମେ ଦି'ଜଣ ପିଇଦେବା । ତାଙ୍କ ପାଇଁ ରଖିଦେଇଥିବା, ଆସିଲେ ନିଜେ ଗରମ କରି ପିଇବେ ।

ବାବୁନା ( ଗମ୍ଭୀର ସ୍ୱର ରେ ) : ହୁଁ..

(ବାବୁନା ସସ୍ପେନରେ କ୍ଷୀର ନେଇ ଚା ତିଆରି କଲା, ତାପରେ ବାବୁନା ଓ ନିରୁପମା ଦିଜଣ ଯାକ ଚା ପିଇଲେ । ଚା ପିଇସାରି କପ ଧୋଇଲା ବେଳକୁ ଚୈତନ୍ୟବାବୁ ତରତର ହେଇ ଘରକୁ ପଶି ଆସି ବାବୁନାକୁ ଡାକ ପକେଇଲେ)

ଚୈତନ୍ୟବାବୁ : ହେଇରେ ବାବୁନା ଶୁଣିଲୁନି ଗୋଟେ କଥା ?

ବାବୁନା (ଆଶ୍ଚର୍ଯ୍ୟ ହେଲା ଭଳି ସ୍ୱର ରେ ): କଣ ? କୋଉ କଥା ?

ଚୈତନ୍ୟବାବୁ : ଆରେ ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଆଡେ ଗୋଟେ ନୂଆ ସ୍କିମ କରିବାକୁ ଯାଉଛନ୍ତି । ଓଡିଶା ର ଯୋଉଁ ଲୋକମାନଙ୍କ ପାଖରେ ବିଜୁ କୃଷକ କଲ୍ୟାଣ କାର୍ଡ ଅଛି, ସେମାନଙ୍କୁ କୁଆଡେ ଦୁଇ ଚକିଆ ଯାନ କିଣିବାକୁ ଅଧା ପଇସା, ମାନେ ତିରିଶ ହଜାର ଟଙ୍କା ଯାଏ ଦିଆଯିବ । ସପ୍ତାହେ ଭିତରେ କାଗଜପତ୍ର ସହ ନୂଆ ଗାଡିର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଫୋଟୋ ଉଠେଇ ସରପଞ୍ଚ କୁ ଦେଲେ,ମାସକ ଭିତରେ ପଇସା ସିଧା ସଳଖ ତୁମ ବ୍ୟାଙ୍କ ଖାତାକୁ ଆସିଯିବ |

ବାବୁନା ( ଦୀର୍ଘ ଶ୍ୱାସ ଛାଡି ) : ଓଃ ଏଇ କଥା !! ମୁଁ ଭାବିଲି ଆଉ କଣ କହିବ ବୋଧେ | ହଁ ଏକଥା ମୁଁ ଆଗରୁ ଶୁଣିଥିଲି ଯେ ହେଲେ ସେଥିରେ..ଆମକୁ କଣ ମିଳିବ ? ଗଛରେ ବେଲ ପାଚିଲେ କାଉର କି ଯାଏ...

ଚୈତନ୍ୟବାବୁ : ଆରେ ବୋକା ବୁଝିପାରୁନୁ କଣ ମ ?.. ମୁଁ କଣ କହୁଥିଲି, କହିଲୁ...ଆମେ ତିରିଶ ହଜାର ଦେଇ ମିଲୁଠାରୁ ସେଇ ପୁରୁଣା ସ୍କୁଟିଟା ନେଇ ଆସନ୍ତେ | ତାପରେ ତାର ଫୋଟୋ ଉଠେଇ ସରପଞ୍ଚ ଙ୍କ ପାଖକୁ କାଗଜପତ୍ର ପଠେଇଦେବା | ତାପରେ ଆମ ବ୍ୟାଙ୍କଖାତାକୁ ପଇସା ପଳେଇଆସିବ ଆଉ | ସ୍କୁଟିକୁ ସ୍କୁଟି କିଣିବା ହବ ଆଉ ପଇସା ବି ବଞ୍ଚିଯିବ | ବୁଝିଲୁଟି ଏଇଥର ନା କଣ ?

ବାବୁନା : ହଁ ଯେ..ନନା ତୁମେ ଠିକ କହୁଛ ସିନା... ହେଲେ ଆମର ଏଇଲେ ଗାଡ଼ିଟାଏ କଣ ହେବ ?

ଚୈତନ୍ୟବାବୁ : ଆରେ କେତେବେଳେ କଣ ଏମର୍ଜେନ୍ସି ସମୟରେ ଗାଡ଼ିଟା ପାଖରେ ଥିଲେ ଗୋଟେ ଦମ୍ଭ ନା | ମାମୁଁ ଘରକୁ ଗଲାବେଳକୁ ଫଟ କିନା ଧରି ଚାଲିଯିବା ଆଉ କାହାକୁ ଖୋସାମତ କରିବାକୁ ପଡିବନି । ତୁ ପୁଣି ଚାକିରୀ କଲେ ଯିବା ଆସିବା କରିବୁ | ତୋର ପୁଣି ଦରକାର । ଏବେଠୁଁ ଚଢ଼ିଲେ ସିନା ଚାକିରୀବେଳକୁ ଶିଖିଯିବୁ ।

ବାବୁନା : ହଁ ଯେ, ପୁଣି ସେ ଗାଡିକୁ ମେଣ୍ଟେନ କରିବାକୁ ହଜାର ହଜାର ଖର୍ଚ୍ଚ । ପୁଣି ତେଲ ଖର୍ଚ୍ଚ । ନାଁ ନାଁ - ଥାଉ.. ଆମର ସେଇ ସାଇକେଲ ଭଲ ।

ଚୈତନ୍ୟବାବୁ : ସାଇକେଲ କଣ ଭଲ ? ଆଜିକା ଯୁଗକୁ ଗାଡ଼ିଟାଏ ପାଖରେ ନଥିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଲୋକ କେତେ କଥା କହୁଛନ୍ତି, କହିଲୁ ?

ବାବୁନା : ସେ ଲୋକମାନେ କଣ ଆମ କୁଟୁମ୍ବ ପୋଷୁଛନ୍ତି ? ଆମର ଏଇଲେ ଘରଦ୍ୱାର ନାହିଁ ଗାଡ଼ିଟାକୁ ଆଣି ରଖିବା କେଉଁଠି ? ଘରକାମ ସରୁ । ମୁଁ ଚାକିରୀ କରିସାରେ, ତାପରେ କିଣିବା ।

(ଚୈତନ୍ୟ ବାବୁ ଆବାକ୍ ହୋଇ ବାବୁନା ମୁହଁକୁ ଚାହିଁଥାନ୍ତି । ନିରୁପମା ଚା କପରେ ମୁଁହ ଲୁଚେଇ ମୁରୁକି ମୁରୁକି ହସୁଥାନ୍ତି । ତା ପରେ ଅଳ୍ପ ରାଗ ଓ ଅଳ୍ପ ଅଭିମାନରେ ଚୈତନ୍ୟବାବୁ ବାବୁନାକୁ କହିଲେ)

ଚୈତନ୍ୟବାବୁ : ହଉ ହଉ ତୁ ଆଉ ବୋପାକୁ ଭାଗବତ ପଢାନା । ତୋ ଡାଇଲଗବାଜି ରଖ ତୋ ପାଖରେ । ଗାଡି ଆଣିବାର ନାହିଁ ତ ନ ଆଣ । ପଛରେ ଆଉ କହିବୁ ନାହିଁ ଯେ ନନା ମୋ ପାଇଁ କିଛି କଲାନାହିଁ ବୋଲି । ତୁ ଏଇଲେ ତୋ ବୋଉ କଥା ଶୁଣୁଛୁ ତ ଶୁଣୁଥା.. ବୋଉ ବୁଦ୍ଧିରେ କେତେ ବାଟ ଚାଲିବୁ ଦେଖିବା । ଦିନେନା ଦିନେ ପସ୍ତେଇବୁ ଆଉ ସେତେବେଳେ ଭାବିବୁ ନନା ଠିକ କହୁଥିଲେ ନା ଭୁଲ କହୁଥିଲେ ।

(ବାବୁନା ଅଳ୍ପ ଅଳ୍ପ ହସି, ଚା ଗରମ କରି, ଗିନାରେ ଚା ଓ ସେଓ-ଗାଣ୍ଠିଆ ମୁଠେ ପକେଇ ଚୈତନ୍ୟ ବାବୁଙ୍କୁ ଦେଉ ଦେଉ କହିଲା)

ବାବୁନା : ହଉ ଆଉ ବୋଉକୁ ମଝିରେ ପୁରାଅ ନାହିଁ । ନିଅ ଚା ନିଅ, ପିଇ ଦିଅ ।

(ଚୈତନ୍ୟ ବାବୁ ମୁହଁଟାକୁ ଗୁମ କରି ଚା ପିଇବା ଦେଖି ବାବୁନା ପାଟି ଖୋଲିଲା)

ବାବୁନା : ସେ ଗାଡି ଫାଡ଼ି କଥା ମୁଣ୍ଡରୁ କାଢ଼ । ନବୀନ ପଟ୍ଟନାୟକ ସେମିତିକା କିଛି ସ୍କିମ କରିନାହାନ୍ତି । ମୁଁ ସୁବାଷ ଦାଦାଙ୍କ ଆଗରେ କହିଥିଲି ତୁମ ଆଗରେ ଏମିତି ମିଛରେ ଗପିବାକୁ । ଯେମିତି ମୁଁ ତୁମ ମନ କଥା ଜାଣି ପାରିବି । ଆଉ ସତକୁ ସତ ମୁଁ ଯାହା ଅନୁମାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲି ଠିକ ସେଇଆ ହେଲା ।ସତରେ...ଆଜିକା ଦୁନିଆ ରେ ତୁମ ଭଳି ଲୋକଙ୍କୁ ଲୋଭ ଏମିତି ଗ୍ରାସିଛି ଯେ ପାଖରେ କୋଟିଏ ଟଙ୍କା ଥାଇବି ଭୋକ ହେଲେ ମାଗଣା ପିଠୁ ପୁଳାଏ ଗିଳିଦେବେ ।

ଚୈତନ୍ୟବାବୁ (ଆଶ୍ଚର୍ଯ୍ୟ ହୋଇ ) : ସେ ସୁବାଷଟା ମତେ ମିଛ କହିଲା ? ନାଇଁ ମ... ସତ ହେଇଥିବ କି କଣ । ଟିଭି ଲଗେଇଲୁ ନିଉଜରେ ଦେଉଥିବ କାଳେ । ନ ହେଲେ ତୋ ମୋବାଇଲରେ ପରା କୁଆଡ଼େ ସବୁ ଖବର ଆସେ, ଖୋଜୁନୁ ।

ବାବୁନା : ଆରେ ନାଇଁ ମ,ନନା...ସତରେ ସେମିତି କିଛି ନାହିଁ... ତୁମେ ନିଜେ କହିଲ..ଏମିତିକା ସ୍କିମ କେବେ କୋଉଠି ଶୁଣିଛ ? ଯିଏ ଯାହା କହିଲା ସେଇଥିରେ ବିଶ୍ୱାସ କରି ଯାଉଛ । ହଉ, ଏବେ ସେକଥା ଛାଡ଼...ତୁମେ ଚା ପିଇ ସାରି ଯାଅ ଦୋକାନରୁ ସଉଦା କିଣି ଆଣିବ । ଘରେ ଅଟା ଚାଉଳ କିଛି ନାହିଁ ।

(ଚୈତନ୍ୟବାବୁ ଚାହା କପଟା ଧରି ସେମିତି ଅବାକ ହୋଇ ଚାହିଁ ରହିଥାନ୍ତି ।)

ଅଢଙ୍ଗ ଶାସନ, ଅଣଖିଆ, ଜଗତସିଂହପୁର

ମୋବାଇଲ : ୮୨୪୮୪୦୨୭୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ସାବିତ୍ରୀ କରୁନି ସାବିତ୍ରୀ ଓଷା



ଗଦାଧର ବଳ

ସାବି ଓରଫ ସାବିତ୍ରୀ ଦାସ, ସ୍ୱାମୀ ଅରକ୍ଷିତ ଦାସ । କଏଦୀ ନମ୍ବର ୨୩୦ । ଚାରି ବର୍ଷ ହେବ ଜେଲ୍ ରେ ସଜା କାଟୁଛି ସେ । ଅପରାଧ ହେଲା ନିଜର ଦୁଇ ଶିଶୁଙ୍କୁ ହତ୍ୟା କରିଛି । ଖୁନି ଆସାମୀଟିଏ ସେ । ସମାଜ ତ ତାକୁ ପ୍ରଚୁର ଘୃଣା କରେ, ଜେଲର ଅନ୍ତେବାସୀମାନେ ବି । ଯେତେ ପ୍ରକାର ବୁଝେଇ କହିଲେ ବି ସାବି ସେଦିନ ମହିଳା କଏଦୀଙ୍କ କୋଠରୀରୁ ବାହାରକୁ ବାହାରି ନଥିଲା । ବରଂ ସମସ୍ତଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ସାବିତ୍ରୀ ବ୍ରତ ମଧ୍ୟ ପାଳନ କରି ନଥିଲା ।

ସାବିତ୍ରୀବ୍ରତ ପାଇଁ ଜେଲ ତରଫରୁ ଜେଲର ମହିଳା କଏଦୀମାନଙ୍କ ବ୍ରତ ପାଳନ ପାଇଁ ସବୁ ପ୍ରକାର ଆୟୋଜନ କରା ଯାଇଛି । ଜେଲ ପରିସରରେ ଥିବା ଶିବ ମନ୍ଦିରରେ ପ୍ରତି ବର୍ଷ ପରି ଏ ବର୍ଷ ବି ମହିଳା ଅନ୍ତେବାସୀମାନେ ସକାଳୁ ଉପବାସ ରଖିଛନ୍ତି, ଖାଦ୍ୟ ଗ୍ରହଣ କରି ନାହାନ୍ତି । କେବଳ ଫଳ ମୂଳ ଯାହା ଜେଲ ତରଫରୁ ଯୋଗାଇ ଦିଆ ଯାଏ ତାକୁ ହିଁ ଖାଇଥାନ୍ତି । ଜେଲ ତରଫରୁ ଦିଆ ଯାଉ ଥିବା ନୂଆ ଲୁଗାକୁ ପରିହିତ କରି ପୂଜକ ଆସିବା ପରେ ବ୍ରତ ପିନ୍ଧି ସାବିତ୍ରୀ ମାହାତ୍ମ୍ୟ ବହି ପଢାଯାଏ । ସମସ୍ତେ ମନ ଧ୍ୟାନ ଦେଇ ଶୁଣନ୍ତି । ହୋମ ପାଠ ପରେ ପୂଜା ଶେଷ ହୁଏ । ଜେଲର ସାହେବ ଓ ଅନ୍ୟ ଉପସ୍ଥିତ କର୍ମଚାରୀଙ୍କୁ ମୁଣ୍ଡ ଲଗା ପ୍ରଣିପାତ କରନ୍ତି ବ୍ରତ ଧାରିମାନେ । ଆଶୀର୍ବାଦ ନିଅନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେବେ କେବେ ମହିଳା ମାନଙ୍କ ଏହି ବ୍ରତ ପାଳନ ପାଇଁ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଡକା ଯାଇଥାଏ । ସେମାନେ ଉପସ୍ଥିତ ରହି ଫଟୋ ଉଠାନ୍ତି ଓ ତା ପରଦିନ ଖବର କାଗଜରେ ଫଟୋ ସହ ଛାପା ଯାଏ । କିଛି ବୈଦ୍ୟୁତିକ ଗଣମାଧ୍ୟମ ମଧ୍ୟ ସେମାନଙ୍କ ପୂଜା ପାଠକୁ ସେହି ଦିନ ଟି. ଭି. ରେ ଦେଖାଇ ଥାନ୍ତି ।

ସାବି କିନ୍ତୁ ଏକ ଜିଦିଆ ମହିଳାଟିଏ । ନିଜ ଜିଦ ପାଇଁ ଏମିତି ପରିଣାମ ତାକୁ ଭୋଗିବାକୁ ପଡିଛି । ତଥାପି ତାର ତିଳେ ମାତ୍ର ଅନୁଶୋଚନା ନାହିଁ କି ଆବଶୋଚନା ନାହିଁ ତାର । ସବୁବେଳେ ଗୋଟିଏ କଥା ତାର । ସେ ଯାହା କରିଛି ଠିକ କରିଛି । କଣ ବା କରି ଥାନ୍ତା ସେ । ଗାଉଁଲି ଅଶିକ୍ଷିତ ନିରକ୍ଷର ମହିଳାଟିଏ ସେ । ଗରିବ ବାପା ତାର ଯୋଗ୍ୟତା ମୁତାବକ ପାଖ ଗାଁର ଅରକ୍ଷିତ ସହ ବାହାଘର କରେଇ ଦେଇ ଥିଲେ । ଅରକ୍ଷିତ ବି ସ୍ୱଳ୍ପ ଶିକ୍ଷିତ । ତୃତୀୟ ଶ୍ରେଣୀ ଯାଏ ପାଠ ପଢିଛି । ପରର ମୂଲ ମଜୁରି ଲାଗି । ପରିବାର ପ୍ରତି ପୋଷଣ କରେ ସେ । ଘର ପରିବାର କହିଲେ ବୁଢୀ ମାଆ ଓ ବୁଢା ବାପା । ଅରକ୍ଷିତ ଏକ ମାତ୍ର ପୁଅ ତା ବାପା ମାଆଙ୍କର । ବହୁ ଉଚ୍ଚ ଆଶା ରଖିଥିଲେ ଅରକ୍ଷିତ ଉପରେ ତା ବାପା ମାଆ । କଣ ବା କରା ଯାଇ ପାରିଥାନ୍ତା ! ପାଠ ତ ହେଲାନି ତା ଦ୍ୱାରା । ଦିନ ମଜୁରି ଲାଗି ପେଟ ପୋଷେ । ଜମି ବାଡି କହିଲେ ଦୁଇ ବିଶୁଆ କେବଳ ଘର ବାଡି । ପରର ମୂଲ ମଜୁରି ନ ଲାଗିଲେ ଘରେ ସମସ୍ତେ ଉପାସ । ବାହାଘର ପରେ ସବୁ ଠିକ ଠାକ ଚାଲି ଥିଲା । ମାତ୍ର ବାହାଘର ପରେ କୁସଙ୍ଗରେ ପଡି କେବେ କେବେ ମଦ ପିଇବା ଆରମ୍ଭ କଲା ଯେ ଯାହା ପରେ ଅଭ୍ୟାସରେ ପରିଣତ ହୋଇ ଗଲା ତାର । ସାବି ବିରୋଧ କଲେ ସେ କହେ ତୁ ଜାଣିନୁ ଅଧିକ ପରିଶ୍ରମ କରି ଦି'ପଇସା ରୋଜଗାର କଲେ କିଛି କିଛି ଟଙ୍କା ବଳକା ରାଖିବି ଓ ତାକୁ ସଞ୍ଚୟ କରି ରଖିଲେ କାଲି ପରି ତାର ପୁଅଟିଏ ଜନ୍ମ ହେବ, ତାର ପାଠ ପଢା ପାଇଁ ଅନେକ ଟଙ୍କା ଆବଶ୍ୟକ ହେବ । ତାକୁ ମଣିଷ କରିବା ପାଇଁ ଟଙ୍କା କେଉଁଠୁ ଆଣିବ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଧିକ ପରିଶ୍ରମ ପାଇଁ ଦେହ ହାତ ବଥା ହେଉଛି ଟିକେ ଟିକେ ନିଶା ଚିଜ ପାଟିରେ ପଡିଲେ କଷ୍ଟ ଜଣା ପଡିବନି । ଅଧିକରୁ ଅଧିକ ପରିଶ୍ରମ କରି ହେବ । ଅରକ୍ଷିତର ବାପା ମାଆ ବି ବଂଶଧର କଥା ଶୁଣିବା ପରେ ତାର ମଦ ପିଇବାକୁ ବିରୋଧ କରିବା ପରିବର୍ତ୍ତେ ବରଂ ପରୋକ୍ଷରେ ସମର୍ଥନ କରନ୍ତି । ଅରକ୍ଷିତ ଆହୁରି ଆଧିକ ଉତ୍ସାହିତ ହୁଏ ।  ସାବି ଯେତେ ବିରୋଧ କଲେ ବି ତା କଥାକୁ ଆଦୌ କର୍ଣ୍ଣପାତ କରେନି ସେ  । ସାବି ବି ଭଗବାନ କୃପାରୁ ଗର୍ଭବତୀ ହେଲା  । ଘରେ ସମସ୍ତଙ୍କର ଖୁସିର ମାହୋଲ । ଅରକ୍ଷିତର ବାପା ମାଆ  କିନ୍ତୁ ସ୍ୱପ୍ନରେ ବିଭୋର । ଅରକ୍ଷିତର ପୁଅ ହେଲେ ତାଙ୍କର ବଂଶ ରକ୍ଷା ହେବ । ସେମାନେ ବୁଢା ବୟସରେ ନାତି ଟୋକା ସହ ଖେଳିବେ, ସମୟ ବିତିଯିବ । ତା ସହ ଖେଳୁ ଖେଳୁ , ତା ସେବା କରୁ କରୁ ,ସେମାନେ ନାତିକୁ କୋଳରେ ଧରି ଧରି ଜୀବନର ଶେଷ ବୟସ କଟାଇବେ ଓ ତା କାନ୍ଧରେ  ମଶାଣିକୁ ଯିବେ । ଏମିତି କେତେ କଣ ସ୍ୱପ୍ନ ଦେଖୁଥାନ୍ତି ଅରଖିତର ବାପା ମାଆ ଓ ସପରିବାର  । ଅରକ୍ଷିତର ବି କିଛି  ବନ୍ଧୁ ବଡ ଠାକୁରଙ୍କ ନାମାନୁସାରେ ତା ପୁଅର ନାଁ 'ଜଗା' ରଖିବାକୁ ପ୍ରସ୍ତାବ ଦେଇଛନ୍ତି ।  ତାକୁ ସେ ଗ୍ରହଣ ବି କରି ନେଇଛି ।  ମାତ୍ର ବିଧିର ବିଧାନ ବଡ ବିଚିତ୍ର  । ସାବିର ତ ପିଲା ହେଲା, ମାତ୍ର ତାହା କନ୍ୟା ସନ୍ତାନଟିଏ । ଅରକ୍ଷିତର ମଦ ପିଇବାର ସଉକଟା ସେତେବେଳକୁ ଅଭ୍ୟାସରୁ କ୍ରମଶଃ କୁଅଭ୍ୟାସରେ ପରିଣତ ହୋଇ ସାରିଥିଲା । କନ୍ୟା ସନ୍ତାନ ଜନ୍ମ ହେବା ପରେ ପରେ କିଛି ବନ୍ଧୁ ତାକୁ କହିଥିଲେ ଯେ ପ୍ରଥମ ଗର୍ଭରେ କନ୍ୟା ହେବା ଭଲ ତା ଘରକୁ ଲକ୍ଷ୍ମୀ ଠାକୁରାଣୀଙ୍କର ଆଗମନ ହୋଇଛି । ତେଣୁ ସେ ନିଜକୁ ଜେନତେନ ପ୍ରକାର ବୁଝେଇ ଦେଇଥିଲା । ମାତ୍ର ନିଜର ଅଶିକ୍ଷିତ ପିତାମାତାଙ୍କର ପୁତ୍ର ମୋହ କ୍ରମଶ ଏତେ ଉଗ୍ର ଥିଲା ଯେ, ସାବି ଉପରେ ସାମାନ୍ୟ କଥା କଥାକେ ଅତ୍ୟାଚାର ଆରମ୍ଭ କରି ଦେଇଥିଲେ ଝିଅ ଜନ୍ମର କିଛି ଦିନ ଭିତରେ । ଅରକ୍ଷିତର ମଦ ଅଭ୍ୟାସ ବି  ସେତେବେଳକୁ ତାର ଆୟତର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାହାରକୁ ଚାଲି ଯାଇଥିଲା । ମଦ ପିଇ ପିଇ ଅନେକ ସମୟରେ କାମକୁ ଯାଏନି ସେ । ଯେବେ କାମକୁ ଗଲା ତ ମଜୁରି ଟଙ୍କା ଆଣି ଭାଟିରୁ ମଦ ପିଇ ଦେଇ ସବୁ ପଇସା ସାରିଦିଏ । ଘର କେମିତି ଚାଲିବ ତାର ସେ ଚିନ୍ତା ବି ନ ଥିଲା । ଯେତେ ବାରଣ କଲେ ବି ସାବି କଥା ଶୁଣେନି ସେ । ବରଂ ମୁହଁ ଖୋଲିଲେ ସାବି ଉପରେ ଆରମ୍ଭ କରି ଦେଉଥିଲା ଗାଳି,ମାଡ ଏପରକି ଅକଥନୀୟ ନିର୍ଯ୍ୟାତନା । ଘର ଚଳିବା କଷ୍ଟକର ହେବାରୁ ସାବି କେବେ କେବେ ପରର ଘରକାମ ତ ପରେ ମୂଲ ମଜୁରି ଲାଗିବାକୁ ଯାଇ ଯାହା ଆଣେ ଛୋଟ କନ୍ୟା ସହ ଶାଶୁ ଶଶୁରଙ୍କ ମୁହଁରେ ଦାନା ଦିଏ । କେବେ କେବେ ବି ସାବିର ମଜୁରି ଟଙ୍କାକୁ ଜୋର କରି ଛଡେଇ ନେଇ ଅରକ୍ଷିତ ମଦ ପିଇ ଦିଏ । ଅନେକ ସମୟରେ ଅରକ୍ଷିତକୁ ତାର ବାପା ମାଆ ଅନ୍ଧ ଭାବେ ସମର୍ଥନ କରନ୍ତି, କାରଣ ସେ ତାଙ୍କର ଗୋଟିଏ ବୋଲି ପୁଅ । ବଂଶ ରକ୍ଷା କରଛି । ବରଂ ସାବି  କାହିଁକି ପୁଅ ଜନ୍ମ କଲାନି  କହି ତାକୁ  ଗାଳି କରନ୍ତି । ଏମିତି ଅବସ୍ଥାରେ ଦୁଇ ବର୍ଷ ପରେ ସାବି ପୁଣିଥରେ  ଗର୍ଭବତୀ ହେଲା । ଆଶା ସମସ୍ତଙ୍କର ଥିଲା ଏଥର ପୁଅ ଟିଏ ନିଶ୍ଚୟ ହେବ । ତାଙ୍କ ବଂଶ ରକ୍ଷା ହୋଇଯିବ । ମାତ୍ର ବିଧିର ବିଧାନ  କିଛି ଅନ୍ୟ ପ୍ରକାର । ମଣିଷ ଯାହା ଭାବେ ଭଗବାନ ତାର କରନ୍ତି ଆଉ ମଣିଷ ଯାହା ମାଗେ ଭଗବାନ ଓଲଟା ଫଳ ଦିଅନ୍ତି । ସାବି ପୁଣି ଗୋଟିଏ କନ୍ୟା ସନ୍ତାନ ଜନ୍ମ ଦେଲା । ଅରକ୍ଷିତ କ୍ରମଶ ହିଂସ୍ର ହୋଇ ଉଠିଲା ।  କନ୍ୟା ଜନ୍ମ ହେବା କଥା  କାନରେ ପଡିବା ପରେ ଘରକୁ ଆଠ ଦିନ ପନ୍ଦର ଦିନରେ ଥରେ ଆସେ । ନିଶା ଶକ୍ତ ଅବସ୍ଥାରେ ମନ ଇଚ୍ଛା ବହେ ଛେଚି ଦେଇ ସାବିକୁ ଚାଲି ଯାଏ । ସାବି ଯେତେ ପ୍ରତିବାଦ କି  ପ୍ରତିରୋଧ କରିବାକୁ ଚେଷ୍ଟା କଲେ ବି ମରଦ ଲୋକଟାକୁ କେମିତି ଯେ ଅଟକେଇବ  ? ସାହସ ଜୁଟେଇ ଅନେକ ଥର ପ୍ରତିବାଦ କରିଛି । ମାତ୍ର ଶାଶୁ ଶାଶୁରଙ୍କ ସାହସରେ ଅରକ୍ଷିତ ଅଧିକ ବଳୀୟାନ ହୋଇଯାଏ । ମାତ୍ର ନିଜର ଦୁଇ କନ୍ୟାଙ୍କ ଭବିଷ୍ୟତ ଚିନ୍ତାରେ ସେ କିଛି ବି କରି ପାରେନି  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦ୍ୱିତୀୟ ପିଲା ଜନ୍ମ ହେବାର ମାତ୍ର ତିନି  ମାସ ଯାଇଛି । ଆଜି ପରି ସେଦିନ ଥାଏ ସାବିତ୍ରୀ ବ୍ରତ । ଗାଁର ସବୁ ବିବାହିତ ମହିଳାମାନେ ସ୍ୱାମୀଙ୍କ ମଙ୍ଗଳ କାମନା କରି ସାବିତ୍ରୀ ବ୍ରତ ପାଳନ କରିଥାନ୍ତି । ଗୋଟା ନିରଜଳା ଉପବାସ ଥାଏ ସେଦିନ ସାବି । ପାଣି ଟୋପେ ବି ଛୁଇଁ ନଥାଏ ସେ । ମନ୍ଦିରକୁ ଯିବା ପାଇଁ ପ୍ରସ୍ତୁତ ହେଉଥାଏ । ହଠାତ ଅରକ୍ଷିତ ଆସି ଘରେ ପହଞ୍ଚିଗଲା ନିଶାଶକ୍ତ ଅବସ୍ଥାରେ । ଟଙ୍କା ମାଗିଲା ମଦ ପିଇବା ପାଇଁ । ସାବି ନିଜର ଡେଲିଭରି ଠାରୁ କାହାରି କାମକୁ ଯାଇନି । ତେଣୁ ଟଙ୍କାଟିଏ ବି ତା ପାଖରେ ନଥାଏ । ଟଙ୍କା କେଉଁଠୁ ଆଣିବ ଯେ ତାକୁ ଦେବ ? ଅରକ୍ଷିତ ପ୍ରଶ୍ନ କରିଥିଲା, "ଯଦି ଟଙ୍କା ନାହିଁ ଏ ନୂଆ ଶାଢୀ, ଶଙ୍ଖା, ପୂଜା ସରଞ୍ଜାମ କେଉଁଠୁ ଆଣିଲୁ  ?"

ସାବି ନେହୁରା ହୋଇ କହିଥିଲା ପାଖ ସାହୁ ଘର କାମ କରିବା ପାଇଁ ଆଗୁଆ ପାଞ୍ଚ ସହ ଟଙ୍କା ଆଣିଛି । ଦେହ ଟିକେ ସୁସ୍ଥ ହେଲେ ତାଙ୍କ କାମ କରିବ । ସେ ଟଙ୍କାରେ ଆଜି ପରି ଦିନରେ ସ୍ୱାମୀର ମଙ୍ଗଳ କାମନା କରି ସେ ଶାଢୀ, ଶଙ୍ଖା, ସିନ୍ଦୁର ଆଣିଛି, ତାରି ମଙ୍ଗଳ ପାଇଁ, ତାରି ପୂଜା ପାଇଁ, ତା ଭଲ ପାଇଁ ।

କିଛି ବି ଶୁଣିବା ଅବସ୍ଥାରେ ନଥିଲା ଅରକ୍ଷିତ । ତାର କେବଳ ଟଙ୍କା ହିଁ ଦରକାର । ସାଙ୍ଗମାନଙ୍କୁ କଥା ଦେଇଛି ଟଙ୍କା ନେଲେ ସେମାନେ ଏକାଠି ବସି ମଦ ପିଇବେ ।

ସାବି ଅରାଜି ହେବାରୁ ମନ ଇଚ୍ଛା ପିଟି ଦେଇଗଲା ଅରକ୍ଷିତ ତାକୁ । ସାବିର ରୋଗିଣା ଉପାସିଆ ଶରୀରକୁ ବହୁତ ବାଧିଲା । କଷ୍ଟ ବି ଅସହ୍ୟ ଥିଲା । ଆଜି ପରି ପବିତ୍ର ଦିନରେ ଅରକ୍ଷିତ ତାକୁ ଏତେ ମାରିଲା । ଏ କଥା ଚିନ୍ତା କରି ସାବିର ଯନ୍ତ୍ରଣା ଦ୍ୱିଗୁଣିତ ହୋଇ ଯାଇଥିଲା । ପୁଣି ଅଧିକ ଉତ୍ୟକ୍ତ ହୋଇ ଅରକ୍ଷିତ ପିଲା ଦୁଇଟାକୁ ମାରି ଦେବାକୁ ଉଦ୍ୟତ ହେବାର ଦେଖି ସାବି କୌଶଳ କରି ଡାକ ପକାଇବାରୁ ପଡୋଶୀମାନେ ଚାଲି ଆସି ପିଲା ଦୁଇଟାକୁ ରାକ୍ଷସ ବାପା କବଳରୁ ଉଦ୍ଧାର କରିଥିଲେ । ସେମାନେ ପହଞ୍ଚିଥିବାରୁ ଅବଶ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅରକ୍ଷିତ ସେଠାରୁ ପଳାଇ ଯାଇଥିଲା । ମାତ୍ର ଆଜି ପରି ପବିତ୍ର ଦିନରେ ସ୍ୱାମୀର ଏମିତି ରାକ୍ଷସ ପ୍ରକୃତି ସାବିକୁ ଖୁବ କଷ୍ଟ ଦେଲା । ଦୁଃଖରେ ମ୍ରିୟମାଣ ହୋଇଯାଇଥିଲା ସେ ଭାବି ଭାବି । ହିତାହିତ ଜ୍ଞାନ ଭୁଲି ଯାଇଥିଲା ସେ ସମୟେ । ଜୀବନ ପ୍ରତି ତାର ସବୁ ମାୟା ମମତା ତୁଟି ଯାଇଥିଲା । ସିଦ୍ଧାନ୍ତ ନେଇଥିଲା ନିଜେ ମରିବ ତା ସହ ଦୁଇ ପିଲାଙ୍କୁ ବି ମାରିଦେବ । ପୂଜା ପାଇଁ ଆଣିଥିବା ଟଙ୍କାରେ ବିଷ କିଣି ଆଣି ଦୁଇ ପିଲାକୁ ପିଆଇ ଦେବା ସହ ନିଜେ ବି ପିଇଦେଲା । ଖବର ପ୍ରଚାରିତ  ହୋଇ ଯିବା ପରେ ପରେ ସାବି ଓ ତାର ଦୁଇ ଶିଶୁ କନ୍ୟାକୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ କିଛି ପଡୋଶୀ ନେଇ ଆସିଥିଲେ । ସେଦିନ ଗୋଟା ଉପାସରେ ସାବି ବିଷଖାଇ ଦେଇଥିବାରୁ ବିଷର ପ୍ରଭାବ ସାବି ଶରୀରକୁ ବିଶେଷ ପ୍ରଭାବିତ କରିଥିଲା । ଡାକ୍ତରମାନଙ୍କ ବହୁ ପ୍ରଚେଷ୍ଟା ଫଳରେ ସାବିର ଜୀବନକୁ ବଞ୍ଚାଇବାରେ ସକ୍ଷମ ହୋଇଥିଲେ, ମାତ୍ର ବିଷ ଜ୍ୱାଳାରେ ପ୍ରଭାବରେ ଦୁଇ ଶିଶୁକନ୍ୟା ତାର ଜୀବନ ହାରି ଦେଇଥିଲେ । ସେତେବେଳକୁ ଅରକ୍ଷିତର ପିତୃତ୍ୱ ଜାଗି ଉଠିଥିଲା । ତାର ଦୁଇ ପିଲାକୁ ସାବି କାହିଁକି ମାରିଦେଲା ବୋଲି କହି ପୋଲିସରେ ଅଭିଯୋଗ କରିବା ପରେ ପରେ ପୋଲିସ ସାବିକୁ ହତ୍ୟା ଅପରାଧରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅରକ୍ଷିତ ନିଜକୁ ସୁଧାରିବା ପରିବର୍ତ୍ତେ ସବୁ ଦୋଷ ସାବି ଉପରେ ଅଜାଡି ଦେଇଥିଲା । ଆଉ ତାର ସାକ୍ଷୀ ବୟାନକୁ ଭିତ୍ତି କରି ମାନ୍ୟବର କୋର୍ଟ ବି ଦୁଇ ନାବାଳିକାକୁ ବିଷ ଦେଇ ମାରି ଦେଇଥିବା ଅପରାଧରେ ସାବିକୁ ଆଜୀବନ ସଜା କାଟିବାକୁ ନିର୍ଦ୍ଦେଶ ଦେଇ ଥିଲେ । ସାବି ପ୍ରାୟ ଚାରି ପାଞ୍ଚ ବର୍ଷ ହେବ ଜେଲର ଚାରି କାନ୍ଥ ଭିତରେ ବନ୍ଦୀ ହୋଇ ସଜା କାଟୁଛି । ସମୟର ଦୋଷ ନା ତା ଗରିବ ପାଣିଆର ଦୋଷ । ତାର ଭୁଲ କେଉଁଠି ରହିଲା ସେ ଅନେକ ସମୟ ଏ କଥା ଭାବି ଭାବି ଅନ୍ୟ ମନସ୍କ ରହେ । ସାମାନ୍ୟ ମାନସିକ ଭାରସାମ୍ୟ ବି ହରେଇଲାଣି ଏହା ଭିତରେ । ପ୍ରତି ବର୍ଷ ସାବିତ୍ରୀ ବ୍ରତ ଦିନ ସେ ଅଧିକ ବିବ୍ରତ ହୋଇ ପଡେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ଅଧିକ ମାନସିକ ଭାରସାମ୍ୟ ହରାଇ ବସେ ।

ଜେଲର ବା ଜେଲ କର୍ମଚାରୀ ଯେତେ ଡାକିଲେ ବି ସେ ଆଦୌ ଯାଏନି ସାବିତ୍ରୀ ବ୍ରତ ପାଳିବାକୁ । ବରଂ କହେ ତାର ସ୍ୱାମୀ ତ ତା ପାଇଁ ମରି ଯାଇଛି । ସେ ଏବେ ବିଧବା । ସେ କଣ ପାଇଁ ସାବିତ୍ରୀ ବ୍ରତ ପାଳିବ ? ବିଧବାମାନେ କ'ଣ ସାବିତ୍ରୀ ବ୍ରତ ପାଳନ୍ତି ?

ସତରେ କିଛି ସାବିତ୍ରୀ ନିଜର ଇହ କାଳ ପର କାଳ ଦେବତାଙ୍କୁ ଯମଠାରୁ ଛଡାଇ ଆଣିବାର ପ୍ରୟାସ କରିଥାନ୍ତି, ନିଷ୍ଠାର ସହ ବି ଆଉ କିଛି ସାବିତ୍ରୀ ଦିନ ରାତି ଈଶ୍ୱରଙ୍କୁ ପ୍ରର୍ଥନା କରନ୍ତି ସବୁଦିନ ପାଇଁ ବିଧବା ହୋଇ ରହିଯିବା ପାଇଁ, କେବଳ ସ୍ୱାମୀର ଅତ୍ୟାଚାରରୁ ବଞ୍ଚିବା ପାଇଁ । କିଛି ସାବିତ୍ରୀ ଏମିତି ସଧବା ହୋଇ ସିନ୍ଦୁର କପାଳରେ ପିନ୍ଧି ସ୍ୱାମୀର କୋଡରେ ମୁଣ୍ଡ ରଖି  ମରିବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରି ତାଙ୍କ କାନ୍ଧରେ ମଶାଣିକୁ ଯିବାକୁ ମାନସିକ ରଖିଥାନ୍ତି ତ ଆଉ କିଛି ସାବିତ୍ରୀ ସଧବା ଥାଇ ବି ସାବିତ୍ରୀ ବ୍ରତ ପାଳିବାକୁ ମନା କରି ଦିଆନ୍ତି ଏମିତି ସାବି ପରି ପରିସ୍ଥିତରେ ପଡି ।  ବିଚିତ୍ର ଲୀଳା ଈଶ୍ୱରଙ୍କର । ସବୁ ସବିତ୍ରୀଙ୍କ ଭାଗ୍ୟରେ ସାବିତ୍ରୀ ବ୍ରତ ନ ଥାଏ । ନା ସେମାନେ ସ୍ୱାମୀର ହୋଇ ପାରନ୍ତି ନା ଯମର ।

ଆଇନଜୀବୀ, ଭଦ୍ରକ
୯୪୩୭୨୧୨୯୮୪୧
ଇମେଲ୍ : gada.advocate@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସର୍ତ୍ତ

ମାଧବୀ ବଡ଼ ପାଟିରେ ଚିତ୍କାର କରି କହୁଥିଲା, ଶୁଣ ! !... ଟିକେ, ମୋ କଥା ! କଣ ତମେ ଶୁଣି ପାରୁଛ ? ତମର ସବୁ ସର୍ତ୍ତରେ ମୁଁ ରାଜି ! ହେଲେ ମୋତେ ଛାଡି ତମେ କୁଆଡେ ଯିବ ନାହିଁ ! ତମକୁ ମୋ ରାଣ !

ଏହି କଥା ଶୁଣି ସାହି ପଡିଶା ଲୋକେ ତା ଆଡକୁ ଯେତିକି ଚାଁହୁ ଥିଲେ ସେତିକି ସମବେଦନା ଜଣାଉ ଥିଲେ !

ମାଧବୀ ନିଉ କଲୋନୀରେ ଏକ ଛୋଟିଆ ଘରେ ରହୁଥିଲା ! ସାଥିରେ ଥିଲା ତାର ପ୍ରେମିକ ସରୋଜ ! ସରୋଜକୁ ଭଲପାଇ ଘରୁ ଲୁଚି ପଳେଇ ଆସିଛି ମାଧବୀ ! ବଡଘର ଝିଅ ସେ ! କେଉଁ ଥିରେ ଅଭାବ ନାହିଁ ! ସକାଳୁ ଉଠିବାଠାରୁ ରାତିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ ସବୁ କାମରେ ଚାକର ଚାକରାଣୀ ଖଞ୍ଜା ହୋଇଥାଏ ! ଟିକେ ଇସ କରି ହେଲେ ବାପା ମାଆ ଦୌଡ଼ି ଆସନ୍ତି ! କଣ ହେଲା ତାଙ୍କ ଝିଅର ! ଗୋଡ଼େ ଗୋଡ଼େ ଜଗିଥାନ୍ତି ! ପିଲାବେଳୁ ତାର କେଉଁଥିରେ ଊଣା କରିନାହାନ୍ତି ! ଝିଅର ଯାହା ଯେତେବେଳେ ଦରକାର ତାହା ଯୋଗାଇ ଦେଇଛନ୍ତି !



ପୁଷ୍ପଲତା ସାହୁ

ଝିଅ ବଡ଼ ହେଲା ପରେ କଲେଜ ଗଲା ! ପାଠପଢା ସାଙ୍ଗକୁ ସେ ଭଲପାଇ ବସିଲା ସରୋଜକୁ ! ସରୋଜ ଗରିବଘରର ପୁଅ ! ଘରେ ମାଆ ପୁଅ ଦୁଇଜଣ ! ଦୁଃଖକଷ୍ଟ କରି ମାଆପୁଅକୁ ପାଠ ପଢାଇବାକୁ ଚାହେଁ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ କଣ ହେବ, ପୁଅ ପାଠ ପଢିବା ବେଳେ ଭଲପାଏ ମାଧବୀକୁ ! ଅତି ଅଲିଅଳିରେ ବଢ଼ିଥିବା ମାଧବୀକୁ ସରଗର ସୁଖ ଆଣିଦେବ ବୋଲି କଥାଦେଇଛି ! ମାଆ କଥାକୁ କାଟିପାରୁନି କି ମାଧବୀକୁ ଭୁଲି ପାରୁନି !

ଶେଷରେ ମାଆକୁ ଆଡେଇ ଦେଇ ମାଧବୀକୁ ନିଜର କରିବ ବୋଲି ଘର ଛାଡି ଆସେ ସରୋଜ ! ଦୁହେଁ ନିକଟତର ହେବା ପାଇଁ ଶପଥ ନିଅନ୍ତି ଆଉ ରାତାରାତି ଗାଁ ଛାଡି ଚାଲି ଆସନ୍ତି ସହରକୁ ! ପ୍ରେମ ନିଶାରେ ପାଗଳ ଦୁଇ ଜଣ ଯୌବନରେ ମତୁଆଲା ହୋଇ ପ୍ରେମ ସୌଧ ତୋଳିବାକୁ ସପନ ଦେଖନ୍ତି ! ମନରେ ଅନେକ ସପନ, ହେଲେ ସପନକୁ ସତ କରିବାକୁ ଦରକାର ଟଙ୍କା !

ଗରିବ ଘରେ ବଢ଼ି ଥିବାରୁ ସରୋଜ ସବୁ ପରିସ୍ଥିତିକୁ ସାମ୍ନା କରି ଚଳିଯାଏ ! କିନ୍ତୁ ମାଧବୀ ବଡ଼ଘରର ଝିଅ ହୋଇଥିବାରୁ ଅଯତ୍ନରେ ବଢ଼ି ଆସିଛି ! ପ୍ରତିକୂଳ ପରିସ୍ଥିତିରେ ନିଜକୁ ଖାପଖୁଆଇ ଚଳିବା ତା ପକ୍ଷରେ ବହୁତ କଷ୍ଟକର ବ୍ୟାପାର ! ଯାହା ହେଉ କିଛି ଦିନ କଷ୍ଟେ ମଷ୍ଟେ ଚଳିଗଲେ !

କିଛି ଦିନ ପରେ ମାଧବୀ ସରୋଜ ସହ ଝଗଡା କରେ, ପ୍ରତି କଥାରେ ବଡ଼ ବଡ଼ ବରାଦ କରେ, ଯାହାର ଫଳସ୍ୱରୂପ ସହରରେ କାମ କରିବା ବାହାନାରେ ସରୋଜ ତାକୁ ଛାଡି କୁଆଡେ ଗଲା ଯେ ତାର ପତ୍ତା ମିଳିଲା ନାହିଁ ! ବହୁତ ଦିନ ଖୋଜାଖୋଜି କରିବା ପରେ ନଈ କୂଳରୁ ଏକ ଯୁବକର ଶବ ଉଦ୍ଧାର କରାଯାଏ ! ସେହି ଶବଟି ସରୋଜର ଭାବି ମାଧବୀ ଚିନ୍ତା ମଗ୍ନ ରହିଥାଏ ! ପୋଲିସ ସରୋଜର ମୃତ ଶରୀରକୁ ଆଣି ମାଧବୀ ପାଖରେ ରଖି ଦିଅନ୍ତି !

ସରୋଜର ମୃତ ଶରୀରକୁ ଦେଖି ମାଧବୀକୁ ଆଉ ସମ୍ଭାଳେ କିଏ ! ନିଜର ସାମାନ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୁଲ ପାଇଁ ଆଜି ତାକୁ ତା ମନର ମଣିଷ, ଆଉ ଆଖିର ତାରାକୁ ହରାଇବାକୁ ପଡିଛି ! ଏସବୁ ଦେଖି ସେ ପାଗଳ ପ୍ରାୟ ! ଯାହାକୁ ନେଇ ସ୍ୱପ୍ନର ତାଜମହଲ ଗଢିବା ପାଇଁ ମନରେ ଆଶା ବାନ୍ଧିଥିଲା ସେ ଆଜି ସାତ ପର କରି ଚାଲି ଯାଇଛି !

ହେଲେ ନିଜକୁ ବିଶ୍ୱାସ କରିପାରୁନି, ସରୋଜ ଭଳି ଶାନ୍ତ ସରଳ ପିଲା କେବେ ଏଭଳି କାମ କରିବନି ! ମୋତେ ପର କରି ତମେ କୁଆଡେ ଚାଲିଗଲ, ତମର ସବୁ ସର୍ତ୍ତରେ ମୁଁ ରାଜି ଖାଲି ତମେ ଥରେ ଫେରିଆସ ! ଦେଖିବ ସବୁ ଠିକ ହୋଇଯିବ !

ମାଧବୀ ସରୋଜକୁ କଥା ଦେଇ ତାର ସର୍ତ୍ତରୁ ବାହାରି ଯାଇ ବହୁତ ବଡ଼ ଭୁଲ କରିଛି, ଏବେ ଅନୁତପ୍ତ ମାଧବୀ ଉପାୟଶୂନ୍ୟ !!

ଏକାକୀ ବଂଚିବା ଛଡା କିଛି ପଥ ନାହିଁ !!.......

ପୁଷ୍ପଲତା ସାହୁ
ଶିକ୍ଷୟତ୍ରୀ, ଜଗତସିଂହପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଃଖ

'ଜୀ-ବ-ନ' ତିନୋଟି ଅକ୍ଷରର ସମାହାର । କଥାରେ କହନ୍ତି-"ଆଜିର ଜୀବନ କାଲକେ ନେଇଁ" । ଏ ମଣିଷ ଜୀବନ ପାଣିର ଫୋଟେକା ପରି । କେତେବେଳେ ଯେ ଲିଭିଯିବ ତାହା ଜଣା ନାହିଁ । ଏ କମ୍ ସମୟ ମଧ୍ୟରେ ମଣିଷକୁ ଅନେକ କିଛି କରିବାର ଅଛି । କିନ୍ତୁ ଏ ସୁଖମୟ ଜୀବନରେ ଏକ ଅନ୍ଧାରମୟ ଦୁଃଖ ପ୍ରବେଶ କରିଥାଏ । ସେ ହିଁ ଜୀବନକୁ ଓଲଟ ପାଲଟ କରିଦିଏ ।

ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଦୁଃଖ । ଏ ସଂସାରରେ ଯିଏ ଜନ୍ମ ହୁଏ ତାର ମୃତ୍ୟୁ ଅନିବାର୍ଯ୍ୟ । ତାକୁ ମଣିଷ ଜାଣେ କିନ୍ତୁ ସେ ବଞ୍ଚିଥିବା ପର୍ଯ୍ୟନ୍ତ ତାର ଜୀବନକୁ ହସଖୁସି ଆଉ ସୁଖରେ କଟାଇବାକୁ ଚାହେଁ । କିନ୍ତୁ ତାହା ତାପକ୍ଷେ ସମ୍ଭବ ହୁଏ ନାହିଁ । ମଣିଷ ଯେତେବେଳେ ସୁଖୀ ଜୀବନଯାପନ କରୁଥାଏ ସେତେବେଳେ ଅନାଚକ କେଉଁ ଆଡୁ ସୁନାମି ପରି ମାଡିଆସେ ଦୁଃଖ । ସବୁ ହସ ଖୁସି, ସୁଖ ଶାନ୍ତିକୁ ଧୂଳିସାତ କରିଦିଏ ।



ରାଜେନ୍ଦ୍ର ବୋଡ଼କିଆ

ବ୍ୟକ୍ତିକୁ ଚାରି ଦିଗ ଅନ୍ଧାର ଲାଗେ । କଣ କରିବ ? କେମେତି କରିବ ?କିପରି କରିବ ? ସେ ସ୍ଥିର କରିପାରେ ନାହିଁ । ଆପଣାର ଲୋକମାନେ ମଧ୍ୟ ଦୂରେଇ ଯାଆନ୍ତି । କଥାରେ ନାଇଁ-"ସମ୍ପଦ ବେଳେ ସର୍ବେ ସଖା ବିପଦେ ନ ଦିଅନ୍ତି ଦେଖା" । କଥାଟି ଅକ୍ଷରେ ଅକ୍ଷରେ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସତ ।ଦୁଃଖ ସମୟରେ କେବଳ ନିଜ ଉପରେ ହିଁ ଭରସା ରଖି ଧର୍ଯ୍ୟ ର ସହ ଲଢ଼ିବାକୁ ପଡ଼ିବ । ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ ।

ଦୁଃଖ ପରେ ସୁଖ ଆସେ । ଇଏତ ମଣିଷ ଜୀବନ । କିନ୍ତୁ ଦୁଃଖ ପରେ ସୁଖ ନ ଆସି କେବଳ ଦୁଃଖ ଆସିବାଟା କଣ ଜୀବନ ? ଭଗବାନ୍ ଏ ସଂସାରକୁ ଅତି ସୁନ୍ଦର ଭାବେ ଗଢ଼ିଛନ୍ତି । ଯଦି ଦୁଃଖ ନ ଥିଲେ ସୁଖର ମଜା ନାହିଁ, ଯଦି କାନ୍ଦ ନ ଥାନ୍ତା ହସ ର ମଜା ନାହିଁ, ଯଦି ଅସଫଳ ନ ଥାନ୍ତା ତେବେ ସଫଳତାର ଆନନ୍ଦ ଜାଣି ହୁଅନ୍ତା ନାହିଁ । ଯେମିତିକି ପଙ୍କ ବିନା ପଦ୍ମର ଜାତ ସମ୍ଭବ ନୁହେଁ; ସେମିତି ଦୁଃଖ ବିନା ସୁଖର ଜାତ ମଧ୍ୟ ଅସମ୍ଭବ ।

ଭଗବାନ୍ ସୃଷ୍ଟି କରିଥିବା ଜୀବ ମଧ୍ୟରେ ମଣିଷକୁ ଶ୍ରେଷ୍ଠ ବୋଲି ଗ୍ରହଣ କରାଯାଏ । କିନ୍ତୁ ସେଇ ମଣିଷ ଟିକେ ଦୁଃଖ ଆସିଲେ ଭାଙ୍ଗିପଡେ । ଧୈର୍ଯ୍ୟହରା ହୋଇ ପଡ଼େ । ମଣିଷ ତ ଅସମ୍ଭବକୁ ସମ୍ଭବ କରିପାରୁଛି ତଥାପି ସେ ଦୁଃଖ ଆଗରେ ହାର ମାନିଯାଏ କାହିଁକି ?

ଜୀବନର ମାନେ ତ ଦୁଃଖ, ଜୀବନ ଥିଲେ ଦୁଃଖ ତ ନିଶ୍ଚୟ ରହିବ । ଏମିତି କୋଉ ଜୀବ ନାହିଁ; ଯାହାର ଦୁଃଖ ନାହିଁ । ଅଯଥାରେ ଚିନ୍ତାକରି ମନକୁ କଷ୍ଟ ଦେଲେ କଣ ହେବ ? ସମୟ ଯେମିତି ଦିନ ପରେ ରାତି ଆସେ ଠିକ୍ ସେମିତି ଦୁଃଖ ପରେ ସୁଖ ଆସେ । ମଣିଷକୁ ହାର ନ ମାନି ଦୁଃଖ ସହିତ ଲଢ଼ିବାକୁ ପଡ଼ିବ । ଯେତେଦିନ ପର୍ଯ୍ୟନ୍ତ ମଣିଷ ଶରୀରରେ ପ୍ରାଣବାୟୁ ଥିବ, ସେତେଦିନ ପର୍ଯ୍ୟନ୍ତ ସଂଗ୍ରାମ କରିବାକୁ ହେବ । ତେବେ ଯାଇ ଆମକୁ ସୁଖ ଓ ଶାନ୍ତି ପ୍ରାପ୍ତ ହେବ ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା, ଓଡ଼ିଶା
କଦଳୀମୁଣ୍ଡା, ଧର୍ମଗଡ, କଳାହାଣ୍ଡି, ଓଡ଼ିଶା
ସ୍ନାତକ ତୃତୀୟ ବର୍ଷ ଓଡ଼ିଆ ସମ୍ମାନ,
ମୋ - ୮୧୧୪୦୩୫୩୮୫୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟସ୍ତ ସହର

ବାଙ୍ଗର ଗ୍ରାମରେ ଅନେକ ପରିବାର ବାସ କରନ୍ତି । ସେଇ ଗାଁରେ ବାସ କରନ୍ତି ମଦନ ଦାସ । ପରିବାର କହିଲେ ସ୍ତ୍ରୀ- ରୀନା ମଣି ଦାସ ପୁଅ -ରାମପ୍ରସାଦ ଦାସ । ମଦନ ଦାସର ଘରେ ଅନେକ ଦୁଃଖ ବଞ୍ଚିବାର ଆଶା ପେଟର ଭୋକ ଅନେକ କଥା କହୁଥିଲା ଏଇତ ଜୀବନ ।

ଜୀବନର ସ୍ୱାଦ କୁ ଚାଖିଲା
ବେଳକୁ ଲକ୍ଷ୍ୟ ଭାସି ଯାଉଛି
ଭାବନା ସୁଅରେ କେମିତି ବୁଡିବି
ଦୁଃଖ ମୋ ଭସେଇ ନେଉଛି...

ନିଶ୍ୱାସର ପବନ ମନେ ପକାଉଥିଲା ଜୀବନ କେମିତିକା । ଏମିତିରେ କିଛି କାମ ମଦନ ଦାସକୁ ଦିନେ କାମ କଲେ ଦୁଇ ଦିନ ବନ୍ଦ । ପଇସାର ଅଭାବି ଓ ଚୁଲି ଓଳିଏ ଜଳିଲେ ଓଳିଏ ବନ୍ଦ ଓଳିଏ ଖାଇଲେ ଓଳିଏ ବନ୍ଦ, ଦିନ ମଜୁରୀଆ ମୁହଁର ଚାହାଣୀ ଟିକକ ଅପେକ୍ଷା କରିଥାଏ ବାବୁମାନେ ଆସି କେତେବେଳେ ଡାକିବେ ।



ଦୁଷ୍ମନ୍ତ ବେହେରା

ଲୋତକ ଚାହାଣୀ ଚାହିଁଛି ତୁମକୁ
କେତେବେଳେ ବାବୁମାନେ ଆସିବ
ପେଟର ଭୋକକୁ ମେଣ୍ଟିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗରୁ ମନକୁ ମେଣ୍ଟିଯାଅ.........

ମାଟିଘରର ଚାରିକାନ୍ଥ କହୁଥିଲା ଲଙ୍ଘିଯା ଗାଁ ଛାଡି ସହରକୁ । ରାମପ୍ରସାଦ ବାପାଙ୍କର ଦୁଃଖ ଗରିବର ଅଭାବ ଦେଖି "ମା" କୁ କହିଲା ମୁଁ ସହରକୁ ଯିବି କିଛି ରୋଜଗାର କରିବି । "ମା" କହିଲେ ତୁ ଏବେ ପଢୁଛୁ କ'ଣ ରୋଜଗାର କରିପାରିବୁ ହଁ ମା ଭୋକ ଦେଖେଇ ଥାଏ ରୋଜଗାର ବାଟ......

ଆଶା ଦେଖାଏ ଜୀବନ

ଜୀବନ ଦେଖାଏ ଲକ୍ଷ୍ୟ

ଲକ୍ଷ୍ୟ ଦେଖାଏ ଯୋଗ୍ୟତା

ଏ ଯୋଗ୍ୟତା ଟିକକ ଶୁଆଇ ଦିଏନା

"ମା" ଅପେକ୍ଷା କରିଥାନ୍ତି ସ୍ୱାମୀଙ୍କୁ ବେଳ ଅନ୍ଧାର ହେଇ ରାତି ନଅଟା ସମୟ ବେଳେ ଆସି ପହଞ୍ଚିଲେ । ଖାଇ ବସିବା ସମୟରେ ରୀନା ମଣି କହିଲେ ପୁଅ ବାହାରୁଛି ସହର ଯିବ କିଛି ରୋଜଗାର ଆଶାରେ । ମଦନ କହିଲେ ଗୋଟିଏ ବୋଲି ପୁଅ କଣ କାମ କରିପାରିବ । ହଉ ଯାଉ ।

ତା' ପରଦିନ କିଛି ଟଙ୍କା, ବ୍ୟାଗ୍ ଓ ପୋଷାକ ନେଇ ବାହାରିଲା ସହର ଅଭିମୁଖେ । ବସ୍ ଷ୍ଟାଣ୍ଡ ରେ ବସ୍ ରେ ବସି ରାମପ୍ରସାଦ ବାହାରି ଗଲେ । ସକାଳ ସମୟ ଛଅଟା ବସ୍ ରୁ ଓଲ୍ଲାଇ ଏଣେତେଣେ ଅନାଇ ଏଇତ ସହର ଏଠି ସବୁ ଜିନିଷ ନୂଆ ଲାଗୁଛି ।

କିଛି ଦୁର ଗଲାପରେ ଗାଡିର ଶବ୍ଦ ଲୋକଙ୍କ କୋଳାହଳ ଓ ଲୋକସଂଖ୍ୟା ଦେଖି ଓହଃ କି ବ୍ୟସ୍ତ ସହର । ଧୂଳି ଉପରେ ପବନର ମାଡ । କିଏ ଏଠି କାହାର ଠିକଣା ରଖିଛି । ସତେ ଯେମିତି କିଏ ଯାଉଛି ଆଉ କିଏ ଆସୁଛି । ଏଠି ଏତେ ବ୍ୟସ୍ତ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ସହରର ପାଦଦେଶରେ ଯେଉଁଠାରେ ଆଖି ପଡିଲା ରାମ ପ୍ରସାଦର ସେଠି ସେ ଦେଖିଲା ବସ୍ ଷ୍ଟାଣ୍ଡରେ ବସ୍ ବ୍ୟସ୍ତ, ଦୋକାନରେ ଦୋକାନୀ ବ୍ୟସ୍ତ, ରେଳଷ୍ଟେସନ୍ ରେ ରେଳ ବ୍ୟସ୍ତ, ଏଠି ରିକ୍ସା, ଅଟୋ, ବ୍ୟସ୍ତ କିନ୍ତୁ ଏଠି କାହାର ପରିବେଶ ଚିନ୍ତା ପଡୁନାହିଁ । ନିଜ ସ୍ୱାର୍ଥରେ ମଣିଷ ନିଜେ ବ୍ୟସ୍ତ ।

କିଛି ଦୁର ଚାଲିଗଲା ପରେ ଶୋଷ ଲାଗିଲା । ବ୍ୟାଗ୍ ରଖିଦେଇ ପାଣି ଟ୍ୟାପ୍ ପାଖକୁ ଗଲା ପାଣି ପିଇସାରି ଆସି ଦେଖିଲା ବ୍ୟାଗ୍ ନାହିଁ । ବ୍ୟାଗ୍ ରେ ଥିବା ଟଙ୍କା ଓ ପୋଷାକ ଚୋରି ହୋଇ ଯାଇଛି ।

ବ୍ୟସ୍ତ ତ ଲାଗୁଛି ମନ ଭିତରେ
ଦେହ ଅଥୟ ହେଉଛି
ଉଛୁର ବେଳକୁ ଦୁଷିତ ଦୁନିଆ
ଭାବିଲେ ବୁଡୁଛି ଭାଳେଣୀ.....
ଦୁଃଖ ସାଉଟା ସ୍ୱପ୍ନ ଗୁଡିକ
ଆଶା ଦୁନିଆରେ ମିଳେଇ, ଯାଉଛି
ଲୁହକୁ ପୋଛିଲା ବେଳକୁ
ଜୀବନ ଟିକକ ଭାସି ଯାଉଛି.....

କଣ କରିବି କିଏ କାମ ଦବ ପାଖରେ ତ ପଇସା ନାହିଁ । ଖାଇବି କ'ଣ ? ଏ ସହର ତ ବ୍ୟସ୍ତ । ଏଠି ପବନ ଅଣ ନିଶ୍ୱାସୀ ର ବାଟ ନେଇ ଖୋଜି ବୁଲୁଛି କେମିତି ମୁକ୍ତି ପାଇବି । ଏ ସହରରେ ମୋ ମନର କଥା କାହାକୁ କହିବି । ଶୁଣିବ କିଏ । ଏଠି ରାସ୍ତା ଠାରୁ ଚଲାବାଟ ବ୍ୟସ୍ତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ୍ତ ଆସି ଦଶଟା ପେଟରେ ଭୋକ । ପାଖରେ ତ ପଇସା ନାହିଁ ଖାଇବାକୁ ଦବ କିଏ । ମନରେ ଭାବୁ ଭାବୁ ଆମ ଗାଁ ରେ ତ ଘରୁ ବାହାରିଲେ ଅନେକ ଲୋକ ପଚାରନ୍ତି । ଆରେ ରାମ କୁଆଡେ ବାହାରିଲୁ ଖବର କ'ଣ । ଆଉ ଇଏତ ସହର ଏଠି କିଏବା ପଚାରେ ।

ଏଇ ଭାବୁ ଭାବୁ ଅନେକ ସମୟ୍ତ ବିତି ଯାଉଥାଏ । ପେଟର ଭୋକ ବ୍ୟସ୍ତ ମନ ଓ ଆଖିର ଲୁହ ବୋହି ଯାଉଥାଏ । ଏହି ସମୟରେ ଜଣେ ଭଦ୍ର ଲୋକ ଆସି ପଚାରିଲେ କ'ଣ ହେଇଛି ବାବୁ । ତୁମ୍ଭେ ଆଖିରେ ଲୁହ ।

ଆଜ୍ଞା ମୁଁ ଗାଁରୁ ସହର ଆସିଛି । କିଛି ରୋଜଗାର ଆଶାରେ କିନ୍ତୁ ଏଠି ସମସ୍ତେ ବ୍ୟସ୍ତ । ମୋ ବ୍ୟାଗ୍ ରେ ଥିବା ଟଙ୍କା ଚୋରି ହୋଇଗଲା କ'ଣ କରିବି ଆଜ୍ଞା ।

ହଉ ବାବୁରେ ଦୁଃଖ କରନାହିଁ । ମୁଁ କିଛି ଟଙ୍କା ଦେଉଛି ତୁମେ ଗାଁକୁ ଫେରିଯାଅ । ରାମ କିଛି ସମୟ୍ତ ଭାବିଲା ମୁଁ ଗାଁରୁ ସହରକୁ ଆସିଛି ପୁଣି ଗାଁକୁ ଫେରିଯିବି । ଆରେ ହଁ ତ ଆମର ଚାଷ ଜମି ତ ଅଛି । ମୁଁ ଗାଁ କୁ ଫେରି ଚାଷ କରିବି ।

ରାମପ୍ରସାଦ ବସ୍ ରେ ଗାଁକୁ ଫେରିଲା । ଘରେ ପହଞ୍ଚି "ମା" କୁ ସବୁକଥା କହିଲା । "ମା" ସେଠି ସମସେ ବ୍ୟସ୍ତ । ସେଠି କିଏ କାହାକୁ ପଚାରନ୍ତି ନାହିଁ । ତୁମ ଦୁଃଖରେ ଦୁଃଖି ତୁମ ସୁଖରେ ସୁଖୀ, ବଡ ବିଚିତ୍ର ଏ ସହର ଦୁନିଆ ।

"ମା" ମୁଁ ଆମ ଜମିରେ ପନିପରିବା ଚାଷ କରିବି । ମୁଁ ଏଣେ ତେଣେ କାହିଁକି ବୁଲିବି ।

ଏଠି ଆମର ସୁନା ଫଳିବ

ମାଟିର ବାସ୍ନାରେ ବିମୋହିତ ହୋଇ

ଦେଖିଲି ନୂଆ ସ୍ୱପ୍ନ

ମୋ ଗାଁ ମାଟି ମମତା କୋଳରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନେଇଛି ତା' କୋଳେ ମୋତେ...

ଫଳିବ ମାଟିରେ ସୁନା
ଦେଖିବ ସାରା ଦୁନିଆ
କହୁଥିବେ ଜନେ ରଖିଛି ଟେକ
ମାଟି ଦେଶର ନାଁ.......

ଦୁଇ ବର୍ଷ ପରେ ରାମପ୍ରସାଦ ଜମିରେ ଫଳିଲା ସୁନା । ଖୁସିର ଲହରି ଦେଖି ଗାଁ ଲୋକେ ଓ ରାମପ୍ରସାଦ ମନରେ ହସର ଲହରି ଖେଳିଗଲା ।

ମଣିଷ ନିଜର ପରିଶ୍ରମ, ଲକ୍ଷ୍ୟ ଓ ମନୋବଳକୁ ନେଇ ଯେ କୌଣସି କାମକୁ ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ।।।

ଦୁଷ୍ମନ୍ତ ବେହେରା
ରାସୋଳ-ମୁଣ୍ଡିଆପଶି
ଢେଙ୍କାନାଳ
ମୋ ନଂ -୯୯୩୭୬୬୨୪୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଢୁଆଁଷ୍ଟମୀ

ଆଜି ପଢୁଆଁଷ୍ଟମୀ । ଗାଁ, ସାହି, ପଡାରୁ ହଳଦୀ ପତ୍ରରେ ଏଣ୍ଡୁରି ପିଠାର ମହକ ଭାସି ଆସୁଛି । ଓଡ଼ିଶାର ପରମ୍ପରିକ ପର୍ବ ପ୍ରାର୍ଥମାଷ୍ଟମୀ । ପ୍ରଥମ ସନ୍ତାନ ପୁଅ ହେଉ ବା ଝିଅ ହେଉ ସେ ପଢ଼ୁଆ ହେବେ । ପିଲାଙ୍କ ଖୁସି କହିଲେ ନ ସରେ । କାରଣ ବାପା ମା' ପଢ଼ୁଆ କରିବା ସହିତ ମାମୁଁ ଆଜି ନୂଆ ବସ୍ତ୍ର ମିଠା ପିଠା ନେଇ ଆସନ୍ତି ଭଣଜା ଭାଣିଜୀଙ୍କୁ ପଢ଼ୁଆ କରିବାକୁ । କିନ୍ତୁ କୁନି ଋଷି ବସିଛି । କାନ୍ଦି କାନ୍ଦି ତାର ଆଖି ଦୁଇଟା ଫୁଲି ଗଲାଣି । ତା' ପାଇଁ ପ୍ରଥମାଷ୍ଟମୀରେ ନୂଆ ଡ୍ରେସ ହୋଇ ନାହିଁ । ମା' କମଳା ତାକୁ ଯେତେ ବୁଝାଇଲେ ବୁଝୁ ନାହିଁ । ଅତୀତ ଦିନର କଥାକୁ ମନେ ପକାଇ କାନ୍ଦୁଛି । ସେ ତାର ବାପାଙ୍କୁ ଝୁରୁଛି ।



ବାସନ୍ତୀଲତା ଜେନା

ନଦୀ ପାଖରେ କମଳା ଓ ରାଜୀବର ଘର । ଦୁଇ ବର୍ଷ ପୂର୍ବେ ପ୍ରବଳ ବର୍ଷା ହୋଇଥିଲା । ନଦୀ ବନ୍ଧ ଭାଙ୍ଗି ବନ୍ୟା ପାଣି ଗାଁ ଭିତରକୁ ଅର୍ଦ୍ଧ ରାତ୍ରିରେ ମାଡି ଆସିଲା । ସେହି ବନ୍ୟା ଜଳରେ ଗାଁର ବହୁ ଲୋକ ପାଣି ସୁଅରେ ଭାସି ଯାଇଥିଲେ । କେତେକ ଉଦ୍ଧାର ପାଇଲେ ତ କେତେକ ସଲୀଳ ସମାଧି ନେଲେ । ସେହି କାଳ ରାତ୍ରି ଥିଲା କାମଳାଙ୍କ ଜୀବନରେ ଅସରନ୍ତି ଅମାବାସ୍ୟାର ରାତ୍ରି । ସେହି ଜଳ ସ୍ରୋତରେ ଭାସି ଯାଇଥିଲେ, କାମଳର ସ୍ୱାମୀ ରାଜୀବ ଓ ପୁଅ ଶ୍ରୀକାନ୍ତ । କୌଣସି ମତେ ରକ୍ଷା ପାଇଯାଇ ଥିଲେ କମଳା ଓ ଆଠ ବର୍ଷର ଝିଅ କୁନି । ରାଜୀବ ଓ କମଳା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁହେଁ କାମ କରି ଘର ଚଳାଉ ଥିଲେ । ଦୁଃଖେ ସୁଖେ ହସ ଖୁସିରେ ତାଙ୍କର ଦିନ କାଟି ଯାଉ ଥିଲା । କିଏ ଜାଣି ଥିଲା କାମଳର ସୁନା ସଂସାର ହଠାତ ଚୁନା ହୋଇ ଯିବ ? ବନ୍ୟା ପାଣି ଛାଡି ଯିବା ପରେ କମଳା ତାର ସ୍ୱାମୀକୁ ବହୁତ ଖୋଜା ଖୋଜି କଲା । ପାଇଲା ନାହିଁ । ପୁତ୍ର ସ୍ୱାମୀ ଦୁଇ ଜଣଙ୍କୁ ସେ ହରାଇ ବସି ଥିଲା । ଦୁଇ ଦିନ ପରେ ନଦୀ ପାଖ ଗଛ ଡାଳରେ ଲାଗିଥିଲା ସ୍ୱାମୀଙ୍କର ମୃତ ଦେହ । ପୁତ୍ର ଶ୍ରୀକାନ୍ତର ପତ୍ତା ନ ଥିଲା । କମଳା ହୋଇଗଲା ଭାଗ୍ୟ ହିନା । ତା' ଶଙ୍ଖା ସିନ୍ଦୂର ତା' ଠାରୁ ବହୁ ଦୂରକୁ ଚାଲିଗଲା । ତାକୁ ଚାରି ଆଡ଼ ଅନ୍ଧାର ରହିଲା । ଝାଟି ମାଟିର ଘର ତା' ର ନଦୀ ଜଳରେ ଧରା ଶ୍ରାୟୀ ହୋଇଥିଲା । ସ୍କୁଲ ଘରେ ତିନି ଦିନ ରହିବା ପରେ ନିଜ ଘରକୁ ଫେରିଲା । ନିଜ ଜାଗାରେ ମିଳି ଥିବା ଜରି ପଲିଥିନ ପକାଇ କିଛି ଦିନ ରହିଲା କୁନିକୁ ନେଇ । ତା' ପରେ ମାଟି ଘରକୁ ନିଜେ ସଜାଡ଼ିଲା । ଛୋଟ ଝିଅଟିକୁ ସାଙ୍ଗରେ ଧରି । ଚାରି ଘରେ କାମ କରୁଛି ଜୀବନ ବଞ୍ଚାଇବାକୁ । ଝିଅ ପଢୁଛି ଗାଁ ସରକାରୀ ସ୍କୁଲର ତୃତୀୟ ଶ୍ରେଣୀରେ । ଦିନକୁ ଦୁଇ ଓଳି ପେଟ ପୂରା ଖାଇବାକୁ ମିଳେନା । ଗାଁ ୱାର୍ଡ ମେମ୍ବର / ସରପଞ୍ଚ ଙ୍କୁ Rs ୨୦୦/-- ଦେଇ ପାରିଲାନି ବୋଲି ତାର ରେସନ କାର୍ଡ ( ବି. ପି. ଏଲ ) ହୋଇ ପାରିଲା ନାହିଁ । ତାକୁ ସରକାରୀ ସାହାଯ୍ୟରୁ ବଞ୍ଚିତ ହେବାକୁ ପଡୁଛି ।

ଆଜି ପରା ଦିନରେ ସମସ୍ତଙ୍କ ଘର ହସ ଖୁସିରେ ଭରି ଯାଇଛି । ଆଉ କାମଳର ଘର ଶ୍ରାବଣର ଝଡି ବର୍ଷା ଲାଗି ରହିଛି । ମା ଝିଅଙ୍କର ଆଖିରୁ ଲୁହ ଶୁଖୁ ନାହିଁ । ମା କମଳା କୁନିକୁ ଠିକ ଭାବରେ ବୁଝାଇ ବି ପାରୁନି । କୁନିର ପୁରୁଣା ଡ୍ରେସକୁ କମଳା ସଫା କରି ରଖିଛି । ନୂଆ ଚାଉଳ, ନୂଆ ବିରିରେ ପିଠା କରିଛି । କିନ୍ତୁ କୁନି ଖାଉନି । କାନ୍ଦୁଛି ନୂଆ ଡ୍ରେସ ପାଇଁ । କୁନି କହୁଛି ମା' ତୁତ ମୋ ପାଇଁ ଡ୍ରେସ ଆଣି ଦେଲୁନି । ମାମୁଁ ବି ଆସିଲେ ନାହିଁ । ମୁଁ କଣ ଏ ବର୍ଷ ନୂଆ ଡ୍ରେସ ପିନ୍ଧିବିନି ? ମା କମଳା ଉତ୍ତର ଦେଇ ପାରୁନି ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କୋହରେ ତାର ମନ ଅଶାନ୍ତ ହୋଇ ଉଠୁଛି ।

କୁନିର ମାଇଁ କ୍ୟାନ୍‌ସରରେ ପୀଡିତ । ମାମୁଁଙ୍କର ବି ଦେହ ଭଲ ରହୁନି । ଶ୍ୱାସ ବେମାରଟା ଭାରି କଷ୍ଟ ଦେଉଛି, ଟିକେ ଥଣ୍ଡା ହୋଇଗଲେ । ଅସୁସ୍ଥତା ଯୋଗୁ ସେ ବି କମଳା ଘରକୁ ଆସି ପାରୁନାହାନ୍ତି । ବହୁ କଷ୍ଟରେ ଝିଅକୁ ବୁଝାଇ ଗାଧୋଇ ଦେଲା । ପାଦରେ ଅଳତା ପିନ୍ଧାଇ ଦେଲା । କପାଳରେ ଚନ୍ଦନ ଟିପା ଲଗାଇ ଦେଲା । ପିଢାରେ ବସାଇ ଧୂପ ଦୀପ ଜାଳି, ହଳଦୀ ଚାଉଳ ମସ୍ତକରେ ପକାଇ ଦେଲା । କହିଲା, ଯା ! ଠାକୁରଙ୍କୁ ପ୍ରଣାମ କରି ଆସିଲେ ପିଠା ଖାଇବୁ । ଆର ବର୍ଷକୁ ମୁଁ ତୋ ପାଇଁ ନିଶ୍ଚୟ ନୂଆ ଡ୍ରେସ କରିଦେବି । ମୋ ସୁନାଟା ପରା, ଏଥର ଏଇ ଡ୍ରେସରେ ଚଳେଇ ଦେ । କୁନି ମା'ର କଥା ମାନି ଠାକୁରଙ୍କୁ ପ୍ରଣାମ କରିବାକୁ ଗଲା । କହିଲା ! ଠାକୁରେ, ତୁମେତ ଭଗବାନ । ମା କହୁଥିଲା ତୁମେ ସବୁ କଥା ଶୁଣିପାର । ସମସ୍ତଙ୍କ ଦୁଃଖ ଦୂର କର । ମୋ କଥା କାହିଁକି ଶୁଣି ପାରୁନ ? ମୋ ବାପା, ସାନ ଭାଇଙ୍କୁ କାହିଁକି ତୁମ ପାଖକୁ ନେଇଗଲ । ମୋ ବାପା ଥିଲେ ମୋ ପାଇଁ ନିଶ୍ଚୟ ନୂଆ ଡ୍ରେସ ଆଣି ଦେଇଥାନ୍ତେ । ଆମେ ସମସ୍ତେ ଖୁସିରେ ରହିଥାନ୍ତୁ ।

ଏତିକିବେଳେ ମାମୁଁ ଚରଣଙ୍କର ପାଟି ଶୁଭିଲା । ମାମୁଁ ଘରେ ପଶୁ ପଶୁ ଡାକ ପକାଇଲେ କୁନି ! କୁନି ! କୁନି ଖୁସି ହୋଇ ଦୌଡ଼ିଗଲା ତା' ମାମୁଁଙ୍କ ପାଖକୁ । ଯାଇ କୁଣ୍ଢାଇ ପକାଇଲା । ମାମୁଁ ତୁମେ ମୋ ପାଇଁ ନୂଆ ଡ୍ରେସ ଆଣିଛ ? ମାମୁଁ କହିଲେ ହଁ, ମୁଁ ତୋ ପାଇଁ ଡ୍ରେସ ଆଣିଛି । ମିଠା ପିଠା ବି ଆଣିଛି । ଆସିବା ଟିକେ ଡେରି ହୋଇଗଲା । ନେଲୁ ! ଏ ଡ୍ରେସଟା ପିନ୍ଧି ପକାଇଲୁ । ମୁଁ ଦେଖେ ତୋତେ କେମିତି ମାନୁଛି । କୁନି ମନରେ ଖୁସି କହିଲେ ନ ସରେ ।  ସଂଗେ ସଂଗେ ପିନ୍ଧି ମାମୁଁକୁ ପ୍ରଣାମ କଲା । ମାମୁଁ ତାକୁ କୋଳରେ ବସାଇ ଗେହ୍ଲା କରିଦେଲେ ।

ଗାନ୍ଧିନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପ୍ରତ୍ୟାଶିତ ଅନୁଭୂତି



ସୁନିତା ପରିଡ଼ା

କି ଆକର୍ଷଣ, କି ଆଲୋଡନ ଓଃ କି ଅନୁଭବ, ଯାହାକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଶବ୍ଦ ର ଅଭାବ ଅନୁଭୂତି ହେଉଛି । ମୁଁ ଏକ ସାମାନ୍ୟ ମଣିଷଟେ କିନ୍ତୁ ମୁଁ ଭାବୁଛି ମୁଁ ଏହିସବୁ ଚମତ୍କାର ଅନୁଭବ କରିବା ପାଇଁ ଟିକେ ସୁଯୋଗ ପାଇଛି । ସତରେ ବହୁତ ଆନନ୍ଦମୟ ଓ ଅବର୍ଣ୍ଣନୀୟ ଅନୁଭବ । ଯିଏ ଅନୁଭବ କରିଥିବ, ସେ ହିଁ ଜାଣିଛି , କିନ୍ତୁ ମୁଁ ଟିକେ ବଡ ଚେଷ୍ଟା ଟିଏ କରିଛି ଏହି ମୋର ଭିତରେ ସୃଷ୍ଟି ହେଇଥିବା ଅନୁଭୂତି କୁ ଲିଖିତ ଆକାର ରେ ରୂପାନ୍ତରୀତ କରିବାକୁ । ଆରେ ମୁ ଏତେ ସବୁ କଥା କହିସାରିଲିଣି କିନ୍ତୁ ଏ ପର୍ଯ୍ୟନ୍ତ କହିନାହିଁ ସେ କିଏ ଯାହା ପାଇଁ ମୋ ମନ ରେ ଏତେ ସବୁ ଆଶ୍ଚର୍ଯ୍ୟ ଜଣକ ଚମତ୍କାର ଅନୁଭବ ଉଦ୍ରେକ ହେଇଛି । ସେ ଆଉ କେହି ନୁହନ୍ତି ସମସ୍ତ ଭକ୍ତ ର ଭଗବାନ, ଗର୍ବଗଞ୍ଜନ, କୋଟି ମଉଡମଣୀ, ଆର୍ତ୍ତ ର ବନ୍ଧୁ ଓ ସମସ୍ତ ଓଡ଼ିଆ ର ଇଷ୍ଟ ମହାପ୍ରଭୁ ଜଗନ୍ନାଥ । ଅନ୍ତର୍ଯ୍ୟାମୀ ଜଗନ୍ନାଥ ତାଙ୍କୁ ବା ସବୁ ଜଣା, ତାଙ୍କୁ ମୁହଁ ଖୋଲି ଜଣାଇବା ପାଇଁ କିଛି ଭାଷା ର ଆବଶ୍ୟକତା ନାହିଁ, କିଛି କହିବା ପୂର୍ବରୁ ସେ ସବୁ ଜାଣିଥାନ୍ତି । ମୋର ଏକ ଛୋଟ ଅନୁଭୂତି କୁ ସାଉଁଟି ଆଣିଛି ଏଠି ରୂପାଙ୍କନ ଦେବାପାଇଁ ।

ସେଦିନ ଶନିବାର ଥାଏ ମୋ ମାଁ ଆଉ ମୁଁ ରୋଷେଇ କରୁଥାଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଠାତ କି ଏକ ସୁନ୍ଦର ଭଜନ "ଥକା ମନ ଚାଲ ଯିବା ଚକାନୟନ ଦେଖିବା "ମୋବାଇଲ ରେ ବାଜିଲା । ଏହା ଶୁଣି ଆମର ପୁରୀ ଯିବାକୁ ମନ ହେଲା କିନ୍ତୁ ମନ ହେଲେ କଣ ହେବ ଯଦି ମହାପ୍ରଭୁ ଙ୍କ ଡୋର ନଲାଗିଛି, କିମ୍ବା ହୁଏତ ଜଗନ୍ନାଥ ଙ୍କ ଡୋର ଲାଗିଛି ସେଥିପାଇଁ ଆମର ମନ ହେଲା ତାଙ୍କୁ ଦର୍ଶନ କରିବା ପାଇଁ, ସେ ଯାହା ବି ହେଉ ମନତ ହେଇଛି ତାଙ୍କୁ ଦର୍ଶନ କରିବା ପାଇଁ । କିନ୍ତୁ ବାପା ଙ୍କୁ କହିବ କିଏ, ଯଦି ବାପା ମନା କରିଦିଅନ୍ତି କାମ ଅଛି କହି, କାରଣ ବାପା ସବୁବେଳେ କୁହନ୍ତି କର୍ମ ହିଁ ଭଗବାନ । ଆହୁରି ବି ବାପା ଙ୍କର ଇଛା ବି ନାହିଁ ପୁରୀ ଯିବାକୁ ତାଙ୍କର ଗୋଟେ ଛୋଟ ଅଭିମାନ ଯେ ଅଛି, ଯାହାକି ଆମେ ବର୍ଷେ ତଳେ ଦର୍ଶନ କରିବାକୁ ସମସ୍ତ ପରିବାର ପୁରୀ ଯାଇଥିଲୁ କିନ୍ତୁ ସେ ଯିବାର କିଛି ମୂଲ୍ୟ ନଥିଲା,କାରଣ ଶ୍ରୀମନ୍ଦିର ରେ ଏତେ ଭିଡ ଯାହା ପାଇଁ ଆମେ କେହି ପ୍ରଭୁ ଙ୍କୁ ଦର୍ଶନ କରିପାରିନଥିଲୁ । ସେଥିପାଇଁ ମାଁ ବହୁତ ମନ ଦୁଃଖ କରିଥିଲା । ବାପା ବି ମନ ଦୁଃଖ କରିଥିଲେ,ଯେ ସବୁ କାମ ଛାଡି ତୋତେ ଦର୍ଶନ ପାଇଁ ଆସିଲି ହେଲେ ଟିକେ ତୋର ଦର୍ଶନ ମିଳିଲାନି କହି ଆସି ବାଇଶି ପାହାଚ ଉପରେ ଆମେ ସମସ୍ତେ ବସିଥାଉ ଘର କୁ ଫେରିବା ପାଇଁ । ହଠାତ ଭାଇ ଆସି କହିଲା ଚାଲ ଆଉ ଥରେ ଟିକେ ଚେଷ୍ଟା କରିବା କାଳେ ଦର୍ଶନ ମିଳିଯିବ, କାରଣ ମାଁ ର ମନ ବହୁତ ଦୁଃଖ ଥାଏ ଓ ସେ ଆଉ କିଛି କହି ପାରୁନଥାଏ,ଖାଲି ତା'ର ଆଖିକି ଦେଖିକି ଯାହା ଜାଣି ହେଉଥାଏ । ଭାଇ ଯେତେବେଳ ମାଁ ଆଉ ବାପାଙ୍କୁ ଦର୍ଶନ ପାଇଁ ଡାକିଛି ମାଁ ସେତେବେଳେ କହିଛି ପୁରୀ ଆସିଛି ମାନେ ତାଙ୍କୁ ଦର୍ଶନ କରିକି ଯିବି ଏବଂ ଯାଏ କାଳେ ଦର୍ଶନ ମିଳିଯିବ । କିନ୍ତୁ ବାପା ସିଧା ମନା କରିଦେଇଛନ୍ତି । ବାପା ଙ୍କର ଅଭିମାନ ର ମନା ଓ ମାଁ ର ଅନ୍ତରର ଭକ୍ତି ପ୍ରଭୁ ଜଗନ୍ନାଥ ଙ୍କ ପ୍ରତି ଦେଖିକି ମୁଁ କହିଲି ନା ମୁଁ ଆଉ ଯିବିନି, କାହିଁକି ଯିବି ତାଙ୍କୁ ଦର୍ଶନ କରିବାକୁ, ଦର୍ଶନ ପାଇଁ ଟିକେ ମୁହଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭି ଦେଖେଇଲେନି, ମୁଁ ଆଉ ଯିବିନି, ଏତେ ଭିଡ ରେ ଯିବି, ସେ ଭିଡରୁ ପୁଣି କେତେବେଳେ ଆସି ବାହାରେ ଠିଆ ହେଇଥିବି । ତାହାଠୁ ଭଲ ଆଉ ଯିବିନି । ଏଇଠି ବାପାଙ୍କ ପାଖରେ ବାଇଶି ପାହାଚ ଉପରେ ବସିବି । ଏତିକି ରେ ଆମେ ଘରକୁ ଫେରିଥିଲୁ । ଏବଂ ଏହି ଯିବାର ଠିକ୍ ବର୍ଷେ ପୁରିଯାଇଛି । ସେଦିନ ଠାରୁ ବାପା ଅଭିମାନ ରେ ପୁରୀ ଯିବାକୁ ମନା କରୁଛନ୍ତି । ହଉ ଛାଡ ଇଏତ ବର୍ଷେ ପୁରି ଗଲାଣି ମନ ପୁଣି ହେଇଛି ତାଙ୍କୁ ଦେଖିବ ପାଇଁ । ନୂତନ ପ୍ରଚେଷ୍ଟା ର ଆରମ୍ଭ ପାଇଁ ମୁଁ ଲାଗିପଡ଼ିଲି ।

ମୁଁ ଯାଇ ବାପା ଙ୍କୁ କହିଲି ପୂରୀ ଯିବା କଥା, ବାପା ସଂଗେ ସଂଗେ ମନା କରିଦେଲେ, କହିଲେ ମୋର ତ ଇଛା ନାହିଁ ଆଉ ପୁରୀ ଯିବାକୁ , କାହିଁକି ଯିବି ଯଦି ଯାହା ପାଇଁ ଆମେ ଯିବୁ ସେ ଯଦି ଦର୍ଶନ ନ ଦେଲେ । ସେ ଯାହା ହେଉ ମାଁ, ବାପା ଙ୍କୁ ବୁଝେଇଲା ଏବଂ ବାପା ବହୁ କଷ୍ଟ ରେ ରାଜି ହେଲେ । ତା' ପରଦିନ ଯିବା ପାଇଁ ଆମେ ସମସ୍ତେ ପୂର୍ବ ପ୍ରସ୍ତୁତି ହେଲୁ । ରାତିରେ ଶୋଇବା ବେଳେ ଖାଲି ଭବୁଥାଏ, କାଳେ ଫେରେ ଭିଡ଼ ହେବ ଆଉ ଯଦି ଆମେ ପୁନଶ୍ଚ ମହାପ୍ରଭୁ ଙ୍କୁ ଦର୍ଶନ ନ କରିପାରିଲୁ, କଣ ହେବ । ଏବଂ ଖୁସି ବି ଲାଗୁଥାଏ କାଲି ପୁରୀ ଯିବୁ ବୋଲି । ଅନ୍ଧାର ରାତି ରୁ ଉଠି ଆମେ ଗାଧୁଆ, ନିତ୍ୟକର୍ମ ସାରି ବାହାରି ପଡ଼ିଲୁ । କିନ୍ତୁ ସମସ୍ତ ଙ୍କ ସେହି ଗୋଟିଏ କଥା "ଆଜି ଦର୍ଶନ ମିଳିବ ତ ପ୍ରଭୁଙ୍କର"□ ଛାଡ ତା'ର ଇଛା ସେ କାହାକୁ ଦର୍ଶନ ଦେବ, ଆଉ କାହାକୁ ନ ଦେବ । ଆମେ ଭାବି କି ଲାଭ ! ବଡଦାଣ୍ଡ ରେ ଯାଇ ଆମେ ପହଞ୍ଚିଲୁ । ଶ୍ରୀମନ୍ଦିର କୁ ଦେଖି ସତରେ ମନ ଭିତରେ ଗୋଟେ ଉଦ୍ ବେଗ ଆସୁଥାଏ । ଶ୍ରୀମନ୍ଦିର କୁ ଅଗ୍ରସର ହେଲୁ କିନ୍ତୁ ଏ କ'ଣ ! ଏତେ ଭିଡ଼ ବାଇଶି ପାହାଚରୁ; ଆମେ ପରିବାର ବର୍ଗ ସମସ୍ତେ ସମସ୍ତଙ୍କ ମୁହଁ ଚାହିଁ ଚାହିଁ ହେଲୁ । ମନ ରେ ଭୟ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଟା ଆଉ ଟିକେ ବଢିଗଲା । ବାପା ଙ୍କୁ ମନେଇକି ଆଣିଛୁ, କଣ ଏବେ ହେବ । ସେଇ ଭିଡ ଭିତରେ ସମସ୍ତେ କଥା ହେଉଥାନ୍ତି ଆଜି ସଂକ୍ରାନ୍ତି ଅଛି ସେଥିପାଇଁ ଏତେ ଭିଡ ହେଇଛି । ଆମେ ପୁରୀ ଆସିବା ଖୁସିରେ ଆଜି ସଂକ୍ରାନ୍ତି ବୋଲି ଭୁଲି ଯାଇଛୁ । ଆଜି ଆମେ କାହିଁକି ଆସିଲୁ । କଣ ହେବ, ଏତେ ଭିଡ ଆଜି ମନ୍ଦିର ଭିତରକୁ ତ ଯାଇହେବ ନାହିଁ, ମହାପ୍ରଭୁ ଙ୍କୁ ଦେଖିବା ତା ଦୂରର କଥା । ଏଇଆ ମୁଁ ଭାବୁଥାଏ ।

ଏକ ମୋଟା ଚୌଡା ଧାଡି ମନ୍ଦିର ଭିତରକୁ ପ୍ରବେଶ କରୁଥାନ୍ତି, ଆମେ ପରିବାର ଲୋକ ସମସ୍ତେ ସମସ୍ତଙ୍କ ହାତ ଧରା ଧରି ହୋଇଥାଉ କାଳେ ଏଇ ଭିଡ ରେ କିଏ କୁଆଡେ ମିଶି ଯିବୁ । ଆମର ସମୟ ଆସିଲା ଆମେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଲୁ । ଓଃ ହୋ କି ଭିଡ଼ ନିଶ୍ୱାସ ନେବା ବି ଭାରି କଷ୍ଟ । ତା'ପରେ ଯାହା ହେଲା ତାହା ମୋ ଜୀବନ ର ଗୋଟେ ଶ୍ରେଷ୍ଠ ସ୍ମୃତି ହୋଇ ରହିଗଲା । ଗୋଟେ ନିଶ୍ୱାସ ରେ କେମିତି ଆମେ ଯାଇ ଠିକ୍ ଚର୍ତୁର୍ଦ୍ଧା ମୂର୍ତ୍ତୀ ସିଂହାସନ କୁ ଲାଗି ଠିଆ ହେଇଛୁ । କେମିତି ହେଲା କିପରି ଆମେ ଏଠି ଏତେ ଭିଡ଼ ରେ । ଏତେ ପାଖରେ ସିଂହାସନ କୁ ଲାଗି ଉପରକୁ ଅନେଇଲେ ମହାପ୍ରଭୁ ଜଗନ୍ନାଥ । ଓଃ କି ଦୃଶ୍ୟ ଏ ଆଖି ଆଜି ନଦେଖିଲା, କଣ ହେଲା ଆଜି । ସତରେ ତୁମେ ଏପରି କିଛି କରିବା ବୋଲି ଭାବି ନଥିଲୁ । ହଁ ସେତ ଏମିତି, ଏମିତି ଚମତ୍କାର କାର୍ଯ୍ୟ ସେହିଁ କରିପାରିବେ । ସବୁ ରାଗ, ଅଭିମାନ, ମନଦୁଃଖ, ସନ୍ଦେହ ଓ କେତେ କଣ ମନ ର ପ୍ରଶ୍ନ କ୍ଷଣିକ ଭିତରେ ଶୂନ୍ୟ କରିଦେଲ ତୁମେ । ତୁମକୁ ଖାଲି ଦେଖୁଥାଏ ଓ ମନ ର କୋହ ଆଖି ଦେଇ ବହିଯାଉଥାଏ । ଓଃ କି ଆକର୍ଷଣ, କି ଆଲୋଡନ, କି ଅନୁଭବ ଏହା କ'ଣ ଆଉ ଥରେ ସୁଯୋଗ ପାଇବି ଭାବୁଥାଏ ।

ଅଧ୍ୟାପିକା, ନିଆଳି କଲେଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତୀକ୍ଷାର ଅନ୍ତ

*"ବାବୁ, ଦି'ଦିନ ହେବ କିଛି ଖାଇନି... କିଛି ଖାଇବାକୁ ଦିଅନ୍ତୁ ବାବୁ... ଭଗବାନ ଆପଣଙ୍କ ମଙ୍ଗଳ କରିବେ"* – ଲୋକମାନଙ୍କ ଆଗରେ ହାତ ମେଲାଇ ଭୋକିଲା କଣ୍ଠରେ କହୁଥାଏ ମାଳତୀ ବୁଢ଼ୀ । ଆପଣମାନେ ଭବୁଥିବେ ସିଏ ଭିକ ମାଗୁଛି, କିନ୍ତୁ ଜଣେ ମଣିଷ ଦୃଷ୍ଟିରୁ ଦେଖିବାକୁ ଗଲେ ମାଳତୀ ତା' ଭୋକର ଜ୍ୱାଳା ମେଣ୍ଟାଇବା ପାଇଁ ସଂଘର୍ଷ କରୁଛି, ତା' ସାହାଯ୍ୟ କରିବା ପାଇଁ ଲୋକଙ୍କ ଆଗରେ ମିନତି କରୁଛି । ଦେହରେ ଚିରା ଲୁଗା, କାଉ ବସା ପରି କେଶ, ପାଦରେ ଛିଣ୍ଡା ଚପଲ ହଲେ ପିନ୍ଧିଥାଏ ବୁଢ଼ୀ । ହାତରେ ଥିଲା ଭଙ୍ଗା ବାସନଟିଏ । ବୁଢ଼ୀ କହେ, ସେଇ ବାସନ ତା' ପୁଅ ଦେଇଛି । ଅନେକ ଲୋକ ମାଳତୀର ଦୁଃଖ ଦେଖି ଟଙ୍କାଟିଏ ଫୋପାଡ଼ି ଦିଅନ୍ତି ଆଗକୁ । ଅତି ଯତ୍ନର ସହ ଟଙ୍କାଟିକୁ ସାଇତି ରଖେ ସିଏ । ବହୁତ ଭଲ ଭାବରେ ଜାଣେ ଟଙ୍କାଟିଏ ତା' ଭୋକ ମେଣ୍ଟାଇ ପାରିବନି, ତଥାପି ତା' ପ୍ରତି ଦୟା କରିଥିବା ସେହି ହୃଦୟବାନ୍ ବ୍ୟକ୍ତି ପାଇଁ ଭଗବାନଙ୍କ ପାଖରେ ଅନେକ ପ୍ରାର୍ଥନା କରେ ।



ଲକ୍ଷ୍ମଣ ମହାନ୍ତି

କଥାରେ ଅଛି *"ପେଟ ପାଇଁ ନାଟ"* । ଦୁନିଆଁର ସମସ୍ତେ ପେଟ ଭିତରେ ଥିବା ଭୋକ ରାକ୍ଷସକୁ ମାରିବା ପାଇଁ ଦିନରାତି କଷ୍ଟ କରୁଛନ୍ତି । ସିଏ ମନୁଷ୍ୟ ସମାଜ ହେଉ ଅବା ପଶୁ । କିନ୍ତୁ ୮୮ ବର୍ଷର ମାଳତୀ ବୁଢ଼ି କ'ଣ ଅବା କରିପାରିବ ବିଚାରି । ଅନୁରୋଧ କରିବା ଛଡ଼ା ଅନ୍ୟ କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉପାୟ ନାହିଁ ବୁଢ଼ୀ ପାଖରେ । ବେଳେବେଳେ ଭୋକ ରାକ୍ଷସର ଅତ୍ୟାଚାରରେ ଅସହ୍ୟ ହୋଇ ପେଟକୁ ଜାବୁଡ଼ି ଧରି ଛୋଟ ଶିଶୁଟିଏ ପରି ତଳେ ଗଡ଼ି ଗଡ଼ି କାନ୍ଦେ । ତା' ନିରିହ ଆଖିରୁ ଝରିଯାଏ ଅମୂଲ୍ୟ ଲୋତକ ମୋତି । ସେଇ ଛାତିଥରା କାନ୍ଦରେ କାନ କମ୍ପିଯାଏ, କିନ୍ତୁ କାହାରିକୁ କିଛି ଫରକ ପଡ଼େନି । ଲୋକେ କୁହନ୍ତି *'ଭିକାରି ଟିଏ ଖାଇବାକୁ ନପାଇ ଭୋକ ବିକଳରେ କାନ୍ଦୁଛି'* , କିନ୍ତୁ କେହି କୁହନ୍ତି ନାହିଁ *'ଜଣେ ଖାଇବାକୁ ନପାଇ ବାହୁନି ବାହୁନି କାନ୍ଦୁଛି, ଚାଲ କିଛି ଖାଇବାକୁ ଦବା'* । ଏହା ହିଁ ହେଉଛି ବିଶାଳ ହୃଦୟଧାରୀ ମନୁଷ୍ୟର ବାସ୍ତବତା ।

ସନ୍ଧ୍ୟା ସମୟ । ଧିରେ ଧିରେ ଦୋକାନ ସବୁ ଖୋଲିବାକୁ ଲାଗିଲା । ଭୋକରେ ଆଉଟୁପାଉଟୁ ହୋଇ ଶୋଇ ପଡ଼ିଥାଏ ମାଳତୀ । ମନ୍ଦିରର ଘଣ୍ଟି ଶବ୍ଦ ଶୁଣି ନିଦରୁ ଉଠି ଅନେକ ଆଶା ନେଇ ବାଡ଼ି ଠକ୍ ଠକ୍ କରି ଚାଲିଲା ମନ୍ଦିରକୁ । ସନ୍ଧ୍ୟା ଆଳତୀ ଦେଖିବାକୁ ଆସିଥିବା ଲୋକଙ୍କ ଦାନରେ ବୁଢୀର ରାତିଟା ଚଳିଯାଏ । କେବଳ ବୁଢି ନୁହଁ, ବୁଢି ଭଳି ଖାଇବାକୁ ନପାଇ ଏଣେତେଣେ ବୁଲୁଥିବା ଅନେକ ଲୋକ ସନ୍ଧ୍ୟା ଆଳତି ସମୟରେ ପାଇଥିବା ପଇସାରେ ରାତି କାଟନ୍ତି । ମାଳତୀ ବୁଢ଼ୀ ମନ୍ଦିରରେ ପହଞ୍ଚିଲା ବେଳକୁ ବହୁତ ଡେରି ହୋଇ ଯାଇଥିଲା । ଲୋକମାନେ ଆଳତି ସାରି ଯିଏ ଯା ଘରକୁ ଚାଲିଯାଇଥିଲେ । ବୁଢ଼ୀ ନିରାଶ ହୋଇ ଭଗବାନଙ୍କୁ ସୁମରଣା କରି ମନ୍ଦିର ପିଣ୍ଡାରେ ବସିଲା । କହିଲା, କାଳିଆରେ...ଏବେ ତୁ ଏକା ମୋ ସାହା ଭରସା । କେଉଁ ଜନମର କି ପାପର ଫଳ ଆଜି ଦେଉଛୁ ମୋତେ ? ଯାହାକୁ ମୋ ଆଖି-ପିତୁଳା ଭାବିଥିଲି ସିଏ ଆଜି ମୋତେ ତୁଚ୍ଛ ମଣିଲା, ବାରଦୁଆର ହେବାକୁ ଛାଡିଦେଲା । ଆଜି ମୁଁ କୈଫିୟତ ମାଗୁଛି କାଳିଆ, ମୋତେ ଉତ୍ତର ଦେ.....ମୁଁ ଜାଣିଛି ତୋ ପାଖରେ ଉତ୍ତର ନାହିଁ । ଆରେ ତୁ କ'ଣ ଉତ୍ତର ଦେବୁ, ତୁ ପରା ନିଷ୍ଠୁର ଠାକୁର । କେବଳ ଧନୀ ଲୋକ ପାଇଁ ତୋ ପାଖେ ଧନ ଅଛି, ଗରିବ ପାଇଁ କେବଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଶ୍ରୁ । ଧନ୍ୟ ତୁ କାଳିଆ, ଧନୀକୁ ଧନ ଦେ, ଗରିବକୁ ଦେ ଦୁଃଖ.....

ବୁଢୀର ଗାଳି ଶୁଣି ପୁଜାରି ରାଗରେ ଗରଗର ହୋଇ ବୁଢିକୁ କହିଲେ, କାହାକୁ କ'ଣ କହୁଛୁ ଜାଣିଛୁ ବୁଢ଼ୀ ? ସିଏ ଜଗତର ନାଥ ଜଗନ୍ନାଥ, ତାଙ୍କ କୃପା ଅକଳିତ, ସିଏ କେବେ କାହାକୁ ପର କରିନାହାଁନ୍ତି । ତୁ ପୁଣି ତାଙ୍କୁ ଗାଳି ଦେଉଛୁ ? ଭିକାରି ବୁଢ଼ୀ....

ବୁଢ଼ୀ କହିଲା, ହଁ.. ମୁଁ ଭିକାରୀ । କିନ୍ତୁ ପୁଜାରି ଆଜ୍ଞା, ଭିକାରୀ ଶବ୍ଦର ପରିଭାଷା ଆପଣ କହି ପାରିବେ ? କହି ପାରିବେ ଭିକାରି କାହାକୁ କୁହାଯାଏ ? କାହାକୁ ଭିକାରି କହିବା ଆଗରୁ ହଜାରେ ଥର ଚିନ୍ତା କରନ୍ତୁ, କାରଣ କେହି କେବେ ଭିକାରି ହୋଇ ଜନ୍ମ ହୋଇନଥାଏ । ପରିସ୍ଥିତି ମଣିଷକୁ ଭିକାରି କରିଦିଏ । ପୁଜାରି କହିଲେ, ମୋ ମତରେ ଯିଏ ଭିକ ମାଗେ ସିଏ ଭିକାରି... । ମାଳତୀ ବୁଢି କହିଲା, ଓଃ, ସେମିତି କଥା... ତାହାହେଲେ ଏ ଦୁନିଆର ସମସ୍ତ ଲୋକ ଜଣେ ଜଣେ ଭିକାରି । ପୁଜାରି ରାଗି ଯାଇ ବୁଢିକୁ ଗାଳି କଲାବେଳେ ବୁଢ଼ୀ କହିଲା, ପୁଜାରି ଆଜ୍ଞା... ମୁଁ ଆପଣଙ୍କୁ ଭିକାରି କହୁନାହିଁ । କିନ୍ତୁ ଆପଣଙ୍କ ଚିନ୍ତାଧାରାକୁ ଆଖି ଆଗରେ ରଖି ମୁଁ ସବୁ ମଣିଷଙ୍କୁ ଭିକାରି କହିଲି । କାରଣ ଆପଣ କହିଲେ 'ଯିଏ ଭିକ ମାଗେ ସିଏ ଭିକାରି' । ନିଦରୁ ଉଠିବା ମାତ୍ରେ ସମସ୍ତେ ଭଗବାନଙ୍କ ନିକଟରେ ହାତ ମେଲାଇ କୁହନ୍ତି 'ପ୍ରଭୁ ମୋତେ ଏଇଆ ଦେ...ସେଇଆ ଦେ । 'କିଏ କହେ ଧନ, ରତ୍ନରେ ମୋ ଘର ପୋତିଦେ, ପୁଣି କିଏ କହେ ମୋ ସଂସାରକୁ ହସ ଖୁସିରେ ଭରିଦେ... । ଏମାନେ କ'ଣ ଭିକ ମାଗୁ ନାହାନ୍ତି କି ?

ପୁଜାରି ଚୁପ୍ ହୋଇ ଦେଖୁଥାନ୍ତି ବୁଢିକୁ । ବୁଢ଼ୀ ପୁନଶ୍ଚ କହିଲା, ପୁଜାରି ଆଜ୍ଞା, ଏହି ମନ୍ଦିରକୁ ଯେତେ ଲୋକ ପୂଜା କରିବା ପାଇଁ ଆସନ୍ତି ଆପଣ ପୂଜା କଲାବେଳେ ସେମାନଙ୍କ ସୁଖ-ସମୃଦ୍ଧି ପାଇଁ ଭଗବାନଙ୍କୁ କୁହନ୍ତି । ପୂଜାରୀ କହିଲେ, ହଁ କିନ୍ତୁ ମୁଁ କେବଳ ଗୁହାରି କରେ, ଭିକ ମାଗେନି । ବୁଢ଼ୀ ଅଳ୍ପ ହସି କହିଲା, ହଁ ଆଜ୍ଞା ମୁଁ ଏହି କଥା ଆପଣଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବୁଝାଇବାକୁ ଅନେକ ସମୟ ହେଲା ଚେଷ୍ଟା କରୁଛି । ଆପଣ ଯେମିତି ଲୋକଙ୍କ ହିତ ପାଇଁ ଭଗବାନଙ୍କ ପାଖରେ ଗୁହାରି କରନ୍ତି, ଠିକ୍ ସେମିତି ମୁଁ ମୋ ପେଟ ଭିତରେ ଥିବା ଭୋକ ରାକ୍ଷସକୁ ମାରିବା ପାଇଁ ଲୋକମାନଙ୍କ ପାଖରେ ଗୁହାରି କରେ କିଛି ଖାଇବାକୁ ଦିଅ, କିଛି ଖାଇବାକୁ ଦିଅ..... । କିନ୍ତୁ ଆଜ୍ଞା ମୁଁ ଭିକ ମାଗେନି ।

ପୂଜାରି ପାଖରେ କହିବାକୁ ଶବ୍ଦ ନାହିଁ । ଆଖିରେ ଝରି ଆସିଲା ଦି' ଧାର ଲୁହ । ହାତ ଯୋଡ଼ି ବସି ପଡ଼ିଲେ ମାଳତୀ ଆଗରେ । କହିଲେ, ମାଉସି ମୋର ଭୁଲ୍ ହୋଇଯାଇଛି । ଆପଣ ମୋ ଆଖି ଖୋଲିଦେଲେ । କିନ୍ତୁ, ଆପଣ ଲୋକଙ୍କୁ ଗୁହାରି କରିବାର କାରଣ ମୁଁ ଜାଣିବାକୁ ଚାହେଁ । ଦୟାକରି କହିବେ କି ? ମାଳତୀ କହିଲା, ନିଶ୍ଚୟ... କିନ୍ତୁ ଏବେ ନୁହେଁ, ସମୟ ଆସିଲେ ଏଇ ଚକାଆଖି ଆପଣଙ୍କୁ ସବୁ ଜଣେଇବ । ଯଦି ସିଏ ଚାହିଁବ, ମୋ ସଂସାର ମୋତେ ପୁଣି ମିଳିବ, ମୁଁ ପୁଣି ମୋ ପୁଅ ପାଖକୁ ଯିବି । କିନ୍ତୁ ମୁଁ ଜାଣିନାହିଁ ମୋ ପ୍ରତୀକ୍ଷାର ଅନ୍ତ କେବେ... । ପୂଜାରି ଆଶ୍ଚର୍ଯ୍ୟ ହୋଇ କହିଲେ, ଏହା ମୁଁ କ'ଣ ଶୁଣିଲି ମାଉସି ? ଆପଣଙ୍କ ପୁଅ ଅଛି ! ବୁଢ଼ୀ କହିଲା, ହଁ... ଜଗନ୍ନାଥ ମିଶ୍ର । ଏତିକି କହି ବୁଢ଼ୀ ମନ୍ଦିରରୁ ଯିବାକୁ ବାହାରିଲା । ପୂଜାରି କହିଲେ, ରୁହନ୍ତୁ ମାଉସି, କିଛି ଖାଇକି ଯାଆନ୍ତୁ । ମୁଁ ଭିକ ଦେଉନାହିଁ, ମୋତେ ପୁଅ ଭାବି ମୋ ଠାରୁ ଅନ୍ନ ଗ୍ରହଣ କରନ୍ତୁ । ମୁଁ ଯାଉଛି ଆପଣଙ୍କ ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଛାମୁରେ ଗୁହାରି କରିବି ଓ କିଛି ଖାଇବା ଆଣୁଚି ଏକାଠି ଖାଇବା । ସେଦିନ ମନ୍ଦିରରେ ବୁଢୀର ରାତି କଟିଗଲା ।

ସକାଳର ପହିଲି କିରଣ ପଡ଼ିବା ଆଗରୁ ବୁଢ଼ୀ ନିଦରୁ ଉଠି ମନ୍ଦିର ପୋଖରୀରେ ଗାଧୋଇ ପଡ଼ିଲା । ମନ୍ଦିର ପରିସର ଝାଡୁ କରି ମୁଣ୍ଡରେ ପାଣି ଦି'ବୁନ୍ଦା ପକାଇ ଘଣ୍ଟି ବଜାଇ ଜଗନ୍ନାଥଙ୍କ ଦର୍ଶନ କଲା । ଧିରେ ଧିରେ ଭକ୍ତଙ୍କ ସଂଖ୍ୟା ବଢିବାରେ ଲାଗିଲା । ମାଳତୀ ବୁଢ଼ୀ ମନ୍ଦିର ପ୍ରାଙ୍ଗଣରେ ବସି ଆଖି ବୁଜି ଜଗନ୍ନାଥଙ୍କ ନାମ ଜପୁଥାଏ । ହଠାତ୍ ବୁଢ଼ୀକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେହି ଜଣେ ଡାକିଲା ପରି ଲାଗିଲା । ବୁଢ଼ୀ ଆଖି ଖୋଲି ଦେଖେତ ଛୋଟ ଶିଶୁଟିଏ, ବୟସ ପାଞ୍ଚ ବର୍ଷ ପାଖାପାଖି ହେବ, ଦଶ ଟଙ୍କିଆ ନୋଟ ଧରି ବୁଢ଼ୀ ଆଗରେ ଛିଡା ହୋଇଛି । ବୁଢ଼ୀ ଅଳ୍ପ ହସି କହିଲା, ବାବା ତୋ ନାଁ କ'ଣ ? ଶିଶୁଟି ତା' କୋମଳ କଣ୍ଠରେ କହିଲା, ବୁଢ଼ୀ ମାଉସି... ମୁଁ ହେଉଛି ଆଲୋକ । ମୋ ମମ୍ମି, ପାପା ମୋତେ ଗେହ୍ଲାରେ ଡାକନ୍ତି ସ୍ୱୟଂ । ଭାରି ସୁନ୍ଦର ନାଁ ତୋର । ଆଚ୍ଛା କହିଲୁ ବାବା ଆଲୋକ ଏବଂ ସ୍ୱୟଂ ଶବ୍ଦର ଅର୍ଥ କ'ଣ ? ଆଲୋକ କହିଲା, ମୋ ପାପା କହୁଥିଲେ 'ଆଲୋକ' ଶବ୍ଦର ଅର୍ଥ 'ଯିଏ ଅନ୍ଧାରକୁ ଦୂର କରେ', ଏବଂ 'ସ୍ୱୟଂ' ଶବ୍ଦର ଏର୍ଥ ହେଉଛି 'ମୁଁ ନିଜେ' । ମାଳତୀ କହିଲା, ଖୁବ ସୁନ୍ଦର କହିଲୁ ବାବା । ତୋ ବାପା, ମାଁଙ୍କ ନାମ କ'ଣ ବାବା ଓ ସେମାନେ କ'ଣ କରନ୍ତି ? ଆଲୋକ କହିଲା, ମୋ ବାପା ହେଉଛନ୍ତି ଏହି ଜିଲ୍ଲାର ଜିଲ୍ଲାପାଳ ଜଗନ୍ନାଥ ମିଶ୍ର ଏବଂ ମାଁ ହେଉଛନ୍ତି ରାଜଲକ୍ଷ୍ମୀ ମିଶ୍ର ଜଣେ ଲେଖିକା । ବୁଢ଼ୀ କହିଲା, ଲେଖିକା ! ବାପରେ, ତୋ ମାଁ'ଙ୍କ ସହ ମୁଁ ଟିକିଏ ଦେଖା କରି ପାରିବି ? ଆଲୋକ ରାଜି ହୋଇ ବୁଢୀକୁ ଡାକି ନେଲା ତା' ମାଁ ପାଖକୁ ।

ରାଜଲକ୍ଷ୍ମୀ ସେତେବେଳେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ହଜି ଯାଇଥିଲେ । ମନ୍ଦିର ପରିସରରେ ଥିବା ପୋଖରୀ, ପୋଖରୀକୁ ଲାଗି ରହିଥିବା ଫୁଲ ବଗିଚା, ବଗିଚାରେ ଥିବା ଗୋଟେ ଗଛରେ ବସା ବାନ୍ଧିଥିବା ଚଢ଼େଇ ଇତ୍ୟାଦି । ଏତିକି ବେଳେ ବୁଢ଼ୀ କହିଲା, କ'ଣ ଦେଖୁଛ ମାଁ ? ରାଜଲକ୍ଷ୍ମୀ, ଆପଣ କିଏ ମାଉସି ମୁଁ ଜାଣି ପାରିଲିନି ଆପଣଙ୍କୁ । ମାଳତୀ କହିଲା, ମୁଁ ଜଣେ ହତଭାଗି ମାଁ ଯାହାର ପୁଅ ଅଛି, ସଂସାର ଅଛି କିନ୍ତୁ ଆଜି ମୁଠାଏ ଖାଇବା ପାଇଁ ବାର ଦୁଆର ବୁଲିବୁଲି ଲୋକମାନଙ୍କୁ ଅନୁରୋଧ କରୁଛି । ରାଜଲକ୍ଷ୍ମୀ ଆଶ୍ଚର୍ଯ୍ୟ ହୋଇ କହିଲେ, ଆପଣଙ୍କ ପୁଅ ଥାଇ ମଧ୍ୟ ଆପଣ ଏମିତି ଅବସ୍ଥାରେ ଅଛନ୍ତି, ମାଉସି ଆପଣଙ୍କ ପୁଅ ଏବେ କେଉଁଠି ? ମାଳତୀ କହିଲା, ମୁଁ ଜାଣିନିରେ ମା, କିନ୍ତୁ ସେ ଯେଉଁଠି ଥାଉ ଭଲରେ ଥାଉ । ମୁଁ ଶୁଣିଲି ତୁ ଜଣେ ଲେଖିକା ? ମୋ' କାହାଣୀକୁ ତୁ ଟିକିଏ ଲେଖିବୁ କି ମା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଇପାରେ ମୋ କାହାଣୀକୁ ପଢିବା ପରେ ମୁଁ ବଞ୍ଚିଛି ଜାଣି ମୋ ପୁଅ ମୋ ପାଖକୁ ଫେରି ଆସିବ ।

ରାଜଲକ୍ଷ୍ମୀଙ୍କ ଆଖିରୁ ଲୋତକ ଝରି ଆସିଲା । କହିଲେ, ମୁଁ ଆପଣଙ୍କୁ କଥା ଦେଉଛି ମାଉସି, ଆପଣଙ୍କ ପୁଅଙ୍କୁ ଫେରେଇ ଆଣିବାରେ ମୁଁ ନିଶ୍ଚୟ ସାହାଯ୍ୟ କରିବି । ମାଳତୀ କହିଲା, ମା'ରେ ସେଇ ବଗିଚାରେ ଲାଗିଥିବା ସୁନ୍ଦର ଗଛକୁ ଦେଖୁଛୁ ? ଆଉ ଦେଖୁଛୁ ସେ ଗଛରେ ଥିବା ଚଢ଼େଇ ବସାକୁ ? ଟିକି ଚଢ଼େଇ ଦି'ଟା ପ୍ରତୀକ୍ଷା କରିଛନ୍ତି ତାଙ୍କ ମାଁଙ୍କୁ । ମନରେ ତାଙ୍କ ଅନେକ ଆଶାଥିବ ମାଁ ଆସିବ, ଖାଇବାକୁ ଦେବ ଇତ୍ୟାଦି । କିନ୍ତୁ ଯଦି ସେମାନଙ୍କ ମାଁ ନଆସେ ତେବେ କ'ଣ ହେବ କହିଲୁ ? ରାଜଲକ୍ଷ୍ମୀ କହିଲେ, ଚଢ଼େଇ ଦି'ଟା ଭୋକ ଉପାସରେ ମରିଯିବେ । କିନ୍ତୁ ସେମାନେ ମରିବା ଆଗରୁ ତାଙ୍କ ମାଁ'ଙ୍କ ଉପରେ ଥିବା ସବୁ ବିଶ୍ୱାସକୁ ତୁଟେଇଦେବେ । ମାଳତୀ ଅଳ୍ପ ହସି କହିଲା, ବୁଝିଲୁରେ ମା, ମୋ' ପୁଅ ମଧ୍ୟ ଅନେକ ଆଶା ନେଇ ମୋତେ ଅନୁରୋଧ କରିଥିଲା କିଛି ଟଙ୍କା ପାଇଁ । ସେ ପଢିବାକୁ ଚାହୁଁଥିଲା, ଆଗକୁ ବଢ଼ିବାକୁ ଚାହୁଁଥିଲା । କିନ୍ତୁ ମୋ ପାଖରେ ଟଙ୍କା ନଥିଲା । ସାରା ଜୀବନ ମୋ ସହ ବାଟ ଚାଲିବାକୁ ଯିଏ ମୋ ହାତ ଧରିଥିଲା ସେ ଗୋଟେ ଆକ୍ସିଡେଣ୍ଟରେ ମୋତେ ଓ ମୋ ପୁଅକୁ ଛାଡ଼ି ଆରପାରିକୁ ଚାଲିଗଲା । ଅନ୍ୟର ଘରେ କାମ କରି ମୁଁ ମୋ ପୁଅକୁ ପାଠ ପଢାଉଥିଲି । କିନ୍ତୁ ସିଏ ମୋ ପରିଶ୍ରମକୁ ବୁଝି ପାରିଲାନି । ମୋ ପୁଅର ଖୁଶି ପାଇଁ ମୁଁ ମୋ ସବୁକିଛି ବିକ୍ରି କରିଦେଇଥିଲି । ସେଇଥିପାଇଁ ବୋଧେ ସେ ଆଇ.ଏ.ଏସ୍ ପାଇବା ପରେ ମୋତେ ବାସନଟିଏ ଦେଇ ଘରୁ ବାହାର କରିଦେଲା । ଇଚ୍ଛା ଥିଲା ପୁଅକୁ ବାହା କରିବି, ବୋହୂ ହାତରନ୍ଧା ଖାଇବି, ନାତି ନାତୁଣୀ ସହ ଖେଳିବି । କିନ୍ତୁ ମୋ ସ୍ୱପ୍ନ ଅଧାରେ ରହିଗଲା ।

ରାଜଲକ୍ଷ୍ମୀ ଚୁପ୍ ଚାପ୍ ଶୁଣୁଥିଲେ, ଦୁଇ ଆଖିରୁ ଗଙ୍ଗା ଯମୁନାର ଧାର ବହୁଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଳତୀକୁ କୁଣ୍ଢେଇ ପକାଇଲେ ରାଜଲକ୍ଷ୍ମୀ । ଆଖିରୁ ଲୁହ ପୋଛି ମାଳତୀର ପାଦଛୁଇଁ ପ୍ରଣାମ କଲେ । କହିଲେ, ମାଉସି ଆପଣ ମୋ ସହିତ ମୋ ଘରକୁ ଚାଲନ୍ତୁ । ଆପଣ ଆମସହ ରହିବେ, ମୋ ହାତରନ୍ଧା ଖାଇବେ, ମୋ ପୁଅ ଆଲୋକ ସହ ଖେଳିବେ । ମାଉସି, ମୁଁ କ'ଣ ଆପଣଙ୍କ ବୋହୂ ନୁହେଁ କି ? ମାଳତୀ ପାଖରେ ଶବ୍ଦ ନଥିଲା କହିବାକୁ, ଆଖିରୁ ଲୁହ ବହି ଯାଉଥାଏ । ଏମିତି ଆଗକୁ ତା' କାହାଣୀ କହି ଚାଲିଲା ମାଳତୀ । କାହାଣୀ ଶୁଣି ରାଜଲକ୍ଷ୍ମୀ ସ୍ଥିର କଲେ ମାଳତୀର କାହାଣୀକୁ ଲୋକଲୋଚନକୁ ଆଣିବେ । କାହାଣୀ ଶୁଣିବା ପରେ ତାଙ୍କ ସହିତ ଯିବା ପାଇଁ ରାଜଲକ୍ଷ୍ମୀ ଯେତେ ଅନୁରୋଧ କଲେ ମାଳତୀ ଶୁଣିଲାନି । ମନ୍ଦିର ପରିସରରୁ ବାହାରକୁ ଚାଲିଗଲା ମାଳତୀ ।

ରାଜଲକ୍ଷ୍ମୀ ଆଲୋକକୁ ନେଇ ଘରକୁ ଫେରିଲେ । କେବଳ ମାଳତୀ କଥା ଭାବୁଥିଲେ । ସିଏ ପ୍ରତିଜ୍ଞା କଲେ ମାଳତୀକୁ ନ୍ୟାୟ ଦେବେ ଏବଂ ଲେଖିବା ଆରମ୍ଭ କଲେ । କାହାଣୀ ଲେଖୁ ଲେଖୁ ଭାବବିହ୍ୱଳ ହୋଇ କାନ୍ଦି ପକାଇଲେ ରାଜଲକ୍ଷ୍ମୀ । ଏତିକି ବେଳେ ଘରକୁ ଆସିଲେ ରାଜଲକ୍ଷ୍ମୀଙ୍କ ସ୍ୱାମୀ ଜଗନ୍ନାଥ ବାବୁ । ସ୍ତ୍ରୀଙ୍କୁ କାନ୍ଦିବା ଅବସ୍ଥାରେ ଦେଖି ସେ ବ୍ୟସ୍ତ ହୋଇ ପଡିଲେ । ରାଜଲକ୍ଷ୍ମୀଙ୍କ ଠାରୁ ସବୁ ଶୁଣି ସେ କହିଲେ, ମୁଁ ତୁମ ସହିତ ଅଛି । ସେଇ ସ୍ତ୍ରୀ ଲୋକଙ୍କୁ ନ୍ୟାୟ ଦେବାରେ ଯଦି ମୋର କିଛି ସାହାଯ୍ୟ ଆବଶ୍ୟକ ହେବ ମୋତେ ନିଶ୍ଚୟ କହିବ । ଏତିକି କହି ଶୋଇବା ଘରକୁ ଯିବା ବେଳେ ରାଜଲକ୍ଷ୍ମୀ କହିଲେ, ଟିକିଏ ଶୁଣିବକି ? ମାଳତୀ ମାଉସିଙ୍କ ପୁଅର ନାମ ମୁଁ ଜାଣିନାହିଁ । ତୁମ ନାମ ଦେଲେ ଚଳିବ କି ? ଜଗନ୍ନାଥ ହସି କହିଲେ, ନିଶ୍ଚୟ...ତୁମେ ଯାହା କରୁଚ କର, କିନ୍ତୁ ମାଳତୀ ନ୍ୟାୟ ପାଇବା ଦରକାର ।

କିଛିଦିନ ଅନ୍ତେ ମାଳତୀର କାହାଣୀ ପ୍ରକାଶ ପାଇଲା ସୁନାମ ଅର୍ଜନ କରିଥିବା ଏକ ମାଗାଜିନରେ । ରାଜଲକ୍ଷ୍ମୀଙ୍କ ପ୍ରତିଭା ଚାରିଆଡେ ଚର୍ଚ୍ଚା ଜୋର ଧରିଲା । ପ୍ରଶଂସାର ସୁଅ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଛୁଟିଲା । ଜଗନ୍ନାଥ ଅଫିସରେ ଥିଲାବେଳେ ଶୁଣିବାକୁ ପାଇଲେ ଯେ ତାଙ୍କ ସ୍ତ୍ରୀ ଜଣେ ନିରୀହ ବୃଦ୍ଧାଙ୍କ କାହାଣୀ ଲେଖିଛନ୍ତି ଯିଏ କି ତା' ପୁଅର ଖୁଶି ପାଇଁ ସର୍ବସ୍ୱ ବିକ୍ରି କରି ଦେଇଥିଲା । ହେଲେ ତା' ପୁଅ ତାକୁ ପାଦରେ ଆଡ଼େଇ ଦେଲା । ଜଗନ୍ନାଥ କିନ୍ତୁ ଧ୍ୟାନ ନଦେଇ ନିଜ କାମରେ ବ୍ୟସ୍ତ ରହିଲେ ।

ସନ୍ଧ୍ୟା ସମୟ । ଜଗନ୍ନାଥ ଆସିଥାନ୍ତି ଘରକୁ । ରାଜଲକ୍ଷ୍ମୀ ସଞ୍ଜ ଆଳତୀ ଦେଉଥାନ୍ତି ଚଉରା ମୂଳରେ । ହଠାତ୍ ଜଗନ୍ନାଥଙ୍କ ନଜର ପଡ଼ିଲା ଆଲୋକ ହାତରେ ଥିବା ମାଗାଜିନ୍ ଉପରେ । ଆଲୋକଠୁ ମାଗାଜିନ୍ ଆଣି ପଢିବାକୁ ଆରମ୍ଭ କଲେ । କିଛି ସମୟ ପରେ ରାଜଲକ୍ଷ୍ମୀ ଆସି ଯାହା ଦେଖିଲେ ସିଏ ତାଙ୍କ ଆଖିକୁ ବିଶ୍ୱାସ କରି ପାରିଲେନି । ଜଗନ୍ନାଥଙ୍କ ହାତରେ ଥିଲା ମାଗାଜିନ୍, ଆଖିରେ ଥିଲା ଲୁହ । ରାଜଲକ୍ଷ୍ମୀଙ୍କ ଆଗରେ ବସି ଭୋଭୋ ହୋଇ କାନ୍ଦିଲେ ଜଗନ୍ନାଥ । କିଛି ପଚାରିବା ଆଗରୁ ଜଗନ୍ନାଥ ସବୁ କହିଲେ ରାଜଲକ୍ଷ୍ମୀଙ୍କୁ । ଦିହେଁ ବାହାରିଲେ ମାଳତୀକୁ ଖୋଜିବାକୁ । ସେମାନଙ୍କ ଆଖିରୁ ଲୁହ ଝରି ଆସୁଥାଏ । ପ୍ରଥମେ ସେମାନେ ଗଲେ ମନ୍ଦିରକୁ, ମନ୍ଦିରରେ ନପାଇ ସହର ଭିତରକୁ ଚାଲିଗଲେ ଦିହେଁ । ବହୁତ ଖୋଜିବା ପରେ ସହରର ଗୋଟେ ଗଳିରେ ଅଟକିଗଲେ । ଦେଖିଲେ ଜଣଙ୍କ ଘର ସାମ୍ନାରେ ଚିରା କମ୍ବଳ ଘୋଡେଇ ହୋଇ ଶୋଇଛି ମାଳତୀ ବୁଢ଼ୀ । ଜଗନ୍ନାଥ ଆଉ ରାଜଲକ୍ଷ୍ମୀ ଦିହେଁ ଯାଇ ବସିଲେ ମାଳତୀ ପାଖରେ । ମାଳତୀର ଗୋଡ଼ ଧରି ଆଶୀର୍ବାଦ ନେଲାବେଳେ ମାଳତୀର ନିଦ ଭାଙ୍ଗିଗଲା ।

ଥର ଥର ପାଟିରେ ମାଳତୀ କହିଲା, କିଏ... ? କମ୍ବଳ ଭିତରୁ ମୁଣ୍ଡ ବାହାର କରି ଦେଖିଲା ରାଜଲକ୍ଷ୍ମୀ ଓ ଅନ୍ୟ ଜଣେ ତା' ପାଦ ଛୁଇଁ ଭୋ ଭୋ ହୋଇ କାନ୍ଦୁଛନ୍ତି । ଉଠି ବସିଲା ବୁଢ଼ୀ । ଜଗନ୍ନାଥ କାନ୍ଦି କାନ୍ଦି କହିଲେ, ମାଁ..... ଚିହ୍ନି ପାରିଲ ମୋତେ ? ମୁଁ ତୁମ ଜଗୁ, ଜଗନ୍ନାଥ । ଦେଖ ମୁଁ କେତେ ବଡ଼ ହୋଇଯାଇଛି । ମୋର ଭୁଲହେଇଗଲା ମାଁ, ମୁଁ ଅହଂକାର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବଶବର୍ତ୍ତୀ ହୋଇ ଭୁଲି ଯାଇଥିଲି ମୁଁ ଯାହା କିଛି ହାସଲ କରିଥିଲି ତାହା ତୁମ ପାଇଁ, ମୁଁ ଏଇ ସୁନ୍ଦର ଦୁନିଆକୁ ଆସିଛି କେବଳ ତୁମ ପାଇଁ । ତୁମେ ମୋ ହାତ ଧରି ଚାଲିବା ଶିଖାଇଚ, ଅବାଟକୁ ଗଲାବେଳେ କାନ ଧରି ବାଟକୁ ଆଣିଚ । କିନ୍ତୁ ମୁଁ ଯେବେ ତୁମକୁ ଘରୁ ବାହାରକୁ ଠେଲିଦେଲି ସେତେବେଳେ ମୋ ଗାଲରେ ଗୋଟାଏ ଚାପୁଡ଼ା କାହିଁକି ଦେଲନି ମାଁ ? ମୁଁ ଅବାଟକୁ ଚାଲି ଯାଇଥିଲି, ସେତେବେଳେ ମୋ କାନ ମୋଡି ବାଟକୁ ଆଣିବା ଉଚିତ ଥିଲା । କାହିଁକି ମାଁ କାହିଁକି ଚୁପ୍ ରହିଲ ? ? ? ?

ମାଳତୀ ଜଗନ୍ନାଥଙ୍କ ମୁଣ୍ଡ ଆଉଁସି ଖୁସିରେ ଗେଲ କରି କହିଲେ, ମୋ ଧନ....ମୁଁ ଚାହୁଁଥିଲି ତୁ ନିଜେ ତୋ ଭୁଲକୁ ବୁଝି ମୋତେ ପୁଣି ତୋ ପାଖକୁ ଡ଼ାକିବୁ । ଏ ଦୁନିଆର ମୋହ ମାୟାର ବଶବର୍ତ୍ତୀ ହୋଇ ତୁ ମତେ ଘରୁ ତଡିଦେଲୁ, କିନ୍ତୁ ଥରେ ଚିନ୍ତା କଲୁନି ତୋ ବିନା ମୋର କ'ଣ ହେବ ? ହଉ ଛାଡ୍ ପୁଅ, ଟିକିଏ ପାଣି ଦେବୁ ? ବହୁତ ଶୋଷ...... ଜଗନ୍ନାଥ ପାଖ ଘର ସାମ୍ନାରେ ଥିବା ନଳକୂପରୁ ପାଣି ଆଞ୍ଜୁଳେ ନେଇ ମାଳତୀକୁ ପିଆଇ ଦେଲେ । କୋହମୟ ପରିବେଶ ପାଲଟି ଯାଇଥିଲା ସେଇ ମୁହୂର୍ତ୍ତ । ତିନି ଜଣଙ୍କ ଆଖିରେ ଅଶ୍ରୁ ଅବିରତେ ଝରି ଆସୁଥିଲା । ଜଗନ୍ନାଥଙ୍କ ଆଖିରେ ଥିଲା ପ୍ରାୟଶ୍ଚିତର ଲୁହ, ମାଳତୀ ଆଖିରେ ଥିଲା ନିଜ ପୁଅକୁ ପାଇବାର ଖୁସିର ଲୁହ, ରାଜଲକ୍ଷ୍ମୀଙ୍କ ଆଖିରେ ଥିଲା ପ୍ରତାରଣାର ଲୁହ । ଜଗନ୍ନାଥ ନିଜ ମାଁ ଙ୍କୁ ଘରୁ ବାହାର କରି ଦେଇଥିଲେ କିନ୍ତୁ ରାଜଲକ୍ଷ୍ମୀଙ୍କୁ କହିଥିଲେ ତାଙ୍କ ମାଁ'ଙ୍କ ମୃତ୍ୟୁ ହୋଇ ସାରିଛି । ସତରେ ମନୁଷ୍ୟକୁ ବୁଝିବା ବହୁତ କଷ୍ଟ ।

ଜଗନ୍ନାଥ କହିଲେ, ମାଁ ତୁମେ ଏବେ ଆମ ସହ ଘରକୁ ଚାଲ, ଆମ ସହିତ ରହିବ, ତୁମ ସେବା କରିବା ପାଇଁ ଟିକିଏ ସୁଯୋଗ ଦିଅ ମାଁ । ରାଜଲକ୍ଷ୍ମୀ, ହଁ ମାଁ ଆପଣ ଚାଲନ୍ତୁ ଆମ ସହିତ । ଆପଣଙ୍କ ଇଚ୍ଛା ଥିଲା ବୋହୂ ହାତ ରନ୍ଧା ଖାଇବେ, ନାତି ନାତୁଣୀ ସହିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଖେଳିବେ । ଘରେ ଆପଣଙ୍କ ନାତି ଆପଣଙ୍କୁ ଅପେକ୍ଷା କରିଛି, ଚାଲନ୍ତୁ ମାଁ । ମାଳତୀ କିଛି ନକହି ଦେଖୁଥାଏ ଜଗନ୍ନାଥ ବାବୁଙ୍କୁ । ବହୁତ ଅନୁରୋଧ ପରେ ମାଳତୀ କହିଲା, ମୋତେ ଆଜି ସବୁକିଛି ମିଳି ଯାଇଛି । ମୋ ପୁଅ, ବୋହୂ, ମୋର ନାତି ସମସ୍ତଙ୍କୁ ମୁଁ ଦେଖି ସାରିଛି । ମୋ ପୁଅ ହାତରୁ ପାଣି ପିଇ ମୋତେ ସ୍ୱର୍ଗ ସୁଖ ମିଳିଗଲା । ଆଜି ମୋ ପ୍ରତୀକ୍ଷାର ଅନ୍ତ ଘଟିଛି । ତୁମେ ଖୁସିରେ ରୁହ, ମୁଁ ଯାଉଛି । ପୁଅ ରେ, ମୋ ଗଣ୍ଠୁଳି ତତେ ଲାଗିଲା । ହେ ପ୍ରଭୁ ଜଗନ୍ନାଥ ମୋତେ ତୋ ଶରଣକୁ ନେ........

ଦେଖୁ ଦେଖୁ ମାଳତୀ ଆଖି ବୁଜିଦେଲା । ସତେ ଯେମିତି ମୃତ୍ୟୁ ପାଇଁ ପୁଅ ଆସିବା ବାଟକୁ ଅନେଇ ରହିଥିଲା ସେ । ମାଳତୀକୁ ଯେତେ ଡାକିଲେ ସେ ଆଉ ଶୁଣିଲାନି । ମାଳତୀକୁ କୁଣ୍ଢେଇ ଧରି ଜଗନ୍ନାଥ ଓ ରାଜଲକ୍ଷ୍ମୀ ଭୋ ଭୋ କାନ୍ଦୁଥା'ନ୍ତି । ତାଙ୍କ କାନ୍ଦ ଶୁଣି ସେଇ ଗଳିରେ ଥିବା ସମସ୍ତ ଲୋକ ଆସି ରୁଣ୍ଡ ହୋଇଗଲେ । ଜଗନ୍ନାଥ ବାବୁଙ୍କ ନଜର ପଡ଼ିଲା ମାଳତୀର ଗଣ୍ଠୁଳି ଉପରେ । ଖୋଲି ଦେଖନ୍ତି ତ, ଭିତରେ ଥିଲା ଜଗନ୍ନାଥ ବାବୁ ଦେଇଥିବା ଭଙ୍ଗା ବାସନ, ଏକ-ଦୁଇ ଟଙ୍କିଆ କଏନ୍ ୧୨ଟି, ଫାଳେ ରୋଟି ଏବଂ ଜଗନ୍ନାଥ ବାବୁଙ୍କ ପିଲାଦିନ ଫଟୋ । ଏସବୁ ଦେଖିବା ପରେ ଜଗନ୍ନାଥ ଆଉ ସମ୍ଭାଳି ନପାରି ଛାତି ପିଟି କାନ୍ଦିଲେ । ଉପସ୍ଥିତ ଲୋକେ ଧୀରେ ଧୀରେ ସବୁ ବୁଝିଗଲେ । ଜଗନ୍ନାଥକୁ କହିଲେ, ଯେବେ ସମୟ ଥିଲା ସେତେବେଳେ ମାଆ କଥା ନଭାବି ମୂଲ୍ୟହୀନ ଖୁସି ପାଇଁ ନିଜ ମାନବିକତା ଭୁଲିଗଲେ । ଏବେ ମାଆ ମାଆ ଡାକି ଯେତେ କାନ୍ଦିଲେ କ'ଣ ମାଳତୀ ଫେରି ଆସିବ !

କେବଳ ମାଳତୀ ନୁହଁ, ଏହି ସମାଜରେ ଏମିତି ଅନେକ ମାଆ ବାପା ଅଛନ୍ତି ଯେଉଁମାନଙ୍କ ପୁଅ-ବୋହୂ ସଂସାର ଥାଇ ମଧ୍ୟ ବାରଦୁଆର ବୁଲୁଛନ୍ତି । ଏବଂ ଏମିତି ଅନେକ ପୁଅ ଅଛନ୍ତି ଯେଉଁମାନେ କି ନିଜ ମାନବିକତା ଭୁଲି ଅତ୍ୟାଚାରର ସୀମା ଲଂଘି

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଯାଆନ୍ତି । ନିଜ ଜନ୍ମକଲା ମାଆ ବାପାଙ୍କୁ ମୂଲ୍ୟହୀନ ଭାବି ଘରୁ ତଡିଦିଅନ୍ତି । କିନ୍ତୁ ସେମାନେ ଜାଣି ନଥାନ୍ତି ମାଆ ବାପାଙ୍କ ବିନା ଜୀବନର କିଛି ମୂଲ୍ୟ ନାହିଁ । ପିତା ମାତାଙ୍କୁ ତୁଛ ମଣୁଥିବା ସମସ୍ତ ଅଶିକ୍ଷିତ ଲୋକଙ୍କୁ ମୁଁ ମୋ ଦି'ପଦ କବିତା ମାଧ୍ୟମରେ ପିତା ମାତାଙ୍କ ମୂଲ୍ୟ ବୁଝାଇବାକୁ ଚାହେଁ ।

"ପିତାମାତା ବଳେ ସଂସାରେ ଜନ୍ମୀଛୁ
ପିତାମାତା ଯେ ଅଭୀଷ୍ଟ
ପିତାମାତା ଋଣ ସୁଝି କେ ପାରିବ
ତାଙ୍କ କୃପା ସର୍ବଶ୍ରେଷ୍ଠ ।।

ପିତାମାତା ବିନା ଶଂସାରର ଗତି
ରହିଥାଏ ସ୍ଥିର ହୋଇ
ପିତାମାତା ଜନ୍ମ ହୋଇଛି ଏ ଭବେ
ଜଗତ ଉଦ୍ଧାର ପାଇଁ ।।"

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତିନି ତୁଣ୍ଡରେ ଛେଳି କୁକୁର

ଗପଟିକୁ ଅଳ୍ପ ବହୁତେ ସମସ୍ତେ ଜାଣିଥିବେ । ହେଲେ ଏମିତି ବହୁ ଘଟଣା ନିତିଦିନ ଆମ ସମାଜରେ ଘଟିଆସୁଛି, ଘଟୁଛି ଏବଂ ଆଉରି ଆଗକୁ ଅନେକ ସଂଖ୍ୟାରେ ଘଟିବାର ସମ୍ଭାବନା ମଧ୍ୟ ଅଛି । କିନ୍ତୁ ନିକଟ ଅତୀତରେ ଏଇ ଅଧମ ସ୍ତମ୍ଭକାର ସାମ୍ନାରେ ଏମିତି ଏକ ଦୁଃଖଦ ମର୍ମସ୍ପର୍ଶୀ ହୃଦୟବିଦାରକ ଘଟଣା ଘଟିଗଲା ଯାହାକୁ ପଢିଲେ ଜାଣିବେ କି ଆଜିକାଲି ମଣିଷ ତ ପୃଥିବୀରେ ସାତଶହ କୋଟି ପାଖାପାଖି ଅଛନ୍ତି ହେଲେ ଆଉ କାହାପାଖରେ ବୋଧହୁଏ ମଣିଷ ପଣିଆ ବୋଲି କିଛି ନାହିଁ । ଯେଉଁମାନଙ୍କୁ ଆମେ ଅମୃତର ସନ୍ତାନ ବୋଲି ଭାବୁଥିଲେ ସେମାନେ ବି ଆଜି କିଛି କୁଚକ୍ରୀ ଲୋକଙ୍କର ବିଷବଳୟ ପ୍ରରୋଚନା ଭିତରକୁ ପଶି ରାକ୍ଷସ ହେବାକୁ ବସିଲେଣି । ଅମାନୁଷିକ ଅତ୍ୟା·ର କରିବାକୁ ତିଳେହେଲେ ତା'ଙ୍କ ମନରେ ଦୟାଧର୍ମର ଭାବ ଦେଖିବାକୁ ମିଳୁନାହିଁ । ମୁଁ କେବଳ ଏକ ନିଛକ ସତ୍ୟ ଘଟଣାଟିକୁ ଏଠି ମୋର ବିଦଗ୍ଧ ପାଠକମାନଙ୍କୁ ପରୋକ୍ଷି ସମୀକ୍ଷା କରିବାକୁ ଛୋଟିଆ ଅନୁରୋଧଟିଏ ରଖିବି ।



ଇଂ ବିଦ୍ୟାଧର ପଣ୍ଡା

ରାଜସ୍ଥାନର ନିପଟ ମଫସଲ ଗାଁର ଜୟ ଭଗବାନ ଜଣେ ଗରିବ ବୁଢାଲୋକ । ବୟସ ସତୁରି ହେଲେ କ'ଣ ହେବ ଏବେ ବଡିଆ ଟାଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବର୍ଷରେ ଗୃହଯୋଗ୍ୟା ହେଲା । ଝିଅଟିକୁ ବାହାଦେବାକୁ ହେଲେ ଲକ୍ଷେ ଟଙ୍କା ଦରକାର । କୋଉଠୁ ଆଣିବ ! ବଡଝିଅ ପଛକୁପଛ ଆଉ ଦୁଇଟା ବି ଗୌରୀ ଓ ରୋହିଣୀ ଅବସ୍ଥାରେ ବଢୁଛନ୍ତି । ଅଳ୍ପଦିନ ପରେ କନ୍ୟା ହେଲେ ତା'ଙ୍କ ପାଇଁ ବି ବିବାହ ଖର୍ଚ୍ଚ ଏହି ବୁଢାବାପକୁ ହିଁ ଉଠାଇବାକୁ ହେବ । ଜଣଙ୍କ ପାଇଁ ଘରଡିହ ବିକିବାକି ହାତକୁ ଦି'ହାତ କରିଦେଲେ ସମସ୍ୟାର ସମାଧାନ ହେବନି । ଏବେ ମନକୁ ମନ ଭାବୁଛି କାହିଁକି ବୁଢାଦିନେ ସିଏ ବାହା ହେଲା ? ବାହା ହେବାରୁ ସିନା ଏପରି ଜଞ୍ଜାଳରେ ଦହଗଞ୍ଜ ହେଉଛି ! ଜୟ ଭଗବାନର ମା' ଛୁଆବେଳେ ମରିଗଲା ବୋଲି ତା'ର ବାଲ୍ୟବିବାହ ହୋଇ ପାରଲାନି । ରାଜସ୍ଥାନର ସେହି ଅଁଚଳରେ ଯଦି ବାଲ୍ୟବିବାହ ନକରି କିଏ ପୁଅ ବା ଝିଅ ରହିଗଲେ, ଅର୍ଥାତ୍ ବାରବର୍ଷ ଡେଇଁଗଲା ତେବେ ଆଉ ବାଡୁଅପାଣି ଗାଧୋଇବା ସଂଯୋଗ ପ୍ରାୟ ଭବିଷ୍ୟତ ଜୀବନରେ ଜୁଟେନି । ଜୟ ଭଗବାନର ନାଁ ଭଲ ସିନା କିନ୍ତୁ କପାଳରେ ଖାଲି ପରାଜୟର କାହାଣୀ ସହ ଘାତଚନ୍ଦ୍ର ଯୋଗ ଲେଖା ଅଛି । କେଉଁ ଜନ୍ମର ଫଳ କେଜାଣି, ତା'କୁ ଭୋଗିବାକୁ ତ ପଡିବ ।

ତା'କୁ ଯେତେବେଳେ ଏକାବନ ବର୍ଷ ସେତେବେଳେ ଅଠର ବର୍ଷିୟ ଯୁବତୀ ଜଣେ ତା'ଙ୍କ ଗାଁରେ ବିଧବା ହେଲା । ସେହି ଯୁବତୀକୁ ତା'ର ସ୍ୱାମୀନିଆଁରେ ପୋଡି ମାରି ସତି କରିବାକୁ ଗାଁ ଲୋକ ଜବରଦସ୍ତି ନେଇ ଯାଉଥିବାବେଳେ ଜୟ ଭଗବାନ ସମସ୍ତଙ୍କ ଗୋଡତଳେ ପଡି ନେହୁରା ହୋଇ କହିଲା, "ଆପଣଙ୍କ ଆଜ୍ଞା ହେଲେ ମୁଁ ଏହି ବିଧବା କନ୍ୟାକୁ ବିବାହ କରିବି । ମୁଁ ଏବେ ଏକାଏକା ରହିପାରୁନି । ଭାବୁଛି ଆତ୍ମହତ୍ୟା କରିଦେବି । ଆପଣ ଯଦି ଏହି ସତିକନ୍ୟାକୁ ତା'ସ୍ୱାମୀ ଜୁଇରେ ନଜଳେଇ ମୋ'ସହିତ ବିବାହର ଆଜ୍ଞା ଦେଇ ଦୟା କରନ୍ତେ ତେବେ ମୁଁ ଆପଣମାନଙ୍କ ନିକଟରେ ଚିର କୃତଜ୍ଞ ରୁହନ୍ତି ।" ଜୟ ଭଗବାନର କଥାରେ ପଂଚପରମେଶ୍ୱରଙ୍କ ହୃଦୟ ତରଳିଗଲା । ସମସ୍ତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜି ହୋଇ ସେ କନ୍ୟାକୁ ଜୟ ଭଗବାନ ହାତରେ ଛାଡିଦେଲେ । ଦୁଇ ତିନି ବର୍ଷରେ ପିଲାପିଚିକା ନହେବାରୁ ବୈଦକୁ ଦେଖେଇଲେ । ବୈଦ ଦେଖି କହିଲା ଦୁହିଁଙ୍କର କିଛି ଖୁଣ ନାହିଁ । କେବଳ ଚାପଗ୍ରସ୍ତ ମନକୁ ହାଲୁକା କରି ଦୁହେଁ ମିଶିଲେ ଗର୍ଭ ରହିବାରେ କୌଣସି ଅସୁବିଧା ନାହିଁ । ତେବେ ଏସବୁ ପ୍ରୟୋଗରେ ଆଣିବାକୁ ଜୟ ଭଗବାନକୁ କିଛି ସମୟ ଲାଗିଲା । ଯେତେବେଳେ ତାକୁ ଛପନ ବର୍ଷ ସେତେବେଳେ ତାର ପ୍ରଥମ କନ୍ୟାରତ୍ନଟିଏ ଜନ୍ମ ନେଲା । ତା'ପରେ ପୁତ୍ରପ୍ରାପ୍ତିର ଲାଳସାରେ ଦୁଇଟି ସନ୍ତାନ ହେଲା ସିନା କିନ୍ତୁ ଦୁଇଟି ଯାକ ସେହି କନ୍ୟା, ପୁଅ ବୋଧେ ତା'ଭାଗ୍ୟରେ ନାହିଁ । ଏବେ ବଡଝିଅକୁ ଚଉଦ ବର୍ଷ । ତା'କୁ ଚାରି ବର୍ଷ ବେଳେ ଥାଳିରେ ବସେଇ ଜଣଙ୍କ ହାତକୁ ଟେକିଦେଇଥିଲା । ଝିଅ ଗୃହଯୋଗ୍ୟା ହେବା ଶୁଣି ସିଏ ତା'ର ଯୁବା ପୁଅପାଖକୁ ନେଇଯିବାକୁ ତନାଘନା କଲାଣି । ହେଲେ କରୋନାକାଳରେ ଛ'ମାସ ଜୟ ଭଗବାନ ଘରେ ବସିଗଲା । ଯାହା ଥିଲା ସବୁ ପାଂଚପ୍ରାଣୀ କୁଟୁମ୍ବଙ୍କ ଦ୍ୱାରା ଚଳୁ ହୋଇଗଲା । ଏବେ ବହୁତ ଜାଗା ଯାଇ ଚାକିରି ପାଇଁ ନେହୁରା ହେବା ପରେ ଗୋଟିଏ ରାସ୍ତାକାମ କରୁଥିବା ଠିକାଦାର ଚାକିରି ଦେବାକୁ ରାଜି ହେଲା । ହେଲେ ଚାକିରି ପାଇଁ ତା'କୁ ଓଡିଶାର ମୟୁରଭଞ୍ଜ ଜିଲ୍ଲାର ବୁଢାମରାକୁ ଯିବାକୁ ହେବ । ମାସିକ ଦଶହଜାର ଟଙ୍କା ଖାଇପିଇ ଦରମା ହିସାବରେ ମିଳିବ । ଘରେ ରହିବେ ପତ୍ନୀ ସହିତ ତିନିଝିଅ । ପତ୍ନୀ ଗାଁ ସ୍ତ୍ରୀଲୋକମାନଙ୍କ ସାଙ୍ଗରେ ଅନ୍ୟର ମୂଲପାତି ଲାଗିବାକୁ ଯାଇ କିଛି ଆଣେ । ପାଖରେ ଶଳାମାନେ ଅଛନ୍ତି । ସେମାନଙ୍କୁ କୁହାକହି କରି ବୁଢା କର୍ମକ୍ଷେତ୍ରକୁ ଚାଲିଆସିଲା ।

ନୂଆକରି ଠିକାଦାର କ୍ୟାମ୍ପ ଗଢୁଥିବା ସ୍ଥାନୀୟ ମିସ୍ତ୍ରୀ ଓ ସହାୟକମାନଙ୍କୁ ତଦାରଖ କରିବା କାମ ଜୟ ଭଗବାନ ହାତରେ ନ୍ୟସ୍ତ କଲା । ବୁଢାର ଉଚତା ଛଅଫୁଟ । ଠାକରା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଗାଲ, ଆଖିଦୁଇଟା କୋରଡରେ ପଶି ଯାଇଛି । ନରକଙ୍କାଳ ଚେହେରାରେ ରାଜସ୍ଥାନର ଚୁଡିଦାରପଞ୍ଜାବୀ ପିନ୍ଧିଲେ ଲାଗେ ଯେମିତି ପୋଷାକ ଗୋଟିଏ ଆଲେଣାର ହ୍ୟାଙ୍ଗରରେ ଟଙ୍ଗା ଯାଇଛି । ମାସେ ପରେ ଠିକାଦାର ଏକ ଶୁଭ ମୁହୂର୍ତ୍ତରେ ସ୍ଥାନୀୟ ସାସଂଦ ବିଶୁବାବୁଙ୍କ ହାତରେ ନଡିଆ ଭାଙ୍ଗି କାମ ଆରମ୍ଭ କଲା । ସେଠିକି ସମସ୍ତ ସ୍ଥାନୀୟ ସାମ୍ବାଦିକମାନଙ୍କୁ ଡକାଗଲା । ସାସଂଦ ପଦ୍ମଫୁଲିଆକୁ ବିଧାୟକ ଶଙ୍ଖୁଆ । ରାଜନୀତି ମହଲ ସରଗରମ ହେଲା । ଶୁଭଦେବା ଜାଗାରେ ପୂଜାପରେ ତମ୍ବୁତଳେ ଛୋଟିଆ ସଭାକରି ଜନସାଧାରଣଙ୍କୁ ବିଶୁବାବୁ ଜଣେଇଲେ ଯେ ଏ'କାମ ପାଇଁ ସିଏ କେତେ କଷ୍ଟ ସହିଛନ୍ତି । କରୋନାକୁ ଭୟ ନକରି ଉଡାଜାହାଜରେ ବସି ଦିଲ୍ଲୀ ଯାଇଛନ୍ତି । ସେଠାରେ ପରିବହନ ମନ୍ତ୍ରୀଙ୍କ ସାକ୍ଷାତ ପାଇଁ ତିନିରାତି ପାଂଚତାରକା ହୋଟେଲରେ ଶୋଇଶୋଇ ବହୁକଷ୍ଟରେ ଅପେକ୍ଷା କରିଛନ୍ତି । ପରିଶେଷରେ ଆଜି ଏ ଗଳାପୋଲ ଦୁଇଟା ଜନତାଙ୍କ ସୁବିଧାପାଇଁ ହେବାକୁ ଯାଇ ସ୍ଥାନୀୟ ଲୋକଙ୍କ ସ୍ୱପ୍ନ ପୁରା ହୋଇପାରିଛି । ତେବେ ସାଂସଦ ଧନ୍ୟବାଦର ପାତ୍ର । ଏସବୁ ଖବରକାଗଜରୁ ପଢି ବିଧାୟକ ଦାମବାବୁଙ୍କ ମଗଜ ଗରମହେଲା । ସହଜେ ପଦ୍ମଫୁଲିଆଙ୍କ ଛାଇ ପଡିଲେ ଶଙ୍ଖୁଆଙ୍କର ନାହିଁଡିଏଁ । ସହିବ କେମିତି । ଦଳିୟକର୍ମୀଙ୍କୁ ଡାକି ନାଲିଆଖି ଦେଖେଇଲେ । ଶ.. ବାଘ ଘରେ ମିରିଗ ନାଟ । ସିଏ କିଏ ବେ । ଏଠି ମୁଁ ରାଜା । ଏଇଟା ମୋ ଏରିଆ, ମାନେ ମୋତେ ନଜଣେଇ ସେ ଶ. ନଡିଆ ଫଟେଇ ପାଣି ବାହାରକରିବ । ସେ ଠିକାଦାର କଥା ତୁରନ୍ତ ବୁଝି । କିଛିଦିନ ପରେ ସେହି ସାମ୍ବାଦିକମାନଙ୍କ ଭିତରୁ ଜଣେ ଜଣେ ଠିକାଦାର ପାଖକୁ ଆସି ହପ୍ତା ବିଷୟରେ କଥାହେଲେ । ଠିକାଦାର ବହୁତ କମ୍ ପଇସାରେ ବଡକାମଟିଏ ପ୍ରଥମଥର ପାଇଁ ନେଇ ଯାଇଛି । ତା'ଉପରକୁ ତା'ପାଖ ପ୍ରତିଯୋଗୀଠାରୁ ଦଶକୋଟି ଟଙ୍କା କମରେ ଏଗ୍ରୀମେଂଟ ଦସ୍ତଖତ କରିଦେଇଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେବେଳେ ମୁଣ୍ଡ ଘାଉଁରୋଉଛି କାମ କେମିତି ସାରିବ ! ଏବେ ସମସ୍ତେ ଏଠି ଉଚ୍ଚା ହପ୍ତା ଆଶାରେ ଅଥୟ କଲେଣି । ଅନ୍ୟମାନଙ୍କ କଥା ଛାଡ, କିନ୍ତୁ ସ୍ଥାନୀୟ ପୋଲିସ ଥାନା, ତହସିଲ୍ ଏବଂ ସାମ୍ବାଦିକମାନଙ୍କ ସହ ନେତାମାନଙ୍କ ଖେଳେଇରେ କିଛିକିଛି ନପକେଇଲେ କାମ ଉଠେଇବା କଣ ସହଜ ? ଏପରି ଚିନ୍ତାରେ ଠିକାଦାର ଥିବା ବେଳେ ପାଖ ଗାଁଲୋକମାନେ କ୍ୟାମ୍ପରୁ ଚୋରିଚପଟ ଆରମ୍ଭ କଲେ  ।

କ୍ୟାମ୍ପ ଚାରିପଟେ କିଛି ଟୁକୁରା ଲୁହାଛଡକୁ ତିନୋଟି ଲଙ୍ଗଳାଛୁଆ ସନ୍ଧ୍ୟାରେ ଗୋଟାଉଥିବା ଦେଖି ଜୟ ଭଗବାନ ମେସ୍‌ଘରୁ ଦଉଡି ସେମାନଙ୍କୁ ଘଉଡେଇଦେଲା । ସକାଳେ ସେମାନେ ପାଖକେନାଲ ପାଣିରେ ଗାଧୋଇଲା ବେଳେ ଜୟ ଭଗବାନ ସେପଟେ ଚାଲ ଚାଲ ହୋଇ ଗଲାବେଳେ ପିଲାମାନେ ଆପେଆପେ ପାଣିରୁ ବାହାରି ଗାଁ ଆଡକୁ ଦୌଡିଲେ ଏବଂ ସେ ବୁଢା ତା'ଙ୍କୁ ଗୋଡାଉଛି ବୋଲି ସେମାନେ ଯାଇ ତା'ଙ୍କ ଘରେ ମା ବାପାଙ୍କୁ କହିଲେ । ସେଠାକାର ଜନୈକ ସାମ୍ବାଦିକ ହୋତା ଠିକାଦାରପାଖରୁ କିଛି ନିଜିକାମ ପାଇଁ ଯାଇ ନିରାଶ ହୋଇ ଫେରିଥିଲା  । ତା'କୁ ସୁବର୍ଣ୍ଣ ସୁଯୋଗଟିଏ ମିଳିଗଲା ଠିକାଦାର ଉପରେ ପ୍ରତିଶୋଧ ନେବାପାଇଁ  । କାହାମୁଣ୍ଡରେ ଏମିତି ଏକ ଉପାୟ ଜୁଟିଲା କେଜାଣି ! ଏହି ସାମାନ୍ୟ ଘଟଣାକୁ ରୂପ ଦିଆଗଲା ଯେ ସେ ଜୟ ଭଗବାନ ବୁଢା ସେହି ଲଙ୍ଗଳା ଗାଁଛୁଆମାନଙ୍କୁ ବଳିଦେବା ଉଦ୍ଦେଶ୍ୟରେ ଧରିବାପାଇଁ ଗୋଡାଉଛି  । ଏ'କଥା ଶୁଣି ଗାଁଲୋକ ବାଉଁଶ ଠେଙ୍ଗା ଧରି ଶହେଦେଢଶ ସଂଖ୍ୟାରେ କ୍ୟାମ୍ପର ସମସ୍ତ ହିନ୍ଦୀଭାଷି ଅନ୍ତେବାସୀ ମାନଙ୍କ ଉପରେ ଆକ୍ରମଣ କରିଦେଲେ  । ସମସ୍ତ ଅଧିକାରୀଙ୍କୁ ଅନ୍ଧାଧୁନ ପିଟିବାକୁ ଲାଗିଲେ ଏବଂ ଜୟ ଭଗବାନକୁ ନିର୍ଦ୍ଦୟ ଭାବରେ ବହୁତ ପିଟିପିଟି ଧାରାଶାୟୀ କରିଦେଲେ  । ତା'ର ବିକଳ ଆର୍ତ୍ତ ଚିତ୍କାର କାହାର କାନ ଭିତରେ ପଶୁନଥାଏ  । ପୋଲିସଦଳ ଆସି ସେ ସମସ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଡଖିଆ ଲୋକମାନଙ୍କୁ ସେଠାରୁ ଥାନାକୁ ନେଇ ତଦନ୍ତରୁ ଜାଣିଲେ ଯେ ଜୟ ଭଗବାନ ବଳିପାଇଁ ଛୁଆମାନଙ୍କୁ ଗୋଡାଉଥିଲା । ସମସ୍ତ ଖବରକାଗଜରେ ସକାଳେ କଥାଟି ଛପାହେଲା ଏବଂ ଓଟିଭିରେ ମଧ୍ୟ ଏହି ଘଟଣାଟିକୁ ସୁନ୍ଦରଭାବରେ ପ୍ରସାରଣ କରାଗଲା । ଏଠି ତିନିତୁଣ୍ଡ ନୁହେଁ ଛଅତୁଣ୍ଡରେ ଜୟ ଭଗବାନ ଦୋଷୀ ସାବ୍ୟସ୍ତ ହୋଇ କାରାଗାର ଭିତରେ ପଶିଲା । ଠିକାଦାରଠାରୁ ନିରାଶ ହୋଇ ସାମ୍ବାଦିକମାନେ ନାରାଜ, ପୋଲିସ ନାରାଜ ଏବଂ ଗଣ୍ୟମାନ୍ୟ ନେତୃତୁଲ୍ୟ ବ୍ୟକ୍ତିବିଶେଷ ବି ଚାନ୍ଦାଭେଦାରୁ ବଂଚିତ ଥିବାରୁ ମିଛ ଘଟଣାଟିକୁ ସତ ଘଟଣାରେ ରୂପାନ୍ତରିତ କରି ନିଜର ପେଟପାଟଣା ଉଦ୍ଦେଶ୍ୟରେ ପଶ୍ଚିମଭାରତରୁ ପୂର୍ବଭାରତକୁ ନିଜେ ବଂଚି ପରିବାର ବଂଚେଇବା ପାଇଁ ଆସି ବିଚରା ଗୁଡାଏ ମାଡଖାଇଲା । ଠିକାଦାର ଭାବୁଛି ଯାହାହେଉ ଏତେ ମାଡଖାଇ ବି ଜୟ ଭଗବାନ ବଂଚିଗଲା । ଯଦି ମରିଯାଇଥାନ୍ତା ତେବେ ତା'ଝିଅକୁ କିଏ ବାହା ଦେଇଥାନ୍ତା ? ତା' ପରିବାରକୁ ଭରଣପୋଷଣ କରିବାପାଇଁ କିଏ ଆଗକୁ ଆସିଥାନ୍ତା । ବିଚରା ସ୍ତ୍ରୀ ସହ ତିନିଟା ମାଇପିଲା ଭାସି ଯାଇଥାନ୍ତେ । ଭଗବାନ ହିଁ ବଡଲୋକ, ବଂଚେଇ ଦେଲା ।

ପିଲାକୁ ବଳି ଦେବାରେ ଥିଲେ କ'ଣ ଜଣେ ଦିବାଲୋକରେ ରାଜରାସ୍ତାରେ ଗୋଡାଇବ ! ଜଣେ ସତୁରି ବର୍ଷୀୟ ବୁଢା ଏକାକାଳୀନ ଏକ ନୁହେଁ ଦୁଇ ନୁହେଁ ଚାରିଜଣକୁ ବଳି ଦେବାପାଇଁ ଗୋଟେଇ ଗୋଟେଇ ଧରିବାର ପ୍ରଚେଷ୍ଟା କରିବ ! ଧନ୍ୟ ଆମ ସମାଜ, ଧନ୍ୟ ସେସବୁ ଅଧିକାରୀଙ୍କ ତଦନ୍ତ । ପାଠକମାନଙ୍କ ଭିତରୁ କେହି କହିପାରନ୍ତି ଯେ ସ୍ତମ୍ଭକାରର ବୁଦ୍ଧିଶୁଦ୍ଧି କ'ଣ ସେଠାକାର ଭାରପ୍ରାପ୍ତ ପୋଲିସ ଅଫିସରଙ୍କ ଠାରୁ ବେଶୀ । ତାପରେ ଆମ ଗଣତନ୍ତ୍ର ଶାସନରେ ସାମ୍ବାଦିକମାନେ ଚତୁର୍ଥ ସ୍ତମ୍ଭ, ସେମାନେ ସବୁ ଜାଣିବା ନର । ନାରଦମୁନିଙ୍କର ପ୍ରତିନିଧି ମିଛ କାହିଁକି ଲେଖିବେ ? କିନ୍ତୁ ଏହି ଘଟଣାଟି ନିଛକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଛ । ସେ ବୁଢା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ତେବେ ଯାହା ତ ହେବା କଥା ହେଲାଣି । ଠିକାଦାର ବୁଦ୍ଧି ଶିଖିଲା, ଏବେ ଦୁଆର ଦୁଆର ବୋଲି ସମାଧାନର ରାସ୍ତା ଖୋଜୁଛି । ହପ୍ତା ଆରମ୍ଭ ବିନା କାମ ଆରମ୍ଭ କରିବା ସତରେ ବହୁତ ବଡ ଅପରାଧ । ତେବେ ଉତ୍ତର ଓଡିଶାର ମୟୁରଭଞ୍ଜ ଜିଲ୍ଲାର ବୁଢାମରା ଗାଁ ନିଜର ନାମକୁ ଆଉଥରେ ସାର୍ଥକ କରିବାକୁ ଯାଇଁ ସେଦିନ ଗୋଟିଏ ନିର୍ଦ୍ଦୋଷ ବୁଢାକୁ ସେହି ପବିତ୍ରମାଟିରେ ମାରୁମାରୁ ଜୀବନରେ ମାରି ଦେଇଥାନ୍ତା । କିନ୍ତୁ ନିୟତିର ନିର୍ଦ୍ଦେଶ ଭିନ୍ନ, ମିଛ ଘଟଣାର ଶିକାର ହୋଇ ବିଚରା ଗରିବ ବୁଢାଟିଏ ଦିନେ କାରାଗାରର ଚାରିକାନ୍ଥ ଭିତରେ ରହିଲା ପରେ ଅନେକ ଏବେ କହିଲେଣି ଘଟଣାଟି ମିଛ ବୋଲି । କିଏ ଜଣେ ସାହାଯ୍ୟ କରିବାରୁ ଦିନକ ପରେ କାରାଗାରରୁ ମୁକ୍ତି ମିଳିଲା । ହେଲେ ଏବେ ଭାବୁଛି ଆଉ ଏଠି କାମ କରିବନି, ପରିବାର ଭାସିଗଲେ ଭାସି ଯାଆନ୍ତୁ ପଛେ ସିଏ କାମ ଛାଡି ଘରକୁ ଫେରିଯିବ । ସେଥିପାଇଁ ଯଥାର୍ଥରେ କୁହାଯାଇଛି "ତିନି ତୁଣ୍ଡରେ ଛେଳି କୁକୁର ।"

ଇଂ. ବିଦ୍ୟାଧର ପଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର-୧୯

bdpanda1@gmail.com, ମୋ-୯୪୩୯୧୭୮୦୫୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଫାଶୀ

୨୦୧୧ ମସିହା ରିତେଶ ନୂଆ ନୂଆ କରି +୩ ରେ ନାମ ଲେଖାଇ ଥାଏ ବିଡାନାସୀ କଲେଜରେ ପାଠ ପଢୁଥାଏ । ତାର ଘନିଷ୍ଠ ବନ୍ଧୁ ବିଜୟ ଏକ ମାତ୍ର ସାଙ୍ଗ କଲେଜରେ ସାଥି ହୋଇ ପାଠ ପଢୁଥାନ୍ତି । କାହିଁକି ନା ଏହି ଦୁଇ ଗାଉଁଲି ମଫସଲ ପିଲା । ରିତେଶ ଘର ଥିଲା ସାଲେପୁର ଏବଂ ବିଜୟ ଘର ଥିଲା ବାଙ୍କି । ଉଭୟ ଉଭୟଙ୍କ ପାଇଁ ଜୀବନ ଦେବା ଭଳି ବନ୍ଧୁ ଥିଲେ ।

ଏମିତିରେ କିଛି ଦିନ ବିତିଗଲା ପରେ କଲେଜ ନୂଆ ଖୋଲିଥାଏ । କିନ୍ତୁ କଲେଜ ଫିଟିବାର ସାତଦିନ ପରେ ହଠାତ୍ ଏକ ସୁନ୍ଦରୀ ଝିଅ ରେସେମା ନାମକ ତରୁଣୀ ତାଙ୍କରି କଲେଜରେ ତାଙ୍କ ବ୍ୟାଚରେ ଯୋଗଦେଲା ବିଡାନାସୀ କଲେଜରେ ।



ସରୋଜ କୁମାର ଜେନା

ହଠାତ୍ ଗୋଟିଏ ଦିନ ରିତେଶ ଓ ବିଜୟ କଲେଜକୁ ଆସିଥିଲେ ମଧ୍ୟ ଉଭୟଙ୍କର ସକାଳୁ ସକାଳୁ କଲେଜ ଆରମ୍ଭରୁ ଭେଟ ହୋଇ ନଥିଲା । କାହିଁକି ସେଦିନ ପ୍ରଥମେ ରିତେଶ କଲେଜକୁ ପଳାଇ ଆସିଥିଲା ଏବଂ କ୍ଲାସ୍ କରୁଥିଲା ।

ହଠାତ୍ ସେଦିନ ବିଳମ୍ବରେ ବିଜୟ ଆସିଥିଲା ଆଉ ନିଜ ସାଇକେଲ ଧରି କଲେଜ ଗେଟ୍ ଠାରେ ଠିଆ ହୋଇଥିଲା । ଏହି ସମୟରେ ହଠାତ୍ ରେସେମା ବୋଲି ଝିଅଟି ତାର ସ୍କୁଟି ଧରି ଦ୍ରୁତ ଗତିରେ କଲେଜ ଗେଟ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁହଁ ଦେଇ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ସମୟରେ ବିଜୟ ଦେହରେ ଧକା ଦେଇଥିଲା । ବିଜୟ ପଡ଼ିଗଲା ଏବଂ ସେହି ଝିଅ ରେସେମା ବି ପଡ଼ିଗଲା । ଉଭୟଙ୍କ ଦେହ ଖଣ୍ଡିଆଖାବରା ହେଲା କିନ୍ତୁ ରେସେମା ସ୍କୁଟି ପଡ଼ି ଯାଇଥିବାରୁ ଘେସେରା ଦାଗ ହୋଇଯାଇଥିଲା । ଏଥିରେ ରେସେମା କ୍ରୋଧାନିତ ହୋଇ ବିଜୟକୁ ପ୍ରବଳ ଗାଳି ଗୁଲଜ କରିବା ସହିତ ଗୋଟିଏ ଚଟକଣା ମଧ୍ୟ ବାଡ଼େଇ ଥିଲା ଏବଂ କହିଥିଲା ମୋର ଏହି ଗାଡ଼ିର ଦାମ କେତେ ହଜାର ଜାଣିଛୁ ୮୦,୦୦୦ ଟଙ୍କା ଆଉ ଆଜି ତୋର ଯୋଗୁଁ ମୋ ଗାଡ଼ିଟି ଦାଗ ହୋଇଗଲା ପଡ଼ି ଏବଂ ରାଗ ତମତମ ହୋଇ କହିଥିଲା ମୋ ବାପାଙ୍କୁ ଚିହ୍ନିଚୁ । ମୋ ବାପା ହେଉଛନ୍ତି ଏହି କଟକ ମଙ୍ଗଳବାଗ ଥାନାରେ ଆଇ.ଆଇ.ସି । ମୁଁ ଏଇନୁ ଚାହିଁବି ବୋଲେ ତୋତେ ସାଙ୍ଗେ ସାଙ୍ଗେ ଥାନାରେ ଭର୍ତ୍ତି କରିଦେବି ।

ଠିକ୍ ଏହି ସମୟରେ ରିତେଶ ଏହି ଖବର ପାଇ ଆସି ସେହି ଗଣ୍ଡଗୋଳ ସ୍ଥାନରେ ପହଞ୍ଚିଥିଲା । ଆଉ ସବୁ କଥା ଶୁଣି ସାରିଲା ପରେ ରିତେଶ ସେ ଝିଅକୁ କହିଥିଲା ଶୁଣନ୍ତୁ ଆପଣ ଭୁଲ କରି ମୋ ସାଙ୍ଗ ଉପରକୁ ହାତ ଉଠାଇ କିଛି ଭଲ କାମ କଲେନି । ଏହା ସହିତ ତାକୁ ଧମକାଉଛନ୍ତି ଥାନାରେ ଭର୍ତ୍ତି କରିବା ପାଇଁ କହୁଛନ୍ତି ଏହା କଣ ଠିକ୍ ।

ପ୍ରତି ଉତ୍ତରରେ ରେସମା କହିଲା ଠିକ୍ ଭୁଲର କୈଫତ ମୁଁ ଦେଇ ପାରିବିନି । ମୁଁ ଯାହା ଚାହେଁ ତାହା କରେ । ହଠାତ୍ ରିତେଶ ଏହି କଥା ଶୁଣି ରାଗିଯାଇ ରେସମା ଗାଲକୁ ଗୋଟିଏ ଚାପୁଡ଼ା ବାଡ଼େଇ କହିଥିଲା ତୁମେ ବଡ଼ ଲୋକ ଝିଅ ବୋଲି ଯାହା ମନ ତାହା କରିବ । ଆଉ ଶୁଣ ତୁମ ଭଳି ଧନୀ ଝିଅମାନଙ୍କୁ ମୁଁ ଭଲ ଭାବରେ ଚିହ୍ନିଚି । ତୁମ ମାନଙ୍କର କାମ ହେଲା ବାପା ମାଆଙ୍କ ଅର୍ଥରେ ବଳିଆନ ହୋଇ ନିଜର ସଉକ ପାଇଁ ଅନ୍ୟକୁ ବଳି ପକାଇବାକୁ ବି ପଛଘୁଂଚା ଦେବନି । ଏହି କଥା ରେସମା ରିତେଶ ମୁଖରୁ ଶୁଣି ସାରିବା ପରେ ରାଗିଯାଇ ରିତେଶକୁ କହିଥିଲା ଶୁଣୁ ଏହି ଚାପୁଡ଼ା ମୋତେ ତୁ ମାରିଲୁନୁ ଯେ ଏହା ଭବିଷ୍ୟତରେ ତୋ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପାଇଁ ବହୁତ ମହଙ୍ଗା ପଡ଼ିବ, ଆଉ ତୁ ଦେଖିବୁ ମୁଁ ଏହାର ପ୍ରତି ବଦଳରେ କଣ କରିପାରେ । ରିତେଶ ମଧ୍ୟ ସେ ଝିଅଠାରୁ ଏହି କଥା ଶୁଣି କହିଥିଲା ଯା ଯା ତୁମ ଭଳି ମୁଁ କେତେ ଝିଅ ଦେଖିଛି । ଯା ମୋର କଣ କରିବା କଥା କରିବ  ।

ଏମିତିରେ କିଛି ଦିନ ବିତିଗଲା ପରେ ରେସେମାର ରାଗ ସେ ପର୍ଯ୍ୟନ୍ତ ରିତେଶ ଉପରେ ଥାଏ । ଏହାର ପ୍ରତିଶୋଧ କିପରି ନେବ ମନେ ଭାବୁଥାଏ । ଏମିତିରେ ରେସେମା ଚକ୍ରାନ୍ତ ଖେଳେଇଲା । ଆଉ ତାର ବୟଫ୍ରେଣ୍ଡ ଓମ୍ କୁ ଏହି କଥା କହିଲା । ଓମ୍ ତାକୁ ସେଦିନ ଗୋଟେ ପ୍ଲାନ ଦେଲା । ପ୍ଲାନ ମୁତାବକ କେହି ନ ଜାଣିବାକୁ ରେସମାର ସାଙ୍ଗ ରୋଜାଲିନକୁ ମିଛି ମିଛିକା ଭଲ ପାଇବା ପାଇଁ ବିଜୟ ସହିତ କହିଥିଲା । ଆଉ ଏହି ମଉକାରେ ଆମେ ଆମ ଫାଇଦା ହାସଲ କରି ପାରିବା । ରିତେଶଠୁ ମଧ୍ୟ ପ୍ରତିଶୋଧ ନେଇ ପାରିବା । ଏହି କଥା ଶୁଣି ରେସେମା ବହୁତ ଖୁସି ହୋଇଯାଇଥିଲା ଏବଂ ତାର ସାଙ୍ଗ ରୋଜାଲିନ ସବୁ କଥା କହିଥିଲା ତୁ ବିଜୟକୁ ମିଛ ମିଛିକା ପ୍ରେମ ଜାଲରେ ଫସାଇ ଦିଏ । ଏହି କଥା ଶୁଣି ରୋଜାଲିନ ସେ ଦିନ ରେସେମାଠୁ ଶୁଣି କହିଲା ଇଏ ଗୋଟିଏ କଥା ଏହା ମୋ ବାମ ହାତର ଖେଳ । ମୁଁ କଣ ମୋ ସାଙ୍ଗ ପାଇଁ ଏତିକି କରି ପାରିବିନି । ମୁଁ ନିଶ୍ଚିତ କରିବି ।

ଏମିତିରେ କିଛି ଦିନ ବିତିଗଲା ରିତେଶ ଅଜାଣତରେ ରୋଜାଲିନ ବିଜୟକୁ ପ୍ରେମ ଜାଲରେ ଫଶାଇ ଦେଲା ଏବଂ ଏହି କଥା ରିତେଶକୁ ନ ଜଣାଇବା ପାଇଁ କହିଥିଲା । ଆଉ ବିଜୟକୁ ମଧ୍ୟ କହିଥିଲା ମୋ ରାଣ ଦେଇ କୁହ । ବିଜୟ ମଧ୍ୟ ପ୍ରତିଶୃତି ଦେଇଥିଲା । ଆଉ କହିଥିଲା ଆମ ଭଲ ପାଇବା କଥା କେହି ଜାଣିବେନି । ତୁମର ମୋର ବ୍ୟତୀତ ।

ଏମିତିରେ ଆଉ କିଛି ଦିନ ବିତିଗଲା ଏବଂ ଉଭୟ ରୋଜାଲିନ ଏବଂ ବିଜୟଙ୍କ ମିଛ ପ୍ରେମ ଚାଲୁଥାଏ କିନ୍ତୁ ଛଳ ପ୍ରୟୋଗ କରି ବିଜୟ ଠାରୁ ରିତେଶକୁ ଅଲଗା କରିବା ପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଦ୍ୟମ କରୁଥାଏ ରୋଜାଲିନ ।

କିନ୍ତୁ ସେପଟେ ରେସେମା ବୟଫ୍ରେଣ୍ଡର ଉଦ୍ଦେଶ୍ୟ ଥିଲା କିଛି ଅଲଗା । ସେ ଚାହୁଁଥିଲା ରେସେମା କାମ ସହିତ ସେ ବି କିଛି ସ୍ୱାର୍ଥ ହାସଲ କରିନେବ ଏବଂ ରୋଜାଲିନକୁ ଉପଭୋଗ କରିବା ତାର ଥିଲା ମୁଖ୍ୟ ଉଦ୍ଦେଶ୍ୟ ।

ଏମିତିରେ କିଛି ଦିନ ବିତିଗଲା ପରେ ରେସେମା ଓମ୍ କୁ କହିଲା ଏବେ କଣ କରିବା । ଓମ୍ କହିଥିଲା ତୁମେ ଚିନ୍ତା କରନି । ଆମେ ଗୋଟେ କାମ କରିବା । ଗୋଟେ ନିରୋଳା ଜାଗା ଦେଖି ବିଜୟକୁ ରୋଜାଲିନ ଦ୍ୱାରା ଡାକିବା । ଆଉ ରୋଜାଲିନକୁ କହିଥିଲେ ତୁ ତାକୁ ଡାକିବୁ । ଆଉ ସେ ଆସିଲା ପରେ ବହି କଣ ହେଉଛି ତା ପରେ ମୁଁ କଣ କରିବା କଥା କରିବି । ଏହି ପ୍ଲାନ୍ ରେ ସମସ୍ତେ ସହମତି ପ୍ରକାଶ କଲେ । ପରେ ରୋଜାଲିନକୁ ନ ଜଣେଇ ଓମ୍ ରେସେମାକୁ କହିଥିଲା ତୁମେ ସେହି ସ୍ଥାନକୁ ଯିବନି । ରେସେମା ମଧ୍ୟ ରାଜି ହୋଇ କହିଥିଲା ହଉ ଠିକ୍ ଅଛି । କିନ୍ତୁ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓମ୍ ର ଗୋଟିଏ ଗୁଳିରେ ଦୁଇଟି ଶିକାର କରିବ । ଏହି କାମକୁ ସଫଳ କରି ରେସେମା ଆଗରେ ସବୁଦିନ ପାଇଁ ତାକୁ ବହାହୋଇ ତାର ସମ୍ପତି ଉପଭୋଗ କରିବା ସହିତ ବିଳାସପୂର୍ଣ୍ଣରେ ରହିବ । ଦ୍ୱିତୀୟରେ ରୋଜାଲିନକୁ ଉପୋଭୋଗ କରି ପାରିବ ।

ଏମିତିରେ ହଠାତ୍ ଗୋଟିଏ ଦିନ ଓମ୍ ପ୍ଲାନ୍ ମୁତାବକ ଅନୁସାରେ ରୋଜାଲିନ ବିଜୟକୁ କହିଥିଲା ଚାଲୁନ ଆଜି କେଉଁ ଆଡେ ବୁଲିଯିବା ବିଜୟ କହିଲା ହଉ ଠିକ୍ ଅଛି ତୁମେ କୁହ କୁଆଡ଼େ ଯିବା । ରୋଜାଲିନ କହିଥିଲା ଚାଲ ଆଜି ମୁଁ ତୁମକୁ ଗୋଟିଏ ଭଲ ଜାଗା ବୁଲାଇ ନେବି । ବିଜୟ କହିଲା ହଉ ଠିକ୍ ଅଛି । ଓମର ପ୍ଲାନ୍ ମୁତାବକ ଗୋଟିଏ ଘଞ୍ଚ ଜଙ୍ଗଲକୁ ବିଜୟ କୁ ନେଇଗଲା ଯାହାଥିଲା ଚନ୍ଦକା ଅଭାରଣ୍ୟର କିଛି ସଂରକ୍ଷଣ ଜଙ୍ଗଲ ।

କିନ୍ତୁ ସେଠି ଓମ୍ ପ୍ଲାନ୍ ଖେଳିଥିଲା । କିଛି ଗୁଣ୍ଡାମାନଙ୍କୁ ଟଙ୍କା ଦେଇ କହିଥିଲା । ଏହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ଥାନକୁ ଯେତେବେଳେ ରୋଜାଲିନ ଆଉ ବିଜୟ ଆସିବେ । ମୁଁ ସେଠୁ ଲୁଚିଯିବି କାରଣ ରୋଜାଲିନ ମୋତେ ଫୋନ୍ କରିବ ମୁଁ ତାକୁ କିଛି କାମ ଅଛି କହି ଟିକିଏ ବିଳମ୍ବରେ ଯିବି ବୋଲି କହିବି । କିନ୍ତୁ ମୁଁ ଛପି ରହିବି । ଆଉ ସେମାନେ ଆସିଲା ପରେ ତୁମେମାନେ ରୋଜାଲିନକୁ ବାନ୍ଧି ନେବ । ଆଉ ବିଜୟକୁ ନିସ୍ତୁକ ମାଡ଼ ମାରି ବିଜୟକୁ ସେଠୁ ଆଣିବ ହେରି । ଏହି କଥାରେ ଗୁଣ୍ଡା ମାନେ ରାଜି ହୋଇ ଯାଇଥିଲେ ।

ଏହା ପରେ ସେହି ସ୍ଥାନକୁ କିଛି ସମୟ ପରେ ଉଭୟ ରୋଜାଲିନ ଆଉ ବିଜୟ ଆସି ପହଞ୍ଚିଥିଲେ । ଆଉ ବିଜୟଠୁ ଟିକିଏ ଦୂରେଇ ରୋଜାଲିନ ଓମ୍ କୁ ଫୋନ୍ କରିଥିଲା ଓମ୍ ଏଠିକି ଆସ । କିନ୍ତୁ ଏହି ସବୁ ପ୍ଲାନ୍ ବିଷୟରେ ବିଜୟ କିଛି ଜାଣି ନଥିଲା । ରୋଜାଲିନର ଫୋନ୍ କଲ୍ ଶୁଣି ଓମ୍ କହିଥିଲା ମୋର ଟିକିଏ କାମ ଅଛି ଟିକିଏ ବିଳମ୍ବରେ ଯିବି । କିନ୍ତୁ ତୁମେ ଦୁଇ ଜଣ ବସି କଥା ହେଉଥାଅ । ରୋଜାଲିନ କହିଥିଲା ହଉ ଠିକ୍ ଅଛି । କିନ୍ତୁ ଓମ୍ ଲୁଚିକରି ଜଙ୍ଗଲ ଭିତରେ ସବୁ ଦେଖୁଥାଏ ।

ଏମିତି ୧୦ରୁ ୧୫ ମିନିଟ୍ ପରେ ରୋଜାଲିନ ଏବଂ ବିଜୟ ବସି କଥା ହେଉଥିଲେ । ଅଚାନକ ଗୁଣ୍ଡାମାନେ ଆସି ତାଙ୍କୁ ବିଭିନ୍ନ ଗାଳି ଗୁଲଜ କହିଥିଲ ଓମ୍ ର ପ୍ଲାନ୍ ମୁତାବକ । ଆଉ କହିଥିଲେ ଏଠି କଣ ନିରୋଳାରେ ରାସଲୀଳା କରୁଛ । ଏହି କଥା ଶୁଣି ବିଜୟ ତାଙ୍କ ସହ ଯୁକ୍ତି ତର୍କ କରିଥିଲା ଏହା ଶୁଣି ଗୁଣ୍ଡାମାନେ ସଙ୍ଗେ ସଙ୍ଗେ ତାକୁ ନିସ୍ତୁକ ମାଡ଼ ମାରି ରୋଜାଲିନକୁ ଗୋଟିଏ ଗଛରେ ବାନ୍ଧି ଦେଇ ସେଠାରୁ ବିଜୟକୁ ନେଇ ଆସିଥିଲେ ।

କିନ୍ତୁ ଗୋଟେ ଗଛରେ ରୋଜାଲିନକୁ ବାନ୍ଧି ଦେଇଥିଲେ । ଏହି ସମୟରେ ଓମ୍ ଆସି ସେହି ଜାଗାରେ ପହଞ୍ଚିଲା । ସେତିକି ବେଳକୁ ସେଠି ଖାଲି ରୋଜାଲିନ ଏକା ଥାଏ । ରୋଜାଲିନ ଓମ୍ କୁ ଦେଖି ଖୁସି ହୋଇ ଯାଇଥିଲା ।

ଆଉ କହିଥିଲା କିଛି ଦୁର୍ବୃତ୍ତ (ଗୁଣ୍ଡା ମାନେ) ଆସି ମୋତେ ବାନ୍ଧି ଦେଇ ବିଜୟକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇଗଲେ । ଓମ୍ ନ ଜାଣିଲା ଭଳି କହିଲା ଏମିତି କଥା ହୋଇଛି । ହଉ ଆମ ପ୍ଲାନ୍ ତାହାଲେ ଭଣ୍ଡୁର ହୋଇଗଲା । କିନ୍ତୁ ସତ କହିବି ରୋଜାଲିନ ତୁମେ ଆଜି ବହୁତ ସୁନ୍ଦର ଦେଖା ଯାଉଛ । ଆଜି ମୁଁ ତୁମକୁ ଛାଡ଼ିବିନି । ମୁଁ ମନଭରି ତୁମକୁ ଏଠି ଦୁଷ୍କର୍ମ କରିବି । ଏହା ଶୁଣି ରୋଜାଲିନ କହିଲା ଛି ଛି ତୁମକୁ ଲାଜ ଲାଗୁନି । ମୁଁ ଭାବିଥିଲି ତୁମେ ଜଣେ ଭଲ ପିଲା । ତୁମ କଥା ମାନି ମୁଁ ଏତେ କଲା ପରେବି ? ହଠାତ୍ ଓମ୍ ବଳ ପ୍ରୟୋଗ କରି ରୋଜାଲିନକୁ ଦୁଷ୍କର୍ମ କରିବାକୁ ଉଦ୍ୟମ କଲା ବେଳେ ରୋଜାଲିନ ଓମ୍ ଗାଲକୁ ଏକ ଶକ୍ତ ଚାପୁଡ଼ା ମାରିଥିଲା । ଏଥିରେ ଓମ୍ ରାଗିଯାଇ ଜବରଦସ୍ତ ବଳ ପ୍ରୟୋଗ କରି ଦୁଷ୍କର୍ମ କରିଥିଲା ଏବଂ ରୋଜାଲିନର ଚରିତ୍ର ସବୁଦିନ ପାଇଁ ମାଟିରେ ମିଶାଇ ଦେଇଥିଲା । ଏମିତି ଅଶ୍ରୁଭରା ଆଖିରେ ରୋଜାଲିନ କହିଥିଲା ଏହି କଥା ମୁଁ ପୋଲିସକୁ କହିଦେବି । ଆଉ ତୁମ ନାମରେ କେସ ଦେବି । ହସି ହସି ଓମ୍ କହିଥିଲା ହା ହା ହା । ବାଉଁଶ ରହିଲେ ସିନା ବଇଁଶୀ ବାଜିବ । ମୁଁ ତୋତେ ମାରିଦେବି । ହଠାତ୍ ଅତି ନୃଶଂସ ଭାବରେ ରୋଜାଲିନକୁ ତାର ଡ୍ରେସ ଓଢ଼ଣାରେ ତଣ୍ଟିକୁ ଚିପି ମାରିଦେଲା ଏବଂ ତାକୁ ତାହାର ଓଢଣାରେ ଗୋଟିଏ ଗଛରେ ଟାଙ୍ଗି ଦେଲା ।

ଏହା ପରେ ପ୍ଲାନ୍ ମୁତାବକ ସେଠାରୁ ଓମ୍ ଭାଗିଗଲା ଆଉ ଗୁଣ୍ଡାମାନଙ୍କୁ ଫୋନ୍ କରି ବିଜୟକୁ ସେହି ଜାଗା ମୁଣ୍ଡରେ ଛାଡ଼ି ଦେଇ ସମସ୍ତ ଗୁଣ୍ଡା ଭାଗିଗଲେ ସେଠାରୁ । ବିଜୟ ହଠାତ୍ ଦେଖେତ ଗୋଟିଏ ଗଛରେ ଗୋଟିଏ ଝିଅ ଝୁଲୁଛି । ଗଛ ମୂଳକୁ ଯାଇ ଦେଖେତ । ଏହା ରୋଜାଲିନର ଶବ ଝୁଲୁଛି । ରୋଜାଲିନକୁ ଦେଖି ବହୁତ କାନ୍ଦିଲା ବିଜୟ । ଆଉ ଭାବିଲା ନିମିଷକ ମଧ୍ୟରେ ସବୁ କଣ ହୋଇଗଲା ।

ହଠାତ୍ ବିଜୟ ମୁଣ୍ଡରେ କିଛି ବୁଦ୍ଧି ଜୁଟିଲା ନାହିଁ । କଣ କରିବ ସଙ୍ଗେ ସଙ୍ଗେ ତାର ବନ୍ଧୁ ରିତେସକୁ ଫୋନ୍ କଲା ଏହି କଥା ଶୁଣି ତତକ୍ଷଣାତ୍ ସେହି ଜାଗାରେ ରିତେସ ପହଞ୍ଚି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଥିଲା ଆଉ ଏ ସବୁ ଦେଖି କହିଲା ଏତେ ସବୁ ଘଟଣା ଘଟି ଯାଇଛି । ରିତେସ ବିଜୟକୁ ପଚାରିଲା ଏମିତି କେମିତି ହେଲା । ବିଜୟ କହିଲା ମୋତେ ବିଶ୍ୱାସ କରେ ରିତେସ ମୁଁ କିଛି ଜାଣିନି ସେ କେମିତି ମଲା ।

ସଙ୍ଗେ ସଙ୍ଗେ ଓମ୍ ଆସି ପହଁଚିଲା । ଆଉ କହିଲା ଆରେ ବିଜୟ ଏବଂ ରିତେସ ତୁମେ କଣ କରୁଛ । ଆଉ ରୋଜାଲିନ କୁଆଡେ ଗଲା । ବିଜୟ ସେ ଗଛକୁ ଠାରି କହିଲା ଅଶ୍ରୁଭରା ଆଖିରେ ସେ ଆଉ ଏହି ଦୁନିଆରେ ନାହି ।

ଏହା ଦେଖି ଓମ୍ ପଚାରିଲା ଏ ସବୁ କେମିତି ହେଲା । ବିଜୟ କହିଲା ମୁଁ ସତ କହୁଛି ମୁଁ କିଛି ଜାଣିନି ମୋତେ କିଛି ଗୁଣ୍ଡା ମାଡ଼ ମାରି ଏହି ସ୍ଥାନରୁ ଉଠାଇ ନେଇଥିଲେ । ଆଉ ପୁନଶ୍ଚ ଏଠି କିଛି ସମୟ ପରେ ଛାଡ଼ି ଦେଇ ଗଲେ । ଆସି ଦେଖେତ ଏତେ ସବୁ ଘଟଣା ଘଟି ଯାଇଛି ।

ଏହା ଶୁଣି ଓମ୍ କହିଲା । ଏତେ ସବୁ ଘଟଣା ଘଟିଛି ମାନେ । ଏହା କିଏ କରିଛି ? ତୁମର କାହା ପ୍ରତି ସନ୍ଦେହ ଲାଗୁଛି । ବିଜୟ କହିଲା ମୋର ସେମିତି କାହା ପ୍ରତି ସନ୍ଦେହ ନାହିଁ । ସେଠୁ ଓମ୍ କହିଲା ତା ହେଲେ ଏହି ସବୁ କାମ ଏହି ରିତେସ କରିଛି । ରିତେସ କହିଲା ଆରେ ମୋତେ ବିଶ୍ୱାସ କର ମୁଁ ଏଥିରେ ସଂପୃକ୍ତ ନାହିଁ । ଓମ୍ କହିଲା କେତେ ଦୂର ତୁ ଠିକ୍ କହୁଛୁ ନା ଭୁଲ କହୁଛୁ ତାହା ପୋଲିସ ଷ୍ଟେସନରେ ଜଣା ପଡ଼ିବ । ଆଉ କେସ ରୁଜୁ ହୋଇ କୋର୍ଟର କାଠଗଡ଼ାରେ ସବୁ ସତ କଥା ଗୁଡାକ ଆପେ ଆପେ ବାହାରି ଆସିବ । ଓମ୍ କହିଲା ମନେ ରଖ ବିଜୟ ଏହି କାମ କେବେ ବି କରି ନଥିବ । କାରଣ ସେ ରୋଜାଲିନକୁ ଭାରି ଭଲ ପାଉଥିଲା । ସେ କେବେବି ତାକୁ ମାରି ନଥିବ । ଯିଏ ଯାହାକୁ ଭଲପାଏ ସିଏ ତାକୁ କେମିତି ମାରିବ ! ତାହାଲେ ତୁ ନିଶ୍ଚିତ ମାରିଛୁ ପ୍ଲାନ୍ କରି ଆଉ ଏଠି ଭଲ ଦେଖେଇ ହେଉଛୁ । ଏହା ଶୁଣି ବିଜୟ ମନରେ କିଛି ସନ୍ଦେହ ସୃଷ୍ଟି ହେଲା । ଆଉ ରିତେସକୁ କହିଥିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏତେ ତଳକୁ ତୁ ଖସିଗଲୁ । ରିତେସ ସେଠୁ କହିଲା ଆରେ ମୋତେ ବିଶ୍ୱାସ କରେ ବିଜୟ୍ । ମୁଁ ଏହା କରିଥିବି ବୋଲି ତୋର କଣ ବିଶ୍ୱାସ ହେଉଛି । ବିଜୟ୍ କହିଲା କିଏ ଜାଣେ ତାହା କୋର୍ଟ କହିବ ।

ହଠାତ୍ ଏହି କଥା ଓମ୍ ରେସେମାକୁ ଫୋନ୍ କରି କହିଲା ଆଉ ସେହି ଜାଗାକୁ ଡାକିଥିଲା । ରେସେମା ଆସି କିଛି ସମୟପରେ ପହଞ୍ଚିଥିଲା । ଆଉ ଆସି ସବୁ ନିଜ ଆଖିରେ ଦେଖି ସାରିବା ପରେ ରିତେସକୁ କହିଥିଲା ତୁମେ କେଉଁ ଭଳି ପୁରୁଷ ଆଜି ଜଣା ପଡ଼ିଗଲା । ମୋର ସାଙ୍ଗ ରୋଜାଲିନ ଅତି ସରଳ ଥିଲା ଆଉ ତାକୁ ବିଜୟ୍ ଭଲ ପାଉଥିଲା । ଆଜି ତୁମେ ନିଜ ସାଙ୍ଗର ଭଲ ପାଇବାକୁ ଶେଷରେ ମାରି ପାରିଲ । ଏହାର ପରିଣାମ ବହୁତ ଭୟଙ୍କର ହେବ । ଏହା କହି ନିଜ ବାପାଙ୍କ ପାଖକୁ ଫୋନ କଲା ଆଉ ସବୁ କଥା କହିଲା ।

ଏହା ପରେ ସେଠି ପୋଲିସ ଆସି ପହଞ୍ଚିଥିଲା ଆଉ ରିତେସକୁ ଆରେଷ୍ଟ କଲା ସମସ୍ତଙ୍କ ବୟାନ ରେକର୍ଡ କଲା । ତୁରନ୍ତ ଶବ ବ୍ୟବଚ୍ଛେଦ ପାଇଁ ରୋଜାଲିନକୁ ମେଡିକାଲ୍ ପଠାଇଦେଲେ । ସେଠାରେ କିନ୍ତୁ ଓମ୍ ଡାକ୍ତରବାବୁଙ୍କୁ କିଛି ପଇସା ମେଣ୍ଟାଇ ଦେଇଥିଲା । ଏହା ଅନୁସାରେ ଡାକ୍ତର ବାବୁ ପ୍ରମାଣ ପତ୍ର ଦେଲା ବେଳେ ରିତେସର ସଂପୃକ୍ତ ଅଛି ବୋଲି ଦେଲା । ଏହା ସହିତ ରେସମା ବାପାଙ୍କୁ ପ୍ଲାନ୍ କରାଇ ପୋଲିସ ସାଇଣ୍ଟିଫିକ୍ଙ୍କ ଠାରୁ ରିତେସ ଫିଙ୍ଗର ପ୍ରିଣ୍ଟ ଏହି ମର୍ଡର କେସରେ ସଂପୃକ୍ତ ଅଛି ବୋଲି ଯୋଗାଡ଼ କରାଇଥିଲା ।

ଏହା ପରେ ରିତେସକୁ କୋର୍ଟ ଚାଲାଣ କରାଗଲା । କୋର୍ଟ ତାରିଖ ମୁତାବକ ନିର୍ଦ୍ଦୋଷ ଲୋକଟି ରିତେସ କାଠଗଡ଼ାରେ ଠିଆ ହୋଇଥାଏ । ଅନ୍ୟ ପାଶ୍ୱର୍ରେ ସବୁ ସାକ୍ଷୀ ପ୍ରମାଣ ଓମ୍ ପ୍ଲାନ୍ କରି ରୋଜାଲିନ ପକ୍ଷରେ କରିଥିଲା ନିଜ ଓକିଲକୁ ଧରି । ସେ ପର୍ଯ୍ୟନ୍ତ ରିତେସ ଜାଣୁ ନଥାଏ ଏ ସବୁ କଣ ହେଇଯାଉଛି । କିନ୍ତୁ କଣ ହେବ ଭାଗ୍ୟ ଯେତେବେଳେ ଦାଉ ସାଧିବାର ଥିବ କେହି ରକ୍ଷା କରି ପାରିବେନି । ସେୟା ମଧ୍ୟ ରିତେସ କ୍ଷେତ୍ରରେ ହେଲା । ଆଉ ସବୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସାକ୍ଷୀ ଏବଂ ପ୍ରମାଣକୁ ଭିତ୍ତି କରି ଉଚ୍ଚତମ ନ୍ୟାୟଳୟ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗରେ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ । ଏହା ଶୁଣି ସେ ଦିନ ରେସେମା ବହୁତ ଖୁସି ହୋଇଥିଲା ।

ଶେଷରେ ୨୦୧୧ ମସିହା ମାର୍ଚ୍ଚ ଦୁଇ ତାରିଖ ଦିନ ଅପରାହ୍ନ ୨ ଘଟିକା ସମୟରେ ରିତେସ ପରିବାର ଲୋକଙ୍କ ସମ୍ମୁଖରେ ଛିଡ଼ା ହୋଇ ସମସ୍ତଙ୍କୁ ଶେଷ ଦର୍ଶନ କଲା ବେଳେ ନିଜ ସାଙ୍ଗ ବିଜୟକୁ କହିଥିଲା ଶୁଣୁ ସାଙ୍ଗ ମୁଁ ଆଜି ନିର୍ଦ୍ଦୋଷ ହୋଇ ଦଣ୍ଡ ପାଉଛି । କିନ୍ତୁ ତୁ ମୋତେ ଚିହ୍ନି ପାରିଲୁନୁ । କିନ୍ତୁ ସମୟ ଆସିବ ଏହାକୁ ତୁ ନିଶ୍ଚୟ ଜାଣିବୁ ସେତେବେଳକୁ କିନ୍ତୁ ମୁଁ ତୋ ପାଖରେ ନଥିବି, ତୋର ଏହି ବନ୍ଧୁ ଆର ପାରିକୁ ଚାଲିଯାଇଥିବ । ଏମିତି କହି ସାରିଲା ଭିତରେ ହଠାତ୍ ଜେଲର ବାବୁ ରିତେସକୁ କହିଲେ ସମୟ ହୋଇଗଲା ଏବଂ ତୁରନ୍ତ ରିତେସକୁ ଫାଶୀ ଖୁଣ୍ଟ ପାଖକୁ ନିଆଗଲା ଏବଂ ମୁଣ୍ଡରେ କଳା କପଡ଼ା ଢାଙ୍କି ଦେଲେ । କିନ୍ତୁ ସେ ପର୍ଯ୍ୟନ୍ତ ରିତେସର ପରିବାର ଲୋକ ଅସ୍ପଷ୍ଟ କଣ ଆମ ପୁଅ ଏ କଥା ସତରେ କରିଛି ? ଭଗବାନଙ୍କୁ ଡାକୁଥିନ୍ତି । ଠିକ୍ ଏହି ସମୟରେ ରିତେସର ଛଟ ପଟ ଗର୍ଜନ ଶୁଭିଲା ଆଉ ସବୁଦିନ ପାଇଁ ରିତେସ ଆର ପାରିକୁ ଚାଲିଗଲା ।

ଆଉ ସବୁଦିନ ପାଇଁ ସମାଜ ଆଖିରେ ପାଲଟିଗଲା ଖୁନି ଏବଂ ରିତେସ ପାଇଲା ଫାଶୀ ।

ବାଲିଝରୀ, ନରସିଂହପୁର, କଟକ

ମୋ -୯୩୪୮୭୮୩୭୯୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଷ ଶ୍ରାବଣର ଶେଷ ଚିଠି



ବିଶ୍ୱଜିତ ନାଥ

ପ୍ରତୀକ୍ଷାର ଶ୍ରେଷ୍ଠ ଉଦଭାଷିତ ପ୍ରତିବିମ୍ବର ଶ୍ରେଷ୍ଠ ପ୍ରତିଛବି ମିଳନ ଅଟେ । ମିଳନର ବ୍ୟଗ୍ରତା ଯେତେବଳେ ସମୟର ପ୍ରତିକ୍ଷଣରେ ବୃଦ୍ଧି ହୋଇଥାଏ ତା ସହ ଅପେକ୍ଷାର ଅନ୍ତ ହେବାର ଉପଲବ୍ଧି ବି ଦ୍ୱିଗୁଣିତ ହୋଇଥାଏ । ମିଳନର ଅନ୍ୟ ନାମ ପ୍ରେମ ହେଲେ ପ୍ରେମର ସୃଷ୍ଟି ଏବେବି ଅଜ୍ଞାତ । ପ୍ରେମ ମିଳନରୁ ନା ମିଳନ ପ୍ରେମରୁ ସୃଷ୍ଟି ତାହା ଏବେ ବି ରହସ୍ୟମୟ, ପ୍ରେମ ଶାସ୍ୱତ ଏବଂ ଚିରନ୍ତନ, ତ୍ୟାଗ ତଥା ସମର୍ପଣର ପ୍ରୀତିପୂର୍ଣ୍ଣା ତଟିନୀ ପରି ପ୍ରବାହିତ । ଏହି ସ୍ରୋତ ଐଶ୍ୱରୀକ ସୃଷ୍ଟିର ଅନବଦ୍ୟ ଉପାଦାନ । କ୍ରମଶଃ ସାଗରାଭିମୁଖୀ ନଦୀପରି ମିଳନର ଉତ୍କଣ୍ଠା ରଖି ପ୍ରବାହିତ ହୋଇଥାଏ ଏକ ନୂଆ ଉପନ୍ୟାସର ସୃଷ୍ଟି ଏବଂ ସଂସାରକୁ ନୂଆ ଚେତନାର ଦିଗଦର୍ଶନ ପ୍ରଦାନ ନିମନ୍ତେ ।

ସ୍ମୃତି ଆଉ ପ୍ରେମ ଆଉ ବିରହର ଜ୍ୱାଳାରେ ଜଳିଜଳି ନିଜ ପ୍ରାଣପ୍ରୀୟାଙ୍କୁ ଅପେକ୍ଷା କରି ଚାହିଁ ରହିଛନ୍ତି ପ୍ରମୋଦବାବୁ ବିଗତ ଚାରି ବର୍ଷ ହେବ ସେ ଖୋଜିଛନ୍ତି ନିଜ ପ୍ରେମକୁ ହେଲେ ଠିକଣା ପାଇନାହାନ୍ତି । ଖୋଜିଛନ୍ତି ଅନେକ ଅଡୁଆ ପ୍ରଶ୍ନର ଉତ୍ତର ହେଲେ ପାଇଛନ୍ତି ନିରାଶାର ଚିହ୍ନ । ଏଇ ସମୟରେ ଦିନେ ତାଙ୍କୁ ପୋଷ୍ଟପିଅନ ଗୋଟେ ଚିଠି ଦେଇଅଛି । ଏହି ଚିଠି ହେଉଅଛି ତାଙ୍କ ପ୍ରାଣପ୍ରିୟା ପ୍ରୀୟସିଙ୍କ ହସ୍ତଲିଖିତ ଚିଠି ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାଙ୍କୁ ଡାକୁଛନ୍ତି । ସତେ ଯେପରି ଏହି ଚିଠି ବିଗତ ଦଶ ବର୍ଷର ପ୍ରତୀକ୍ଷାକୁ ଅନ୍ତ କରିଛି । ମିଳନର ନବ ଉନ୍ମାଦନାରେ ସ୍ମୃତି ସବୁ ଚକ୍ଷୁର ଲଲାଟରେ ଚଳଚ୍ଚିତ୍ର ପରି ଦୃଶ୍ୟମାନ । ସେହି ସ୍ମୃତିର ନାୟିକା ହେଲେ ଅନନ୍ୟା ଯିଏ ତାଙ୍କ ଜୀବନକୁ ପରିବର୍ତ୍ତନ କରିଥିଲେ । ଯେଉଁ ଅନନ୍ୟା ତାଙ୍କ ବର୍ତ୍ତମାନର ସ୍ଥିତିରେ ଅଛନ୍ତି ଆଉ ଅତୀତର ସ୍ମୃତିରେ ଉଜ୍ଜୀବିତ । ସେହି ଋତୁପର୍ଣ୍ଣା ଶ୍ରାବଣୀ ହିଁ ଅନନ୍ୟା । ବାହାରିଛନ୍ତି ପ୍ରମୋଦବାବୁ ବାଙ୍ଗାଲୋର ଅଭିମୁଖେ ଅନନ୍ୟାଙ୍କ ଚିଠିକୁ ବାରମ୍ବାର ପଢ଼ି ସେ ଚାଲିଛନ୍ତି ବାଙ୍ଗାଲୋର ଅନନ୍ୟାଙ୍କୁ ଭେଟିବା ପାଇଁ ଏହି ସମୟରେ ପ୍ରମୋଦର ଚକ୍ଷୁ ପଲକରେ ଭାସି ଉଠୁଛି ଅତୀତର ସ୍ମୃତି ସମୂହ ଏବଂ ତାଙ୍କର ପିଲାଦିନ ।

ପୁଣ୍ୟ ବୈତରଣୀ ନଦୀ ତଟରେ ଏକ ଛୋଟ ଗାଁଟିଏ ହେଲା ପୂଟିଆ ଗାଁ ଯେଉଁ ଗାଆଁରେ ଚଷାଘର ସଂଖ୍ୟା ଅଧିକ । ସୁଜଳା ସୁଫଳା ଶସ୍ୟଶ୍ୟାମଳା ଏହି ଗାଁ କେବେ ସବୁଜ ଦିଶେ ଶ୍ରାବଣର ବର୍ଷାରେ । ଶୀତର ସ୍ନିଗ୍ଧ ଶିଶିରରେ ପାଚିଲା ଶସ୍ୟ ଆଉ ସୋରିଷ ଫୁଲରେ ହସିଉଠେ ଏହି ଗାଁ କାଶତଣ୍ଡି ଫୁଲର ଶ୍ୱେତ ବର୍ଣ୍ଣର ଆକର୍ଷଣରେ ପାର୍ବଣ ସମୟ ମହକିତ ହୋଇ ଉଠେ । ବସନ୍ତ ଋତୁର କୋଇଲିର କୁହୁକୁହୁ ଡାକ ସହ ମୃଦୁ ମଳୟର ବଉଳ ଫୁଲର ବାସ୍ନାରେ ଚତୁର୍ଦ୍ଦିଗ ବାସ୍ନାୟିତ ହୋଇଥାଏ । ସେହି ଗାଁରେ ଏକ ଝାଟି ମାଟି ଘରେ ପ୍ରହଲ୍ଲାଦ ସା ର ଘର । ଚାରି ପ୍ରାଣୀର କୁଟୁମ୍ବ ପ୍ରହଲ୍ଲାଦ ଆଉ ତାର ପତ୍ନୀ ମାଣିକ ଆଉ ତା ବଡ଼ ଝିଅ ସୁନିତା ଆଉ ପୁଅ ପ୍ରମୋଦ । ଦୁଇ ମାଣ ଜମି ଭାଗଚାଷ କରି ଯାହା ପାଆନ୍ତି ବର୍ଷ ସାରା କଷ୍ଟ ମଷ୍ଟେ ଚଳିଯାଆନ୍ତି ପୁଅ ପ୍ରମୋଦ ଭଲ ପାଠ ପଢେ ବୃତ୍ତି ଠାରୁ ଆରମ୍ଭ କରି ମେଧାବୃତ୍ତି ପର୍ଯ୍ୟନ୍ତ ସବୁଥିରେ ସେ ପାରଙ୍ଗମ ଗଲା ସନ୍ ଦଶମ ପଢ଼ି ପାସ କରିଛି । କେହି କେହି କହୁଛନ୍ତି ପ୍ରହଲ୍ଲାଦର ପୁଅ ଫାଷ୍ଟ କ୍ଲାସ ପାଇଛି ହେଲେ ବାପର ପଢ଼ାଇବାକୁ ସମ୍ବଳ କାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହାବି ହେଉ ବ୍ୟାଙ୍କରୁ ଋଣ ଆଣି ପ୍ରହଲ୍ଲାଦିଆ ତାର ପୁଅକୁ ଇଞ୍ଜିନିୟରିଙ୍ଗ୍ କଲେଜରେ ନାଁ ଲେଖେଇଲା । ଦିନେ ଛୁଟିରେ ତାର ଇଞ୍ଜିନିୟରିଂ ପଢୁଆ ପୁଅ ଗାଁକୁ ଆସିଥାଏ । ବର୍ଷା ଦିନର କଥା ପୁଅ ଆସିବା ଦେଖି ପ୍ରହଲ୍ଲାଦ କେତେ ଖୁସିହେଲା ଶ୍ୟାମ ଦୋକାନରୁ ଗଜା ଲବଙ୍ଗୀ, ଲଢି ଆଦି ଘରକୁ ନେଲା । ତାର ପ୍ରିୟ ଖାଦ୍ୟ କୋଳଥ ଡାଲି, ମାଗୁର ମାଛ ଆମ୍ବୁଲ ପକା ଝୋଳ, ଅରୁଆ ଚାଉଳ କଖାରୁ ଫୁଲ ବରା, ବାଇଗଣ ବଢ଼ି ଭର୍ତ୍ତା ଆଦି ଖାଇବା ତିଆରି ହେଲା । ବାପ ପୁଅ ଆଞ୍ଚା ଖାଇ ବସିଛନ୍ତି ହଠାତ୍ ଖବର ଆସିଲା ଯେ ବିଲ ହିଡ ଭାଙ୍ଗି ଯାଇଛି । ଦରଖିଆ ପହଲା ଖାଇବା ପାଖରୁ ଉଠି ବିଲରେ ଯାଇ ଘାଇ ମାରିବା ସମୟରେ ଅଢେଇ କୁଆରିଆ ଗୋଖର ଚୋଟରେ ତାର ଜୀବନ ଚାଲିଗଲା, ବାପର ଦଶାହ କାମ ସରିନାହିଁ ସେପଟେ ବାହୁନି ବହୁନି ମା ହୃଦଘାତରେ ଆରପାରିକୁ ବାଟ କଟିଲା । ଏବେ ଭାଇ ଭଉଣୀ ପୁରା ଅନାଥ ହୋଇଗଲେ । ଭାଇ ଭଉଣୀ ଦୁଇଟାକୁ ଦେଖି ଗାଁ ଲୋକ ମିଶି ଭଉଣୀ ସୁନିତାର ବିବାହ ଫଗୁଣ ମାସ ଶୁକ୍ଲପକ୍ଷରେ ଆର ଗାଁ ଚତୁର୍ଭୁଜ ପ୍ରଧାନ ପୁଅ ଦେବିପ୍ରସାଦ ସହ ଠିକ୍ କରିଦେଲେ । ଯାହାବି  ହେଉ ବଡ଼ ଭଉଣୀ ସୁନିତା ବାହାଘର ପରେ ପ୍ରମୋଦ ବାବୁ ପୁରାପୁରି ଏକା ହୋଇଗଲେ ଶେଷରେ ବଡ଼ ଭଉଣୀର ଶଶୁର ତାଙ୍କୁ ଏକ ଅଟୋ ଦେଲେ ଏବଂ କେନ୍ଦୁଝର ସହରରେ ଚଳାଇବାକୁ କହିଲେ । ପ୍ରମୋଦ ଏବେ ଏକା ହୋଇ ଯାଇଥିଲେ ଶେଷରେ ନିଜ ଭାଗ୍ୟକୁ ଆଦରି ପୋଥିରେ ଡୋରି ଲଗାଇ ଅଟୋ ଚଳାଇବା ଆରମ୍ଭ କରିଦେଲେ । କେନ୍ଦୁଝର ସହରର ଲାବଣ୍ୟ ଛକରୁ ଗାନ୍ଧୀ ଛକ, ପଞ୍ଜାବୀ କଲୋନୀରୁ ବାରିପଦା ବସଷ୍ଟାଣ୍ଡ ଯାଏ ସବୁଠି ଏବେ ଗଡିଲା ପ୍ରମୋଦର ଗରିବରଥ ଅଟୋ । ଭାଗ୍ୟର ଏହା ବିଡମ୍ବନା ଇଞ୍ଜିନିୟରିଂର ସ୍ୱପ୍ନ ରଖିଥିବା ଛାତ୍ର ଆଜି ଅଟୋ ଡ୍ରାଇଭର ସଜିଅଛି । ବର୍ଷା ଋତୁର କଥା ଝିପଝିପି ବର୍ଷା ଲାଗିରହିଥାଏ । ବର୍ଷା ସାଙ୍ଗକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋହଲା ପବନ । ଏହି ସମୟରେ ପ୍ରମୋଦ ତାର ଅଟୋ ଗରିବରଥକୁ ଧରି କେନ୍ଦୁଝର ଲାବଣ୍ୟ ବସଷ୍ଟାଣ୍ଡ ପାଖରେ ପେସେଞ୍ଜରଙ୍କ ଅପେକ୍ଷାରେ ଥାଏ । ବର୍ଷାହୀନ ଆକାଶରେ ଅଳ୍ପ ବାଦଲର ଆସ୍ତରଣ । ପୂର୍ବ ଦିଗରେ ସାତରଙ୍ଗି ଇନ୍ଦ୍ରଧନୁ ଆଙ୍କିଛି । ଏହି ସମୟରେ ଆନନ୍ଦପୁର ପଟୁ ଋତୁରାଜ ବସ ଆସି ଲାଗିଛି ଅନେକ ଯାତ୍ରୀ ଓହ୍ଲାଇଛନ୍ତି । ଏହା ଭିତରେ ଓହ୍ଲାଇଛନ୍ତି ଏକ ଦେବୀ ପ୍ରତିମା ପରି ସାତରଙ୍ଗି ଇନ୍ଦ୍ରଧନୁର ଓଢଣୀଟିଏ । ସରଳ ସ୍ୱଭାବରେ ଆସ୍ତେ ଆସ୍ତେ ସ୍ମିତହାସ୍ୟର ଚାହାଣୀରେ ଆସି ପ୍ରମୋଦର ଅଟୋ ପାଖରେ ସତେ ଯେପରି ଏକ ପରି ରାଇଜର ଅପସରୀଟିଏ । ପ୍ରମୋଦ ଅଟୋରେ ସେହି ଝିଅଟି ସିରଜ୍ଉଦ୍ଦିନ ଛକ ସ୍ଥିତ ତାର ବାସଗୃହକୁ ଯାଇଅଛି । ପ୍ରଥମ ଦେଖାରୁ ଦୁହେଁ ଖୁବ୍ ପରିଚିତ ହୋଇଯାଇଛନ୍ତି । ସତେ ଯେପରି ଦୁହିଁଙ୍କ ଭିତରେ ଜନ୍ମ ଜନ୍ମାନ୍ତର ସମ୍ପର୍କ । ପ୍ରମୋଦ ଜାଣିବାକୁ ପାଇଛି ତାର ଘର ହାଟଡିହି ଅଞ୍ଚଳର ତେମାଲା ଗ୍ରାମରେ ଯାହାକି ପ୍ରମୋଦର ଗାଁ ପାଖରେ କେବଳ ବୈତରଣୀ ନଦୀ ସେ ଗ୍ରାମ ଦୁଇକୁ ବିଭାଜନ କରିଥାଏ । ଏଠି ସେ ଝିଅ ଇଞ୍ଜିନିୟରିଂ ପଢିବାକୁ ଆସିଛି ଆଉ ତାର ବାପା ଏଠି ଜିଲ୍ଲା ହେଡକ୍ୱାର୍ଟରରେ କ୍ଲାର୍କ ଅଛନ୍ତି । ଝିଅଟିର ନାଁ ଅନନ୍ୟା ନାଁ ଯେମିତି ଆଚାର, ବ୍ୟବହାର ସେମିତି ଠିକ୍ ସେ ସମସ୍ତଙ୍କଠାରୁ ଭିନ୍ନ ଆଉ ଅନନ୍ୟା । ପ୍ରତିଦିନ ଅନନ୍ୟା ପ୍ରମୋଦର ଅଟୋରେ କଲେଜ ଯାଏ ଏବେ ସେମାନଙ୍କ ସମ୍ପର୍କ ବନ୍ଧୁତାର ରୂପ ନେଇଅଛି । ପ୍ରମୋଦ ବି ଇଞ୍ଜିନିୟରିଙ୍ଗ୍ ପଢୁଥିଲା କିନ୍ତୁ ଭାଗ୍ୟ ବିଡମ୍ବନା ହେତୁ ସେ ଏବେ ଅଟୋ ଡ୍ରାଇଭର । ମାତ୍ର ଅନନ୍ୟା ସମସ୍ତ ବହି ଆଉ ପୁରୁଣା ଖାତା ସବୁ ପ୍ରମୋଦ ପାଖରୁ ନେଇ ପଢୁଥାଏ । ପ୍ରମୋଦ ଅନେକ ଅବୁଝା ପାଠକୁ ଅନନ୍ୟାକୁ ବୁଝାଇ ଦେଇଥାଏ । ବନ୍ଧୁତାର ସମ୍ପର୍କ ଅଧିକ ନିବିଡ଼ ହେବାରୁ ତାହା ପ୍ରେମରେ ପରିଣତ ହୋଇଅଛି । ଅନ୍ୟାନ୍ୟର ପ୍ରେରଣା ଆଉ ସାହାଯ୍ୟରେ ପ୍ରମୋଦ ପୁଣି ଥରେ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଇଞ୍ଜିନିୟରିଙ୍ଗ୍ କଲେଜରେ ପାଦ ଥାପିଛି । ଦୁହେଁ ସମାଜ ସେବା ନିମିତ୍ତ ଏକ ରେଡକ୍ରସରେ ସାମିଲ ହୋଇଛନ୍ତି । ଅନେକ ସାମାଜିକ କାର୍ଯ୍ୟରେ ଦୁହେଁ ସାମିଲ ହୋଇଛନ୍ତି । ଦୁହିଁଙ୍କ ପ୍ରେମସମ୍ପର୍କ ଏବେ ଆଉ ଗୁପ୍ତ ନୁହେଁ ଅନନ୍ୟର ବାପା ଉମେଶବାବୁଙ୍କ କାନରେ ବି ପଡ଼ିଲାଣି । ସାନଘାଗରାର ପ୍ରକୃତି ନିବାସରେ ଅନନ୍ୟା ଆଉ ପ୍ରମୋଦଙ୍କ ପବିତ୍ର ପ୍ରେମର ପ୍ରତିଛବି ସବୁ, ଘଟଗାଁର ମା ତାରିଣୀ ପୀଠରେ ପୂଜାର୍ଚ୍ଚନାର ଫଟୋଚିତ୍ର ସବୁ ଉମେଶ ବାବୁଙ୍କ ହସ୍ତଗତ ହୋଇଅଛି । ଇଞ୍ଜିନିୟରିଂ ଶେଷ ବର୍ଷ ପ୍ରମୋଦ ନିଜ ଅଧ୍ୟୟନ ଆଉ ଅଧ୍ୟବସାୟ ବଳରେ ଏକ ରାଷ୍ଟ୍ରାୟତ୍ତ କମ୍ପାନୀରେ ଚାକିରୀ ପାଇଛି । କିନ୍ତୁ ଉମେଶ ବାବୁ ଖୁସି ନୁହନ୍ତି ସେ ଭାବନ୍ତି ପ୍ରମୋଦ ଜଣେ ଅନାଥ ତାର ପରିବାର ବୋଲି କିଛି ନାହିଁ । ପ୍ରମୋଦ ଠାରୁ ନିଜ ଝିଅ ଅନନ୍ୟାକୁ ଦୂରେଇ ରଖିବା ପାଇଁ ସମସ୍ତ ପ୍ରକାରର ଷଡ଼ଯନ୍ତ୍ର ସେ କରୁଥାନ୍ତି । ଏହା ଭିତରେ ଶେଷ ବର୍ଷର ପରିସମାପ୍ତି ଘଟିଛି ଅନନ୍ୟା ଆଉ ପ୍ରମୋଦଙ୍କ ଶେଷ ଦେଖା ହୋଇଛି କେନ୍ଦୁଝର ସହରର ପୁରୁଣା ବଜାର ସ୍ଥିତ ବଳଦେବ ଜୀଉଙ୍କ ମନ୍ଦିରରେ । ଶେଷ ଦେଖରେ ପ୍ରମୋଦ ଅନନ୍ୟାକୁ ବିବାହର ପ୍ରସ୍ତାବ ଦେଇଅଛି ଜଏନ ପରେ ସେ ନିଜ ଭଉଣୀ ଓ ଭିଣେଇକୁ ଧରି ପ୍ରସ୍ତାବ ନେଇ ଅନନ୍ୟାର ବାପାଙ୍କ ପାଖକୁ ଯିବା ବୋଲି କହିଛି । ଅନନ୍ୟା ବି ତାକୁ ସାରା ଜୀବନ ଅପେକ୍ଷା କରିବ ବୋଲି କହିଛି । ଏହା ପରେ ଦିଲ୍ଲୀ ଅଭିମୁଖେ ପ୍ରମୋଦ ଯାଇଛି ବେଶ କିଛି ଦିନ ଫୋନ ଏବଂ ଚିଠିରେ ସେ ଦୁହିଁଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନା ହୋଇଅଛି ମାତ୍ର । ଏବେ ଆଉ କିଛି ଫୋନ କିମ୍ବା ଚିଠି ନାହିଁ । ପ୍ରମୋଦ ଠିକ୍ ବର୍ଷେ ପରେ ଆସି ଅନନ୍ୟାକୁ ଖୋଜିଛି ହେଲେ କିଛି ଠିକଣା ପାଇନାହିଁ । କଲେକ୍ଟରଙ୍କ ଅଫିସକୁ ଯାଇ ଉମେଶ ବାବୁଙ୍କ ଠିକଣା ଖୋଜିଛି । ହେଲେ କର୍ମଚାରୀମାନେ କହିଛନ୍ତ ଉମେଶ ବାବୁ ଅବସର ନେଇ ସାରିଲେଣି । ସେଠାରୁ ନିରାଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଉମେଶ ବାବୁଙ୍କ ଗାଁକୁ ଯାଇଅଛି ହେଲେ ସେଠି ବି କୌଣସି ଠିକଣା ନାହିଁ । ଏହା ଭିତରେ ଚାରିବର୍ଷ ବିତି ଯାଇଥଲେ ବି ଅନନ୍ୟାକୁ ଖୋଜୁଛି ପ୍ରମୋଦ, ଶେଷରେ ଅନନ୍ୟାର ଚିଠି ପାଇ ବାଙ୍ଗାଲୋର ଅଭିମୁଖେ ଯାତ୍ରା ଆରମ୍ଭ କରିଛି ।

X X X X

ଏପଟେ ଅନନ୍ୟା ବାଙ୍ଗାଲୋର ସ୍ଥିତ ହାର୍ଟ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛି । ଡକ୍ଟର କହିଛନ୍ତି ଅନନ୍ୟାର ହାର୍ଟରେ ଏକ ହୋଲ ହୋଇ ହାର୍ଟ ନଷ୍ଟ ହୋଇଯାଇଅଛି, ଅନନ୍ୟାର ପରମାୟୁ ମାତ୍ର ୩ ଦିନ, ଅନନ୍ୟାକୁ ତାର ବାପା ନ ଜଣାଇଲେ ସୁଦ୍ଧା ଅନନ୍ୟା ସବୁ ଜାଣିପାରୁଛି । ମରିବା ପୂର୍ବରୁ ତିଳେମାତ୍ର ମନ ଦୁଃଖ ନାହିଁ କିନ୍ତୁ ତାର ଶେଷ ଇଚ୍ଛା ମରିବା ପୂର୍ବରୁ ସେ ପ୍ରମୋଦକୁ ଦେଖିବାକୁ ଚାହେଁ । ପ୍ରମୋଦ ହିଁ ତାର ଜୀବନର ସବୁକିଛି ଥିଲା । ପ୍ରମୋଦ ଯିବାପରେ ଉମେଶ ବାବୁ ଅନନ୍ୟାକୁ ପ୍ରମୋଦ ପାଖରୁ ଦୂରେଇ ଆସିବା ପାଇଁ କହିଲେ । ଅନନ୍ୟା ରାଜି ନହେବାରୁ ସେ ତାକୁ ଅତ୍ୟାଚାର କଲେ । ତଥାପି ଅନନ୍ୟା ରାଜି ନହେବାରୁ ସେ ଅନନ୍ୟାକୁ ଏକ ଘରେ ବନ୍ଦୀ କରି ରଖିଲେ । ତଥାପି ଅନନ୍ୟା ରାଜି ନହେବାରୁ ସେ ବାଙ୍ଗାଲୋର ସ୍ଥିତ ତାଙ୍କ ବନ୍ଧୁଙ୍କ ପୁଅ ପ୍ରୀତମ ସଙ୍ଗେ ଅନନ୍ୟାର ବିବାହ ଠିକ୍ କରି ତାକୁ ଧରି ବାଙ୍ଗାଲୋର୍ ଚାଲି ଆସିଲେ । ବାଙ୍ଗାଲୋରରେ କିନ୍ତୁ ଅନନ୍ୟାର ଏକା ଜିଦ୍ ସେ ଯଦି କାହାକୁ ବିବାହ କରେ ତେବେ ସେ ପ୍ରମୋଦ ଆଉ କେହି ନୁହେଁ । ଉମେଶ ବାବୁଙ୍କ ମିଛ ଅହଙ୍କାର ଆଉ କ୍ରୋଧ ଆଗରେ ଅନନ୍ୟାର ଜିଦ୍ ଆହୁରି ତୀବ୍ର ହେବାରେ ଲାଗିଲା । ଶେଷରେ ସେ ଲୁଚି ଲୁଚି ଘର ଛାଡ଼ି ଆସିବା ବେଳେ ଏକ କାର ଦୁର୍ଘଟଣାରେ କୋମାକୁ ଚାଲିଗଲା । ବାଙ୍ଗାଲୋର୍ ସ୍ଥିତ ଏକ ଘରୋଇ ହସ୍ପିଟାଲରେ କିଛି ଦିନ ପରେ ସେ କୋମାରୁ ଫେରିଲା । ଉମେଶ ବାବୁ ଭାବୁଥିଲେ ଈଶ୍ୱର ଯାହା ବି କିଛି କରନ୍ତି ପ୍ରାଣୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଙ୍ଗଳ ପାଇଁ କୋମାରୁ ଭଲ ହେବା ପରେ ହୁଏତ ଅନନ୍ୟା ନିଜର ସ୍ମୃତିଶକ୍ତି ହରେଇ ବସିଥିବ ଏବଂ ପ୍ରମୋଦକୁ ଭୁଲି ସାରିଥିବ । କିନ୍ତୁ ଆଜ୍ଞା ସଚ୍ଚା ପ୍ରେମ କେବେ ହାରେନି । ଚେତା ଫେରିବା ପରେ ଅନନ୍ୟା ପ୍ରଥମେ ପ୍ରମୋଦକୁ ଖୋଜିଲା ସେ କିଛି ବି ଭୁଲି ନଥିଲା । କିନ୍ତୁ ଡକ୍ଟରଙ୍କ କହିବା ଅନୁସାରେ ଅନନ୍ୟାର ହାର୍ଟ ଦୁର୍ଘଟଣା ପରେ ସମ୍ପୂର୍ଣ୍ଣ ଖରାପ ଆଡ଼କୁ ଗତି କରୁଥିଲା ।

ଏମିତି କିଛି ଦିନ ଗଲା ପରେ ଅନନ୍ୟା ସମ୍ପୂର୍ଣ୍ଣ ସୁସ୍ଥ ହେଲା । ତାର ହାର୍ଟରେ ବି କିଛି ସମସ୍ୟା ନଥିଲା ହେଲେ ତାର ଚେତା ଫେରିବା ପରେ ସେ ପୁଣି ପ୍ରମୋଦକୁ ଖୋଜିଲା । କିନ୍ତୁ ତାର ବାପା ଉମେଶ ଆଖିରେ ଲୁହ ଆଉ ମୁଖ ମଣ୍ଡଳରେ ନୀରବର ଚିହ୍ନ । ତାର ଭାବି ସ୍ୱାମୀ ପ୍ରୀତମ ଆଖିରେ ବି ଲୁହ ଆଉ ପରାଜୟର ଚିହ୍ନ । ଅନନ୍ୟା କିନ୍ତୁ ପ୍ରମୋଦକୁ ଦେଖିଛି ଯଦିଓ ସେ ଅଚେତ ଅବସ୍ଥାରେ ଥିଲା କିନ୍ତୁ ତଥାପି ସେ ପ୍ରମୋଦର କଣ୍ଠ ସ୍ୱର୍ ଶୁଣିଅଛି । ତାର ପ୍ରେମ ଭରା ହାତର ସ୍ପର୍ଶ ପାଇଛି । କିନ୍ତୁ ପ୍ରମୋଦର ଅନୁପସ୍ଥିତି ଜାଣିପାରୁନି । ଅନନ୍ୟାର ବ୍ୟସ୍ତବିବ୍ରତକୁ ଦେଖି ଡକ୍ଟର ଆସିଲେ ଆଉ କହିଲେ ପ୍ରମୋଦ ଆଉ ଆସିବେନି । ସେ ହିଁ ତୁମର ଜୀବନ ଦାତା ଦୁନିଆଁରେ ମୁଁ ଅନେକ ପ୍ରେମ ଦେଖିଛି ହେଲେ ଏଭଳି ପ୍ରେମ ମୁଁ ଦେଖିନାହିଁ । ଅନନ୍ୟା ଡକ୍ଟର କଥା ଶୁଣି କିଛି ବୁଝି ପାରିଲେନି ଏହାର ଅର୍ଥ ପଚାରିବାରୁ କାନ୍ଦି କାନ୍ଦି ଉମେଶ ବାବୁ କହିଲେ ପ୍ରମୋଦ ଏଠିକୁ ଆସିଥିଲେ ଆଉ ତୋତେ ଦେଖି ଖୁବ୍ ଖୁସି ହେଲେ ଏବଂ ଏହି ଅବସ୍ଥା ଦେଖି ସମ୍ପୂର୍ଣ୍ଣ ଭାଙ୍ଗିପଡିଲା । ଶେଷରେ ଡକ୍ଟରଙ୍କ ପାଖରୁ ସବୁ ଶୁଣି ସାରି ତୋତେ ସେ ତାର ହାର୍ଟ ଦାନ କରିଛି । ଆଉ ହଁ ତୁ ଯେତେବେଳେ ଅଚେତ ଅବସ୍ଥାରେ ଥିଲୁ ସେ ତୋତେ ଦେଖି ବହୁତ୍ କାନ୍ଦିଥିଲା ଆଉ ତୋ ମୁଣ୍ଡ ପାଖରେ ବସି ଏକ ଚିଠି ଲେଖିଥଲା । ପରେ ସେ ଡକ୍ଟରଙ୍କ ପାଖକୁ ଯାଇ ଏକ ହାଣ୍ଡ ନୋଟ୍ ଲେଖି ନିଜେ ନିଜକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଟ କରି ତାର ହାର୍ଟକୁ ତୋତେ ଦାନ କରିଛି । ଏଇ ନେ ତୋର ଶେଷ ଚିଠି ଯାହା ପ୍ରମୋଦ ତୋରି ପାଇଁ ଲେଖିଥିଲା ।

ସବୁ ଶୁଣି ସାରି ନିର୍ବିକାର ଭାବେ ପଡ଼ିରହିଥିଲା ଅନନ୍ୟା, ଆଉ କିଛି ଉତ୍ତର ବି ନଥିଲା ତାର ପାଖେ । ଶେଷରେ ପ୍ରମୋଦର ହାତଲେଖା ଚିଠିକୁ ପଢ଼ି ହୃଦୟରୁ ଦୀର୍ଘଶ୍ୱାସ ନେବା ସମୟରେ ତାକୁ ଲାଗିଲା ପ୍ରମୋଦ ଯେପରି ଆଜୀବନ ତାରି ହୃଦୟରେ ରହିଅଛି । କୋହଭରା ହୃଦୟରୁ କିଛି ଲୁହ ଆଖି ଦେଇ ବହି ଆସିଲା ଯେଉଁ ଲୁହରେ ପ୍ରମୋଦର ସ୍ମୃତି ସବୁ ରହିଥିଲା । । । । ।

ଉଲ୍ଲୋଳ, ଆନନ୍ଦପୁର, କେନ୍ଦୁଝର

୯୪୩୭୫୯୪୩୫୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଇସା ସବୁକିଛି କରିପାରେ

ଥରେ ଇଟାଲୀ ଦେଶରେ ମାର୍କୋ ନାମକ ଜଣେ ଧନୀ ଯୁବକ ସେଠାକାର ରାଜାଙ୍କ ମହଲ ସମ୍ମୁଖରେ ରାଜ ପ୍ରାସାଦଠାରୁ ଭବ୍ୟ ପ୍ରାସାଦ ନିର୍ମାଣ କଲା । ନିର୍ମାଣ କାର୍ଯ୍ୟ ଶେଷ ହେବାପରେ ଗେଟରେ ବଡ଼ ବଡ଼ ଅକ୍ଷରରେ ଲେଖିଦେଲା, "ପଇସା ସବୁକିଛି କରିପାରେ ।"

ରାଜା ଯେତେବେଳେ ପ୍ରାସାଦ ଦେଖିଲେ ଆଶ୍ଚର୍ଯ୍ୟ ଚକିତ ହେଲେ ସତ କିନ୍ତୁ ଗେଟ ସମ୍ମୁଖରେ ଲେଖା ହୋଇଥିବା ବାକ୍ୟ ପ୍ରତି ସନ୍ଦେହ ହେବାରୁ ଯୁବକକୁ ରାଜ ଦରବାରକୁ ଡାକି ଆଣିବାପାଇଁ ଦୂତ ପଠାଇଲେ । ଦୂତ ମାର୍କୋ ନିକଟରେ ପହଞ୍ଚି ରାଜାଙ୍କ ଆଦେଶ ଜଣାଇଲା ଓ ସାଙ୍ଗରେ ଧରି ଦରବାରକୁ ଫେରିଲା । ରାଜା ମାର୍କୋକୁ ଦେଖିବା ପରେ ଅଭିବାଦନ ଜଣାଇ କହିଲେ, "ଆପଣଙ୍କୁ ଧନ୍ୟବାଦ ଦେଉଛି । ସତରେ ଆପଣଙ୍କ ପ୍ରାସାଦ ଅଦ୍ଭୁତ ହୋଇଛି । ତା ପାଖରେ ମୋ ରାଜ ପ୍ରସାଦ ଚାଳଘର ଭଳି ପ୍ରତୀୟ ହେଉଛି । କିନ୍ତୁ ଗେଟ ନିକଟରେ ଲେଖିଛ ପଇସା ସବୁକିଛି କରିପାରେ । କଥାଟି ନିଜେ ଲେଖିଛ ନା କେହି କହିବାରୁ ଲେଖିଛ ?"

"ଆଜ୍ଞା ଏଇ କଥା ମୋ ବିଚାରାରୁ ଉପୁନ୍ନ । ତେବେ ଯଦି ରାଜାଙ୍କୁ ମୋ ବିଚାର ଖରାପ ଲାଗୁଛି ତାହେଲେ ତାକୁ ହଟେଇ ଦେବି ।" ମାର୍କୋ ଅନୁରୋଧ କଲା ।



ସୁଧାଂଶୁ ଶେଖର ଦ୍ୱିବେଦୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଆରେ ନା-ନା ମୋତେ ଲାଗିଲା ତାହା ତୁମ ବିଚାର ହୋଇନଥିବ । ମୁଁ କେବଳ ତୁମ ମୁହଁରୁ ଶୁଣିବାକୁ ଚାହୁଁଥିଲି । ତେବେ ଏଭଳି ବିଚାରରେ ତୁମର କଣ ଉଦ୍ଦେଶ୍ୟ ଅଛି ? ଦୃଷ୍ଟାନ୍ତ ସ୍ୱରୂପ ତୁମର କଣ ମନେ ହେଉଛି ପଇସା ପାଇଁ ମୋତେ ମଧ୍ୟ ହତ୍ୟା କରିଦେଇ ପାରିବ ?"

"ମୋତେ କ୍ଷମା କରନ୍ତୁ ମହାରାଜ । ମୁଁ ଜାଣିନଥିଲି ସେଇ ଲେଖା ମାଧ୍ୟମରେ ଏତେ ଅର୍ଥ ଛପି ରହିଛି । ଯଦି ଆପଣ କହିବେ ତା'ହେଲେ ସେ ସବୁ ଶବ୍ଦକୁ ମୁଁ ଲିଭେଇ ଦେବି । ମୋ ପ୍ରାସାଦ ଆପଣଙ୍କୁ ପସନ୍ଦ ହେଉନଥିଲେ ତାକୁ ବି ଭାଙ୍ଗି ମାଟିରେ ମିଶେଇ ଦେବି ।" ମାର୍କୋ ରାଜାଙ୍କ ମନର ଉଦ୍ଦେଶ୍ୟ ବୁଝିପାରି ନିଜ ଭୁଲକୁ ସୁଧାରିବାକୁ ଜଣାଇଲା ।

"ନା ପ୍ରାସାଦ ସେହିପରି ଥାଉ । କିନ୍ତୁ ତୁମେ ସ୍ୱଷ୍ଟ କରିଛ ଯାହା ପାଖରେ ପଇସା ଅଛି ସେ କିଛି ବି କରି ପାରିବ । ମୋତେ ତାହା ପ୍ରମାଣ କରି ଦେଖାଇ ପାରିବ ? ମୋ ଝିଅ ସହିତ କଥା ହେବା ପାଇଁ ମୁଁ ତୁମକୁ ତିନିଦିନ ସମୟ ଦେଲି । ଯଦି ତୁମେ ତା ସହ କଥା କହିବାରେ ସଫଳ ହୋଇଯାଅ ତୁମକୁ ତା ସହିତ ବିବାହ କରାଇ ଦେବି । ଆଉ ଯଦି ତାହା କରି ନ ପାରିବ ତାହେଲେ ତୁମ ଶିର ଛେଦ କରିବି ।" ରାଜା ଉତ୍ୟକ୍ତ ଅବସ୍ଥାରେ ଜଣାଇଲେ ।

ରାଜାଙ୍କ ଆଦେଶରେ ଚିନ୍ତିତ ହୋଇ ମାର୍କୋ ନିଜର ଖାଇବା, ପିଇବା, ଶୋଇବା ସବୁ ଭୁଲିଗଲା । କେମିତି ମୁଣ୍ଡକାଟରୁ ନିଜକୁ ବଞ୍ଚେଇବ ସେଇକଥା ରାତିଦିନ ଭାବିହେଲା । ତାକୁ ବିଶ୍ୱାସ ହେଉନଥାଏ ରାଜକୁମାରୀ କେତେ କେତେ ଜଗୁଆଳିଙ୍କ ତତ୍ତ୍ୱାବଧାନରେ କିଲ୍ଲା ଭିତରେ ଅଛି । ତାଙ୍କ ପାଖରେ ପହଞ୍ଚିବା ତ ଦୂରର କଥା ଅସମ୍ଭବ ମଧ୍ୟ । ମନର କଥା ଭାବି ଭାବି ମୃତ୍ୟୁକୁ ଅପେକ୍ଷା କରିବା ସାର ହେବ । ସେଇ ସମୟରେ କୌଣସି ଏକ କାର୍ଯ୍ୟ ସକାଶେ ବୁଢ଼ୀ ଧାଈ ତା ପାଖକୁ ଆସିଥାଏ । ଯିଏ ତାର ପିଲାଟି ଦିନୁ ଖାଇବା ପିଇବା ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଅଳି ଅଝଟ ସହିଛି । ମାର୍କୋର ଚିନ୍ତିତ ଅବସ୍ଥାକୁ ଦେଖି ବୁଢ଼ୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧାଇ ପଚାରିଲା, "କଣ ହେଲାକିରେ ! ତୁ ଏମିତି ଚୁପଚାପ ହୋଇଯାଇଛୁ ?"

ବୁଢ଼ୀ ଧାଇର ଉତ୍କଣ୍ଠାରେ ମାର୍କୋ ଆରମ୍ଭରୁ ଶେଷଯାଏ ସବୁ କହିଲା । ସବୁକିଛି ଶୁଣିବା ପରେ ବୁଢ଼ୀ ଧାଇ କହିଲା, "ଆରେ ! ଏଇ କଥା ପାଇଁ ତୁ ନିଜ ଉପରେ ଭରଷା ହରେଇ ଦେଲେ କେମିତି ହେବ ? ଶୁଣ ମୁଁ ଯେମିତି କହୁଛି ତୁ ଠିକ ସେମିତି କରିଚାଲ ଦେଖିବୁ ତୁ ଦିନେ ସେ ରାଜକୁମାରୀକୁ ବାହାହେବୁ ।"

ତାପରେ ବୁଢ଼ୀ ସହରର ଏକ ସୁନା ଦୋକାନକୁ ଯାଇ ତୁରନ୍ତ ରୂପାରେ ଏକ ବଡ଼ ହଂସ ତିଆରି କରିଦେବାକୁ କହିଲା । ପ୍ରତି ବଦଳରେ ଅନେକ ଗୁଡିଏ ସୁନା ମୋହର ଦେବ ବୋଲି ଯାଚନା କଲା । ସୁନା ମୋହର ଲୋଭରେ ସୁନାରୀ ତା ପରଦିନ ହଂସ ତିଆରି କରିଦେବ ଜଣାଇଲା ।

ରୂପାରେ ନିର୍ମିତ ହଂସ ତିଆରି ହୋଇ ସାରିଥାଏ । ବୁଢ଼ୀ ଧାଇ ମାର୍କୋକୁ କହିଲା, "ନିଜର ଭାଓଲିନକୁ ଧରି ଏଇ ହଂସ ଭିତରେ ବସି ଗୀତର ଧ୍ୱନି ବଜେଇ ଚାଲ ।"

ବୁଢ଼ୀ ଧାଇର ଆଦେଶ ଅନୁସାରେ ମାର୍କୋ ହଂସ ଭିତରେ ବସି ଭାଓଲିନ ବଜାଇଲା । ତାପରେ ବୁଢ଼ୀ ହଂସକୁ ଗୋଟେ ଶକ୍ତ ଦଉଡିରେ ବାନ୍ଧି ସହର ସାରା ଟାଣି ଟାଣି ଚାଲିଲା । ଏଭଳି ଏକ ଅଦ୍ଭୁତ ହଂସକୁ ଦେଖିବା ପାଇଁ ଲୋକମାନଙ୍କର ଭିଡ଼ ଜମିଗଲା । ସହରରେ ଏମିତି କେହି ରହିଲେ ନାହିଁ ସୁନ୍ଦର ହଂସ ସହିତ ଭାଓଲିନର ଧ୍ୱନି ଶୁଣିବାକୁ ଆସି ନାହାନ୍ତି । କଥା ଯାଇ ରାଜାଙ୍କ ନିକଟରେ ପହଞ୍ଚିଲା ।

ରାଜକୁମାରୀ କିଲ୍ଲା ଭିତରେ ରହୁଥାଆନ୍ତି । ଅଦ୍ଭୁତ ହଂସକୁ ଦେଖିବା ପାଇଁ ସେ ରାଜାଙ୍କଠାରୁ ଅନୁମତି ଚାହିଁଲେ ।

ରାଜା କହିଲେ, "ସେ ଚତୁର ଚୋରର ସମୟ ଅବଧି କାଲି ସାରିଯିବ । ତା'ପରେ ତୁ ବାହାରକୁ ବାହାରି ହଂସ ଦେଖିନେବୁ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ରାଜକୁମାରୀ ଶୁଣିଥାଏ ସେଇ ହଂସ ଧରିଥିବା ବୁଢ଼ୀ ଆଜିର ଖେଳ ଦେଖାଇ ଚାଲିଯିବ । ସେଥିପାଇଁ ରାଜା ବିବଶ ହୋଇ ହଂସକୁ କିଲ୍ଲା ଭିତରକୁ ଆଣିବା ଲାଗି ଆଦେଶ ଦେଲେ । ହଂସର ଚଞ୍ଚୁରୁ ବାହାରୁଥିବା ଭାଓଲିନର ଧ୍ୱନିକୁ ଶୁଣି ରାଜକୁମାରୀ ଆନନ୍ଦରେ ବିଭୋର ହେଉଥାନ୍ତି । ହଠାତ ସେଇ ହଂସ ଭିତରୁ ମାର୍କୋ ବାହାରି ଆସି କହିଲା, "ଭୟ କର ନାହିଁ ରାଜକୁମାରୀ ! ମୁଁ ସେଇ ଯୁବକ ଯିଏ ଆପଣଙ୍କ ସହିତ ଆଜି ସୁଦ୍ଧା କଥା ହୋଇ ନପାରିଲେ କାଲି ମୁଣ୍ଡ କାଟ ହେବ ବୋଲି ଘୋଷଣା ହୋଇଥିଲା । ଆପଣ ଆସନ୍ତା କାଲି ରାଜ ଦରବାରରେ ଏଇ କଥା ଆପଣଙ୍କ ପିତାଙ୍କୁ ଜଣାଇବେ ।"

ତା'ପର ଦିନ ରାଜା ମାର୍କୋକୁ ଦୂତ ଦ୍ୱାରା ରାଜ ଦରବାରକୁ ଡକାଇ ପଚାରିଲେ, "କୁହ, ମୋ ଝିଅ ସହିତ କଥା କହିବା ପାଇଁ ତୁମ ପଇସା କାର୍ଯ୍ୟରେ ଲାଗିଲା କି ନାହିଁ ?"

"ହଁ ମହାରାଜ ! ମୋ ପଇସା ଉଚିତ କାର୍ଯ୍ୟରେ ଲାଗିଛି ।" ମାର୍କୋ ନିର୍ଭୀକ ଭାବେ ଉତ୍ତର ଦେଲା ।  "କଣ ହେଲା ? ତୁମେ ମୋ ଝିଅ ସହିତ କଥା ହୋଇଛ ? ଅସମ୍ଭବ...." ରାଜା ଉତକ୍ଷିପ୍ତ ହେଉଥାନ୍ତି ।

"ତା'ହେଲେ ଆପଣ ଆପଣଙ୍କ ଝିଅକୁ ପଚାରି ନିଅନ୍ତୁ ।" ମାର୍କୋର ସ୍ୱାଭାବିକ ଉତ୍ତର ଥାଏ । ରାଜକୁମାରୀଙ୍କୁ ଡ଼କାହେଲା । ତାଙ୍କଠାରୁ ସମସ୍ତ ବିବରଣୀ ଶୁଣିବା ପରେ ସ୍ୱୟଂ ରାଜା ନିଜ ମୁକୁଟକୁ ବାହାର କରି ମାର୍କୋର ମୁଣ୍ଡରେ ପିନ୍ଧାଇ ଦେଇ କହିଲେ, "ସତରେ ତୁମ ନିକଟରେ କେବଳ ପଇସାର ବଳ ନୁହେଁ ବରଂ ଜଣେ କୁଶଳୀ ବୁଦ୍ଧିମାନ ଅଟ । ଆଜି ମୁଁ ମୋ ଝିଅର ହାତ ତୁମ ହାତରେ ସମର୍ପଣ କରୁଛି । ଦୁହେଁ ଖୁସିରେ ରୁହ ।"

(ଇଟାଲୀୟ ଲୋକକଥାରୁ ସଂଗୃହୀତ)

ବିସି-୭୪,ସଲଟ ଲେକ,କଲକତା-୬୪

ମୋ-୯୬୮୧୩୭୩୫୧୨/୭୨୯୧୩୪୨୨୫୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ "୭ ")

ଅସୀ ଚାଳନାରେ ବିଜୟ ରୂପରେ
ଅଙ୍ଗରକ୍ଷକ ତୁମ୍ବର,
ଅହରହ ସିଏ ମଣିମା ସେବାରେ
ଦାସ ସେ ପ୍ରକୃତ ବର ।"
ଅସ୍ପଷ୍ଟ ଭାବରେ ହସର ଅଧରେ
ମୁଖରିତ ମୁଖ କାନ୍ତି,
ଅନୁଚରୀ କଥା ସତେ ଶୁଣିସାରି
ଅନ୍ତରେ ଦେଇଛି ଶାନ୍ତି ।
ଅନୁଚରୀ ପ୍ରୀତି ଦେଖି ଏ ସଂପତ୍ତି
ଅଧୁରା ରଖିଲେ କିଛି,
ଅଦିନରେ ଏହି ହସ ଟିକେ ଚାହିଁ
ଅନ୍ତିମେ ମିଛ କହିଛି ।
ଅଧରର କାନ୍ତି ହୋଇବନି ଇତି
ବୋଲି ବଲେଇଛି ମନ,

ଅଳୀକ ସଂବାଦ କହିଦେଇ ରୋଦ
କରିଛି ଦାସୀ ନୟନ ।
ଅପକାର ନିଜ କରି ଯିଏ ପୂଜ୍ୟ
ଜୀବନେ ଜନନୀ ପାଇଁ,
ଅକଳଙ୍କ ସିଏ ଅନ୍ତେଃଭାଳି ଯିଏ
ଦୁଃଖୀ ହୁଏ ମିଥ୍ୟା ଧ୍ୟାୟୀ ।
ଅନୁତାପ କରି ଅନ୍ତେଃ ସେହି ପରି
ରୋକିଛି ଲୋତକ ଧାର,
ଅନୁରଞ୍ଜନର ବ୍ୟବସ୍ଥା ଏଥର
ଚିନ୍ତି କରିଛି ବାହାର ।
ଅଶ୍ବରେ ପଦକୁ ଥୋଇ ଏ ପାଖକୁ
ହୋଇ ବସିଲେ ଯେପରି,
ଅଙ୍ଗରକ୍ଷକର ଆଙ୍ଗିକ ଗୁମର
ରଖିଛି ଜାଣି କିପରି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଂସରେ କାବ୍ୟର ଅଂସ ଏ ପ୍ରୀତିର
ଜୋଡ଼ି ହୋଇଛି ଯେମିତି,
ଅଚାନକ ପୁଣି ଜଳାଶୟେ ଜାଣି
ଚନ୍ଦ୍ରମା ବେନି କେମିତି ?
ଅପଲକ ଆଖି ବେନିଙ୍କର ଦେଖି
ଜଳେ ପ୍ରତିବିମ୍ବ ଚାହିଁ,
ଅୟୁତ ତାରକା ମଧ୍ୟରେ କିଦେଖା
ଦେଲେ ଶଶଧର ଦୁଇ ।
ଅନୁସାରୀ ମୁଖ ସତେ ପଦ୍ମ ଦେଖ
କୋମଳ କୁସୁମ ବଳି,
ଅନନ୍ତରୁ ଅନନ୍ତ ଚଂଚଳ ଏମନ୍ତ
କହନ୍ତି ଏ ମନ ଖୋଲି ।
ଅତ୍ୟଧିକ ଖୁସି ଦେବା ପାଇଁ ହସି
କହିଲେ, "ଆମ୍ଭର କଥା,
ଅପ୍ରିୟ ଏ ନୁହେଁ କହିବାକୁ ଚାହେଁ
ଏ ଦାସୀ ଆମ୍ଭର ତଥା ।
ଅଭୀଷ୍ଟ ଆମ୍ଭର ଥିଲା ଶେଷଥର
ପୁଷ୍ପମୟ ପଥ ଦେଇ,
ଅବକାଶ ଥିଲେ ସେ ପଥେ ଚାଲିଲେ
ଭାବିବି ସୌଭାଗ୍ୟ ସେଇ ।
ଅବକାଶ ହେଲା ସମୟ ମିଳିଲା
ଆଜି ସଂଧ୍ୟାରେ ଯେମିତି,
ଅନୁସାରୀ ବିନା ବଗିଚାରେ ସିନା
ଚାଲେ ବିମୁଖେ ସେମିତି ।
ଅଜସ୍ର ମନରେ କେତେ ଉଙ୍କିମାରେ
ଭଲମନ୍ଦ ମିଠା କଥା,
ଅଜତ୍ନ ରୂପରେ ବୁଲିଛି ମଧ୍ୟରେ
ବିନ୍ଧୁଥିଲା ତିଳେ ମଥା ।
ଅତିଶୟ ନୁହେଁ ତିଳେ ବିନ୍ଧୁଥାଏ
ବୋଲି ଆହ୍ଲାଦର ଆଶେ,
ଅଙ୍ଗରକ୍ଷକର ବିଜନେ କୁଟିର
ସେ ପଥେ ଅଟବୀ ପାସେ ।
ଅଳୀକ ଭାବନା କରିବାକୁ ଚୂନା
ଚାଲିଲି ସେ ପଥେ ଆଜି,
ଅଦୂରରେ ତାର ଘର ବଗିଚାର
ଫୁଟିଛି କୁସୁମ ରାଜି ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସମ୍ଭବ



ଅମରନାଥ ବାରିକ

ଗୋଲାପି କାଗଜ ନିଳ ଲଫାପାରେ
ଲେଖାଥିବା କଳା ଅକ୍ଷର
ଏଯାଏଁ ବଞ୍ଚିଛି ପ୍ରେମଫୁଲ ହୋଇ
ସରିନାହିଁ ବାସ ତାହାର ।
ଆଜିବି ସାଇତି ରଖିଛି ପାଖରେ
ତୁମ ହାତଲେଖା ଚିଠିକୁ
ନିରୋଳାରେ ବସି ଖୋଲି ପଢ଼େ ସବୁ
ପ୍ରତିଟି ଦରଦୀ ଭାଷାକୁ ।
ଭାସି ଆସେ ଆମ ପ୍ରେମ କାହାଣୀର
ପୁରୁଣା ସେ ସ୍ମୃତି ଲହରି
କହି ଯାଏ କାନେ ବିରହୀ ପ୍ରେମିକ
ତୁମେ ତ ଯାଇଛ ହାରି !

ପ୍ରିୟାଟି ତୁମର ଥିଲା ସେ ମିଛେଇ
ଲେଖୁଥିଲା ମିଛ ବାରତା
ପ୍ରତାରଣା ଭରା ପ୍ରତି ଫର୍ଦ୍ଦପରେ
ରଚି ଛଳନାର କବିତା ।
ଦିଅ ଚିରି ଏହି ଖ୍ୟାତି ପୁରାତନ
କାହିଁକି ବା କର ବିଳମ୍ବ
ଗଲା ଚାଲି ଯିଏ ଜୀବନରେ କେବେ
ଫେରିବାଟା ନୁହେଁ ସମ୍ଭବ ।
ଘଟି ଯାଇଥିବା ପଛ ଦିନ ଯଦି
ପକାଇବ ମନେ ଏମିତି
ଭବିଷ୍ୟତ ହେବ ଘନ ଅନ୍ଧକାର
ଜଳୁଥିବ ସେମିତି ନିତି ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଜ ଲୋକ ଦିଅନ୍ତି ଦୁଃଖ



ଦୁଷ୍ମନ୍ତ ବେହେରା

କିଛିଲୋକ ଦେଇଜାଆନ୍ତି ଖାଲିଦୁଃଖ
ଆପଣାର ଯିଏ ପର ବି ସିଏ ! !
ଯେଉଁ ସପନ ଦେଖିଥିଲି ମୁଁ
ରାତିରେ ଝରେ ରାତିରେ ଶୁଖେ ! !

ତୁମେ ଆସି ଜାଳିଦେଲ ଜୀବନ ଦୀପ
ଦୀପର ଆଲୋକେ ଜଳୁଛି ମୋ
ଆତ୍ମା ଶରୀର ! !
ଶରୀର ଜଳୁଛି କୁହୁଳୁଛି ମନ
ଆତ୍ମା ମୋର ତୁପ୍ତରେ ଲେଛନ ! !

କେମିତି କହିବି ପରଠୁ ନିଜର ତୁମେ
ଦେଇ ଚାଲିଗଲ ଦୁଃଖ ର ନଇ ! !
ଅବୁଝା ମନ ବୁଝେନି ମନ
ଅବୁଝା ପ୍ରେମରେ ଅବାନ୍ତର ମନ ! !

ଯାହା ଥିଲା ଯେମିତି ଥିଲା
ମୋ ଜୀବନେ ସବୁଠାରୁ ବଡ ସୁଖ ! !
କେଭେ କେହି ବୁଝି ପଚାରନ୍ତିନି
ମନ ତଳ ଭୋକ ଆଉ ଶୋଷ ! !

ଲକ୍ଷ୍ୟ ଶୋଇଛି ଭବିଷ୍ୟତ ଶୋଇଛି
ଶୋଇଛି ଏଠି ମୁଁ ମାଟିରେ ! !
କଣ କହିବି ପ୍ରିୟା
ଦୁଃଖର ନଇ ଯେ ମାଟି
ପାଲଟି ଯାଉଛି ! !

ଯେଉଁ ଆଖିରେ ସପନ
ଦେଖିଥିଲି ତୁମ ପାଇଁ
ଆଜି ଆଉ ସେଇ ଆଖିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଦ ଆସୁନାହିଁ ! !

ଆଖି ବି ନିଜର ମନ ବି ନିଜର

ତୁମେ ବି ନଜିର

ପୋଡି ଜାଳି ଦେଲ

ଦେହ ଯୌବନ ! !

ଦୁଃଖ କଣ ଏମିତି ତୁମେ ଦିଅ ପ୍ରିୟା ! !

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୭୪୭୪୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟିକିଏ ହସ



ଲକ୍ଷ୍ମୀକାନ୍ତ ପୃଷ୍ଟି

ଜନମରୁ ମରଣ ପର୍ଯ୍ୟନ୍ତ
ପାପକୁ ଦୁରେଇ ପୁଣ୍ୟ କୁ ଆପଣେଇ
ହୃଦୟେ ରଖିବା ଟିକିଏ ହସ ।
ସୁଖରେ ହେଉ ବା ଦୁଃଖରେ
ରହିବା ଇଶ୍ୱର ଚରଣେ
ବଦନେ ରଖିବା ଟିକିଏ ହସ ।

ଧନୀ ହେଉ ଅବା ଗରିବ
ନ ଭାବି ନକରି ପକ୍ଷପାତ
ମନରେ ଆଣିବା ଟିକିଏ ହସ ।
ଦୀର୍ଘ ଜୀବନେ ଅବା କ୍ଷୀଣ ଜୀବନେ
ବିଶ୍ୱାସ ରଖିବା ଆପଣା ମନେ
ସ୍ୱପ୍ନେ ଭରିବା ଟିକିଏ ହସ ।

ଭଲ ହେଉ ଅବା ମନ୍ଦରେ
ଶୃଙ୍ଖଳିତ ହେବା ଜୀବନରେ
ହସିବା ଟିକିଏ ହସ ।
ଶତ୍ରୁ ହେଉ ଅବା ବନ୍ଧୁ ପରିଜନ
ମିଳିମିଶି ଏକ କରିବା ମନ
ବନ୍ଧନ ବାନ୍ଧିବ ଟିକିଏ ହସ ।

ପୁତ୍ର ହେଉ ଅବା କନ୍ୟା ଜନମେ
ସ୍ୱାଗତ କରିବା ଆମେ
ହସିବା ଟିକିଏ ହସ ।
ଦିବା ହେଉ ଅବା ନିଶୀଥ ରେ
ଗ୍ରହ ନକ୍ଷତ୍ରଙ୍କ ପରି ଗଗନରେ
ମୁରୁକି ହସିବା ଟିକିଏ ହସ ।

ଆସ ଆମେ ସଭିଏଁ ନେବା ଶପଥ
ପିତାମାତାଙ୍କ ଚରଣେ କରି ନତ ମସ୍ତକ
ଗଢିବା ସମ୍ପର୍କ ର ସୁନ୍ଦର ଭବିଷ୍ୟତ
ହସିବା ହସେଇବା ଟିକିଏ ହସ ।

(ଶିକ୍ଷକ), ସ୍ଥାନ-ଜରାଇକେଲା, ବିଶ୍ରା, ଜିଲ୍ଲା-ସୁନ୍ଦରଗଡ
ଭ୍ରାମ୍ୟଭାଷ : ୯୯୩୭୨୪୦୭୯/ ୬୩୭୦୧୫୧୭୧୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଦହନରେ



ସରୋଜ କୁମାର ସାହୁ

ଜଳିଜଳି ମରେ ତୁମ ଦହନରେ
ସମାଧିର ଅପେକ୍ଷାରେ
ହେବଦିନେ ଶେଷ ଏଦେହ ପାଉଁଶ
ପବନର ଧୂଆଁଧାରେ ।
କୁହୁଳିବାର ଅଭିନୟ ଆଉ
ସହି ପାରୁନି ଏ ଦେହ
ପାଶାଣ ନୁହେଁ ଏ ହୃଦୟଟେ ପରା
ତୁମପରି ଢାଳେ ଲୁହ ।
ଛଳନାର ଅନ୍ତ ଘଟିନି ଅବଶ୍ୟ
ତୁମ ଦରଦୀର ମନେ
କ୍ଷଣିକ ଆଶାର ଆଲୋକ ଶିଖାରେ
ବିଚରୁଛି ଏଇ ବନେ ।

ପ୍ରହେଳିକାମୟ ଜୀବନ ନଈରେ
ଲୁହର ନଉକା ସାଜି
ପ୍ରେମ ପ୍ରତାରଣା ମୃତ୍ୟୁର ବେଦନା
ଏକା ସାଉଁଟୁଛି ଆଜି ।
ପଥହରା ସାଜେ ଅରଣ୍ୟରୋଦନ
ଜଡ ମରୁଭୂମି ପରି
ଲୁହ ନୁହେଁ ଏଇ ଲହୁର ବନ୍ୟାରେ
ପ୍ରେମ ବି ଯାଇଛି ମରି ।

ଆଠଗଡ,କଟକ
୯୩୪୮୫୭୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏନ୍‌ଏଚ୍୧୮ : ସମ୍ପର୍କର ନବକଳେବର



ସୌମ୍ୟରଞ୍ଜନ ପାଲ

ପ୍ରସାଧନ ପିଚୁ ସିମେଣ୍ଟ ଲେପରେ କ୍ଷତଟା ଗଲାଣି ଲୁଚି
ପ୍ରଶାସନର ଏ ଉନ୍ନତି କ୍ଷେତରେ ସତଟା ଗଲାଣି ବିକ୍ରି
କେତେ କାରିଗର ଭୁଲି ଘରଦ୍ୱାର ଗଢ଼ିଲେ ଏ କାରୁକାର୍ଯ୍ୟ
ବମ୍ଫେଛକ ଠାରୁ ନହରପାଟଣା ଲମ୍ବାଇ ରଖିଛି ଧୈର୍ଯ୍ୟ ।।

ପରିବେଶ ଦେଖି ଚକିତ ହୁଅଇ ଭାଇଚାରା ବ୍ୟବହାର
ଭ୍ରମଣ କାହାଣୀ ଲେଖେ ସହଯାତ୍ରୀ ସାକ୍ଷୀ ଧଳା ପଟି ଗାର
ସାଧାରଣ ଜନ ପ୍ରତି ଯାତାୟତେ ସାଉଁଟଇ ଅନୁଭୂତି
ଶୀତ ଖରା ବର୍ଷା ବନରେ ବେଗରେ ସ୍ପନ୍ଦନ ସମ୍ଭାଳେ ଛାତି ।।

ଦୂରତା କମିଲା ପ୍ରିୟଜନଙ୍କର ଦୂରତା ଭୋଗିଲା ମାଟି
ଆକାଶରେ ମନ ଖାଲି ଭାସିବୁଲେ ସବୁଜ ବନାନୀ କାଟି
ଆତତାୟୀ ଛୁରୀ ଦେଖାଇ ଲୁଟନ୍ତି ସରକାର ନେଇ କର
ଆପଣଙ୍କ ଲାଭେ ହାଜର ସମ୍ମୁଖେ ରାଜପଥ ସେ ଅଠର ।।

ବାହନର ଦାୟେ ଚକର ଚୁମ୍ବନ ଖୁସି ଲଭୁଥାଉ ଯାତ୍ରୀ
ପଣତ ଘୋଡ଼ାଇ ଅଭୟ ଦିଅଗୋ ଜନନୀ ହେ ଜଗଦ୍ଧାତ୍ରୀ ।।

ଗ୍ରାମ/ପୋ: - ବଡ଼ଶୋଳ, ଥାନା - ଝାରପୋଖରିଆ
ଜିଲ୍ଲା - ମୟୂରଭଞ୍ଜ, ପିନ - ୭୫୭୦୮୬
ମୋ- ୯୯୩୭୮୮୯୮୩୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲେଖୁ ଲେଖୁ ଲେଖି ଦେଲି



କମଳ ଲୋଚନ
ମଲ୍ଲିକ

ଲେଖୁ ଲେଖୁ ଲେଖିଦେଲି,
ଭାବିବନି ମୁଁ କବି ବୋଲି

ପୃଷ୍ଠେ କାଗଜ ଆଉ ବୁନ୍ଦାଏ କାଳିରେ
ଲେଖିହେବନି ସେ ଭାବନା,
ଥରେ ଖାଲି ତୁମ ସହ କଥା ହେଲେ
ମିଳେ ଯେଉଁ ଶାନ୍ତ୍ୱନା ।

ଅମାପ ସମୁଦ୍ର ଆଉ ଅସରନ୍ତି ଆକାଶ ପରି
ତୁମେ ବ୍ୟାପିଯାଇଛ ମୋ ହୃଦୟରେ,
ମୋ ସ୍ପନ୍ଦନ ବି ଅଟକି ରହିଯାଏ
ନଦେଖିଲେ ତୁମକୁ ଥରେ ।

କବିତାରେ ବା ଗୀତରେ କେମିତି ଦେବି
ମୁଁ ଯେ ତୁମ ନାଁ,
ଯେଉଁଥିରେ ବି ବର୍ଣ୍ଣନା କଲେ କମ ହେବ
କାରଣ ଜୀବନେ ମୁଁ ଲେଖିଦେଇଛି
କେବଳ ତୁମ ନାଁ ।

ସକାଳର କିରଣ କି ସନ୍ଧ୍ୟାର ସୂର୍ଯ୍ୟାସ୍ତ
ତା'ଠୁଁ ବି ତୁମେ ବେଶୀ ଚମକ,
ଯେଉଁଠି ରହିଲେ କି ଯେମିତି ରହିଲେ
ସୁଅ ଛୁଟେ ତୁମ ବାସନାର ମହକ ।

ପରୀ ରାଇଜର ପରୀଟିଏପରି
ରୂପରେ ତୁମେ ଐଶ୍ୱର୍ଯ୍ୟା,
କାହା ସହ ତୁମକୁ ତୁଳନା କରିହେବନି
ତୁମେ ସତରେ ଅଟ ଏତେ ସୌନ୍ଦର୍ଯ୍ୟା ।

ଗ୍ରାମ - ତାଳପଦା, ପୋ:- ଦ୍ୱାରିକା
ଜିଲ୍ଲା - ବାଲେଶ୍ୱର, ପିନ୍ - ୭୫୬୦୪୪
ଦୂରଭାଷ - ୬୩୭୦୦୯୯୫୧୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୂସର କେଦାର



ବିନୟ ମିଶ୍ର

କେଦାରେ ଯେ ଦିନ ଶ୍ୟାମଳି ଗୋ ତୁମେ
ନୀଳ ପାଟଶାଢ଼ୀ ପିନ୍ଧି
ଧାଉଁଥିଲ ହୃଦେ  ପଣତ ଲହରୀ
ଖସି ଦିଏ ହୃଦ ବିନ୍ଧି ।

କେଣେ ଗଲା ସେଇ ସପନ ପଖଳା
ନୀଳଯଉବନ ଦେହ,
କର୍ତ୍ତନ କଲା କେଉଁ ଅବିବେକି
ନ ରଖି ଟିକିଏ ମୋହ ?

ଭରା ଯଉବନ ଅଭିସାରିକା ଗୋ
ଶ୍ୟାମଳି  ଧିସର ଦେହେ,
ଧୂସର ଗୋଲାପକଣ୍ଟାରେ ତୁମ
ବୋଲି ହୋଇଅଛ ହାଏ ।

ଅଧା ପ୍ରୀତିଭରା ଶରୀରର ଖଣ୍ଡ
ବିଖଣ୍ଡିତ ଅବଶେଷ,
ଗାଉଛି ଅତୀତ ଶିବରଞ୍ଜନୀ
ଶ୍ରାବଣୀ ରାତିର ଶୋଷ ।

ତଥାପି ସକାଳ କାକର ବିନ୍ଦୁରେ
କଣ୍ଟକିତ ଗୁଳ୍ମ ପରି,
ଆମ ପ୍ରୀତିର ସେ ଅକ୍ଷୟ ଗାଥା
ଗାଉଅଛି ଥିରି ଥିରି ।

ମଲ୍ଲୀପୁର ଗଡନିଆଳ ଖୋର୍ଦ୍ଧା
୯୪୩୯୪୩୩୩୩୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମରି ଖେଳ ମୋରି କାଳ



ଇଂ ସୌମ୍ୟରଞ୍ଜନ ଲେଙ୍କା

ଝଡି ଗଲା ସବୁ ମୁଣ୍ଡ ଚୁଳ
ନାହିଁ ଆଉ ଦେହେ ମୋର ବଳ । ।
କୁଜି ନେତାଙ୍କ ଛଳ କଲା ମୋତେ ଦୁର୍ବଳ
ବେସରକାରୀ ଚାକିରୀଟେ ପାଇଁ ଚାଲିଗଲା ଜୀବନର ଅର୍ଦ୍ଧେକ କାଳ । ।
ମୁଣ୍ଡ ଗୁଞ୍ଜିବାକୁ ନାହିଁ ଘରେ ଆଉ ଚାଳ
ଚାକିରୀ ନାହିଁ ବୋଲି କୁଳେ ହେଲେଣି ବ୍ୟାକୁଳ । ।
କିଛି ନାହିଁ ଆଉ କରିବାକୁ ଖେଳ
ଯାହା ଟିକେ ଥିଲା କରୋନା କଲା ସବୁକାଳ । ।
ଖାଇବାକୁ ଦେଲେ କିଏ ମୁଠେ ପଖାଳ
ସରିଯାଏ ମୋର ଦିନ କାଳ । ।
କୁହ, କେଉଁ କୁଆଁରୀକୁ ଦେବି ଏବେ ଗେଣ୍ଡୁମାଳ
ଖାଇ ପୁଣି ଗାଁ ପାଣି ପଖାଳ । ।
ଚାଷବାସ ପାଇଁ ନାହିଁ ଘରେ ଆଉ ହଳ
ଭାବିଛି ଯିବି ଏବେ ନିମାଳ ବିକିବି ଫଳ ।

ପାଳଧୂଆପଲ୍ଲୀ, ବାଣପୁର
ଖୋର୍ଦ୍ଧା-୭୫୨୦୩୫
ଭ୍ରାମ୍ୟମାଣ ନମ୍ବର:୯୪୩୭୨୮୭୭୬୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରେମ ପାଠ



ସିଦ୍ଧେଶ୍ୱର ତ୍ରିପାଠୀ

ସଭିଙ୍କର ଇଚ୍ଛା ତାକୁ ପଢିବାକୁ
ଏଇ ଜୀବନରେ ଥରେ
କିଏ ପାଏନାହିଁ ପଢିବା ସୁଯୋଗ
କିଏ ପୁଣି ପଢିପାରେ ।

ନପଢି ପାରିଲେ ଜୀବନରେ ଥରେ
ମନ ସିନା ହୁଏ କଷ୍ଟ
ଅଧାରୁ ଅଧୁରା ରହିଲେ ସେ ପାଠ
ଜୀବନଟା ହୁଏ ନଷ୍ଟ ।

ପ୍ରମାଣ ପତ୍ରତା ନିଯୁକ୍ତି ଦିଏ
ଟୋପାଏ ସିନ୍ଦୁରରେ
ସଭିଙ୍କର ଇଛା ତାକୁ ପଢିବାକୁ
ଏଇ ଜୀବନରେ ଥରେ ।

ମିଠା କଥା ସେଇ ଉତ୍ତର ଘୋଷାରେ
କେତେ ଦିନ ଯାଏ ବିତି
ପ୍ରତାରଣା ପ୍ରଶ୍ନ ମନଭାଙ୍ଗି ଦିଏ
ସବୁକିଛି ହୁଏ ଇତି ।

କେବେହସଫେରେ କେବେଲୁହଝରେ
ସେଇ ଫଳାଫଳ ପରେ
ସଭିଙ୍କର ଇଚ୍ଛା ତାକୁ ପଢିବାକୁ
ଏଇ ଜୀବନରେ ଥରେ ।

ଖୋର୍ଦ୍ଧା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିଶପ୍ତ ଜୀବନୀ



ଶାନ୍ତନୁ କୁମାର
ରାଉତ

କିପରି କହିବି ହୃଦର ବେଦନା
ମୁଁ ଅଟେ ଏବେ ଜ୍ଞାନ ଶୂନ୍ୟ
ଜ୍ଞାନୀ ମଣିଷର କାର୍ଯ୍ୟ ସବୁ ଏବେ
ହେଇ ଯାଉଛି ଅଜ୍ଞାନ.... ! !

କହୁଛନ୍ତି ସବୁ ସୁନ୍ଦର ଏ ସୃଷ୍ଟି
ସୁନ୍ଦର ଏଇ ଜଗତ
ସୁନ୍ଦର ଜଗତେ ପେଟ ଚାଖଣ୍ଡେ କୁ
ମିଳୁନି ଗଣ୍ଡିଏ ଭାତ.... ! !

ଭାଗ୍ୟ ଏବଂ ଭବିଷ୍ୟତ ମୋ ସାଥିରେ
ଖେଳୁଛନ୍ତି ଛକି ସୁନ
ବର୍ତମାନ ଏବେ ଅଛି ମୋ ସାଥିରେ
ଭବିଷ୍ୟତ ବହୁଦିନ.... ! !

ଭାଳୁଛି ମୁଁ ବସି ରେଳ ଧାରଣାରେ
ହୋଇବି ମୁଁ କାହା ପରି
ଏତେ ବଡ ଏଇ ଜୀବନ ଯୁଦ୍ଧରେ
ଯିତିବି ନା ଯିବି ହାରି..... ! !

ଶୁଣିଥିଲି ଦିନେ ବାପ ଥିଲା ପୁଅ
କୋଉଠି ହାରନ୍ତି ନାହିଁ
ମୋ ଭାଗ୍ୟେ ସେ ସୁଖ କେବେ ଆସିଥିଲା
ଜାଣି ମୁଁ ପାରିଲି ନାହିଁ... ! !

ମାନବ ଜୀବନ ଦୁର୍ଲଭ ଜୀବନ
କେହି ହେବେନି ତା ସରି
ହେଲେ ମୋ ଜନମ ଲାଗେ ମୋତେ ଆଜି
ଅଭିଶପ୍ତ ଜୀବନ ପରି... ! !

ପାଟରଙ୍ଗା, ଯାଜପୁର,
୯୮୬୧୭୫୬୧୯୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ପ୍ରଭୁ ଭାବଗ୍ରାହୀ



ସମ୍ୟଜିତ ପାତ୍ର

ତୁମ ଶରଣେ  କରି ଗୁହାରି
ଦରଶନ ଦିଅ ହେ ଭାବଗ୍ରାହୀ  ।
ଶୁଣ  ପ୍ରଭୁ ଅନ୍ତରର ବ୍ୟଥା
ହେ ପ୍ରଭୁ ଭାବଗ୍ରାହୀ ।

ଜଗତରେ ଆମେ ଅଛୁ ଭବ ସମୁଦ୍ରେ
ଉଦ୍ଧରିବା ପାଇଁ  ତୁମ ସୁଦୟା ହେଉ ।
ଚକା  ଆଖିରେ
ସବୁ ଜଗତକୁ  ଦେଖୁଛ
ତୁମେ ଥାଉ ଥାଉ
ଆମକୁ ଅବା କାହିଁ କାହାର ଭୟ ରହିବ  ।

ତୁମ୍ଭ ଲୀଳା ପ୍ରଭୁ ନାହିଁ  କାହାକୁ ଅଛପା
ଜାଣିଛି ଜଗତସାରା ।
ତୁମ ବିନୁ ଅବା  ଅମର କ'ଣ ହେବ
ଆମେ ତ ଅଭାଗା ପରା ।

ହରି ପ୍ରଭୁ ମନରୁ ଗରବ
ମନେ ଭର ଭକତିର ଭାବ,
ଚରଣରେ ରହି ଜପିବି ତୁମନାମ
ଏତିକି ଆଶିଷ ଦିଅ ।

ମିଛ ଛଳନାର ଏହିଯେ ବନ୍ଧନ
କେହିଯେ ନୁହେଁ କାହାରି,
ସଂସାର ଯାତନା ସହିଯେ ହୁଏନା
ସବୁ ଏଠି ବେଶଧାରୀ ।

ହେ  ଭାବଗ୍ରାହୀ
ଶୁଣ ଥରେ ମୋ ଗୁହାରୀ,
ଦୁଃଖ ପାରାବାରେରେ ଭାସୁଅଛି ମୁଁ ଯେ
ପାରିକର ଭାବଗ୍ରାହୀ.... ।

ଗ୍ରାମ ପୋଷ୍ଟ-ଗଡିଆ, ଜିଲ୍ଲା- ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଥରର ଆତ୍ମକଥା



ଝରଣା ବାରିକ

ନିହାଣ ମୁନର ଶକ୍ତ ପ୍ରହାରରେ
ଆଘାତ ସିନା ମୁଁ ସହେ,
ମୁଁ କେତେ ସୁନ୍ଦର ସତରେ ହେଇଛି
ଦେଖୁଥିବା ଲୋକ କହେ ।

ସେ କାହୁଁ ବୁଝିବ ଅନ୍ତର ବେଦନା
ମୁଁ କି ତାକୁ କହି ପାରେ
ପଥର ମୂର୍ତ୍ତି ମୁଁ କେମିତି କହିବି
ନିଷ୍ଠୁର ସେ ହେଇ ପାରେ ।

ତା ପାଇଁ ମୁଁ ଆଜି ମନ୍ଦିରେ ବସିଛି
ଖରା ଧାସ ବାଜେ ନାହିଁ,
ସେତିକି କଷ୍ଟ ବା ସହି ମୁଁ ନ ଥିଲେ
ମତେ କେ ପୂଜନ୍ତା କାହିଁ ।

ଗାଧୁଆ ତୁଠରେ ମନ୍ଦିର ବାହାରେ
ସେମିତି ମୁଁ ରହିଥାନ୍ତି,
କେ ଗୋଡ଼ ଘସନ୍ତା ନଡ଼ିଆ ପିଟନ୍ତା
ସୁଖ କାହିଁ ପାଇଥାନ୍ତି ।

ଯେତେ କଷ୍ଟ ମିଳୁ ତାକୁ ସହିଗଲେ
ନିଶ୍ଚୟ ମିଳିବ ସୁଖ,
ଯେତେଥର ସୁନା ନିଆଁରେ ପଡିଲେ
ତା ମହତ ଗୁଣ ଦେଖ ।

ସମଲ, ତାଳଚେର, ଅନୁଗୁଳ
ମୋବାଇଲ : ୯୫୫୭୮୪୭୯୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୀତା



ହାସ୍ୟମୟୀ ରାଜ

ତୁମେ ନୁହେଁ ପ୍ରେମିକା ସୁନ୍ଦରୀ
ଅବା ନୁହେଁ କେଉଁ ଅନୁଢା କିଶୋରୀ
ତୁମେ ସଂସାରର ସାରତତ୍ତ୍ୱ ପୁଣ୍ୟ ଶ୍ଳୋକାଃ
ଗୀତା
ନିରାଶା ମନରେ ଭର ଆଶା ଅଶୁମାରୀ
ପବିତ୍ର ଝଂକାର ତୋଳେ ଜୀବନଟା
ତୁମେ ହେଲେ ଚିର ସହଚରୀ ।।

ତୁମେ ପରମ ପୁରୁଷ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ
ଲେଖନୀରେ ତନ୍ନ ତନ୍ନ ଆହୁରି
ଅପରୂପା କଲେ ତୁମକୁ
ମହାନ ମହର୍ଷି ବ୍ୟାସଦେବ
ବିଷାଦରୁ ମୋକ୍ଷ ଦ୍ୱାର ଯାଏ
ଅଠର ଅଧ୍ୟାୟ ପୁଣି ଅଠରଟି ଯୋଗ,
ଦେଲ ମୋହାଚ୍ଛନ୍ନ ସଂସାରର ମୁକ୍ତିପଥ
କହିଦେଲ ଜୀବନ ନୁହେଁ ଖାଲି
ମାୟା ମୋହ ଅବା ସମ୍ଭୋଗ ।।

ସେଦିନ ବି ଖୋଲିଥିଲ
ଅର୍ଜୁନଙ୍କ ମନର ଦ୍ୱାରରୁ ମାୟାର ପରଦା
ଆଜି ହେଲ ପୁଣ୍ୟ ଶ୍ଳୋକାଃ ଗୀତା
ଆଜିବି କୁରୁ ପାଣ୍ଡବର ଯୁଦ୍ଧ ସବୁଠି
ଘରେ ବାହାରେ ମନରେ
ଆଉ ତୁମେ !!
ଭାଙ୍ଗିଦିଅ ମନରୁ ମାୟାର ଆସ୍ପର୍ଦ୍ଧା
ଅପସରିଯାଏ ଘନ କୁଝ୍‌ଝଟିକା
ପରମ ପବିତ୍ର ତୁମେ ଶୁଦ୍ଧା
ହୃଦୟକୁ କର ପୁଣ୍ୟପ୍ରଦା ।।

*ଓରାଳି, ହାଟଡିହି, କେନ୍ଦୁଝର ।*

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଆବେଦନ ପତ୍ର



ନାରାୟଣ ରାଉତ

କର୍ମକ୍ଷେତ୍ରେ ତୁମେ ବରିଷ୍ଠ ବଲି ଗୋ
ତେଣୁ କିଛି କହି ପାରେନା,
କନିଷ୍ଠ ପ୍ରେମକୁ କର ହେ ଗ୍ରହଣ
ବ୍ୟାକୁଳ ମୁଁ ତୁମ ବିନା ।
ଆପଣଙ୍କ ସ୍ମିତହାସ୍ୟ ମହାଶୟା
ହୃଦୟ ମୋ କିଣିନେଲା,
ଓଠ ଖୋଲି ଯେବେ ହସିଲ ମୋ' ପାଖେ
ଯୋଡ଼ା ଦାନ୍ତ ଦିଶୁଥିଲା ।
ସେହି ଯୋଡ଼ାଦାନ୍ତ କେତେ ଯେ ସୁନ୍ଦର
ନୟନେ ମୋ' ଝୁଲି ଯାଉଛି,
ରୂପୟସୀ ତୁମେ ଲାବଣ୍ୟବତୀ ଗୋ
ହସିଲେ ମହୁ ଝରୁଛି ।
ବୟସର ଅପରାହ୍ନରେ ଥାଇବି
ଦିଶୁଛ ଭାରି ସୁନ୍ଦରୀ
ସତ କହୁଛି ଆପଣଙ୍କ ତୁଲ୍ୟେ  କେହି ହେବେ
ନି ସରି ।

ଯୋଉଦିନ ଆପଣଙ୍କ ଆଖି ସଙ୍ଗେ
ମୋ ଆଖି ମିଶି ଯାଇଛି,
ସେଇ ଦିନ ଠାରୁ ଭୁଲି ପାରୁନାହିଁ
ଆପଣଙ୍କୁ ନିତି ଝୁରୁଛି ।
ପ୍ରେମ ଥାଲି ଧରି ଭିକ୍ଷାଂଦେହୀ ବୋଲି
କରୁଛି ମୁଁ ଆବେଦନ,
ପ୍ରେମ ଭିକାରୀକୁ ନିରାଶ୍ର କରି ଦିଅନ୍ତୁ
ଆଜ୍ଞୁଳେ ପ୍ରେମ ।
ମନର ବେଦନା ମନରେ ରହୁଛି
ଆପଣଙ୍କୁ କହି ପାରୁନି,
ହୃଦୟ ବାର୍ତ୍ତାରୁ ପ୍ରଣତୀ ଜାଳୁଛି
ଜାଣିବେ ମାଁ ବୀଣାପାଣି ।

ଦେହେଲପଡ଼ା,ଖଡ଼ିଆଲ,ନୂଆପଡ଼ା
ମୋ-୬୩୨୦୮୫୭୪୫୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ତିମ ଆହ୍ୱାନ



ପଙ୍କଜ କୁମାର ମଙ୍ଗଳ

ଜାଗ୍ରତ ହୁଅ ଜାଗ୍ରତ ହୁଅ ତ୍ୟାଗି ଦିଅ ସବୁ ମୋହ,
ଅତ୍ୟାଚାର ପାଇଁ ପ୍ରତିବାଦ କର ମନରେ ନ ରଖି ଭୟ ।
କେତେଦିନ ତମେ ବସୁନ୍ଧରା ପରି ଅତ୍ୟାଚାର ସହୁଥିବ,
ପ୍ରତାରଣା ପାଇଁ ଆଜି ନହେଲେ ପୁଣି କେବେ ମୁଁହ ଖୋଲିବ ।
କୁନ୍ଦୁଲିପରି କୋଣ ଅନୁକୋଣେ ରହିଛନ୍ତି ଅତ୍ୟାଚାରୀ,
ପ୍ରେମର ମୁଖଟା ଅହ୍ଲାଇ ଦେଇ ତମେ ଆସ ଥରେ ଖଣ୍ଡା ଧରି ।
ହାତପାତି କେବେ ଅଧିକାର ତୁମ ମାଗ ନାହିଁ କାହାଠରେ ,
ନିରବ ରୁହନି ଘଟିବ ଭାବି ଯାହା ଅଛି ଭାଗ୍ୟରେ ।
ନିଜର ଶକ୍ତି ଭୁଲ ନାହିଁ କେବେ ତମେ ଯେ ଶକ୍ତି ସ୍ୱରୂପିଣୀ,
ଭାବନାହିଁ କେବେ ନ୍ୟାୟ ତମ ପାଇଁ ଆଉକିଏ ଦେବ ଆଣି ।
ଜାଗ୍ରତ ହୁଅ ଜାଗ୍ରତ ହୁଅ ତମେ ପରିବର୍ତ୍ତନ ଆଣିବ,
ବିତିଥିବା କାଲି ନ ବଦଳିଲେ ବି ଭବିଷ୍ୟତ ହସିବ ।
ସଭ୍ୟ ସମାଜକୁ ଭରସା କରିଲେ ନିର୍ଯାତିତ ହେବ ପୁନର୍ବାର,
ଖୋଜନା କେବେ ନାୟିକା ତମ ପାଇଁ ଥିବେ ପଡିଶାଙ୍କ ଘର ।
ନ୍ୟାୟ ଦେବ ସିନା ନିଦ୍ରିତ ନୟନେ ବାନ୍ଧି ଛନ୍ତି କଳାପଟି,
ନ୍ୟାୟ ପାଇଁ ତମକୁ ଆସିବାକୁ ହେବ ଓଉର ଶିକୁଳି କାଟି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ସଭ୍ୟ ସମାଜ ଆଲୋକ ଦେଖାଏ ନିର୍ଯାତିତ ମଲାପରେ,

ଦୁଇ ଦିନ ପାଇଁ ରାଜନୀତି କରି ସବୁ ଦେଖେ ନୀରବରେ ।

ଯେଉଁଦିନ ତମେ ତମ ପାଇଁ ସୁରକ୍ଷା କବଚ଼ ହେବ,

ଅତ୍ୟାଚାରୀ ଅତ୍ୟାଚାର ପୂର୍ବରୁ ନିଶ୍ଚେ ଥରୁଟେ ଭାବିବ ।

ଅନ୍ତିମ ଆହ୍ୱାନ ଆଜି ତମ ପାଇଁ ଆସ ଥରେ ମୋ ସହିତ,

ପ୍ରତିବାଦ କଲେ ଅନ୍ୟାୟ ହଟିବ ସେଥିରେ ସଭିଙ୍କ ହିତ ।

ଧର୍ମ ରକ୍ଷା ପାଇଁ ଅନ୍ତିମ ଶଙ୍ଖ ଧ୍ୱନି ବାଜି ଉଠୁ ସବୁ ସ୍ଥାନ,

ଲଙ୍ଘିଆସ ତମେ ସବୁ ସୀମାରେଖା ଅନ୍ୟାୟ ହେବ ନିଶ୍ଚିହ୍ନ ।

ସା- ବଡପାହି, ଭୋଗରାଇ, ବାଲେଶ୍ୱର
ଓଡ଼ିଶା, ପିନ୍-୭୫୬୦୩୭
ମୋ- ୭୭୪୯୯୩୭୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନିଯିବି ସମ୍ରାଜ୍ୟରେ ସମ୍ରାଟ



ପ୍ରଦୀପ କୁମାର ଜିଲିକାରା

ମୁଁ କର୍ଣ୍ଣ, ମୁଁ ସୁତ ପୁତ୍ର
ମୋର ଯୁଦ୍ଧ କ୍ଷେତ୍ରରେ ପ୍ରବେଶ
କରିବାର ଅଧିକାର ନାହିଁ
ନୀଚ କୁଳରେ ଜନ୍ମ ନେଇ
ସମାଜରେ ହୋଇଯାଇଛି ମୁଁ ନ୍ୟୁନ
କୌଣସି କୁଳ ବର୍ଗରେ ଜାତ ହେବା
ଦେବତାଙ୍କ ଅଧୀନରେ ଥାଏ
କିନ୍ତୁ ମୁଁ ମୋର ପୌରୁଷ ବଳରେ
ମୋର କର୍ମକୁ ସାର୍ଥକ କରି ଦେଖାଇବି
ନୀଚ କୁଳରେ ଜାତ ବୋଲି କଣ
ଶିକ୍ଷା ଗ୍ରହଣ କରିପାରିବି ନାହିଁ
ନା କୌଣସି ପ୍ରତିସ୍ପର୍ଦ୍ଧା ଯୁଦ୍ଧକ୍ଷେତ୍ରରେ
ଅଂଶ ଗ୍ରହଣ କରିପାରିବି ନାହିଁ
ମୋର ନୀଚକୁଳ ବର୍ଗ ଜାତିପାଇଁ କଣ
ଗୁରୁ ପର୍ଶୁରାମ ମୋତେ ଅଭିଶାପ ଦେବେ
ଗ୍ରହଣ କରିଥିବା ସମସ୍ତ ଶିକ୍ଷାକୁ
ସଠିକ୍ ସମୟରେ ଭୁଲି ଯାଇ
ମୋର ଅଧଃପତନ ଘଟିବ
ନା କଣ ଅର୍ଜୁନକୁ ଜିତାଇବା ପାଇଁ
ବୋଲି ମୋତେ ହାରିବାକୁ ପଡିବ
ନା ମୋତେ ଷଡଯନ୍ତ୍ରରେ ପକାଇ
ମୋ ଠାରୁ ବଜ୍ର କର୍ଣ୍ଣ କୁଣ୍ଡଳ କବଚ
ଲୁଣ୍ଠନ କରି ନେଇଯିବେ
ନିଶ୍ଚୟ ମହାମାନୀ ମାନଗୋବିନ୍ଦ
ମୋର ଶକ୍ତି କ୍ଷମତାକୁ ବୁଝି ପାରିବେ
ମୁଁ ମଧ୍ୟ ହେବି ସମ୍ରାଟ
ମୁଁ ମଧ୍ୟ ଯୁଦ୍ଧର ପ୍ରତିସ୍ପର୍ଦ୍ଧା ପ୍ରତିଯୋଗିତାରେ
ଭାଗ ନେଇ ନିଶ୍ଚୟ ଜୟ ଲାଭ କରିବି
ସୁତ ପୁତ୍ର ହୋଇ ଅନ୍ୟ ମହାରଥୀ ରଥର
ସାରଥୀ ମୁଁ ସାଜିବି ନାହିଁ
ମୁଁ ଚଲାଇବି ନାହିଁ ରଥ
ବରଂ ମୁଁ ମଧ୍ୟ ଜଣେ ମହାରଥୀ ଭାବେ
ସମ୍ରାଜ୍ୟରେ ପ୍ରସିଦ୍ଧି ଲାଭ କରିବି
ସମ୍ରାଜ୍ୟରେ ମହାରଥୀ ନାମରେନାମିତ ହେବି
ବନିଯିବି ସମ୍ରାଜ୍ୟରେ ସମ୍ରାଟ, ଅଧିନାୟକ

ହାଡ଼ଶିଙ୍ଗୁଲା, ରାୟଗଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘଟଗାଁ ତାରିଣୀ



ରାମଚନ୍ଦ୍ର ପ୍ରଧାନ

ଘଟଗାଁ ତାରିଣୀ  ଦୁଃଖ ହାରିଣୀ ମା
ସଂକଟେ ହେଉ ତୁ ସାହା
ବିପଦରେ ପଡ଼ି  ତୋତେ ସୁମରିଲେ
କରିଥାଉ ତୁହି ଆହା ।

ବିପଦ ଭଞ୍ଜନୀ  ନଡ଼ିଆ ରାଣୀ ତୁ
ମହିମା ମମତା ଭରା
ତୋ ପଣତ ଛାଇ  ସେନେହରେ ବୋଳା
କରୁଣା ପୁଣ୍ୟର ଧାରା ।

ସିନ୍ଦୂର ଶୋଭିତା  ମନ୍ଦାର ମଣ୍ଡିତା
ଜୟ ଜୟ ମା ତାରିଣୀ
ତ୍ରିପୁର ବନ୍ଦିତା  ଜଗତ ପୂଜିତା
ତୁହି ମା ବିଶ୍ୱ କଲ୍ୟାଣୀ ।

ଭାବର ଇପ୍ସିତା  ଇଚ୍ଛାର ସମ୍ଭୂତା
ଲୀଳା ତୋ ଜଗତଜିତା
ଦେହୁରୀ ସେବିତା  ବିଶ୍ୱ ଜନହିତା
କୃପାମୟୀ ଆଦିମାତା ।

ତୋ ପରିକା ମାଆ ସଂସାରରେ ଥିଲେ
ନ ଥାଏ କାହାର ଡର
କିଏ ନ ଜାଣିଛି  କରୁଣା ତୋହର
ଅଟେ ଅନନ୍ତ ଅପାର ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତୁରି



ଲଳିତ କୁମାର ସ୍ୱାଇଁ

ସତୁରି ବର୍ଷରେ ପୁଣି ଦେଖା ହେବ
ଶ୍ରଦ୍ଧାରେ, ଆଦରି କୋଳେଇ ନେବାକୁ
କଳ୍ପନା ନେତ୍ରରେ ଚିନ୍ତା ମୁଁ କରିନି ଏବେ କି କେବେ
ମନରେ ଅନେକ ପ୍ରଶ୍ନବାଚୀ, ଉଠୁଛି ଏବେ ।

ସେଦିନ ଶେଷ ଦେଖା ଦେଇ କଲେଜ ଫାଟକରୁ
ଫେରି ଆସିଥିଲି, ଲିଭାଇ ତମ ପାଦ ଚିହ୍ନ,
ମୋ ମନର ସିଲଟରୁ,
ନିଶ୍ଚେ ଭୁଲ ବୁଝିଥିବ ମତେ, ଆଉ ମୋ ଭଲ ପାଇବାକୁ
କରିଥିବ ଧିକ୍କାର, ମତେ ଆଉ ମୋ ହୃଦୟକୁ ।

ହୃଦୟରୁ ଏଯାଏ ଲିଭେଇ ପାରିନି, ତୁମ ପ୍ରତିଛବି
ଚିକ ଚିକ କରୁଥିବା ତୁମ ପୋଷକର ସେ ଚୁମୁକି
ମଧୁ ଭରା କଥା, ସ୍ମିତହାସ୍ୟ ଚେହେରା
ଘନ କୃଷ୍ଣ କେଶ ରାଶି, ରୂପ ଅପାଶୋରା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେଦିନ ସତୁରି ବର୍ଷୀୟ ତମ ରୂପକୁ କଳ୍ପନା କରି
ଭାଙ୍ଗି ପଡ଼ିଥିଲି, ଅନ୍ତର୍ଦେଶ ଶତ ଖଣ୍ଡେ ହୋଇଥିଲା ଚିରି
ମଳିନ ପଡି ଯାଇଥିବ ମୁଖର ଔଜଲ୍ୟ
ଝୋଟ ଭଳି ଦିଶୁଥିବ ଘନ କୃଷ୍ଣ ବାଳ ।

ଶିଥିଳି ଯାଇଥିବ ତବ ଗୋରା ଗୋରା ଚର୍ମ
ନଥିବ ସୁନ୍ଦର ଶାଢ଼ୀ , ରୁପା ଜରି ଲଗା କାମ
କାଳେ ମୋ ନୟନ ଦେଖି ଏପରି ରୂପକୁ
ଡରିଥିଲି , ସେଦିନ ଏ ଆଶଙ୍କାରେ
କଲେ ହୃଦୟ ପଛେଇବ ତୁମକୁ ଭଲ ପାଇବାକୁ ।

ମୋ ଭଲ ପାଇବାର ଅଗ୍ନିକୁ ,ସେଦିନ ଭଳି
ସବୁଦିନ ଜାଳି ରଖିବାକୁ,
ସେଦିନଠୁ କେବେ ଦେଖିନି, କି ଚେଷ୍ଟା ବି କରିନି
ଆଜିଯାଏ, କିନ୍ତୁ ସେତିକି ଆଉ ସେମିତି ରଖିଛି
ତମ ଭଲ ପାଇବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ମନ ମନ୍ଦିରରେ, ନିଜକୁ ସଜେଇ ପୂଜାରିଣୀ ।

ଯେଉଁ ରୂପକୁ କଳ୍ପନା କରି, ସେଦିନ ଛାଡି ଯାଇଥିଲି

ଆଜି ବାସ୍ତବରେ ଦେଖି ପାରୁନି ସମ୍ଭାଳି

ଥରଟିଏ ଦେଖିବାକୁ ଥିଲା ଅନ୍ତିମ କାମନା,

ଶାନ୍ତିରେ ପାରିବି ଏବେ ଯାଇ ସେପାରିକୁ,

ଧନ୍ୟବାଦ ତୁମକୁ ପୁରା କଲ ମୋର ଶେଷ ସମ୍ଭାବନା ।

ନନ୍ଦଳା, (ରାମଲେଙ୍କା), ୭୫୨୦୩୨, ପାରିକୁଦ, ପୁରୀ

୮୩୨୮୮୯୮୯୦୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶୀତମୋହିନୀ



ଆୟୁଷ୍ମାନ ତ୍ରିପାଠୀ

ଛଅ ଭଉଣୀ ଧରି ସପ୍ତ ରଞ୍ଜନ
ଧରା ପୃଷ୍ଠେ କରନ୍ତି ଅବରୋହଣ
ସର୍ବେ ସାଜନ୍ତି ସ୍ୱକାଳେ ନୀରକ୍ଷୟ
ଦମନ ନହୋଇ ସାଜନ୍ତି ଅଜୟ ।
ପ୍ରଚଣ୍ଡ ର ସହ ଝିପିଝିପି ଘନ
ନିର୍ମଳ ତରୁଣ ଜାଡତ୍ୱ ପ୍ରବୀଣ
ମଧୁମଳୟ ର ପୁର୍ବୁ ସେ ପ୍ରକାଶ
ଜାଡମୟ ଧରା ହୁଏ ଶୀତାଭାସ ।
ବ୍ୟାପ୍ତ କରି ସର୍ବ ବସୁନ୍ଧରା ଭୂମି
ନିର୍ଝର ଝରଇ ଅନଳର ଊର୍ମୀ
ଅନୀଳ ହୁଅଇ ଅନଳ ଯେସନ
ପୃଥିବୀ ରେ ହୁଏ ଶୀତର ଶାସନ ।
ଶ୍ୱେତ ପାଟ ସହ ବିଭୁଷିତ ଧରା
ଉଷାର ଆବେଶେ କୁହୁଡି ରେ ଭରା
ଭୁପୃଷ୍ଠ ଦିଶଇ ଅତି ମନୋହରା
ସତେ ଏ ଶୀତ ର କୁହୁକ ନିଆରା ।
କେବେ ଲାଗେ ମହୀ ଶ୍ୱେତ ମନ୍ଦାକିନୀ
ଅବା ଚନ୍ଦ୍ର ନିକି ଶୀତଳ ମୋହିନୀ
ସୁବର୍ଣ୍ଣ ଖେଳାଏ ତା କୃଷ୍ଣ ଗରଭେ
ହସ ଫୁଟିଉଠେ ସାରା ରସା ନଭେ ।
ତୁଷାର ତୃଷା ରେ ଅଧିର ବସୁଧା
ଶୀତ ଆଗମନେ ପିଏ ରୁପସୁଧା
କାକର କୁହୁଡି କାର୍ତ୍ତିକେ ପ୍ରବର
ଆସଇ ରାଜୀବ ମୃତ୍ୟୁ ର ଖବର ।
ଅଗ୍ନି ଏକମାତ୍ର ଶୀତରେ ଭରସା
ଜାଡତ୍ୱ ରେ ସେହି ଶୀତମୟ ନିଶା
ବ୍ୟାଘ୍ର ରୁପେ ଶୀତ ରସା ଆସେ ମାଡି
ଶୀତ ଶାସନ ରୁ କିଏ ମୁହଁ ମୋଡି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୀତମୋହିନୀ ର କୁହୁକ ଆବେଶେ

ସାରା ଧରା କ୍ଷେତ୍ର ଭାସେ ନିଶାକାଶେ

ବୋଇତ ପରବ ମାଣବସା ପୁଜା

ଧାନ୍ୟ କଟା ସହ ମାନ ହୁଏ ପ୍ରଜା ।

ନୀଳକଣ୍ଠ ପୁଜା ପାଇଥାନ୍ତି ଶୀତେ

ମହାଶିବରାତ୍ରୀ ଦିଏ ପୁଣ୍ୟ ସତେ

ପ୍ରଚଣ୍ଡ ଜାଡ ରେ ତନୁ ପାଏ ଘାତ

ଶୀତ ଦିଏ ସର୍ବ ଜଡ ପ୍ରତିଘାତ ।

ସିନ୍ଦେକେଲା, ବଲାଙ୍ଗିର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରାରବ୍ଧର ଫଳ



ଅଲେଖ ମେହେର

ରାଗ----ମଙ୍ଗଳ

କାମନାର ଜାତବେଦ ଆଣେ ପ୍ରମାଦ,
ଦୁଃଖ ଲୋତକରେ ଭରା ମନ ବିଷାଦ ।
ଭ୍ରମାଏ ଭ୍ରମରେ ରସା କରି ପ୍ରମୋଦ,
ମନ ସରସୀ ଜନ୍ମାଏ ପୁଷ୍ପ କୁମୁଦ ।
ସ୍ୱାର୍ଥ ସଜାଇ ସାରଥି ଅଣ୍ଟାକୁ ଭିଡି,
ଷଡରିପୁ ସାଜନ୍ତି ତହିଁରେ ଦଉଡି ।
ବିବେକ ବନ୍ଦୀ ଗୃହରେ କଟାଏ କାଳ,
ନହେବାଯାଏ କର୍ତ୍ତନ କାୟାରୁ ବଳ ।
ଘୁରାଏ ବାସନା ଜାଳେ ଦେଖାଇ ମାୟା,
ନ୍ୟାୟ ବରଜିତ କର୍ମେ ବିସ୍ତାରି କାୟା ।

ହସ ଲୁହ ରାଗ ରୁଷା ଏସବୁ ଛଳନା,
ପ୍ରାରବ୍ଧରେ ଅର୍ଜିଥିବା ସ୍ୱଚ୍ଛ ଆଇନା ।
ଭୋଗିବାକୁ ପଡେ ସୁଖ ଦୁଃଖ ଜାତନା,
ତେବେ କିଆଁ ପ୍ରିୟ ସଖା ଏତେ ସୋଚନା ।
ଆସ ବଞ୍ଚିବା ସେହି ମହାକାଳ ଆଶେ,
ଷଡରିପୁର ଦମନେ ମହା ଉଲ୍ଲାସେ ।
ଚତୁର୍ବର୍ଗ ଫଳପ୍ରାପ୍ତି ହେଉ ନ ହେଉ,
ପରମାତ୍ମାଙ୍କ ସ୍ମରଣେ ଜୀବନ ଯାଉ ।
ଆଶା ଭବିଷ୍ୟତର ହେବ ଉଜ୍ଜୀବତ ,
ଚରଣ ତଳେ ତାଙ୍କ ସଦା ରହୁ ମାଥ ।

ସୋହେଲା, ବରଗଡ଼
ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହିଁକି ଆସିଥିଲ ପ୍ରିୟା ତୁମେ



ହେମନ୍ତ ନାଏକ

କାହିଁକି ଆସିଥିଲ ପ୍ରିୟା ତୁମେ ......

ନଥିଲା ସେଦିନ ଶ୍ରାବଣର ବାରିଧାରା
ନଥିଲା ମେଘର ଟଙ୍କାର ଶବ୍ଦ
ନଥିଲା ବେଙ୍ଗବେଙ୍ଗୁଳି ର ମିଳନ ରାବ.....

ତଥାପି ବରଷିଗଲ ଏଇ ଶୁଷ୍କ ହୃଦୟରେ
ଶୋଷ ମେଣ୍ଟେଇବାକୁ ନା ବନ୍ୟାରେ ଭସେଇ ଦେବାକୁ ।।

ନଥିଲା ସେଦିନ ସେହି ବସନ୍ତ ର ଆଭା
ନଥିଲା ମଳୟର ମୃଦୁମୃଦୁ ଗନ୍ଧ
ନଥିଲା କାମନା କି ଉଦବେଗ.......

ତଥାପି ତୁମେ ପଶିଆସିଥିଲ ଜଗମୋହିନୀ ରୂପସାଜି
ଧ୍ୟାନ ଭାଙ୍ଗିବାକୁ ନା ସାରା ଜୀବନ କନ୍ଦେଇବାକୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନଥିଲା ମୋପାଖେ କନ୍ଦର୍ପର ଲାବର୍ଣ୍ୟ ରୂପ

ନଥିଲା ରାଜମହଲ ର ବୈଭବ ରାଜସୁଖ

ନଥିଲା ସୁଦୃଢ଼ ମୋର ପାରିପାର୍ଶ୍ୱିକ .....

ତଥାପି ଆସିଥିଲ ତୁମେ ବିଜୁଳି ପରାୟେ

ଆଲୋକିତ କରିବାକୁ ନା ଜାଳିପୋଡି ଭସ୍ମ କରିବାକୁ ।

କିରାବାହାଲ, ପାଟଣାଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ ଆଉ ବାସ୍ତବତା



ରଶ୍ମୀରେଖା ମଲ୍ଲିକ

ସ୍ୱପ୍ନ ତ ଖୋଜେନା ବାସ୍ତବତା ଚିହ୍ନ
ବୁଝେନା ତା'ର ଠିକଣା
ସ୍ୱପ୍ନ ପାଇଁ ସାରା ଦୁନିଆ ରଙ୍ଗୀନ
ହେଲେ ବାସ୍ତବତା ବାଟ ବଣା ।।

ସ୍ୱପ୍ନ ଦେଖୁଥାଏ ମରତପୁରୀରେ
ଅମରାବତୀର ଛାୟା
ବାସ୍ତବତା ଆଜି ଠିକଣା ହଜାଇ
ଖୋଜୁଛି ନିଜର କାୟା ।।

ସ୍ୱପ୍ନ ଚାହୁଁଥାଏ ପରୀ ରାଇଜରେ
ତୋଳିବାକୁ ଭବ୍ୟ ଘର
ବାସ୍ତବତା କିନ୍ତୁ ଯାତନା ସହିଣ
ହୋଇଯାଏ ଚୁରମାର ।।

ସ୍ୱପ୍ନ କ୍ଷଣପ୍ରଭା ଜହ୍ନର ଜୋଛନା
ଅଦିନେ ଯାଏ ମଉଳି
ବାସ୍ତବତା ସଦା ବିରହ ନିଆଁରେ
ମରୁଥାଏ ଜଳି ଜଳି ।।

ସ୍ୱପ୍ନ ଦିଗହରା ଅଟଇ ଅସୀମ
କଳ୍ପନା ତା' ଅସୁମାରି
ବାସ୍ତବତା ସୀମା ଅଟଇ ସୀମିତ
ସ୍ୱପ୍ନ ସତ ହେଲେ ଯାଏ ସରି ।।

ସ୍ୱପ୍ନ ଉର୍ମିମାଳା ନୀଳ ସାଗରର
ନିମିଷେ ଯାଅଇ ଭାଙ୍ଗି
ବାସ୍ତବତା ଅଟେ ଅଟଳ ପାହାଡ
ଅଭିଳାଷ ନଭଶ୍ଚୁମ୍ବୀ ।।

ଶ୍ରୀଜଙ୍ଗ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଳାଶ କୁସୁମ



ବାସନ୍ତୀଲତା ଜେନା

ପଳାଶ କୁସୁମ ରୂପରେ ସୁନ୍ଦର
ଗୁଣ ତାର କିଛି ନାହିଁ
ନାଲି ଟହ ଟହ ସୁରଭି ବିହୀନ
ନ୍ୟୁନ ତାରେ ଗଣା ଯାଇ ।୧।

ଶୀତର ଶେଷରେ ବସନ୍ତ ଆଗମେ
ଫୁଟି ଦିଶୁଥାଏ ତୋରା
ଦୂରରୁ ସୁନ୍ଦର ମନ ମୁଗ୍ଧ କର
ପାଶେ ବାସ ନାହିଁ ପରା ।୨।

ପତ୍ରହୀନ ଡାଳେ ରଙ୍ଗ ଭରି ଦିଏ
ପେନ୍ଥା ପେନ୍ଥା ପୁଷ୍ପ ହୋଇ
ଆଦର ନ ଥାଇ ତଳେ ଲୋଟି ଯାଏ
ନାଲିଆ ଗାଲିଚା ହୋଇ ।୩।

ରୂପ ପାଇ ଅଛି ଧରାରେ ହସୁଛି
ଅଭିଶପ୍ତ ପ୍ରାଣ ତାର
ତଥାପି ଶୋଚନା ତା ମନରେ ନାହିଁ
ହସ ଖୁସି ଝରଣାର ।୪।

ଦେବା ଦେବୀ ପାଖେ ପୂଜିତ ନ ହୁଏ
ହୁଏ ବର୍ଷକରେ ଥରେ
ଶିବ ରାତ୍ରି ଦିନ ଶିବ ମସ୍ତକରେ
ପଳାଶ ଅରଖ ଶୋହେ ।୫ ।

ଏକ ଦିନ ପାଇଁ ସବୁରି ଆଦରେ
ସୁଭାଗ୍ୟଶାଳୀ ସେ ହୁଏ
ସାରା ଜୀବନରେ ଦୁଃଖ ଭୁଲି ଯାଇ
ପ୍ରଭୁ ଧନ୍ୟବାଦ ଦିଏ ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତିକି ପାଇଛି ସେତିକିରେ ଖୁସି
ଅଭିମାନ କରେ ନାହିଁ
ମନୁଷ୍ୟକୁ ଶିକ୍ଷା ସେତ ଦେଉ ଥାଏ
ମନ ଊଣା କର ନାହିଁ ।୭।

ଯାହା ଭାଗ୍ୟେ ବିହୀ ଯାହାତ ଲେଖିଛି
ସେଥିରେ ସନ୍ତୁଷ୍ଟ ହୁଅ
ଜୀବନ ମରଣ ବିଧାତା ଲିଖନ
ତାକୁ ମନେ ରଖି ଥାଅ ।୮।

ହସି ହସାଇବା ଦୁଃଖ ଲିଭାଇବା
ସ୍ନେହ ପ୍ରେମ ଖୁସି ଦେଇ
ଗଙ୍ଗଶିଉଳୀର ଆୟୁଷକୁ ନେଇ
ସୁବାସ ଦେବା ବିଛାଇ ।୯।

ଗାନ୍ଧିନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଅଛ ବୋଲି



ତପନ କୁମାର ସାହୁ

ମନ ଉଦ୍ୟାନରେ ତୁମେ ଅଛ ବୋଲି
ସବୁବେଳେ ଧିମା ଧିମା ବାସ୍ନା
ନିଶ୍ୱାସ ରେ ପ୍ରଶ୍ୱାସରେ ଲୀନ
ଏବେ ମୋର ଅଙ୍ଗେ ଅଙ୍ଗେ ଖେଳୁଛି
ମହକୁଛି ଦେହ ଚନ୍ଦନ ଚନ୍ଦନ ।।

ମୋ ନିରବତା ରେ ତୁମେ ଅଛ ବୋଲି
ଅନୁଭବୁଛି ମୋ ହୃଦୟର ହୃଦ୍ସ୍ପନ୍ଦନକୁ
ଦେଖି ପାରୁଛି ମୋ ଆଖିର ଲୁକାୟିତ ଲୁହକୁ
ଶୁଣିପାରୁଛ ମୋ କଷ୍ଟଦାୟକ କୋହକୁ
ଲାଘବ କରୁଛି ମୋ ଜର୍ଜରିତ ଯନ୍ତ୍ରଣାକୁ ।।

ମୋ ଏକଲାପଣରେ ତୁମେ ଅଛ ବୋଲି
ବାଣ୍ଟିଦିଏ ତୁମ ସାଥେ କୋହ ଆଉ ଲୁହ
କେନ୍ଦ୍ରୀଭୂତ କରେ ସମସ୍ତ ଲୟକୁ
ତୁମ ନୟନର କଳା କଳା ଡୋଳା ଉପରେ
ହଜିଯାଏ କିଛିକ୍ଷଣ ତୁମ ଅନ୍ତର ରାଜ୍ୟରେ ।

ମୋ ଅତୀତରେ ତୁମେ ଅଛ ବୋଲି
ବିତି ଯାଇଥିବା ତମାମ୍ ଆୟୁଷ ମାନେ
ଲୁଚିବାର ବାହାନା କରି କରି ଥକି ପଡନ୍ତି
ବର୍ତ୍ତମାନକୁ କଷ୍ଟ ଦେବାରେ ମିଳେ
ତାଙ୍କୁ ଶାନ୍ତିର ଶାନ୍ତିସ୍ତୁପ ।।

ମୋ ଲେଖାରେ ତୁମେ ଅଛ ବୋଲି
ଆଜି ବି ମୋ ପୁରୁଣା ଡାଏରୀ ଫାଙ୍କରେ
ଗୋଲାପଟେ ଶୁଖିକି ପଡ଼ିଛି
ବେଳେ ବେଳେ ଇଚ୍ଛା ହେଲେ ଗପୁଛି
ମୟୂର ଚନ୍ଦ୍ରିକା ସାଥେ
ଆବୃତୀ କରୁଛି ପୁରୁଣା ସ୍ମୃତିକୁ ।।

ବେଲଗାଁ, ମ.ରାମପୁର
କଳାହାଣ୍ଡି,ମୋ.୯୦୧୯୩୧୧୮୬୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟା



ଜଗନ୍ନାଥ ରଥ

ଗ୍ରୀଷ୍ମ ଖରାରେ ଚାଲୁଥିବାବେଳେ
ଭାରି ମନେପଡେ ତମ ଓଢଣିର ଛାଇ
ଯେଉଁ ଓଢଣିରେ ତମେ ମୋର ମୁହଁ
ପୋଛିଦିଅ
କଲେଜ ପିଣ୍ଡାରେ ଥାଇ..

ବର୍ଷା ଦିନର କି କଥା କହିବି..
ଭିଜି ଭିଜି ଗଲା ବେଳେ
ତମ ହାତ ତିଆରି ସେ ଚାହା କପେ ପାଇଁ
ମନ ସଦାବେଳେ ଝୁରେ....

ତମେ ତ ଜାଣିଚ ଶୀତର ପ୍ରଭାବ
ଆମର ସେପଟେ କେତେ..
ତମ ଆଲିଙ୍ଗନେ ଯୋଉ ଉଷ୍ମତା ମିଳେ
ଶୀତ ବସ୍ତ୍ରରେ ନାହିଁ ସତେ..

ବସନ୍ତ ଋତୁ ରେ ମଳୟ ସମୀରେ
ତମ ହାତ ଧରି ଗଲା ବେଳେ..
କୃଷ୍ଣଚୂଡ଼ା ଫୁଲ ମନେ ହୁଏ ସତେ
ପାରିଜାତ ଫୁଲ କି ସେ..... ।।।

ଘୁ. ଉଦୟଗିରି, କନ୍ଧମାଳ
ପିନ୍ ନଂ- ୭୬୨୧୦୦
ଯୋଗାଯୋଗ - ୯୪୩୭୫୨୩୯୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଆରା ଅପରୂପ ଧାରା



ଆଶୁତୋଷ ମେହେର

ହୃଦୟ କନ୍ଦରେ ପ୍ରତିଧ୍ୱନି ଢାଳେ କବିତା ର ଗୁଞ୍ଜରଣ
ଆତ୍ମା ପରଆତ୍ମା ସ୍ୱର୍ଗୀୟ ମିଳନ ମହକଇ ମନପ୍ରାଣ ।
ସ୍ଫଟିକ ପରାଏ ଢଳଢଳ ନାଚେ ମନ ଶତଦଳ ପଟେ
ଝଲକରେ ତାର ଶିହରଣ ଭରା ଭାବନା ରାଇଜେ ତୁଟେ ।

ଝରିଝରି ଯାଏ କବିତା ର ପଦ କୁଳୁକୁଳୁ ତାନ ଭରି
କୋଇଲି କଣ୍ଠରେ ପ୍ରେମ ଆବେଦନ ହୃଦୟକୋଣ ଆବେରି ।
ପଲକରେ ନାଚେ ଛାଇ ସେ କାହାର ସାତ ସୁରେ ହୋଇ ବନ୍ଧା
ମନ ଅଗଣାରେ ଘୁଙ୍ଗୁର ନାଇକି ହାତ ପାଦେ ଗୀତ ଛନ୍ଦା । ।

ଛାଇ ଓ ଆଲୁଅ ଖେଳ ଭିତରେ ହିଁ ସରସ ମଧୁର ରାଗ
କବିତା ନିଆରା ଅପରୂପ ଧାରା ମନରେ ପିରତି ଭାବ ।
ଭାବନା ରାଇଜେ ଇନ୍ଦ୍ରଧନୁ ରଙ୍ଗେ ମତୁଆଲା ଛାଇ ଖେଳ
ଶିହରଣ ଭରେ ମନ ଆକାଶରେ କେହି ନୁହେଁ ତା'ରି ତୁଲ । ।

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪, ଦୂରଭାଷ ୯୪୩୭୦୮୫୩୯୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ମୁର୍ଗୁଣୀ



ମନୋରଞ୍ଜନ
ସୁରୁଜାଲ

ତୁମେ ମହାସିନ୍ଧୁ ମୁଁ ଶୁଖିଲା ଧାରା
ହାତ ପାହାନ୍ତା ଠୁ ଦୂର,
ମିଶିବି କେମିତି ମୁଁ ଜେ ଭାଗ୍ୟହୀନ
ଗୁହାରି ଶୁଣୁ ନ ମୋର ।
କରି ଜପ ଧ୍ୟାନ ମନନ ଚିନ୍ତନ
ବିଜ ମନ୍ତ୍ରକୁ ସଦା,
ଭଜି ସେହି ନାମ ନିଶ୍ୱାସର ତାଳେ
ମୁଁ ନୁହେଁ ମୀରା କି ରାଧା ।
ଅନେକେ ପାଇଲେ ଭକତ ମାଧବ
କେଉଁଠାରେ ଅଛ କୁହ ?
ତୁମେ ଥାଉଁ ଥାଉଁ ବାଟ ବଣା ମୋର
ଆଖିରୁ ଝରୁଛି ଲୁହ ।
କାଷ୍ଠ ପାଷାଣରେ ଅଣ୍ଡାଳି ଅଣ୍ଡାଳି
ପାଏ ନାହିଁ କାହିଁ ଦେଖା,
ଦୁଃଖ ବନ୍ଧୁ ବୋଲି ଆଶରା କରିଛି
ଭକ୍ତ ପରା ତୁମ ସଖା ।

ଆହେ ମହାବାହୁ କରୁଛି ବିନତୀ
ଶୁଣ ଅଳି ଅରଦଳି,
ପଦ୍ମପାଦ ତଳ ମୋ ପାଇଁ ସରଗ
ଖୋଜେ ଗଳିକନ୍ଦି ଖାଲି ।
ସଂସାର କୁହୁଳେ ସ୍ୱାର୍ଥର ନିଆଁରେ
ତୁମ ଠିଁ ଅଭୟ କାନ୍ତି,
ଅନ୍ଧର ଲଉଡି ମୋର ଆଶାବାଡି
ତୁମେ ଅଖଣ୍ଡ ପ୍ରଶାନ୍ତି ।
ଅଛ ମଉନରେ କେଉଁ ସଦନରେ
କରାଅ ନେତ୍ର ଦର୍ଶନ
ମନ ମୁରୁଗୁଣୀ ହୁଏ ମନେ ଗୁଣି
ଶୁଣ ଆରତ ଭଞ୍ଜନ ।

ଅଇଁଲାପାଲି ଧମା ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମଧୁଛନ୍ଦା



ରିପୁନ୍ ଜୟ
ମହାପାତ୍ର

ହେ ମଧୁ ଛନ୍ଦା.......

ତୁମେତ ସେ ଦୂର ପାହାଡ ପରି
ନିଶ୍ଚଳ, ନିରବ ।
ତୁମେପରା ସେ ମରୁଭୂମି ପରି
ମିଛ ମରିଚିକା । ।

ତୁମେତ ସେ ନୀଳ ସାଗର ପରି
ପୁର୍ଣ୍ଣିମା ଜୁଆର ।
ତୁମେତ ସେ ଦିଗବଳୟ ପରି
ଭାସମାନ ଢେଉ । ।

ତୁମେତ ସେ ଦିବାକର ରଶ୍ମି ପରି
ପ୍ରଖର କିରଣ ।
ତୁମେତ ସେ ନିଶାକର ଜୋସ୍ନାପରି
ଶୀତଳ ମଧୁର । ।

ତୁମେତ ସେ ସୁମନର ବାସ ପରି
ସୁବାସିତ ସୁନ୍ଦର ।
ତୁମେତ ସେ କୋଇଲିର ତାନ ପରି
ମଧୁର ସୁସ୍ୱର । ।

ତଥାପି ହେ ମଧୁ ଛନ୍ଦା....
ଅବାସ୍ତବ ତୁମେ ମୋ ସ୍ୱପ୍ନ ବାସ୍ତବ
କାହିଁକି ନା ମୁଁ ସପନରସୌଦାଗର । ।

ବାମଦେଇପୁର, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରେଷ୍ଠ ଗହଣା



ଗୁପ୍ତେଶ୍ୱର ଚାନ୍ଦ

ଶୁଣ ଲୋ ବଉଳ  କହିବି କଥାଏ
ଶୁଣିବୁ କି  ମନ ଦେଇ  ?
ଏ କଳି କାଳରେ ରୀତି ମାନ ଦେଖି
ମଥା ମୋହର  ଘୂରଇ  ।୧  ।

କୂଳ -ବଧୂ କୂଳ ମର୍ଯ୍ୟାଦା ଭୁଲିଣ
ମଥାରେ ନାଏ ଟିକିଲି  ।
ମୁକୁଳା କରିଣ କେଶ ରାଶି ବୁଲେ
ମୁଣ୍ଡରୁ ଓଢ଼ଣା ଖୋଲି  ।୨  ।

ଶାଶୁ ଦେଢ଼ଶୁର ନଣନ୍ଦ ଦିଅର
ଗୁରୁଜନଙ୍କୁ ନ ମାନି ।
ଅପମାନ କଥା କହି ଦିଏ ବ୍ୟଥା
ନିଜକୁ ଭାବଇ ଜ୍ଞାନୀ  ।୩ ।

ପାଠୁଆ ବୋଲିଣ କରେ ଅଭିମାନ
ନାହିଁ ଟିକେ ଶାଳିନତା  ।
କଥା କଥା ରେ ତା'ବିରକ୍ତିଆ ଭାବ
ତୁଣ୍ଡେ ନାହିଁ ବାଡ଼ ବତା   ।୪ ।

ତୁଳସୀ ଚଉରା ମୂଳରେ ମୁଣ୍ଡିଆ
ମାରିବା  ଦୂରର କଥା ।
ଦିଅଁ ଦୁଆର କୁ ଗଲେ ଲାଜ ମାଡ଼େ
ଏ ପରା ଆଧୁନିକତା  ।୫ ।

ପୁରାଣ ପାଠ କୁ ବେଳ  ଅଣ୍ଟେ ନାହିଁ
ଟିଭି ଦେଖି ଯାଏ ଦିନ ।
ଦିନ ରାତି ଦେଶୀ ପୋଷାକ ବଦଳେ
ନାଇଟି ପିନ୍ଧା ରେ ମନ ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସପ୍ତାହକୁ ଥରେ ବିଉଟି ପାର୍ଲର

ନ ଗଲେ ନ ଚଳେ ଜାଣ ।

ମାତୃଭାଷା ଛାଡ଼ି ଇଂରାଜୀ ଭାଷାରେ

କଥା କୁହେ ଭାରି ଟାଣ ।୭ ।

ମାତୃତ୍ୱ କୁ ତା'ର ଦେଇ ତିଳାଞ୍ଜଳି

ତେଜିଣ ଶିଶୁ ର ଯତ୍ନ ।

ଓମ୍ ଫେଡ କ୍ଷୀର ଖୁଆଏ ଶିଶୁ କୁ

କରିବା କୁ ବୁଦ୍ଧି ମାନ ।୮ ।

ଚାରିଟା ବାଜିଲେ ଗୁପ୍ ଚୁପ୍ ଚାଟ୍

ଚାଉମିନ୍ ଖିଆରେ ମନ ।

ସାତ୍ତ୍ୱିକ ଆହାର ଲାଗେ ଭାରି ପିତା

ନିତି ଚିକେନ ମଟନ ।୯ ।

ଆପଣା ସ୍ୱାମୀର ପଦେ ସବୁ ତୀର୍ଥ

ଏକଥା ନାହିଁ ଟି ଜଣା ।

ଲଜ୍ଜା ଶଙ୍ଖା ସିନା ନାରୀ ର ଭୂଷଣ

ସିନ୍ଦୂର ଶ୍ରେଷ୍ଠ ଗହଣା ।୧୦ ।

ଗ୍ରାମ /ପୋଷ୍ଟ-ସମାସିଙ୍ଗା,
ଜିଲ୍ଲା-ଝାରସୁଗୁଡା, ଓଡ଼ିଶା ପିନ୍ କୋଡ ୭୬୮୨୧୩
ମୋ.୭୬୮୩୮୪୦୦୬୪.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁସ୍ତକ



ସନାତନ ମହାକୁଡ଼

ହେ ପୁସ୍ତକ !
ଇତିହାସ ଶିଳାଲିପି
ତାଳପତ୍ର ପୋଥି
ତୁମ ପୂର୍ବଜ ।
ତୁମେ
ଜ୍ଞାନୀଜନ ମାନସ ସମ୍ପଦ
କାଗଜର ରଙ୍ଗୀନ ଦସ୍ତକ
ବରଦା ହସ୍ତ ଶୋଭିତ
ଜ୍ଞାନର ଭଣ୍ଡାର ।
ସ୍ଥାନୀତ ତୁମେ ବିଦ୍ୟାଳୟ ପାଠାଗାର
ଶିକ୍ଷାର୍ଥୀ ପାସରେ
ମନ୍ଦିର ମସଜିଦ୍ ଗୀର୍ଜା ଗୁରୁଦ୍ୱାରେ
ଗୀତା ଭାଗବତ ବେଦୋପନିଷଦ
ବାଇବେଲ କୋରାନ ଗ୍ରନ୍ଥସାହେବ ରୂପରେ

ସମୟର ତାଳେ ତାଳେ
କମ୍ପ୍ୟୁଟର ବିଜ୍ଞାନ ବଳରେ
ଆଦର ତୁମ ବଢ଼ି ଚାଲିଛି
ସାମାଜିକ ଗଣମାଧ୍ୟମରେ
ସ୍ଥାନ ପରିବେଶ ସଂରକ୍ଷଣ
ସୁବିଧା ଆଳରେ
'ଇ' ପୁସ୍ତକ ପତ୍ରିକା ଆକାରେ ।

ଗ୍ରାମ/ପୋ.ଅ: ଢେରୁଆଁବାରୀ ୭୫୨୦୮୨
ଜିଲ୍ଲା: ନୟାଗଡ଼ ; ଓଡିଶା ।
ଦୂରଭାଷ: ୦୯୩୩୯୭୧୦୧୬୮
ଇମେଲ୍: sanmahakud@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହିଁକି ପ୍ରଭୁ !



ସୌଭାଗ୍ୟବତୀ ଗିରି

କାହିଁକି ପ୍ରଭୁ ହେ ଦେଇଛ ଏମିତି
ସରଳିଆ ମନଟିଏ,
ସରଳ ବିଶ୍ୱାସେ ପଡିଯାଇ ମୁହିଁ
ସବୁଆଡେ ଠକିଯାଏ ।

ଛଳକପଟ ର ଫାଶଟିଏ ଯେବେ
ବସାଇ ଦେଉଛି କେହି,
ମିଛମାୟାକୁ ବି ସତ ବୋଲି ଭାବି
ଫଶି ଯାଉଅଛି ମୁହିଁ ।

କାହିଁକି କେଜାଣି ଅନ୍ୟର ଦୁଃଖ ମୁଁ
ଟିକିଏ ପାରେନି ଦେଖି,
କୋହ ଭରିଯାଏ ଛାତିରେ ମୋହର
ଲୁହରେ ଭିଜଇ ଆଖି ।

ନିଜର ମୋହର ନୁହଁଇ ତ ପ୍ରଭୁ
ଏହି ମୋର ହାତ ଦୁଇ,
ଗୋଟିଏ ମୋ ଲାଗି ରଖିଛି ସାଇତି
ଅନ୍ୟଟି ସାହାଯ୍ୟ ପାଇଁ ।

ନିଷ୍କପଟ ଏଇ ହୃଦୟ ମୋହର
ଭାଙ୍ଗୁଅଛି ବାରମ୍ବାର,
ଭଲ ଭେଲ ଏଠି ପରଖିବା ପ୍ରଭୁ
ଅଟଇ କଷ୍ଟ ବ୍ୟାପାର ।

ଜଣାଉଛି ପ୍ରଭୁ ଘେନା କର ମୋର
କୋଟି କୋଟି ପ୍ରଣିପାତ,
ସାଥିରେ ମୋହର ରହି ସବୁବେଳେ
ଦେଖାଉ ଥାଅ ହେ ପଥ ।

କେନ୍ଦ୍ରାପଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାତି



ବେଦ ପ୍ରକାଶ
ରାଉତ

ରାତିର ନୀରବତା
ସଂସାରର ଏହି ଶୂନ୍ୟତା
ଦିନର କଠିନ ପରିଶ୍ରମ
ରାତିରେ ଭରିଦିଏ ନିଦ୍ରା ଉତ୍ତମ

ରାତିର ଏକୁଟିଆପଣ
ନିଜକୁ ଜଣାଇଦିଏ ମଣିଷର ଗୁଣ
ଘଣ୍ଟାର ଟିକ ଟିକ ଶବଦ
ମନେ ଭରିଦିଏ ଆଶଙ୍କାର ବିପଦ
ପୁଣି ଏହାର ରଙ୍ଗୀନ ସପନ
ସେ ସପନେ ଆନନ୍ଦିତ  ମନ

ରାତି ଅଟେ ରହସ୍ୟମୟୀ ନାରୀ
ଏ  ନୁହେଁ ଉଚ୍ଛେଦ ଅଙ୍ଗ କାହାରି
ରାତିର ସେହି କାଉଁରୀ ହାତର ସ୍ପର୍ଶ
ମନେ ଭରିଦିଏ ସପନର ଉତ୍କର୍ଷ

ରାତିର ପୁଣି ଏକୁଟିଆ କଥା
ମନେ ଭରିଦିଏ କିଛି ବ୍ୟଥା
ପ୍ରେମିକା ସଙ୍ଗେ କଥୋପକଥନ
ଆନନ୍ଦିତ ଏଠି ମନ

ରାତି ପୁଣି ସାଜେ କାଉଁରୀ କନିଆଁ
ଜଳାଇ ଦିଏ ପୁଣି କାମନାର ନିଆଁ
ସେ ନିଆଁରେ କେତେ ହେଲେଣି ଦହନ
ମା ବସୁନ୍ଧରା କରି ପାରେନି ସହନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାତି ଏକ ମାୟାର ରହସ୍ୟ

ବୁଝି ମୁଁ ପାରୁନି ଅନ୍ଧାର ସାହସ

ଅନ୍ଧାରକୁ ଲାଗୁଥାଏ ଭାରି ଡର

ଦିନେ  ହେଇଥାଉ ସେ ଯେତେ ବଡ ବୀର

ରାତିର ପୁଣି ଆନନ୍ଦିତ ଚାହାଣୀ

ମନେ ଭରିଦିଏ ସୁନିଦ୍ରିତ କାହାଣୀ

ସେ କାହାଣୀର ସୁଚିତ୍ରିତ ଚରିତ୍ର

ପରିଚାଳିତ ଏଠି ଭବିଷ୍ୟର ଚିତ୍ର

ଗ୍ରା / ପୋ  - ପାଟପୁର

ଥାନା -ସାଲେପୁର

ଜିଲ୍ଲା -କଟକ

ମୋ : ୮୯୧୭୨୩୬୦୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାଷା



ଅଜୟ କୁମାର ପଧାନ

ସେ ଯେ ମନରେ ଉଙ୍କି ମାରୁଥିବା
ଅବିଚ୍ଛେଦ ଉକ୍ତି ,
ସେ ଯେ ସାହିତ୍ୟ ପ୍ରତି ଡୁବି ରହିଥିବା
ଅମାପ ଭକ୍ତି ।

ସେ ଯେ ଅଙ୍କାବଙ୍କା ଶବ୍ଦ ଗୁଚ୍ଛର
ଭାବଭରା ପ୍ରୀତି ,
ସେ ଯେ ଅନ୍ତଃ ରାଜ୍ୟ ପ୍ରସ୍ଫୁଟିତ
ଶୈଳୀର ରୀତି ।

ସେ ଯେ ପ୍ରେମ ପ୍ରଣୟର
ଆକ୍ଷରିକ ଶକ୍ତି ,
ସେ ଯେ ମୃଦୁ ମହ୍ଲାରର
ସାଙ୍କେତିକ ଚୁକ୍ତି ।

ସେ ଯେ ଜ୍ଞାନ ସଂଗଠନର
ଉପଲବ୍ଧିତା କୃତି ,
ସେ ଯେ ଆଶା ଆକାଂକ୍ଷାର
ମାର୍ଗଦର୍ଶିତା ନୀତି ।

ସେ ଯେ ଉତ୍ସୁକ ଚିନ୍ତନର
ପ୍ରେରଣାଦାୟୀ ସ୍ଥିତି ,
ସେ ଯେ କାଳ୍ପନିକ ଭାବନାର
ମୃଣ୍ମୟୀ ସ୍ମୃତି ।

ସେ ଯେ ପ୍ରକୃତିର ବର୍ଣ୍ଣନୀୟ
ମହିୟଶୀ ପ୍ରାପ୍ତି ,
ସେ ଯେ ଉପାଦେୟ ସଭ୍ୟତାର
ଆଲୋକିତ ଦୀପ୍ତି ।

ସେ ଯେ ବ୍ରହ୍ମ ଆଦୃତ
ବ୍ରହ୍ମଜ୍ଞାନର କୀର୍ତ୍ତି,
ସେ ଯେ ପଦାର୍ପିତ ସାହିତ୍ୟ
ଦର୍ପଣର ମୁକ୍ତି ।

ରେଶମ୍, ଭେଡେନ, ବରଗଡ଼
ମୋ.- ୭୮୭୩୯୫୪୧୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମରି ଅକୁହା କଥା



ସାଗରିକା ସାହୁ

ପ୍ରଥମ ଦେଖାରେ ନିଜର କରିଲ
ଆଖିରେ ମିଶାଇ ଆଖି
ସେହି ଦିନ ଠାରୁ ସମ୍ପର୍କ ବଢ଼ିଲା
ପ୍ରକୃତି ରହିଲା ସାକ୍ଷୀ ।।

ଭଲ ପାଇବାର ବାସ୍ନା ଭରିଦେଲ
ମତେ ଆପଣାର କରି
ପ୍ରେମ ବୋଲି ଯେଉଁ ଦୁଇଟି ଅକ୍ଷର
ମୋ ମନରେ ଦେଲ ଭରି ।।

ଦିନେ ନ ଦେଖିଲେ ରହିପାରେ ନାହିଁ
ମରେ ଖାଲି ଝୁରି ଝୁରି
ଆଖିରୁ ଅନ୍ତର ହୋଇଗଲ ତୁମେ
ବିରହରେ ହୁଏ ଘାରି ।।

ତୁମ ବିରହରେ ତୁମ କଥା ଭାଲି
ନିଇତି ଫିଟୁଛି ମଥା
ଭାରି ମନେ ପଡେ ତୁମ ସ୍ମିତ ହସ
ତୁମରି ଅକୁହା କଥା ।।

ଗାଇସିଲେଟ୍, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ ଦୁନିଆ



ପୂର୍ଣ୍ଣିମା ଲେଙ୍କା

ସୁରଜ ଯେବେ ମା କୋଳ ରେ ଗେହ୍ଲ ହୁଏ
ଚନ୍ଦ୍ରମା ରଜନୀ ର ବାହୁ ରେ
ପ୍ରେମ ନିବେଦନ ପାଇଁ ନିଜ କୁ ସଜ କରେ ।

ଗାଇ ଗୋଠ ରୁ ଯେବେ,
ଗୁହାଳ କୁ ଫେରେ.....
ପକ୍ଷୀ ଆକାଶ ରୁ ଯେବେ ନିଡ କୁ ଫେରେ
ଏକ ଭିନ୍ନ ଦୁନିଆ...........
ପଶ୍ଚିମ ଆକାଶ ରେ ଶୋଭା ପାଏ ।

ନା ଦିନ ଥାଏ, ନା ରାତି ଥାଏ
ନା ଉଷ୍ଣତା ଥାଏ , ନା ଶିତଲତା ଥାଏ
ଏକ ସୁମଧୁର ବାସ୍ନା ରେ ଚତୁର୍ଦ୍ଦିଗ
ବସ୍ନାମୟ ହଉଥାଏ ।

ଆକାଶ ରେ କିଏ ଜଣେ ସ୍କେଚ ଧରି
ଭିନ୍ନ ଭିନ୍ନ ଚିତ୍ର ଆଙ୍କୁ ଥାଏ
ଭିନ୍ନ ଭିନ୍ନ ରଙ୍ଗ ର ମିଶ୍ରଣ ରେ
ଆକାଶ ଏକ ନୂଆ ରୂପ ରେ ସଜିତ ହଉଥାଏ
ଆଉ କେତେବେଳେ ସାତ ରଙ୍ଗ ନେଇ
ଇନ୍ଦ୍ରଧନୁ ଅଙ୍କୁ ଥାଏ
ସେତେବେଳ ମୁଁ ! ! ! !
ଏକ ଭିନ୍ନ ଦୁନିଆ କୁ
ଆଖି ସାମ୍ନା ରେ ପାଏ ।

ଯେତେବେଳେ ଲୋଭ କୁ ଚାବି ପକେଇ
ମଣିଷ ସ୍ନେହ ଶ୍ରଦ୍ଧା ଆପଣାପଣ ପାଇଁ
ଘର ଲେଉଟା ହୁଏ,
ଯେତେବେଳେ କ୍ଳାନ୍ତ ଶରୀର
ବିଶ୍ରାମ ଚାହେଁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟେ ଦିନ ର ଅବସାନ

ଆଉ ଗୋଟେ ଦିନ ର

ଆଗମନ ର ସୂଚନା ଦିଏ,

ସେତେବେଳେ ମୁଁ ଏକ

ଭିନ୍ନ ଦୁନିଆ କୁ ପାଏ ।

ଯୋଉଠି ଲୋଭ ମୋହ ମାୟା

କୁ କାନ୍ଥ କଣ୍ଟା ରେ ଝୁଲେଇ

ମଣିଷ ଟିକେ ଶାନ୍ତି ଚାହେଁ

ମିଛ, ଛଳନା, ପ୍ରତାରଣା କୁ

ଆତ୍ମହତ୍ୟା ର ଆଦେଶ ଦେଇ

ମଣିଷ ବିଶ୍ରାମ ନିଏ

ସେତେବେଳେ ମୁଁ

ଏକ ଭିନ୍ନ ଦୁନିଆ କୁ ପାଏ ।

କନିଷ୍ଠ ଗବେଷିକା ଛାତ୍ରୀ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲିଭି ଯାଇଥିବା ପାଦଚିହ୍ନ



ସୁବ୍ରତ କୁମାର ଜେନା

ଲିଭିଯାଇଥିବା ପାଦଚିହ୍ନ,

ଅବଶ୍ୟ ନାହିଁ ସେ ସମୁଦ୍ର କୂଳରେ,

ନାହିଁ ସେହି ସ୍ମୃତି କୋଣାର୍କ ବୁକୁରେ,

ନାହିଁ ହୋଇ ସାଇତା ରାଜାରାଣୀ କୋଳେ,

ନଥାଇ ପାରେ ସେ ଚିହ୍ନ,

ଭୁବନେଶ୍ୱରର ପ୍ରତିଟି ଗଳି କନ୍ଦିରେ,

କିନ୍ତୁ ଆଜିବି କାଲି ପରି ହୋଇଛି ସାଇତା,

ମୋ ମନ ମନ୍ଦିରର ପ୍ରତିଟି ପାହାଚରେ,

ଏ ସହରଟା ଚୁପ ଚାପ ଶୋଇଗଲା ପରେ,

ମୋ ନିଦ୍ରା ଭାଙ୍ଗେ,

ଚୁପ ଚାପ ଆଙ୍କିବାକୁ ଚେଷ୍ଟାକରେ ତୁମ ଛବିକୁ,

ରାତ୍ରିଠୁ ଘନ କଳା ରଙ୍ଗ ନେଇ,

ଆକାଶର ବିଶାଳ ଛାତିରେ,

କେବେ ଧାର ଉଧାରରେ ହେଉପଛେ,

ମୁଁ ମାଗିବସେ ଉଲ୍କାକୁ,

କିଛି କ୍ଷଣ  ଲାଗି ହେଉପଛେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଜିବାକୁ ତୁମ ଖୋସାର ଫୁଲଟେ ହୋଇ,

ଝିଲିମିଲି ତାରାକୁ ସବୁ ଆଣି ,

ଚେଷ୍ଟା କରେ ତୁମ ଗଭାରେ ଖଞ୍ଜିବାକୁ,

ସମସ୍ତେ ଶୋଇଗଲା ପରେ ନିଶବ୍ଦ ରାତିରେ,

ମୁଁ ଅନ୍ୟମନସ୍କତାରେ ଚେଷ୍ଟାକରେ ଖୋଜିବାକୁ,

ତୁମର ଆଉ ମୋର ହଜିଯାଇଥିବା ପାଦଚିହ୍ନକୁ,

କେବେ ସେ ବୁଢୀ ଅସୁରୁଣୀର ଗପରୁ ହେଉ,

ଅବା ଅଭୁଲା ଖୋକା ଭାଇର ଗୀତର ପଦରୁ,

ଆଜି କାଲି କାହିଁ ସମୁଦ୍ରକୂଳକୁ ଏକା ଜିବାକୁ ଇଛା ହୁଏନି,

କେମିତି ବା ଯାଇପାରିବି !

ସେ ଯଦି ପଚାରେ ତୁମ ଅନୁପସ୍ଥିତିର କାରଣ ବିଷୟରେ ?

କିଛିବି ଉତ୍ତର ନାହିଁ ମୋ ପାଖରେ,

ତାଠୁ ଭଲ ତୁମକୁ ଖୋଜିବାକୁ ଚେଷ୍ଟା କରେ,

ପ୍ରତିଟି ରାତିରେ ଖରା ହେଉ ଅବା ବର୍ଷାର ଧାରାରେ,

କାହିଁକି ଆଉ ଖୋଜିବି ତୁମ ସେ ପାଦ ଚିହ୍ନକୁ ଖଣ୍ଡଗିରିରେ... !

ସୁରଡ଼ିହ,ନନ୍ଦିପୁର,ଯାଜପୁର ।

ଦୂରଭାଷ - ୮୨୪୯୨୨୦୮୩୦ .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ତୁମେ ନୂଆ ବରଷ



ପ୍ରିୟଦର୍ଶିନୀ ମହାପାତ୍ର

ପରିବର୍ତ୍ତନର ବାର୍ତ୍ତାବହ ହୋଇ
ଆସ ତୁମେ ନୂଆ ବରଷ
ବିତି ଯାଇଥିବା ଦୁଃଖ ସବୁ ଭୁଲି
ମନେ ଦିଅ ପୁଣି ହରଷ ।।

ଏକତାର ମନ୍ତ୍ର ସାଥେ ଆଣିଥିବ
ଦେବକି ସଭିଙ୍କୁ ଛିଞ୍ଚି
ଛଳନା ଏମନ୍ତୁ ଦୂରେଇ ଦବକି
ବର୍ଷ ତମ ହେବୁ ସୁଖୀ ।।

ବେସହାରା ପାଇଁ ସାହାରା ର ମନ
ସଭିଙ୍କ ର ମନେ ଭରି
ଦୁଃଖୀ ଓଠେ ହସ ଟିକେ ଦେବାପାଇଁ
ଆଣ ସାଧନା କୁ ସାଥୀ କରି ।।

ପୁଅ ଝିଅ ସବୁ ସମାନ ହୁଅନ୍ତେ
ହିଂସା ଦ୍ୱେଷ ହେବ ଶେଷ
ପରିବର୍ତ୍ତନ ର ବାର୍ତ୍ତାବହ ହୋଇ
ତୁମେ ଆସନ୍ତକି ନୂଆ ବରଷ ।।

ନବଯୌବନ ଓ କିଶୋରୀ ମନରେ
ଦେବ ନୂତନତା ଆଣି
ନିଜ କର୍ମ ବଳେ ସଫଳତା ଲଭି
ଦେବେ ସବୁଜିମ ଖୁସି ବୁଣି ।।

ବିଜ୍ଞାନ ପ୍ରଯୁକ୍ତି କ୍ଷେତ୍ର ହେଉ ଅବା
ଶିକ୍ଷା ସ୍ୱାସ୍ଥ୍ୟ ପରିବେଶ
ପରିବର୍ତ୍ତନ ର ବାର୍ତ୍ତାବହ ହୋଇ
ତୁମେ ଆସନ୍ତକି ନୂଆ ବରଷ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୁରୁଜନ ପାଦେ ଭକ୍ତି ସଦା ଥିବ
ସ୍ନେହ କନିଷ୍ଠ ର ପାଶ
ନୂତନତା ସବୁ କ୍ଷେତ୍ରରେ ଆଦରି
ହାସଲ କରିବା ଯଶ ।।

ଅଭିନନ୍ଦନ ର ବାର୍ତ୍ତା ଖେଳି ଯାଏ
ବାଳୁତ ଠୁ ବୃଦ୍ଧ ବୟସ
ପରିବର୍ତ୍ତନ ର ବାର୍ତ୍ତାବହ ହୋଇ
ଆସ ତୁମେ ନୂଆ ବରଷ ।।

ତନୁ ମନ ପ୍ରାଣେ ଭରିଦିଅ ତବ
କୁହୁକ ପ୍ରୀତି ପରଶ
ପରିବର୍ତ୍ତନ ର ବାର୍ତ୍ତାବହ ହୋଇ
ଆସ ତୁମେ ନୂଆ ବରଷ ।।

ଜୟଦେବ ବିହାରି
ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧନ୍ୟବାଦ କରୋନା



ଲକ୍ଷ୍ମୀପ୍ରିୟା ଓଝା

ଧନ୍ୟବାଦ କରୋନା
ଏ ବର୍ଷଟା ଭଲରେ ବିତିଲା ।
ଷ୍ଟାଣ୍ଡାର୍ଡ ଜ୍ଞାନ ପିଲାଙ୍କର ଗ୍ରେଡ଼ ପାଇଁ
ମାଆମାନଙ୍କ ଭିତରେ ଥିବା କମ୍ପିଟେସନରେ
ଲଗାମ ଲାଗିଲା ।
ବସ୍ତାନୀର ବୋଝରୁ ପିଲାଟି ଉଠି
ଅଣ୍ଟା ସଳଖିଲା,
ଦି ଘଡି ଶାନ୍ତିରେ ଶୋଇଲା ।

ବାପା ମାଆଙ୍କ ପାଖରେ
ଦୟାରେ ନୁହେଁ ଭୟରେ
ଚାକିରିଆ ପୁଅ ରହୁଥିଲା ।
ମାସ ମାସ ଧରି କଥା ହେଇପାରୁନଥିବା
ସ୍ୱାମୀ ସ୍ତ୍ରୀଙ୍କୁ  ହସିବାକୁ
ଫୁରସତ ମିଳିଲା,
ଜହ୍ନ ତୋଳି ଆଣିବାରେ ପ୍ରଚେଷ୍ଟାରେ

ଅହରହ ଦୌଡୁଥିବା ଆଇ ଟି ପିଲା
ଅନେକଦିନ ପରେ ଛାତରୁ
ଜହ୍ନ ଦେଖୁଥିଲା,
ଚାନ୍ଦିନୀ ରାତିରେ କ୍ୟାରମ ଖେଳୁଥିଲା,
ୱାର୍କ ଫ୍ରମ ହୋମ କରୁଥିଲା ।
ଜୋମାଟୋରୁ ଧଡାଧଡ ଅଡର କରି
ପିଜ୍ଜା, ଟାକୋ ଖାଇ ବଞ୍ଚୁଥିବା ଝିଅ
ଇଉ ଟିୟୁବ ଦେଖି
ନୂଆ ନୂଆ ରୋଷେଇ ଶିଖିଲା ।
ଧନ୍ୟବାଦ କରୋନା
ଏ ବର୍ଷଟା ଭଲରେ ବିତିଲା ।

ମାଟି, ପାଣି, ଆକାଶକୁ
ବିଶ୍ରାମ ମିଳିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାସ୍ତା ଘାଟ, ବେଳାଭୂମି,

ନଦୀ, ସମୁଦ୍ର, ମନ୍ଦିର

ବିନା ସରକାରୀ ସାହାଯ୍ୟର

ପରିଷ୍କାର ହେଲା ।

କିଟି, କ୍ଲବ, ସପିଙ୍ଗ, ସିନେମା

ବାହା, ବ୍ରତ, ମରାଘର ଅଯଥା ଖର୍ଚ୍ଚରୁ

ମଣିଷ ବଞ୍ଚିଲା ।

ଦୁର୍ଗାପୂଜା ଭସାଣିରେ

ଡିଜେର ସେ କାନଫଟା ଶବ୍ଦ,

ଟ୍ରାଫିକ ଜାମରୁ

ମଣିଷକୁ ନିସ୍ତାର ମିଳିଲା ।

ଧନ୍ୟବାଦ କରୋନା

ଏ ବର୍ଷଟା ଭଲରେ ବିତିଲା ।

ବରୋଦା, ଗୁଜରାଟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଭାଷା ଆମ ପରିଚୟ



ଭାଗିରଥୀ ଯାନୀ

ପ୍ରକୃତ ସତ୍ୟ ଭାଷା ସାହିତ୍ୟ
ସେଠାରେ ବନ୍ଧା ଭାବ,
ମନର କଥା କହିବା ପାଇଁ
ଭାଷା ବିନା ଅସମ୍ଭବ । । ୧ ।

ପ୍ରକୃତ ବାଣୀ ନୁହେଁ କାହାଣୀ
ନିଜ ହୃଦୟ ବ୍ୟଥା,
ଜାଣିଲେ ନିଶ୍ଚେ ସଫଳ ହେବ
ରହିବ ତା'ର ସତ୍ତା । । ୨ ।

କେବଳ ଭାଷା ଜନମ ମାଟି
ଦିଅଇ ପରିଚୟ,
କର୍ମ ସଂସ୍କୃତି ପ୍ରେମ ଭକତି
କରଇ ତାଙ୍କୁ ଜୟ । । ୩ ।

ସବୁଠୁ ମିଠା ଆପଣା ଭାଷା
ସହଜେ ବୁଝି ହୁଏ,
ଶୁଣି କହିବା ପଢି ଲେଖିବା
ମନେ ଦ୍ୱନ୍ଦ୍ୱ ନ ଥାଏ । । ୪ ।

ଜାତିର ଟେକ ଭାଷା ସମ୍ପର୍କ
ଆମ ଜୀବନ ଗାଥା,
ଚିର ସବୁଜ ଆମର ଭାଷା
ଜାତିର ମହାନତା । । ୫ ।

ଦଳପଡା,ଖଜୁରୀପଡା,ଫୁଲବାଣୀ ।
ଭ୍ରାମ୍ୟଭାଷ-୯୪୩୮୦୭୬୮୪୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦାୟ ଦୁଇହଜାର କୋଡ଼ିଏ



ନିତ୍ୟରଞ୍ଜନ ନନ୍ଦ

ଦେବଦୂତବୋଲି   ଭାବିଥିଲୁ ଆମେ
ତୁମେ ଥିଲ କିନ୍ତୁ ଭିନ୍ନ ,
ସକଳ ଭାବନା   ସବୁ ସମ୍ଭାବନା
କରିଦେଇ ଗଲ ଚୂର୍ଣ୍ଣ ।

ବିଷର-ବଳୟ   ସୃଷ୍ଟି କରିଗଲ
ଆତଙ୍କିତ ହେଲା ବିଶ୍ୱ,
ହା ହା କାର ଧ୍ୱନି  ପ୍ରକମ୍ପିତ ହେଲା
ମଣିଷ ସାଜିଲା ନିଃସ୍ୱ ।

ଏକଥା ସତ ଯେ   ମାନବିକତାର
ସ୍ଖଳନ ଘଟିଛି ଏଠି,
ସେଥିପାଇଁ ତୁମ   ପାଞ୍ଚଣ ପ୍ରହାରେ
ଫାଟି ଯାଇଅଛି ପିଠି ।

ଜୀବିକା ତ ନେଲ ଜୀବନ ବି ନେଲ
ଆଉକି ରହିଲା ବାକି,
ଦେବାଦେବୀ ସର୍ବେ କବାଟ କିଳିଲେ
ତୁମ ଉଗ୍ର ରୂପ ଦେଖି ।

ଏ ସୃଷ୍ଟି ବୁକୁରେ   ଟାଣି ଦେଇଗଲ
କଳଙ୍କର କଳାକାର,
ମନେ ପଡିଗଲେ   ମାନବ ଜାତିର
ହୃଦ ହୁଏ ଥରହର ।

ବିଂଶ ସସ୍ର ବିଂଶ   ବର୍ଷ ହେ ଅଶେଷ
ଯାତନା ଦେଇଛ ତୁମେ,
ମାନବ ସଭ୍ୟତା   ଥିବାଯାଏଁ ତାହା
ଭୁଲି ପାରିବୁନି ଆମେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମରି କ୍ରୋଧର   ନିଦାନ ଖୋଜିଲୁ
ହେଲେ ସବୁ ହେଲା ବ୍ୟର୍ଥ
ବେଦ ଶାସ୍ତ୍ର ଆଦି   ଉପନିଷଦରୁ
ମିଳିଲାନି କିଛି ସ୍ୱାର୍ଥ ।

ତଥାପି ତୁମକୁ   ବିଦାୟ କାଳୀନ
ଦେଉଅଛୁ ସମ୍ବର୍ଦ୍ଧନା,
ହେ ବିଦାୟୀ ବର୍ଷ   ନବରୂପେ ଆସ
ଘେନ ଆମ ନିରାଜନା ।

ନିତ୍ୟ ରଞ୍ଜନ ନନ୍ଦ
ଡି.ଏଲ. ଏ-୧୨, ଭି.ଏସ.ଏସ. ନଗର
ଭୁବନେଶ୍ୱର-୭୫୧୦୦୪
ମୋ - ୯୪୩୭୧୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କର ପ୍ରିୟତମ



ବାଲାଜୀ ସେଠୀ

(ସ୍ୱାଭିମାନ ଅଂଚଳର ଭିତିରି କଥା ଗୁରୁପ୍ରିୟା
ସେତୁ ଉଦ୍ଦେଶ୍ୟରେ)
ହେ ସମ୍ପର୍କର ପ୍ରିୟତମ !
ସହସ୍ର ଆଖିରେ ଭରିଲ ଅଞ୍ଜନ
ଶିଖାଇ ମାନବ ପ୍ରେମ
ତୁମେ ନିଶ୍ୱାସର ଅମ୍ଲଜାନ
ତୁମେ ବିଶ୍ୱାସର ମହା ଦ୍ରୁମ
ତୁମେ ଆଦି ରୁ ଅଧୁନା
ସଂଯୋଗର ଅନ୍ୟନାମ
ହେ ସମ୍ପର୍କର ପ୍ରିୟତମ !

ତୁମେ ସ୍ୱାଭିମାନୀ ଦମ୍ଭିକତା
ତୁମେ ଆଦିଭୂମି ଆଦିସତ୍ତା
ତୁମେ ଆଦିମର ଆଦିବାର୍ତ୍ତା
ତୁମେ ଐଶ୍ୱର୍ଯ୍ୟର ଖୋଲା ଝର୍କା
ନୁଆଁ ସକାଳର ଆଶାର ଆଲୋକ
ସ୍ୱର୍ଥୀ ମନର ଭ୍ରମ
ହେ ସମ୍ପର୍କର ପ୍ରିୟତମ !

ତୁମେ ସମ୍ପର୍କର ନୁଆଁ ସେତୁ
ତୁମେ ହେତୁବାଦୀର ହେତୁ
ତୁମେ ବିଛିନ୍ନାଂଚଳର ଦ୍ୱାର
ତୁମେ ଆଦିବାସୀ ଫୁଲହାର
ଜୀବନ ମୃତ୍ୟୁର ସଂଘର୍ଷ କାହାଣୀ
ତୁମେ ଗୁରୁ ଓ ପ୍ରିୟାର ପ୍ରେମ
ହେ ସମ୍ପର୍କର ପ୍ରିୟତମ !

ତୁମେ ଉନ୍ନତି ର ଉଚ୍ଚା ଶିର
ତୁମେ ଚିତ୍ରିତ ଭୂମି ଭାସ୍ୱର
ତୁମେ ସଂସ୍କୃତିର ନୁଆଁ ଲିପି
ତୁମେ ସଂସ୍କାରର ନୁଆଁ ଭିତ୍ତି
ଅନ୍ଧ କୋଠରୀର ମୁକ୍ତ ଫାଟକ
ସ୍ୱପ୍ନର ସୌଧାନୁପମ
ହେ ସମ୍ପର୍କର ପ୍ରିୟତମ !

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦାୟ ପୁରୁଣାବର୍ଷ




କ୍ଷିରସିନ୍ଧୁ ନାଏକ

କେତେ ଆନନ୍ଦେ କେତେ ଉଲ୍ଲାସେ
ନବ ବରଷକୁ କରିଥିଲେ ସ୍ୱାଗତ,
ସମସ୍ତଙ୍କ ପାଖରେ ଜଣାଇଥିଲେ
ଏ ବରଷ ହେଉ ଆପଣଙ୍କର ହିତ ।

କେତେ ଆନନ୍ଦେ କେତେ ଉଲ୍ଲାସେ
ବିତୁଥିଲ ୨୦୨୦ ବରଷ,
କିଏ କହିଥିଲା ,କିଏ ଜାଣିଥିଲା
ତିନିମାସ ପରେ ହଜିଯିବ ଏ ହସ ।

ପଡ଼ୋଶୀ ଦେଶରୁ ଯେତେବେଳେ
ମହାମାରୀ କରୋନା ଆସିଲା,
କେତେ ଧନଜୀବନ କେତେ
ପେଟପାଟଣା ଛଡ଼ାଇ ନେଲା ।

ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ
ରହିଛି ଏ ମାୟାର ସଂସାରେ,
ବ୍ୟସ୍ତ ହୁଅନାହିଁ ଧର୍ଯ୍ୟଧର ବନ୍ଧୁ
ହସ ଫେରିବ ଏ ମୁହଁରେ ।

ଅତୀତର ଦୁଃଖକୁ ଭାବିକି
ବର୍ତ୍ତମାନକୁ କାହିଁକି ନଷ୍ଟ କରିବା,
୨୦୨୦କୁ ଶୁଭ ବିଦାୟ ଦେଇ
୨୦୨୧ କୁ ସ୍ୱାଗତ କରିବା ।

ମାତୃଭୂମି ମାତୃଭାଷାକୁ ଭଲପାଉଥିବ
ଜଣେ ଓଡ଼ିଆ ସ୍ୱାଭିମାନୀ ପୁରୁଷ ।

ଗୋତମୁଣ୍ଡ, କୋକସରା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦାୟ ଚଳିତ ବର୍ଷ



ଯତିନ୍ଦ୍ର ସ୍ୱାଇଁ

କାଳ କରାଳର ଅତଳ ଗର୍ଭରେ
ଲୀନ ହେଲା ଏ ବରଷ,
କରୋନାର କାଳ ବିବେଚନା ହେଲା
ପୋଛିଲା ମନରୁ ହସ ।(୧)

କେତେ ଦୁଃଖ ଦେଇ ଆପଣା ଛଡାଇ
କଲା ସଭିଙ୍କୁ ନିରାଶ,
କର୍ମ ଧର୍ମ ସବୁ ଲୀନ ହୋଇଗଲା
ରଖିଲା ନାହିଁ କା ଲେଶ ।(୨)

ଦାଦନ ଶ୍ରମିକ ବୃତ୍ତି ହରାଇଲେ
ନ ଫୁଟିଲା ତାଙ୍କ ହସ,
ବିଦ୍ୟାର୍ଥୀ ବାପୁଡା ବିଦ୍ୟାଳୟ ବିନା
କାଟୁଥିଲା ଦିନ ମାସ ।(୩)

ବିଦେଶ ଫେରନ୍ତା ଗ୍ରାମ ବାଛିନେଲା
ପାଇଲା ଭାରିସେ କ୍ଲେଶ,
ଗ୍ରାମର ମହତ୍ତ୍ୱ ଗ୍ରାମ ପରିବେଶ
ପାଇ ରଖିଲା ତା ଯଶ ।(୪)

ବହୁ ପ୍ରତୀକ୍ଷାର ଅନ୍ତ ଘଟିଥିଲା
ହୀନ୍ଦୁର ଫୁଟିଲା ହସ,
ରାମ ଜନ୍ମ ଭୂମି ଅଯୋଧ୍ୟା ମାଟିରେ
ମନ୍ଦିର ହେଲା ଅବଶ୍ୟ ।(୫)

ସୁଖ ଅଳ୍ପ ଥାଇ ଦୁଃଖ ବହୁତରେ
କଟାଇଲା ଆମ ଦେଶ,
ପୁରୁଣା ବର୍ଷକୁ ସ୍ମୃତି ମନେକରି
ବିଦାୟ ଦେବାରେ ଆସ ।(୬)

ନୂତନ ବର୍ଷକୁ ସ୍ୱାଗତ କରିବା
ଶାନ୍ତି କାନୁନକୁ ଆସ,
ଶାନ୍ତି ମୈତ୍ରୀ ପ୍ରୀତି ବାର୍ତ୍ତା ବାଣ୍ଟି ଦେବା
ଦୁଃଖ ହୋଇଯିବ ଶେଷ ।(୭)

ଭା:ପ୍ରା:ପ୍ରଧାନ ଶିକ୍ଷକ, ଡାଇକଥ୍ରୀ
ବାଲିମେଳା, ମାଲକାନଗିରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଜୟ ପଥର ଯାତ୍ରୀ



ନୂତନ କୁମାର ବେହେରା

ଆମେ ବିଜୟ ପଥର ଯାତ୍ରୀ
ଆମେ ବିଜୟ ପଥର ଯାତ୍ରୀ,
ଶୁଣି ଆମର ରଣ ହୁଙ୍କାର
ଥରେ ଶତ୍ରୁର ହୃଦୟ ତନ୍ତ୍ରୀ ।
ଆଗେଇ ଚାଲୁ ଆଗକୁ ଆମେ
ଦୁର୍ବାର ଆମ ପାଦର ଗତି,
ଜନନୀ ଜନ୍ମଭୂମିର ଲାଗି
ଲଢ଼ିବା ଆମେ ଦେଖାଇ ଛାତି ।
ଅନ୍ୟାୟ ଅନୀତି ସହିବାନି
କେବେ ଶତ୍ରୁ ଆଗେ ମୁଣ୍ଡ ପାତି,
ଦେବା ଆମେ ଉଚିତ ଜବାବ
ନ ରଖି ମନେ ଭୟ କି ଭ୍ରାନ୍ତି ।
ଏକତା ମନ୍ତ୍ରେ ହୋଇ ଦିକ୍ଷିତ
ଆଣିବା ଏକ  ମହାନ କ୍ରାନ୍ତି,
ବଞ୍ଚାଇ ରଖି ଆଦର୍ଶ ନୀତି
ସବୁରି ପ୍ରାଣେ ଦେବାରେ ଶାନ୍ତି ।
ଆମେ ବିଜୟ ପଥର ଯାତ୍ରୀ....
ଆମ ଯଶ ଖ୍ୟାତି ପରମ୍ପରା
ଆମ ପରିଚୟ ସ୍ୱାଭିମାନ,
ଜାତି ଐତିହ୍ୟ ଗର୍ବ ଗୌରବ
ଦେଉଛି ଗଢ଼ି ଆମ ଜୀବନ ।
ରଖିବା ପାଇଁ ତାହାରି ଟେକ
ବିଜୟ ପଥର ଆମେ ଯାତ୍ରୀ,
ସାଥୀ ଆମର ଏକତା ବଳ
ଲକ୍ଷ୍ୟ ଆମ ସାମ୍ୟ ଶାନ୍ତି ମୈତ୍ରୀ ।
ପଥେ ଆମର ବାଧା ବନ୍ଧନ
ଆସିଲେ ଆସୁ ମହା ପ୍ରଳୟ,
ହେବାନି କେବେ ଆମେ କାତର
ଲଢ଼ି ଚାଲିବୁ ହୋଇ ନିର୍ଭୟ ।
ପଛରେ ଆମ ଅକ୍ଷୟ କୀର୍ତ୍ତି
ଆଗକୁ ଲକ୍ଷ୍ୟ ଆମ ପ୍ରଗତି ।
ଆମେ ବିଜୟ ପଥର ଯାତ୍ରୀ
ଆମେ ବିଜୟ ପଥର ଯାତ୍ରୀ ।

ବାରିପଦା, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକା ହିଁ ଚଲାପଥ



ଚନ୍ଦନ କୁମାର ନାଥ

ଏ ଜୀବନ ଟା ବଡ ବୁଝାମଣା

କିଏ ବା ଜାଣିଛି କାହାକୁ ଅଜଣା

ଜାଣିବା ଲୋକ କୁ ବାଟ ତ ପଡ଼ିଅଛି

ଅଜଣା ଲୋକ ହୁଏ ବାଟ ବଣା

ଏହି ଜୀବନ ଟା ବଡ ବୁଝାମଣା...୧

କିଏ ବା ଜାଣିଛି କାଲି ର କଥା

କାହାପାଇଁ ଫୁଲ ପୁଣି କାହା ପାଇଁ କଣ୍ଟା

ଜୀବନ କାହାଣୀ ପୁରା ଅଡୁଆ ସୂତା

ସୁଖତ ଯେଉଁଠି ଦୁଃଖ ବି ସେଇଠି

କରନା ସେପାଇଁ ମନ ଊଣା

ଜୀବନ ଟା ଏକ ବୁଝାମଣା...୨

ଜୀବନର ଚଲାପଥ ଖସଡ଼ା ଭାରି

ଥରେ ପାଦ ଖସିଗଲେ ଆସିବନି ଫେରି

ଚାଲିବାକୁ ହେବ ଏକା ଭାଗ୍ୟ କୁ ଆଦରି

ଆଖିର ଲୁହ କୁ ଓଠ ପିଇ ଯାଏ

ହସ ଲୁହ ହୁଏ ବିକା କିଣା

ଏ ଜୀବନ ଟା ଏକ ବୁଝାମଣା...୩

ସମ୍ପର୍କ  ଏଠି ଭାଙ୍ଗିଯାଏ ରଖିଲେ ଛଳନା

ସମୟର ନଇ ଏଠି ପଛକୁ ଫେରି ପାରେନା

ଅପଶୋଷ୍ ସ୍ମୃତି ଯେତ ଭୁଲି ବି ହୁଏନା

ସମୟ ସୁଏ ଦିନ ଭାସିଯାଏ

ନରଖି ସମ୍ପର୍କର ଠିକଣା ।

ଜୀବନଟା ଏକ ବୁଝବଣା ।।।

ଅତା, ମଧୁକେଶରି, ଘଷିପୁରା, କେନ୍ଦୁଝର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ହେ ନବବର୍ଷ



ମହେଶ୍ୱର ସାହୁ

ଚକ୍ଷୁ କର୍ଣ୍ଣ ସ୍ପୁରେ,  ସ୍ପନ୍ଦନ ହୃଦୟେ,
ଆଗନ୍ତୁକ ନବବର୍ଷ  ।
ଜାଗରିତ ମନ, ଉଲ୍ଲାସ ସମୀର,
ଶରୀରେ ଅଲୋଡ଼ା ହର୍ଷ  ।।
ଶିକ୍ଷା ଦୀକ୍ଷା କର୍ମ,  ବର୍ଦ୍ଧିଷ୍ଣୁ କାମନା,
ସବୁରି ହୃଦୟେ ନେଇ  ।
ଆଗମନ ହୁଅ, ନବ ବର୍ଷ ତୁମେ,
ଶାନ୍ତ ସୁସ୍ଥ ତୃପ୍ତ ହୋଇ  ।।
ହିଂସା ଦ୍ୱେଷ ଘୃଣା, ଦୁରୀଭୂତ ହେଉ,
ଆଧୁନିକ ସମାଜରୁ  ।
ସମାନତା ସାଥେ, ବଞ୍ଚନ୍ତୁ ମନୁଷ୍ୟ,
ଦୟାମୟଙ୍କ କୃପାରୁ  ।

ଦୁରୀଭୂତ ହେଉ,  କରୋନାର କାୟା,
ସୁସ୍ଥ ହେଉ ଯେ ସମାଜ  ।
ଦୁଇ ହଜାର ଓ,  ଏକୋଇଶ ବର୍ଷ,
ବୁଣି ଦେଉ ହର୍ଷ ବିର୍ଜ  ।।
ଅଧର୍ମକୁ ତ୍ୟାଗୀ,  ଧର୍ମକୁ ଆଦରି,
ବଞ୍ଚି ବଞ୍ଚାଉ ମାନବ  ।
ମାନବ କଲ୍ୟାଣେ,  ରହୁ ଜନ ନେତା,
ନ ରହୁ ହିଂସା ତାଣ୍ଡବ  ।।
ଗୁରୁ ଗୁରୁଜନ,  ବୃଦ୍ଧ ପିତା ମାତା,
ନ ହୁଅନ୍ତୁ ନିଃସହାୟ  ।
ବଳି ନ ପଡନ୍ତୁ, ପରି ଭଳି କନ୍ୟା,
ଠାକୁରେ ମୋ ଅଭିପ୍ରାୟ  ।।
ଲାଞ୍ଚ ଭ୍ରଷ୍ଟାଚାର,  ସାଥେ ବ୍ୟଭିଚାର,
ଦୂର ହେଉ ଯେ ସଂଶାରୁ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁସ୍ଥ ଜୀବନର,  କାମନା ମୋହର,

ନବ ବର୍ଷର ଆଗରୁ ।।

ବୁଢା ମହାଦେବ,  ଦିଅ ହେ ଆଶିଷ,

ପ୍ରଦୂଷଣ ମୁକ୍ତ ବିଶ୍ୱ ।

ନୋହିଲେ ଠାକୁରେ, ଶ୍ୟାମଳ ଧରିତ୍ରୀ,

ହୋଇ ଯାଇଥିବ ନିଶ୍ୱ ।।

ବିଶ୍ୱ କଲ୍ୟାଣରେ,  ରହୁ ନବ ବର୍ଷ,

ଶୃଂଖଳାରେ ଯାଉ ଦିନ ।

ପଡୋଶୀ ଦେଶର,  ଭୟ ଦୂର ହେଉ,

ଜୟ ଯବାନ, କିଷାନ ।।

ଗୋପୀବିନ୍ଧା, ବ୍ରାହ୍ମଣଗାଁ

ବାଲେଶ୍ବର(ଭଦ୍ରକ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାରି ଦୁଷ୍ଟ ମୋ ଶାଳୀଟା



ଶିଶିର କୁମାର ପଣ୍ଡା

ଶାଳୀଟା ସେଦିନ ଚୁପିଚୁପି ଆସି
କୁଣ୍ଢେଇ ଧରିଲା ପଛରୁ
ଚମକି ପଡ଼ିଲି ଯେମିତି ସତରେ
ପଡ଼ିଗଲିକି ମୁଁ ଗଛରୁ ।
ଟାଣିନେଇ ମତେ ଖଟରେ ବସେଇ
ଚୁମାଟିଏ ଦେଲା ଗାଲରେ
ଖୁସି ହେଲିସିନା , ଡରେ ମୁଁ ଭାବିଲି
ଇଜତ ଯିବ ୟା ପାଲରେ ।
ଘରଣୀ ଦେଖିଲେ ଉଠିବ ପଡ଼ିବ
ସୁଖ ଶାନ୍ତିର ମୋ ଘରଟା
ଆଉ କି ଦବ ସେ ସକାଳୁ ତବତ
ରାତିକି ଗରମ ପରଟା ?

ଦରକାର ନାହିଁ ଲୁଚାଚୋରା ପ୍ରେମ
ଦିନେଅଧେ ମାଛ ପରଷା
ସବୁଦିନ ମୋଓ ଭାରିଯା ପାଖରୁ
ଝରୁଥାଉ ମଧୁ ବରଷା ।
ପଳେଇ ଆସିଲି ଖସିକି
କେମିତି ବଞ୍ଚିବି ଶାଳୀର ଦାଉରୁ
ଭାବୁଥିଲି ମୁହିଁ ବସିକି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୬୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁତ୍ୱଠୁ ଅଧିକ, ହେଲେ ପ୍ରେମ ନୁହେଁ



ପ୍ରବୀର କୁମାର ସାହୁ

ଯେବେ ହଠାତ୍ ସବୁ କିଛି ହେଇ ଯାଏ,
ଧିରେ ଧିରେ ପ୍ରେମ ଶିଖିଥିବା ଝିଅ ଟି ଯଦି
ଗୋଲାପ କୁ ଦେଖି ଘୃଣା କରେ,
କଣ୍ଟା କୁ ନିଜର ଭାବି ଆପଣାର କରିନିଏ । ।

ହୁଏତ ମୁଁ ଭୁଲ୍ ବୁଝି ଥିଲି,
ସବୁ ବନ୍ଧୁତା ରୁ ପ୍ରେମ ହୁଏ ବୋଲି,
ବନ୍ଧୁତା ରେ ପ୍ରେମ ଥିଲା ସତ
ହେଲେ ମୁଁ କେବେଠୁ ହଜେଇ ଦେଇ ଥିଲି । ।

ମୋ ପ୍ରେମ କେବଳ ସୀମିତ ଥିଲା
କେତୋଟି ଫୁଲ ଆଉ ଚକୋଲେଟ୍ ଭିତରେ
ଖାଲି ଫୁଲଦେଇ ପ୍ରସ୍ତାବଦେଲେ ପ୍ରେମ ହୁଏନି
ସେଦିନ ମୁଁ ଠିକ୍ ବୁଝି ଯାଇ ଥିଲି

ପ୍ରେମ ହୁଏନି ଯଦି ଗୋଟେ ଝିଅ ପୁଅ ସହ
ଟିକେ ମନ ଖୋଲି କଥା ହେଲେ,
ପ୍ରେମ ହୁଏ ସେତେବେଳେ
ଯେବେ, ମନ ଖୋଜେ ଦି ପଦ କଥା ପାଇଁ । ।

ବାକି ଆଉ କିଛି ନ ଥିଲା,
ପ୍ରେମ ପାଇଁ ଯେବେ ବନ୍ଧୁତ୍ୱ ବଳି ପଡ଼ିଲା,
କେବେ ବନ୍ଧୁତ୍ୱ ନିଜର ହେଇ ପାରିଲା
ନା ପ୍ରେମ ଆପଣାର ,ଶେଷ ! ! !

ଅନ୍ଧକାର ଭିତରେ ସବୁ ଦିନ
ଲୁଚି ଯିବାକୁ ଇଚ୍ଛା ହୁଏ,ସମସ୍ତଙ୍କୁ ପର କରି
ହେଲେ କିନ୍ତୁ ପାରିନି,
ପୁଣି ଫେରି ଯିବାକୁ ଇଚ୍ଛା ହୁଏ,
ସେଇ କଲେଜଦିନ, ପୁଣି ତା କାନମୋଡା
ଖାଇବାକୁ

କଣିପାଳ, ବଡପଡ଼ା,ପଟ୍ଟାମୁଣ୍ଡାଇ,କେନ୍ଦ୍ରାପଡ଼ା
sahooprabir609@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯେତେବେଳେ ଛୋଟ ହୋଇଥିଲି



ଭାରତୀ ସାହୁ

ଯେତେବେଳେ ଛୋଟ ହୋଇଥିଲି
ମାମୁଁ ଘର ବଲି ଯାଇଥିଲି
ଆକାଶର ଚାନ୍ଦ ଦିଅ ମୁଁ ଖେଳିବି ଯିଦି କରି
କେତେ କାନ୍ଦିଥିଲି ।
ପାଟୁଆ ପାଟିରେ ପାନ ଦଳା
ଖାଇ କହୁଥିଲା ଅଜା ବୁଢା
ଚାନ୍ଦ ନୁହେଁ ତୋତେ ବର ଆଣିଦେବି
ହୋଇଥିବ ମୋ' ପରି ବୁଢା ।
ବଙ୍କୁଲି ବାଡିଟେ ଧରିଥିବ
ନଇଁ ନଇଁ କରି ଚାଲୁଥିବ
ଯେତେବେଳେ ତୁ ଅଝଟ କରିବୁ ବଙ୍କୁଲି
ବାଡ଼ିରେ ପିଟି ଦେବ ।

କଥା ଶୁଣୁଥିଲେ ଆଇ ବସି
କହି ଦେଲେ ସିଏ ହସି ହସି
ନାତୁଣୀକୁ ମୋର ଦେଖିଦେଲେ ଥରେ
ରାଜକୁମାର ବି ଯିବ ଫଶି ।
ନାତୁଣୀ ପରି ମୋ' କିଏ ହେବ
ନିଶ୍ଚେ ପାଠ ପଢ଼ି ବଡ଼ ହେବ
ପାଠ ପଢ଼ି ସିଏ ମଣିଷ ହୋଇଲେ ବର ଆପେ
ଆସି ପହଞ୍ଚିବ ।
ପାଠ ପଢ଼ିଲି ମୁଁ ମନ ଦେଇ
ଏ ପୁରେ ଆଜି ମୋ' ଆଇ ନାହିଁ
ମୋ' ପାଇଁ ସିଏ ପ୍ରେରଣାର ଉତ୍ସ ତା' କଥା
କେବେ ମୁଁ ଭୁଲି ନାହିଁ ।

ମାର୍ଫତ- ଦୀପ୍ତିକାନ୍ତ ସାହୁ
ଯୁନିଦା ପାଟଣା, ଦଶରଥପୁର, ଯାଜପୁର
ମୋ- ୮୮୯୫୯୪୬୩୨୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଜିଲ ମନ ମୟୂରୀ



ପ୍ରଶାନ୍ତ କୁମାର ପଧାନ

ସାଜିଲ ମନ ମୟୂରୀ
ସତେକି ମିଳିଲା ଇନ୍ଦ୍ରର ଆସନ
ସ୍ୱର୍ଗସୁଖ ହେଲା ପ୍ରାପ୍ତି
କେଉଁ ଜନମର ପୁଣ୍ୟଫଳ ବୋଧେ
ଅପେକ୍ଷାର ହେଲା ଇତି ।।

ବିଧାତାର ତୁମେ ନିଆରା ସୃଷ୍ଟି ଗୋ
ସାଜିଲ ମନ ମୟୂରୀ
ଲାଜିତ ବଦନେ ମୃଦୁହସ ତୁମ
ହୃଦୟ କରିଲା ଚୋରୀ ।।

ନବ ପଲ୍ଲବିତ ତରୁଟିଏ ତୁମେ
ଏ ଦେହ ମରୁଭୂମିରେ
ଜୀବନ ସଙ୍ଗିନୀ ରୂପେ ଆସି ପ୍ରିୟା
ବାନ୍ଧିଦେଲ ବନ୍ଧନରେ ।।

ତାରାଫୁଲ ଆଣି ଉପହାର ଦେବି
ଗଜରା କରିବ ତୁମେ
ସୁନେଲି ଆଭାକୁ ସିନ୍ଦୂର କରିବ
ଝଲସିବ ମିଠାପ୍ରେମେ ।।

ସବୁରାତି ହେବ ମଧୁଚନ୍ଦ୍ରିକା ଗୋ
ମହକିବ ମଲ୍ଲୀବାସ
ନିରେଖି ନିରେଖି ଦେଖି ମୁଁ ତୁମକୁ
କାଟିଦେବି ଏ ଆୟୁଷ ।।

ବୁରୋମୁଣ୍ଡା, ଗାଇସିଲାଟ, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି ତୁମେ...



ହରେରାମ ପଣ୍ଡା

ସ୍ମୃତି ତୁମେ - ଭସାଣି ମେଘର ଛାୟା -
କେବେ ଛୁଇଁଯାଅ - କେବେ ଦୂରେ ରୁହ -
ମନ ଗହନରେ କେବେ ଆଙ୍କିଦିଅ
ଅକୁହା ବେଦନା, ଅମାପ ଯନ୍ତ୍ରଣା ,
ଅବା କେବେ ପୁଣି -
ଲୁହଧାର ଭିଜା - ଶେଷ ଶ୍ରାବଣର ମାୟା ।
ସ୍ମୃତି ତୁମେ - ପାଉଁଶ ତଳର ନିଆଁ ,
କେଜାଣି କାହିଁକି ଅନ୍ତର ଭିତରେ -
ଦିକିଦିକି ହୋଇ - ନିଜେ ଜଳୁଥାଅ -
କାହାକୁ ବି ଜାଳୁଥାଅ -
କେବେ କା'ର ଆବେଗକୁ ଛୁଇଁ ଦେଇ -
ହୃଦୟ କୋଣରେ -
କୁହୁଳେଇ ଦିଅ - ବିରହର କଳାଧୁଆଁ !
ସ୍ମୃତିତୁମେ - ଭାସମାନ ଏକ ନାଆ ,
ଦରିଆ ବୁକୁରେ -ତରଙ୍ଗ ସାଥିରେ
ନାଚିନାଚି ତୁମେ ଦୁରେଇ ଯାଇଛ -
ମନ ଖୋଜେ ଟିକେ ପାଶେ ପାଇବାକୁ -
ହାତ ପାଏନାହିଁ - ଧରି ରଖିବାକୁ ,
ତଥାପି , ଏଇ ନିଝୁମ ରାତିରେ -
ବତୀଖୁଣ୍ଟ ପରି ଆଲୁଅ ଦେଖାଇ -
ବସି ଚାହିଁଥିବି ତୁମ ରାହା !
ସ୍ମୃତି ତୁମେ - ପାହାନ୍ତି ଆକାଶେ ତାରା ,
କାଳିମା ଅନ୍ଧାରେ ତୁମେହିଁ ଆଲୋକ -
ତୁମେ ଅମୃତର ଧାରା ,
ନୀରବ ପଥିବୀ ତମସା ଆଛନ୍ନ -
ତୁମରି ଝଲକେ ପୁଲକିତ ମନ -
ନୀରବ ନୀଶିଥ -
ବିଳମ୍ବିତ ଏଇ ବିଜନ ବେଳାରେ -
ମନପ୍ରାଣ ଭିଜେ ତୁମ ପରଶରେ -
ନିଜେ ନିଜକୁ ଖୋଜେ -

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନରେ - ପ୍ରାଣରେ -

ତୁମେ ଦେଇଯାଅ ବେଦନା ଯେ କେତେ -

ପୁଣି କେତେବେଳେ -

ଢାଳିଦେଇଯାଅ - ସାନ୍ତ୍ୱନାର ବାରିଧାରା !

କୁଆଁସ , ମେର୍ଦ୍ଧା କାଟିଆଛକ , ଯାଜପୁର ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ,

ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ।

ଭ୍ରାମ୍ୟଭାଷ - ୯୪୩୮୦୬୪୧୯୫ .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଡାକ



ସତ୍ୟବ୍ରତ ସାହୁ

କେହିନା କେହି କାହାକୁ ଡାକେ

ଚାତକୀ ଡାକେ ମେଘକୁ,

ଚକୋର ଚକୋରୀକୁ,

କଇଁ ଜହ୍ନକୁ, ପଦ୍ମ ଅଂଶୁମାନଙ୍କୁ,

ଫୁଲ ପ୍ରଜାପତିକୁ ।

ଶବ୍ଦମାନେ ଡାକନ୍ତି କବିକୁ

ମାଳ ମାଳ ଶବ୍ଦମାନଙ୍କୁ ସଜାଡି ଦିଏ କବି,

ନାଁ ଦିଏ କବିତା ।

ପକ୍ଷୀର ଡାକରେ ନିଦ ଭାଙ୍ଗେ

ରାତ୍ରିର ଜୀଅନ୍ତା ଶବମାନେ ପୁଣିଥରେ

ପା'ନ୍ତି ଜୀବଦାନ ।

ଦୁଃଖ ବେଳେ/ବିପଦ ବେଳେ ମଣିଷ ଡାକେ

ଈଶ୍ୱରଙ୍କୁ ।

ଡାକରେ ଆକୁଳତା ଥିଲେ..

ସମସ୍ତେ ଧାଇଁ ଆସନ୍ତି ଡାକ ଶୁଣିବାକୁ

ଭକ୍ତର ଡାକରେ ପରା ଦୋହଲି ଯାଏ

ଈଶ୍ୱରଙ୍କ ସିଂହାସନ ।

କିଏ ବିଶ୍ୱାସରେ ଡାକେ, କିଏ ଡାକେ ସ୍ୱାର୍ଥରେ

ତଥାପି ସବୁ ଡାକ ଭିତରେ କିଛି ନା କିଛି

ଆତ୍ମୀୟତା ଥାଏ ।

ଏମିତି ଡକା ଡକିରେ ସରିଯାଏ ବୟସ

ପୁଣି ଡାକରା ଆସେ ଉପରୁ ଶେଷ ଥର ପାଇଁ

ସେ ଡାକରାରେ ସମସ୍ତେ ଯିବାକୁ ବାଧ୍ୟ

କେହି ରୋକି ପାରିବେନି ଯିବା ରାସ୍ତାକୁ ..

ତାପରେ...

ଆଉ ଶୁଭେନା କାହାରି ଡାକ ସେମାନଙ୍କୁ ।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷାଭିଜା ରାତିରେ



ସୁନିଲ କୁମାର ଭୋଇ

"ଝିପ୍ ଝିପ୍ ଅଦିନିଆ ବର୍ଷା ରାତିରେ
ଭିଜି ଭିଜି ଗଲା ମୋ ଦେହ ବର୍ଷାରେ
ଘଡ଼ଘଡ଼ି ଶବ୍ଦରେ ଥରିଗଲା ମୋ' ଦେହ
ବିଜୁଳି ଆଲୁଏ ଦିଶିଲା ତୋ' ମୁହଁ ।।

ଭିଜା ଭିଜା ଦେହେ ଖେଳିଲା ସିଂହରଣ
ଅଟକି ଗଲାକି ସତେ ହୃଦୟ ସ୍ପନ୍ଦନ
ଦେହେ ଥିବା ରକ୍ତ-ବିନ୍ଦୁ, ଶିରା-ପ୍ରସିରା,
ଧମନୀ ଚଳନ, ଓଦା ଦେହେଭିଜା ନିର୍ଝରା ।।

ନିର୍ଜନ ରାସ୍ତାରେ, ମନ ଖୋଜେ ସାହାରା
ଖୋଜି ହେଉଥାଏ ମନ ନାହିଁ ଆସରା
ଝୁରିହେଲା ସିନା ଏ ମନ ପ୍ରାଣ
ହେଲେ ପାଖେ ନଥାଇ ଦେଲୁ କଷଣ ।।

ସତେକି ଲାଗିଲା ତୁ'ଗୋଟେ ମାୟାବିନୀ
ଏକା ଏକା ତୋ' ବିନା ବିତିଲା ରଜନୀ
କ୍ଷଣଟେ ନଥିଲେ ମୋ' ପାଖେ ସଜନୀ
ଏ'ଜୀବନ ଲାଗେ ଅଧୁରା, ଆଖି ତରଙ୍ଗିଣି ।।

ଝୁରେ ଖାଲି ତତେ ମୋ ମନ, ପ୍ରାଣ, ଜୀବନ
ତୁ' ନଥିଲେ ପାଖେ ଜୀବନ ଲାଗେ ବିଷମ
ଫେରିଗଲା ବର୍ଷା ଦେହେ ଲଗାଇ କମ୍ପନ
କମ୍ପନେ ଥରି ଖୋଜିଲା ଦେହ ତୋ' ମିଳନ ।।

ହେଲେ ତୁ' ନଥିଲୁ ମୋ' ପାଖେ, ଥିଲୁ ମନରେ
ଝିପ୍ ଝିପ୍ ଅଦିନିଆ ସେଇ ବରଷା ରାତିରେ ।।

(ସାମାଜିକକର୍ମୀ), ବରକୁଦା, ପାଞ୍ଚଗାଁ, ଜଟଣୀ,
ଖୋର୍ଦ୍ଧା, (୭୫୨୦୫୦)

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମା ଆଦିଶକ୍ତିଙ୍କ ଷୋଡ଼ଶଜଣାଣ



ସୌଭାଗ୍ୟ ରଞ୍ଜନ ମହାପାତ୍ର

ଜୟ ମା ଭବାନୀ ଜୟ ମା ଶିବାନୀ
ଜୟ ସଙ୍କଟ ହାରିଣୀ ।
ନୃମୁଣ୍ଡ ମାଳିନୀ ଖର୍ପର ଧାରିଣୀ
ଘେନ ଆରତ ଦୟିନୀ ।।
ପ୍ରଥମ ରେ ତୁହି ଦୁର୍ଗା ରୂପେ ମାଗୋ
ଜଗତେ ହେଲୁ ବିଖ୍ୟାତ ।
ଦ୍ୱିତୀୟ ରେ ତୁହି ଗିରିରାଜ କନ୍ୟା
ଉମା ରୂପେ ହେଲୁ ଜାତ
ତୃତୀୟ ରେ ତୋର ନାମ ନାରାୟଣୀ
ଚତୁର୍ଥ ମା କତ୍ୟାୟନୀ ।
ପଞ୍ଚମ ରେ ହେଲୁ ଶିବଙ୍କ ଘରଣୀ
ଷଷ୍ଠାବତାରେ କୁମାରୀ
ସପ୍ତମ ରେ ତୋର ମହାକାଳୀ ନାମ
ଅଷ୍ଟମ ମା ହରଚଣ୍ଡୀ
ନବମେ ରେ ତୁହି ବୋଲାଉ ଅମ୍ବିକା
ଦଶମେ ମା କାତ୍ୟାୟନୀ ।
ଏକାଦଶେ ତୋର ଗିରିବାଳା ରୂପ
ନାମ ତୋ ଅଟେ ପାର୍ବତୀ ।
ଦ୍ୱାଦଶ ରେ ତୁହି ଚଉଷଠୀ ଯୋଗ୍ନୀ
ରୂପେ ହେଲୁ ମା ବିଖ୍ୟାତି ।।
ତ୍ରୟୋଦଶ ତୋର ନାମ ଭଗବତୀ
ଚତୁର୍ଦ୍ଦଶେ ତ୍ରିପୁରା ।
ପଞ୍ଚଦଶେ ତୁହି ହୋଇଲୁ ମଙ୍ଗଳା
ଷୋଡ଼ଶେ ହେଲୁ ହିଙ୍ଗୁଳା
ସପ୍ତଦଶେ ସତ୍ୟବତୀ ତୋର ନାମ
ବାରାହୀ ନାମ ଅଠର
ଭିନ୍ନ ଭିନ୍ନ ନାମେ ଭିନ୍ନ ଭିନ୍ନ ସ୍ଥାନେ
ଭିନ୍ନ ମହିମା ତୋର
ଅଧମ ସନ୍ତାନ ମୁଁହି ଗୋ ଜନନୀ
ନ ଜାଣେ ପଦ ବନ୍ଦନା
ମୋ ପ୍ରତି ଦୟା କରି ଲୋ ଜନନୀ
ଦୋଷ ମୋ କର ମାର୍ଜନା ।

ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଙ୍ଗା ନୀଡ଼



ଅଲିଭା ସାହୁ

ପକ୍ଷୀଟିଏ ସିନା ବାନ୍ଧିଥାଏ ବସା
ଦୁନିଆ ଉପରେ କରିକି ଭରସା । ।
ଅମାନିଆ ବାଆ ଯଦି ନ ହୋଇବ ସାହା
ନିରୀହ ପକ୍ଷୀ କି କେ କରିବ ବା ଆହା । ।
ବାରମ୍ବାର ସିନା ବସା ବାନ୍ଧୁଥାଏ
ଅମାନିଆ ବାଆ ଖାଲି ଭାଙ୍ଗୁ ଥାଏ । ।
ଛୋଟ ପକ୍ଷୀ ପରି ଅଟେ ଏହି ମନ
ମନେ ଦେଖୁଥାଏ ସୁନେଲି ସପନ । ।
ଛୋଟ ହୃଦୟରେ ଅନାବିଳ ପ୍ରେମ
ସ୍ୱାର୍ଥପର ଦୁନିଆ ତାର ରଖେ ନାହିଁ ମାନ । ।
ସୁନା ମନକୁ ତା କରିଦିଏ ଚୁନା
ପଛକୁ ଆଉ ସେ ବୁଲିବି ଚାହେଁନା । ।

କାଚର ଆଇନା ଅଟେ ମୂଲ୍ୟବାନ
ଭାଙ୍ଗିଗଲେ ଟୁକୁରା ତା ହୁଏ ମୂଲ୍ୟହୀନ । ।
ବାରମ୍ବାର ମନ କିଏ ଭାଙ୍ଗି ଦେଇଯାଏ
କାରଣ ତାହାର କିଛିବି ନପାଏ । ।
ନୀଡ଼ ଭାଙ୍ଗି ଗଲେ ପକ୍ଷୀ ହୁଏ ବାସହରା
ମନ ଭାଙ୍ଗିଗଲେ ଜୀବନ ହୁଏଯେ ବେଶୁରା ।
କାଚର ଟୁକୁଡା କୁ ସାଇତି ରଖିବା ଯେ ମନା
ଭଙ୍ଗା ନୀଡ଼ କୁ ଫେରିବି ହୁଏନା । ।

ତିରୁଚିରାପଲ୍ଲି, ତାମିଲନାଡୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଭାଷା



ଯଶୋବନ୍ତ
ପଟ୍ଟନାୟକ

ଜନମ ଆମର ଓଡ଼ିଶା ମାଟିରେ ଓଡ଼ିଆ ଆମର ଭାଷା,
ଏଥିପାଇଁ ଆମ ପୂରୁବ ପୁରୁଷ ଭୋଗିଛନ୍ତି କେତେ ଦଶା ।।

ତାଙ୍କରି ଯୋଗୁଁ ହିଁ ରାଇଜ ଆମର- ଗରବେ ଠିଆ ହୋଇଛି,
ଓଡ଼ିଶା ମାଟିର ଛୁଆ ବୋଲି ଆମେ ପରିଚୟଟିଏ ମିଳିଛି ।।

ଆମଭାଷା ଆଜି ସାରା ମୂଲକରେ ଶ୍ରେଷ୍ଠ ଭାଷା ମଧ୍ୟେ ଗଣା,
ଏଇ ତ ଆମର ଗୌରବ ଗାଥା ବିଶ୍ୱରେ ଉଡ଼ଇ ବାନା ।।

ଗୋପବନ୍ଧୁ, ମଧୁବାବୁ, ହରିହର, ନୀଳକଣ୍ଠ, ଗୋଦାବରୀ,
କବି ଉପଇନ୍ଦ୍ର, ଭୀମଭୋଇ, ମଧୁ ରାଧାନାଥ, ବନମାଳୀ ।।

ପଞ୍ଚସଖା ଠାରୁ ଐର ଖାରବେଳ, ନେତାଜୀ ସୁଭାଷ ଯାଏଁ,
ଧରମା, ବାଜି ଓ ବିଜୁବାବୁ କଥା ହୃଦୟକୁ ଭାରି ଛୁଏଁ ।।

ପ୍ରାଣନାଥ ଆଉ ପଠାଣିସାମନ୍ତ ଜଗତଯାକରେ ଗଣା,
କେଳୁଚରଣରୁ ସୁଦର୍ଶନ ନାମ କାହାକୁ ଅବା ଅଜଣା ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବକ୍ସିଜଗବନ୍ଧୁ, ଜୟୀରାଜଗୁରୁ, ରଘୁ, ଦିବାକର ସାହସ,
କଷ୍ଟି, ଚକରା, ବିର୍ସା, ସୁରେନ୍ଦ୍ର ସ୍ୱର୍ଣ୍ଣିମ ଇତିହାସ ।।

ରମାଦେବୀଠାରୁ ନନ୍ଦିନୀ ଶତପଥୀ, କୁନ୍ତଳାକୁମାରୀ, ଲିଙ୍କନ,
ସାରା ଦୁନିଆଁରେ ଜଣାଶୁଣା ଦୂତି- ଶ୍ରାବଣୀ, ପଦ୍ମିନୀ ନାମ ।।

ଶ୍ରୀଜଗନ୍ନାଥ, ଲିଙ୍ଗରାଜ, କୋଣାର୍କ-ଧଉଳି ଓ ଖଣ୍ଡଗିରି,
ହୀରାକୁଦ, ଡୁଡୁମା, ନନ୍ଦନକାନନ ଚିଲିକା, ରତ୍ନଗିରି ।।

ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, କୃଷି, ରାଜନୀତି-ବିଜ୍ଞାନ ଓ ଯୋଗାଯୋଗ,
ନୃତ୍ୟ, ସଂଗୀତ, ବାଦ୍ୟ, ଅଭିନୟ, କଳା, କାରିଗରୀ, ଯୋଗ ।।

ସବୁରି କ୍ଷେତ୍ରରେ ଆମ ନାଁ ଡାକ ତଥାପି ଘାରୁଛି ନିଶା,
ପାଶ୍ଚାତ୍ୟ ଢାଞ୍ଚାଟା ଧସେଇ ପଶୁଚି-ଚାହିଦା ବିଦେଶୀ ଭାଷା ।।

ଯେତେ ଭାଷା ଶିଖ ମନା ନାହିଁ ଜମା ବଢ଼ାଅ ନିଜର ଜ୍ଞାନ,
ଦିଅ ଟିକେ ସ୍ନେହ, ମମତା, ଆଦର ମାତୃଭାଷା ପ୍ରତି ଧ୍ୟାନ ।।

ଶିକ୍ଷକ,ଓଡ଼ଗାଁ,ନୟାଗଡ଼
ମୋବାଇଲ ନଂ - ୯୯୩୭୮୭୧୬୮୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେ ଏମିତି ବାଟରେ ଚାଲେ



ବିକାଶ ଚନ୍ଦ୍ର ବେହେରା

ସେ ଏମିତି ବାଟରେ ଚାଲେ
ଯେଉଁଠି ତା ଏକଲା ପଣରେ
ନିଜକୁ ଛାଡି ବାକି ସମସ୍ତଙ୍କୁ ପାଏ
ନିଃଶବ୍ଦ ନିର୍ଜନତାର ଉପତ୍ୟକାରେ,
ସ୍ମୃତିର ବଗିଚାରେ ପତ୍ରଝଡ଼ା
ଦେଇଥିବା ଗଛ ପରି,
ସମୟର ସମୀରଣ ସହ ମାଟି ଉପରେ
ତା' ସଂପର୍କୀୟ ସମସ୍ତେ
ତାକୁ ଛାଡି ଦୂରକୁ ଚାଲିଯାଆନ୍ତି
ସେମାନଙ୍କ ପୁନରାଗମନ ନିମନ୍ତେ
ସେ ଫେରା ଫଗୁଣର
ବସନ୍ତ ଆବାହନୀ ସାଧନାରେ ଲିପ୍ତ ଥାଏ...
ସେଇ ସାଧନା ପଥରେ ବିଚଳିତ କରି ପାରେନା
ତା' ସଂପର୍କୀୟ ଙ୍କ ବିକଳ ବିଳାପ
ଦୂରକୁ ଦୂରକୁ ଚାଲି ଗଲାବେଳେ...
ଏକାକୀକତାର ଜୀବନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ରଚିଚାଲେ ବ୍ରହ୍ମ ନିଷ୍ଠ ହୋଇ,

ସେ ତଲ୍ଲୀନ ହୋଇଯାଏ

ଯୋଗରେ ପରମାତ୍ମା ପରଂବ୍ରହ୍ମଙ୍କ ସଂଯୋଗ ରେ...

ସମାଧିସ୍ଥ ମାନସପଟରେ

ନାଟକର ଆବେଗପୂର୍ଣ୍ଣ ଶେଷ ଦୃଶ୍ୟ ଭଳି

ସେ ଦୌଡୁଥାଏ ତା ସଂପର୍କୀୟଙ୍କ ପଛେପଛେ...

ସେ ଏମିତି ଦୌଡୁଥାଏ

ଯେମିତି ସ୍ୱପ୍ନରେ ସମସ୍ତେ

ପଛରେ ସିଂହ ବାଘ ଭୂତ ପ୍ରେତ ଦେଖି

ପ୍ରାଣ ମୂର୍ଚ୍ଛା ଦୌଡନ୍ତି...

ସେ ଦୌଡ଼ି ଦୌଡ଼ି ଅତିକ୍ରମ କରେ

ନଦନଦୀ ପାହାଡ଼ ବିଲ ବଣ ଅନେକ କିଛି

କିନ୍ତୁ ଅନ୍ତହୀନ ମରୁଭୂମିରେ ଦଉଡୁ ଦଉଡୁଛ

ହଠାତ ସଂଜ୍ଞା ହୀନ ହୋଇଯାଏ

ଆଉ ବିତିଯାଏ ତା' ଜୀବନର ଅନନ୍ତ କାଳ...

ଆଉ ସମାଧି ଭାଙ୍ଗିଲା ବେଳକୁ

ତାକୁ ପରମପଦ ପ୍ରାପ୍ତ ପୂର୍ବକ

ସବୁର ପରିବର୍ତ୍ତନ ହୋଇ ସାରିଥାଏ....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫେରା ଫଗୁଣ ଝରା ବଉଳ

କୋକିଳର କୁହୁତାନ

ପ୍ରଜାପତିଙ୍କ ଚପଳତା

ଫୁଲର ସୁନ୍ଦରତା ଓ ବାସ୍ନା

ଆହୁରି ଅନେକ କିଛି

ଚହଳ କରି ସାରିଥାନ୍ତି ତା' ଚାରି ପାଖରେ...

ଛାତ୍ର, ଶିକ୍ଷା ବିଭାଗ

ଖ୍ରୀଷ୍ଟ ମହାବିଦ୍ୟାଳୟ,କଟକ - ୭୫୩୦୦୮

ମୋ- ୮୯୧୭୪୧୬୧୩୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ହଜିଲା ଶୈଶବ



ସୁଶ୍ରୀ ଆରତୀ
ପଟ୍ଟନାୟକ

ଜୀବନ ସଂଘର୍ଷେ,

ବୟସ ଅପରାହ୍ନେ

ମନ କୁ ଯେବେ ନିରୋଳାରେ ହଜାଇ ଦିଏ,

ହଜିଲା ଶୈଶବର ଅଭୁଲା ସ୍ମୃତି

ମନେ ରୋମାଞ୍ଚ ଖେଳାଇ ଦିଏ । ।

ଉଆଁସୀ ଜହ୍ନର  ଶୀତଳ ସମୀରଣ

ଶରୀରକୁ ସ୍ପର୍ଶ ଯେବେ କରିଯାଏ,

ମନ ନଉକାର କାତକୁ ଧରି

ସ୍ମୃତି ସ୍ୱପ୍ନେ  ବିଭୋର ମୁଁ ହୋଇଯାଏ ।

ଖେଳୁଥିଲି ମୁହିଁ କେତେ ବାଲି ଖେଳ

ଦଳ ଦଳ ହୋଇ କେତେ ସାଙ୍ଗ ମେଳ

ଘୁରି ବୁଲୁଥିଲି କେତେ ତୋଟା ମାଳ

ଖାତର ନ କରି ତିଳେ ବେଳ ଓ ଅବେଳ ।

ଆଶୀର୍ବାଦ ରୂପୀ ମୋ ବୋଉ ଗାଳି ମାଡ

କଷଣେ ବି ମୃଦୁ ହାସ୍ୟ ଓଠେ ଭରେ.

ନ ଥିଲା ସେକାଳେ ଛନ୍ଦ ଓ କପଟ

ନିଷ୍ପାପ ନିଶ୍ଚିନ୍ତ ମନ....

ଆଜି ସମୟଟା ଲାଗେ ସ୍ୱାର୍ଥପର

ଜାଳେ ମନ ପ୍ରତିକ୍ଷଣ  ।

କାଗଜ ଖଣ୍ଡରେ ଡଙ୍ଗାକୁ ଗଢି

ଭିଜୁଥିଲି ମୁହିଁ କେତେ ବର୍ଷାବଢି

ସମୟ ସ୍ରୋତର ଡଙ୍ଗାକୁ ବାହି

ଫେରିବାକୁ ଚାହେଁ ସେହି ଦିନକୁ

ହେଲେ ଫେରିବି କିଭଳି ସ୍ମୃତିର ଦିନକୁ

ଯାହା ହଜାଇ ଦେଇଚି ନିଜଠୁ । ।

ସୋରଡା, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାତି



ଶ୍ରୀକ୍ଷେତ୍ର ସୁନ୍ଦର

ରାତିର କଳା ପଣତ ତଳେ ରୂପେଲି ତାରକସି ଜହ୍ନ-ତାରା
ପାଖରେ ଲକ୍ଷ୍ୟହୀନ ଅଙ୍କା-ବଙ୍କା ନଇ
ଦୂର ପାହାଡ଼ର ଝାପ୍ ସା ଉପସ୍ଥିତି
ଅନିଚ୍ଛା ସତ୍ତ୍ୱେ ଦଣ୍ଡାୟମାନ ଲାଚାର ବୃକ୍ଷ-ଲତା
ଅନତି ଦୂରରେ ସହରର ଚିକ୍-ମିକ୍ ଆଲୋକ
ସୁଲୁସୁଲିଆ ପବନର ଫୁସ୍-ଫାସ୍ କଥା
ଅଚାନକ ଆକାଶରେ ଅଙ୍କା-ବଙ୍କା ଗାର ଟାଣୁଥିବା ବିଜୁଳି
ନିଶବ୍ଦର ଅସର ଭିତରେ ନିର୍ବୋଧ-କ୍ଲାନ୍ତ-ପଥହରା ମଣିଷ
ଅଦେଖା ଆଙ୍ଗୁଳି ଭରସାରେ ...

M.Mus, M.Phil
ସଂଗୀତ ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ
ମୋ - ୯୦୯୦୨୭୮୦୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଆଁରୁ ବି ପାଣିଝରେ



କୃଷ୍ଣଚନ୍ଦ୍ର ବାରିକ

ହଁ; ନିଆଁରୁ ବି ପାଣି ଝରେ !
୧୦୮ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ
ଜିଭ ତଳ ପାରଦ ଚିହ୍ନରେ
ଶୋଇଥିବା ନିଃସ୍ୱ ଶରୀରର ଛିଣ୍ଡା ସପରେ

ହଁ; ନିଆଁରୁ ବି ପାଣି ଝରେ !
ଭୋକ ଦାଉ ରେ ପଥର ପିଟୁଥିବା
ସନିଆ ଭାଇ ର ହାତୁଡ଼ି ବେଣ୍ଟ ରେ
ତା ଭାରିଜା ଆଖି ର ମେଘୁଆ କଜଳ ଗାର
ରେ

ହଁ; ନିଆଁ ରୁ ବି ପାଣି ଝରେ !
ଅପୁରା ପେଟର ଆତ୍ମ କାହାଣୀ ଲେଖୁଥିବା
କଙ୍କାଳ ମାନଙ୍କ କଲମ ମୂନ ରେ
ମାଟି କୁ ସୁନା କରିବା ର ଲଙ୍ଗଳ ଦାନ୍ତ ରେ

ହଁ ; ନିଆଁ ରୁ ବି ପାଣି ଝରେ !
ଦେହ ଦହନ ର ଯଜ୍ଞ କୁଣ୍ଡ ରେ
କିଛି ଢ଼ୋକି ଥିବା ଶୋଷ
ଆଉ କିଛି ବାନ୍ତି କରିଥିବା ଭୋକ ରେ
ହଁ ; ନିଆଁ ରୁ ବି ପାଣି ଝରେ ...... !

ଗ୍ରାମ/ପୋ:ଅ: ରାଜିବ, ଭାୟା: କଳାପଥର
ବ୍ଲକ୍ : ବାଙ୍କୀ, ଜିଲ୍ଲା: କଟକ
କଥାହେବା: +୯୧୬୩୭୦୧୧୦୬୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ବର୍ତ୍ତମାନ



ରାଜେନ୍ଦ୍ର କୁମାର ମହାନ୍ତି

ସୂକ୍ଷ୍ମାଦି ସୂକ୍ଷ୍ମ
ଭାଇ ରସର ପ୍ରେମ
କୁହ ପ୍ରତାରଣା
କୁହ
କୁସ୍ମାରଟନା କର
ଖଳନୟକ କୁହ
କିନ୍ତୁ ପ୍ରେମର
ପରିଭାଷା ତ ଦେଲା !

ପ୍ରେମ ଉଶୃଙ୍ଖଳ ନୁହେଁ
ପାର୍କ ଭିତରେ ସବଜା
ଗାଲିଚାରେ ଦେହ ତ ବିକ୍ରି ହେଉନି
ପ୍ରେମ ବଂଚିଛି
ଆବଦ୍ଧ କୋଠରୀରେ
ନିସର୍ତ୍ତ ପ୍ରେମ
ମା' ବାପାର
ଭାଇ ଭଉଣୀର ।

କି ସୁନ୍ଦର
କି ନୈସର୍ଗିକ ପ୍ରେମର ଭାଷା
ମୃଦୁ ମୃଦୁ ହସରେ
ଚା କପ୍
ଆଖି ଇସାରା ଦେଲେ
ଚକୁଲି ପିଠାର ବାସ୍ନା
କଂସାଏ ମୁଢ଼ିର
ସ୍ୱାଦିଷ୍ଟ ଚୁମ୍ବକୀୟ
ସ୍ନେହ ବୋଲା ବ୍ୟଞ୍ଜନ
ପୁଣି ବ୍ୟଜନ ।
ଆଃ ଚମତ୍କାର ସେ ପ୍ରେମ
ଭୟରେ ନୁହେଁ
ନିର୍ମଳ ହୃଦୟେ
ବୁଣା ଚାଲିଛି ପ୍ରେମର ଗାଲିଚା ।

ରାଜବୋରା ସମ୍ବର ପଦ୍ମପୁର, ବରଗଡ
ମୋ.ନଂ : ୮୬୫୮୩୭୬୯୩୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା ଗଲା ପରେ



ସୀତାକାନ୍ତ ମହାପାତ୍ର

ବର୍ଷା ଗଲାପରେ ଆକାଶଟା ଆଜି
ଲାଗୁଛିରେ ଫିକା ଫିକା
ସେ ଦେଇଥିଲା ମୋତେ ଧୋକା...
ଆଖିରେ କଜଳ
ଓଠରେ ଚଞ୍ଚଳ
କରିଥିଲା ମତେ ପାଗଳ
ଚାଲିଗଲା ପରେ
ଛାଡ଼ିଗଲା ନିଶା
ଲୁହରେ ସମୁଦ୍ର ଅଥଳ...
ତୋ ବାସରେ ମୋର
ଅଗଣା ମହକୁଥିଲା
ତୁ ଥିଲୁ ମୋର
ସଉକ କେତେ ଥିଲା
ତୋ ହାତର ସ୍ପର୍ଶ

ଖୋଜେ ମୁଁ ଅନ୍ଧାରୀ ବଣରେ
ସ୍ମୃତି ସବୁ ତୋର
ପବନରେ ବହି
କହିଯାଏ ମୋ କାନରେ...
ଭୁଲିବାକୁ ଯେତେ ଚାହିଁଲେ ବି ମୁଁ
ଭୁଲି ପାରୁନାହିଁ ତତେ
ଆଉଥରେ କ'ଣ ଆସିବୁ କି କହ
ଚାଲିବାକୁ ବାଟ ହାତେ
ମାଗୁନାହିଁ ତତେ ଅଧିକ କିଛି ମୁଁ
ଯେଉଁଠି ବି ରହ
ଖୁସିରେ ତୁ ରହ
କହିବୁନି ତୋର ମୁଁ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟଗର ଫୁଲ



ଦୁର୍ଯ୍ୟୋଧନ ଚଣ୍ଡୀ

ଟଗର ଫୁଲ ଦେଖିବାକୁ କେତେ ସୁନ୍ଦର

ଦେଖି ଲାଗେ ସତେ ଆହା କି ମନୋହର

ଦେଖିବାକୁ ମନ ଲୋଭା ନଥାଏ ତାର ବାସ

ଖରା, ବର୍ଷା, ଶୀତକୁ ନ ଜାଣି ଫୁଟେ ସେ ବାରମାସ

ବାସ ନାହିଁ ଯାହା ଦେହେ ବସିବକି ଭ୍ରମ

ଟଗର ଫୁଲ କି ହେବ ମଲ୍ଲୀ ଫୁଲ ସମ

ଦୂରେଥିଲେ ବାସେ ଯେଉଁ ଯେଉଁ ସୁମନ

ସେଇ ଫୁଲେ ଦେଇଥାଏ ଭ୍ରମର ଚୁମ୍ବନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାଉରୀ



ଆକାଂକ୍ଷା
ଅରୁଣିମା ସାହୁ

ବୋଧହୁଏ ପ୍ରେମ ରକ୍ତ ନଦୀରେ
ଆମ ନୌକା ଖୋଜିପାଉନି କେଉଁଠାରେ !
ବୋଧହୁଏ ମଙ୍ଗବିହୀନ ସେ ନୌକା
ହଜିଯାଇଛି ଭୁଲ୍ ବୁଝାମଣାର ଝଡ଼ରେ ।
ତାଙ୍କ ଅଭିମାନ ବୋଧେ ବଦଳିଯାଇଛି ରାଗରେ
ଆଉ ମୋ ନାଉରୀ ?
ହଁ, ସେଇ ଜିଦଖୋର୍ ନାଉରୀ
କୂଳରେ ଲଗେଇବା ବେଳକୁ ହିଁ କାତ ଛାଡ଼ିଦେଲା ମାନ କରି
ସେମିତି ବସିଛି ପ୍ରେମ ନଦୀ ଧାରେ
ଅନେକ ବାଟକୁ ତାରେ ।
ଜାଣିଛି ସେ ଭାରି ଅଭିମାନୀ,
ଉପରେ ରାଗକୁ ଭିତରେ ତା କୋହ,
କୋଳେ ମୁଣ୍ଡ ରଖି ଢାଳିବ ସେ ଲୁହ ।
ଆସୁ ସେ ପାଖକୁ,
ସବୁଥର ପରି ମାନିବିନି ଜମା,
କରିବିନି କ୍ଷମା ।
ଥରେ ବିରହ ଜ୍ୱାଳାରେ ଜଳୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ ମନ ମାନେନା



ନିରଞ୍ଜନ ସାହୁ

ଯେତେ ବୁଝାଇଲେ ଏ ମନ ବୁଝେନା
ବୁଝାଇବ ତାକୁ କିଏ
କେମିତି ବୁଝିବ ପାଗଳ ମନଟା
ଯେତେ ବୁଝାଇଲେ ଯିଏ ।
ଦିନଥିଲା ଦିନେ ଏଇ ମନ ମୋର
ବହୁତ ସରଳ ଥିଲା
ସହଜ ଭାବରେ ବୁଝି ନେଉଥିଲା
ସାଜି ଅବୋଧ ପିଲା ।
ଆଜି ସେଇ ମନ ନିଜକୁ ପଚାରେ
ଜଟିଳତା କିଏ ଦିଏ ?
ଦିନେ ସତମିଛ ନ ପରଖି ମନ
ବଞ୍ଚିଥିଲା ବିଶ୍ୱାସରେ
ଆଜି କିନ୍ତୁ ଦେଖେ ବିଷ ଭରିଅଛି
ପ୍ରତିଗୋଟି ନିଶ୍ୱାସରେ ।
କାହିଁକି ହୋଇଲା, କିଏ ଏହା କଲା
କେମିତି ଜୀବନ ଇଏ ?

ନିହଲ ପ୍ରସାଦ, ଗଡିଆପାଟଣା,
ଢେଙ୍କାନାଳ, ୭୫୯୦୧୬
ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତୀକ୍ଷା



ଦମୟନ୍ତୀ ଜେନା

ଆସିବାର କଥା ଦେଇ
ଘରୁ ଯାଉଥିଲ ବାହାରି,
ନ ଆସିଲ ଆଉ କାହିଁ......

ରହିବି ରହିବି କହି
ରହୁନଥିଲ ପାଶେ
ପାଶେ ମନ ଗାଁ ମାଟି.....

ଛାଡି ଯାଉଥିଲ
ଅଧା ଖାଇବା ଥାଳି
ରହି ସଦା ନିଜ କର୍ମରେ ମଜ୍ଜି.....

ନା ବୁଲାବୁଲି,ନା ସାଜସଜ୍ଜା
ନା ଗାଡ଼ିବଙ୍ଗଳାରେ
ଥିଲା ତୁମ ଇଛା.......

ଲୋକଙ୍କ ସେବାରେ,କାଟୁଥିଲ ଦିନ
ପ୍ରତିଟି ସମୟକୁ
କରି ହାତମୁଠା......

କେତେ ଗାଳି,ନିନ୍ଦା
ଅପବାଦ ଶୁଣି
ମନରେ ନଥିଲା ତିଳେ ହେଁ କୋହ.......

ଧର୍ମକୁ ବିଚାରି
ଆଗେଇ ଚାଲୁଥିଲ
ପ୍ରତିଟି ସମୟର କଷଟି ପଥ.....

ହେଲେ ଆଜି ହଠାତ୍,
ଏ କି ଅଘଟଣ !!!!
ଛାଡିଦେଇ ଗଲ ଏକାକୀ ଆମକୁ
ଚୀରଦିନ ତୁମକୁ ଝୁରିବା ପାଇଁ........

ଆଖି ଏବେ ବି ଚାହିଁଛି ଦ୍ୱାର ମୁହଁକୁ
ତୁମ ଆସିବା ବାଟକୁ
କାନ ଏବେବି ଡେରିଛି
ଶୁଣିବାକୁ ତୁମ, ମିଠା ମିଠା ମା' ଡାକକୁ.......

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିବର୍ତ୍ତନ



ମାନସ ରଞ୍ଜନ
ନାୟକ

ବଦଳିବାର ଏକ ନିଛକ ଅଭିବ୍ୟକ୍ତି
ସମୟକୁ ଜୀବନ୍ତ ସାବ୍ୟସ୍ତ କରିବାର
ଏକ ପ୍ରୟାସ ନିରବଛିନ୍ନ
ଅବା ଆବର୍ତ୍ତନର ପରିଧିରେ ଶୀର୍ଷତ୍ୱର
ଏକ ବୃଥା ପ୍ରହସନ । (୧)

କେତେବେଳେ ଜୁଆରରେ ଏକ କୂଳରୁ
ଆରକୂଳକୁ ବିସ୍ଥାପନ
ଅବା ପ୍ରଳୟଙ୍କାରୀ ବନ୍ୟାରେ
ଭିଟାମାଟି ଠାରୁ ନିର୍ଯ୍ୟାସନ । (୨)

ମୁଣ୍ଡ ଝାଳ ତୁଣ୍ଡେ ମାରି କଣ୍ଟକିତ ଦୁର୍ଗମ ପଥକୁ
ସଫଳତା ର ସୋପାନରେ ରୂପାନ୍ତରଣ
ଅବା ଖୋଷାମତି କରି ପାରିତୋଷିକରୁ
ରାତାରାତି ରାଜେନ୍ଦ୍ରାସୀନ । (୩)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବଚେତନରୁ ଚେତନାର ସୂକ୍ଷ୍ମ ବିକାଶ

ଚଣ୍ଡାଶୋକରୁ ଧର୍ମାଶୋକ

ଅବା ପାଶବିକ ପ୍ରବୃତ୍ତି ରେ ମତୁଆଲା

କ୍ଷମତାସୀନ ହୋଇ ଶୋଷଣ ର ଜୟଗାନ ।(୪)

ଗୋଧୂଳି ର ଦୂର ଦିଗନ୍ତ ରେ ଆଖିପତାତଳେ

ହାଇମାରୁଥିବା କ୍ଳାନ୍ତ କାକୁସ୍ଥ ଜୀବନ

ଅବା ସନ୍ନିକଟ ଦିଗବଳୟ ରେ ସ୍ୱର୍ଣ୍ଣାଭ ସୂର୍ଯ୍ୟୋଦୟ

ସ୍ନେହାଁଲ୍ହାଦିତ ଜୀବନର ମାଦକୀୟ ଯୌବନ ।(୫)

ସୀମିତ କେବଳ କ୍ୟାଲେଣ୍ଡରରେ ପୃଷ୍ଠା ଉନ୍ମୋଚନ

ଡିସେମ୍ବର ପରେ ନବ ବର୍ଷର ଉଚ୍ଛାଟ ଅଭିନନ୍ଦନ

ଅବା ମରା ରୁ ରାମ, ଉଇ ହୁଙ୍କାରୁ ବାଲ୍ମୀକି

ଦାନବତ୍ୱରୁ ଦେବ ତୁଲ୍ୟ ପରିମାର୍ଜନ ।(୬)

ମଞ୍ଜୁରୀ ରୋଡ୍, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବବର୍ଷର ଜୀବନ



ଦଣ୍ଡାସି ପ୍ରଧାନ

ଜୀବନ ନୁହଇ ବର୍ଷ- ମାସ-ଦିନ
ଭୋଗ ରାଗ ଅନୁକ୍ଷଣ ।
ଜୀବନ ଅଟଇ କାଳରୁ ମୁଠାଏ
ଯନ୍ତ୍ରଣା ଜଞ୍ଜାଳ ପ୍ରାଣ । ।୦୧

ଜୀବନ ଟା କ'ଣ ଯାନ୍ତ୍ରିକ ଦହନ
ଅଭିଯୋଗ ଅଭିମାନ ?
ଜୀବନ ଟା ପରା ଅମୃତ ପସରା
ପ୍ରତିବଦ୍ଧତାର ଦାନ । ।୦୨

ସୁଧିର ଚତୁରେ ଭାସିଯାଏ ସ୍ରୋତେ
ଜୀବନ ସରିତ ଗଙ୍ଗା ।
ବ୍ୟର୍ଥ ଧ୍ୱନି ଧ୍ୟାନ ଅମହତ ଜ୍ଞାନ
ବିରୁଦ୍ଧଗୁଣେ ବିରଙ୍ଗା । ।୦୩

ନେତ୍ର ଫେଢ଼ି ଦେଖ ପ୍ରକୃତି ଜଗତ
ସେବା ତ୍ୟାଗେ ଅବିରତ ।
ଅନାବିଳ ଶ୍ରଦ୍ଧା ସଘନ ସୁମନେ
ଆଚ୍ଛାଦିତ ମୁଖରିତ । ।୦୪

ଜୀବନ ସମୃଦ୍ଧ ଚୁମ୍ବକୀୟ କ୍ଷେତ୍ରେ
ଦୁର୍ଲ୍ଲଭ ଆନନ୍ଦ ଫର୍ଦ୍ଦ ।
ସୁପ୍ରସନ୍ନ ଯୋଗ କ୍ରୀୟା ସମ୍ପାଦନେ
ବରଜ ଦୁଃଖ ବିଷାଦ । ।୦୫

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ବାଦପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ମାମୁଁବାପା



ସାଗର ନାୟକ

ମାମୁଁ ବାପା ଏ କବିତା ତୁମ ପାଇଁ

ମାମୁଁ ଘର ଦୁଆରେ
ଶୁଭୁଛି ରାମ ନାମ ସତ୍ୟହେ
ହରି ନାମ ସତ୍ୟହେ ର ଧ୍ୱନି
ଛ ଖଣ୍ଡ କାଠର ଜୁଇରେ
ମାମୁଁ ବାପା ଶୋଇ ପଡିଛି
ନିଘୋଡ଼ ନିଦରେ ରହି
ବିଞ୍ଛା ଯାଉଛି ଖଇ କଉଡି
ମାମୁଁବାପା ଦେଖି ପାରୁନି କେମିତି
ଏତେ ଲୋକ ଥାଇ
ମିଳୁଛି ମୁଖାଗ୍ନି
ଶେଷ ସ୍ମୃତି ପାଇଁ
ଅସ୍ଥିର ଅପେକ୍ଷା କ୍ରିୟା ପାଇଁ
ସତରେ କେତେ ଆମେ ଅସହାୟ
ମାମୁଁ ବୋଉ ପାଇଁ .................... ! ! ! !

ସମସ୍ତ ପରିଜନ ଥାଇ
ପୁଅ ଦେଖିପାରିଲାନି
ଶେଷ ଦେଖା ପାଇଁ
ଦଇବ ର ଖେଳ ଏଠି
ନାତୁଣୀ ନିର୍ମାଲ୍ୟ ରେ
ମାମୁଁ ବାପା ଆଖି ବୁଝେଇ
ଶେଷ ଦର୍ଶନ
ଶେଷ ସ୍ପର୍ଶ
ସତେ ଯେମେତି
ମଶାଣି ପାଉଁଶରେ
ଏ ମାଟିରମଣିଷ ମାଟି ହେଇଯାଇ ... ! ! ! ! !

ଫୁଲ, ଚନ୍ଦନ କାଠ, ଗୁଆ ଘିଅ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲୋଡ଼ା ଆଜି ଥାଇ

ଆତ୍ମୀୟଙ୍କ ଆକୁଳ କ୍ରନ୍ଦନ

ଦୁନିଆରେ ସତ୍ୟ ଖାଲି ରାମ ନାମ ସତ୍ୟ ହେ

ହରି ନାମ ସତ୍ୟ ହେ

ଆଉ ସବୁ ମିଛ, ଲୋଭ, ମୋହମାୟା

ଦୁନିଆରେ ଆଉ କିଛି ନାହିଁ .......... ! ! ! !

ଏଠି ଧନୀ, ଗରିବ, ପିଲା,ବୁଢା

ସମସ୍ତେ ସମାନ

ନା ପୁଅ ଏଠି ଭାଗୀ

ନା ଝିଅ ଏଠି ଭାଗୀ

ନା ହାତ ଧରିଥିବା

ସ୍ତ୍ରୀ ଏଠି ଭାଗୀ

ସାଥି ଖାଲି ଛଅ ଖଣ୍ଡ କାଠ

ଆଉ ମୁଠାଏ ଖଇ କଉଡ଼ି

ମଶାଣିର ଜୁଇ

ଜଳ ଜଳ ହେଇ

ମାମୁଁ ବାପା ଜଳିଗଲେ

ତାଙ୍କ କର୍ମକୁ ସାଥିରେ ନେଇ ........ ! ! ! !

ପ୍ରକୃତି ର ନିୟମ ଆଗେ

ସମସ୍ତେ ନିରବ ନିଶ୍ଚଳ ସ୍ତବ୍ଧ

ଗାଁ ମଶାଣି ର ସୌଭାଗ୍ୟ

ଅଜଣା ଜାଗା

ମଣିଷ ଜୀବନର ଶେଷ ଠିକଣା

ମଶାଣି ଜୁଇରେ ଯାଇ

ଆଜି ମୋର ମାମୁଁବାପା ଡାକ ଲିଭିଗଲା

ଏ ଆଖିର ଲୁହ ନସରେଇ

ମନର କଷ୍ଟ କୁ ଜାବୁଡି ଧରି

ମାମୁଁ ବାପା ମନେ ରହିବ

ଜନ୍ମ ଜନ୍ମ ପାଇଁ........ ! ! ! ! ! ! ! !

ମାମୁଁବାପା ଅମର ରହେ

ହର ହର ମହାଦେବ

ରିୟାଦ, ସାଉଦି ଆରବିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତିର ଶୋଭା



ଲିଟୁ ନାୟକ

ଅନନ୍ତ ଆକାଶେ ଶୋଭା ପାଏ ତାରା,
ଉପଗ୍ରହ ଗ୍ରହ ଭରା
ଧନ୍ୟ ହେ ଈଶ୍ୱର ଗଢିଛ ଏ ସବୁ,
ପୁଣି ଏ ସୁନ୍ଦର ଧରା
ଉଦେ ନିତ୍ୟ ରବି ସୁନୀଳ ଆକାଶେ,
ରାତ୍ରିର ତାମସା ନାସି
ଘନ ରଜନୀ ରେ ମୁକ୍ତା ଟିଏ ପରି,
ଉଦ ହୁଏ ଶୁଭ୍ର ଶଶି
ନାନା ଜାତି ଫୁଲ ଗଗନ ପର୍ବତ,
ପୂରିତ ଶସ୍ୟ ଶ୍ୟାମଳ
ମାନବ, ଉଦ୍ଭିଦ ପଶୁ ଓ ବିହଙ୍ଗେ,
ପୂରିତ ଧରିତ୍ରୀ କୋଳ

କୋକିଳର ଗୀତି ମନେ ଭରେ ପ୍ରୀତି,
ଗୁଣୁଗୁଣୁ ଗୀତ ଗାଏ
ଫୁଲର ସୁଗନ୍ଧେ ମନ ଉତ୍‌ଫୁଲ୍ଲିତ,
ଜନ ମନ ସଦା ମୋହେ
କୁନି ଡେଣା ଝାଡ଼ି ଟିକି ଚଢେଇଟି,
ମନ ଉଲ୍ଲାସରେ ବୁଲେ
ପରାଜପତିଟି ସରାଗରେ ଆସି,
ଫୁଲର ଦୋଳିରେ ଝୁଲେ
ସବୁଠି ସୁନ୍ଦର ଏ ମହୀ ମଣ୍ଡଳେ,
ଏ ତୁମ ଦାନ ଠାକୁର
ଜୀବନ୍ତ ସୁନ୍ଦର ଏଠି ଭରିଅଛ,
କରିଛ ଧରା ସୁନ୍ଦର

ଏମ, ଏଡ଼, ଉଚ୍ଚତର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ,
କନିଷି, ଗଞ୍ଜାମ, ମୋ: ୮୨୪୯୯୨୭୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ସୁଭାଷ



ଜୟନ୍ତ କୁମାର ସାହୁ

ହେ ସୁଭାଷ

ତୁମେ ସେହି ମହାନ୍ ପୁରୁଷ

ଦେଖେଇଥିଲ ଭାରତକୁ ସ୍ୱାଧୀନତାର ବିଶ୍ୱାସ

ଦେଇ ତୁମର ଶେଷ ନିଃଶ୍ୱାସ

ଆରମ୍ଭ କରିଥିଲ ବ୍ରିଟିଶ୍ ଶାସନର ଶେଷ ।

ଦେଇ ଗୋରା ଚୋରଙ୍କ ଆଖିରେ ଧୂଳି

ଲେଖିଲ ଇତିହାସ ସଜେଇ ରକ୍ତର କାଳୀ

ଗଢିଲ ସେନା ଯୁବକ ଦେହେ ସ୍ୱରାଜ ନିଆଁକୁ ବୋଳି

ବନ୍ଧୁକ ମୁନରେ ଗାଇଲ ଏବେ ଆମର ପାଳି ।

ରକ୍ତ ଦିଅ ସ୍ୱାଧୀନତା ଦେବି ଆହ୍ୱାନରେ ଜିତିଲ ହୃଦୟ

ଭାଙ୍ଗିଲ ସୁଭାଷ ତୁମେ ଗୋରା ଚୋରଙ୍କ ପ୍ରତି ଭୟ

ଇନ୍ କିଲାବ୍ ଶବ୍ଦରେ ମନକୁ କରିଲ ଅଥୟ

ପଢେଇଲ ବର୍ମାରେ ମାତୃଭୂମିର ମୋହ ।

ତୁମେ ସୁଭାଷ ହୋଇଥଲ ସେଇ ଧାରୁଆ ଅସ୍ତ୍ର

ଆଜାଦ୍ ହିନ୍ଦ୍ ଫୌଜକୁ ନେଇ କରିଥିଲ ବ୍ରିଟିଶ୍ ଶାସନଙ୍କୁ ନିବସ୍ତ୍ର

ବୁଝିଥିଲ ତୁମେ ମାତୃଭୂମିର କଷ୍ଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଣିଥିଲ ତା ଚିତ୍କାରର ପ୍ରସ୍ଥ ।

ସ୍ୱତନ୍ତ୍ରତାର ବିଗୁଲ ବଜେଇ

ଦେଲ ସୁବାଷ ତୁମେ ଆକାଶରେ ନିଜକୁ ହଜେଇ

ତୁମ ବାଣୀକୁ ତୁଣ୍ଡରେ ଗାଇ

ଭାରତୀୟ କଲେ ଗୋରା ଚୋରଙ୍କ ସାଥିରେ ଲଢେଇ ।

ତୁମେ ମାତୃଭୂମିର ବିପ୍ଲବୀ ମଣିଷ

ତୁମ ବଳିଦାନକୁ ଗାଉଥିବ ଭାରତ ବର୍ଷ

ଆଜିର ଯୁବକଙ୍କ ପାଇଁ ତୁମେ ପ୍ରେରଣାର ଉତ୍ସ

ତୁମ ଭଳି ସ୍ୱପ୍ନ ଦେଖିବା ନୁହେଁ ଏତେବି ସହଜ ।

ହେ ସୁଭାଷ, ହେ ସୁଭାଷ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ନାହିଁ କି ତମେ ନାହିଁ...



ପ୍ରିୟଦର୍ଶୀ

ମୁଁ ଚକ୍ରବ୍ୟୁହ ଯୋଦ୍ଧା
ତମେ ମହାଭାରତ କବିତା,
ମୁଁ ସପ୍ତରଥୀ ଘେରା
ତମେ ମାୟାଜାଲ ସୁଚରିତା ।

X X X

ଜାଣେ ନା ମୁଁ ଆବାହନ
ଶ୍ଳୋକ,ପଂକ୍ତି,ମନ୍ତ୍ର ବିଧି,
ଚତୁର୍ବେଦ ମନ୍ତ୍ର ଧ୍ୱନି
ମନୁଷ୍ୟତ ସର୍ବସିଦ୍ଧି ।

ମୋହାବିଷ୍ଟ ମୋହଛନ୍ନ
ଇନ୍ଦ୍ରିୟର ମତଭେଦ,
ସାନ୍ନିଧ୍ୟର ସମ୍ମୋହନ
ମୋକ୍ଷ ଆଜି ଅତିକ୍ରାନ୍ତ ।

ଗାୟତ୍ରୀର ମନ୍ତ୍ର ଧ୍ୱନି
ପରଦାର ଅନ୍ତରାଳେ,
ଦିଗନ୍ତର ବଂଶୀସ୍ୱନ
ସିଂହଦ୍ୱାରେ ଅଶ୍ରୁ ଢାଳେ ।

ମରୁଦ୍ୟାନ ମୃଗତୃଷ୍ଣା
ବୈଶାଖର ଶୁଷ୍କ ତନୁ,
ଶ୍ରାବଣର ଜଳକନ୍ୟା
ଭାଦ୍ରବର ଇନ୍ଦ୍ରଧନୁ ।

X X X

ଅସ୍ପଷ୍ଟ ସେ ସ୍ୱପ୍ନିଳ କାହାଣୀ
ନିସ୍ତବ୍ଧ ସେ ନିର୍ମମ ଯନ୍ତ୍ରଣା,
ନିର୍ବିକାର ସେ ନିଶବ୍ଦ ଆର୍ତ୍ତନାଦ
ଅସ୍ତମିତ ସେ ଅଦୃଶ୍ୟ ଭାବନା ।

ମୁଁ ନାହିଁ କି ତମେ ନାହିଁ ................
କିନ୍ତୁ ସ୍ମୃତି ହୁଏ ଆନମନା ।

ଗୋବିନ୍ଦ ନିବାସ, ପୁଟିଆ, ଆନନ୍ଦପୁର, କେନ୍ଦୁଝର
ମୋ - ୮୨୪୯୦୪୦୭୪୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତମ ମନ ଭିତରର ଦୃଶ୍ୟ



ଡା ନୀଳମାଧବ କର

ଏତେ କଥା ପରେ
ଟକମକ ଫୁଟୁଥିବା ଭାତହାଣ୍ଡିରୁ
ତମ କଥାସବୁ ଛିଟିକି ଆସୁଥିଲା
ହସି ହସି ତମେ କହୁଥିଲ
ସବୁ କଥା, ଯାହା ମୁଁ ଶୁଣିବାକୁ ଚାହୁଁ ନଥିଲି
ଆଶା କରି ନଥିଲି
ଏମିତି ବି ତମେ କହିପାର !

ଭବିତବ୍ୟ ଯାହା, ତାକୁ ଗ୍ରହଣ କରିନେଇ
ବା ଗ୍ରହଣର ଅବ୍ୟବହିତ ପୂର୍ବରୁ
ମାନସିକ ଦୋଳନରେ ତମେ ହୁଏତ
ଠେଲି ଦୁରେଇ ଦେବାକୁ ଚାହୁଁଥିଲ, ସବୁକିଛି

ମୁଁ ବୁଝି ପାରୁନଥିଲି
ସେଠି ଝଡ଼ ଥିଲା କି ମୃଦୁ ମଳୟ
ଜାଣି ପାରୁନଥିଲି ମୁଁ
ମୋ ବନ୍ଦ, ନିବୁଜ କୋଠରୀରୁ
ମୋ ସଂଜ୍ଞାହୀନ ସମ୍ପର୍କର ଅସହାୟତାରେ

ମୁଁ ଯେଉଁଠି ବିନା କାରଣରେ ବନ୍ଧା
.
ତମକୁ ବୁଝି ନ ପାରିବାରେ ବି ଆନନ୍ଦ -
ଅବୟବହୀନ, ଶବ୍ଦ-ହୀନ … …
ତମକୁ ଛୁଇଁ ନ ପାରିଲେ ବି
ଗ୍ଲାନି-ହୀନ ଆନନ୍ଦ, ସ୍ଥିତି-ହୀନ
.
ଶୁଭେ ଖାଲି ସେଠି ପବନର ସ୍ୱର
ମଳୟର କି ଝଡ଼ର
ଜାଣିବାକୁ, ଦେଖିବାକୁ ଉଚ୍ଚାଟ ମୋ ମନ
ଦରଜା ଖୋଲିବି କି ?
ଦେଖିବି କି ଥରେ
ତମ ମନ ଭିତରର ଦୃଶ୍ୟ ?

ଓଲଭରହାମ୍ପଟନ୍, ୟୁକେ
nmadhab@yahoo.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ କଲ ମାନେ ମଲ



ଇଂ ବିଦ୍ୟାଧର ପଣ୍ଡା

କୁଆଁରା କୁଆଁରୀ ଭଲ, ପ୍ରେମ କଲ ମାନେ ମଲ –(୦)-

ପ୍ରେମ ପଥ କଂଟକିତ, ସଭିଏଁ ଦିଅନ୍ତି ମତ
ଶୁଣୁଛେ ହଜାରେ ଥର, ପ୍ରେମରେ ବେଶୀ ପାଗଳ
ସବୁ ସମସ୍ତେ ଜାଣନ୍ତି, ଅସଲବେଳେ ଭୁଲନ୍ତି
ଘରଛାଡି ପଳେଇବେ, ପରିଚୟ ଲୁଚାଇବେ
    ପରେ କେତେ କଲବଲ
କୁଆଁରା କୁଆଁରୀ ଭଲ, ପ୍ରେମ କଲ ମାନେ ମଲ –(୧)-

ସାଥୀକୁ ଚିହ୍ନିବା କଷ୍ଟ, ଅଳ୍ପଦିନେ ସବୁ ନଷ୍ଟ
ପ୍ରେମ ହୁଏ ଶୀଘ୍ର ବାସି, ମନରେ ଭରେ ଉଦାସି
ପଛ କଥା ସବୁ ଭୁଲି, ମନ ହୁଏ ଚୁଲ୍ ବୁଲି
ପୁଣି ଥରେ ନୁଆ ପ୍ରେମ, କରିବାକୁ ହମ ହମ
    ସୁଖ ଯାଏ ରସା ତଳ
କୁଆଁରା କୁଆଁରୀ ଭଲ, ପ୍ରେମ କଲ ମାନେ ମଲ –(୨)-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଗତ ଦିନର କଥା, ସ୍ମୃତିଦିଏ ବହୁ ବ୍ୟଥା

ମିଛମନ ଦିଆନିଆ, ମାୟାଜାଲର ଦୁନିଆ

ଏମିତି ଅନେକ ଭାବି, ହଜାନ୍ତି ଖୁସିର ·ବି

ପ୍ରେମକୁ କରି ଜୁହାର, ବୁଲନ୍ତି ବାର ଦୁଆର

ବଢିଯାଏ ଦାଢି ବାଳ

ସମାଜ କୁହେ ପାଗଳ

କୁଆଁରା କୁଆଁରୀ  ଭଲ, ପ୍ରେମ କଲ ମାନେ ମଲ –(୩)-

ଇଂ. ବିଦ୍ୟାଧର ପଣ୍ଡା, ମୋ- ୯୪୩୯୧୨୮୦୫୦

ୟୁ ଟ୍ୟୁବ୍ – ବିଦ୍ୟାଧର ପଣ୍ଡା ମ୍ୟୁଜିକ – ଚ୍ୟାନେଲର ପ୍ରତିଷ୍ଠାତା

ପ୍ଲଟ-୧୭/୧୫,ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବବର୍ଷକୁ ପଦେ



ଅଭିମନ୍ୟୁ ବେହେରା

ଆସିବାର ଥିଲା

ଆସିଛୁ ତୁ ନବବର୍ଷ

ଆଣିଛୁ କି ସାଥେ କିଛି ନୂତନତ୍ୱ

ନା ସେଇ ପୁରୁଣା ଋଣ କରଜର ବୋଝ

ଜୀବନ ଜୀଇଁବା ସବୁ ଅସଜଡା ଅସହଜ

ଆସିଛୁ ତୁ ନବବର୍ଷ

ଆଣିଛୁ କି ସାଥେ କିଛି ପରିବର୍ତ୍ତନର ସ୍ୱର

ନା ଯଥା ପୂର୍ବ  ତଥା ପର

ଆସିଛୁ ତୁ ନବବର୍ଷ

ଆଣିଛୁ କି ସାଥେ କିଛି ପଥ କୁସୁମିତ

ନା ପୁଣି ପୂର୍ବ ପରି କଣ୍ଟକିତ ରୋଗ ଶୋକ ଜର୍ଜରିତ

ଆସିଛୁ ତୁ ନବବର୍ଷ

ଆଣିଛୁ କି ସାଥେ କିଛି ଆଶା ବିଶ୍ୱାସର ଗାଥା

ନା ସେଇ ପୂର୍ବ ପରି ମିଛ ଛଳନା ପ୍ରତାରଣାର କଥା

ପୁରୁଣାକୁ ଭୁଲି ନୂଆକୁ ଆପଣେଇବାର ଚିରାଚରିତ ପ୍ରଥା

ତଥାପି ବ୍ୟାକୁଳିତ ଏ ମଣିଷର ମନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନେକ କିଛି ପାଇବାର ସ୍ୱପ୍ନ

ପାଇ ପୁଣି ହରେଇବାର ଅବଶୋଷ

କଥା ତ ଏତିକି ତୋତେ ନବବର୍ଷ .......

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ

ସ୍ୱାମପାଟଣା,କେନ୍ଦୁଝର

ମୋ - ୯୯୩୮୮୧୬୦୬୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ତ ଜୀବନ...



ଜ୍ୟୋସ୍ନାମୟୀ ପୋଲାଇ

ଜୀବନଟା ଗୋଟେ ଅଜଣା ରାସ୍ତା
କେବେ ଏଠି ଫୁଲ,
କେବେ ଖାଲି କଣ୍ଟା ।।

ଫୁଲ ଫୁଟା ରାସ୍ତା ଲାଗେ ଭାରି ମିଠା
ଆଣିଦିଏ କେତେ ସୁଖର ବାରତା,
ବାସେ ତା'ର ଭାସେ ମଶଗୁଲ ମନ
ଜୀବନଟା ହେଇଯାଏ କ୍ଷଣକେ ରଙ୍ଗୀନ ।।

ଯେତେବେଳେ ଥାଏ ବାଟଯାକ କଣ୍ଟା
ସୁଖ – ଶିରୀ ସମୃଦ୍ଧିରେ ପଡ଼ିଯାଏ ଭଟ୍ଟା,
ସୁଖର ଆକାଶେ ଘୋଟେ ଘନ ଅନ୍ଧକାର
ଦମ୍ଭ କାନ୍ଧ ଭାଙ୍ଗିଯାଏ ବୋହି ଦୁଃଖଭାର ।।

ସୁଖ – ଦୁଃଖ ତ ଦୁଇ ଯାଆଁଳା ଭାଇ
କେହି ନୁହଁ ନିତ୍ୟ, ନୁହଁ ଚିରସ୍ଥାୟୀ,
କଣ୍ଟକିତ ପଥକୁ ଚାଲ ଡେଇଁ ଡେଇଁ
ସୁଖ – ଶିରୀ ପାଇଁ ନ ହୋଇ ଆଶାୟୀ ।।

ମାନବ ଜୀବନ ଆମ ଈଶ୍ୱରଙ୍କ ଦାନ
ପଞ୍ଚାକ୍ଷର ଜପ କରି ନ ଯାଉ ଏ ପ୍ରାଣ
ମନେରଖ ବାଟ ଶେଷେ ଅଛି ଭଗବାନ
ବଞ୍ଚି ଉଠ ପ୍ରତି କ୍ଷଣେ,
ଏଇ ତ ଜୀବନ ।
ଏଇ ତ ଜୀବନ ।।

ବାଣତୁମ୍ବ, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକୁହା କଥା



ରାଧାମୋହନ ପୂଜାହାରୀ

କେମିତି କହିବି ପାଖେ ନାହଁ ବୋଲି
ହୃଦୟରେ ସଦା ରହିଲ,
ଶୟନେ ସପନେ ମଧୁ ଜୋଛନା ରେ
ପ୍ରାଣପ୍ରିୟ ମନ ମୋହିଲ □

ଅନାବିଳ ପ୍ରେମେ ଭିଜେଇଲ ସାଥୀ
ମନ କୁ ସାରଥୀ କରି,
ଦୁଃଖେ ସୁଖେ ମୋର ବ୍ରତୀ ହେଲ ତୁମେ
ପ୍ରେମର ଜୁଆର ଭରି □

ଜାଣେ ମୁହିଁ ତୁମ ମନର ବେଦନା
କେତେ କଷ୍ଟେ ରହିଥିବ,
ପ୍ରତୀକ୍ଷା ରହିଲା ସମୟ ସ୍ରୋତରେ
ସବୁ ଦୁଃଖ ବହିଯିବ □

ନିରୁପାୟ ମୁହିଁ ଏ ସ୍ୱାର୍ଥୀ ସମାଜେ
ଖୋଜି ପାଉନାହିଁ ରାହା,
ଦୁଃଖଭରା ଏଇ ଜୀବନେ ଘଟିବ
ଆମ ଭାଗ୍ୟେ ଥିବ ଯାହା □

ଦୂରେ ଅଛ ବୋଲି ଯେତିକି ବାଧୁନି
ବାଧେ ତୁମ ଦୁଃଖ ଶୁଣି,
କିନ୍ତୁ କଥା ଦେଲି ହସି ହସାଇବି
ପ୍ରେମଭରା ମଞ୍ଜି ବୁଣି □

କଷ୍ଟ ହୁଏ ମନେ ତୁମେ ନାହଁ ବୋଲି
ନୟନୁ ଝରେ ଲୋତକ,
ତଥାପି କରୁଛି ମଙ୍ଗଳ କାମନା
ଭୁଲି ସବୁ ଦୁଃଖ ଶୋକ □

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ଡମ୍ବରୁଧର ଦାଶ

ଜୀବନର ବାଟ ଅଙ୍କା ବଙ୍କା ନଇ କେବେ ଉଠେ କେବେ ଖସେ

ଥଳ କୂଳ ନାହିଁ ଆଶ୍ରାହୀନ ହୋଇ ଜୀବନ  ନଉକା ଭାସେ  । ।୧ । ।

ଘୋଅ ଘୋଅ ହୋଇ କରୁଣ ଚିତ୍କାର କର୍ଣ୍ଣ ମଧ୍ୟେ ଆସି ବାଜେ

ଦୁଃଖ ଯନ୍ତ୍ରଣାର ବନ୍ଧୁର ପଥରେ ନିସଂଗ ପଥିକ ସାଜେ  । ।୨ । ।

ସୁଖ ଜଳରାଶି କୂଳ ଲଂଘିଯାଏ ଦୁଃଖର ଲହଡ଼ି ଆସି

କ୍ଷଣପ୍ରଭା ସମ ଘାତ ପ୍ରତିଘାତେ ଅପସରି ଯାଏ ଖୁସୀ  । ।୩ । ।

ହୃଦୟ ମୀନଟି ଛଟପଟ ହୁଏ ଯାତନା ଜହର ପିଇ

ହସ ସିନା ଏଠି ପରଦେଶୀ ବନ୍ଧୁ ଲୁହ ରହେ ସାଥୀ ହୋଇ  । ।୪ । ।

ନୂଆ ନୂଆ ସାଥୀ ପଥରେ ମିଳନ୍ତି ଶୁଭ୍ର ନିର୍ଝରିଣୀ ହୋଇ

ଜୀବନ ଜଞ୍ଜାଳ ନିଦାଘ ପ୍ରକାଶେ କ୍ଷଣେ ଯାନ୍ତି ଶୁଷ୍କ ହୋଇ  । ।୫ । ।

ମାନ ଅଭିମାନ ଉତ୍ଥାନ ପତନ ଅବିରତ ରହିଥାଏ

ହର୍ଷ ଈର୍ଷା ଦ୍ୱେଷ ଦୟା ରାଗ ରୋଷ ସାଥେ ନେଇ ଚାଲୁଥାଏ  । ।୬ । ।

ଗିରି ଗୁହା ମଧ୍ୟେ ହୃଦୟ କନ୍ଦରେ ବୋହେ ପବନର ସ୍ରୋତ

ତଲେଇକୁ ଠେଲି ଧୀରେ ଯାଏ ଚାଲି ଚଳାଇ ଜୀବ ବୋଇତ  । ।୭ । ।

ରୋଗ ବଇରାଗ ମଗର ଉରଗ ଆନନ୍ଦେ ବିହାର କରି

ଚାହିଁ ରହିଛନ୍ତି ସନ୍ତୋଷ ଲଭିବେ ଶରୀରକୁ ଗ୍ରାସ କରି  । ।୮ । ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନର ଆହୁଲା ହାତରେ ଧରିଣ ବିବେକ ଆହୁଲା ମାରେ

ବିବେକ ସତତ ହେଲେ ଅଶକତ ନଉକା ବୁଡ଼ଇ ନୀରେ । ।୯ । ।

ଅସ୍ଥି କଙ୍କାଳର ସୁରକ୍ଷା କବଚ ମଧ୍ୟରେ ଆତ୍ମା ଶାରୀକା

ଜୀବ ବୋଇତରେ ଶୋଣିତ ଜଳରେ ଗମନ କରଇ ଏକା । ।୧୦ । ।

ଧନ ଯଉବନ ମାୟା ଇନ୍ଦ୍ରଜାଲେ ଆହୁଲା ଯେ ବଶ ହୁଏ

ବିବେକ ନାବିକ ହୁଏ ହତବାକ ଆତ୍ମା ଶାରୀ କ୍ଳେଶ ପାଏ । ।୧୧ । ।

ଗର୍ବ ଅହଙ୍କାରେ ବିବେକ ସଂହାରେ ହିତାହିତ ଭୁଲିଯାଏ

ଅଢେଇ ଦିନକୁ କରେ ବଡାଇକୁ ଭବ ଜଳେ ଝାସ ଦିଏ । ।୧୨ । ।

କାମନା ବାସନା କରେ ଆନମନା ଅବାଟକୁ ଟାଣିନିଏ

ବିଷୟା ଖାଇରେ ପଡ଼ିଯାଏ ନାଆ ଅଧୋଗତି ତାର ହୁଏ । ।୧୩ । ।

ସ୍ୱାର୍ଥେ ହୋଇ ବଶ ବୁଦ୍ଧି ହୁଏ ନାଶ ଜୀବନ ହୁଅଇ ବୃଥା

ସାଗର ମିଳନେ ଅସ୍ତିତ୍ୱ ହରଣେ ସରିତର ଜଳ ଯଥା । ।୧୪ । ।

କରୁଣା ଆଦର ସ୍ନେହ ମମତାର ଅଭାବେ ନିରସ ପ୍ରାଣ

ଜଳ ବିନା ନଇ କି କାର୍ଯ୍ୟେ ଆସଇ ହୁଏ ସିନା ଅକାରଣ । ।୧୫ । ।

ସବୁ ତ ସରିବ ମଣିଷ ମରିବ ବିଧିର ବିଧାନ ଏହି

ଯେତେଦିନ ଥିବ ଜୀବନ ବଞ୍ଚିବ ଭ୍ରାତୃ ଭାବନାକୁ ବୋହି । ।୧୬ । ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିୟତି ନିୟମ



ଡଃ ଆଭାଞ୍ଜଳି
ଶତପଥୀ

ଆସିଥିଲ ତୁମେ
କୁହୁଡିର ଶିଶିର ବିନ୍ଦୁରେ
ଊଷାର ସେ ପ୍ରଶାନ୍ତି ପ୍ରହରେ
ଛାୟାକାନ୍ତ ଛାୟା ହୋଇ
ଶୁଣାଇବ  ପ୍ରଣୟ ରାଗିଣୀ
ଉଦିତ ଆଦିତ୍ୟ ତଥା କ୍ଳାନ୍ତ ସୁର୍ଯାସ୍ତରେ ,
ହେଲେ ନିୟତି ନିୟମେ
ମିଳନ ପାଲିଙ୍କି  ସାଜିଗଲା  ସେତ ବିଚ୍ଛେଦ କୋକେଇରେ ।

ଆସିଥିଲ ତୁମେ
ଗଙ୍ଗଶିଉଳୀର ମହା ମହକରେ
ଭରିବାକୁ ତା ସୁରଭି  ସନ୍ଧ୍ୟା ସମୀରଣେ,
ହେଲେ ନିୟତି ନିୟମେ  ବାସ ଚହଟାଇ ହଜିଗଲ ତୁମେ
ଶୁଭ୍ର ପ୍ରଭାତର ପହିଲି କିରଣେ ।

ହଁ ଆସିଥିଲ ତୁମେ ନର୍ତ୍ତନ ଛନ୍ଦେ ତରଙ୍ଗ ରଙ୍ଗେ, ସୁନେଲି ସପନେ
ଖେଳିବାକୁ ବାଲୁକାର କୋଳେ,
ହେଲେ ନିୟତି ନିୟମେ ବେଳାଭୂମି  ଛୁଉଁ ଛୁଉଁ ହଜିଗଲ କିଆଁ ଜଳଧିର ଜଳେ ?

ଗବେଷିକା
Email- avanjali@yahoo.co.uk

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନୂତନ ବର୍ଷ ୨୦୨୧



କୈଳାଶ ଚନ୍ଦ୍ର ସାହୁ

ନୂତନ ବର୍ଷ ଆସିଛି ରେ ପୁଣି
କେତେ ନୂଆ ଆଶା ନେଇ
ସମସ୍ତଙ୍କ ମନରେ ନୂଆ ଉନ୍ମାଦନା
ଏହାକୁ ସ୍ୱାଗତ କରିବା ପାଇଁ ।

ନୂତନ ବର୍ଷରେ ନୂଆ କିଛି କରିବା
ପୁରୁଣା ବର୍ଷର ଶିକ୍ଷାକୁ ନେଇ ଆଗକୁ ବଢିବା
ପୁରୁଣା ଦିନରେ ନୂଆ ଚିନ୍ତା କରିବା
ମନରେ ମନ ମିଶାଇ ସମସ୍ତଙ୍କ ମାନ ବଢାଇବା ।

କେହି ରହିବେନି ଦୁଃଖେ କଷ୍ଟେ ଆଉ
ସର୍ଭିଙ୍କୁ ଆପଣା କରିବ
ଦୁରେଇ ପାରିଲେ ଏହାକୁ ଆମେ
ଆତ୍ମୀୟତା ପୁଣି ବଢ଼ିବ ।

ପୁରୁଣା ବର୍ଷ କିଛି ଦିଏ ଆଉ ନିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁଣି ବହୁତ କିଛି ବଦଳି ଯାଏ
ପ୍ରତିଟି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ
ମଣିଷକୁ ଆଉ ଏକ ନୂଆ ସୁଯୋଗ ଦିଏ ।

ନୂତନ ବର୍ଷକୁ ନୂଆ କରି ଜୀଇଁବା
ପୁରୁଣା ବର୍ଷର ଅଭିଜ୍ଞତା ନେଇ ପୁଣି ଆଗକୁ ବଢ଼ିବା
ହସ ଖୁସି ମଉଜରେ ସମସ୍ତେ ସମୟ କାଟିବା
କିନ୍ତୁ ନିଜ କର୍ତ୍ତବ୍ୟରେ କେବେ ହେଳା ନକରିବା ।

ଆସ ବନ୍ଧୁ, ସୁଖ ବାଣ୍ଟିବା ଓ  ଖୁସି ସାଉଣ୍ଟିବା
ଅନ୍ୟର ଦୁଃଖ ଓ କଷ୍ଟକୁ  ଆବେଗ ରେ ତୋଳି ଧରିବା
ଭୁଲି ଭେଦଭାବ,  ନରଖି ପୁଣି ମାନ ଅଭିମାନ
ଦେବା ସମସ୍ତଙ୍କୁ ନୂତନ ବର୍ଷ ର ଅଭିନନ୍ଦନ ।

ଏଇ ୨୦୨୧ ନୂତନ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳର ବର୍ଷ ହେଉ ଓ କରୋନା ମହାମାରୀ ଦୁରେଇ ଯାଉ ଏତିକି କେନ୍ଦୁଝର ର ଅଧିଷ୍ଠାତ୍ରୀ ଦେବୀ ମାଁ ତାରିଣୀଙ୍କ ନିକଟରେ ପ୍ରାର୍ଥନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତର ଶାୟରୀ



ମଞ୍ଜୁରାଣୀ ମିଶ୍ର

ଶୀତ ଘୁଂଚି ଆସୁଛି

ଫୁଲ ପାଖକୁ ପାଖକୁ

ପତ୍ର ପାପୁଲିରେ ମୁଠେଇ ନେଉଛି ନିବିଡ ସମ୍ପର୍କ  ମାନଙ୍କୁ

ମୁଗ୍ଧା ଶୀତର ଅଭିସାର ଭିଜା ଭିଜା ଜ୍ୟୋସ୍ନାରେ

ଝାଉଁବଣ ଗହଳିରେ ସମୁଦ୍ର ବେଳାରେ

ଫୁଲ ପକା ସୋରିଷ କ୍ଷେତରେ

ଶୀତ ପୁଣି ଝୁଂଟି ପଡୁଛି କୁହୁଡିର ସରୁ ଚଲା ରାସ୍ତାରେ

କାହାପାଇଁ ଶୀତ ରାତି ସଂକ୍ଷିପ୍ତ ସମର୍ପିତ

ପଦ୍ୟମୟ ପ୍ରୀତିରେ ପ୍ଲାବିତ

ଆଉ କାହାପାଇଁ ଶୀତ ରାତି ପାହିବ ପାହିବ ବୋଲି

ମୋତେ ପାହୁନି

ଅସମାପ୍ତ ମୌନାବତୀ ଶୀତରାତି

ଅଧାଲେଖା ଡାଏରୀର ଭିନ୍ନ ଏକ ଗଜଲର ସ୍ମୃତି

ଏକା ଏକା ଭୁଲ ଠିକ ଅଙ୍କକଷା ଖେଳ

ବିବର୍ଣ୍ଣ ବର୍ଣାଳୀରେ ଭାରି ଝାପ୍ସା ମନର ଭୂଗୋଳ

ହାଇଦ୍ରାବାଦ, ୭୩୮୧୨୬୪୭୬୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତିନୋଟି ଏକପଦୀ



ରୋହିତ ସେଠୀ

ସାହିତ୍ୟ:

ଆଶାର ଆଲୋକ ବିତରେ ସାହିତ୍ୟ
ସମାଜ ମୁକୁର ହୋଇ
ପାଷାଣ ଦେହରେ ଜୀବନ ସଂଚାରେ
ମୃତ୍ୟୁ ସଂଜୀବନୀ ଦେଇ ।

ଲକ୍ଷ୍ୟ:

ମରୀଚିକା ଅନୁଧାବନ ନ କରି
ସ୍ୱଭବିଷ୍ୟ ପଛେ ଧାଇଁଲେ ଜାଣ
ଧ୍ରୁବ ସତ୍ୟ ଏହା ଦିନେ ନା ଦିନେ
ଲକ୍ଷ୍ୟ ନିଶ୍ଚୟ ହେବ ପୂରଣ ।

ମମତା:

ହୀରା ନୀଳା ମୋତି ମାଣିକ ସୁବର୍ଣ୍ଣ
ମାଆର ମମତା ସହ ତୁଳନା
ନିଃସ୍ୱାର୍ଥ ନିର୍ମଳ ନିର୍ବିକାର ପ୍ରେମ
ତା'କୁ କରିହେବ ନାହିଁ କଳନା ।୨ ।

ଶିକ୍ଷକ
ଦୁତିମେଣ୍ଡି (ମଲିକସାହି)
ଖଜୁରୀପଡା, କନ୍ଧମାଳ
ସଂପର୍କ-୭୭୩୫୨୧୦୪୩୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛଳନା



ସେବକ ବସନ୍ତ
କୁମାର ମହାପାତ୍ର

ମରୁ ମରୀଚିକା  ଛଳନାର ଚିତ୍ର,
ଦୂରରୁ ଦେଖାଏ ନୀର ।
ତୃଷାର୍ତ୍ତ ଚାଲଇ  ତୃଷା ମେଣ୍ଟିବାକୁ,
ହୋଇ ଛଳନା ଶିକାର ।୦ ।

ହସ୍ତର ପାପୁଲି  ପାଞ୍ଚଟି ଅଙ୍ଗୁଳି,
ନୁହେଁ ସର୍ବ ଏକ ସମ ।
ସେବା ଓ ମମତା ତ୍ୟାଗର ମୂରତି,
କିଏ ପୁଣି ବେଶୀ କମ ।୧ ।

ପ୍ରକୃତି ଆକୃତି  ସୁମତି କୁମତି,
ଧାରା ଧରା ଧାରି ଥାଏ ।
ସୁଗତି ଦୁର୍ଗତି  ଅବା ପରିଣତି,
ସ୍ୱତଃ ସ୍ୱତଃ ସ୍ୱରେ ଗାଏ ।୨ ।

କାହା ପାଇଁ ଆଣେ ଅପୂର୍ବ ସୁଯୋଗ,
କିଏ ଦେଖଇ ଦୂର୍ଯୋଗ ।
ଭୂମି କନ୍ୟା ଧେନୁ ଭାଗ୍ୟେ ଥିଲେ ପାଇ,
ଜୀବନ ଯୋଗ ବିୟୋଗ ।୩ ।

ନାରୀ ହୁଏ ତାର  ମହାନତା ପାଇଁ,
ପୂଜ୍ୟା ଧନ୍ୟା ମାନ୍ୟା ଶ୍ରୀତା ।
ଗାୟତ୍ରୀ ଯମୁନା  ଗଙ୍ଗା ବୈତରଣୀ,
ମୁକତି ଦାୟିନୀ ଗୀତା ।୪ ।

ପୁରୁଷ ପ୍ରାଧାନ୍ୟ  ବିଚାର ଛଳିଆ,
ମାନସ ନିର୍ମାଣ କର୍ମ ।
କେହି କେହି ନାରୀ  କରନ୍ତି ଛଳନା,
ସ୍ୱାର୍ଥ ସାଧନାର ମର୍ମ ।୫ ।

ଛଳନା କଳନା  ସମ୍ଭବ ହୁଏନି,
କାହାଣୀ ଶେଷ ନହେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ସ୍ୱାର୍ଥ ଅବା    ଜଗତ ପାଇଁକି,
ଛଳନା ସାଥୀ ହୋଇଲେ ।୬ ।

ନାରୀ ନୁହେଁ ଏକା    ଛଳନାମୟୀ ସେ,
ସେ ପଥେ ପଥି ବି ନର ।
ନର ନାରୀ ଯେବେ   ମିଶି ମନ୍ଦ ପାଇଁ,
ହୁଏ ଭାରି ଭୟଙ୍କର ।୭ ।

ପ୍ରତି ସଫଳତା    ପଛରେ ହାତଟି,
ଥାଏ ଅଦୃଶ୍ୟର  ପଥେ ।
କଳ୍ପନା ଦୁନିଆ    ଅନନ୍ତ ମସୁଧା,
ଚାଲେ ଧରି ସାଥେ ସାଥେ ।୮ ।

ତ୍ରିକୋଣ କେନ୍ଦ୍ରରେ    ଯଦି ଥାଏ ବସି,
ପ୍ରତି ଶୀର୍ଷ ବିନ୍ଦୁ ଲୋଡେ ।
ଆକର୍ଷଣ ଆଉ    ବିକର୍ଷଣ ବଳ,
ଯୁଦ୍ଧ ଟଣା ଟଣି ଦମ୍ଭେ ।୯ ।

କେତେବଳେ ଝରେ    କପଟର ଅଶ୍ରୁ,
ଛଳନାରେ ପରିପୂର୍ଣ୍ଣ ।
ସମ୍ମୁଖରେ ଥିବା    ପୁରୁଷ ବା ନାରୀ,
ବିଶ୍ୱାସ କରି ନୟନ ।୧୦ ।

ଛଳନା ଚାଳନା    ମିଳନ ବିଚ୍ଛେଦ,
ଅଧ୍ୟାୟ ଅଧ୍ୟାୟ ରଚି ।
କେତେ ବେଳେ ଶାଶୁ ପୁଣି କେବେ ବୋହୁ,
ହାର ଜିତ ପୁଣି ବଞ୍ଚି ।୧୧ ।

ଆଧୁନିକ କାଳେ   ବିଳାସ ବ୍ୟସନ,
ଉଗ୍ର ଆଧୁନିକ ଧ୍ୱନି ।
ଛଳନା ଲଳନା    ପ୍ରେମର ଅଗଣା,
ପକ୍ଷୀ ଧରେ ଜାଲ ବୁଣି ।୧୨ ।

ନିର୍ମୁଳି ପରାଏ   ବାହକ ଶରୀରେ,
ଆସ୍ଥାନ ଜମାଇ ଥାଏ ।
ରକ୍ତ ପ୍ରାଣ ଧନ   ନିଶାଗ୍ରସ୍ତ କରି,
ନିଜ ଉପଭୋଗ ପାଏ ।୧୩ ।

ରୂପର ଚାଦର    ଆବୃତ୍ତ କରଇ,
ମନ ଭିତର ଭାବନା ।
ସ୍ୱଚ୍ଛ ହୀନ ସ୍ୱାର୍ଥ    ବହୁ ବିତ୍ତ ଲୋଭ,
ମହତ୍ୱାକାଂକ୍ଷୀ କାମନା ।୧୪ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଙ୍କଇ ଛବିକ   ରଙ୍ଗୀନ ଚିତ୍ରକୁ,
ଛଳନାର ରଙ୍ଗ ଭରି ।
ସମୟ ଆସନ୍ତେ   ରଙ୍ଗ ଉଡ଼ିଯାଏ,
ଚିତ୍ର ଅଙ୍କା ଯାଏ ସରି ।୧୫ ।

ଅଳ୍ପ ସମୟରେ   ବଡ଼ ସଫଳତା,
ପ୍ରାପ୍ତି ପାଇଁ ଆଶା ବାନ୍ଧି ।
ଭୁଲ ପଥ ଦେଇ   ଗତି କରୁ କରୁ,
ସମୟ ଦିଏ ଟି ଛନ୍ଦି ।୧୬ ।

ସ୍ୱାର୍ଥ ସାଧ୍ୟ ଯଦି   ନହୁଏ ତା ପାଇଁ,
ଅସହ୍ୟ ବୋଧତା ଘାରେ ।
ମିଛକୁ ସତ୍ୟର   ସ୍ୱରରେ କୁହଇ,
ପ୍ରତିଘାତ କରିପାରେ ।୧୭ ।

ମନ୍ଥରା ମନ୍ଥିଲା   କୈକେୟୀ ମଗଜେ,
ଛଳନା ମନ୍ଥନୀ ଧରି ।
କୈକେୟୀ ମାତାକୁ   ବିମାତା କରିଲା,
ମନେ ତା ଛଳନା ଭରି ।୧୮ ।

ରଘୁକୁଳ ଶୀରୀ   ବନବାସ ପାଇଁ,
ଛଳନା ହେଲା ପ୍ରୟୋଗ ।
ନାରୀଟିଏ ସେହି   ରଚିଲା କାହାଣୀ,
ପୁତ୍ର ଓ ପିତା ବିୟୋଗ ।୧୯ ।

ଈର୍ଷା ଦ୍ୱେଷ କ୍ରୋଧ  ବଶବର୍ତ୍ତୀ ହୋଇ ,
ହିତା ହିତ ଭୁଲି ଯାଏ ।
ସୂପନଖାଟିଏ   କାମର ବାସ୍ନାରେ,
ବନେ ବନେ ଭ୍ରମି ଥାଏ ।୨୦ ।

ଛଳନାର ପଥ   ଧରିଲା ରାବଣ,
ଭଗ୍ନୀ ପ୍ରତିଶୋଧ ପାଇଁ ।
ଛଳନା କଳାରେ  ସାଧୁ ବେଶ ଧରି,
ସୀତାଙ୍କୁ ଚୋରାଇ ନେଇ ।୨୧ ।
ପୁତନା ରାକ୍ଷସୀ   ଛଳନା ଆଦରି,
ଧରି ସୁନ୍ଦରୀ ର ରୂପ ।
ସ୍ତନ୍ୟେ ଭରି ବିଷ କୃଷ୍ଣ ହତ୍ୟା ପାଇଁ,
ଦୁଗ୍ଧ କରି ମହାପାପ ।୨୨ ।

ହରି ନେଲେ ହରି   ଛଳନା ଗରଳ,
ମହାନ ଛଳିଆ ହୋଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁଗ୍ଧ ପାନ ଦନ୍ତେ   ପୁତନା ବିନାଶ,
କଂସ ପୁର ଥରୁଥାଇ ।୨୩ ।

ମୋହନ ମୋହିନୀ   ଅମୃତ କଳସ,
ମୋହି ଅସୁର କୁଳକୁ ।
ଛଳନା ଛଳିଆ   ସୁଧା ପାନ ଠାରୁ,
ନେଲେ ଦୁରେଇ ଦୂରକୁ ।୨୪ ।

ବର ଦେଇ ମହା   ଦେବ   ଭସ୍ମାସୁରେ,
ଭାରି ହଟ ହଟା ହେଲେ  ।
ବିଶ୍ୱ ରକ୍ଷା ପାଇଁ   ରମଣଙ୍କ ପାଶେ,
ନିଜେ ଶରଣ ପଶିଲେ ।୨୫ ।

ମୋହନ ମୋହିନୀ   ରୂପରେ ରୂପସୀ,
ଛଳନାମୟୀ ଜଗତେ ।
ଛଳରେ ନଚାଇ   ମଥାକୁ ଛୁଆଇଁ,
ଭସ୍ମା ଭସ୍ମ ଜଗ ହିତେ ।୨୬ ।

ଶକ୍ତି ସ୍ୱରୂପିଣୀ   ବିଜୁଳୀ କନିଆଁ,
କଂସ ହାତୁ ଛଳେ ଉଡ଼ି ।
ଆକାଶ ମାର୍ଗରେ ଭେଦ ଭେଦାଇଲେ,
କଂସ ଛାତୁ ଥାଏ ରଡ଼ି ।୨୭ ।

ଜଗତ ଜନନୀ   ସିନ୍ଧୁ ରାଜ ଜେମା,
ଛଳେ ପ୍ରତିଶୋଧ ନେଲେ ।
ଆଠ ବେତାଳଏ ଆଦେଶ ପାଇଲେ,
ଭାଇ ଦ୍ୱୟ ନିଃସ୍ୱ ହେଲେ ।୨୮ ।

ବାର ବର୍ଷ କାଳ   ଘୁରି ବୁଲୁଥିଲେ,
ଅନ୍ନ ଜଳ ନପାଇଲେ ।
ପ୍ରଭୁ ହୋଇ ମଧ୍ୟ   ଛଳନା ମାୟାର,
ଶିକାର ସେ ହୋଇଥିଲେ ।୨୯ ।
ନାରୀ ସ୍ୱାଭିମାନ   ମାନ ରକ୍ଷା ହିତେ,
ଲକ୍ଷ୍ମୀ ମାତା ଛଳ କଲେ ।
ଜଗତ ଜାଣିଲା   ଛଳନାମୟୀଙ୍କୁ,
ମାନବେ ଶିକ୍ଷା ପାଇଲେ ।୩୦ ।

ଚନ୍ଦ୍ରପୁରା, ଝାଡ଼ଖଣ୍ଡ, ୮୨୮୪୦୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଷ୍ପୁନି

ଘର୍ ଘର୍ ଘର୍ ଚକା ଘୁରି ଘର୍
ସମିଆଁ ଯାଏସି ଘୁରି,
ଦିନ୍ ବାର୍ ଧରି ପରବ୍ ଟେ ଫିରି
ଆଏସି ବଛର୍ ପୁରି ।୧ ।

ପୁଷପୁନି ପରେ ବଛରକେ ଥରେ
ଫୁଷମାସ୍ ଆସେ ଧରି,
ମଜା-ମଜଲିସ୍ ହରସ୍ ଫରସ୍
ଉସନାକ୍ ଦେସି ଭରି ।୨ ।



ସହଦେବ ଧରୁଆ

କବାର୍ ଉସ୍ରି ଚାଷବାସ୍ ସାରି
ଉଷତେଁ ମନ୍ ସରସା,
ଧାନ୍ ମୁଗ୍ ବିରି ଘରେ ଛଁଚିକରି
ପୁଷପୁନି ମାନେ ତସା ।୩ ।

ହଲିଆ କୁଠିଆ ବଛର୍ ମୁଲିଆ
ବଁଧା କବାରୁ ହୁଗୁଲା,
ବରତନ୍ ନେଇ ଗହମହ ହେଇ
ସାକାର୍ ଫାଗୁ ମୁକୁଲା ।୪ ।

ବଢେ ନାମ୍ କରା ଧରତନି ସାରା
କଂସର୍ ଧନୁ ଯାତରା,
ବରଗଡେ ପରେ ଭିଡଭାଡ୍ ଧରେ
ସଥେଁ କଟକ୍ ମଥୁରା ।୫ ।

ପୁଷପୁନି ଦିନ କଂସର୍ ମରନ୍
ଯାତ୍ରା ଉଛବ୍ ସରେ,
ରଂଗମଁଚ୍ ଖୁଲା ପାପି ପାପେ ତାଲା
ଉଷତେଁ ଜମକ୍ ଧରେ ।୬ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପେଟ୍-ପୁଜା ମଜା ହେସି ବନେମଜା
କେତେ ମଁଡା ପିଠାପନା,
ଗୁଟେ ଗୁଟେ ଖାଇ ପେଟ୍ ପୁରେ ଭାଇ
ତିହାର୍ ପରବ୍ ଖାନା ।୭ ।

ଛେର୍ ଛେରଛେରା ଉଷତ୍ ପସରା
ଛୁଏ ବୁଲି ପରା ପରା,
ଡଣାବାଡି ଖେଲି ଗେଇନାଚି ହଲି
ମାଗସନ୍ ଛେରଛେରା ।୮ ।

ରିତ୍ ପରଂପରା ମଗା ଛେରଛେରା
ଗହକେ ସଭେ ଦେସନ୍,
ଟଁକା ଧାନଧୁନା ମଡା ପିଠାପନା
ଉଷତେଁ ଛୁଏ ନେସନ୍ ।୯ ।

ଅମିର୍ ଗରିବ୍ ନାଇଁ ଭେଦଭାବ୍
ଚାଲେ ଭାବ୍ ଦିଆନିଆ,
ଘରକେ ଘରକେ ପରତି ଘରକେ
ପିଠାପନା ଦିଆଥୁଆ ।୧୦ ।

ଖେଲ୍ କସରତେ ମଜି ନାଚେଗିତେ
ଗାଁ-ଖୁଲି ଲାଗେ ଗହଲି,
ପୁର୍ଖା ପାତିର୍ ଚଲନି ତିହାର୍
ମନେଇ ସୁଖ୍ ସଁଖ୍ଲି ।୧୧ ।

ସାଇପାଲି, ବିଜେପୁର, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକଲା

ମୁଇଁ ଚୁପ୍ ଅଛେଁ
ପଏର୍ଛା ଚୁପ୍ ।
କାଁ କରମି
କାହାକେ କହେମି ।
ମୋର୍ ସମିଆତ
ଖରାପ୍ ଚାଲିଛେ ଇହାଦେ ।
ଛିଙ୍କ୍ ଲେ ବି ଦୋଷ୍ ହେଉଛେ ।
ଦୁନିଆଁ ନ ମୋର୍ କିହେ
ନାଇନ ବୋଲି ।
ମୋର୍ ଯଦି କେହି ନିଜର୍ ଥିତେ
ଆଏଜ୍ ଏନ୍ତା ହେଇଥିତା ।
ଦୁନିଆଁ ମତେ
ଏତକି କଥା ଶୁନେଇ ପାରିଥିତା ।

ମୁଇଁ ଏକଲା ଆଏ
ପଏର୍ଛା ଏକଲା ।
ଶୁନବାର୍ କେ କେହି ନାଇଁ
କି ମତେ ବୁଝବାର୍ କେ କେହି
ନାଇଁ ।
ଖାଲି ହେ ଛାଏଁ ଟା ମୋର୍ ନିଜର୍
ସେଟା ବି ବେଲେ ରହେସି
ଖାଲି ବେଲେ ନ
ଫେର୍ ମତେ ଛାଡିକରି ପଲାସି ।
ବେଲ୍ ବୁଡ଼ଲେ
ଅଂଧାର୍ ହେଲେ ।



ଆକାଶ ସାହୁ

ସାହ୍ଲେପାଲି,ଭେଡେନ,ବରଗଡ଼
ମୋ.-୯୪୩୭୩୦୧୯୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବାସି

ହର୍ କିସମର୍ ଦରବ୍ ସଂସାରର୍
ଆଏଜ୍ ନାହେତ କାଏଲ୍
ଯାଏସି ଖପି....
ନା' ପାଏସି "ବାସି"
ଆର୍ ନାଁଇଁ ଶୁଂଘନ୍ କେନ୍
ସଭେଁ ହେସନ୍ ସାରି କେରେଇ,
ଫୁଟଲା ଫୁଲ୍
ପାଏଲେ ସକାଲ୍
ଯାଏସି ଖପି ଝରି
ଲୋକ୍ ନେସନ୍ ଲୁଟି,
ସମିଆଁ ଗଲେ ଖପି
ବଛର୍ ଗଲେ ଉତରି
ଖାଏସି ରିପୁ ଖେକଡା
ଧଙ୍ଗରା ପାଏସି ନା' "ବୁଢ଼ା"
ଆର୍....ବେଲ୍ ଅବେଲ୍ ଧାଙ୍ଗରୀ
ନା' ପାଏସି ଠେଟେଲ୍,



ସୁନିଲ କୁମାର ଅଗସ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅକ୍ଷର୍ ଶବଦ୍ ଭାବ୍

ତମକେ କୋଟି ମୁଡିଆ

ତମର୍ ତ' ନି'ନ ମରନ୍

ଅ' ତମେ ଆମର୍,

କାଏଁ ଜାଏତ୍ କାଏଁ ଧରମ୍

କାହିଁର୍ ଗଖା କାହିଁର୍ ଶୁରୁ

କାଏଁ ଥିଲା କାଏଁ ଛିଡ଼ା

ହର୍ କିସମର୍ କଲମର୍ ଗାଗରେ

ହରଦିନ୍ ଫୁଟସ ତମେ,

ଆତମାର୍ ଡାକେ ଇତାର୍ ସୁରେ

ତମର୍ ଆଁଖିର୍ ପାଏନ୍ ଆଏସି ନିଥରୀ,

ତମର୍ ଆଁଖିର୍ ଲହ ନିଥରେନ୍

ଜୁନହାଁ ଫରଦେ ସାକ୍ଷୀ

ନା', ନି ' ପ ତମେ

କେଭେଁ ଗଲେ ବାସି,,

ଟିଟିଲାଗଡ଼, ବଲାଙ୍ଗୀର

ମୋ/୭୬୮ ୪୮୨ ୯୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରେଁହେଁଟି ଚକା

ଅସବାର ଯିବାର ଚାଲିଛେ
ଚାଲୁଥିବା,
ସମିଆର ଚକରି ଯେନ୍ତା
କିନ୍ଦ୍ରୁଥିସି ରେଁହେଁଟି ଲେଖେଁ .....
ଖାଲି ଦିନ ପଲାବା ଚିହ୍ନ
ରହିଯିବା ।
ଆତ୍ମା ପୁରନା ଶରୀର ଛାଡବା
ନୁଆଁକେ ସଧାବା,
ନୁଆଁ ଜୁହ୍ନା  ଆର
ଜୁହ୍ନା ନୁଆଁ ହେବା ।
ଆମେ ସଭେ ଯିମା
ଫେର ଆଏମା
ଏନ୍ତା ସମିଆ, ଦିନ, ମାସମହେନା
ବଛର, ଯୁଗ,
ଯାଉ ଥିବେ ଆଉଥିବେ
ଗୁଟେ ବାଟେ .....
ଯେନ୍ତା କେ ସେନ୍ତା
ଚକା ମେତାର
ପୁରଥି ଘୁମୁ ଥିବା ।



ମନୋରଞ୍ଜନ ସୁରୁଜାଳ

ଅଇଁଲାପାଲି ଧମା ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୀତର୍ ସକାଲ୍

ଆସିବସ୍'ଲା ଶୀତର୍ ମହକ୍
ଥମି ବସ୍'ଲା ଦୁନିଆଁର୍ ଗହକ୍
ପୁର୍'ଥୀ ରାନୀ ଠୁର୍'ଠୁରାଲା
ଶୀତର୍ ମହକ୍ ବଡେଇ ଦେଲା ।
ଶୀତର୍ ସକାଲ୍ ଯେନ୍ତା ଆଏଲା
ଶୀତ୍ କେ ଭି ବାଟ୍ ଛାଡ୍'ଲା
ଲଟା ଉପ୍'ରେ ଓଷ୍ ବୁନ୍ଦା
ହୀରା ବାଗିର୍ ଚକ୍ ଚକାଲା ।
କୁହୁଡ଼ିର୍ ଚାଦର୍ ଆସି ଆଏଲା
ପର୍'କୁତିକେ ସଜେଇ ଦେଲା
ଦୁନିଆଁ ଭି ତ ଜାନିଗଲା
ଶୀତର୍ ଇଟା ନାଟକ୍ ହେଲା ।



ବିଶ୍ୱନାଥ ଭୁଏ

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୬୮୮୭୮୫୪୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀକାରୀ

(ଭାଗ ୪ )

ହେନ ବସିଗଲିଁ ତାଁକୁ ଦେଖୁଥିଲିଁ
ବୁଢ଼ୀ ସାଙ୍ଗେ ଦି ଟୁକେଲ,
ଦଶ୍ କି ଏଗାର ତାକୁ ହଉଥିବା
ପିପଲ୍ ଆର୍ ପାକେଲ୍ ।
ନାଁ କେନ୍ତା କରି ଜାନ୍ଲିଁ କହେଲେ
ବିହା ହେଇଛେଁ ଗୁଟେ୍କ,
ହେ ଭିତ୍ରୁ ବଡ଼ ସୁନ୍ଦରୀ ସୁଶିଳା
ଗୁଣବତୀ ପାକେଲ୍କେ ।
ମନା କରୁଥିଲିଁ ନେଇ ହୁଏଁ ବୋଲି
ସାନ୍ ଠାନେ ଥିଲା ମନ୍,
କକା ବର୍କସା ମତେ ବିହା କଲା
ବିହା ହେଲୁଁ ଦୁଇ ଝନ୍ ।
କେନ୍ତା ଯେ ବେଲେ ସନ୍କେ କହେଲେ
କାକି ମରିଗଲା ପରେ,
କକା ନିଜେ ବିହା ନେଇହେଇ ମତେ
ବିହା କରି ଦେଲା ଘରେ ।



ଦେବଦତ୍ତ ସନ୍ସ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିଲାଛୁଆ ବେଲେ ଆମେ ଦୁଇ ଝନ୍
ଥିଲୁଁ ସାଙ୍ଗେ ମୋର୍ ଭାଏ,
କକା ଆର୍ କାକୀ ଗୁଟେ ବୋଲି ପୁଓ
ଜନମ୍ କଲା ଟା ଆଏ ।
ମୋର୍ ବିହା ପରେ କମେଇ ପଲାଲା
ଦୁରିଆ କେନ୍ ସହର୍,
ନେଇ ଫିର୍ବାର୍ ଅତା ନେଇଁ ପତା
କହେଲେ ଦୁଖ୍ ନିଜର୍ ।
ଛାଡ଼ ଇ କଥାକେ ଦେଖ ତ ଆଗ୍ରେକ
ଦିଶ୍ବା କାଏଁ ସୁନ୍ଦର୍,
ଦୁଇଟା ବନ୍ଧ୍‌ହେ ଫୁଲ କି କମଳ
ମନଲୁଭା ଇ ଭମର୍ ।
ଘାଟ୍ ପାଖେ ବସି ମନେମନେ ହସି
ଦେଖୁଥାଏ ଦୁଇ ଫୁଲ୍,
ଏନ୍ତା ଲାଗ୍ଲା ମନ୍ କହୁଥିଲା
ନେଇଁ ଉଠ ବିଲ୍କୁଲ୍ ।
ସାନ୍‌ଟାର୍ ମୁହୁଁ ପଦୁଁ ଫୁଲ ହେଲେ
ବଡ୍‌ଟା ଦୁଓପ୍ କଇଁ,
କପ୍ଟି ଘୁରେଇ ହେନ୍ତା ଗାଧ୍ଲେ
ଅଟେଁ ପାନି ଦୁହେଁ ରହି ।

ପାଏନ୍ ତ ପୁରା ଗୁରସ ବଗିର୍
ବହଲିଆ ହେଇଥାଏ,
ଖଲିଆ ପାଏନ୍ ଗାଧ୍ଲେ ଅଏନ୍
ହେନ ତାକେ ଲାଗୁଥାଏ ।
ଦୁହି ତ ଟୁକେଲ୍ ଅଟେଁ ପାନି ଢୁକି
ଝିଟାଝିଟି ହେଉଥନ୍,
ବୁଢ଼ୀ ଶିଳେଁ ପାହା ଖାଲି ରେତୁଥାଏ
କଥା ହେଲୁ ଦୁଇଝନ୍ ।
ପାଖେ ବସିଥାଏ ତାକେ ଦେଖୁଥାଏ
ପଚାର୍ଲା ମତେ ବୁଢ଼ୀ,
କେନର୍ କା ନାଆଁ ଆର୍ କେତେ କଥା
ଘାଏକେ ଘାଏକେ ଜୁଡ଼ି ।
ପାଖର୍ ଗାଁ ବୋଲି ତାହାକେ କହେଲିଁ
କହେଲିଁ ନିଜର୍ ନାଆଁ,
ଜାରା ସବର୍ ତ ଲୋକ୍ ଡାକ୍ସନ୍
ପାଞ୍ଜିଭିଆ ମୋର ଗାଆଁ ।
ବୁଢ଼ୀ ଶୁନିକରି ଟିକେ ହସିଦେଲା
ପଚାର୍ଲିଁ ମୁଇଁ ତାକେ,
କେନ୍ ଗାଁର୍ ବୋଲି ଆଘୋ ପଚାର୍ ଲିଁ
କହେଲେ ଜାନ୍ନି ନାଁକେ । (ଆଗକେ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତେଲୁଗୁ ସଂପ୍ରଦାୟରେ ମକର

ଭାରତୀୟ ଜନଜୀବନ କୃଷି, କୃଷକ, କୃଷିଜାତ ଦ୍ରବ୍ୟ ଶସ୍ୟ ବୁଣାଠାରୁ ଫସଲ ଅମଳ ପର୍ଯ୍ୟନ୍ତ ଭାରତୀୟ ପରମ୍ପରା, ସଂସ୍କୃତି, ପର୍ବପର୍ବାଣୀ ଓ ଜୀବନଶୈଳୀ ସହ ଓତଃପ୍ରୋତ ଜଡିତ ।

ସେହିପରି ଆମ ଦେଶବିଦେଶରେ ଥିବା ତେଲୁଗୁ ସମ୍ପ୍ରଦାୟ ମକର ସଂକ୍ରାନ୍ତି ପର୍ବକୁ ବହୁ ନିଷ୍ଠା, ଶ୍ରଦ୍ଧା ଓ ଆନନ୍ଦ ସହ ପାଳନ କରନ୍ତି ।

ମକର ସଂକ୍ରାନ୍ତି ପର୍ବ ଭଗବାନ ବିଷ୍ଣୁ ଓ ସୂର୍ଯ୍ୟ ଦେବଙ୍କୁ ଅର୍ପିତ । ବିଭିନ୍ନ ରାଜ୍ୟରେ ବିଭିନ୍ନ ନାମରେ ଏହା ପାଳନ କରାଯାଏ । ଯେପରି ଆସାମରେ ବିହୁ, ପଂଜାବ, ହରିୟାଣା, ହିମାଚଳ ପ୍ରଦେଶରେ ଲୋହରି, ଓଡ଼ିଶା, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୋଆରେ ମକର ସଂକ୍ରାନ୍ତି ପାଳନ କରାଯାଏ । କୁହାଯାଏ ଏହିଦିନ ବିଭିନ୍ନ ନଦୀ ଓ ସମୁଦ୍ରରେ ପୁଣ୍ୟ ସ୍ନାନ କଲେ ପାପ ନିବାରଣ ହୁଏ ।



ଲିଙ୍ଗରାଜ ପ୍ରସାଦ
ଅମୂଲ୍ୟ ପଟ୍ଟନାୟକ

ତେଲୁଗୁ ସମ୍ପ୍ରଦାୟର ଭାଇ ଭଉଣୀ ଅତି ଆନନ୍ଦ, ଉଲ୍ଲାସ ଓ ଉଦ୍ଦୀପନା ସହ ସଂକ୍ରାନ୍ତି ପର୍ବ ପାଳନ କରନ୍ତି ।

ଏହା ଏକ କୃଷିଭିତ୍ତିକ ପର୍ବ । ହଳ ପୂଜା ଠାରୁ ଆରମ୍ଭ କରି, ଗର୍ଭଣା ସଂକ୍ରାନ୍ତି ଓ ଶେଷରେ ଧାନ କଟାରେ ଏହା ଶେଷ ହୁଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରଥମେ ଧାନ ବିଲରେ ପୂଜା ଅର୍ଚ୍ଚନା କରାଯାଏ ।





ତାପରେ ଧାନ କଟାଯାଇ ଧାନ ଗଦା କରି ପୁଷ୍ପ ଓ ନୈବେଦ୍ୟ ଦେଇ ପୂଜା କରାଯାଏ ।

ସଂକ୍ରାନ୍ତି ପୂର୍ବର କେତୋଟି ପରମ୍ପରା ।



## ହରିଦାସୁ

ସଂକ୍ରାନ୍ତି ପର୍ବର ପ୍ରାୟ ମାସକ ପୁର୍ବରୁ ରାମାୟଣର ସୁନ୍ଦରାକାଣ୍ଡ ଖଣ୍ଡ ଓ ଭାଗବତର କେତୋଟି ଅଂଶ ତାନପୁରା ବା ବୀଣା ସୁରରେ ସାହି ସାହି ଗୀତ ଗାଇ ବୁଲନ୍ତି । ସେମାନେ ହରିନାମ ଛଡା କୌଣସି କଥା ହୁଅନ୍ତି ନାହିଁ । ପୁରପଲ୍ଲୀ ହରି ନାମ ସଂକୀର୍ତ୍ତନରେ ଭାସିଉଠେ ।

## ଗାଙ୍ଗୀରେଡ଼ିଲୁ



ଏକ ବୃଷଭକୁ ସୁସଜ୍ଜିତ କରି ଘର ଘର ସାହି ସାହି ବୁଲଯାଏ । ଏହି ବୃଷଭ ତାନପୁରା ତାଳରେ ନୃତ୍ୟ ପରିବେଷଣ କରିଥାନ୍ତି । ଏହା ଅତି ମନୋହର ଦୃଶ୍ୟ ହୋଇଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## ପୋଙ୍ଗଲ



ନୂଆ ଚାଉଳକୁ ପୂଜା କରି ଚୁଲି ଚାରିପଟେ ସାଜସଜ୍ଜା କରି ପୋଙ୍ଗଲ କରାଯାଏ । ପ୍ରଥମେ ଦେବଦେବୀ ଓ ପୂର୍ବପୁରୁଷଙ୍କୁ ଅର୍ଘ୍ୟ ଦେଇ ଘରର ସମସ୍ତେ ଖୁସିରେ ଖାଆନ୍ତି ।



## ବୋମ୍ମାଲୁ କୋଲୁବୁ

ସଂକ୍ରାନ୍ତି ପର୍ବ ଉପଲକ୍ଷେ କତା, ବାଉଁଶ, ମାଟି ଓ କାଠ ତିଆରି ବିଭିନ୍ନ କଣ୍ଢେଇରେ ଘରେ ଘରେ ସଜ୍ଜିତ କରା ଯାଇଥାଏ । ବିଭିନ୍ନ କାହାଣୀ ଓ ପରମ୍ପରା ସହିତ ଜଡ଼ିତ କରି କ୍ରମରେ ସଜା ଯାଇଥାଏ । ଏହାଦ୍ୱାରା ଭବିଷ୍ୟତର ପୀଢ଼ିକୁ ନିଜର ପରମ୍ପରା ଓ ସଂସ୍କୃତି ସହ ଅବଗତ କରାଯାଇଥାଏ ।

## ପିଠା ଓ ପଣା



ସଂକ୍ରାନ୍ତି ତିନି ଦିନ ଘରେ ଘରେ ବିଭିନ୍ନ ସ୍ୱାଦିଷ୍ଟ ଭୋଜନ ଓ ପିଠା ପଣା କରି ବନ୍ଧୁ ବାନ୍ଧବ ସହ ଖିଆଯାଏ ଏବଂ ସାହି ପଡ଼ିଶାରେ ବଣ୍ଟାଯାଏ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସଂକ୍ରାନ୍ତି ପର୍ବ ପ୍ରାୟ ତିନିଦିନ ଥରି ପାଳିତ ହୋଇଥାଏ ।

## ପ୍ରଥମ ଦିନ -ଭୋଗୀ



ଏହିଦିନ ପୁରୁଣା ଅଦରକାରୀ ଜିନିଷ ପରିତ୍ୟାଗ କରିଥାନ୍ତି । ଘରେ ଥିବା ପୁରୁଣା କାଠ ଓ ଅନ୍ୟାନ୍ୟ ଅଦରକାରୀ ପୁରୁଣା ଜିନିଷ ଏକାଠି କରି ପୋଡ଼ି ଦିଆଯାଏ । ସମସ୍ତେ ନିଆଁ ଚାରିପଟେ ଘୁରି ନୃତ୍ୟ ଗୀତରେ ମଜ୍ଜିଯା'ନ୍ତି ।

## ଦ୍ୱିତୀୟ ଦିନ-ସଂକ୍ରାନ୍ତି



ଏହା ମୁଖ୍ୟ ଦିନ । ଘରେ ଘରେ ଆନନ୍ଦ ଓ ଉଲ୍ଲାସ ଖେଳିଯାଏ । ବଂଧୁ ବାନ୍ଧବ, ସାଙ୍ଗ ସାଥି ସହ ଘର ପୁରି ଯାଇଥାଏ । ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ପୂର୍ବ ପୁରୁଷଙ୍କୁ ପୂଜା କରାଯାଏ । ସେମାନଙ୍କୁ ନୂତନ ବସ୍ତ୍ର ଓ ପିଠାପଣା ଅର୍ପିତ କରାଯାଏ । ଘର ସାମନାରେ ରଙ୍ଗ ବେରଙ୍ଗର ରଙ୍ଗୋଲି ଅଙ୍କାଯାଏ । ଆମ୍ବ ପତ୍ରରେ ତୋରଣ କରାଯାଏ । ଘର ଘର, ସାହି ସାହି, ଗ୍ରାମ ଗ୍ରାମ ଓ ସହର ସହର ଉତ୍ସବ ମୁଖର ହୋଇଯାଏ ।

## ତୃତୀୟ ଦିନ-କାନୁମା

ଏହିଦିନ ନିରାମିଷ ବ୍ୟଞ୍ଜନ ଖଇଥାନ୍ତି । ଘରେ ଥିବା ଗାଇ, ବଳଦ ଓ ଅନ୍ୟ ଗୃହ ପାଳିତ ପଶୁଙ୍କୁ ପୂଜା କରାଯାଇଥାଏ । ବିଭିନ୍ନ ଚେର ଓ ମୂଳିକାରେ ଔଷଧ ପ୍ରସ୍ତୁତ କରି ଗୃହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଳିତ ପଶୁଙ୍କୁ ଦିଆଯାଏ । ବିଶ୍ୱାସ ଯେ ଏହା ଦ୍ୱାରା ପଶୁଙ୍କୁ ବର୍ଷ ସାରା ନିରୋଗ ରଖା ଯାଇପାରେ । ପିଲାମାନେ ଖୁସିରେ ଗୁଡ଼ି ଉଡାନ୍ତି ।

ଏହି ତିନି ଦିନରେ ପୁରପଲ୍ଲୀରେ ଗଞ୍ଜା ଯୁଦ୍ଧ, ଶଗଡ ଦୌଡ଼, କବାଡି, ଖୋ ଖୋ ଆଦି ଖେଳ ଓ ପ୍ରତିଯୋଗିତା ହୋଇଥାଏ ।

ମକର ସଂକ୍ରାନ୍ତି ଏକ ସର୍ବ ଭାରତୀୟ ପର୍ବ । ଏହି ପର୍ବକୁ ସମସ୍ତେ ଉତ୍ସାହର ସହିତ ପାଳନ କରନ୍ତି । ଭାରତ ବାହାରେ ରୋମାନ ଓ ଇହୁଦୀମାନେ ମଧ୍ୟ ଏହିପର୍ବ ପାଳନ କରନ୍ତି । ଭାରତର ବିଭିନ୍ନ ଅଞ୍ଚଳ ଅପେକ୍ଷା ଦକ୍ଷିଣ ଭାରତରେ ଏହା ସବୁଠାରୁ ବଡ଼ ପର୍ବ । ଦକ୍ଷିଣରେ ଏହାକୁ ପୋଙ୍ଗଲ ବୋଲି କହନ୍ତି । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି । ସୌର ଗଣନା ଅନୁସାରେ ମକର ସଂକ୍ରାନ୍ତିକୁ ମକର ମାସର ପ୍ରଥମ ଦିନ ହିସାବରେ ଗ୍ରହଣ କରାଯାଏ । ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କର ସଂକ୍ରମଣ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ କରିବାର ଦିନ । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରନ୍ତି । ଏହି ଦିନଠାରୁ ସୂର୍ଯଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । (ଢ଼ିକିପେଡ଼ିଆରୁ ଉଦ୍ଧୃତ)

## ମକର ଚାଉଳ

ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆଫସଲ ଅମଳ ହୋଇଥାଏ । ତେଣୁ ସେଦିନ ନୂଆ ଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଇତ୍ୟାଦି ଗୋଳିଆ ଗୋଟିଏ ସୁମିଷ୍ଟ ଭୋଗ ପ୍ରସ୍ତୁତ କରି ଗୃହଦେବତାଙ୍କୁ ଓ ଧାନଖଳାରେ ଭୋଗ ଲଗାଯାଏ । ଏହି ଭୋଗ 'ମକର ଚାଉଳ' ଭାବେ ପରିଚିତ । ଏହି ଭୋଗ ଖିଆଖେଇ ହୋଇ ଲୋକେ 'ମକର' ବସନ୍ତି । କେତେକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଞ୍ଚଳରେ ନୂଆଧାନର ଚାଉଳରେ ପ୍ରସ୍ତୁତ ପୋଡ଼ପିଠା ସହିତ ଗୁଡ, କଦଳୀ, ନଡ଼ିଆ ଓ ଅରୁଆଚାଉଳରେ ଭୋଗ କରାଯାଇ ଦେବାଦେବୀଙ୍କ ପାଖରେ ଦିଆଯାଏ । ସୂର୍ଯ୍ୟଙ୍କ ଯୋଗୁଁ କୃଷିକ୍ଷେତରେ ଶସ୍ୟ ଉତ୍ପନ୍ନ ହେଉଥିବାରୁ କୃଷକମାନେ ମକରସଂକ୍ରାନ୍ତିର ପୂଣ୍ୟକାଳରେ ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥା'ନ୍ତି । (ଡ୍ଵିକିପେଡ଼ିଆରୁ ଉଦ୍ଧୃତ)

## କାହିଁକି ପାଳନ କରାଯାଏ ମକର ସଂକ୍ରାନ୍ତି –

ସୂର୍ଯ୍ୟଦେବ ଯେବେ ଧନୁ ରାଶିରୁ ମକରରେ ପହଁଚିଥାନ୍ତି ତ ମକର ସଂକ୍ରାନ୍ତି ପାଳନ କରାଯାଏ । ସୂର୍ଯ୍ୟଙ୍କର ଧନୁ ରାଶିରୁ ମକର ରାଶିକୁ ଯିବାର ମହତ୍ତ୍ୱ ଏଥିପାଇଁ ଅଧିକ କାରଣ ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନରୁ ଉତ୍ତରାୟଣ ନେଇଥାନ୍ତି । ଦେବତାମାନଙ୍କ ଦିନ ଭାବେ ବିଶ୍ୱାସ କରାଯାଏ । ମକର ସଂକ୍ରାନ୍ତିର ଶୁଭ ମୁହୂର୍ତ୍ତରେ ସ୍ନାନ ଓ ଦାନ-ପୁଣ୍ୟ କରିବାର ବିଶେଷ ମହତ୍ୱ ରହିଛି । ଏହି ଦିନ ଖେଚୁଡିର ଭୋଗ ଲଗାଯାଏ । ଖାଲି ଏତିକି ନୁହେଁ ଅନେକ ସ୍ଥାନରେ ପୂର୍ବପୁରୁଷଙ୍କ ଆତ୍ମାର ଶାନ୍ତି ପାଇଁ ଖେଚୁଡି ଦାନ କରିବାର ମଧ୍ୟ ବିଧାନ ରହିଛି । ମକର ସଂକ୍ରାନ୍ତି ରେ ରାଶି ଓ ଗୁଡର ପ୍ରସାଦ ମଧ୍ୟ ବଂଟା ଯାଏ । ଅନେକ ସ୍ଥାନରେ ଗୁଡି ଉଡାଇବାର ପରମ୍ପରା ମଧ୍ୟ ରହିଛି । (କନକ ନ୍ୟୁଜ୍ ସାଇଟରୁ ଉଦ୍ଧୃତ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂତନ ବର୍ଷ

ସମୟ ଏକ ନିରନ୍ତର ଚକ୍ର । ଏହି ଅସୀମ ଅଭେଦ ସମୟକୁ ମଣିଷ ତ ଅଧୀନ କରିପାରେ ନାହିଁ ହେଲେ ନିଜର ସୁଖଦୁଃଖମୟ ଜୀବନର ମୂଲ୍ୟାଙ୍କନ ପାଇଁ ତାକୁ ସାକ୍ଷୀ କରିବାର ପ୍ରୟାସ କରିଥାଏ । ସେ ନିଜ ସୁବିଧା ଅନୁସାରେ ଭାଙ୍ଗିଥାଏ ସେହି ଅଭଙ୍ଗା ସମୟକୁ ମୂହୁର୍ତ୍ତ, ଦିନ, ମାସ ଓ ବର୍ଷର ଶବ୍ଦ ଓ ସଂଜ୍ଞାରେ । ଅନନ୍ତ ସମୟ ଯାହାର ନା ହିଁ ଅଛି ଆଦି ନା ଅନ୍ତ, ସେହି ସମୟରେ ପୁରାତନ ଓ ନୂତନର ଶବ୍ଦ କାହିଁ ଆସେ ? ନୂତନ ଓ ପୁରାତନ ହେଲା ମଣିଷ ନିର୍ମିତ ଶବ୍ଦକୋଷର ଏକ ବିଶେଷଣ ଶବ୍ଦ ଯିଏ ସେହି ଚିରନ୍ତନ ସତ୍ୟ ଓ ଶାଶ୍ୱତ ସମୟ ସହ ସଂଶ୍ଳିଷ୍ଟ ।

ପୁରାତନ ଓ ନୂତନର ଶବ୍ଦ ତ ମଣିଷ କଳ୍ପିତ ସେହି ଭଗ୍ନ ସମୟରେ ପରିବେଷ୍ଟିତ । ଏଇ ଯେମିତି ବିଗତ ମୂହୁର୍ତ୍ତର ସମାପ୍ତିରେ ଏକ ନୂତନ ମୂହୁର୍ତ୍ତର ଆରମ୍ଭ, ବିଗତ ଦିନର ଅନ୍ତରେ ଏକ ନୂତନ ଦିନର ଆରମ୍ଭ, ବିଗତ ମାସର ସମାପ୍ତିରେ ଏକ ନୂତନ ମାସ ଆଉ ବିଗତ ବର୍ଷର ସମାପ୍ତିରେ ଏକ ନୂତନ ବର୍ଷର ପ୍ରାରମ୍ଭ । ଯଦି ସମୟକୁ ଆମେ ସାଗର କହିବା ନୂତନ ଓ ପୁରାତନ ବର୍ଷ ହେଲା ସେହି ସାଗରର ତରଙ୍ଗମାଳା । ସାଗରରେ ଜନ୍ମ ନେଇ ସେହି ସାଗରରେ ବିଲୀନ ହୋଇ ଯାଆନ୍ତି ।



ଡଃ ଆଭାଞ୍ଜଳି
ଶତପଥୀ

ହଁ ଏହି ନୂତନ ଓ ପୁରାତନ ଶବ୍ଦକୋଷମାନ କେବଳ ଭାଷାର ଅଭିବୃଦ୍ଧିରେ ସୀମିତ ନୁହେଁ । ଏହା ଜୀବନଦର୍ଶନ ପାଇଁ ଏକ ମହାର୍ଘ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥ୍ୟ । ଏହି ଶବ୍ଦ ମାନେ କେବଳ ବିପରୀତମୁଖୀ ନୁହଁନ୍ତି, ପରସ୍ପର ସହ ଅନୁପୂରକ ମଧ୍ୟ । ପରସ୍ପର ପରସ୍ପରକୁ ବିସ୍ତାରିତ କରିଥାନ୍ତି ଏକ ନିତ୍ୟ ସମ୍ବନ୍ଧକୁ ନେଇ । ପୁରାତନ ଅନ୍ତ ହେଲେ ନୂତନ ହେଲା ଆରମ୍ଭ ।

ଏହି ପ୍ରସଙ୍ଗକୁ ବିଭିନ୍ନ ପରିପ୍ରେକ୍ଷୀରେ, ବିଭିନ୍ନ ଦୃଷ୍ଟିକୋଣ ନେଇ ଆଲୋଚନା କରାଯାଇପାରେ । ସାମାଜିକ ଅବା ସାଂସାରିକ ପ୍ରସଙ୍ଗରେ ନୂତନ ହେଲା ଏକ ଆଶା, ଉତ୍ସାହ ଓ ଉନ୍ମାଦନା । କଥାରେ କହନ୍ତି ପୁରାତନ ଯେତେ ଆକର୍ଷଣୀୟ ହେଇଥିଲେ ମଧ୍ୟ ନୂତନର ସ୍ଥାନ ନେଇପାରିବ ନାହିଁ । ନୂତନରେ ଥାଏ ଉଦ୍ବେଗର ଆକର୍ଷଣ । ଉଦାହରଣ ସ୍ୱରୂପ, ନୂତନ ବସ୍ତ୍ର, ନୂତନ ଗୃହ, ନୂତନ ବନ୍ଧୁ, ନୂତନ କାର୍ଯ୍ୟ, ନୂତନ ପରିବେଶ, ନୂତନ ବର୍ଷ ଇତ୍ୟାଦିର ନବୀନତା ମଣିଷକୁ ଆନନ୍ଦିତ କରିଥାଏ ଏବଂ ଏଥିରେ ଥାଏ ଅନେକ ଆବେଗ ।

ନବୀନତାକୁ ଅଭିନନ୍ଦନ କରିବାର ପ୍ରକ୍ରିୟା ବି ଅନନ୍ୟ । ଏଇ ଯେମିତି ନୂଆ ଗୃହଟିଏର ସ୍ୱାଗତ ହେଇଥାଏ । ଦେବତାଙ୍କୁ ଆରାଧନା କରି ଘର ପ୍ରତିଷ୍ଠାର ପୂଜା ନୀତି ସହ ସମଷ୍ଟି ଭୋଜନର ଆୟୋଜନ କରାଯାଏ । କିନ୍ତୁ ନୂଆଘରେ ପୁରୁଣା ଆସବାସ ବ୍ୟବହାର ନକରିବା ପାଇଁ କୌଣସି ନିୟମ ଛନ୍ଦା ନଥାଏ ।

ଆଉ ନୂତନ ବର୍ଷକୁ ଅଭିନନ୍ଦନ କଲାବେଳେ ବିଶ୍ୱରେ ଭରି ଉଠେ ମହୋତ୍ସବ । କୋଉଠି ରଙ୍ଗ ବେରଙ୍ଗି ଆଲୋକରେ ମଦିରାପାନ ସହ ନୃତ୍ୟଗୀତର ଉଲ୍ଲାସ । କୋଉଠି ସାଂସ୍କୃତିକ ସଭାର ସମ୍ଭାର । କୋଉଠି ବଣ ଭୋଜି, ବନ୍ଧୁ ମିଳନ । କେହି କେହି ଦୀପ ଜଳାଇ ମନ୍ଦିର ଦର୍ଶନ କରି ଜୀବନକୁ ଶୃଙ୍ଖଳିତ କରିବାର ଶପଥ ପାଠ କରିଥାନ୍ତି । ନବବର୍ଷର କିଛିଟା ଦିନ ଅତିକ୍ରମ କଲାପରେ ସେ ଉଲ୍ଲାସର ଉନ୍ମାଦନା ହ୍ରାସ ପାଇଥାଏ । ଭୁଲିଯାନ୍ତି ଆମେ ନୂତନ ବର୍ଷର ଶପଥ ପାଠକୁ । ପୁରାତନ ବର୍ଷର ସ୍ମୃତିର ବନ୍ଧନରୁ ମୁକ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଫାଉଣ୍ଡେସନ

 Magazine Downloaded from www.aahwaan.com

ପାଇ ପାରନ୍ତି ନାହିଁ । ବିଗତ ଦିନର ସ୍ମୃତିରେ ବୁଡି ରହି ବର୍ତ୍ତମାନର ନୂତନତାକୁ ଅଣଦେଖା କରି ଦେଇଥାନ୍ତି । ମାତ୍ର କିଛିଦିନ ଭିତରେ ନୂଆ ବର୍ଷ ମାଦକତା ଚାଲିଯାଏ । ଏଠାରେ ନୂତନ ଶବ୍ଦରେ ଭରିଥାଏ ଆଶାଉଲ୍ଲାସର ଭାଷା ଏବଂ ଉତ୍ସବର ଉଦ୍ଦୀପନା କିନ୍ତୁ ଯାହା ପାଣି ଫୋଟକା ପରି କ୍ଷଣଭଙ୍ଗୁର ।

କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣ ନେଇ ବିଚାରକଲେ ପ୍ରଶ୍ନ ଆସେ ନୁତନର ଅର୍ଥ କ'ଣ କେବଳ ଉତ୍ସାହ ଓ ଉତ୍ସବର ଉନ୍ମାଦନା ? ନୂତନର ସ୍ଥିତି କ'ଣ କିଛି ସମୟ ପାଇଁ ? ଆଧ୍ୟାତ୍ମିକ ଦୃଷ୍ଟି କୋଣ ନେଇ ବିଚାର କଲେ ଦେଖାଯାଏ ନୂତନ ଶବ୍ଦରେ ବୌଧିକ ଗାମ୍ଭିର୍ଯ୍ୟ ଅଛି । ଏହା କେବଳ ଉତ୍ସାହ ଓ ଉଲ୍ଲାସର ଉନ୍ମାଦନା ନୁହେଁ ଏହା ସୁସ୍ଥ ସୁନ୍ଦର ଜୀବନଚର୍ଯ୍ୟାର ଏକ ମହାନ୍ ଉପାଦାନ । ନୂତନର ଅର୍ଥ ହେଲା ବିଗତକୁ ସମ୍ପୂର୍ଣ ଭାବେ ଭୁଲି ସକାରାତ୍ମକ ଭାବ ସହ ଜୀବନର ନୁଆ ପର୍ଯ୍ୟାୟକୁ ଉନ୍ମେଷ କରିବା । ବିଗତ ବର୍ଷ, ବିଗତ ଦିନ ଓ ବିଗତ ମୁହୁର୍ତ୍ତର ନକାରାତ୍ମକ ଭାବନାକୁ ତ୍ୟଜ କରିବାର ପ୍ରୟାସ । ନକାରାତ୍ମକ ଚିନ୍ତାଧାରା ଯଥା ଗ୍ଲାନି, ଅବକାଶ ଦୁଃଖ, ବିଷାଦ, ମାନ, ଅଭିମାନକୁ ପରିତ୍ୟାଗ କରିବାର ପ୍ରାୟାସ । ଯେମିତି ନୂତନ ବସ୍ତ୍ରକୁ ପରିଧାନ କଲାପରେ ଅନାବଶ୍ୟକ ପୁରୁଣା ବସ୍ତ୍ରକୁ ସାଇତି ନା ରଖି ସମ୍ପୂର୍ଣ ରୂପେ ପରିତ୍ୟାଗ କରିବାର ଉଦ୍ଦେଶ୍ୟ । ଏଠାରେ ପରିତ୍ୟାଗର ବିଶେଷ ମର୍ମ ଅଛି । 'ଗତସ୍ୟ ଶୋଚନମ୍ ନାସ୍ତି' ଯୋଉ ପୁରୁଣା ସ୍ମୃତି ଆମକୁ କଷ୍ଟ ଦେଉଚି ତାକୁ ପୂର୍ଣ୍ଣ ଆହୁତି ଦେଇ ଦେବା । ବିଷାଦର ଅନୁଭୂତିକୁ ଅନ୍ତ କରି ଆଗକୁ ବଢ଼ି ଚାଲିବାର ପ୍ରୟାସ ।

ନୂତନର ଆଉ ଏକ ଅଙ୍ଗ ହେଲା ସବୁ ମୂହୁର୍ତ୍ତକୁ ବର୍ତ୍ତମାନରେ ସଂଯୋଗ କରିବା । ପ୍ରତି ବର୍ତ୍ତମାନରେ ନବୀନତା ଉପଲବ୍ଧି କରିବା । ନୁତନତାକୁ ଚିରସ୍ଥାୟୀ କରିବାର ପ୍ରୟାସ କରିବା । ଅତୀତର ଅନୁଭୂତି ନିଶ୍ଚିତ ଭାବେ ସ୍ମରଣୀୟ ଏବଂ ଶିକ୍ଷଣୀୟ । କିନ୍ତୁ ଅତୀତର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବୁଡି ରହିବା ଅର୍ଥାତ ବର୍ତ୍ତମାନର ନୂତନତ୍ୱକୁ ମୂଲ୍ୟବୋଧ ନ କରିପାରିବା । ନୂତନର ଅର୍ଥ ନିଜ ଜୀବନର ପ୍ରତିମୂହୁର୍ତ୍ତକୁ ଏକ ସକାରାତ୍ମକ ଭାବରେ ପରିପୋଷିତ କରିବା । ସକାରାତ୍ମକ ଭାବରେ ଉନ୍ମେଷରେ ହିଁ ପ୍ରତି ମୂହୁର୍ତ୍ତ ନୂତନ ହେଇ ପାରିବ ।

ଆମେ ପ୍ରତି ମୂହୁର୍ତ୍ତକୁ ବର୍ତ୍ତମାନରେ ସଜେଇ ପାରିବା ଏବଂ ବର୍ତ୍ତମାନ ସଙ୍ଗେ ସଦା ସଂଶ୍ଲିଷ୍ଟ ହେଇ ପାରିବା । ଜ୍ଞାନୀମାନେ ଅତୀତକୁ ଉପାଖ୍ୟାନ କରନ୍ତି ନାହିଁ । ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି;

*"ଅଶୋଚ୍ୟାନ୍ୟନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ*

*ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ "*□

ଆମ ପାଇଁ ଏହି ବିଗତ ବର୍ଷ ୨୦୨୦ର ଅନୁଭୂତି ଏକ ବିରଳ ଅନୁଭୂତି । କରୋନା ମହାମାରୀର ପ୍ରକୋପରେ ସମଗ୍ର ବିଶ୍ୱ ଆଜି କ୍ଷତ ବିକ୍ଷତ । ହେଲେ ଏହାର ଦୁଃଖଦ ଅନୁଭୁତିକୁ ବି ଆମେ ସକାରାତ୍ମକ ଭାବନା ପରିଣତ କରି ପାରିବା । ଯଦି ଆମେ ଏହାର ଦୁଃଖଦ ଅନୁଭୁତିକୁ ବାରମ୍ବାର ବିଶ୍ଳେଷଣ ନକରି ବର୍ତ୍ତମାନର ପରିସ୍ଥିତିକୁ ଖାପ ଖୁଆଇ ଚାଲିବା ତେବେ ପ୍ରତି ମୂହୁର୍ତ୍ତ ନୂତନତାରେ ଭରିଯିବ ।

ସେହି ସକାରାତ୍ମକର ଭାବ ନେଇ ନୂତନ ବର୍ଷକୁ ଅଭିନନ୍ଦନ କଲେ ନୂତନର ନୂତନତା ସଦା ପୁଲକିତ ହୋଇ ପାରିବ । ଏହି ନୂତନ ବର୍ଷର ନୂତନତ୍ୱକୁ ଚିରଞ୍ଜିବୀ କରିବା ପାଇଁ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା କରିବା ଜଗତବାସୀଙ୍କୁ ଅହିଂସା, ଅଭୟ, ଆନନ୍ଦରେ ଅଳଙ୍କୃତ କରନ୍ତୁ । ଅଜ୍ଞାନର ଅନ୍ଧକାରରୁ ଜ୍ଞାନର ଆଲୋକରେ ଆଲୋକିତ କରନ୍ତୁ । ନୂତନବର୍ଷର ନୂତନ ସୂର୍ଯ୍ୟୋଦୟ ଜଗତବାସୀଙ୍କ ପାଇଁ ଆଣୁ କେବଳ ଏକ ଆରୋଗ୍ୟ ସୁଖଦ, ଶାନ୍ତିର ସୂର୍ଯ୍ୟୋଦୟ ଏବଂ ଜଗତବାସୀଙ୍କ ହୃଦୟ ସଦା ନୂତନତ୍ୱରେ ଉଜ୍ଜିବିତ ରହିଥାଉ ।

ଗବେଷିକା, Email- avanjali@yahoo.co.uk

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାଗାର୍ଜୁନ ବେଶ : ଏକ ନୂତନ ଦୃଷ୍ଟିକୋଣ



ଚିତ୍ର: ଶ୍ରୀ ଅମର ବାରିକ



ପ୍ରମୋଦ କୁମାର ପଣ୍ଡା

୨୬ ବର୍ଷର ଅନ୍ତରାଳେ ବ୍ରହ୍ମାଣ୍ଡୀୟ-ନକ୍ଷତ୍ର ଗତି ଅନୁସାରେ ୨୦୨୦ ମସିହାରେ କାର୍ତ୍ତିକ-ପଞ୍ଚୁକର ଷଷ୍ଠ ଦିବସରେ ପୂର୍ଣ୍ଣିମା ଘଟିତ ହୋଇଥିଲା । ମଳ ଦ୍ୱାଦଶୀ ତିଥି, ୨୭-୧୧-୨୦୨୦ ତାରିଖରେ ତ୍ରିମୂର୍ତ୍ତିଙ୍କ ସମେତ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ରତ୍ନ ସିଂହାସନ ଉପରେ ନାଗାର୍ଜୁନ ଙ୍କ ସ୍ୱର୍ଣ୍ଣ-ଖଚିତ-ଯୋଦ୍ଧା-ଭୂଷିତ ପରମ୍ପରାରେ ସଜ୍ଜିତ ହୋଇଥିଲେ । ପ୍ରତି-ନିତ୍ୟ ହେଉଥିବା ପାରମ୍ପରିକ ବେଶ ବାହାରେ ଏହା ଏକ ବିରଳ ବେଶ ଥିଲା, ଯାହାର ସମୟ କେବଳ ନକ୍ଷତ୍ରର ଗତି ଅନୁସାରେ ସ୍ଥିର କରା ଯାଇଥାଏ । ସ୍କନ୍ଦ ପୁରାଣ, ନୀଳାଦ୍ରୀ ମହୋଦୟ ଆଦି ଶ୍ରୀମନ୍ଦିର ରୀତିନୀତି ସମ୍ପର୍କିତ ଗ୍ରନ୍ଥ ମାନଙ୍କରେ ଏହି ପରମ୍ପରାର ଯଦିଓ ଉଲ୍ଲେଖ ନାହିଁ, ଏହି ଉତ୍ସବକୁ ଶ୍ରୀମନ୍ଦିରର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରତିଷ୍ଠା ପୂର୍ବ ଋଗବେଦୀୟ ସମୟର ଏକ ବିଶେଷ ଘଟଣା ସହ ଯୋଡା ଯାଇପାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରାଣ ମାନଙ୍କରେ ବର୍ଣ୍ଣିତ ସହସ୍ରାର୍ଜୁନ ବାସ୍ତବରେ ଅର୍ଜୁନ କାର୍ତ୍ତବୀର୍ଯ୍ୟ, ଋଗବେଦ (୮ମ ମଣ୍ଡଳ ୪୫ତମ ସୁକ୍ତ ୨୬ ଓ ୨୭ ଛନ୍ଦ) ରେ ବର୍ଣ୍ଣିତ ସହସ୍ରବାହୁ ଅଟନ୍ତି । ଶ୍ରୀମଦ ଭାଗବତମ୍ ରେ ଉଲ୍ଲେଖିତ ପର୍ଶୁରାମ ଙ୍କ ସହସ୍ରାର୍ଜୁନ ବଧ-ଯୁଦ୍ଧ ର କାହାଣୀ ନାଗବଂଶୀ ମାନଙ୍କ ହୈହେୟ ବଂଶୀ ଅର୍ଜୁନ କାର୍ତ୍ତବୀର୍ଯ୍ୟଙ୍କ ପୁତ୍ର ମାନଙ୍କ ସହ ଯୁଦ୍ଧର କାହାଣୀ ଅଟେ । ନାଗବଂଶୀ ଓ ଅର୍ଜୁନ କାର୍ତ୍ତବୀର୍ଯ୍ୟଙ୍କ ପୁତ୍ର ମାନଙ୍କ ମଧ୍ୟର ଯୁଦ୍ଧ ଭଗବାନ ପର୍ଶୁରାମ ଙ୍କ ନେତୃତ୍ୱରେ ହୋଇଥିଲା । ସେହି ଯୁଦ୍ଧ ପରେ ଭଗବାନ ପର୍ଶୁରାମଙ୍କ ଦ୍ୱାରା ପ୍ରଶିକ୍ଷିତ ପରାକ୍ରମୀ ନାଗବଂଶୀ ମାନଙ୍କ ପତିତ-କ୍ଷତ୍ରିୟ ରୁ କ୍ଷତ୍ରିୟ ବଂଶକୁ ସମ୍ପୂର୍ଣ୍ଣ ପରିବର୍ତ୍ତନର କାହାଣୀ ଅଟେ ।

ଯଦିଓ ଋଷି କଶ୍ୟପଙ୍କ ପୁତ୍ର ନାଗ ସତୀସର ଠାରେ ପୁନର୍ବସତି କରି ରାଜତ୍ୱ ଆରମ୍ଭ କରିଥିଲେ, ତଥାପି କଦ୍ରୁ ଙ୍କର ଅନ୍ୟ ପୁତ୍ର ମାନଙ୍କ ବଂଶଜ ଯୁଦ୍ଧରେ ପ୍ରଶିକ୍ଷିତ ନ ଥିଲେ । ଦେବକୀପୁତ୍ର ବାସୁଦେବ କୃଷ୍ଣ ତଥା ଋଗ୍‌ବେଦୀୟ ଫାଲଗୁନୀ ଅର୍ଜୁନଙ୍କ ସ୍ତ୍ରୀ ଚିତ୍ରାଙ୍ଗଦାଙ୍କ ପୁତ୍ର ବଭ୍ରୁବାହନଙ୍କ, ଖ୍ରୀ.ପୂ ୧୧୦୦୦ ପରେ ନାଗ ବଂଶୀମାନଙ୍କ ବିଷୟରେ ପୁରାଣ କିମ୍ବା ପ୍ରାଚୀନ ସାହିତ୍ୟ ନୀରବ ଅଛନ୍ତି । ମହାଭାରତ ପରେ ଆମେ କ୍ଷତ୍ରିୟ କୁଳରେ ନାଗବଂଶୀ ମାନଙ୍କୁ ପାଉଛନ୍ତି ତା ପୂର୍ବରୁ ନୁହେଁ । ନାଟ୍ୟଶାସ୍ତ୍ରର ରଚୟିତା, ଖ୍ରୀ.ପୂ ଷଷ୍ଠ ସହସ୍ରାବ୍ଦ ସମୟର ଭରତ ମୁନିଙ୍କ ସମୟରେ ନାଗ ବଂଶୀ ମାନଙ୍କ ରାଜ୍ୟ ଥିଲା ବୋଲି ଲେଖୁଛନ୍ତି । ସମ୍ଭବତଃ, ମାହିଷ୍ମତୀର ନାଗବଂଶୀ ମାନେ କଳିଙ୍ଗ ସହ ସଂଯୋଜିତ ହୋଇ ରହି ଯାଇଛନ୍ତି ଓଡ୍ର ଜାତି ନାଁରେ । କାରଣ ଆମେ ଓଡ୍ର ନାଁ ବେଦ, ଉପନିଷଦରେ ଦେଖୁ ନ ଥିଲେ ମଧ୍ୟ ରାମାୟଣ ଓ ମହାଭାରତ ଗ୍ରନ୍ଥରେ ଓଡ୍ର ଦେଶର ଅସ୍ତିତ୍ୱ ଜଣା ପଡୁଛି । ମହାଭାରତ ପରେ କ୍ଷତ୍ରିୟ ବଂଶରେ ନାଗ ମାନଙ୍କ ନାଁ ଦେଖିବାକୁ ମିଳିଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୀମଦ ଭାଗବତମ୍ ରେ ପର୍ଶୁରାମ କେବେ ରାଜା ଗାଧୀଙ୍କ ବଂଶଜ, କେବେ ଭୃଗୁବଂଶୀ ବୋଲି ଲେଖା ଯାଇଛି । ବିଭିନ୍ନ ପୁରାଣରେ ମହର୍ଷି ଭୃଗୁଙ୍କ ବିଭିନ୍ନ ବଂଶାବଳୀ ତଥା ଋଷି ଜମଦଗ୍ନି ଙ୍କୁ ଗାଧୀଙ୍କର ପୁତ୍ର ବୋଲି ଲେଖା ଯାଇଛି । ଆସନ୍ତୁ ଏହି ବିଷୟରେ ସତ୍ୟାସତ୍ୟ ଜାଣିବା ।

ପ୍ରାକ୍ ଋଗବେଦୀୟ ଭୃଗୁ ମହର୍ଷି ବହ୍ମାଙ୍କର ମାନସ ପୁତ୍ର ଥିଲେ ।

ମତ୍ସ୍ୟ ପୁରାଣ (୧୯୫/୧୧-୧୪) ଲେଖୁଛନ୍ତି ଭୌଜନ, ସୁଜନ୍ୟ, ସୁଜାନ, କ୍ରତୁ, ବାସୁ, ମୂର୍ଦ୍ଧା, ତ୍ୟଜ୍ୟ, ଢାସୁଦା, ପ୍ରଭାଢ ଓ ଦକ୍ଷ ନାମରେ ତାଙ୍କର ୧୨ ଜଣ ପୁତ୍ର ଥିଲେ । ସେ ଅସୁର ରାଜା ପୁଲୋମା ତଥ ଦକ୍ଷ ପ୍ରଜାପତି ଙ୍କ ପୁତ୍ରୀ ଙ୍କୁ ବିବାହ କରିଥିଲେ ।

ମତ୍ସ୍ୟ ପୁରାଣ ଆହୁରି ଲେଖୁଛନ୍ତି, ଭୃଗୁ ଙ୍କର ତିନିଗୋଟି ପୁତ୍ର ଥିଲେ, କବି, ଚ୍ୟବନ, ଆପ୍ନୁବାନ । ଆପ୍ନୁବାନଙ୍କ ପୁତ୍ର ଔର୍ବ ତଥା ଔର୍ବଙ୍କ ପୁତ୍ର ଜମଦଗ୍ନି ଥିଲେ । ଜମଦଗ୍ନି ରେଣୁକାଙ୍କୁ ବିବାହ କରିଥିଲେ । ଶ୍ରୀମଦ ଭାଗବଦମ୍ ଲେଖୁଛନ୍ତି ଜମଦଗ୍ନି ରାଜା ଗାଧିଙ୍କ ପୁତ୍ର ଥିଲେ ।

କିନ୍ତୁ ବାସ୍ତବରେ ସେହି ସମୟର ଜମଦଗ୍ନି ରାଜା ଗାଧିଙ୍କର ଭଗ୍ନୀ ସତ୍ୟବତୀ (ଖ୍ରୀ.ପୂ ୧୩୫୨୫) ଙ୍କ ପୁତ୍ର ଥିଲେ ଯିଏ ଋଷି ଋଚିକା ଔର୍ବାଙ୍କୁ ବିବାହ କରିଥିଲେ ତଥା ଭୃଗୁ ମହର୍ଷି (ଖ୍ରୀ.ପୂ ୧୩୫୮୦) ଙ୍କ ପୌତ୍ର ଥିଲେ । ସେ ସମୟର ଜମଦଗ୍ନି ବଶିଷ୍ଠ ତଥା ବିଶ୍ୱାମିତ୍ର ଙ୍କ ସହ ସପ୍ତର୍ଷି ମଣ୍ଡଳରେ ସ୍ଥାନ ପାଇଥିଲେ ।

ବେଦବୀର ଆର୍ଯ୍ୟ 'The Chronology of India' ରେ ଲେଖୁଛନ୍ତି, ସମ୍ଭବତଃ ମତ୍ସ୍ୟ ପୁରାଣରେ ଲେଖା ଯାଇଥିବା ପୁତ୍ରମାନେ ପ୍ରାକ୍ ଋଗବେଦୀୟ ଭୃଗୁ ମହର୍ଷି, ବ୍ରହ୍ମାଙ୍କର ମାନସ ପୁତ୍ରଙ୍କ ବଂଶଜ ଥିଲେ । ପରବର୍ତ୍ତୀ ଦୁଇଜଣ ଙ୍କ ବିଷୟରେ ନିମ୍ନ ପ୍ରକାରେ ଲେଖା ଯାଇଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

(୧) ପରବର୍ତ୍ତୀ ଭୃଗୁ ମହର୍ଷି (ଖ୍ରୀ.ପୂ ୧୧୨୮୦) ସମୟରେ ଜନ୍ମିତ ଜମଦଗ୍ନିଙ୍କ ପଞ୍ଚମ ପୁତ୍ର ଥିଲେ ଭଗବାନ ପର୍ଶୁରାମ । ଭୃଗୁଙ୍କର ତିନିଗୋଟି ପୁତ୍ର ଥିଲେ – କବି, ଚ୍ୟବନ, ଆପ୍ନୁବାନ । ଆପ୍ନୁବାନଙ୍କ ପୁତ୍ର ଥିଲେ ଔର୍ବ । ଔର୍ବଙ୍କ ପୁତ୍ର ଥିଲେ ଜମଦଗ୍ନି । ସେ ରାଜା ରେଣୁଙ୍କର ପୁତ୍ରୀ ରେଣୁକାଙ୍କୁ ବିବାହ କରିଥିଲେ ।

(୨) ଆଉ ଜଣେ ଭୃଗୁ ମହର୍ଷି ଜନ୍ମ ନେଇଥିଲେ । ସେ ଅସୁର ରାଜା ପୁଲୋମାଙ୍କ ପୁତ୍ରୀ ଦିବ୍ୟା ଓ ପ୍ରଜାପତି ଦକ୍ଷ ପ୍ରଜାପତି ଙ୍କ ପୁତ୍ରୀ ଖ୍ୟାତିଙ୍କୁ ବିବାହ କରିଥିଲେ । ଦିବ୍ୟାଙ୍କ ଗର୍ଭରୁ ଦୁଇ ପୁତ୍ର ଦାତା ଓ ବିଧାତା ଜନ୍ମ ନେଇଥିଲେ । ଖ୍ୟାତିଙ୍କ ଗର୍ଭରୁ ଶ୍ରୀ (ଲକ୍ଷ୍ମୀ) ଜନ୍ମ ନେଇଥିଲେ । ଶ୍ରୀ (ଲକ୍ଷ୍ମୀ) ବିଷ୍ଣୁଙ୍କୁ ବିବାହ କରିଥିଲେ ।

ଆମେ ଭଗବାନ ପର୍ଶୁରାମଙ୍କ ସମ୍ପର୍କରେ ୨ୟ ଭୃଗୁ ମହର୍ଷି (୧), ତାଙ୍କ ବଂଶଧର ତଥା ସେମାନଙ୍କ ସମସାମୟିକ ଘଟଣାବଳି/ ବଂଶାବଳୀ ଉପରେ ଦୃଷ୍ଟି ଦେଇ ଆଲୋଚନା କରିବା । ସେହି ସମୟର ଘଟଣା ପରବର୍ତ୍ତୀ ସମୟରେ ଶ୍ରୀ ଜଗନ୍ନାଥଙ୍କ ପରମ୍ପରା ତଥା କଳିଙ୍ଗର ଜନଜୀବନ ସହ ଯୋଡି ହୋଇ ରହି ଯାଇଥିଲା ।

ଉପରୋକ୍ତ ମହର୍ଷି ଭୃଗୁଙ୍କର ତିନିଗୋଟି ପୁତ୍ର ଥିଲେ – କବି, ଚ୍ୟବନ, ଆପ୍ନୁବାନ । ଆପ୍ନୁବାନଙ୍କ ପୁତ୍ର ଥିଲେ ଔର୍ବ । ଔର୍ବଙ୍କ ପୁତ୍ର ଥିଲେ ଜମଦଗ୍ନି । ସେ ରାଜା ରେଣୁଙ୍କର ପୁତ୍ରୀ ରେଣୁକାଙ୍କୁ ବିବାହ କରିଥିଲେ । ଋଷି ଜମଦଗ୍ନିଙ୍କର ପାଞ୍ଚଗୋଟି ପୁତ୍ର ଥିଲେ । ପର୍ଶୁରାମ ବା ରାମ ଜମଦଗ୍ନେୟ କନିଷ୍ଠତମ ଥିଲେ । ରାମ ଜମଦଗ୍ନେୟଙ୍କ ନାମ ଋଗ ବେଦରେ ଲେଖା ଯାଇଛି । ସେ ଋଗବେଦର ୧୦ମ ମଣ୍ଡଳର ୧୧୦ତମ ସୁକ୍ତର ରଚନା କରିଛନ୍ତି । ମହାଦେବ ଶିବଙ୍କର ସେ ଶିଷ୍ୟ ଥିଲେ । ସଦାସର୍ବଦା ହାତରେ କୁଠାର ଧରି ବୁଲୁଥିଲେ । ତେଣୁ ପୁରାଣରେ ସେ ପର୍ଶୁରାମ ନାମରେ ନାମିତ ହେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁରାଣ ମାନଙ୍କରେ ଭାର୍ଗବ ଜମଦଗ୍ନିଙ୍କ ସ୍ତ୍ରୀ ରେଣୁକାଙ୍କର ଶିରଛେଦ ଘଟଣା ବର୍ଣ୍ଣନା କରାଯାଇଛି । ସରସ୍ୱତୀ ନଦୀରୁ ସ୍ୱାମୀଙ୍କ ପୂଜା ରୀତି ନିମନ୍ତେ ଜଳ ଆଣିବାପାଇଁ ଯାଇଥିବା ବେଳେ ସେଠାରେ ଜଳକ୍ରୀଡାରେ ନିମଗ୍ନ ମୃତ୍ତିକାବତୀ ରାଜ୍ୟର ରାଜା ଚିତ୍ରରଥ, ତାଙ୍କ ସ୍ତ୍ରୀ ତଥା ଅନ୍ତେଃବାସିନୀ ମାନଙ୍କ ସହ ଆହ୍ଲାଦିତ ଭାବରେ ସେ ବିହ୍ୱଳିତ ଅବସ୍ଥାରେ କିଛି ସମୟ ପାଇଁ ଭୁଲିଗଲେ ଯେ ସେ କାହିଁକି ନଦୀତଟକୁ ଆସିଛନ୍ତି । ପରେ ପ୍ରକୃତିସ୍ଥ ହୋଇ ଜଳ ନେଇ ଆଶ୍ରମକୁ ତରତରରେ ଫେରିଥିଲେ । ତାଙ୍କର ବିଳମ୍ବିତ ଅବସ୍ଥାକୁ ଋଷି ଧ୍ୟାନ ବଳରେ ଜାଣି ପାରିଥିଲେ । ତଦ୍ ଜନିତ କ୍ରୋଧରେ କନିଷ୍ଠ ପୁତ୍ର ପର୍ଶୁରାମଙ୍କୁ ଆଦେଶ ଦେଲେ ମାତୃ ଶିର ଛେଦନ ନିମନ୍ତେ । ପିତାଙ୍କ ଆଦେଶ ଶିରୋଧାର୍ଯ୍ୟ ମନେ କରି ପର୍ଶୁରାମ କୁଠାର ଦ୍ୱାରା ମାଆଙ୍କ ଶିର ତତକ୍ଷଣାତ୍ ଛେଦନ କରି ଦେଲେ । ସେହି ଆଦେଶର ପିତାଙ୍କ ଠାରୁ ପ୍ରାପ୍ତ ବରଦାନ ପୁରସ୍କାର ପ୍ରତିବଦଳରେ ସେ ମାଆଙ୍କ ଜୀବନ ଭିକ୍ଷା କରିଥିଲେ । ତା ଫଳରେ ଜମଦଗ୍ନି ରେଣୁକାଙ୍କ ଶିର ଯୋଡି ଦେଇଥିଲେ । (ଅଙ୍ଗ ପ୍ରତ୍ୟାରୋପଣ ଋଷି ଦଧିଚୀଙ୍କ ଦ୍ୱାରା ଆରମ୍ଭ କରା ଯାଇଥିଲା । ତାର ପ୍ରୟୋଗ ସେ ନିଜ ଶରୀରରେ କରିଥିଲେ ଯେତେବେଳେ ଅଶ୍ୱିନୀକୁମାର ଦ୍ୱୟଙ୍କୁ ମଧୁବିଦ୍ୟାର ଶିକ୍ଷାଦାନ କରିଥିଲେ - ଋଗବେଦ )

ଉପରୋକ୍ତ ପୌରାଣିକ ଗାଥାରେ ବର୍ଣ୍ଣିତ ଚିତ୍ରରଥଙ୍କ ସମୟ ଖ୍ରୀ.ପୂ ୧୧୮୦ ରୁ ଖ୍ରୀ.ପୂ ୧୧୭୫ ମଧ୍ୟରେ ନିର୍ଣ୍ଣୟ କରାଯାଇଛି । ଭଗବାନ ପର୍ଶୁରାମଙ୍କ ସମୟ ଖ୍ରୀ.ପୂ ୧୧୭୭ ନିର୍ଣ୍ଣୟ କରା ଯାଇଛି । ତେଣୁ ଚିତ୍ରରଥ ଓ ଭଗବାନ ପର୍ଶୁରାମ ସମସାମୟିକ ଥିଲେ ।

ଯଦିଓ ଶ୍ରୀମଦ୍ ଭାଗବତ ଉପ୍ରୋକ୍ତ ଘଟଣା ଘଟିଥିବା ନଦୀର ନାମକୁ ଦୁଇଟି ଅଧ୍ୟାୟରେ ଭିନ୍ନ ଭିନ୍ନ ରୂପେ, ପ୍ରଥମେ ନର୍ମଦା ତଟରେ, ତା ପରବର୍ତ୍ତୀ ଅଧ୍ୟାୟରେ ଗଙ୍ଗା ତଟରେ ବର୍ଣ୍ଣନା କରିଛନ୍ତି । ସେଥି ନିମନ୍ତେ ରାଜା ଚିତ୍ରରଥଙ୍କ ରାଜ୍ୟରୁ ସେ ନଦୀର ନାଁ କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଥିର କରିବା ମହତ୍ୱପୂର୍ଣ୍ଣ ଅଟେ । ସମ୍ଭବତଃ ପ୍ରାଚୀନ ମଧ୍ୟଦେଶରେ ବହୁଥିବା ପ୍ରାକ୍-ବୈଦିକ ସରସ୍ୱତୀ ଶୁଖିଯିବା ପରେ ଗଙ୍ଗା ତାଙ୍କ ରାସ୍ତାରେ ଯାଇ ମଧ୍ୟଦେଶରେ ପଶି ପୂର୍ବଦିଗା ହୋଇ ମହୋଦଧୀରେ ମିଶିଛନ୍ତି । ଋଗବେଦୀୟ ଋଷି ବାସୁକ୍ର ବସୁବର୍ଣ୍ଣେ ଦଶମ ମଣ୍ଡଳର ୬୫ତମ ସୁକ୍ତ ର ପ୍ରଥମ ପଦରେ ବର୍ଣ୍ଣିତ ସରସ୍ୱତୀ, ସମୁଦ୍ର ତଥା ଉଦିର ସୂର୍ଯ୍ୟ ତାର ସୂଚନା ଦିଏ ।

ଅଗ୍ନିରିନ୍ଦ୍ରୋ ବରୁଣୋ ମିତ୍ରୋ ଅର୍ଯ୍ୟମା ବାୟୁଃ ପୂଷା ସରସ୍ୱତୀ ସଜୋଷସଃ ।

ଆଦିତ୍ୟା ବିଷ୍ଣୁର୍ମରୁତଃ ସ୍ୱର୍ବୃହତ୍ସୋମୋ ରୁଦ୍ରୋ ଅଦିତିର୍ବ୍ରହ୍ମଣସ୍ପତି ॥

ମୃତ୍ତିକାବତୀ ରାଜ୍ୟର ଉଲ୍ଲେଖ ମହାଭାରତ ବନପର୍ବ (୩-୨୫୫-୧୦) ରେ କରା ଯାଇଛି ।

ବତ୍ସଭୂମି ବିନିର୍ଜିତ୍ୟ କେଵଲାଂ ମୃତ୍ତିକାବତୀମ୍ ।

ମୋହନଂ ପତ୍ତନଂ ଚୈବ ତ୍ରିପୁରୀ କୋଶଳାଂ ତଥା ॥

ଅର୍ଥାତ୍ ବତ୍ସଭୂମିରେ ଉପସ୍ଥିତ ହୋଇ ବତ୍ସଭୂମି ଅକ୍ତିଆର କଲେ । କେବଳା, ମୃତ୍ତିକାବତୀ, ମୋହନ, ପତ୍ତନ, ତ୍ରିପୁରୀ, କୋଶଳ ଆଦିକୁ ବଶୀଭୂତ କରି ସେମାନଙ୍କୁ କର ଦେବା ପାଇଁ ବାଧ୍ୟ କଲେ । ଏହା ଅଙ୍ଗରାଜ କର୍ଣ୍ଣଙ୍କ ରାଜ୍ୟଜୟ ବିଷୟରେ ଲେଖା ଯାଇଛି । ଖୁବ୍ ସମ୍ଭବ ଏହି ସବୁ ରାଜ୍ୟ ମହାଭାରତ ସମୟ ବେଳେ ମଧ୍ୟଦେଶ ମଧ୍ୟରେ ରହିଥିଲା ମଧ୍ୟଦେଶର ମଧ୍ୟ ଭାଗରେ ନର୍ମଦା ନଦୀ ରହିଥିଲା । ଉପର ଭାଗରେ ସରସ୍ୱତୀ ନଦୀ ବହୁଥିଲା ଯାହା ମହାଭାରତ ପରେ ପରେ ଶୁଖି ଯାଇଥିଲା । ତେଣୁ ବୋଧହୁଏ, ମୃତ୍ତିକାବତୀ ସରସ୍ୱତୀ କୂଳରେ ଥିବା ପ୍ରାଚୀନ ସହରର ନାମ ଥିଲା ।

ମାହିଷ୍ମତୀ ରାଜ୍ୟର ପ୍ରତିଷ୍ଠାତା ମହିଷ୍ମାନଙ୍କ ପରେ ହୈହେୟ ମାନେ ମାହିଷ୍ମତୀ ଶାସନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାରେ ଲାଗିଥିଲେ । ମୂଳରୁ ଭୃଗୁ ଋଷିମାନେ ରାଜା ବୀତହବ୍ୟ ବଂଶୀୟ ହୈହେୟ ମାନଙ୍କ ପୁରୋହିତ ରହି ଆସିଥିଲେ । ଋଷି କଶ୍ୟପ ଓ କଦ୍ରୁ ଙ୍କ ସନ୍ତାନ ମାନେ କ୍ଷତ୍ରୀୟ ବଂଶୀ ନ ଥିଲେ, ଯଦିଓ ସେମାନଙ୍କ ଭିତରୁ ଅନେକ କ୍ଷତ୍ରିୟ ଧର୍ମ ଆପଣେଇ କାଶ୍ମୀରର ସତୀସର ଠାରେ ବସତି ସ୍ଥାପନ ଆରମ୍ଭ କରିଥିଲେ । ସେମାନଙ୍କୁ ଭାର୍ଗବବଂଶୀ ରାଜାମାନେ ଶସ୍ତ୍ରଶିକ୍ଷା ଦେଉଥିଲେ । ଭାର୍ଗବ ରାଜା ବେନା ବା ପୃଥୁ ଙ୍କ ସହାୟତାରେ କରକୋଟ ନାଗ ହୈହେୟଙ୍କୁ ବିତାଡିତ କରି ମାହିଷ୍ମତୀ ଅଧିକାର କରି ନେଇଥିଲେ । ଏହା ସମ୍ଭବତଃ ହୈହେୟ ରାଜା କୃତବୀର୍ଯ୍ୟଙ୍କ ସମୟରେ ଘଟିତ ହୋଇଥିଲା । କୃତ୍ତବୀର୍ଯ୍ୟ ରାଜା ହରିଶ୍ଚନ୍ଦ୍ରଙ୍କର ପୁତ୍ରୀ ସୁଗନ୍ଧାଙ୍କୁ ବାହା ହୋଇଥିଲେ । ତାଙ୍କ ସନ୍ତାନ କାର୍ତ୍ତବୀର୍ଯ୍ୟ ଅର୍ଜୁନ ବଳଶାଳୀ, ନୃଶଂସ ଓ ଜଣେ ଯୋଦ୍ଧା ଥିଲେ । ପିତାଙ୍କ ଆକ୍ରମଣର ପ୍ରତିଶୋଧରେ ତାଙ୍କ ନୂତନ ଯୁଦ୍ଧ କୌଶଳ ଅବଲମ୍ବନ ଦ୍ୱାରା ମାହିଷ୍ମତୀ ଆକ୍ରମଣ କରି ନାଗବଂଶୀ ମାନଙ୍କୁ ବିତାଡିତ କରିଥିଲେ ଓ ତାଙ୍କ ପୁରୁଣା ରାଜ୍ୟ ଫେରି ପାଇଥିଲେ ।

ସେ ଅତି ହିଂସ୍ର ଓ ପରାକ୍ରମୀ ଥିଲେ । ଋଷିମୁନି ମାନଙ୍କ ପାଇଁ ତାଙ୍କ ବ୍ୟବହାର ଅତି ନିଷ୍ଠୁର ଥିଲା । ବଶିଷ୍ଠ ବଂଶୀୟ ଋଷି ଶକ୍ତି ଙ୍କର ସେ ନିର୍ମମ ହତ୍ୟା କରିଥିଲେ । ତାଙ୍କର ଆଭିମୁଖ୍ୟ ଓ ଅତ୍ୟାଚାରରେ ଅତିଷ୍ଠ ଋଷି ଜମଦଗ୍ନି ତାଙ୍କ ଆଶ୍ରମ ନର୍ମଦା ନଦୀ ତଟରୁ ଉଠେଇ ନେବା ନିମନ୍ତେ ମନସ୍ଥ କଲେ ତଥା ପଡୋଶୀ ମୃତ୍ତିକାବତୀ ରାଜ୍ୟର ସରସ୍ୱତୀ ନଦୀ ତଟରେ ଯାଇ ସପରିବାର ବସବାସ କରିଥିଲେ । ନର୍ମଦା ନଦୀ ତଟରେ ଜମଦଗ୍ନି କାମଧେନୁ ନାମରେ ଏକ ନୂତନ ଗୋ-ବଂଶ ପାଳନ କରିବା ଆରମ୍ଭ କରିଥିଲେ । ସେମାନଙ୍କୁ ଦେଉଥିବା ଚାରା, ଘାସପତ୍ର ଓ ଚେରମୂଳୀ ନର୍ମଦା ତଟରେ ତାଙ୍କୁ ପ୍ରଚୁର ମିଳୁଥିଲା । କାମଧେନୁ ଗାଈ ର କ୍ଷୀର ସ୍ୱାଦିଷ୍ଟ ତଥା ପୁଷ୍ଟିକର ଥିଲା । ସେମାନଙ୍କ ସଂଖ୍ୟା ବଢ଼ାଇବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିମନ୍ତେ ଋଷି ବଦ୍ଧ ପରିକର ଥିଲେ । ଋଷିଙ୍କ ପରିବାର ସହ କାମଧେନୁ ଗୋ-ବଂଶ ମଧ୍ୟ ସରସ୍ୱତୀ ନଦୀ ତଟକୁ ସ୍ଥାନ ପରିବର୍ତ୍ତନ କରିଥିଲେ । ସେଠାରେ ଋଷି ସେମାନଙ୍କ ନିମନ୍ତେ ପ୍ରକୃତ ଖାଦ୍ୟର ସନ୍ଧାନ ପାଇଥିଲେ ।

ଋଷି ଜମଦଗ୍ନିଙ୍କ ଆଶ୍ରମ ପରିବର୍ତ୍ତନ ସମ୍ବାଦ ପାଇ ଅର୍ଜୁନ କାର୍ତ୍ତବୀର୍ଯ୍ୟ ଉତକ୍ଷିପ୍ତ ହୋଇ ଉଠିଲେ । ପ୍ରଥମ କଥା ଥିଲା, ନାଗ ମାନଙ୍କୁ ଭାର୍ଗବ ରାଜାମାନେ ଯୁଦ୍ଧ ବିଦ୍ୟାର ଶିକ୍ଷାଦାନ କରୁଥିଲେ । ଦ୍ୱିତୀୟରେ, ଋଷି ଙ୍କ ଦ୍ୱାରା ପ୍ରତିପାଳିତ କାମଧେନୁ ଗୋ-ବଂଶ ତାଙ୍କ ଲୋଲୁପ ଦୃଷ୍ଟିରେ ଥିଲେ । ତାଙ୍କର ଅନେକ ପୁତ୍ର ଥିଲେ, ଯହାଙ୍କୁ ପୁରାଣ ମାନଙ୍କରେ ସତାଧିକ ରୂପେ ବର୍ଣ୍ଣନା କରା ଯାଇଛି । ନାଗ ଓ ଅର୍ଜୁନ ଙ୍କ ମଧ୍ୟରେ ଘଟିଥିବା ଏହି ଯୁଦ୍ଧ ଶ୍ରୀମଦ ଭାଗବତମ୍‌ରେ ଦୁଇଟି ଅଧ୍ୟାୟରେ ବର୍ଣ୍ଣନା କରା ଯାଇଛି ।

ନବମ ସ୍କନ୍ଧ, ପଞ୍ଚଦଶ ଅଧ୍ୟାୟ ଅନୁସାରେ, ସେ ସମସ୍ତ ପୁତ୍ରଙ୍କୁ ଧରି ଋଷିଙ୍କ ଆଶ୍ରମ ପରିଦର୍ଶନ ଉଦ୍ଦେଶ୍ୟରେ ଯାଇ ଦିନେ ପହଞ୍ଚି ଥିଲେ । ଏତେ ଜଣଙ୍କୁ ଏକା ସାଙ୍ଗେ ଦେଖି ଋଷି ପ୍ରଥମେ ତ ବ୍ୟସ୍ତ ହୋଇଗଲେ । କିନ୍ତୁ ପର ମୂହୁର୍ତ୍ତରେ ସେ ସମ୍ଭାଳିଦେଲେ । କାରଣ କାମଧେନୁ ଗୋ-ବଂଶ ତାଙ୍କ ପାଖରେ ଥିଲା । ଖାଦ୍ୟ ଓ ପାନୀୟରେ ସେ ଅତିଥିମାନଙ୍କୁ ସନ୍ତୁଷ୍ଟ କରି ପାରିଥିଲେ । ଗୋ-ବଂଶର ଏ ପ୍ରକାର ଅବସ୍ଥାକୁ ସମ୍ଭାଳି ପାରିବା ଭଳି ଶକ୍ତି ଦେଖି କାର୍ତ୍ତବୀର୍ଯ୍ୟ ଅର୍ଜୁନ ଶୁଣିଥିବା ସେମାଙ୍କ ଖ୍ୟାତି ସମ୍ପର୍କରେ ସୁନିଶ୍ଚିତ ହୋଇଗଲେ । ତାଙ୍କ ମନର ଲାଳସା ବଢିଗଲା । ସେ ଋଷିଙ୍କୁ କାମଧେନୁ ବଂଶକୁ ତାଙ୍କୁ ଦେଇଦେବା ପାଇଁ କହିଲେ । ଋଷି ସେମାନଙ୍କୁ ଦେଖି ଯାହା ଭାବୁଥିଲେ, ତାହା ସତ ହେଲା । ସେ ରୋକ୍‌ଠୋକ୍ ମନା କରିଦେଲେ । ତାଙ୍କୁ ମନା କରିବା ଦେଖି ଅର୍ଜୁନ କାର୍ତ୍ତବୀର୍ଯ୍ୟ ଓ ତାଙ୍କ ପୁତ୍ରମାନେ ଜୋର୍ ଜବରଦସ୍ତ ଗୋ-ବଂଶକୁ ନେଇ ପଳାୟନ କଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୃହାଭିମୁଖୀ ପର୍ଶୁରାମ କାର୍ତ୍ତବୀର୍ଯ୍ୟ ଙ୍କ ଏହି ହୀନ ନିଷ୍ଠୁରତା ଦେଖି ତାଙ୍କ ପଛରେ କାମଧେନୁ ବଂଶକୁ ଫେରେଇ ଆଣିବା ପାଇଁ ଗୋଡାଇ ଗଲେ । ପରାକ୍ରମୀ ଅର୍ଜୁନଙ୍କ ସମ୍ମୁଖୀନ ହୋଇ ମହାଦେବ ଶିଷ୍ୟ ପର୍ଶୁରାମ ତାଙ୍କ ଶିର ଛେଦନ କରିବାକୁ ବାଧ୍ୟ ହେଲେ । ତାହା ଦେଖି ତାଙ୍କ ପୁତ୍ରମାନେ ଭୟରେ କାମଧେନୁ ଗୋ-ବଂଶକୁ ଛାଡି ପଳାୟନ କଲେ । ଏହି ସମ୍ବାଦ ଶୁଣିବା ମାତ୍ରେ ତାଙ୍କ ପିତାଙ୍କ ଠାରୁ ସେ ଧିକ୍କାର ବାଣୀ ଶୁଣିଥିଲେ ଯେହେତୁ ଋଷିମୁନୀ ମାନେ ରାଜା ମାନଙ୍କୁ ଈଶ୍ୱରଙ୍କ ପ୍ରତିନିଧି ବୋଲି ଭାବୁଥିଲେ । ସେ ପର୍ଶୁରାମଙ୍କୁ ତପସ୍ୟା କରିବା ନିମନ୍ତେ ପରାମର୍ଶ ଦେଇଥିଲେ ।

ତୀକ୍ଷ୍ଣ କୁଠାରେ ମୁଣ୍ଡ ହାଣି । ଭାରା ଉଶ୍ୱାସିଲେ ଧରଣୀ ॥
ପିତା ମରଣ ପୁତ୍ରେ ଦେଖି । ଭାଜିଲେ ସମର ଉପେକ୍ଷି ॥

(ଓଡିଆ ଭାଗବତ, ନବମ ସ୍କନ୍ଧ, ପଞ୍ଚଦଶ ଅଧ୍ୟାୟ ୩୫)

ଘଟଣା ସେଠାରେ ସେତିକିରେ ସମାପ୍ତ ହୋଇ ନଥିଲା । ନବମ ସ୍କନ୍ଧ, ଷୋଡଶ ଅଧ୍ୟାୟ ଅନୁସାରେ, ଦିନେ ଋଷିଙ୍କର ପାଞ୍ଚ ପୁତ୍ରଙ୍କ ଅନୁପସ୍ଥିତିରେ କାର୍ତ୍ତବୀର୍ଯ୍ୟ ଅର୍ଜୁନଙ୍କ ପୁତ୍ରମାନେ ଆଶ୍ରମରେ ପଶି ଋଷିଙ୍କୁ ହତ୍ୟା କରି କାମଧେନୁ ଗୋ-ବଂଶକୁ ନେଇ ମାହିଷ୍ମତୀ ପଳାୟନ କରିଥିଲେ । ତାହା ଏକ ନିଷ୍ଠୁର ଦୁଷ୍କର୍ମ ଥିଲା ।

ଆଶ୍ରମରେ ସେତେବେଳେ ରେଣୁକାଙ୍କ ବ୍ୟତୀତ ଅନ୍ୟ କେହି ନଥିଲେ । କିଂକର୍ତ୍ତବ୍ୟବିମୂଢ ରେଣୁକା ପୁତ୍ରମାନଙ୍କୁ ସୁମରଣା କଲେ । ନିକଟସ୍ଥ ଅନ୍ୟ ଆଶ୍ରମବାସୀ ମାନଙ୍କୁ ତାଙ୍କ ପୁତ୍ରମାନଙ୍କୁ ସମ୍ବାଦ ଦେବା ନିମନ୍ତେ କହିଲେ । ସେ ସମୟରେ ପର୍ଶୁରାମ ନାଗବଂଶୀ ମାନଙ୍କୁ ଯୁଦ୍ଧବିଦ୍ୟାର ଶିକ୍ଷା ଦେଉଥିଲେ । ରାମ ଜମଦଗ୍ନେୟ ମହାଦେବ ଶିବଙ୍କ ଠାରୁ ଯୁଦ୍ଧବିଦ୍ୟା ଜ୍ଞାନ ଆହରଣ କରିଥିଲେ । ମାହିଷ୍ମତୀରୁ ପରାଜିତ ନାଗବଂଶୀ ରାଜା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରକୋଟଙ୍କ ବଂଶଧର ମାନଙ୍କୁ ଯୁଦ୍ଧବିଦ୍ୟାର ନୂତନ କୌଶଳ ଜ୍ଞାନ ଦେଉଥିଲେ । ନୃଶଂସ ଶତ୍ରୁକୁ କିପରି ଛଳରେ ପରାଜିତ କରି ହେବ ସେହି ବିଷୟରେ ଶିକ୍ଷା ଦେଉଥିଲେ । ପିତାଙ୍କ ମୃତ୍ୟୁ ସମ୍ବାଦ ପାଇଲା ମାତ୍ରେ ତାଙ୍କ ରକ୍ତ ଗରମ ହୋଇ ଉଠିଲା । ସେ ସ୍ଥିର କରିଥିଲେ ଦୁଷ୍ଟ କ୍ଷତ୍ରିୟ ବଂଶର ନିପାତ କରି ସୁଜନ କ୍ଷତ୍ରିୟ ବଂଶର ସ୍ଥାପନା କରିବା ନିମନ୍ତେ ।




ପର୍ଶୁରାମ – ସାହି ଯାତ । ଚିତ୍ର: Discover Jagannatha

ମା'ଙ୍କ ଠାରୁ ଘଟଣାର ବିବରଣୀ ଶୁଣି ସେ ସଙ୍ଗେ ସଙ୍ଗେ ନିଜର ଶିଷ୍ୟ-ବାହିନୀ ଙ୍କୁ ଏକତ୍ରିତ କରି ମାହିଷ୍ମତୀ ରାଜ୍ୟ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଥିଲେ । ଏହାର ବର୍ଣ୍ଣନା ଜଗନ୍ନାଥ ଦାସ ଭାଗବତରେ କରିଛନ୍ତି ।

କ୍ଷତ୍ରିୟ ଅନ୍ତ କରିବାରେ । ପଥେ ଧାଇଁଲେ କୋପଭରେ ॥ ୭୫
ମିଳିଲେ ମାହିଷ୍ମତୀ ପୁରେ । ଦେଖନ୍ତି ଶୂନ୍ୟପଥେ ସୁରେ ॥ ୭୬
ଅର୍ଜୁନ ସ୍ୱବଂଶ ଛେଦିଲେ । ସଂଗ୍ରାମେ ମୁଣ୍ଡ ରୁଣ୍ଡ କଲେ ॥ ୭୭
ପର୍ବତ ପ୍ରାୟେ ମୁଣ୍ଡରାଶି । ଗ୍ରାମେ ସ୍ଥାପିଲେ ଭୃଗୁବଂଶୀ ॥ ୭୮
(ଓଡିଆ ଭାଗବତ, ନବମ ସ୍କନ୍ଧ, ଷୋଡ଼ଶ ଅଧ୍ୟାୟ,୧୭ )

ପିତୃହତ୍ୟାକାରୀ ମାନଙ୍କୁ ଶାସ୍ତି ଦେବା ଉଦ୍ଦେଶ୍ୟରେ କୁଠାର ହସ୍ତେ ବିକ୍ଷୁବ୍ଧ ପର୍ଶୁରାମ ନାଗ ଯୋଦ୍ଧା ମାନଙ୍କ କିଳକିଳା ଚିତ୍କାର ଭିତରେ ମାହଷ୍ମତୀ ରାଜ୍ୟ ଭିତରକୁ ଚତୁର୍ଦ୍ଦିଗରୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଘେରିଗଲେ । ନାଗବଂଶୀ ମାନଙ୍କ ଅତର୍କିତ ଆକ୍ରମଣ ପାଇଁ ହୈହେୟମାନେ ପ୍ରସ୍ତୁତ ନ ଥିଲେ । ନିଜ କୁଠାରରେ କାର୍ତ୍ତବୀର୍ଯ୍ୟ ଅର୍ଜୁନ ସମେତ ତାଙ୍କର ପାଞ୍ଚ ଜଣଙ୍କୁ ଛାଡି ସମସ୍ତ ପୁତ୍ରଙ୍କର ପର୍ଶୁରାମ ବଦ୍ଧ କରିଥିଲେ । ସେମାନଙ୍କ ବଦ୍ଧ ପରେ ପର୍ଶୁରାମ ସମସ୍ତ କାମଧେନୁ ଜାତୀୟ ଗୋ-ବଂଶକୁ ତାଙ୍କ ଆଶ୍ରମକୁ ନେଇ ଆସିଥିଲେ ।

ଏହା ନାଗ ଓ ଅର୍ଜୁନ କାର୍ତ୍ତବୀର୍ୟ୍ୟ ଓ ତାଙ୍କ ଦୁଷ୍ଟ ସନ୍ତାନ ମାନଙ୍କ ମଧ୍ୟରେ ଘଟିଥିବା ଏକ ଐତିହାସିକ ଯୁଦ୍ଧ-ଘଟଣା ଥିଲା ଯାହାକୁ ମନେ ରଖିବା ପାଇଁ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରତି କାର୍ତ୍ତିକ ଶୁକ୍ଳ ମଳ ଦ୍ୱାଦଶୀ ରେ ନାଗାର୍ଜୁନ ବେଶ ମାଧ୍ୟମରେ ପାଳନ କରାଯାଇ ଥାଏ ।

ସମ୍ଭବତଃ ତାହା ଖ୍ରୀ.ପୂ ୧୧୧୫୦ ରେ କାର୍ତ୍ତିକ ଶୁକ୍ଳପକ୍ଷ ମଳ ଦ୍ୱାଦଶୀର ତିଥି ଥିଲା । ପରବର୍ତ୍ତୀ କାଳରେ ଋଷିମୁନି ମାନଙ୍କ ଓ କାମଧେନୁ ଗୋ-ବଂଶର ସଂରକ୍ଷକ ରାମ ଜମଦଗ୍ନେୟ ପୁରାଣ ମାନଙ୍କରେ ବିଷ୍ଣୁଙ୍କର ପର୍ଶୁରାମ ଅବତାର ରୂପେ ପରିଗଣିତ ହେଲେ ।

ଏହି ଘଟଣାର ୧୮୦ ବର୍ଷ  ପରେ ପୁରୁଷୋତ୍ତମ କ୍ଷେତ୍ରରେ ଦେବକୀପୁତ୍ର ବାସୁଦେବ କୃଷ୍ଣ (ଖ୍ରୀ.ପୂ ୧୧୧୫୦) ଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଉପରାନ୍ତେ ତାଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡର ସନ୍ଧାନ ଧବଳଗିରିରେ ଋଗବେଦୀୟ ଋଷି ବାସୁକ୍ର ବାସୁବର୍ଣ୍ଣ ଙ୍କ ଦ୍ୱାରା ମିଳିଥିଲା । ତାଙ୍କୁ ନୀଳମାଧବ ରୂପେ ଧବଳଗିରି ଅଧିବାସୀମାନେ ପୂଜା କରୁଥିଲେ । ଋଷିଙ୍କ ଠାରୁ ତାଙ୍କର ସନ୍ଧାନ ପାଇ ମଧ୍ୟଦେଶର ଦକ୍ଷିଣାଞ୍ଚଳରେ ଭଦ୍ରା ନଦୀ କୂଳରେ ରାଜଧାନୀ ଭଦ୍ରାବତୀର ଇକ୍ଷ୍ୱାକୁ ବଂଶୀୟ ରାଜା ମାନ୍ଧାତା ଙ୍କ ପୌତ୍ର ରାଜା ଇନ୍ଦ୍ରଦ୍ୟୁମ୍ନ ଭଦ୍ରାବତୀ ଓ ପୁରୁଷୋତ୍ତମ ର ରାସ୍ତାରେ ହୈହେୟଙ୍କ ପରେ ମାହିଷ୍ମତୀରେ ଶାସନ କରୁଥିବା ନାଗବଂଶୀ ଯୋଦ୍ଧା ମାନଙ୍କ ସହ ସେଠାରେ ଆସି ପହଞ୍ଚି ଥିଲେ ।

ଏକ କିମ୍ବଦନ୍ତୀ କହେ ଯେ ରାଜା ଇନ୍ଦ୍ରଦ୍ୟୁମ୍ନ ଙ୍କ ଗୋସେଁଇ ବାପା ରାଜା ମାନ୍ଧାତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧୁପୁର ର ରାଜା ଲବଣାସୁର ସହ ଯୁଦ୍ଧ କରି ପରାସ୍ତ ହୋଇ ଯାଇଥିଲେ । କାରଣ ଲବଣାସୁର ପାଖରେ ମହାଦେବ ଙ୍କର ପ୍ରଦତ୍ତ ଅସ୍ତ୍ର ଥିଲା । ଐତିହାସିକ ମାନେ ସେହି ଘଟଣାର ସ୍ଥାନ ମଥୁରା ରୂପେ ଗ୍ରହଣ କରିଛନ୍ତି ।

ବାସ୍ତବରେ ମଧୁପୁର ପୁରୁଷୋତ୍ତମ ର ପ୍ରାଚୀନ ନାମ ଥିଲା । ସମୁଦ୍ରରେ ଭାସି ଆସିଥିବା ଅର୍ଦ୍ଧଦଗ୍ଧ ପିଣ୍ଡ ସେମାନଙ୍କୁ ପ୍ରଥମ ବସନ୍ତ (ମଧୁ ମାସ) ସମୟରେ ମିଳିଥିଲା । ସେଥିପାଇଁ ତାର ନାଁ ପ୍ରାଚୀନ ଅଧିବାସୀ ମାନେ ଦେଇଥିଲେ – ମଧୁପୁର । ଆଜି ବି ପୁରୀର ପ୍ରସିଦ୍ଧ ସାହି ଯାତ ରୂପେ ବସନ୍ତୋତ୍ସବ ପାଳନ କରାଯାଏ । ଏହା ଏକ ଅତି ପ୍ରାଚୀନ ପରମ୍ପରା ଅଟେ ।

ସେଠାରେ ପୁଲସ୍ତ୍ୟ ବଂଶୀ ରାକ୍ଷସ ବା ଅସୁର ବଂଶର ରାଜୁତି ଚାଲିଥିଲା । ସେମାନଙ୍କ ପୂର୍ବଜ ମାନେ ମହାଦେବଙ୍କ ପାଖରେ ଯୁଦ୍ଧବିଦ୍ୟାର ପ୍ରଶିକ୍ଷଣ ନେଇଥିଲେ । ଲୁଣ ପାଇଁ ଆସି ରାଜା ମାନ୍ଧାତା ସେମାନଙ୍କ ସହ ଯୁଦ୍ଧ କରିବାକୁ ପଡିଥିଲା । କାରଣ ସେମାନେ ମହୋଦଧି ତଟରେ ଲୁଣର ଅଧିକାରୀ ଥିଲେ । ସେହି ଯୁଦ୍ଧରେ ରାଜା ମାନ୍ଧାତା ପରାସ୍ତ ହୋଇଥିଲେ । ସେଥିପାଇଁ ବାସୁକ୍ର ବସୁବର୍ଣ୍ଣଙ୍କ ବାସୁଦେବଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡର ସନ୍ଧାନ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ନାଗବଂଶୀ ମାନଙ୍କୁ ସାଥୀରେ ଧରି ଅସିଥିଲେ । କାରଣ ସେମାନେ ମହାଦେବଙ୍କ ଶିଷ୍ୟ ଭଗବାନ ପର୍ଶୁରାମଙ୍କ ଶିଷ୍ୟ ଥିଲେ । ସେମାନଙ୍କ ସହାୟତାରେ ରାଜା ଇନ୍ଦ୍ରଦ୍ୟୁମ୍ନ ମହୋଦଧୀ ତଟରେ ଅସୁର ବଂଶ ସମୂଳେ ନାଶ କରି ଶ୍ରୀମନ୍ଦିର ପ୍ରତିଷ୍ଠା କରିଥିଲେ । ସମ୍ଭବତଃ ସେହି ଉତ୍ସବରେ ନାଗବଂଶୀ ମାନେ ସେମାନଙ୍କ ଯୁଦ୍ଧ କଳା-କୌଶଳ ର ପ୍ରଦର୍ଶନ କରିଥିଲେ ।

ଖ୍ରୀ.ପୂ ୧୦୯୭୦ ରେ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀମନ୍ଦିରର ପ୍ରତିଷ୍ଠା କରିଥିଲେ । ପୂଜା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୀତିନୀତି ରେ ସଂଶ୍ଲିଷ୍ଟ ବିଭିନ୍ନ ପଦ୍ଧତି ଓ ପରମ୍ପରା ଭିତରେ ରହିଥିବା ଏହି ଘଟଣାର ବର୍ଣ୍ଣନା ବିବରଣୀ ସମୟର ଉତ୍ଥାନ ପତନ ସହ ଲୋପ ପାଇ ଯାଇଥାଇ ପାରେ । ସେଥିପାଇଁ ସମ୍ଭବତଃ ଜଗନ୍ନାଥଙ୍କ ବିଷୟ ଥିବା ସାହିତ୍ୟ, ପୁରାଣ ମାନଙ୍କରେ ଏହାର ଉଲ୍ଲେଖ ନାହିଁ । କେବଳ ବର୍ଣ୍ଣିତ ବିବରଣୀ ରହିଛି, ଯାହା ପରମ୍ପରା ରୂପେ ଚାଲିଛି ।

ପରେ ଦକ୍ଷିଣ ନର୍ମଦା ତଟ ରୁ ପୂର୍ବ ମହୋଦଧି ଯାଏଁ ଏକ ଯୋଦ୍ଧା ଗୋଷ୍ଠୀଙ୍କ ସୃଷ୍ଟି ହୋଇ ଥାଇପାରେ । ଯେଉଁମାନେ ସମୟକ୍ରମେ ସମର-କୌଶଳର ଉତ୍କଟ ପ୍ରଦର୍ଶନ ଦ୍ୱାରା ଜମ୍ବୁଦ୍ୱୀପର ତ୍ରାଣକର୍ତ୍ତା, ସନାତନ ଧର୍ମର ରକ୍ଷକ ହେଲେ । ସେମାନଙ୍କୁ ଓଡ୍ର କୁହାଗଲା । ସେମାନେ ଉତ୍କଳ, କଳିଙ୍ଗ,କୋଶଳ, ଓଡ୍ର ରେ କଳାଶୋକର ଧର୍ମାନ୍ଧ ଶାସନର ଅନ୍ତ କରିବା ନିମନ୍ତେ ରାଜା ଯଜାତି କେଶରୀଙ୍କ ପଛରେ ଥିଲେ । ଖାରବେଳଙ୍କ ସହ ମିଶି କୁଶାଣ ମାନଙ୍କୁ ଘଉଡି ଘଉଡି ନେଇଥିଲେ । ଏକୀଭୂତ କଳିଙ୍ଗାଞ୍ଚଳ ବିସ୍ତାର କରିବା ପାଇଁ ଗଙ୍ଗବଂଶୀ ତଥା ଗଜପତି ମାନଙ୍କ ସହ ଥିଲେ ।

The Chronology of India: From Manu to Mahabharata ଲେଖୁଛନ୍ତି – ଯାହା ଜଣା ପଡୁଛି, ନାଗ ମାନେ ଜାମ୍ମୁ-କାଶ୍ମୀର ରେ ଖ୍ରୀ.ପୂ ୧୧୦୦୦ ରୁ ଖ୍ରୀ.ପୂ ୫୦୦୦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଅର୍ଜୁନ ଫାଲ୍ଗୁନୀ ପୁତ୍ର ବଭ୍ରୁବାହାନ (ନାଗ କନ୍ୟା ଚିତ୍ରାଙ୍ଗଦାଙ୍କ ପୁତ୍ର) ଙ୍କ ରାଜତ୍ୱ ପରେ ସେ ସମୟରେ ନାଗବଂଶୀ ମାନଙ୍କ ବ୍ୟତୀତ ଆଉ କେଉଁମାନେ ରାଜତ୍ୱ କରିଥିଲେ, ତାର ମଧ୍ୟ ତଥ୍ୟ ନାହିଁ ।

Orissa in the making, Early Dynasties of Orissa by B C Mazumdar, page 16 ରେ ଲେଖା ଯାଇଛି – ଛତିଶଗଡ ଓ ସମ୍ବଲପୁରରେ ମିଳିଥିବା ପୁରାତତ୍ତ୍ୱ ଲେଖାରୁ ଜଣା ପଡେ ଯେ କଳିଙ୍ଗ ଓ ଦକ୍ଷିଣ କୋଶଳ ର ପାର୍ବତୀୟ ଅଞ୍ଚଳ ଓଡ୍ରଭୂମି ଥିଲା, ଉତ୍କଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱତନ୍ତ୍ର ରୂପେ ଓଡ୍ର ର ଉତ୍ତର କୁ ଥିଲା ।

ପଣ୍ଡିତ କୃପାସିନ୍ଧୁ ମିଶ୍ର  ତାଙ୍କ ଶେଷ ସମୟ ପୂର୍ବରୁ ଲେଖିଥିବା ବହି ପ୍ରାଚୀନ ଉତ୍କଳ ରେ ଲେଖିଛନ୍ତି –

... ଓଡ୍ର ଏକ ଜାତି ଥିଲେ । ସେମାନେ କଳିଙ୍ଗର ପଶ୍ଚିମ ପ୍ରାନ୍ତରେ ବାସ କରୁଥିଲେ । ସେମାନେ ଆର୍ଯ୍ୟ ଥିଲେ । ଆର୍ଯ୍ୟମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରଥମେ କଳିଙ୍ଗକୁ ଆସିଥିଲେ, ସେମାନେ କଳିଙ୍ଗର ଆଦିମବାସୀ ଅନାର୍ଯ୍ୟ ଏବଂ ଦାକ୍ଷିଣାତ୍ୟର ଦ୍ରାବିଡମାନଙ୍କ ସଙ୍ଗେ ମିଶି ଆର୍ଯ୍ୟ ଦୃଷ୍ଟିରେ ପତିତ ହୋଇ ଯାଇଥିଲେ । ତେଣୁ ମନୁ ସଂହିତା (ଖ୍ରୀ.ପୂ ୫୦୦୦-୪୦୦୦) ରେ ଓଡ୍ରମାନଙ୍କୁ ପତିତ କ୍ଷତ୍ରିୟ ବୋଲି କୁହା ଯାଇଛି ।

... ଋଗବେଦ ବେଳକୁ ଓଡ୍ରଜାତି କଳିଙ୍ଗରେ ନ ଥିଲେ । ରାମାୟଣରେ କିନ୍ତୁ ଓଡ୍ର କଳିଙ୍ଗ ଉତ୍କଳ ଏହି ତିନି ନାମ ଦେଖାଯାଏ । ତେବେ ରାମାୟଣ ପୂର୍ବରୁ ଓଡ୍ରଜାତି କଳିଙ୍ଗରେ ବାସ କରିଥିଲେ । ଓଡ୍ରମାନେ ଆର୍ଯ୍ୟ-କ୍ଷତ୍ରିୟ ଥିଲେ; ମାତ୍ର କଳିଙ୍ଗର ଆଦିମ ଅନାର୍ଯ୍ୟମାନଙ୍କ ସଙ୍ଗେ ବହୁକାଳ ରହିବାରୁ ଏବଂ ପୌଣ୍ଡ୍ର ଓ ଦ୍ରାବିଡ ମାନଙ୍କ ସମ୍ପର୍କରେ ଆସିଥିବାରୁ ସେମାନଙ୍କର ଆର୍ଯ୍ୟଧର୍ମ ଓ ସଭ୍ୟତା ବହୁପରିମାଣରେ ମିଶ୍ରିତ ହୋଇ ଯାଇଥିଲା । ତେଣୁ ମନୁ ସେମାନଙ୍କୁ ସଂସ୍କାରହୀନ ପତିତ କ୍ଷତ୍ରିୟ ବୋଲି କହନ୍ତି ।

... ମହାଭାରତ ର ସଭାପର୍ବରେ ବର୍ଣ୍ଣନା ଅଛି, ଓଡ୍ରରାଜା ପାଣ୍ଡବ ମାନଙ୍କୁ ହାତୀଦାନ୍ତ ଜିନିଷମାନ ଉପହାର ଦେଇଥିଲେ ।

ଡଃ ସୁରେନ୍ଦ୍ର କୁମାର ମିଶ୍ର ତାଙ୍କ ବହି ଓଡ୍ରଦେଶର ଇତିହାସ ରେ ଲେଖିଛନ୍ତି – ଓଡ୍ରଦେଶର ପାଇକମାନେ ଓଡଡ୍‌ପାଇକ ଓ ଶୁଦ୍ରପାଇକ ଏପରି ଦୁଇ ଭାଗରେ ବିଭକ୍ତ ଥିଲେ । ଓଡଡ୍‌ପାଇକ ମାନଙ୍କର ପରିଚୟ ଥିଲା କ୍ଷତ୍ରିୟ, ଖଣ୍ଡାୟତ, ବୈଶ୍ୟ, ଚାଷୀ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋପାଳ ଓ ମହାରଣା ପ୍ରଭୃତି । ଅନ୍ୟ ଯେଉଁମାନେ ପାଇକଗୋଷ୍ଠୀରେ ଯୋଗ ଦେଇ କାର୍ଯ୍ୟ କରୁଥିଲେ ସେମାନେ ଶୂଦ୍ରପାଇକ ଭାବରେ ପରିଚିତ । ... ସୁଚାରୁ ରୂପେ ଚିନ୍ତାମୁକ୍ତ ହୋଇ ଯୁଦ୍ଧଭୂମିରେ କାର୍ଯ୍ୟ କରିବା ଥିଲା ପାଇକବାହିନୀର ମୁଖ୍ୟକାର୍ଯ୍ୟଧାରା । ସେଥିପାଇଁ ଗଡ ମାନଙ୍କରେ ସ୍ୱତନ୍ତ୍ର ଭାବରେ ଆଖଡା ଘର ସୃଷ୍ଟି ହେବା ସହ ଗାଁ ମାନଙ୍କରେ ମଧ୍ୟ ଆଖଡା ଘର ଗଡି ଉଠିଥିଲା । ...

ବେଦବୀର ଆର୍ଯ୍ୟ ତାଙ୍କ ବହି “The Chronology of India: From Manu to Mahabharata” ରେ ଲେଖୁଛନ୍ତି – ଯାହା ଜଣା ପଡୁଛି, ନାଗ ରାଜାମାନେ ଖ୍ରୀଷ୍ଟପୂର୍ବ ୧୧୦୦୦ ପରେ ଜାମ୍ମୁ ଓ କାଶ୍ମୀରରେ ରାଜତ୍ୱ କରିବା ଆରମ୍ଭ କରିଥିଲେ । କିନ୍ତୁ କେଉଁ ପୁରାଣରେ, ସାହିତ୍ୟରେ ଅର୍ଜୁନ ଫାଲ୍ଗୁନୀଙ୍କ ସ୍ତ୍ରୀ ଚିତ୍ରାଙ୍ଗଦା ଓ ତାଙ୍କ ପୁତ୍ର ବଭ୍ରୁବାହାନଙ୍କ ପରେ ନାଗବଂଶୀ ମାନଙ୍କ ବିଷୟରେ ଲେଖା ଯାଇ ନାହିଁ ।

ପୁରୀ ଶ୍ରୀମନ୍ଦିର ଚାରି ପାଖରେ ପ୍ରତିଷ୍ଠିତ ସାହିଯାତ-ଆଖଡା- ଜାଗାଘର ଲୋକ ମାନଙ୍କ ଦ୍ୱାରା ବସନ୍ତ ସମୟରେ ପ୍ରଦର୍ଶିତ ସାହିଯାତରେ ରାବଣ ଓ ପର୍ଶୁରାମଙ୍କ ବେଶ ନାଗବଂଶୀ ଓଡ୍ରପାଇକ ମାନଙ୍କ ଦିଗକୁ ଦୃଷ୍ଟି ନିର୍ଦ୍ଧାରିତ କରିଥାଏ । ଶ୍ରୀ ତରଣୀ ଚରଣ ପଟ୍ଟନାୟକ ତାଙ୍କ ଆଲେଖ୍ୟରେ ଏହି ଯାତ ବିଷୟରେ ସବିଶେଷ ବର୍ଣ୍ଣନା କରିଛନ୍ତି । (http://bbsrpulse.com/2020/01/sahi-jata-where-rabana-is-the-protagonist/ )

ବିଭିନ୍ନ ଶ୍ଳୋକ ଆବୃତ୍ତି ଦ୍ୱାରା ଯୁଦ୍ଧନୃତ୍ୟର ଉତ୍କଟ ପ୍ରଦର୍ଶନ ଆଜି ମଧ୍ୟ କରା ଯାଇଥାଏ । ସମ୍ଭବତଃ, ଖ୍ରୀଷ୍ଟପୂର୍ବ ୧୦୯୭୦ ମସିହାର ପୁରୁଷୋତ୍ତମ ଙ୍କ ପ୍ରତିଷ୍ଠା ଉତ୍ସବରେ ନାଗବଂଶୀମାନେ ସେମାନଙ୍କ ଯୁଦ୍ଧଗୁରୁ ପର୍ଶୁରାମ ଶିଖେଇ ଥିବା ଯୁଦ୍ଧକଳା ପ୍ରଦର୍ଶନ କରିଥିଲେ । ରାବଣ (ବୈଦିକ ସମୟର) କାର୍ତ୍ତବୀର୍ଯ୍ୟ ଅର୍ଜୁନଙ୍କ ସହ ଯୁଦ୍ଧ କରିଥିଲେ । ସେ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ମହାଦେବଙ୍କ ଗୁରୁ ପରମ୍ପରାର ଶିଷ୍ୟ ଥିଲେ ତଥା ନୂତନ ଯୁଦ୍ଧ କୌଶଳ ଶିଖିଥିଲେ । ଭାରତର ମଧ୍ୟ ଭାଗର କିଛି ସ୍ଥାନରେ ଏବେ ବି ରାବଣ, ଯାହାଙ୍କ ବିଷୟରେ ତଳେ ସବିଶେଷ ଆଲୋଚନା କରା ଯାଇଛି, ଙ୍କ ପୂଜା କରାଯାଏ ।



ରାବଣ – ସାହି ଯାତ । ଚିତ୍ର: ଶ୍ରୀ ଆଶୀଷ ଷଡଙ୍ଗୀ, ଭୁବନେଶ୍ୱର

The Chronology of India ଅନୁସାରେ ବୈଦିକ ରାବଣ ଙ୍କ ବଂଶାବଳୀ:

ବାଲ୍ମିକୀ ରାମାୟଣ ରୁ ଜଣା ପଡେ ଯେ ରାବଣ ଓ ବୈସ୍ରାବଣ ବିଶ୍ରବାସ ଓ କୈକେଶୀ ଙ୍କ ପୁତ୍ର ଅଟନ୍ତି । ଯାହା ଜଣା ପଡେ ବୈସ୍ରାବଣ ଶ୍ରୀଲଙ୍କା ଓ ରାବଣ ଦକ୍ଷିଣ ଭାରତ କୁ ଶାସନ କରିବା ପାଇଁ ତାଙ୍କ ପିତାଙ୍କ ଠାରୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିଲେ । ସ୍ୱର୍ଣ୍ଣମୟୀ ଲଙ୍କା ର ଯୋଜନା ଓ ନିର୍ମାଣ ବିଶ୍ୱକର୍ମାଙ୍କ ଦ୍ୱାରା କରା ଯାଇଥିଲା । ଲଙ୍କାପୁରୀ ରାମାୟଣ ଯୁଗରେ ବିଶ୍ୱର ସର୍ବଶ୍ରେଷ୍ଠ ନଗର ଥିଲା । ଭାଇ ଠାରୁ ରାବଣ ବଳପୂର୍ବକ ଲଙ୍କାପୁରୀ ଓ ପୁଷ୍ପକ ବିମାନ ଛଡେଇ ନେଇଥିଲା । ବୈଶ୍ରାବଣ ଙ୍କ ପାଇଁ ଅନ୍ୟ ଉପାୟ କିଛି ନ ଥିଲା । ଦେଶାନ୍ତର ହୋଇ ସେ ଉତ୍ତର ଦିଗକୁ ଯାଇ ଅଳକାପୁରୀରେ ଯକ୍ଷ ମାନଙ୍କ ରାଜା ହେଲେ ।

ବୈଦିକ ସାହିତ୍ୟରୁ ଜଣା ପଡେ ଯେ ସପ୍ତର୍ଷି ପ୍ରସିଦ୍ଧ ପୁଲସ୍ତ୍ୟ ସ୍ୱୟମ୍ଭୂ ମନୁ ଙ୍କ ସମକାଳୀନ ଥିଲେ । ସେ ସପ୍ତର୍ଷି ସମୟ ଖ୍ରୀପୂ ୧୪୫୦୦-୧୪୪୦୦ ର ବ୍ୟକ୍ତି ଥିଲେ । ପରେ ତାଙ୍କ ବଂଶଜ ମାନେ ରାକ୍ଷସ ବା ଅସୁର ନାମରେ ପରିଚିତ ହେଲେ । ସମ୍ଭବତଃ, ସେମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଦକ୍ଷିଣ ଭାରତ ଓ ଶ୍ରୀଲଙ୍କାକୁ ଯାଇଥିବା ପ୍ରବାସୀ ଥିଲେ । ରାମାୟଣ କାଳୀନ ରାବଣ ସେମାନଙ୍କ ବଂଶଜ ଥିଲେ । ଆଉ ଜଣେ ଋଷି ପୁଲସ୍ତ୍ୟ (ଖ୍ରୀପୂ ୧୧୨୮୦) ଓ ରାଜା ତୃଣବିନ୍ଦୁଙ୍କ ପୁତ୍ରୀ ଇଲଭିଲା ଙ୍କ ପୁତ୍ର ଥିଲେ ଋଷି ବିଶ୍ରବାସ ଐଲଭିଲ । ସେ ତତ୍କାଳୀନ ବୃହସ୍ପତି ଙ୍କ ପୁତ୍ରୀ ଦେବବର୍ଣ୍ଣିନୀ ଙ୍କୁ ବିବାହ କରିଥିଲେ । ଦେବବର୍ଣ୍ଣିନୀଙ୍କ ଗର୍ଭରୁ ବୈଶ୍ରାବଣ ଜନ୍ମ ନେଇଥିଲେ । ସେ କୁବେର ନାମରେ ବି ଖ୍ୟାତ ଥିଲେ ଓ ଯକ୍ଷ ମାନଙ୍କ ଜନକ ଥିଲେ । କୈକେଶୀ, ପୁଷ୍ପୋତ୍କଟା ଓ ବାକା ନାମରେ ବିଶ୍ରବାସ ଙ୍କ ଆହୁରି ତିନିଜଣ ପତ୍ନୀ ଥିଲେ । ରାବଣ କୈକେଶୀଙ୍କ ପୁତ୍ର ଓ ଅର୍ଜୁନ କାର୍ତ୍ତବୀର୍ଯ୍ୟ (ଖ୍ରୀପୂ ୧୧୨୦୦) ଙ୍କ କମବୟସ୍କ ଥିଲେ ।

ନର୍ମଦା ନଦୀ ଉପରେ ପୁଷ୍ପକ ବିମାନରେ ଉଡୁଥିବା ଅବସ୍ଥରେ ରାଣୀମାନଙ୍କ ସହ ଜଳକ୍ରୀଡାରେ ରତ କାର୍ତ୍ତବୀର୍ଯ୍ୟ ଅର୍ଜୁନଙ୍କୁ ଦେଖି ସେ ରାଣୀମାନଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତଳକୁ ଆସିଥିଲେ । ଫଳରେ ତାଙ୍କ ସହ ଅର୍ଜୁନଙ୍କ ଘମାଘୋଟ ଯୁଦ୍ଧ ହୋଇଥିଲା । ସେହି ଯୁଦ୍ଧରେ ରାବଣ ପରାସ୍ତ ହୋଇ ବନ୍ଦୀ ହୋଇ ଯାଇଥିଲେ । ପରେ ଋଷି ପୁଲସ୍ତ୍ୟଙ୍କ ଅନୁରୋଧରେ ଅର୍ଜୁନ କାର୍ତ୍ତବୀର୍ଯ୍ୟ ତାଙ୍କୁ ଛାଡି ଦେଇଥିଲେ । ଖ୍ରୀ.ପୂ ୧୧୨୦୦-୧୧୧୦୦ ସପ୍ତର୍ଷି ସମୟର ଏହି ଘଟଣାକୁ ପୁରାଣରେ ଖ୍ରୀ.ପୂ ୫୬୭୭-୫୫୭୭ ସପ୍ତର୍ଷି ନକ୍ଷତ୍ର ସମୟର ରାବଣ ସହ ମିଶେଇ ଦିଆ ଯାଇଛି ।ନର୍ମଦା ନଦୀ ତଟର ଘଟଣାର ପୁଷ୍ପକ ବିମାନ ଶ୍ରୀମଦ୍ ଭାଗବତମ୍ ୧୦/୭୬/୬-୮ରେ ବର୍ଣ୍ଣିତ ଉଡନ୍ତାନଗର 'ଶୋଭା' ସହ ମେଳ ଖାଉଛି । ସେଥିରେ ଲେଖା ଯାଇଛି, ମଦ୍ରଦେଶର ପୁରୁ ବଂଶୀୟ ରାଜା ଶାଲ୍ୟ ଦେବକୀପୁତ୍ର କୃଷ୍ଣ ଙ୍କ ଦ୍ୱାରାବତୀ ନଗର ଆକ୍ରମନ କରିବା ପାଇଁ ଶିବଙ୍କୁ ପ୍ରାର୍ଥନା କରି ମୟ ଦାନବ ଙ୍କ ଦ୍ୱାରା ଶୋଭା ଉଡନ୍ତାଥାଳିଆ ପାଇଥିଲେ । ମୟ ଦାନବ ଇନ୍ଦ୍ରଙ୍କ ପାଇଁ ଅମରାବତୀ ନଗର ତିଆରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଥିବା ବିଶ୍ୱକର୍ମାଙ୍କର ବଂଶଜ ତଥା ବୈଶ୍ରବଣଙ୍କର ସମସାମୟିକ ଥିଲେ । ସମ୍ଭବତଃ ଏମିତି ହିଁ ଏକ ବିମାନ ପୁରାଣ ଅନୁସାରେ ବୈଦିକ ରାବଣ ତାଙ୍କ ଯାତ୍ରା ନିମନ୍ତେ ବ୍ୟବହାର କରୁଥିଲେ ।

ତେଣୁ, ଆମେ ନିଶ୍ଚିତ ରୂପେ କହି ପାରିବା ଯେ, ଓଡ୍ର ପାଇକ ମାନେ କାଶ୍ମୀର ସତୀସର ହ୍ରଦର ଜଳ ନିଷ୍କାସନର ବ୍ୟବସ୍ଥା କରି ଉପତ୍ୟକାକୁ ମାନବ ବସତି ରୂପେ ଗଢି ତୋଳିଥିବା ଋଷି କଶ୍ୟପଙ୍କ ବଂଶଜ ଅଟନ୍ତି । ଭାରଗବ ମାନେ ତଙ୍କ ବଂଶଜକୁ ଯୁଦ୍ଧ ବିଦ୍ୟାରେ ପ୍ରଶିକ୍ଷିତ କରି କ୍ଷତ୍ରିୟ ଜାତିରେ ପରିବର୍ତ୍ତିତ କରିଥିଲେ । ସେଥି ନିମନ୍ତେ ମନୁସ୍ମୃତି (ଖ୍ରୀପୂ ୫୦୦୦-୪୦୦୦) କହନ୍ତି, ଓଡ୍ରମାନଙ୍କୁ ପତିତ କ୍ଷତ୍ରିୟ ରୂପେ ଚିହ୍ନଟ କରନ୍ତି ।

ତେଣୁ ଏହି ସିଦ୍ଧାନ୍ତ ନିଆ ଯାଇପାରେ ଯେ, ନୀଳ-ମାଧବଙ୍କ ସ୍ଥାପନ ପର ଠାରୁ ମାହଷ୍ମତୀ ର ନାଗବଂଶୀ ମାନେ କଳିଙ୍ଗ ସହ ରହି ଆସିଛନ୍ତି । ଡଃ ସୁରେନ୍ଦ୍ର କୁମାର ମିଶ୍ର ଓଡ୍ର ଦେଶର ଇତିହାସରେ ତାଙ୍କ ବୀର-କୁହାଟ ନାଦିତ ଗୀତ ଓ ସଙ୍ଗୀତ, ବୈଦିକ ଯୁଦ୍ଧ-ବିଦ୍ୟା କୌଶଳର ବିଭିନ୍ନ ଉଦାହରଣ ଓ ଉକ୍ତି ର ଉଲ୍ଲେଖ କରିଛନ୍ତି । କଳିଙ୍ଗ, ପୁରୁଷପୁର, ଓଡ୍ର, ଉତ୍କଳ କୋଶଳ ଯବନ, ମ୍ଳେଛ ମାନଙ୍କ ଆକ୍ରମଣ କବଳରୁ ବଞ୍ଚିବା ନିମନ୍ତେ ତାଙ୍କ ଶକ୍ତି ସହ ଯୁଗଯୁଗରୁ ପରିଚିତ ଥିଲେ । ତାହା ଜଗନ୍ନାଥ ଙ୍କ ସଂସ୍କୃତି ସହ ଯୋଡି ହୋଇ ରହି ଯାଇଛି ।

କାଳକ୍ରମେ, ରାଷ୍ଟ୍ର, ଧର୍ମ ଓ ରାଷ୍ଟ୍ର ସମ୍ପତ୍ତିର ରକ୍ଷା ନିମନ୍ତେ ସେମାନେ ଆଗକୁ ଆସିଥିଲେ । ପର୍ଶୁରାମଙ୍କ ସମୟରେ ରାଷ୍ଟ୍ରସମ୍ପତ୍ତି କାମଧେନୁ ଗୋ-ବଂଶ ରକ୍ଷଣେ ଦିଗରେ, କଳାଶୋକଙ୍କ ପରେ ଯଜାତି କେଶରୀଙ୍କୁ ଧର୍ମ ସ୍ଥାପନା ନିମନ୍ତେ ସାହାଯ୍ୟ କରିଥିଲେ । ଖାରବେଳଙ୍କ ନେତୃତ୍ୱରେ କୁଶାଣମାନଙ୍କ କବଳରୁ କଳିଙ୍ଗକୁ ମୁକ୍ତ କରିଥିଲେ । ବିନ୍ଧ୍ୟାଞ୍ଚଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଞ୍ଚଳରୁ ପ୍ରାଚୀ ତଟ ଯାଏଁ ଯାହାଙ୍କ ବସତି ଥିଲା । କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଙ୍କ ସହ ଯୁଦ୍ଧ ଯାତ୍ରା କରିଥିଲେ । ଯାହାଙ୍କୁ ଦେଖି ମ୍ଲେଛମାନେ କଳିଙ୍ଗ ସୀମାରେ ପ୍ରବେଶ କରିବାକୁ ଡରୁଥିଲେ । ଭଗବାନ ପର୍ଶୁରାମଙ୍କ ସେହି କାଳଜୟୀ ଶିଷ୍ୟମାନଙ୍କ ପାଇଁ କେଉଁ ଇତିହାସ, ପୁରାଣ କିଛି ଲେଖି ନାହାଁନ୍ତି । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମ୍ଭବତଃ ତାହା ଶ୍ରୀଜଗନ୍ନାଥଙ୍କ ବେଶ ପରମ୍ପରାରେ ଲୁକ୍କାୟିତ ହୋଇ ରହି ଯାଇଛି ।



ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର (ଚିତ୍ର: ଶ୍ରୀ ଜୁଏଲ ଓରାମ, ସାଂସଦ)

ସେମାନେ ପ୍ରାଚୀନ ଆର୍ଯ୍ୟ ଥିଲେ । ସେମନଙ୍କ ବସତି ନର୍ମଦା ତଟ ମାହଷ୍ମତୀ ର ବିନ୍ଧ୍ୟାଞ୍ଚଳ ଠାରୁ ଆରମ୍ଭ କରି ମହୋଦଧି କୂଳରେ ପ୍ରାଚୀ-ସରସ୍ୱତୀ ତଟ ଯାଏଁ ଥିଲା । ସୋମବଂଶର ପ୍ରତିଷ୍ଠାତା ରାଜା ଯଜାତି କେଶରୀ (ମାଦଳା ପାଞ୍ଜି ବର୍ଣ୍ଣିତ) ଙ୍କ ସହ ଆସି ହୈହେୟ ବଂଶୀ କଳାଶୋକ ର ରାଜତ୍ୱ ସମାପ୍ତ କରିଥିଲେ । ସମ୍ରାଟ ମହାମେଘବାହାନ ଖାରବେଳଙ୍କ ସହ କୁଶାଣ ମାନଙ୍କୁ ଘଉଡି ନେଇଥିଲେ । ଗଙ୍ଗ ଓ ଗଜପତି ମାନଙ୍କୁ କଳିଙ୍ଗର ସୀମା ସମ୍ପ୍ରସାରଣ କରିବାରେ ଧୁରନ୍ଧର ଥିଲେ । ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଙ୍କ ନେତୃତ୍ୱରେ ପରାଧୀନ ଭାରତ ର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ରଣଭେରୀ ବଜେଇଥିଲେ । ଓଡ୍ର ଦେଶର ଇତିହାସରେ ଡ: ସୁରେନ୍ଦ୍ର କୁମାର ମିଶ୍ର ଲେଖୁଛନ୍ତି – ଅଦ୍ୟାବଧି ସେହି କ୍ଷତ୍ରିୟ କୁଳ ଓଡିଶାର ବିଭିନ୍ନ ଉପାଧି ଓ ସାଙ୍ଗିା ଭିତରେ ବଞ୍ଚି ରହିଛନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାଗାର୍ଜୁନ ବେଶ, ସେଥି ନିମନ୍ତେ, ଜାତିର ସୃଷ୍ଟି ଜନ୍ମରେ ନୁହେଁ, କର୍ମରେ ଜାତିର ସୃଷ୍ଟି ହୋଇଥିବା ସନାତନ-ସିଦ୍ଧାନ୍ତ ବିଚାରର ଶ୍ରେଷ୍ଠ ପ୍ରଦର୍ଶନ ଅଟେ ।

ଏହି ଲେଖା ଭାରତର ପ୍ରାଚୀନତା କୁ ଏକ ନୂତନ ଦୃଷ୍ଟିକୋଣ ଦେଉଥିବା ବେଦବୀର ଆର୍ଯ୍ୟଙ୍କ ପୁସ୍ତକ The Chronology of India, Manu to Mahābhārat ରେ ଉଲ୍ଲେଖିତ ବୈଦିକ ସମୟରେଖା ଉପରେ ପର୍ଯ୍ୟବେସିତ । ବିଦ୍ୱାନ ସଂସ୍କୃତ-ଶିକ୍ଷକ ଓ ସଂସ୍କୃତିପ୍ରେମୀ ଐତିହାସିକ ମାନେ ଯଦି ଓଡିଶା ସଂଗ୍ରହଳାୟରେ ଗଚ୍ଛିତ ସଂସ୍କୃତ ପାଣ୍ଡୁଲିପି ମାନ ପାଠ କରି ଲୋକ ଲୋଚନକୁ ଆଣନ୍ତେ, ଅନେକ ଲୁଚି ଯାଇଥିବା ତଥ୍ୟ-ପଦ୍ମ ସେହି ଜ୍ଞାନାଲୋକରେ ପ୍ରଷ୍ଫୁଟିତ ହୋଇ ପାରନ୍ତା ।

ପ୍ଲଟ ନଂ ୧୦୦୦, ୨ୟ ତୋଟା ସାହି, ବିଜିପୁର
ବ୍ରହ୍ମପୁର -୭୬୦୦୦୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ ଜ୍ଞାନ

ନିବେଦନ

ପ୍ରିୟ ପାଠକବୃନ୍ଦ,

"ଭଗବତ୍ ଜ୍ଞାନଂ ଦଦାତି ଇତି ଭାଗବତଃ ।" ଅର୍ଥାତ୍ ଯେଉଁଥିରୁ ଆମକୁ ଭଗବତ୍ ଜ୍ଞାନ ଲବ୍ଧ ହୁଏ, ତାହା ଭାଗବତ । ଭଗବତ୍ ଜ୍ଞାନ ଅର୍ଥ ଭଗବାନଙ୍କର ଅସ୍ତିତ୍ୱ, ପ୍ରତିଭା, ମହିମା, ଗୁଣ, ସମ୍ଭାବନା, ପ୍ରକୃତି, ସୃଷ୍ଟିର ନିୟମ ତଥା ସତ୍କର୍ମ ଦିଗ୍ଦର୍ଶନ, ଭକ୍ତି, ମୋକ୍ଷପ୍ରାପ୍ତି ମାର୍ଗ ଇତ୍ୟାଦି ।

'ଭାଗବତ' ଶବ୍ଦଟି ଓ୍ୱରୋଟି ଅକ୍ଷର 'ଭା', 'ଗ', 'ବ' ଓ 'ତ' କୁ ନେଇ ଗଠିତ । 'ଭା' ରୁ ଭାବ ଓ ଭକ୍ତି ସୃଜକ, 'ଗ'ରୁ ଗତିମୁକ୍ତି କାରକ, 'ବ'ରୁ ବ୍ରହ୍ମଜ୍ଞାନ ପ୍ରାପ୍ତିର ମାର୍ଗଦର୍ଶକ ଓ 'ତ'ରୁ ତତ୍ୱଜ୍ଞାନ ପ୍ରଦାୟକ । ଅର୍ଥାତ୍ ଭାଗବତର ସଜ୍ଞା ହେଉଛି, "ଯେଉଁ ଶାସ୍ତ୍ର ମାନବ ମନରେ ଭାବଭକ୍ତି ସୃଷ୍ଟି କରି ଗତିମୁକ୍ତି ପାଇବାରେ ସହାୟକ ହୋଇଥାଏ ତଥା ବ୍ରହ୍ମଜ୍ଞାନ ପ୍ରାପ୍ତି ନିମନ୍ତେ ମାର୍ଗଦର୍ଶକ ହୋଇ ଭଗବାନଙ୍କର ଅସ୍ତିତ୍ୱ ଓ ତାଙ୍କଦ୍ୱାରା ନିୟନ୍ତ୍ରିତ ସମଗ୍ର ବିଶ୍ୱକୁ ହୃଦୟଙ୍ଗମ କରିବାରେ ତତ୍ୱଜ୍ଞାନ ପ୍ରଦାନ କରେ ତାହା ହିଁ ଭାଗବତ ।"



ସହଦେବ ପ୍ରଧାନ

ସ୍ରଷ୍ଟାର ସୃଷ୍ଟି ଓ ଭଗବାନଙ୍କର ଲୀଳା ତଥା ବିଶ୍ୱର ସମସ୍ତ ପ୍ରାଣୀର ପାର୍ଥିବ-ଅପାର୍ଥିବ, ଭୌତିକ-ଅଭୌତିକ କ୍ରିୟାକଳାପର ସ୍ୱରୂପ ତଥା ମାନବର ସାଂସାରିକ, ସାଂସ୍କୃତିକ, ସାମାଜିକ ମନୋଭାବନା, ଚଳଣି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୀତିନୀତି ପରମ୍ପରା ଇତ୍ୟାଦିର ପ୍ରକୃତି ଓ ପ୍ରତିରୂପକୁ ଅବଗତ କରିବା ନିମନ୍ତେ ଉପରୋକ୍ତ ଓ୍ବରୋଟି ଅକ୍ଷର ଏକ ଏକ ସୁଦୃଢ଼ ସ୍ତମ୍ଭ ଯାହା ଉପରେ କି ଭାଗବତରୂପୀ ବିଶାଳ ସୌଧ (ଅଟ୍ଟାଳିକା) ଦଣ୍ଡାୟମାନ । ଏହି ସୌଧର ଚାରୋଟି ସୁଦୃଢ଼ ପ୍ରାଚୀର (କାନ୍ଥ) ହେଉଛି ରସ, ନୀତି, ହାସ୍ୟ ଓ ପ୍ରୀତି । ଅର୍ଥାତ୍ ଭାଗବତ ପୁରାଣଶାସ୍ତ୍ର ମଧ୍ୟରେ ରସ, ପ୍ରୀତି, ହାସ୍ୟ ତଥା ନୀତିଶିକ୍ଷା ଖୁନ୍ଦି ହୋଇ ରହିଛି ଯାହାକି ଭାଗବତରୂପୀ ବିଶାଳ ସାଗରର ପତନ (ଉପରି ସ୍ତର)ରେ ସନ୍ତରଣ କଲେ ଅନୁଭବ କରି ହୁଏ ନାହିଁ ବରଂ ଏହାର ସୁଉଚ୍ଚ ଉର୍ମିମାଳାକୁ ଉଲଘଂନ କରି ତାର ଗଭୀରତମ ପ୍ରଦେଶକୁ ପ୍ରବେଶ କରି ଅନ୍ୱେଷଣ କଲେ ହିଁ ଆମେ ସେ ସବୁ ତଥ୍ୟ ଅନୁଭବ କରିପାରିବା । ଏହି ମହାନ୍ ଅଟ୍ଟାଳିକାର ଛାତ ହେଉଛି ଭଗବତ୍ପ୍ରେମୀ ଭକ୍ତବୃନ୍ଦ ଏବଂ ଏହାର ଚଟାଣ ବା ପୃଷ୍ଠଭୂମି ହେଉଛନ୍ତି ସ୍ୱୟଂ ନାରାୟଣ ଯିଏ କି ଉପରୋକ୍ତ ସମଗ୍ର ବିଷୟକୁ ନିଜ ଉପରେ ଧାରଣ କରି ସଂସାରକୁ ସତ୍ ମାର୍ଗରେ ଚଳେଇ ନେଉଛନ୍ତି । ଏଠାରେ ବୁଝିବାର ବିଷୟ ଏହି କି ଭଗବାନଙ୍କୁ ଆଧାର (ଚଟାଣ) ଓ ଭକ୍ତମାନଙ୍କୁ ଛାତର ଆଖ୍ୟା ଦେବା ଉଦ୍ଦେଶ୍ୟ ହେଉଛି ଯେ ଯୁଗେ ଯୁଗେ ଭଗବାନ ଭକ୍ତମାନଙ୍କୁ ହିଁ ପ୍ରାଧାନ୍ୟ ଦେଇଆସୁଛନ୍ତି ଏବଂ ନିଜର ଶ୍ରୀକର ତୋଳି ସେମାନଙ୍କୁ ସୁରକ୍ଷା ଆଉ ଆଶ୍ରୟ ଦେଇଥାନ୍ତି ଯାହା କି ବିଭିନ୍ନ ପୁରାଣ ଶାସ୍ତ୍ରଗୁଡ଼ିକରେ ସବିସ୍ତୃତ ବର୍ଣ୍ଣିତ ।

ତେବେ ଏଠାରେ ଭଗବାନଙ୍କର ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠିପାରେ । କିନ୍ତୁ ଉତ୍ତରରେ ନିଃସନ୍ଦେହ, ନିଃଶଙ୍କୋଚ ଓ ଦୃଢ଼ନିଶ୍ଚିତ ଭାବରେ କୁହାଯାଇପାରିବ ଯେ 'ଭଗବାନ ଭାବକୁ ନିକଟ ଓ ଅଭାବକୁ ଦୂର' । ଯାହାର ଭଗବତ୍ ବିଶ୍ୱାସ ଯେତେ ଅଟଳ ତାହାର ଭଗବାନଙ୍କ ଅସ୍ତିତ୍ୱ ଭାବନା ସେତେ ସକରାତ୍ମକ ଓ ସୁଦୃଢ଼ । ଦୃଷ୍ଟାନ୍ତ ସ୍ୱରୂପ, ସମୁଦ୍ରର ଗଭୀର ପାଦଦେଶକୁ ଯାଇ ଅନୁସଂନ୍ଧାନ ନ କରିବା ଯାଏଁ ମୋତିର ସଂନ୍ଧାନ ମିଳେ ନାହିଁ, ତା ଅର୍ଥ ଏହା ନୁହେଁ ଯେ ସାଗର ଗର୍ଭରେ ମୋତି ନାହିଁ । ଅନ୍ୟ ପ୍ରକାରେ କହିବାକୁ ଗଲେ ଜଙ୍ଗଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଧ୍ୟରେ ଫୁଟିଥିବା ଫୁଲକୁ ନ ଦେଖି ବି କିଛି ଦୂରରୁ ତାର ସୁଗନ୍ଧକୁ ବାରି ପାରି ଫୁଲର ଅସ୍ତିତ୍ୱ ଉପରେ ଦୃଢ଼ୀକରଣ କରାଯାଇପାରେ । ପ୍ରଶ୍ୱାସରେ ଗ୍ରହଣ କରୁଥିବା ଅମ୍ଳଜାନ କେହି ଦେଖି ପାରନ୍ତି ନାହିଁ, ତାହାର ଅର୍ଥ ନୁହେଁ ଯେ ବାୟୁମଣ୍ଡଳରେ ଅମ୍ଳଜାନ ନାହିଁ । ଜଳଚର ପ୍ରାଣୀମାନେ ଜଳରୁ ଯେଉଁ ଅମ୍ଳଜାନ ଶ୍ୱାସକ୍ରିୟାରେ ଉପଯୋଗ କରନ୍ତି, ତାହା ଦୃଶ୍ୟମାନ ନୁହେଁ, କିନ୍ତୁ ଗବେଷଣାଗାରରେ ପରୀକ୍ଷା ଦ୍ୱାରା ଜଳରେ ଅମ୍ଳଜାନର ଅସ୍ତିତ୍ୱ ଉପଲବ୍ଧି କରାଯାଇପାରେ । ଅର୍ଥାତ୍ ଭଗବାନଙ୍କୁ ସ୍ୱଚକ୍ଷୁରେ ନ ଦେଖି ବି ତାଙ୍କର ସତ୍ତା ଓ କର୍ତ୍ତୃତ୍ୱକୁ ଅନୁଭବ କରି ପ୍ରଭୁଙ୍କର ଅସ୍ତିତ୍ୱକୁ ହୃଦୟଙ୍ଗମ କରାଯାଇପାରେ । କେବଳ ଆମକୁ ସକରାତ୍ମକ ଭାବନା ନେଇ ଭାବ ଭକ୍ତି ଓ ବିଶ୍ୱାସର ସହ ଗବେଷଣାତ୍ମକ ଅନୁସଂନ୍ଧାନ କରିବାକୁ ପଡ଼ିବ ।

ଭଗବାନ ସବୁବେଳେ ଭାବର, ବିଶ୍ୱାସର, ଭକ୍ତିର ଅର୍ଥାତ୍ "ବିଶ୍ୱାସରେ ହିଁ ମିଳେ ହରି" ପ୍ରବାଦ ସମ୍ପୂର୍ଣ୍ଣ ସତ୍ୟ । ନାସ୍ତିକ, ଅବିଶ୍ୱାସୀ କେବେ ହେଁ ଭଗବତ୍ ସତ୍ତା ଅନୁଭବ କରିପାରେ ନାହିଁ । ଭାଗବତରେ ଅଛି, "ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ଆକାଶ ବେଭାର ।" ତଥା ଲୋକ ଉକ୍ତିରେ ଅଛି, "ଯାହାର ଭକ୍ତି ଯେଡ଼େ, ତାହାର ପ୍ରଭୁ ତେଡ଼େ ।" ଅର୍ଥାତ୍ ଯେତେବେଳେ ଯାଏଁ ଜଣେ ସମ୍ପୂର୍ଣ୍ଣ ସମର୍ପିତ ହୋଇ ଭଗବାନଙ୍କୁ ନିଜ ହୃଦୟର ସହିତ ଧ୍ୟାନ ନ କରିଛି, ସେତେବେଳେ ଯାଏଁ ବିଷ୍ଣୁଙ୍କର ମାୟା, ଲୀଳା ଓ ଅସ୍ତିତ୍ୱକୁ ଅନୁଭବ କରିପାରିବ ନାହିଁ । ଆଜିର ଯୁଗରେ ମାନବ ନିଜର ବ୍ୟତିବ୍ୟସ୍ତ କର୍ମଜଞ୍ଜାଳମୟ ଜୀବନଚର୍ଯ୍ୟାରେ ମଗ୍ନ ରହି ଏତେ ଆତ୍ମକୈନ୍ଦ୍ରିକ ଓ ପାର୍ଥିବ-ବିଳାସ ଅନ୍ୱେଷୀ ହୋଇପଡ଼ିଛି ଯେ, ସେ ଭଗବାନଙ୍କର ଅସ୍ତିତ୍ୱକୁ ଅନୁଭବ କରିବାକୁ ଇଛା ବା ଆଗ୍ରହ ପ୍ରକାଶ କରୁନାହିଁ । ସେହି ମାନବ ହିଁ ତା ନିକଟରେ ସମସ୍ତ ସାଧନ ଥାଇ ବି କୌଣସି କ୍ଷେତ୍ରରେ ବାରମ୍ବାର ଅଦମ୍ୟ ଚେଷ୍ଟା କରି ମଧ୍ୟ ବିଫଳ ହେଲେ ପରିଶେଷରେ ଭଗବାନଙ୍କୁ ସ୍ମରଣ ଓ ଆହ୍ୱାନ କରିଥାଏ । ଯିଏ ସଂସାରକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ପୂର୍ଣ୍ଣରୂପେ ବୁଝିପାରିଛି ସେ ନିଶ୍ଚୟ କହେ ଯେ ବିଶ୍ୱର ସମସ୍ତ କାରକ ଗୁଡ଼ିକୁ ସୁଖରୁରୂପେ ଚଳେଇବା ପାଇଁ ତଥା ନିୟନ୍ତ୍ରଣ କରିବା ପାଇଁ ନିଶ୍ଚିତ ଭାବେ ଏକ ଅଦୃଶ୍ୟ ଶକ୍ତିର ହାତ ଅଛି, ଯାହା ଦ୍ୱାରା ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ଜଳ, ବାୟୁ, ପ୍ରାଣୀ-ଉଦ୍ଭିଦ ଓ ଜୀବଜନ୍ତୁ ସଠିକ୍ ଭାବେ ପରିଚାଳିତ ଓ ସୁନିୟନ୍ତ୍ରିତ ହେଉଛନ୍ତି । ସେହି ଅଦୃଶ୍ୟ ଶକ୍ତିର ଇଙ୍ଗିତ ବିନା ଗଛରେ ପତ୍ରଟିଏ ବି ହଲେ ନାହିଁ ।

ପୁନଶ୍ଚ ପ୍ରଶ୍ନ ଉଠେ, ଯଦି ଭଗବାନଙ୍କ ବିଚାରରେ ସମସ୍ତେ ସମାନ, ସମସ୍ତେ ଭଗବାନଙ୍କର ଅମୃତ ସନ୍ତାନ ତେବେ ଜଣେ ଦୁଃଖ ଓ ଅନ୍ୟ ଜଣେ ସୁଖ କାହିଁକି ଭୋଗ କରନ୍ତି ? ଏହାର କାରଣ ହେଲା ତାହାର କୃତକର୍ମର ଫଳ । ମଣିଷ ଇହଜନ୍ମର କର୍ମଫଳ ସାଙ୍ଗକୁ ପୂର୍ବ ଜନ୍ମ ତଥା ପ୍ରାରବ୍ଧର ଫଳ (ସୁକର୍ମର ସୁଫଳ ଓ କୁକର୍ମର କୁଫଳ) ମଧ୍ୟ ଭୋଗ କରିଥାଏ । ଏବଂ ପୂର୍ବର ବାସନା ଅନୁସାରେ ତାର କୌଣସି ବିଷୟ ପ୍ରତି ଅଭିରୁଚି, ଆସକ୍ତି, ଆକର୍ଷଣ ଓ ଆଗ୍ରହ ରହିଥାଏ । ତ'ର ପ୍ରକୃତି ବି ସେହିପରି ହୋଇଥାଏ ।

ଉପର ବର୍ଣ୍ଣିତ ସମୁଦାୟ ବିଷୟକୁ ଅବଗତ ଓ ହୃଦୟଙ୍ଗମ କରିବା ପାଇଁ ଭାଗବତ ହିଁ ଏକ ପ୍ରମୁଖ, ପ୍ରକୃତ ତଥା ଉତ୍କୃଷ୍ଟ ଶାସ୍ତ୍ର ଅଟେ । ଅତଏବ ଭଗବାନଙ୍କର ମହାନ୍ ଆଶୀର୍ବାଦରୁ ସଂସାରରେ ସ୍ରଷ୍ଟାଙ୍କର ଅମୂଲ୍ୟ ସୃଷ୍ଟି - ଦୁର୍ଲଭ ମାନବ ଜନ୍ମ ଲାଭ କରି ଭଗବତ୍ କୃପା ଲାଭ କରିବା, ସ୍ରଷ୍ଟା ଓ ତାଙ୍କର ସୃଷ୍ଟି ତଥା ଲୀଳା ବିଷୟରେ ସମ୍ୟକ୍ ଜ୍ଞାନ ଅର୍ଜନ କରିବା ଏବଂ ଏ ସବୁର ପ୍ରସାର ଓ ପ୍ରଚାର କରିବା ହିଁ ମଣିଷ ଜୀବନ ପ୍ରାପ୍ତିର ସାର୍ଥକତା ଅଟେ । ମଣିଷ ଜୀବନ ପାଣି ଫୋଟକା । କେଉଁ ସମୟରେ ଫାଟିଯିବ, ତାହା ଅନିଶ୍ଚିତ ।

ଶ୍ରୀମଦ୍ଭାଗବତ ପୁରାଣର ପ୍ରଥମ ସ୍କନ୍ଧର ପ୍ରଥମ ଅଧ୍ୟାୟରେ ଉଲ୍ଲେଖ ଅଛି -

ଏ ଭାଗବତର ମହିମା । କେ କରିପାରେ ଗୁଣସୀମା ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକଳ ଶାସ୍ତ୍ର ଫଳ ଏହି । ଶ୍ରୀ ଭାଗବତ ନାମ ସେହି । ।

କୃଷ୍ଣ ବିଷୟ ଭାଗବତ । ସୁଜନ ଜନଙ୍କର ହିତ । ।

କପଟ ଧନ ଯହିଁ ନାହିଁ । ପରମ ଶାସ୍ତ୍ର ଏ ବୋଲାଇ । ।

ପରମ ଶାସ୍ତ୍ର ଭାଗବତ । ଅଭ୍ୟାସ କରୁଥିବ ନିତ୍ୟ । ।

ତର୍କ ପାଷାଣ୍ଡ ଶାସ୍ତ୍ର ଯେତେ । ଅଭ୍ୟାସ ନ କରିବ ଚିତ୍ତେ । ।

ସେହିପରି ଶ୍ରୀମଦ୍ଭାଗବତ ପୁରାଣର ଦ୍ୱାଦଶ ସ୍କନ୍ଧର ତୃତୀୟ ଅଧ୍ୟାୟରେ ଉଲ୍ଲେଖ ଅଛି -

ସତ୍ୟ ଯୁଗର ଧ୍ୟାନ ଫଳ । ତ୍ରେତାର ଯଜ୍ଞାଦି ସକଳ । ।

ଦ୍ୱାପରେ ପୂଜାର ବିଧାନ । କଳିରେ ନାମ ସଂକୀର୍ତ୍ତନ । ।

*ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।*

*କ୍ଷୀୟନ୍ତେ ଚାସ୍ୟ କର୍ମାଣି ସପ୍ତାହଶ୍ରବଣେ କୃତେ । ।*

ଭାଗବତ କଥାରୂପୀ ତୀର୍ଥ ସଂସାରରୂପୀ କର୍ଦ୍ଦମ ପ୍ରକ୍ଷାଳନ କରିବାରେ ଅତ୍ୟନ୍ତ ନିପୁଣ । ଏହା ହୃଦୟରେ ପ୍ରବିଷ୍ଟ ହେଲେ ମନୁଷ୍ୟର ମୁକ୍ତି ସୁନିଶ୍ଚିତ ବୋଲି ବୁଝିବା ଉଚିତ ।

ନିବେଦନ ଏହିକି, ହେ ମାନବ ସମାଜ ! ବ୍ୟତିବ୍ୟସ୍ତ କର୍ମଜଞ୍ଜାଳ କବଳିତ ଜୀବନଚର୍ଯ୍ୟାରୁ ପ୍ରତ୍ୟହ ନିଜକୁ କିଛି କ୍ଷଣ ବ୍ୟାହତ ତଥା ମୁକ୍ତ କରି ଭଗବତ୍ ରସପାନ କରିବା ହୁଅନ୍ତୁ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ମୋବାଇଲ୍ ନଂ – ୬୩୭୨୧୩୩୭୩୫

e-mail: sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଯୁଧିଷ୍ଠିର

ନିଷ୍ପ୍ରତିଭ ମଣିଷ ବାଂଛିତ ସୁଯୋଗ ସୃଷ୍ଟିକରି
କାଳ୍ପନିକ ପ୍ରତିଭାର ଲବ୍ଧ ପାର୍ଥିବ ପ୍ରମାଣପତ୍ରରେ ସନ୍ତୁଷ୍ଟ,
ଆତ୍ମୋଦ୍ଧୀପନା ଅନୁଭବ କରେ ଯାହା ଅବାସ୍ତବ !
ଏହା ସମୟ ସ୍ରୋତର ପ୍ରଭାବ ନା ·ରିତ୍ରିକ ଅଭାବନୀୟତା..... ? !

ଯୁଦ୍ଧରେ ସ୍ଥିର, ଯୁଧିଷ୍ଠିର । ଅର୍ଥାତ ସମସ୍ତ ଦକ୍ଷତାର ଅଧିକାରୀ ବିଚଳିତ ନହୋଇ ସବୁବେଳେ ସ୍ଥିର ! ମହାଭାରତର ଅନନ୍ୟ ଚରିତ୍ର ଯୁଧିଷ୍ଠିର (ଯୁଧିଷ୍ଟିର) ଯାହାଙ୍କ ମର୍ଯ୍ୟାଦା ସର୍ବଶ୍ରେଷ୍ଠ ଭାବେ ଗ୍ରହୀତ । କୁହାଯାଏଯେ ସେ ଏକମାତ୍ର ଶାଶ୍ୱତ ମଣିଷ ଯିଏ ସ୍ୱଦେହରେ ସ୍ୱର୍ଗ ଯାତ୍ରା କରିଥିଲେ ! ଧର୍ମପରାୟଣାତା ତଥା ମାନବୀୟ ଚେତନାରେ ଅଭିଷିକ୍ତ ନିର୍ମଳ ହୃଦୟ ସାଙ୍ଗକୁ ଅଜସ୍ର ଶକ୍ତିର ଅପ୍ରତିଦ୍ୱନ୍ଦୀ ଅଧିକାରୀ ହୋଇଥିବାବେଳେ ନିଜର ନମନୀୟତା ପ୍ରଦର୍ଶନ ପୂର୍ବକ ସମଗ୍ର ମାନବ ସମାଜର ଅମଳିନ ସଦ୍ଭାବନାର ଅଧିକାରୀ କେବଳ ଏକ ମାତ୍ର ଚରିତ୍ର ଭାବେ ଭାରତୀୟ ସଂସ୍କୃତିର ପୁରୁଷୋତ୍ତମ ଯୁଧିଷ୍ଠିର ସର୍ବଜନବିଦିତ ।



ପଙ୍କଜ କୁମାର
ପାଣିଗ୍ରାହୀ

ତାଙ୍କ ପରବର୍ତ୍ତୀ ଅନୁରୂପ ଚରିତ୍ର ମହାତ୍ମା ବୁଦ୍ଧଦେବ ଆଶାତୀତ ଶକ୍ତିର ଅଧିକାରୀ ହୋଇ ମଧ୍ୟ ତାଙ୍କର ପ୍ରତିଭା ପ୍ରଚାର ନକରି କେବଳ ନିଜର ନମନୀୟ ଭାବ ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଏକ ଅଦ୍ୱିତୀୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ମହାପୁରୁଷ ଭାବେ ନିଜର ପରିଚିତି ସୃଷ୍ଟି କରିଥିବା ସର୍ବଗ୍ରାହ୍ୟ । ଅର୍ଥାତ ଆମ ସଂସ୍କୃତି ଅନୁଯାୟୀ ପ୍ରତିଭାଧାରୀ ମଣିଷ ସବୁବେଳେ ନତମସ୍ତକ ତଥା ଅନ୍ୟପ୍ରତି ସଦୟଭାବ ପୋଷଣ କରୁଥିବାବେଳେ ସେମାନେ କେବଳ ଜନମାନସରେ ପୂଜ୍ୟ ହୋଇରହିବା ଛଡା କେବେହେଲେ କାହାରି ଦୟାର ପାତ୍ର ହୋଇନଥା'ନ୍ତି କିମ୍ବା କାହାଠାରୁ କୃତିତ୍ୱର ବସ୍ତୁବାଦୀ ଚିହ୍ନସ୍ୱରୂପ କୌଣସି ପ୍ରମାଣପତ୍ର ପ୍ରାପ୍ତ କରିବାରେ ଲକ୍ଷ୍ୟ ରଖିନଥା'ନ୍ତି ! କାରଣ ପ୍ରତିଭାଧାରୀଙ୍କୁ କୌଣସି ପାର୍ଥିବ ପ୍ରମାଣ ପତ୍ରର ଆବଶ୍ୟକତା ନଥାଏ, ବରଂ କେବଳ ଜନମାନସର ଗ୍ରହଣୀୟତା ଏବଂ ଆନ୍ତରିକ ସଦ୍ଭାବ ସେମାନଙ୍କ ପ୍ରମାଣ ପତ୍ର ସ୍ୱରୂପ ଶୋଭା ପାଉଥାଏ ।

କଳିକାଳର ଏହି କଳଙ୍କିତ ମଣିଷ ସମାଜରେ ସିଦ୍ଧପୁରୁଷର ସଜ୍ଞା କେବଳ ବାହୁବଳୀଙ୍କ ଅମାନବୀୟ ଚାରିତ୍ରିକ କ୍ଷମତାସୀନ ହେବା କିମ୍ବା ଅନୈତିକ କାର୍ଯ୍ୟକରି ଧନୀ ହୋଇ ସମାଜରେ ହିଂସାର ପ୍ରକୋପ ବିସ୍ତାର କରିବା ଛଡା ମାନବୀୟ ଅବଚେତନାରେ ଅଭିଷିକ୍ତ ହୋଇ ସମାଜରେ ପ୍ରେମ ବାଣ୍ଟିବା ଏକ ହାସ୍ୟାସ୍ପଦ ବିଷୟ ଭଳି ସର୍ବଜନ ଗ୍ରହୀତ ହେଉଥିବା ଅସ୍ୱୀକାର କରିହେବ ନାହିଁ । ଇତିମଧ୍ୟରେ ମଣିଷ ନିଜର ମିଥ୍ୟାବାଦୀତାର ସଂକୁଚିତ ନିପୁଣତା ବ୍ୟବହାର କରି ସାଧାରଣ ଲୋକଙ୍କୁ ବିଭିନ୍ନ ଅଲୌକିକ ଭାବନା ରାଇଜ ତଥା ମିଥ୍ୟା ପ୍ରତିଭାର ଅବବାହିକାରେ ଭସାଇ ଅହରହ ସ୍ୱାର୍ଥ ହାସଲ କରିବା ସହିତ ନିଜର ମିଥ୍ୟା ନିପୁଣତାକୁ ଜନମାନସରେ ଭରିଦେଇ କାଗଜ ଖଣ୍ଡର ପ୍ରମାଣ ପତ୍ରଟିଏ ଯୋଗାଡ଼ କରି ଯେଉଁ ଆତ୍ମସନ୍ତୋଷ ଲାଭ କରେ, ପ୍ରକୃତି କ'ଣ ସେଇଥିରେ ଏକମତ ହୋଇଥାଏ ? କେବେନୁହେଁ ! କାରଣ ଅପ୍ରାକୃତିକ ଚରିତ୍ର ଗୁଡିକ ଅମାନବୀୟ ବିଚାରଧାରା ଚିତ୍ରଣର ଗୋଟିଏ ଗୋଟିଏ ଅଲୌକିକ କୁହେଳିକା ଯାହା କେବଳ ଶ୍ରୁତିମଧୁର ହେଲେ ହେଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେଥିରେ କୌଣସି ବାସ୍ତବତା ନଥାଏ ! ପ୍ରତିଭାବାନ କେବେହେଲେ ସ୍ୱୟଂ କୁହେଳିକା ସୃଷ୍ଟି କରିବା ତ ଦୂରର କଥା ବରଂ କାହାଦ୍ୱାରା ପ୍ରଦତ୍ତ ପୁରସ୍କାର, ପ୍ରମାଣପତ୍ର ଗ୍ରହଣ ନକରି କେବଳ ଜନମାନସରେ ଅଭିଷିକ୍ତ ହୋଇଥା'ନ୍ତି ଯାହା ସମାଜକୁ ପ୍ରେରଣାଦାୟୀ ହୋଇଥାଏ । ଆଜିସମୟରେ ସେହିଭଳି ଚରିତ୍ର ଅତୀବ ବିରଳ ଦେଖିବାକୁ ମିଳୁଥିଲେ ମଧ୍ୟ ନାହାଁନ୍ତି ବୋଲି କହିହେବନାହିଁ ଯାହାଙ୍କ ପରିଚିତି ସମାଜରେ ନାହିଁ । ସିଦ୍ଧପୁରୁଷଙ୍କ ସିଦ୍ଧତାକୁ ଆଜିର ସମାଜ ନାଟକୀୟ ଢଙ୍ଗରେ ହାସ୍ୟରେ ଅଗ୍ରାହ୍ୟ କରୁଥିବା ଦେଖିବାକୁ ମିଳୁଛି କାରଣ ଅହଂକାରରେ ଜଡିତ ଦୁର୍ବଳ ମାନସିକ ପ୍ରବଣ ମଣିଷଙ୍କ ସଂଖ୍ୟା ଅଗଣନୀୟ । ଓଜନିଆ ବସ୍ତୁ/ପଦାର୍ଥ ସବୁବେଳେ ନିମ୍ନଗାମୀ । ସେହିଭଳି ଜ୍ଞାନ ଏବଂ ସଦ୍ଭାବନାରେ ଭରପୁର ମସ୍ତିଷ୍କ ସବୁବେଳେ ଓଜନିଆ ହୋଇ ତଳ ମୁହାଁ ହୋଇଥାଏ । ନିଷ୍ପ୍ରତିଭ ମଣିଷର ଶୀର ଦୁର୍ବଳ ମାନସିକତା ହେତୁ ସବୁବେଳେ ଉପରକୁ ଥାଏ । ଅର୍ଥାତ ସେମାନେ ନିଜ ତଳେ ଥିବା ମଣିଷ ଗୁଡିକୁ ଚିହ୍ନି ପାରୁନଥିବା ବେଳେ ଉପରିସ୍ଥଙ୍କ ଚାଟୁକାରିତା କରିଥା'ନ୍ତି । ସେମାନଙ୍କୁ ମଣିଷ ଭଳି ଆକୃତି ମିଳିଥିଲେ ମଧ୍ୟ ପଶୁର ପ୍ରକୃତି ପ୍ରଦାନ କରିଥାଏ ପ୍ରକୃତି ଯିଏ ତାକୁ ଜନ୍ମ ଦେଇଛି ! ତେଣୁ ମଣିଷ ପାଇଁ ବାସ୍ତବ ଜ୍ଞାନହିଁ ସମ୍ପତ୍ତିର ସମ୍ଭାର ହୋଇଥାଏ । କେବଳ ସାମାଜିକ ଆର୍ଥିକ ସମ୍ଭୋଗରେ ଥିବା ମଣିଷ ପାଖରେ ମାନବୀୟ ଚିନ୍ତନର ଭାବଧାରା ପ୍ରବାହିତ ହେଉନଥିଲେ ତାକୁ ପ୍ରତିଭାବାନ ବୋଲି ବିବେଚନା କରାଯିବା ହାସ୍ୟାସ୍ପଦ ହୋଇଥାଏ ।

ବାସ୍ତବ ପ୍ରତିଭାଧାରୀ ମଣିଷ କେବେ କାହାଉପରେ ନିଜର ପ୍ରକୋପ ବିସ୍ତାର କରିବା କିମ୍ବା ଦୁର୍ବଳଙ୍କଠାରେ ନିଜର ପ୍ରତିଭା ପ୍ରଦର୍ଶନ କରି ପ୍ରଭୁତ୍ୱ ହାସଲ କରିବା ପରିବର୍ତ୍ତେ ସେମାନଙ୍କୁ ସବୁବେଳେ ପ୍ରେମ ଓ ସଦ୍ଭାବନାର ସହିତ ଗ୍ରହଣ କରି ଜ୍ଞାନ ବିତରଣ କରିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲକ୍ଷ୍ୟରେ ଥାଆନ୍ତି । ସକଳ ପ୍ରତିଭାର ଅଧିକାରୀ ସବୁବେଳେ ଦୁର୍ବଳଙ୍କ ପାଖରେ ନତମସ୍ତକ ପୂର୍ବକ ଆନ୍ତରିକ ଭାତୃଭାବ ପ୍ରଦର୍ଶନ କରି ସମସ୍ତଙ୍କୁ ଆପଣାର କରିଥା'ନ୍ତି । ସେମାନଙ୍କ ଲୌକିକ ବିଚାରଶୀଳ ପ୍ରଦର୍ଶନ ଜନମାନସକୁ ଆନ୍ଦୋଳିତ କରି ଭକ୍ତିଭରା ହୃଦୟସ୍ପର୍ଶୀ ସମ୍ବୋଧନ ସେମାନଙ୍କ ସାକ୍ଷ୍ୟପ୍ରମାଣ ଦେଇଥାଏ । ଅଜ୍ଞାନ, ଅହଙ୍କାରୀତାର ଚରମ ଶୀର୍ଷରେ ଅବସ୍ଥାପିତ ହୋଇ ସର୍ବଜନ ସମ୍ମୁଖରେ ପ୍ରକୋପ ବିସ୍ତାର କରିବାରେ ସିଦ୍ଧହସ୍ତ ହେଲେହେଁ ଜନମାନସର ଘୃଣାରେ ସେମାନଙ୍କ ସାମାଜିକ ପ୍ରତିଷ୍ଠା ଚିରସ୍ଥାୟୀ ହୋଇ ରହିନଥାଏ । ଅଜ୍ଞାନର କ୍ଷଣସ୍ଥାୟୀ ପ୍ରକୋପ କେବଳ ନିଜକୁ ଆତ୍ମସନ୍ତୋଷ ପ୍ରଦାନ କରୁଥିବାବେଳେ ସେହିଭଳି ଲୋକଙ୍କ କାର୍ଯ୍ୟକଳାପ ସମାଜ ପାଇଁ କୌଣସି ଆସ୍ଥା ପ୍ରଦାନ କରିବାରେ ସହାୟକ ହୋଇନଥାଏ । ସୃଜନଙ୍କ ବିଚାରଶୀଳ ମନ୍ତବ୍ୟ ଗୁଡିକ ମଣିଷ ସମାଜ ପାଇଁ ପ୍ରେରଣାଦାୟୀ କାଳକାଳକୁ ଉନ୍ନତିର ମାର୍ଗ ଦର୍ଶନ କରାଇଥାଏ । ତେଣୁ ଯିଏ ବାସ୍ତବିକ ପ୍ରତିଭାବାନ ପୁରୁଷ ସେମାନଙ୍କୁ ସିଦ୍ଧପୁରୁଷ ଭାବେ ଗ୍ରହଣକରି କାଳକାଳକୁ ସେମାନଙ୍କ ପ୍ରେରଣାରେ ବ୍ରତିହୋଇ ରହିଥା'ନ୍ତି ସମଗ୍ର ଜନସମାଜ ।

ଅତଏବ କଳୁଷିତ ମଣିଷ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସମୟ ସ୍ରୋତରେ ନିଜକୁ ଜଳାଞ୍ଜଳି ନଦେଇ ବାସ୍ତବତାର ଅଭିସନ୍ଧି ରହସ୍ୟ ଗୁଡିକୁ ଉନ୍ମୋଚନ କରି ମଣିଷ ନିଜର ଜୀବନକୁ ସାବଲୀଳ କରିବାରେ ବ୍ରତିହେବା ବାଞ୍ଛନୀୟ ଅଟେ ଯାହା ଆଜିସମୟରେ ସାଧାରଣ ଲୋକଙ୍କ ଭାବବହିର୍ଭୁତ । କିନ୍ତୁ ମାନବୀୟ ଚରିତ୍ର ପ୍ରବାହ କରି ଏକ ଶାନ୍ତିପୂର୍ଣ୍ଣ ପ୍ରେମମୟ ମଣିଷ ସମାଜ ଗଠନ ଦିଗରେ ସମସ୍ତେ ନିଜକୁ ନିଜେ ଆତ୍ମଘୋଷିତ ଭାବେ ନିୟୋଜିତ ନକଲେ ଯେ ସମାଜ ଦିନକୁ ଦିନ ନିମ୍ନଗାମୀ ହୋଇ ପ୍ରକୃତିର ନିର୍ଦ୍ଧାରିତ ସମୟ ପୂର୍ବରୁ ମଣିଷ ସମାଜର ବିଲୟ ଘଟିବ ସେଇଥିରେ ତିଳେହେଲେ ସନ୍ଦେହ ନାହିଁ । ବର୍ତ୍ତମାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ ସମୟ ଅଛି ଆମ ପାଖରେ ଯେ ସମଗ୍ର ମଣିଷ ସମାଜ ଇଚ୍ଛା କଲେ ହାତଗଣତି କିଛି ଦାନବ ଚରିତ୍ରର ମଣିଷଙ୍କ କଳୁଷିତ ପଙ୍କରୁ ନିଜକୁ ଉଦ୍ଧାର କରିବା ସହିତ ସମଗ୍ର ମଣିଷ ସମାଜକୁ ଉଦ୍ଧାର କରି ଏକ ସିଦ୍ଧ ସମାଜ ଗଠନ କରିପାରିବା, ସେଇଥିରେ ଦ୍ୱିମତ ନାହିଁ । କିନ୍ତୁ ଉପସ୍ଥିତ ଏହି ଅଲୌକିକ ମିଥ୍ୟାବାଦୀ ସମାଜରେ ନିଜକୁ ବ୍ରତୀ କରି ସତ୍ୟର ଅନୁସନ୍ଧାନ ନକରି ଏମିତି ଚାଲିଲେ ହୁଏତ ଆମର ଆସନ୍ତା ପିଢ଼ି କେଉଁ ପରିସ୍ଥିତିରେ ପହଂଚିବେ ଆମେ ଆଉ ଦେଖିବାକୁ ନଥିଲେ ମଧ୍ୟ ବର୍ତ୍ତମାନ ତାହା ଅନ୍ଦାଜ କରିପାରୁଥିବେ ସମସ୍ତେ ନିଶ୍ଚୟ । ଅତଏବ ପୁରୁଷ ସିଦ୍ଧତା ଉପରେ ଗୁରୁତ୍ୱାରୋପ କରି ପ୍ରଚଳିତ ମିଥ୍ୟା ସାଂସାରିକ ବ୍ୟବସ୍ଥାକୁ ବର୍ଜନ ପୂର୍ବକ ସମସ୍ତଙ୍କୁ ମାନବିକ ଚରିତ୍ରରେ ଚିତ୍ରଣ କରିବା ଲକ୍ଷ ରଖି ସର୍ବମନ, ପ୍ରାଣ ଏକ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଉଥିବା ବେଳେ ଆପଣ ମାନଙ୍କ ମନୋଭାବ ବ୍ୟକ୍ତ କରିବାକୁ ଅନୁରୋଧ ପୂର୍ବକ ରହିଲି.......... !

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ଦୂରଭାଷ.: ୯୪୩୭୩୭୨୪୯୧୭.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହିନ୍ଦୁତ୍ୱ ବନାମ କରୋନା

ହିନ୍ଦୁତ୍ୱ କେବଳ ମାତ୍ର ଏକ ଧର୍ମ ନୁହେଁ, ଏହା ବଞ୍ଚିବାର ଏକ ଶୈଳୀ । ହିନ୍ଦୁ ଧର୍ମ ସମଗ୍ର ପୃଥିବୀକୁ ଏକ ସୂତ୍ରରେ ବାନ୍ଧିରଖିବାର ଏବଂ ମାନବତାର ମାର୍ଗରେ ଚାଲିବାର ପଥ ଦେଖାଇଥାଏ । ସବୁ ଧର୍ମ ଏବଂ ସବୁ ଧର୍ମର ଜନସାଧାରଣ ତଥା ସେମାନଙ୍କୁ ଆପଣେଇ ନେବାର ପ୍ରଥା ହିଁ କେବଳ ହିନ୍ଦୁ ଧର୍ମରେ ଦେଖିବାକୁ ମିଳେ ।

**"ବସୁଧୈବ କୁଟୁମ୍ବକମ୍"** - ସମଗ୍ର ବିଶ୍ୱ ଏକ ପରିବାର ସଦୃଶ୍ୟ, ଏହାହିଁ କେବଳ ହିନ୍ଦୁ ଧର୍ମରେ ପରିଲକ୍ଷିତ ହୋଇଥାଏ । ସବୁ ଧର୍ମକୁ ସମ୍ମାନ ଦେବା ତଥା ଆପଣେଇ ନେବାର ରୀତି-ନିତି କେବଳ ହିନ୍ଦୁ ଧର୍ମରେ ହିଁ ଦୃଶ୍ୟମାନ । ହିନ୍ଦୁ ଧର୍ମ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଅନ୍ୟକୁ ନିଜର କରିନେଇଥାଏ ।



ପ୍ରହ୍ଲାଦ ସାହୁ

ଯେତେବେଳେ ପାଶ୍ଚାତ୍ୟ ସଭ୍ୟତା ନିଜର ପରାକାଷ୍ଠା ଦର୍ଶାଇବାକୁ ଯାଇ ସମଗ୍ର ପୃଥିବୀରେ ଆଧିପତ୍ୟ ବିସ୍ତାର କରିବାରେ ଲାଗି ରହିଛି ଠିକ୍ ସେହି ସମୟରେ ଆର୍ଯ୍ୟାବ୍ରତ ଭାରତ ନିଜର ପାରମ୍ପାରିକତା, ଅନୁଭୂତିରୁ ପ୍ରାପ୍ତ ଜ୍ଞାନକୁ ବ୍ୟବହାର କରି ଜୀବନ ଜିଇବାର ପ୍ରଣାଳୀକୁ ଆପଣେଇଛି ।

**"ଅତିଥି ଦେବୋ ଭବଃ"** - ସର୍ବଦା ହିନ୍ଦୁ ଧର୍ମର ପ୍ରାଧାନ୍ୟତା ଗ୍ରହଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଛି । ଯେକୌଣସି ସମୟରେ ଯେ କେହି ଭାରତର ଦ୍ୱାରସ୍ତ ହେଇଛି ସେ ଆମର ଅତିଥି ଭାବେ ଆତିଥ୍ୟ ଗ୍ରହଣ କରିଛି । ଏଥିରୁ ପରିଲକ୍ଷିତ ହୁଏ, ହିନ୍ଦୁ ଧର୍ମର ଜନସାଧାରଣ ବିନା ଦ୍ୱିଧାରେ ଅନ୍ୟକୁ ଆପଣେଇ ନେଇଥାନ୍ତି ।

ଭାରତବର୍ଷର ମହାନ୍ ମୁନି-ଋଷିମାନେ ବେଦ, ଉପନିଷଦ, ଗୀତା, ଭାଗବତରେ ଯାହା ସବୁ ବର୍ଣନା କରିଯାଇଛନ୍ତି ସେସବୁ ଆଜି ସମଗ୍ର ବିଶ୍ୱ ପାଇଁ ବରଦାନ ସ୍ୱରୁପ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧ ପୂର୍ବରୁ ଅର୍ଜୁନଙ୍କୁ ଯେଉଁସବୁ ଉପଦେଶ ଦେଇଥିଲେ ତାହା ଶ୍ରୀମଦଭାଗବତ ଗୀତାରେ ମହର୍ଷି ବେଦବ୍ୟାସ ରଚନାକରିଯାଇଛନ୍ତି ଯାହା ଆଜି ମାନବ ସମାଜ ପାଇଁ ବହୁତ ଆବଶ୍ୟକତା । ଏହା କେବଳ ହିନ୍ଦୁ ଧର୍ମ ନୁହେଁ ସବୁ ଧର୍ମର ଲୋକଙ୍କ ପାଇଁ ଜରୁରି ।

ଶ୍ରୀମଦଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି – **"ସର୍ବ ଧର୍ମ ପରିତେଜ୍ୟ ମାମେକମ୍ ଶରଣଂ ବ୍ରଜଃ"** । ସୁଖ ହେଉ ବା ଦୁଃଖ ହେଉ, ଯେକୌଣସି ସମୟରେ ଯିଏ ପରମ୍-ବ୍ରହ୍ମ-ପରମାତ୍ମାଙ୍କୁ କାୟୋ-ମନ-ବାକ୍ୟ ସହିତ ଧ୍ୟାନ୍ ଅଥବା ଚିନ୍ତନ କରିଥାଏ ସେହି ହିଁ ପରମେଶ୍ୱରଙ୍କୁ ଅନୁଭବ କରିପାରେ ଏବଂ ତାଙ୍କରି ସାନିଧ୍ୟ ଲାଭ କରିଥାଏ ।

ଯେକୌଣସି ସମୟରେ ଯେକୌଣସି ପ୍ରକାରର ବିପତ୍ତି ଆସୁନା କାହିଁକି ହିନ୍ଦୁ ଧର୍ମାମ୍ବିଲୋକମାନେ ନିଜର ଅଧ୍ୟବସାୟ, ସାଧନା, ଈଶ୍ୱର ଭକ୍ତି, ପ୍ରାର୍ଥନା ଏବଂ ପରାକାଷ୍ଠା ଦ୍ୱାରା ସେସବୁକୁ ସମ୍ମୁଖିନ ହେବାର ଧୈର୍ଯ୍ୟ ରଖିଥାନ୍ତି ତଥା ସେଥିରୁ ନିଜକୁ ସୁରକ୍ଷିତ କରିଥାନ୍ତି ।

ନିଜକୁ ବଞ୍ଚେଇବା ସହିତ ଅନ୍ୟକୁ ବଞ୍ଚିବାର ଶୈଳୀବି ହିନ୍ଦୁତ୍ୱରୁ ହିଁ ପରିଲକ୍ଷିତ ହୋଇଥାଏ । ହିନ୍ଦୁ ଧର୍ମାମ୍ବିଲୋକମାନେ ନିଜର ସାଧନା, ଜ୍ଞାନ-କୌଶଳ, ଶ୍ରମ, ଶିକ୍ଷା-ଦୀକ୍ଷା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧନ-ରତ୍ନ, ନୀତି-ରିତି, ସଂସ୍କୃତି, ଏବଂ ସଂସ୍କାର ସର୍ବୋପରେ ଈଶ୍ୱରୀୟ ଶକ୍ତିର ପରାକାଷ୍ଠା ଅନ୍ୟମାନଙ୍କୁ ବିତରଣ କରିବାରେ କେବେବି ପଛଘୁଞ୍ଚା ଦେଇନାହାନ୍ତି ଯଦ୍ୱାରା ନିଜେ ଉପକୃତ ହେବା ସହିତ ଅନ୍ୟକୁବି ଉପକୃତ ହେବାରେ ସହାୟକ କରିଛନ୍ତି ।

## ଆମେ ଓ ଆମର ସଂସ୍କୃତିରେ ହିନ୍ଦୁତ୍ୱ

- ଯେତେବେଳେ ପାଶ଼୍ଚାତ୍ୟ ସଭ୍ୟତାଧାରି ଲୋକମାନେ  ହାତରେ ହାତ ମିଳେଇ ସେକ୍ ହେନ୍ଡ (Shake hand) କରୁଥିଲେ ସେତେବେଳେ ହିନ୍ଦୁ ଧର୍ମର ଲୋକମାନେ ହାତଯୋଡି ଅଭିବାଦନ କରିଛନ୍ତି
- ହିନ୍ଦୁମାନେ ଯୋଗ ସାଧନା କରନ୍ତି କିନ୍ତୁ ପାଶ଼୍ଚାତ୍ୟ ଧର୍ମାମ୍ୱିମାନେ ଜିମ୍ (Gym) ଯାଆନ୍ତି
- ହିନ୍ଦୁମାନେ ଆୟୁର୍ବେଦିକ ଔଷଧି ବ୍ୟବହାର କରିବାକୁ ପସନ୍ଦ କରୁଥିବାବେଳେ ପାଶ଼୍ଚାତ୍ୟ ଲୋକମାନେ ଏଲୋପ୍ୟାଥିକ ଔଷଧକୁ ପସନ୍ଦ କରନ୍ତି
- ଘର ଭିତରକୁ ପସିବା ପୂର୍ବରୁ ଗୋଡ-ହାତ ଧୋଇବା ହିନ୍ଦୁ ଧର୍ମର ନୀତି କିନ୍ତୁ ପାଶ଼୍ଚାତ୍ୟ ସଭ୍ୟତାରେ ଏହା ବିରଳ
- ହିନ୍ଦୁ ଧର୍ମାମ୍ୱିଲୋକମାନେ ପ୍ରାତଃ ସ୍ନାନ କରନ୍ତି
- ହିନ୍ଦୁ ଧର୍ମାମ୍ୱିମାନେ ସକାଳ ଏବଂ ସନ୍ଧ୍ୟାରେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥାନ୍ତି ଯୋଗ ଓ ପ୍ରାଣାୟାମ ମାଧ୍ୟମରେ
- ହିନ୍ଦୁ ଧର୍ମାମ୍ୱିଲୋକମାନେ ଆସ୍ତିକ ଏବଂ ଶାକାହାରୀ ଅଟନ୍ତି
- ହିନ୍ଦୁ ଧର୍ମାମ୍ୱିମାନେ ଶୌଚ କରିବା ପରେବି ସ୍ନାନ କରନ୍ତି
- ହିନ୍ଦୁ ଧର୍ମାବଲମ୍ୱିମାନେ ମୃତ୍ୟୁପରେ ଶବକୁ ଦାହ କରନ୍ତି କାରଣ ଭୂତାଣୁ ବ୍ୟାପିବାର ଆଶଂକା କମ୍ ଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

- ହିନ୍ଦୁ ଧର୍ମାମ୍ବିମାନେ ଶବଦାହ ପରେ ସ୍ନାନ-ଶୌଚ ହେଉଥାନ୍ତି
- ହିନ୍ଦୁ ଧର୍ମାମ୍ବିମାନେ ବୈଦିକ ନୀତି ଅନୁସାର ବିବାହ ଆଦି କାର୍ଯ୍ୟ ମନ୍ତ୍ର ଉଚ୍ଚାରଣ ସହିତ କରିଥାନ୍ତି

## କରୋନା ବିଶ୍ୱକୁ ଦେଇଥିବା ଶିକ୍ଷା

- ଆମେ ହିନ୍ଦୁ, ଭାରତୀୟ, ସନାତନୀ, ଆମ ମାତୃଭାଷା ଓ ସଂସ୍କୃତି ଆମର ପରିଚୟ
- ଯେତେବେଳେ ଦୁନିଆ ହିନ୍ଦୁ-ସନାତନ ସଂସ୍କୃତିକୁ ଆପଣାଉଛି, ଆମେ ପାଶ୍ଚାତ୍ୟ ସଂସ୍କୃତି ପଛରେ କାହିଁକି ଧାଇଁବା
- ପରିଷ୍କାର ପରିଚ୍ଛନ୍ନ ଜୀବନଯାପନ କରିବା କଷ୍ଟକର ବ୍ୟାପାର ନୁହେଁ, କେବଳ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି
- କୌଣସି ପାଦ୍ରୀ, ପୂଜାରୀ, ଜ୍ୟୋତିଷ ବା ମୌଲବୀ ଆମକୁ କୌଣସି  ରୋଗ ଠାରୁ ବଞ୍ଚାଇ ପାରିବେ ନାହିଁ
- ଭାରତୀୟ ମାନଙ୍କ ରୋଗ ପ୍ରତିରୋଧକ କ୍ଷମତା ବିଶ୍ୱର ଅନ୍ୟ ଲୋକମାନଙ୍କ ଠାରୁ ଅଧିକ
- ଆମେ ଓ ଆମ ପିଲାମାନେ ଜଙ୍କଫୁଡ୍ ବିନା ବି ବଞ୍ଚି ପାରିବେ ଓ ସୁସ୍ଥ ମଧ୍ୟ ରହିପାରିବେ
- ବିଶ୍ୱର ଅଧିକାଂଶ କାମ ଘରେ ଥାଇ ବି କରାଯାଇପାରେ
- ଯୌଥ ପରିବାର ଏକକ ପରିବାର ଠାରୁ ବହୁତ ଭଲ ଏବଂ ପରିବାରଠୁ ଅଧିକ ଆପଣାର କେହି ନୁହଁନ୍ତି
- ରୋଷେଇ କେବଳ ସ୍ତ୍ରୀ ନୁହଁନ୍ତି ପୁରୁଷ ମାନେ ବି କରିପାରିବେ
- ଭାରତୀୟ ନାରୀ ମାନଙ୍କ ପାଇଁ ଘର ହିଁ ମନ୍ଦିର ଏବଂ ସେମାନେ ଘରେ ରହି ସବୁକିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିପାରିବେ

- ମନ୍ଦିର/ମଠ/ପ୍ରାର୍ଥନା ଘର ନ ଯାଇ ବି ନିଜ ଘରେ ସମସ୍ତେ ସ୍ନାନ-ଶୌଚ ସାରି ପୂଜା ଅର୍ଚ୍ଚନା କରିପାରିବା
- ବେଦ, ଉପନିଷଦ, ରାମାୟଣ, ମହାଭାରତ ଓ ଗୀତା ଅଧ୍ୟୟନ ଘରେରହି ବି କରିପାରିବା
- ବିନା ବ୍ୟବହାରରେ ସାରା ବିଶ୍ୱରେ ସୁନା, ରୂପା, ପେଟ୍ରୋଲ, ଡିଜେଲ୍ର କୌଣସି ମୂଲ୍ୟ ନାହିଁ
- ପ୍ରଥମଥର ପାଇଁ ମହାନଗର ମାନଙ୍କ ପିଲାଙ୍କୁ ଅନୁଭବ ହେଲା ଯେ ତାରା ମାନେ ଆକାଶରେ ଉଜ୍ଜ୍ୱଳମାନ୍ ହୁଅନ୍ତି
- କେବଳ କିଛି ଲୋକଙ୍କୁ ଛାଡି ଦେଲେ ଅଧିକାଂଶ ଭାରତୀୟ ଧନୀ ମାନଙ୍କ ଭିତରେ ମାନବତା ଭରି ରହିଛି
- ପ୍ରଥମ ଥର ପଶୁପକ୍ଷୀ ବି ଅନୁଭବ କଲେକି ଏ ପୃଥିବୀଟି ସେମାନଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ
- ସ୍ୱାସ୍ଥ୍ୟକର୍ମୀ, ପୁଲିସ୍, ଶିକ୍ଷାବିତ୍, ପ୍ରଶାସନ କର୍ମଚାରୀ ହିଁ ଅସଲୀ ହୀରୋ, କ୍ରିକେଟ୍ ଖେଳାଳୀ ବା ଫିଲ୍ମ ତାରକା ନୁହଁନ୍ତି
- ଆମେ ଆମ ଛୁଟି ୟୁରୋପ ବା ଆମେରିକା ନଯାଇ ମଧ୍ୟ ଅତିବାହିତ କରିପାରିବା
- ୟୁରୋପୀୟ ମାନେ ସେତେ ଶିକ୍ଷିତ ନୁହଁନ୍ତି, ଯେତେ ଆମେ ଭାବୁଛୁ ଏବଂ ଆଜି ଆମେରିକା ଆଉ ଅଗ୍ରଣୀ ଦେଶ ହୋଇ ରହିନାହିଁ
- ବିଦେଶୀ କମ୍ପାନୀମାନେ କେବଳ ଭାରତରୁ ଅର୍ଥ ନେବା ଜାଣନ୍ତି କିନ୍ତୁ ବିପଦ ସମୟରେ ଭାରତୀୟ କମ୍ପାନୀଗୁଡ଼ିକ ଅର୍ଥ ଓ ସମୟ ହିଁ ଦାନ କରିବା ଜାଣନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ହିନ୍ଦୁ, ମୁସଲମାନ, ବୌଦ୍ଧ, ଶିଖ୍, ଇସାଇ, କେହି କେବେବି ନିଜର ସଂସ୍କୃତି ଓ ପରମ୍ପରାକୁ ଭୁଲିବା ଠିକ୍ ନୁହେଁ
- ଆଧୁନିକତାର ପ୍ରହେଳିକାରେ ପାଶ୍ଚାତ୍ୟର ମୋହରେ ଲୁପ୍ତ ହୋଇ ମାଆ ଓ ମାତୃଭୂମିକୁ ସର୍ବୋପରୀ ସର୍ବୋଚ୍ଚ ସ୍ଥାନରେ ରଖିବା ଉଚିତ

## କୋରନା ପାଇଁ ସତର୍କ ରୁହନ୍ତୁ

- ସାମୁହିକ କାର୍ଯ୍ୟରେ ଯୋଗ ନଦେବା ସହିତ ପୋଖରୀ ଗାଡିଆରେ ଗାଧୋଇବା ବନ୍ଦ କରନ୍ତୁ ।
- ଜନଗହଳି ସ୍ଥାନରେ ଛେପ, ଖଙ୍କାର ଆଦି ପକାନ୍ତୁ ନାହିଁ ।
- ଟଙ୍କା ଦେଣନେଣ ରୁମାଲ୍ କିମ୍ବା ଗ୍ଲୋବୋସ୍ ସାହାଯ୍ୟ ରେ କରନ୍ତୁ ଯଥା ସମ୍ଭବ online transaction କରନ୍ତୁ ।
- ପନିପରିବାକୁ ହଳଦୀ ପାଣିରେ ଧୋଇ ରୋଷେଇ କରନ୍ତୁ ଏବଂ ଯଥା ସମ୍ଭବ ନିମ ପତ୍ର ଆଉ ଫୁଲରୁ ପ୍ରସ୍ତୁତ ଦ୍ରବ୍ୟ ସେବନ କରନ୍ତୁ ।
- ନିୟମିତ ଗରମ ପାଣି ସହିତ ହଳଦୀ ସେବନ କରନ୍ତୁ ।
- ସମୁଦ୍ର ଏବଂ ନଦୀର ମାଛ କୁ ବର୍ଜନ କରନ୍ତୁ ।
- ଅନ୍ୟର ମୋବାଇଲ, ସାର୍ଟ, ବହି-ପତ୍ର, ଖବର କାଗଜ, ଲାଇବ୍ରେରୀ କୁ ବ୍ୟବହାର କରନ୍ତୁ ନାହିଁ ।
- ରୁମାଲ୍ ଏବଂ ମାସ୍କ ବ୍ୟବହାର କରନ୍ତୁ ଏବଂ ଯାହାକୁ ଥଣ୍ଡା କି କାଶ ହୋଇଛି ତାକୁ ମଧ୍ୟ ବ୍ୟବହାର କରିବା ପାଇଁ କୁହନ୍ତୁ ।
- ଆପଣଙ୍କ ଗୃହପାଳିତ ପଶୁକୁ ମଧ୍ୟ ସୁରକ୍ଷିତ ରଖନ୍ତୁ ଆଉ ବାହାରକୁ ଏଣେତେଣେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାଡ଼ନ୍ତୁ ନାହିଁ ।

- ନିୟମିତ ସାବୁନରେ ୨୦ ମିନିଟ୍ ପର୍ଯ୍ୟନ୍ତ ହାତ ଧୁଅନ୍ତୁ ।
- ଯଥାସମ୍ଭବ ହାତକୁ ବାର-ବାର ସାନିଟାଇଜ୍ କରନ୍ତୁ ।
- ମୁହଁ,ନାକ ଏବଂ ଆଖିରେ ବାର-ବାର ହାତ ଲଗାନ୍ତୁ ନାହିଁ ।
- ସର୍ବସାଧାରଣ ଯାତାୟାତ ଠାରୁ ଦୂରେଇ ରୁହନ୍ତୁ ।
- ଯଦି ଆପଣଙ୍କୁ ଥଣ୍ଡା କି କାଶ କିମ୍ବା ଜ୍ୱର ହୋଇଛି ତେବେ ଦୟାପୂର୍ବକ ନିଜ ପରିବାର ଓ ସମ୍ପର୍କୀୟଙ୍କ ଠାରୁ ଦୂରେଇ ରୁହନ୍ତୁ ।
- ନିଶ୍ୱାସ-ପ୍ରଶ୍ୱାସ ନେବାରେ କଷ୍ଟ ହେଲେ ତଥା କରୋନା ସମ୍ବନ୍ଧିତ ଲକ୍ଷଣ ଦେଖାଯାଏ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ପ୍ରହ୍ଲାଦ ସାହୁ – ଚିଫ୍ ଏଡିଟର ।

ଆକାଶ ଇନଷ୍ଟିଚ୍ୟୁଟ୍ , ନୂଆଦିଲ୍ଲୀ ।

ଫୋନ୍ – ୮୧୭୮୬୪୫୨୭୬ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାରତ ମାତା କି ଜୟ

ଆନ୍ଦୋଳନ କଲାବେଳେ 'ଭାରତମାତା କି ଜୟ' ଏବଂ 'ବନ୍ଦେ ମାତରଂ' ହେଲା ବିରୋଧୀ ବିଦ୍ରୋହୀମାନଙ୍କର ଦୁଇଟି ସାଧାରଣ ସ୍ଲୋଗାନ୍ । କିନ୍ତୁ ଗତ ନିର୍ବାଚନରେ ନୂଆକରି ଗୋଟିଏ ଜାତୀୟ ଦଳରୁ ଅନ୍ୟଦଳକୁ ଡେଇଁ ବିଧାୟକ ହୋଇଥିବା ପ୍ରକାଶବାବୁଙ୍କ ପାଟିରେ ଏସବୁ ନାରେବାଜି ଆଦୌ ପଶୁନି । ନୟାଗଡର ପରି ମାମଲା ପଛକୁ ମାହାଙ୍ଗାର ବରାଳବନ୍ଧୁ ବୃଦ୍ଧଦ୍ୱୟଙ୍କ ହତ୍ୟାଘଟଣା ସରକାରୀଦଳର ନେତାମାନଙ୍କୁ ଏବେ ବହୁତ ମହଙ୍ଗା ପଡିଛି । ବଡକଥା ହେଲା ଦୁଇଟିଯାକ ମାମଲାରେ ଦୁଇଜଣ ପ୍ରମୁଖ ମନ୍ତ୍ରୀଙ୍କର ସଂପୃକ୍ତି ଅଛିବୋଲି କୁହାଯାଉଥିବାରୁ ଏହା ରାଜ୍ୟର ରାଜନୈତିକ ମହଲକୁ ସରଗରମ କରି ଥାନା ଘେରାଓ କୁଶ ପୁତ୍ତଳିକା ଦାହ ପରି ଅନେକ କାର୍ଯ୍ୟକ୍ରମ ଏବେ ନେତାମାନେ ନିଜହାତକୁ ନେବାର ଦେଖାଯାଉଛି । କାଁଭାଁ କଂଗ୍ରେସନେତା ବି ମଝିରେମଝିରେ ନିଦରୁ ଉଠି ବିଳିବିଳେଇଲା ବେଳକୁ ଏଥର ବିଜେପି ନିୟମିତ ଆନ୍ଦୋଳନ ଜାରି ରଖି ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାରେ ଅନେକାଂଶରେ ସଫଳ ହେଉଛି । ହେଲେ ଆଜିକାଲି ଖୁପିଆ କ୍ୟାମେରା ଏବଂ ସାମ୍ବାଦିକ ମାନଙ୍କ ଚିଲ୍ଲଆଖି ପ୍ରକାଶବାବୁଙ୍କ କଥା ପଦାରେ ପକେଇଦେଲା । ଆନ୍ଦୋଳନରେ ସ୍ଲୋଗାନ୍ ଦେବାବେଳେ ସବୁ



ଇଂ ବିଦ୍ୟାଧର ପଣ୍ଡା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ଲୋଗାନ୍‌କୁ ପ୍ରକାଶବାବୁ ଗଳାଫଟାଇ ଚିତ୍କାର କରୁଥିବା ବେଳେ 'ଭାରତମାତା କି ଜୟ୍' ବେଳକୁ ଓଠ ଚାପି ରହିଯାଉଥାନ୍ତି । ଏକଥା ଜଣେ ସାମ୍ବାଦିକଙ୍କୁ ହଜମ ନହେବାରୁ ସିଧାସଳଖ ପ୍ରଶ୍ନ କଲେ । ପ୍ରକାଶବାବୁ ସତକଥା ପରିପ୍ରକାଶ କରି କହିଲେ ଯେ ସେ କଂଗ୍ରେସରେ ପଚିଶବର୍ଷ ଅତିକ୍ରିୟାଶୀଳ କାର୍ଯ୍ୟକର୍ତ୍ତା ଭାବରେ କାମ କରୁଥିଲେ । ଏହି ଗତ ନିର୍ବାଚନ ପୂର୍ବରୁ ତାଙ୍କର ଶିକ୍ଷିତାପତ୍ନୀ ତା'ଙ୍କୁ କହିଲେ କଂଗ୍ରେସଦଳରେ ଭବିଷ୍ୟତ ଅନ୍ଧାର । ତେଣୁ ଠିକ୍ ନିର୍ବାଚନ ମାସେ ପୂର୍ବରୁ ପ୍ରକାଶବାବୁ ପଦ୍ମପାଦ ଶରଣରେ ଆସି ବିଧାୟକ ହେଲେ ସିନା କିନ୍ତୁ 'ଭାରତ ମାତା କି ଜୟ୍' କହିହେଉନି । ମୂଳରୁ ଅଭ୍ୟାସ ନାହିଁ ଏବଂ ଓଲଟା ଏହାପ୍ରତି ମନରେ ଘୃଣାଭାବ ରହିଛି । ଜଣେ କହିଲା କେତେକ ରାଜନୈତିକ ଦଳ ଏହି ସ୍ଲୋଗାନ୍ ତୁଣ୍ଡରେ ଧରିବେନି ବୋଲି ନିୟମ କରିଛନ୍ତି । ସେମାନଙ୍କର ଦଳପତି ମାନଙ୍କର ଧାରଣା ଯେ ଭାରତମାତା କେବଳ ଗେରୁଆଧାରୀ ଲୋକମାନଙ୍କର ପୈତୃକ ସମ୍ପତି, ସେଥିରେ ତାଙ୍କର ଭାଗ ନାହିଁ । ଯଦିଓ ସବୁଦଳର ଲୋକେ ସେହି ମାଆକୋଳରେ ହସିଖେଳି ତା'ରି ପାଣିପବନରେ ଗୋଟିଏ ଆକାଶ ତଳେ ବଢୁଛନ୍ତି ତଥାପି ଭାରତମାତା କି ଜୟ୍ କହିଲା ବେଳକୁ କୁଣ୍ଠାବୋଧ କାହିଁକି କରୁଛନ୍ତି କିଛି ବୁଝିହେଉନି ।

ଅନ୍ୟକିଛି ଦିଗକୁ ତର୍ଜମାକଲେ ଜଣାଯାଏ ହିନ୍ଦୁତ୍ୱରେ ବାଧକସୂତ୍ର ଅନେକ ଅଛି । ପ୍ରାଚୀନକାଳରୁ ହିନ୍ଦୁମାନେ ବିଶ୍ୱାସ କରି ଆସୁଛନ୍ତି – "ଅତିଥି ଦେବୋଭବ ।" ଏହି ସୂତ୍ରାନୁସାରେ ସାତଦରିଆ ସେପାରିରୁ ଆସୁଥିବା ଜଳଦସ୍ୟୁମାନେ ଆମଦେଶରେ ପହଁଚିବା ପରେ ଆମର ସରଳ ନିଷ୍କପଟ ଲୋକମାନେ ତାଙ୍କର ଭବ୍ୟ ସ୍ୱାଗତକରି ବହୁତ ସ୍ନେହଁଶ୍ରଦ୍ଧାର ସହ ଅତିଥିସତ୍କାର କଲେ ଯାହାଫଳରେ ସେମାନେ ଏ'ଜାଗାଛାଡି ଆଉ ଯିବାକୁ ଚାହିଁଲେନି । ଶହଶହ ବର୍ଷ ଧରି ଗୋଟିଏ ପରେ ଗୋଟିଏ ବିଧର୍ମୀ ଶାସକମାନଙ୍କ ପାଖରେ ହିନ୍ଦୁମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଲାମହୋଇ ରହିବାକୁ ହେଲା । ନିଜର ଅସ୍ମିତା ଏବଂ ଏକତା ଅଖଣ୍ଡ ରଖିବା ପ୍ରଚେଷ୍ଟାରେ ଅଗଣିତ ଲୋକ ଯୁବାବସ୍ଥାରେ ପ୍ରାଣବଳି ଦେଲେ । ଏବେ ବି ଏହି ସୂତ୍ର ଆମରକ୍ତରେ ସେହି ପୁରାତନ ଗଣ୍ଠି ନିୟମପରି ଅକ୍ଷୁର୍ଣ୍ଣ ଅଛି । କିନ୍ତୁ ସୂକ୍ଷ୍ମତାର ସହ ବିଚାରବିମର୍ଷ କଲେ ଜଣାଯାଏ ଏହି ସବୁ କେତେକ ଅଡୁଆ ସୂତ୍ର ଯୋଗୁଁ ହିନ୍ଦୁତ୍ୱର ଉତ୍ଥାନ ଅପେକ୍ଷା ପତନ ବେଶୀ ହେଲା ପରି ମନେହେବ । ସେହିପରି ଆଉ ଏକ ବିଶ୍ୱାସ– "ବସୁଧୈବ କୁଟୁମ୍ବକମ୍ ।" ପୁରା ବସୁଧାଯାକ ହେଲେ ଆମର କୁଟୁମ୍ବ । ତା'ଭିତରେ ପାକିସ୍ତାନ ଓ ଚୈନା ବି ଆସୁଛି । କାହିଁକି ଆସିବେନି ! ସେମାନେ କ'ଣ ବସୁଧା ବାହାରେ କି ! ତେଣୁ ଆମେ ସବୁ ଏକା ଗୋତ୍ର ଭାଇଭାଇ । ଯଦି ଆମ ଉପରେ କିଏ ଅତ୍ୟାଚାର କଲା କ୍ଷମା କରିଦିଅ । କାରଣ ନିଜ କୁଟୁମ୍ବର ଲୋକ ତ, ନିଜଲୋକ ଅନିଷ୍ଟ କଲେ କଲା । ଗାନ୍ଧୀ ବି ସେଇଆ କହିଥିଲେ ଯେ କିଏ ଯଦି ତୁମକୁ ଗୋଟିଏ ଚାପୁଡା ମାଇଲା ଆର ଗାଲଟା ଦେଖେଇଦେବ । ଆଜିକାଲିର ଆଧୁନିକ ଯୁଗକୁ ଏସବୁ ଉଦାରବାଦୀ ସୂତ୍ର କିଛିକାମକୁ ନୁହେଁ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏବେ ହୃଦବୋଧ କଲେଣି ଯେ ହିନ୍ଦୁତ୍ୱର ଉନ୍ନତିରେ ହିଁ ଆମଦେଶର ଉନ୍ନତି । କିନ୍ତୁ ଯେଉଁ ସବୁ ଉଦାରବାଦୀ ସୂତ୍ର ଗୁଡିକୁ ଆମେ ଆମ ମୁନିରଷିମାନଙ୍କ ଠାରୁ ହଜାରହଜାର ବର୍ଷତଳୁ ପାଳି ପ୍ରତିଟି ଜୀବକୋଷରେ ବିଶ୍ୱାସ ଭରି ଆସିଛେ ତା'କୁ ଭୁଲିବା କ'ଣ ଏତେ ସହଜ !

ଛଅ ସାତବର୍ଷ ତଳେ କିଏ ହିନ୍ଦୁ ସପକ୍ଷରେ କିଛି ବି କହିଲେ ସାଙ୍ଗେସାଙ୍ଗେ ସାମ୍ପ୍ରଦାୟିକତାର ଫଳକ ତା ମଥାରେ ଟଙ୍ଗେଇ ରାଜନୀତି ଆରମ୍ଭ କରାଯାଉଥିଲା । ଏହା କେବଳ ହିନ୍ଦୁଧର୍ମ ପାଇଁ ଲାଗୁଥିଲା । ଅନ୍ୟଧର୍ମ ସପକ୍ଷରେ କହିଲେ ବୁଦ୍ଧିଜୀବୀମାନେ ତାଙ୍କୁ ଧର୍ମ ନିରପେକ୍ଷ ବୋଲି କହି ଅଜସ୍ର ସମ୍ମାନରେ ପୋତି ପକାଉଥିଲେ । ହେଲେ ଏବେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନ୍ୟଧର୍ମର ଲୋକ ମଧ୍ୟ ଏସବୁ ଜାଣିଲେଣି ଏବଂ ସେମାନଙ୍କୁ ଭଲରେ ବୁଝିଗଲେଣି । ଏବେ ଦେଶର ସାମ୍ପ୍ରତିକ ପରିସ୍ଥିତି ଦେଖି ଲାଗୁଛି ଯେଉଁମାନେ ଲଘୁ ସମ୍ପ୍ରଦାୟର ମସିହା ସାଜି ସେମାନଙ୍କ ଭୋଟପାଇ ନିଜେ ଅମୋଦପ୍ରମୋଦରେ ବୁଡି ରହୁଥିଲେ ଏବଂ କେବଳ ନିର୍ବାଚନ ସମୟରେ ସ୍ଥାନିୟ ଜାତିଆଣ ଓ ଧର୍ମ ବର୍ଣ୍ଣପରି ସଂକୀର୍ଣ୍ଣତାପୂର୍ଣ୍ଣ ଭାବର ପ୍ରଚାରପ୍ରସାର କରି ପୁଣିଥରେ ପାଂଚବର୍ଷ ପାଇଁ ଗାଦି ହାତଉଥିଲେ ସେମାନଙ୍କର ଡାଲି ଆଉ ଏବେ ଆଗକୁ ସିଝିବନି । ତେଣୁ ପ୍ରତ୍ୟେକ ହିନ୍ଦୁ ସଂଗଠନର ଏବେ ଦାୟିତ୍ୱ ବଢିଯାଇଛି । ଏମିତିରେ ଦେଖିବାକୁ ଗଲେ ଅନେକ ହିନ୍ଦୁ ସଂଗଠନ ଦେଶରେ ଅଛି, କିନ୍ତୁ ତନ୍ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରମୁଖ ଏବଂ ବୃହତ୍ତମ । ଏମିତି ଦିନେ ଏକ ବୈଠକରେ ବସିବାର ସୁଯୋଗ ପାଇଥିବା ବେଳେ କେହି ଜଣେ ଆଗନ୍ତୁକ ଜଣେ ପୁରୁଖା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶ୍ନ କଲେ, 'ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାମ କ'ଣ ?' କିଛି ସମୟ ଚୁପ୍ ରହିବାପରେ ବିନମ୍ରତା ପୂର୍ବକ ଖୁବ୍ ସରଳଭାଷାରେ ସେ କାର୍ଯ୍ୟକର୍ତ୍ତା ଜଣକ କହିଲେ, 'ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସେମିତି ବିଶେଷ କିଛି କରେନି, କିନ୍ତୁ ଜଣେ ସ୍ୱୟଂସେବକ କୌଣସି ରାଷ୍ଟ୍ରହିତ କାମକୁ କେତେବେଳେ ଛାଡେନି । ଜଣେ ସ୍ୱୟଂସେବକ ପାଇଁ ରାଷ୍ଟ୍ରଧର୍ମ ସର୍ବୋପରି ।'

ଅନ୍ୟଧର୍ମରେ ଯେପରି ଧର୍ମାଳୟଗୁଡିକରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଦେଖାଯାଏ ସେମିତି ହିନ୍ଦୁଧର୍ମର ଦେବାଳୟ ମାନଙ୍କରେ ଦୃଷ୍ଟିଗୋଚର ହୁଏ ନାହିଁ । ସେଥିପାଇଁ ସାଂଗଠନିକ ଦୃଷ୍ଟିକୋଣରୁ ହିନ୍ଦୁମାନେ ଟିକେ ଦୁର୍ବଳ ରହୁଛନ୍ତି । ସଂଗଠନଦ୍ୱାରା ସମାଜରେ ଆତ୍ମବିଶ୍ୱାସ ଜାଗ୍ରତ ହୁଏ । ସମାଜ ବଳଶାଳୀ ହୁଏ । ସ୍ୱଛନ୍ଦରେ ସ୍ୱାଧୀନ ଜୀବନଯାତ୍ରାର ସ୍ୱପ୍ନ ଦେଖିବାରେ ଗୋଟିଏ ସଂଗଠିତ ସମାଜ ଅଧିକ ସମର୍ଥ ହୁଏ । ହିନ୍ଦୁତ୍ୱରେ ସ୍ୱର୍ଗର ସଙ୍କା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିନ୍ନ । ହିନ୍ଦୁ ଆଦୌ ଭୋଗବାଦୀ ନୁହେଁ, ବରଂ ଯୋଗବାଦୀ । ବିଷୟ ସୁଖଠାରୁ ଆଧ୍ୟାତ୍ମବାଦରେ ଅଧିକ ଗୁରୁତ୍ୱ ଦିଆଯାଏ । ହିନ୍ଦୁ ଶାସ୍ତ୍ରାନୁସାରେ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ, ଧ୍ୟାନ ଧାରଣା ପ୍ରାଣାୟାମ ପ୍ରାର୍ଥନା ଆଦି କର୍ମ କରିବା ବିଧେୟ । କିନ୍ତୁ ଜଡବାଦୀ ପଶ୍ଚିମୀଦେଶର କିଛି ନାଗରିକ ସାରାରାତି କାମ ଏବଂ ସୁରାପାନପରେ ବ୍ରାହ୍ମ ମୁହୂର୍ତ୍ତରେ ଶୋଇବାକୁ ଯାଇ ପରସ୍ପରକୁ ଶୁଭରାତ୍ରୀ କହିଲା ବେଳକୁ ହିନ୍ଦୁଧର୍ମର ଅନେକ ଲୋକ ନିତ୍ୟକର୍ମ ସାରି ପରସ୍ପରକୁ ଶୁଭ ସକାଳ ବୋଲି କୁହନ୍ତି । ଅନେକ ଧର୍ମରେ ଅନେକ ବିଶେଷତ୍ୱ ରହିଛି । କିନ୍ତୁ ସମସ୍ତେ ନିଜନିଜ ଧର୍ମକୁ ନେଇ ଗର୍ବ କରିବା ଉଚିତ୍ । ସେଥିରେ କିଛି ଅସୁବିଧା ନାହିଁ । ସେଥିପାଇଁ ତ ଶାସ୍ତ୍ର କୁହେ, 'ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମଂ ଭୟାବହମ୍ ।' ଏ ତତ୍ୱ ତ ସମସ୍ତଙ୍କ ପାଇଁ । ତେବେ ଏତେ ଧର୍ମାନ୍ତରିକରଣ ପ୍ରସଙ୍ଗ କଥା କାହିଁକି ଉଠୁଛି ? ଲଭ୍ ଜିହାଦ୍ ପାଇଁ ଅନେକ ରାଜ୍ୟ ସରକାରଙ୍କ ଏତେ ମୁଣ୍ଡ ବିନ୍ଧୁଛି ଯେ ବିଧାନସଭାରେ ଆଇନି ପ୍ରଣୟନ କରିବାକୁ ମନ୍ତ୍ରୀ ପରିଷଦ ବାଧ୍ୟ ହେଉଛି । ଆମଦେଶରେ ହିନ୍ଦୁ ସଂଖ୍ୟାଧିକ ହେଲେ ମଧ୍ୟ ହିନ୍ଦୁତ୍ୱ ପ୍ରତି ବିପଦ ଦେଖାଯାଉଛି । ଏହା ଏକ ସମ୍ବେଦନଶୀଳ ଜାତୀୟ ପ୍ରସଙ୍ଗ ଏବଂ ଦୁର୍ଭାଗ୍ୟର ବିଷୟ ମଧ୍ୟ । ତେବେ ଆମ ଭାରତବର୍ଷରେ ରାଜନେତା ମାନେ ଦଳ ମତ ନିର୍ବିଶେଷରେ 'ଭାରତମାତା କି ଜୟ' କହିବା ଉଚିତ୍ ବୋଲି ମୋର ନିଜ ମତ । ଅଖଣ୍ଡ ଭାରତ ତ ସମସ୍ତଙ୍କର ମାଆ, ତେଣୁ ତା'ଉପରେ ସମସ୍ତଙ୍କର ସମାନ ଅଧିକାର । ତେଣୁ ଚାଲନ୍ତୁ ସମସ୍ତେ ମୁକ୍ତକଣ୍ଠରେ କହିବା 'ଭାରତ ମାତା କି ଜୟ ।'

ଇଂ. ବିଦ୍ୟାଧର ପଣ୍ଡା, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୧୯

bdpanda1@gmail.com, ମୋ-୯୪୩୯୧୨୮୦୫୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା : ସଂକ୍ଷିପ୍ତରେ

ପିତା ସ୍ୱର୍ଗ ପିତା ଧର୍ମ ପୀତ ହିଁ ପରମ ତପ ପୀତରୀ ପ୍ରତିମା ପନ୍ନେ ପରୀୟାନ୍ତେ ସର୍ବ ଦେବତା ଯିଏ ଲେଖିବା ଶିଖେଇଛନ୍ତି ତାଙ୍କ ବିଷୟରେ କଣ ଅବା ଲେଖିବି ଯେତେବି ଲେଖିଲେ କମ ହବ ସେଇ ମହାନ ବ୍ୟକ୍ତିତ୍ୱଙ୍କ ଲାଗି ବାପା... ଗୋଟିଏ ଶବ୍ଦ ନୁହେଁ ଗୋଟିଏ ବୃହତ ସରଳ ରେଖାର ଲମ୍ବା ଜୀବନ ଯୋଉଠି କି ସୃଷ୍ଟି ଅନେକ ଶାଖା. ଯେଉଁ ଡାକରେ ଭରିରହିଛି ଅଶ୍ରୁଳ ଅତ୍ମୀୟତା ପାଣି ଆଉ ପବନର ମୃଦୁ ସଞ୍ଚାର ପ୍ରତେକ କ୍ଷେତ୍ରରେ ନିଜେ ହାରି ହାରି ପିଲାମାନଙ୍କୁ ଜିତାଉଥିବା ମଣିଷଟେ ଯାହାଙ୍କ ଆଙ୍ଗୁଠି ଧରି ପିଲାଟିଏ ଚାଲି ଶିଖେ ଆଉ ପ୍ରତେକ ପରିବାରର ମେରୁଦଣ୍ଡ ଓ ସାକ୍ଷାତ ଈଶ୍ୱର "ବାପା"....

ପରିବାର କହିଲେ ବାପା, ବୋଉ ଆଉ ପିଲାମାନେ.... କର୍ମକ୍ଷେତ୍ରରୁ ଫେରି ପିଲାମାନଙ୍କୁ  ବେଶି ଗେଲ କରୁଥିବା ଲୋକଟି ହଉଛନ୍ତି "ବାପା" । ଉପରେ ଯେତେ ଗାଳି କଲେବି ଅସାର ସାଗରର ସ୍ନେହ ଓ ଭଲପାଇବା ତାଙ୍କ ଅନ୍ତରର ଆଢୁଆଳରେ ଲୁଚିକରି ରହିଥାଏ ଓ ପ୍ରତେକ ଗାଳି ଗୋଟିଏ ସନ୍ତାନ ପାଇଁ ଭବିଷ୍ୟତର ଉନ୍ନତି ଲାଗି ପାଦେ ପାଦେ ଶିକ୍ଷା ଲୁଚି ରହିଥାଏ । ଜୀବନର ପ୍ରତେକ ସଂଘର୍ଷ କେବଳ ସେ ପିଲା ମାନଙ୍କ ଲାଗି ହିଁ କରିଥାନ୍ତି । ପ୍ରତେକ ଘରର ପିଲାମାନେ ଅଦରକାରୀ ଜିନିଷ ଭାବି



ଶାନ୍ତନୁ କୁମାର ରାଉତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୋପାଡ଼ି ଦେଉଥିବା ଜିନିଷକୁ ଗୋଟେଇ ସାଇତି ରଖି ଉପଯୁକ୍ତ ସମୟରେ ସଠିକ କାମରେ ସେଇ ଅଦରକାରୀ ଜିନିଷକୁ କାମରେ ଲଗାଉଥିବା ମଣିଷ ହଉଛନ୍ତି "ବାପା".ସବୁବେଳେ ଚୁପ ରହି ଉପଯୁକ୍ତ ସମୟରେ ପଦିଏ ମୂଲ୍ୟବୋଧ  କଥା କହୁଥିବା ମଣିଷ ଜଣକ ହଉଛନ୍ତି "ବାପା".ନିଜର ପେଟକୁ ମାରି ଚାରି ପ୍ରାଣୀ କୁଟୁମ୍ବର ପେଟ ଭରୁଥିବା ଏବଂ ସୁବିଧା ଅସୁବିଧାରେ ପିଲାମାନଙ୍କୁ ଖୁଶିକରି ପାଣି ଗିଲାସରେ ଶାନ୍ତି ହଉଥିବା ମଣିଷ ଜଣକ ହଉଛନ୍ତି "ବାପା" ପୁଅର ଉନ୍ନତି ରେ ପ୍ରଥମେ ଅଧିକ ଖୁସି ଅନୁଭବ କରୁଥିବା ଓ ଝିଅ ବିବାହରେ ଆବୁଠୁ ବେଶି ଖୁସି ଆଉ ଲୁଚିକରି ସବୁଠୁ ଅଧିକ କାନ୍ଦୁଥିବା ଲୋକ ଜଣକ ହଉଛନ୍ତି "ବାପା" ପ୍ରତେକ ପିଲାମାନେ ଖୁସି ହୁଅନ୍ତି କିନ୍ତୁ ପିଲାମାନଙ୍କ ଖୁସି ଦେଖି ନିଜର ଦୁଃଖ ଭୁଲିଯାଉଥିବା ମଣିଷ ହେଉଛନ୍ତି "ବାପା "

ଆଜିର ଦୁନିଆରେ ସମସ୍ତେ ଶିକ୍ଷିତ ସମସ୍ତେ ଜ୍ଞାନୀ କିନ୍ତୁ ନିଜ ରାସ୍ତାରେ କାରଣ ଆଜିବି କେତେ ବାପା ଆଉ ମା ଷ୍ଟେସନର ପ୍ଲାଟଫର୍ମ ତଳେ ତ କୋଉ ରାସ୍ତା କଡରେ କାହାର ହାତ ଟେକା ଦୁଇ ଟଙ୍କା କୁ ଚାହିଁ ବସିଛନ୍ତି ସେଇ ପେଟ ଖଣ୍ଡିକ ପାଇଁ ଆଉ ଖାଦ୍ୟବିନା କେତେ ବାପା ମାଆଙ୍କର ମଧ୍ୟ ଜୀବନ ଚାଲି ଯାଉଛି....ଗୋଟିଏ ବୃକ୍ଷ ତାର ନିଜ ଫଳକୁ ଖାଇବାଲାଗି ଜନ୍ମ ନେଇ ନଥାଏ ଠିକ ସେହି ପରି ବାପା ମାଆ ଯାହାବି କରନ୍ତି କେବଳ ଛୁଆମାଙ୍କ ପାଇଁ ଏହାକୁ ମଧ୍ୟ ଅତ୍ୟାଧୁନିକ ସମାଜର ସମସ୍ତ ପିଲାମାନେ ବୁଝିବା ନିତ୍ୟାନ୍ତ ଆବଶ୍ୟକ

ପାଟରଙ୍ଗା,ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଫେବୃଆରୀ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଫେବୃଆରୀ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : February 2021

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣନଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବ ନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।










ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan